


# ଶ୍ରୀଅରବିନ୍ଦଙ୍କ ସ୍ୱପ୍ନର ଭାରତ

**ପ୍ରମୋଦ କୁମାର ପଣ୍ଡା**

କେବଳ ଭାରତୀୟ ମୁକ୍ତି ସଂଗ୍ରାମ ନୁହେଁ ଆଧ୍ୟାତ୍ମିକ ଜଗତରେ ସ୍ୱତନ୍ତ୍ର ପରିଚୟ ଓ ସ୍ଥାନ ରହିଛି ଶ୍ରୀଅରବିନ୍ଦଙ୍କର । ପୁଅ ଜଣେ ଆଇସିଏସ୍ ଅଫିସର ହେବାର ସ୍ୱପ୍ନ ଦେଖି ପିତା ଶ୍ରୀଅରବିନ୍ଦଙ୍କୁ ସାତବର୍ଷ ବୟସରୁ ଇଂଲଣ୍ଡରେ ଛାଡ଼ିଥିଲେ । କିନ୍ତୁ ଶ୍ରୀଅରବିନ୍ଦ ଭାରତୀୟ ଭାଷା ଓ ସଂସ୍କୃତିରୁ ନିଜକୁ ଦୂରେଇ ନ ରହି ଆକର୍ଷିତ ହୋଇଥିଲେ ।



'ଭାରତୀୟ ମଜଲିସ୍' ନାମକ ଏକ ପୁରାତନ ଅନୁଷ୍ଠାନ ଓ 'କମଳ ଓ କୃପାଣ' ନାମକ ଏକ ଗୁପ୍ତ ନୂତନ ସଂଗଠନରେ ସଭ୍ୟ ହୋଇଥିଲେ ଏବଂ ସେହି ସଂଗଠନ ମାଧ୍ୟମରେ ଭାରତର ସ୍ୱାଧୀନତା ପାଇଁ ବହୁ ସଭାସମିତିରେ ଆବେଗମୟ ଭାଷଣ ଦେଲେ । ଆଇସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ସତ୍ୟ କିନ୍ତୁ ଶ୍ରୀଅରବିନ୍ଦ ପିତାଙ୍କୁ ନ ଜଣାଇ ସ୍ୱେଚ୍ଛାକୃତ ଭାବେ ତାକୁ ପ୍ରତ୍ୟାଖ୍ୟାନ କରି ମାତୃଭୂମିର ସେବା ଓ ମୁକ୍ତି ପାଇଁ ନିଜକୁ ଉତ୍ସର୍ଗ କରି ଚଉଦବର୍ଷ ପରେ ଭାରତ ଫେରିଆସି ବରୋଦା ରାଜକାର୍ଯ୍ୟାଳୟରେ ଯୋଗଦେଇ 'ଇନ୍ଦୁପ୍ରକାଶ' ନାମକ ଇଂରାଜୀ ପତ୍ରିକାରେ ନିଜ ନାମକୁ ଛଦ୍ମରଖି ଭାରତର ସ୍ୱାଧୀନତା ସଂପର୍କରେ ଲେଖାମାନ ଲେଖି ଜାଗରଣ ସୃଷ୍ଟି କରିଥିଲେ ।

'ବନ୍ଦେ ମାତରମ୍' ଇଂରାଜୀ ସାପ୍ତାହିକୀରେ ଶ୍ରୀଅରବିନ୍ଦ ସହ ସଂପାଦକ ରହି ବହୁ ପ୍ରଭାବଶାଳୀ ସ୍ତମ୍ଭମାନ ଲେଖୁଥିଲେ ଯାହା ଭାରତୀୟ ଓ ଅନେକ ଉଦାର ଇଂରାଜୀମାନଙ୍କ ଦ୍ୱାରା ଆଦୃତ ହେଉଥିଲେ ମଧ୍ୟ ବ୍ରିଟିଶ୍ ଶାସନ ଶ୍ରୀଅରବିନ୍ଦଙ୍କ ଉପରେ କୌଣସି ପ୍ରକାର ପ୍ରମାଣ ନ ପାଇ ସେହିବର୍ଷ ସେପ୍ଟେମ୍ବର ୨୩ରେ ମୁକ୍ତି ଦେଲେ । ଏହି ଘଟଣା ଘଟିବା ପରେ ଶ୍ରୀଅରବିନ୍ଦ ରାତାରାତି ପ୍ରସିଦ୍ଧି ଲାଭ କଲେ । 'ପୂର୍ଣ୍ଣ ସ୍ୱରାଜ୍ୟ' ଥିଲା ତାଙ୍କର ମୂଳଲକ୍ଷ୍ୟ । ଏଣୁ ଶ୍ରୀଅରବିନ୍ଦ ଜାତୀୟ କଂଗ୍ରେସରେ ବୈପ୍ଳବିକ ପରିବର୍ତ୍ତନ ଆଣିଲେ ଏବଂ ଜାତୀୟବାଦୀଙ୍କ ସହ ଯୋଗ ଦେଲେ । ୧୯୦୭ ଡିସେମ୍ବରରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ସୁରଟ ହେଲା ସତ କିନ୍ତୁ ପ୍ରଥମ ଦୁଇଦିନ ପ୍ରବଳ ହୋ ହାଲ୍ଲା ଭିତରେ ଜନତା ଉଦାର-ପନ୍ଥୀଙ୍କୁ ଅଧିବେଶନ କରାଇନଥିଲେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ସଭାପତିତ୍ୱରେ ଅନ୍ୟ ଏକ ସ୍ଥାନରେ ଜାତୀୟତାବାଦୀଙ୍କର ଏକ ଅଧିବେଶନ ହେଲା । 'ପୂର୍ଣ୍ଣ ସ୍ୱରାଜ୍ୟ' ଲକ୍ଷ୍ୟ ହେବାର ପ୍ରସ୍ତାବ ଜନ ସମୁଦାୟଙ୍କର ଶୃଙ୍ଖଳା ମଧ୍ୟରେ ଗୃହୀତ ହେଲା ।

୧୯୪୭ ଅଗଷ୍ଟ ୧୫ ସ୍ୱାଧୀନ ଭାରତର ଜନ୍ମଦିନ ସହ ଶ୍ରୀଅରବିନ୍ଦଙ୍କ ୭୫ତମ ଜନ୍ମଦିବସ ଥିଲା । ସଂପ୍ରତି ଭାରତବର୍ଷ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରିବା ସଂଗେ ସଂଗେ ଭାରତମାତାର ଦିବ୍ୟ ସନ୍ତାନ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମଜୟନ୍ତୀ ।

ଶ୍ରୀଅରବିନ୍ଦଙ୍କର ପ୍ରଥମ ସ୍ୱପ୍ନ ଥିଲା ଏକ ବୈପ୍ଳବିକ ପରିବର୍ତ୍ତନ ଯାହାଦ୍ୱାରା ଏକ ସ୍ୱାଧୀନ ଓ ଅଖଣ୍ଡ ଭାରତ ପ୍ରତିଷ୍ଠିତ ହୋଇପାରିବ । ଦ୍ୱିତୀୟ ସ୍ୱପ୍ନ ଥିଲା ଏସିଆବାସୀଙ୍କ ପୁନରୁତ୍ଥାନ ଓ ମୁକ୍ତି । ତୃତୀୟ ସ୍ୱପ୍ନ ଥିଲା ବିଶ୍ୱସଂଘର ପ୍ରତିଷ୍ଠା ଯାହା ସମଗ୍ର ମାନବ ଜାତି ପାଇଁ ଏକ ମହତ୍ତର ଜୀବନ ଗଠନ କରିପାରିବ । ଚତୁର୍ଥ ସ୍ୱପ୍ନ ଥିଲା ପୃଥିବୀକୁ ଭାରତର ଆଧ୍ୟାତ୍ମିକ ଅବଦାନ । ଶେଷ ତଥା ପଞ୍ଚମ ସ୍ୱପ୍ନ ଥିଲା ମନୁଷ୍ୟକୁ ଏକ ଉଚ୍ଚତର ଓ ବୃହତ୍ତର ଚେତନାକୁ ଉନ୍ନୀତ କରିବା । ଯାହା ଏ ପର୍ଯ୍ୟନ୍ତ ଅଧୁରା ରହିଅଛି ।

-୦-


ସଂପର୍କ: ୯୩୩୮୩୭୧୪୦୩



# ରବୀନ୍ଦ୍ରନାଥ ଠାକୁର

**ପଞ୍ଚାନନ ସୁର**

ନବଭାରତ ନିର୍ମାତାମାନଙ୍କ ମଧ୍ୟରୁ ରବୀନ୍ଦ୍ରନାଥ ଠାକୁର ଅନ୍ୟତମ । ରବୀନ୍ଦ୍ରନାଥ ଠାକୁର ସାରା ବିଶ୍ୱରେ ବିଶ୍ୱକବି ଭାବେ ପରିଚିତ, ସେତିକି ନୁହଁ ସେ ସାହିତ୍ୟିକ, ତତ୍ତ୍ୱଜ୍ଞାନୀ, ମାନବବାଦୀ, ଗୀତିକାର, ସଙ୍ଗୀତକାର, ଚିତ୍ରକର ଓ ନାଟ୍ୟକାର ମଧ୍ୟ ଥିଲେ । ସେ ଭାରତର ପ୍ରଥମ ନୋବେଲ ପୁରସ୍କାର ବିଜେତା ଏବଂ ଆମ ଦେଶର ଜାତୀୟ ସଂଗୀତ 'ଜନଗଣ ମନ ଅଧିନାୟକ'ର ରଚୟିତା, ଯାହାକି ସାରା ବିଶ୍ୱରେ ସୁନାମ ଅର୍ଜନ କରିଛି । କହିରଖେ କି ୧୯୧୧ ମସିହା ୨୭ ତାରିଖରେ ସାର୍ବଜନ ସମ୍ମୁଖରେ କଲିକତା ଷ୍ଟେସନରେ ସଂଗୀତ ଗାଇଥିଲେ ଏବଂ ୧୯୫୦ ମସିହା ଜାନୁଆରୀ ୨୪ ତାରିଖରେ ଏହାକୁ ଜାତୀୟ ସଂଗୀତ ରୂପେ ଗ୍ରହଣ କରାଯାଇଥିଲା ଏବଂ ୧୯୭୧ ମସିହାରେ 'ଆମାର ସୋନାର ବାଂଲା' ନାମରେ ବାଂଲା ଦେଶରେ ଏହାକୁ ଜାତୀୟ ସଂଗୀତ ରୂପେ ଗ୍ରହଣ କରାଗଲା । ଭାରତର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ କରି ବହୁ କବିତା ରଚନା କରିଥିଲେ ଓ ସ୍ୱଦେଶୀ ଆନ୍ଦୋଳନକୁ ସମର୍ଥନ କରିବା ସହ ଆମକୁ ସାଧାରଣ ଜନତାଙ୍କର ବୌଦ୍ଧିକ ବିକାଶ ପାଇଁ ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ ।



ଏହି ମାନ୍ ପୁରୁଷଙ୍କ ଜନ୍ମ ୧୮୬୧ ମସିହା ମେ ୭ ତାରିଖରେ କଲିକତାର ଜୋରଶଙ୍ଖ ଗ୍ରାମରେ ହୋଇଥିଲା । ତାଙ୍କ ପିତାଙ୍କ ନାମ ଦେବେନ୍ଦ୍ରନାଥ ଠାକୁର ଓ ମାତାଙ୍କ ନାମ ଶାରଦା ଦେବୀ । ରବୀନ୍ଦ୍ରନାଥ ବଙ୍ଗାଳି ପରିବାରରେ ଜନ୍ମଗ୍ରହଣ କରିଥିଲେ, ତାଙ୍କର ଠାକୁର ପରିବାର ସମ୍ଭ୍ରାନ୍ତ ଓ ଧନୀ ଶ୍ରେଣୀରେ ଗଣାଥିଲା । ତାଙ୍କର ୧୪ ଜଣ ଭାଇଭଉଣୀ ଥିଲେ, ରବୀନ୍ଦ୍ରନାଥ ସମସ୍ତଙ୍କଠାରୁ ସାନ ଥିଲେ । ସାନ ଥିବାରୁ ସମସ୍ତଙ୍କର ଗେହ୍ଲା ମଧ୍ୟ ଥିଲେ । ଅନ୍ୟାନ୍ୟ ଭାଇଭଉଣୀ ହେଲେ- ୧. ବଡ଼ଭାଇ ଦ୍ୱିଜେନ୍ଦ୍ରନାଥ ଠାକୁର, ଯିଏ କି କାଳିଦାସଙ୍କର 'ମେଘଦୂତ' ମହାକାବ୍ୟକୁ ବଙ୍ଗଳାରେ ଅନୁବାଦ କରିଥିଲେ । ୨. ଗଜେନ୍ଦ୍ରନାଥ ଠାକୁର, ୩. ସତ୍ୟେନ୍ଦ୍ରନାଥ ଠାକୁର, ଯିଏ କି ଭାରତର ପ୍ରଥମ ଆଇ.ଏ.ଏସ୍. ହୋଇଥିଲେ । ୪. ହେମେନ୍ଦ୍ରନାଥ ଠାକୁର, ୫. ବୀରେନ୍ଦ୍ରନାଥ ଠାକୁର, ୬. ଜତୀନ୍ଦ୍ରନାଥ ଠାକୁର, ୭. ପୂର୍ଣ୍ଣେନ୍ଦ୍ରନାଥ ଠାକୁର, ୮. ବୁଦ୍ଧେନ୍ଦ୍ରନାଥ ଠାକୁର, ୯. ସୋମେନ୍ଦ୍ରନାଥ ଠାକୁର, ୧୦. ଭଉଣୀ ସୌଦାମିନୀ ଠାକୁର, ୧୧. ସ୍ୱର୍ଣ୍ଣ କୁମାରୀ ଠାକୁର, ଯିଏ କି କବି ଓ ଔପନ୍ୟାସିକା ଥିଲେ, ୧୨. ସୁକୁମାରୀ ଠାକୁର, ୧୩. ଶରତ କୁମାରୀ ଠାକୁର ।

ରବୀନ୍ଦ୍ରନାଥ ନିଜ ଘରପାଖ ଚାଟଶାଳୀରେ ପ୍ରଥମ ପାଠ ଆରମ୍ଭ କରିଥିଲେ, କିନ୍ତୁ ସେ ପାଠ ପଢ଼ିବାକୁ ଯାଉନଥିଲେ ଏଣୁ ତାଙ୍କୁ ପଢ଼ାଇବାକୁ ଘରେ ଟିଉସନ ମାଷ୍ଟ୍ର ରଖାଗଲା ତଥାପି ସେ ପାଠ ପଢୁନଥିଲେ ଯେଉଁଥିପାଇଁ ତାଙ୍କ ଭାଇ ହେମେନ୍ଦ୍ରନାଥ ତାଙ୍କର ଶିକ୍ଷା ଦାୟିତ୍ୱ ନେଇଥିଲେ । ସେ ପାଠ ପଢ଼ାପଢ଼ି ସହିତ ଡ୍ରଇଂ, ଶରୀର ରଚନା, ଇତିହାସ, ଭୂଗୋଳ, ସାହିତ୍ୟ, ଗଣିତ, ସଂସ୍କୃତ, ଇଂରାଜୀ ଇତ୍ୟାଦି ତାଙ୍କଠାରୁ ଶିଖିଥିଲେ ଏବଂ କୁସ୍ତି କସରତ ଓ ସନ୍ତରଣ ଶିକ୍ଷା କରି ତାଙ୍କର ବାଲ୍ୟଶିକ୍ଷା ସେ ସମାପ୍ତି କରିଥିଲେ । ପିଲାବେଳୁ ହିଁ ତାଙ୍କର କବିତା, ଛନ୍ଦ ଓ ଭାଷାରେ ଅଦ୍ଭୁତ ପ୍ରତିଭାର ଆଭାସ ମିଳୁଥିଲା । ସେ ପ୍ରଥମ କବିତା ଆଠ ବର୍ଷରେ ହିଁ ଲେଖିଥିଲେ, ୧୬ ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା । କବିତାଟିର ନାମ 'ଭିକାରିଣୀ' (The Beggar Woman) କ୍ଷୁଦ୍ର କବିତା । ଯେତେବେଳେ ସେ ବହୁତ ଛୋଟ ଥିଲେ ତାଙ୍କ ମା'ଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ବାପା ବାହାର କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଯୋଗୁଁ ତାଙ୍କର ଲାଳନପାଳନ ତାଙ୍କ ଘରେ କାମ କରୁଥିବା ଲୋକଙ୍କ ଦ୍ୱାରା ହୋଇଥିଲା । ଠାକୁରଙ୍କ ପରିବାରରେ ନବ ଜାଗରଣ ଶୀର୍ଷକ ସ୍ଥାନରେ ରହିଥିଲା । ଯେଉଁଠାରେ କି ପତ୍ରିକା ପ୍ରକାଶନ, ଥିଏଟର ଓ ବଙ୍ଗଳା ସଂଗୀତର

ପ୍ରସ୍ତୁତି ହେଉଥିଲା । ଏହିପରି ମହଲରେ ତାଙ୍କ ଘର ଭରପୂର ଥିଲା । ଏହା କୌଣସି ବିଦ୍ୟାଳୟଠାରୁ କମ୍ ନଥିଲା । ଏଣୁ ଠାକୁରଙ୍କୁ ତାଙ୍କ ମନମୁତାବକ ଜିନିଷ ତାଙ୍କ ଘରୁ ହିଁ ମିଳିଯାଉଥିଲା । ତାଙ୍କ ଘରେ ସମସ୍ତେ ଜଣେ ଜଣେ ଦାର୍ଶନିକ ଓ କଳାକାର ଥିଲେ । ସେ ବହୁ ସମୟ ପରିବାରଙ୍କ ସହ ବୁଲାବୁଲି କରିବାକୁ ବାହାରକୁ ଯାଉଥିଲେ । ରବୀନ୍ଦ୍ରନାଥଙ୍କ ଔପଚାରିକ ଶିକ୍ଷା ଏତେ ଅଳ୍ପ ସମୟ ଥିଲା ଯେ ସେ କଲିକତାର ପ୍ରେସିଡେନ୍ସି କଲେଜକୁ ମାତ୍ର ଗୋଟିଏ ଦିନ ଯାଇଥିଲେ । ଏହାପରେ ଠାକୁର ତାଙ୍କ ବାପାଙ୍କ ସହ ଭାରତ ଭ୍ରମଣରେ ବାହାରି ଯାଇଥିଲେ । ଡ଼ଲହାଉଜିରେ ସେ ଇତିହାସ, ଭୂଗୋଳ, ବିଜ୍ଞାନ, ଆଧୁନିକ ବିଜ୍ଞାନ, ସଂସ୍କୃତ, ଜୀବନୀ ଅଧ୍ୟୟନ କଲେ ଏବଂ କାଳିଦାସଙ୍କର କବିତା ମଧ୍ୟ ବିବେଚନ କରିଥିଲେ । ଏହାପରେ ସେ କଲିକତାରୁ ଫେରିଥିଲେ ଏବଂ ୧୮୭୭ରେ ତାଙ୍କର କିଛି ମହତ୍ୱପୂର୍ଣ୍ଣ ରଚନା ରଚିଥିଲେ । କିନ୍ତୁ ତାଙ୍କର ବାପା ଚାହୁଁନଥିଲେ ଯେ ସେ ଜଣେ ସାହିତ୍ୟିକ ହୁଅନ୍ତୁ ବୋଲି । ସେ ଚାହୁଁଥିଲେ ରବୀନ୍ଦ୍ରନାଥ ଜଣେ ବାରିଷ୍ଟର ହୁଅନ୍ତୁ । ସେଥିପାଇଁ ସେ ତାଙ୍କୁ ୧୮୭୮ରେ ଲଣ୍ଡନ ପଠାଇଥିଲେ ଓ ସେ ବ୍ରିଟେନ୍‌ର 'ଇଂଲଣ୍ଡ ପବ୍ଲିକ ବିଦ୍ୟାଳୟ'ରେ ପଢ଼ିଥିଲେ । ସେଠାରେ ସେ ପଢୁଥିବା ସମୟରେ ଅଧାରୁ ପାଠ ଛାଡ଼ି ସେକ୍ସପିୟର ଓ ଆଉ କିଛି ସାହିତ୍ୟିକଙ୍କର ରଚନା ନିଜେ ଅଧ୍ୟୟନ କଲେ ଓ ୧୮୮୦ରେ ବିନା ଲ' ଡିଗ୍ରୀରେ କଲିକତା ଫେରି ଆସିଲେ ।

୧୮୮୩ ମସିହା ଡିସେମ୍ବର ୯ ତାରିଖରେ ୨୨ ବର୍ଷ ବୟସରେ ୧୧ ବର୍ଷୀୟା ମୃଣାଳିନୀ ଦେବୀଙ୍କୁ ସେ ବିବାହ କରିଥିଲେ । ପରିବାର ସହ ଅନେକ ସ୍ଥାନ ଭ୍ରମଣ କରିଥିଲେ ଏବଂ ଭ୍ରମଣ କରୁଥିବା ସମୟରେ ବହୁତ ଗରିବ ଲୋକଙ୍କୁ ପାଖରୁ ଦେଖିଥିଲେ । ଫଳରେ ଗ୍ରାମୀଣ ଗରିବ ଲୋକଙ୍କ ଉପରେ ଛୋଟ ଛୋଟ କାହାଣୀମାନ ଲେଖିଥିଲେ । ତାଙ୍କ ମନରେ ସେହିଦିନ ଠାରୁ ଲୋକଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ସଂଚାର ହୋଇଥିଲା ଏବଂ ସେମାନଙ୍କର ଉନ୍ନତି ପାଇଁ ଉପାୟମାନ ଖୋଜି ଚାଲିଲେ । ମାତ୍ର ବିବାହର ୧୯ ବର୍ଷ ପରେ ମୃଣାଳିନୀ ଦେବୀଙ୍କର ମୃତ୍ୟୁ ହୋଇଗଲା । ରବୀନ୍ଦ୍ରନାଥଙ୍କର ୫ଜଣ ସନ୍ତାନ ସନ୍ତତି ଥିଲେ । ୧. ପୁଅ ରଖୀନ୍ଦ୍ରନାଥ ଠାକୁର, ୨. ଶମିନ୍ଦ୍ରନାଥ ଠାକୁର, ୩. ଝିଅ ମାଧୁରୀଲତା ଠାକୁର, ୪. ରେଣୁକା ଠାକୁର, ୫. ମୀରା ଠାକୁର ।

ପରେ ତାଙ୍କର ଦୁଇଜଣ ପିଲାଙ୍କର ମୃତ୍ୟୁ ହୋଇଯାଇଥିଲା । ଝିଅ ରେଣୁକା ଠାକୁର (ଯକ୍ଷ୍ମା ରୋଗରେ), ପୁଅ ଶମିନ୍ଦ୍ରନାଥ ଠାକୁର (ହଇଜା ରୋଗରେ) । ୧୯୦୧ ମସିହାରେ ରବୀନ୍ଦ୍ରନାଥ ଶାନ୍ତିନିକେତନ ଚାଲିଗଲେ । ସେଠାରେ ସ୍କୁଲ, ପୁସ୍ତକାଳୟ, ପୂଜାସ୍ଥାନ ନିର୍ମାଣ କଲେ ଓ ବହୁତ ପ୍ରକାର ଗଛ ଲଗାଇ ବଗିଚା ସୃଷ୍ଟି କରିଥିଲେ । ୧୯୦୩ ରୁ ୧୯୦୭ ତାଙ୍କର ସମୟ ବହୁ କଷ୍ଟମୟ ଥିଲା, ଫଳରେ ସେ ମନ ଦୁଃଖରେ ରହୁଥିଲେ । ଅଧିକାଂଶ ସମୟରେ ତାଙ୍କର ଶରୀର ଅସୁସ୍ଥ ହେଉଥିଲା ମାତ୍ର ଟିକିଏ ଭଲ ଲାଗିଲେ ପୁଣି ସେ ସାହିତ୍ୟ ରଚନା, ଉପନ୍ୟାସ ରଚନା ଓ ନାଟ୍ୟରଚନା ବନ୍ଦ ନକରି ଚାଲୁ ରଖୁଥିଲେ । ୧୯୧୩ ମସିହା ନଭେମ୍ବର ୧୪ ସେ ଗୀତାଞ୍ଜଳି କାବ୍ୟ ପାଇଁ 'ନୋବେଲ ପୁରସ୍କାର' ପାଇଥିଲେ । ସେହି କାବ୍ୟ ୧୯୧୦ ମସିହା ଅଗଷ୍ଟ ୧୪ ତାରିଖରେ ପ୍ରକାଶିତ ହୋଇଥିଲା । ସେ ଥିଲେ ପ୍ରଥମ ଭାରତୀୟ ନୋବେଲ ପୁରସ୍କାର ବିଜେତା । ଇଂରେଜ ସରକାର ୧୯୧୫ ମସିହାରେ 'ନାଇଟ ହୁଡ୍' ପୁରସ୍କାର ପ୍ରଦାନ କରିଥିଲେ, ମାତ୍ର ତାହାକୁ ସେ ୧୯୧୯ ମସିହା ଜାଲିଓ୍ୱାନାବାଗ୍ ହତ୍ୟାକାଣ୍ଡ ଦେଖି ତାହା ଇଂରେଜ ସରକାରଙ୍କ ବର୍ବରତା କାର୍ଯ୍ୟ ଭାବି ପୁରସ୍କାରଟିକୁ ଫେରାଇ ଦେଇଥିଲେ । ୧୯୨୧ ମସିହାରେ ସେ ଆଶ୍ରମ ପାଖରେ ଗ୍ରାମ ନିର୍ମାଣ କଲେ, ଯାହାର ନାମକରଣ ହେଲା ଶାନ୍ତିନିକେତନ । ୧୮୭୮ରୁ ୧୯୩୨ ମସିହା ମଧ୍ୟରେ ସେ ୩୦ ଗୋଟି ଦେଶ ଯାତ୍ରା କରିଥିଲେ । ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାହିତ୍ୟ ରଚନାକୁ ସବୁ ଲୋକଙ୍କ ପାଖରେ ପହଞ୍ଚାଇବା । ପ୍ରସିଦ୍ଧ ଇଂରେଜ କବି ବିଲିଅନ୍ ବଟଲର ରବୀନ୍ଦ୍ରନାଥଙ୍କର ଗୀତାଞ୍ଜଳି କାବ୍ୟକୁ ଇଂରାଜୀ ଭାଷାରେ ଅନୁବାଦ କରିବାକୁ ପ୍ରସ୍ତାବ ଦେଇଥିଲେ ।

ସାହିତ୍ୟ ସାଧନା ତାଙ୍କ ଜୀବନର ମୁଖ୍ୟ ଅଙ୍ଗ ଥିଲା । ସେ ଥିଲେ ସାହିତ୍ୟରେ ଅଗ୍ରଗଣ୍ୟ ଓ ପ୍ରାଣପ୍ରତିଷ୍ଠାତା । ତାଙ୍କୁ ଅନୁକରଣ କରି ଭବିଷ୍ୟତକୁ ବହୁ ସାହିତ୍ୟିକ ସୃଷ୍ଟି ହେବେ, ଏପରିକି ସାରା ବିଶ୍ୱରେ ମଧ୍ୟ ସର୍ବୋଚ୍ଚ ସାହିତ୍ୟିକ ହୋଇପାରିବେ, ଏହି ପ୍ରମାଣ ସେ ଦେଇ ଯାଇଛନ୍ତି । ତାଙ୍କର ଅଧିକାଂଶ ମୂଳ ଲେଖା ବଙ୍ଗଳା ଭାଷାରେ ଏବଂ ତନ୍ମଧ୍ୟରୁ କିଛି ଇଂରାଜୀ ଓ ଅନ୍ୟାନ୍ୟ ଭାଷ ସହ ଓଡ଼ିଆରେ ମଧ୍ୟ ଅନୁବାଦ ହୋଇଅଛି । ତାଙ୍କର କେତେଗୋଟି ବହିଁ ଏଠାରେ ଉଲ୍ଲେଖ କରାଯାଉଛି । ୧. ଗୀତାଞ୍ଜଳି (ବଙ୍ଗଳା, ଇଂରାଜୀ ଓ ଓଡ଼ିଆ), ୨. କାବୁଲିବାଲା (ବଙ୍ଗଳା ଓ ଓଡ଼ିଆ), ୩. ଦୁଇବୀଘା ଜମି (ବଙ୍ଗଳା, ଓଡ଼ିଆ), ୪. ଚୋଖରିବାଲି (ବଙ୍ଗଳା ଓ ଇଂରାଜୀ), ୫. ସୁନାର ତରୀ (ବଙ୍ଗଳା ଓ ଇଂରାଜୀ), ୬. ପୋଷ୍ଟ ଅଫିସ (ବଙ୍ଗଳା, ଇଂରାଜୀ), ୭. ମାଳି (ବଙ୍ଗଳା), ୮. ଗଳ୍ପଗୁଚ୍ଛ

(ବଙ୍ଗଳା), ୯. ପୁନଶ୍ଚ (ବଙ୍ଗଳା), ୧୦. ଯେତେ ନାହିଁ ଦିବୁ (ବଙ୍ଗଳା), ୧୧. ନୈବେଦ୍ୟ (ବଙ୍ଗଳା), ୧୨. ରକ୍ତ କରବି (ବଙ୍ଗଳା), ୧୩. କରି ଓ କମଲ (ବଙ୍ଗଳା), ୧୪. ଖେୟା (ବଙ୍ଗଳା), ୧୫. ନୌକାଡୁବି (ବଙ୍ଗଳା), ୧୬. ଚାର ଅଧ୍ୟାୟ (ବଙ୍ଗଳା), ୧୭. ସହଜପାଠ (ବଙ୍ଗଳା), ୧୮. ମାନସୀ (ବଙ୍ଗଳା), ୧୯. ଗୀତାବିତାନ (ବଙ୍ଗଳା), ୨୦. ଘରେ ବାହାରେ (ବଙ୍ଗଳା, ଓଡ଼ିଆ), ୨୧. କ୍ଷୁଧିତ ପାଷାଣ (ବଙ୍ଗଳା, ଇଂରାଜୀ ଓ ଓଡ଼ିଆ) । ଏହାଛଡ଼ା ଆହୁରି ଅନେକ ପୁସ୍ତକ ତାଙ୍କର ରହିଅଛି ।

ରବୀନ୍ଦ୍ରନାଥଙ୍କର ଛବି ଆଙ୍କିବା ଥିଲା ଭିନ୍ନ ଧରଣର, ସେଥିରେ ଚିରାଚରିତ ପ୍ରଥା ନଥାଇ କିଛି ନୂତନତ୍ୱ ପରିଲକ୍ଷିତ ହୁଏ । ଛବିଗୁଡ଼ିକରେ କୌଣସି କଳା ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟର ପାଠ୍ୟଖସଡ଼ାର ଶୈଳୀ ଦୃଷ୍ଟିଗୋଚର ହୁଏନାହିଁ, କାରଣ ତାଙ୍କର ଚିତ୍ର ଶିକ୍ଷା ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ହୋଇନଥିଲା । କେବଳ ତାଙ୍କ ଭାଇଙ୍କ ଠାରୁ ସେ ଶିକ୍ଷା ଅର୍ଜନ କରିଥିଲେ । ତାଙ୍କର କବିତା ମଧ୍ୟରେ ଚିତ୍ର ଓ ଚିତ୍ର ମଧ୍ୟରେ କବିତାର ଭାବ ପରିଲକ୍ଷିତ ହୁଏ । ଅଧିକାଂଶ ଛବି କବିତା ବା ସାହିତ୍ୟ ରଚନା ବେଳେ ହିଁ ଆଙ୍କିଥାନ୍ତି, କାରଣ ସେ ସମୟରେ ଝର କଲମରେ ଲେଖାଲେଖି ହେଉଥିଲା । ଏଣୁ ରବୀନ୍ଦ୍ରନାଥ ଲେଖିଲା ବେଳେ କଲମରୁ ଯେଉଁଠାରେ କାଳି ଝରି ପଡୁଥିଲା ତାକୁ ହିଁ ଘଷାଘଷି ଓ କଣ୍ଟା ସାହାଯ୍ୟରେ ରମ୍ଭାରମ୍ଭି କରି ଅଧିକାଂଶ ଛବି ସୃଷ୍ଟି କରୁଥିଲେ । ତାଙ୍କର ଛବିଗୁଡ଼ିକ ସ୍ୱପ୍ନିଳ ଜଣାପଡ଼େ, ଯେପରି ସ୍ୱପ୍ନରେ ଅନ୍ଧକାର ମଧ୍ୟରୁ କୌଣସି ରୂପ ଭାସିଆସେ, ସେହିପରି ତାଙ୍କ କିଛି ଛବିର ପ୍ରଚ୍ଛଦ ପଟରେ କଳା କିମ୍ବା ଗାଢ଼ ରଙ୍ଗସବୁ ଲାଗିଥାଏ ଏବଂ ରୂପଗୁଡ଼ିକ ଧଳା କିମ୍ବା ହାଲୁକା ରଙ୍ଗରେ ଅଙ୍କା ଯାଇଥାଏ, ଫଳରେ ଛବିଟି ବାହାରକୁ ବାହାରି ଆସିଲା ପରି ସ୍ପଷ୍ଟ ଦେଖାଯାଉଥାଏ । ସେଇଭଳି ଅଳ୍ପ କିଛି ଛବିର ବର୍ଣ୍ଣନା ମୁଁ ଏଠାରେ ଦେଉଅଛି ।

ଛବି- ନୃତ୍ୟରତା ମହିଳା (Dancing woman) ଏଥିରେ ଜଣେ ସ୍ତ୍ରୀ ଲୋକର ଭାବ ଅଛି ମାତ୍ର ଶରୀରଟିଏ ମାପ ସମାନ ନାହିଁ, ମହିଳା ଜଣକ ହାତରେ ନିଆଁ ହୁଳା କିମ୍ବା ନିଆଁ ଶରା ଧରି ନୃତ୍ୟ କରୁଥିବାର ସ୍ପଷ୍ଟ ଜଣାଯାଉଛି । ଛବିଟିରେ ଭାରସାମ୍ୟ, ରଙ୍ଗ, ଗତି ସବୁକିଛି ଠିକ୍ ଭାବେ ପରିଲକ୍ଷିତ ହେଉଅଛି ।

ଛବି- ମସ୍ତକ ଷ୍ଟଡ଼ି (Head study) ଏହି ଛବିଟି ଜ୍ୟାମିତିକ ଶୈଳୀରେ ଅଙ୍କାଯାଇଛି ଅର୍ଥାତ୍ ବର୍ଗକ୍ଷେତ୍ର, ଆୟତକ୍ଷେତ୍ର, ତ୍ରିଭୁଜ ଓ ସରଳରେଖା ଦ୍ୱାରା ଅଙ୍କା ଯାଇଛି ଏବଂ କେବଳ କଳା କାଳୀ ଦ୍ୱାରା ହିଁ ଅଙ୍କା ଯାଇଛି, ଛବିଟି ଭାରସାମ୍ୟ ସୁନ୍ଦର ଭାବେ ବହନ କରିଅଛି ।

ଛବି- ଛିଡ଼ା ହୋଇଥିବା ରୂପ (Standing Figure) ଏହି ଛବିଟି ମୂର୍ତ୍ତିଭଳି ଦୃଶ୍ୟମାନ ହେଉଅଛି । ଗୋଟିଏ ବୃକ୍ଷର ମଜବୁତ ଗଣ୍ଡିପରି ଅଙ୍କାଯାଇଛି । ହାତ ଦୁଇଟି ଦେଖା ନଗଲେ ମଧ୍ୟ ମୁଣ୍ଡଟି ଜଣାଯାଉଛି ଏବଂ ସଂପୂର୍ଣ୍ଣ ଶରୀର ଲମ୍ବା ଗାଉନ୍ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି । ଏଇଭଳି ଆହୁରି ଅନେକ ପ୍ରକାର ଛବି ସେ ସୃଷ୍ଟି କରି ଯାଇଛନ୍ତି । ତାଙ୍କର ଛବିଗୁଡ଼ିକ ଦେଶ ବିଦେଶରେ ପ୍ରଦର୍ଶିତ ହୋଇ ଭାରତୀୟ କଳାକୁ ପରିଚିତି କରାଇ ପାରିଛି ।

ରବୀନ୍ଦ୍ରନାଥ ଠାକୁରଙ୍କୁ ବହୁ ଉପାଧି ମିଳିଥିଲା । ଗୁରୁଦେବ, କବିଗୁରୁ ଓ ବିଶ୍ୱକବି । ମହାତ୍ମା ଗାନ୍ଧୀ ତାଙ୍କୁ ଗୁରୁଦେବ ଉପାଧି ଦେଇଥିଲେ । ୧୯୧୯ ମସିହା ଏପ୍ରିଲ ୧୨ ତାରିଖରେ ରବୀନ୍ଦ୍ରନାଥ ଠାକୁର ଗାନ୍ଧିଜୀଙ୍କୁ ଏକ ପତ୍ର ଲେଖିଥିଲେ ଯେଉଁଥିରେ ସେ ଗାନ୍ଧିଙ୍କୁ ମହାତ୍ମା ଲେଖି ସମ୍ବୋଧନ କରିଥିଲେ ଓ ସୁବାଷ ଚନ୍ଦ୍ର ବୋଷଙ୍କୁ ଦେଶନାୟକ ଉପାଧି ଦେଇଥିଲେ । ରବୀନ୍ଦ୍ରନାଥ ୧୯୨୧ ମସିହା ଡିସେମ୍ବର ୨୩ ତାରିଖରେ ବୋଲପୁରର ଶାନ୍ତିନିକେତନଠାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସ୍ଥାପନା କରିଥିଲେ । କଲିକତା ଠାରେ ହାଓ୍ୱଡ଼ା ପୋଲକୁ ରବୀନ୍ଦ୍ର ସେତୁ ନାମରେ ନାମିତ କରାଯାଇଛି ।

ବିଶ୍ୱକବି ଆଖ୍ୟା ପାଇଥିବା ରବୀନ୍ଦ୍ରନାଥ ନିଜର ସ୍ୱକୀୟ ସାହିତ୍ୟିକ ପ୍ରତିଭା ବଳରେ ବିଭିନ୍ନ ଦେଶର ବଡ଼ ବଡ଼ ଲେଖକ, କବି ଓ ରାଷ୍ଟ୍ରନୀତିଜ୍ଞମାନଙ୍କୁ ବହୁତ ପ୍ରଭାବିତ କରିଥିଲେ । ଏହାଦ୍ୱାରା ଭାରତର ଆଧୁନିକ ସ୍ଥିତିକୁ ସାରା ବିଶ୍ୱରେ ପରିଚିତ କରାଇଥିଲେ, ତାଙ୍କର ସାହିତ୍ୟ ଓ କଳାକୃତି ସାରା ଦେଶରେ ସାହିତ୍ୟ ପ୍ରତି ରୁଚି ରଖିଥିବା ବ୍ୟକ୍ତିବିଶେଷଙ୍କ ମନରେ ଏକ ସକରାତ୍ମକ ଭାବ ସୃଷ୍ଟି କରିଥିଲା, ଏହା ପରବର୍ତ୍ତୀ ସମୟରେ ବହୁ ଦେଶପ୍ରେମୀ ସାହିତ୍ୟିକ ଓ କବି ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

୧୯୪୧ ମସିହା ଅଗଷ୍ଟ ୭ ତାରିଖ ରାକ୍ଷୀ ପୂର୍ଣ୍ଣିମା ଦିନ ଏହି ମହାନ୍ ବିଶ୍ୱକବିଙ୍କର ମୃତ୍ୟୁ ହୋଇଗଲା । ସେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ବିଦାୟ ନେଇଥିଲେ କିନ୍ତୁ ଆଜି ବି ତାଙ୍କର ରାଷ୍ଟ୍ରଜ୍ଞାନକୁ ସମସ୍ତେ ଭାରତର ନବନିର୍ମାତା ହିସାବରେ ସମ୍ମାନ ଦେବାକୁ ବାଧ୍ୟ ହେଉଛନ୍ତି ।

-୦-

ଅବସରପ୍ରାପ୍ତ ଅଧ୍ୟାପକ,
ଖଲ୍ଲିକୋଟ, ଗଂଜାମ



# ନବଭାରତର ଅନ୍ୟତମ ନିର୍ମାତା: ଶ୍ୱେତ ବିପ୍ଳବର ଜନକ ଭର୍ଗିଜ୍ କୁରିଏନ୍

ପୂର୍ଣ୍ଣଚନ୍ଦ୍ର ରଥ

ଆମ ଦେଶରେ ଶ୍ୱେତବିପ୍ଳବର ଜନକ କୁହାଯାଉଥିବା ଭର୍ଗିଜ୍ କୁରିଏନ୍ ୨୬ ନଭେମ୍ବର ୧୯୨୨ରେ କେରଳର କୋଝିକୋଡ୍ ଠାରେ ଏକ ସିରିଆନ୍ ଖ୍ରୀଷ୍ଟିୟାନ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ ସିଭିଲ୍ ସର୍ଜନ ପି.କେ. କୁରିଏନ୍ । ସ୍କୁଲ ଶିକ୍ଷା ଶେଷ ପରେ ସେ ମାଡ୍ରାସ୍‌ର ଲୟଲା କଲେଜରୁ ଫିଜିକ୍ସରେ ସ୍ନାତକ ହୋଇ ବାହାରିଲେ । ତା'ପରେ ସେ ଗିଣ୍ଡିର ଇଂଜିନିୟରିଂ କଲେଜରୁ ମେକାନିକାଲ୍ ଇଂଜିନିୟରିଂ ପାସ୍ କଲେ । ଠିକ୍ ଏହି ସମୟରେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କ ମାମୁଁଙ୍କ ପରିବାର ହେପାଜତ ନେଲେ । ଟାଟା ଷ୍ଟିଲ୍‌ରେ ତାଙ୍କୁ ଚାକିରି କରିବାକୁ ପ୍ରବର୍ତ୍ତା ଗଲା । କିନ୍ତୁ ସେ ବାଙ୍ଗାଲୋର ସ୍ଥିତ 'Imperial Institute of Animal Husbandry in Bangalore' (now, Natinal Dairy Research Institute, Southern Station, Bengaluru)ରେ ୯ ମାସ ପଢ଼ିଲା ପରେ ଭାରତ ସରକାର ବୃତ୍ତି ପାଇ ଆମେରିକାର ମିସିଗାନ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରୁ ମେକାନିକାଲ୍ ଇଂଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ସାରି ଭାରତ ଫେରିଲେ । ତା'ପରେ ତାଙ୍କୁ ଗୁଜରାଟର ଆନନ୍ଦ ଠାରେ ପରୀକ୍ଷାମୂଳକ ଲହୁଣି ପ୍ରସ୍ତୁତ କାରଖାନାରେ କାମ କରିବାକୁ ପଠାଇ ଦିଆଗଲା । ସେଠି କାମ କଲାବେଳେ ଦୁଗ୍ଧ ବ୍ୟବସାୟ ସହ ସଂପୃକ୍ତ ଜଣେ ଉଦ୍ୟୋଗୀ ତ୍ରିଭୁବନ ଦାସ ପଟେଲଙ୍କ ସହ ପରିଚୟ ହେଲା । କୁରିଏନ୍ ଅଧାରୁ ଚାକିରି ଛାଡ଼ି ଆନନ୍ଦ ସହର ବି ଛାଡ଼ିଦେବାକୁ ଚାହିଁଲେ; କିନ୍ତୁ ତ୍ରିଭୁବନ ଦାସ ତାଙ୍କୁ ତାଙ୍କ ସହ ରହି କାମରେ ସାହାଯ୍ୟ କରିବାକୁ ଅନୁରୋଧ କଲେ । ଏହା ତାଙ୍କ ଜୀବନରେ ଏକ ବିଶେଷ ମୁହୂର୍ତ୍ତ ଥିଲା । ସେ ତ୍ରିଭୁବନ ଦାସଙ୍କ ସହ ମିଶି କାମ କଲେ ଏବଂ ଖେଡ଼ା ଜିଲ୍ଲା ସମବାୟ ଦୁଗ୍ଧ ଉତ୍ପାଦନ ସଂଘ Kaira District Cooperative Milk Producer's Union Limited (KDCMPUL) । ଏହି ସଂସ୍ଥାର ଲୋକପ୍ରିୟ ନାମ ହେଲା ଅମୁଲ୍ (Amul) ।



ସେତେବେଳେ ଚାଷୀମାନେ ଦୁଗ୍ଧର ସବୁବେଳେ ବଦଳୁଥିବା ବିକ୍ରୀଦରରେ ଅତିଷ୍ଠ ହୋଇଯାଇଥିଲେ । ଯେଉଁ ସମୟରେ ଅଧିକ କ୍ଷୀର ଉତ୍ପାଦିତ ହେଉଥିଲା, ସେତେବେଳେ ବିକ୍ରୀ ହୋଇପାରୁନଥିଲା । ତେଣୁ ଦୁଗ୍ଧ ଚାଷୀମାନେ କୁରଏନ୍‌ଙ୍କ ସମବାୟ ସଂସ୍ଥାର ସାହାଯ୍ୟ ଚାହିଁଲେ । ସେ ସମବାୟ ସଂସ୍ଥା ବଳକା କ୍ଷୀରକୁ ଗୁଣ୍ଡ ଦୁଗ୍ଧରେ ପରିବର୍ତ୍ତନ କରିବାକୁ ଉଦ୍ୟମ କଲେ । କୁରିଅନଙ୍କ ସହପାଠୀ ଏଚ୍.ଏମ୍. ଦଲୟା ଆମେରିକା ଫେରି ନ ଯାଇ ଆନନ୍ଦରେ ହିଁ ରହିଗଲେ । ମଇଁଷୀ କ୍ଷୀରରୁ ଗୁଣ୍ଡ ଦୁଗ୍ଧ ଓ ଘନୀଭୂତ ଦୁଗ୍ଧ ପ୍ରସ୍ତୁତ କରିବାର ପ୍ରକ୍ରିୟା ଉଦ୍ଭାବନ କଲେ । (ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୁଣ୍ଡଦୁଗ୍ଧ ଉତ୍ପାଦନ ପ୍ରକ୍ରିୟା ୟୁରୋପ୍ ବଡ଼ କମ୍ପାନୀ ନେସଲେ (Nestle) ଦେବାକୁ ମନା କରିଥିଲା), କିନ୍ତୁ ବିଶ୍ୱର କେହି ଆଶା କରି ନଥିଲେ ଯେ ଅମୁଲ ନେସଲେ ସହ ଗୁଣ୍ଡଦୁଗ୍ଧ ବ୍ୟବସାୟରେ ଓ ଗ୍ଲାସ୍‌ଗୋ ସହ ଶିଶୁ ଖାଦ୍ୟ ବ୍ୟବସାୟରେ ସଫଳ ପ୍ରତିଯୋଗିତା କରି ଏହିମାନଙ୍କ ବ୍ୟବସାୟ ବନ୍ଦ କରିଦେବ ! ଏହାପରେ ଅମୁଲ ଛେନା ବି ତିଆରି କଲା ।

ଅମୁଲ୍ କମ୍ପାନୀ ଗ୍ରାମାଞ୍ଚଳରେ ଦୁଗ୍ଧ ଚାଷୀଙ୍କୁ ସଂଗଠିତ କଲା । ସମବାୟ ବ୍ୟବସ୍ଥା ମାଧ୍ୟମରେ ଚାଷୀଠାରୁ ଖାଉଟି ସିଧାସଳଖ ଦୁଗ୍ଧ ପାଇଲା ଓ ମଧ୍ୟସ୍ଥି ଲାଭକାରୀମାନଙ୍କୁ ଏଡ଼ାଇ ଦିଆଯାଇ ପାରିଲା ।

କୁରିଏନ୍ ଓ ତ୍ରିଭୁବନ ଦାସଙ୍କୁ ରାଜନୈତିକ ନେତାମାନେ ମଧ୍ୟ ସବୁ ପ୍ରକାର ସାହାଯ୍ୟ କଲେ । ଅଳ୍ପ ଦିନ ପୂର୍ବରୁ ଦେଶ ସ୍ୱାଧୀନତା ପାଇଥିବାରୁ କୃଷକ, ସାଧାରଣ ଜନତା ମରୁଡ଼ି ଓ ଅନ୍ୟ ଦୁର୍ବିପାକ ଯୋଗୁଁ ବହୁ ହଇରାଣ ହେଉଥିଲେ । ସମବାୟ ମାଧ୍ୟମରେ ନିଜେ ନିଜେ ପ୍ରିସମ୍ପତ୍ତି ସୃଷ୍ଟି କରି ମାଲିକ ହେଲେ । ପାଶ୍ଚାତ୍ୟ ଅର୍ଥନୀତିକ ପ୍ରକ୍ରିୟା Mass Production ବଦଳରେ Production by mass ଗୁରୁତ୍ୱ ପାଇଲା । ନିମ୍ନବର୍ଗର ଲୋକେ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେଉଥିବାରୁ ସବୁ ପ୍ରଧାନମନ୍ତ୍ରୀ କୁରିଅନ୍ ଓ ଅମୁଲର ପ୍ରଶଂସା କଲେ । ପଣ୍ଡିତ ନେହେରୁ ଅମୁଲ ପ୍ଲାଣ୍ଟ୍ ଉଦ୍‌ଘାଟନ କଲେ । ଶାସ୍ତ୍ରିଜୀ ଦେଶ ସାରା ଅମୁଲ ଭଳି ସମବାୟ ସଂସ୍ଥା ଗଢ଼ିବା ପାଇଁ କୁରିଅନ୍‌ଙ୍କୁ ପ୍ରବର୍ତ୍ତାଇଲେ । ଆଜି ସବୁ ରାଜ୍ୟରେ ଓ ପଡ଼ୋଶୀ ଦେଶମାନଙ୍କରେ ଯେପରି ସଫଳ ଦୁଗ୍ଧ ସମବାୟମାନ ଗଢ଼ିଉଠିଛି, ତାହା ବି କୁରିଏନ୍‌ଙ୍କ ସୃଷ୍ଟି ।

ଆନନ୍ଦ ମଡ଼େଲ୍‌କୁ ଗୁଜରାଟର ସବୁ ଜିଲ୍ଲାରେ ସମ୍ପ୍ରସାରଣ କରାଗଲା ଓ ସବୁ ସମବାୟକୁ 'Gujarat Cooperative Milk Marketing Federation Ltd.' (GCMMF) ଅଧୀନକୁ ଅଣାଗଲା ।

କୁରିଏନ୍‌ଙ୍କ ଜୀବନୀ ଓ ଦର୍ଶନ ସମ୍ବନ୍ଧୀୟ ପୁସ୍ତକର ନାମ ହେଲା 'Too had a Dread' । ତାଙ୍କର ସଫଳତା, ରାଷ୍ଟ୍ର ପ୍ରତି ସମର୍ପଣ ଭାବ, ସାରା ବିଶ୍ୱରେ ଅର୍ଜିଥିବା ସୁନାମ ଓ ଅନ୍ୟ କୃତିର ବର୍ଣ୍ଣନା ଦେଲେ ଗୋଟିଏ ବହି ହେବ । କୁରିଏନ୍‌ଙ୍କୁ ବାସ୍ତବରେ ଜଣେ ସାମାଜିକ ଉଦ୍ୟୋଗୀ କୁହାଯାଉଥିଲା । ଦୁଗ୍ଧ ଉତ୍ପାଦନ ଅତିଶୟ ବୃଦ୍ଧି କରାଇ ସେ ଏହାକୁ 'ଅପରେସନ୍ ଫ୍ଲଡ୍' ନାମକରଣ କରିଥିଲେ । ତାଙ୍କର ଏ ଦୁଗ୍ଧ ଉତ୍ପାଦନ ଯୋଜନାରେ ସେହି ସଂସ୍ଥା ହିଁ ସବୁ ପୁଞ୍ଜି ଖଟାଇଥିଲା । ଏହା ଦେଶର ଗ୍ରାମାଞ୍ଚଳରେ ସର୍ବବୃହତ୍ ରୋଜଗାର ମାଧ୍ୟମ ହୋଇଛି । ଗ୍ରାମାଞ୍ଚଳର ସମସ୍ତ ରୋଜଗାରର ଏକ ତୃତୀୟାଂଶ ଏଥିରୁ ମିଳିପାରୁଛି । ଭାରତ ଆଜି ବିଶ୍ୱରେ ସର୍ବାଧିକ ଦୁଗ୍ଧ ଉତ୍ପାଦନ ଦେଶର ମାନ୍ୟତା ପାଇଛି । ଖାଇବା ତେଲ ଉତ୍ପାଦନରେ ବି ତାଙ୍କର ଅବଦାନ ପ୍ରଶଂସନୀୟ ଥିଲା । ଏକ ସମୟରେ ଖାଇବା ତେଲରେ ଭାରତ ସ୍ୱୟଂସଂପୂର୍ଣ୍ଣ ଥିଲା । ପରବର୍ତ୍ତୀ ସମୟରେ ଶସ୍ତା ରିଫାଇନ୍ ତେଲ ଆମଦାନୀ କରାଯିବାରୁ ବହୁ ଦେଶୀ ତୈଳବୀଜ ଉତ୍ପାଦନ କମିଗଲା । ଏବେ ମାଲେସିଆ, ଇଣ୍ଡୋନେସିଆ, ୟୁକ୍ରେନ୍‌ରୁ ଆବଶ୍ୟକ ତେଲ ନ ଆସିବାରୁ ଦେଲ ଦର ବଢ଼ିଗଲା ।

ସେ ମହାନ୍ ବାସ୍ତବ ଦେଶଭକ୍ତି ଓ ନବଭାରତ ନିର୍ମାତାଙ୍କୁ ଶତକୋଟି ପ୍ରଣାମ ।

-୦-

ବଡ଼ଦାଣ୍ଡ ସାହି, ଖଲ୍ଲିକୋଟ, ଗଂଜାମ

*With Best Compliments from:*



MAA BANADURGA EGG CENTRE

WHOLESALE & RETAILOR

PROP: BALARAM BEHERA

Councillor, Ward No-3, Khallikote NAC

CONTACT: 8048203977

Bangala Sahi, Khallikote (Ganjam) Odisha



# କିଛି କଥା ଓ ବ୍ୟଥା

## ସୁବାଷ ଚନ୍ଦ୍ର ପଣ୍ଡା


ଡକ୍ଟର ଅବଦୁଲ କଲାମ୍ ଚାରିଟେବଲ ଟ୍ରଷ୍ଟ ଖଲ୍ଲିକୋଟ ଏହି ଅଞ୍ଚଳର ଏକ ଅଗ୍ରଣୀ ସାମାଜିକ ସେବା ଅନୁଷ୍ଠାନ । ଭାରତର ରାଷ୍ଟ୍ରପତି ତଥା ପୃଥିବୀର ଶ୍ରେଷ୍ଠ ବୈଜ୍ଞାନିକ ଡକ୍ଟର ଅବଦୁଲ୍ କଲାମଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ଏବଂ ଏକ ସ୍ମରଣିକା 'ସ୍ମୃତିସୁଧା' ପ୍ରକାଶ ପାଉଛି । ସ୍ୱାଧୀନ ଭାରତ ଗଠନରେ ଶ୍ରେଷ୍ଠ ବରପୁତ୍ରମାନଙ୍କ ଉପରେ ଲେଖା ପ୍ରକାଶିତ ହେବ ଜାଣି ଆନନ୍ଦିତ ହେଲି । ଯୁବପିଢ଼ିଙ୍କ ଭାରତ ଗଠନରେ ଆଦର୍ଶଗତ ନେତୃତ୍ୱ, ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ଓ ଦେଶ ଗଠନରେ ସହାୟକ ହେବା । ବହୁ ବର୍ଷ ଧରି ମୋଗଲ, ପର୍ତ୍ତୁଗୀଜ୍ ଓ ଇଂରେଜୀମାନଙ୍କ ଶାସନରେ ରହି ଐତିହାସିକ ସ୍ୱର୍ଣ୍ଣଗର୍ଭା ଭାରତ ପରାଧୀନ ହୋଇ ବହୁ ଦୁଃଖ କଷ୍ଟ ପାଉଥିଲେ । ଭାରତର ବହୁ ଆଦର୍ଶଗତ ନେତାଙ୍କ ବଳିଦାନ ଓ ପ୍ରଚେଷ୍ଟାରେ ଆଜି ଆମେ ସ୍ୱାଧୀନ ଭାରତର ନାଗରିକ । ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟ ପରିକଳ୍ପନା ଆଜି ପରିପୂର୍ଣ୍ଣ ହୋଇପାରି ନାହିଁ । ପୃଥିବୀର ସର୍ବଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ମଧ୍ୟ ଆଜି ବି ଗରିବୀ ଓ ଅର୍ଥନୈତିକ ଉନ୍ନତିରେ ବାଧା ସୃଷ୍ଟି ହୋଇଛି । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ପଞ୍ଚଶୀଳ ନୀତି ଓ ପଞ୍ଚବାର୍ଷିକ ଯୋଜନା କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦେଶର ସୁରକ୍ଷା ଉପରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ 'ଜୟ ଯବାନ୍ ଜୟ କିସାନ' ଆହ୍ୱାନ ଦେଶସେବାରେ ଗୁରୁତ୍ୱ ବହନ କରିଥିଲା । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସମାଜବାଦ ଓ ଅର୍ଥନୈତିକ ଉନ୍ନତି ଦିଗରେ ଗରିବୀ ହଟାଓ, ବ୍ୟାଙ୍କ୍ ଜାତୀୟକରଣ, ରାଜାରାଜୁଡ଼ାଙ୍କ ହାତପାଣ୍ଠି ଉଚ୍ଛେଦ ଓ ୨୦ ଦଫା ଜନହିତକର କାର୍ଯ୍ୟକ୍ରମ ଭାରତର ବହୁବିଧ ଉନ୍ନତି ହୋଇ ପୃଥିବୀର ଏକ ପ୍ରଗତିଶୀଳ ରାଷ୍ଟ୍ର ରୂପେ ପରିଚିତ ହୋଇଛି । ପ୍ରଧାନମନ୍ତ୍ରୀ ଭି.ପି. ସିଂଙ୍କ ପଛୁଆବର୍ଗଙ୍କ ଉନ୍ନତି ପାଇଁ ସଂରକ୍ଷଣ ସାଂଗକୁ କିଛି ପ୍ରଗତିଶୀଳ ପଦକ୍ଷେପ ନିଆଯାଇଛି । ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଯୁବପିଢ଼ିଙ୍କୁ ଉତ୍ସାହିତ କରାଇବା ପାଇଁ ଓ ନାରୀ ଜାତିକୁ ଦେଶ ଚଳାଇବାରେ ଭାଗିଦାରୀ କରିବା ପାଇଁ ୧୮ ବର୍ଷରୁ ଭୋଟଦାନର ଅଧିକାର, ନାରୀମାନଙ୍କ ପାଇଁ ୩୫ ଭାଗ ସଂରକ୍ଷଣ ଓ ସୂଚନା ଅଧିକାର ବିଜ୍ଞାନ ଆଦି ଦେଶର ଅଗ୍ରଗତି ଦିଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିଲା । ମନମୋହନ ସିଂ, ନରସିଂହ ରାଓ ଓ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଜଗତିକରଣ, ଅର୍ଥନୈତିକ ଓ ବାଣିଜ୍ୟିକ, ଗମନାଗମନ ଆଦି ଉନ୍ନତିକରଣ କରାଯାଇ ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ର ରୂପେ ଦେଶ ବିଦେଶରେ ପରିଚିତ କରାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅର୍ଥନୈତିକ ବିନିଯୋଗ, କଳାଧନର ଉଦ୍ଧାର ଓ ବିଦେଶରେ ଭାରତକୁ ଏକ ପ୍ରଗତିଶୀଳ ରାଷ୍ଟ୍ର ରୂପେ ପରିଗଣିତ କରିବା ଲକ୍ଷ୍ୟ ସ୍ୱାଗତଯୋଗ୍ୟ ।

ସ୍ୱାଧୀନତା ପରେ ଭାରତର ବିଭିନ୍ନ ଦିଗରେ ଉନ୍ନତି ସାଙ୍ଗକୁ ଓଡ଼ିଶାରେ ହୀରାକୁଦ, ଇନ୍ଦ୍ରାବତୀ, ମାଛକୁଣ୍ଡ ଓ ରେଙ୍ଗାଲି ଭଳି ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ନିବେଶ ହୋଇଥିବା, ଝାରସୁଗୁଡ଼ାର ଥର୍ମାଲ ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରି ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ଓଡ଼ିଶା ଭାରତରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଜଳସେଚନର ସୁଯୋଗ ନେଇ କୃଷିର ଉନ୍ନତି ସାଙ୍ଗକୁ ଉତ୍ପାଦନ ବୃଦ୍ଧି କରିଛି । ହୀରାକୁଦ, ରାଉରକେଲା, ଦାମନ୍‌ଯୋଡ଼ି, ଅନୁଗୁଳ, କଳିଙ୍ଗନଗର ଇତ୍ୟାଦି ବିଭିନ୍ନ ସ୍ଥାନରେ ବୃହତ୍ ଶିଳ୍ପ ରାଷ୍ଟ୍ରୀୟ ସ୍ତରରେ ସ୍ଥାପନ କରାଯାଇ ଶିଳ୍ପ ଉନ୍ନତି ସାଙ୍ଗକୁ ବେକାରୀ ସମସ୍ୟା ଦୂର ପାଇଁ ଚେଷ୍ଟା କରାଯାଇଛି । ପାରାଦୀପ, ଗୋପାଳପୁର ବନ୍ଦର ଓ ସଂଲଗ୍ନ ବୃହତ୍ ଶିଳ୍ପ ରାଜ୍ୟ ଉପକୂଳର ବିକାଶ ସ୍ୱାଗତଯୋଗ୍ୟ । ବେସରକାରୀ ଭାବରେ ଟାଟା, ଜିନ୍ଦଲ, ବିରଳା, ବେଦାନ୍ତ, ଇଙ୍ଫା ଆଦି ବହୁ ଦେଶ ବିଦେଶର ପୁଞ୍ଜି ନିବେଶକାରୀ ଓଡ଼ିଶାରେ ଶିଳ୍ପ ସ୍ଥାପନ କରି ଖଣିଜ ପଦାର୍ଥର ସଦ୍‌ବିନିଯୋଗ କରିଛନ୍ତି । ପ୍ରତିରକ୍ଷା ବିଭାଗ ତରଫରୁ ଚିଲିକା ନୌସେନା ଶିକ୍ଷାକେନ୍ଦ୍ର ସ୍ଥାପନ ସାଙ୍ଗକୁ ଗୋଲାବନ୍ଧ, ଚାନ୍ଦିପୁର ପରି ସ୍ଥାନରେ କ୍ଷେପଣାସ୍ତ୍ର ତିଆରି ଓ ପରୀକ୍ଷଣ କେନ୍ଦ୍ର, ସୁନାବେଡ଼ାରେ ବିମାନ ଯନ୍ତ୍ରାଂଶ ତିଆରି କାରଖାନା ପରି ବହୁ ଛୋଟବଡ଼ ଶିଳ୍ପ ସ୍ଥାପନ କରାଯାଇ ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାକୁ ଏକ ମୁଖ୍ୟ ରାଜ୍ୟରେ ପରିଣତ କରାଯାଇଛି ।

ଶିଳ୍ପ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶା ପଛୁଆ ଥିବା ପରିଲକ୍ଷିତ ହୋଇଛି । ଭାରତର ବହୁବିଧ ଉନ୍ନତି ଓ ଅଗ୍ରଗତି ହୋଇଥିଲେ ମଧ୍ୟ ଆହୁରି ବହୁତ ଉନ୍ନତି ସାଙ୍ଗକୁ ବେକାରୀ ଦୂରୀକରଣ, ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ସଂଗେ ସଂଗେ ଗରିବୀ ଦୂର କରିବା ପାଇଁ ବିଭିନ୍ନ ଯୋଜନା ଦେଶ ଓ ରାଜ୍ୟ ସରକାର କରୁଛନ୍ତି କିନ୍ତୁ ତାହାର ସଫଳ ରୂପାୟନ ହୋଇପାରୁନାହିଁ । ଭ୍ରଷ୍ଟାଚାର, ଦୁର୍ନୀତି, ଧନୀ-ଗରିବ ଭିତରେ ଅର୍ଥନୈତିକ ତାରତମ୍ୟ ଆଜି ବି ଦେଖାଦେଇଛି । ସମ୍ବିଧାନରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କୃଷକର ଉନ୍ନତି, ଖାଦ୍ୟସୁରକ୍ଷା, ସୂଚନା ଅଧିକାର ପରି ବହୁ ନୀତିନିୟମ ଥିଲେ ମଧ୍ୟ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଓ କାର୍ଯ୍ୟ କରିବାର ତରିକା ଲୋକାଭିମୁଖୀ ହୋଇପାରୁ ନଥିବାରୁ ଜାତିର ପିତା ମହାତ୍ମା ଗାନ୍ଧିଙ୍କ ରାମରାଜ୍ୟ ପରିକଳ୍ପନା ଆଜି ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ପ୍ରତିଫଳିତ ହୋଇପାରୁନାହିଁ । ଆସନ୍ତୁ ସମସ୍ତେ ମିଶି କିଛି ଲୋକସେବକ ସାମାଜିକ ଅନୁଷ୍ଠାନ ସହ ହାତ ମିଶାଇ ଦେଶ, ରାଜ୍ୟ ଓ ଅଞ୍ଚଳର ଉନ୍ନତି କରିବା । ବନ୍ଦେ ମାତରମ୍ । ଜୟ ଜଗନ୍ନାଥ ।

-୦-

ସମାଜସେବୀ, ରମ୍ଭା, ଗଂଜାମ



# କାଳଜୟୀ ପ୍ରମୁଖ ବୈଜ୍ଞାନିକ

ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ପୃଥିବୀର ବିଭିନ୍ନ ସଭ୍ୟତା, ସଂସ୍କୃତି ଓ ଗ୍ରନ୍ଥ ସମୂହକୁ ଯଦି ପୁଙ୍ଖାନୁପୁଙ୍ଖ ଭାବେ ଅନୁଶୀଳନ କରାଯାଏ; ତେବେ 'ବେଦ' ସବୁଠାରୁ ଅତି ପ୍ରାଚୀନ ଗ୍ରନ୍ଥ ଭାବେ ସୁପରିଚିତ, ଏହା ନିର୍ବିବାଦରେ କୁହାଯାଇପାରିବ । କାରଣ ବିବିଧ ଗ୍ରନ୍ଥଙ୍କ ରଚନା ସଂପର୍କରେ ଆମେ ଜାଣୁ କିନ୍ତୁ ବେଦ 'ଅ ପୌରୁଷେୟ' ଆମର ବିଶ୍ୱାସ ସୃଷ୍ଟିକର୍ତ୍ତା ବ୍ରହ୍ମା ହିଁ ଏହାକୁ ଜନସମାଜର ମଙ୍ଗଳ କାମନା ଓ ଶୃଙ୍ଖଳିତ ଜୀବନଯାପନ ସକାଶେ ରଚନା କରିଥିଲେ । ବେଦରେ ପ୍ରାଚୀନ ଭାରତୀୟ ସଭ୍ୟତା, ସଂସ୍କୃତି, ବିଜ୍ଞାନ ଆଦି ଅନେକ ତଥ୍ୟ ସମ୍ପର୍କରେ ଆମେ ସୂଚନା ପାଇଥାଉ । ବେଦର ବିବିଧ ପ୍ରସଙ୍ଗ, ବିଷୟ ବିଭାଜନ ଅନୁଯାୟୀ 'ରାମାୟଣ' ଓ 'ମହାଭାରତ' ହେଉଛି ଏକ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଇତିହାସ । କିନ୍ତୁ ଦୀର୍ଘ ବର୍ଷର ପରାଧୀନତା ଓ ଧର୍ମଧାରଣାର ପ୍ରବଳ ପ୍ରଭାବ ଯୋଗୁଁ ଅନେକ ବର୍ଷ ପର୍ଯ୍ୟନ୍ତ 'ବେଦ'ଙ୍କ ତଥ୍ୟଗୁଡ଼ିକ କେବଳ 'ମନ୍ତ୍ର' ପୂଜାପାଠ ଓ ବିଶ୍ୱାସ ମଧ୍ୟରେ ସୀମିତ ଥିଲା । କିନ୍ତୁ ଏହାର ଅନ୍ତଃର୍ନିହିତ ସୂଚନାକୁ ଆଧାର କରି ପ୍ରାଚୀନ ମହାମନିଷୀମାନଙ୍କ ଦ୍ୱାରା ରଚିତ ଗଣିତ, ବିଜ୍ଞାନ, ବୈଷୟିକ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା (ବିବିଧ ସୂକ୍ତ ଓ ମନ୍ତ୍ରମାନଙ୍କ ମଧ୍ୟରେ ପ୍ରକାଶିତ ତଥ୍ୟ) ଆଦିର ବିବିଧ ତଥ୍ୟ ଓ ତତ୍ତ୍ୱ ସମ୍ବଳିତ ଗ୍ରନ୍ଥ ପ୍ରାୟ ପାଞ୍ଚହଜାରରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ରଚିତ ହୋଇଥିଲା ।

ସର୍ବପ୍ରଥମେ 'କଣଦ'ଙ୍କ ଉଦ୍ୟମରେ ବେଦ ମଧ୍ୟସ୍ଥ ପରମାଣୁ ତତ୍ତ୍ୱର ବିଶଦ ବ୍ୟାଖ୍ୟା ତାଙ୍କ ରଚିତ 'ବୈଶେଷିକ ସୂକ୍ତ' ଗ୍ରନ୍ଥରେ ପ୍ରକାଶିତ ହୋଇଥିଲା । ବେଦ ସମୂହର ପ୍ରତ୍ୟେକ ମନ୍ତ୍ର ଓ ସୂକ୍ତଗୁଡ଼ିକୁ ବିଶ୍ଳେଷଣ କରି ଲୁକ୍କାୟିତ ଥିବା ବିଜ୍ଞାନର ତତ୍ତ୍ୱ ସମୂହକୁ ସେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ସର୍ବାଙ୍ଗୀନ ଉନ୍ନତିର ବ୍ୟାଖ୍ୟା କରିବାକୁ ଯାଇ କହିଥିଲେ 'ଯତୋଽଭ୍ୟୁଦୟ ନିଃଶ୍ରେୟସ୍ ସିଦ୍ଧିଃ ସ ଧର୍ମଃ' ଅର୍ଥାତ୍ ଯାହା ମାଧ୍ୟମରେ ଅଭ୍ୟୁଦୟ ତଥା ଭୌତିକ ଦୃଷ୍ଟି ଓ ନିଃଶ୍ରେୟସ୍ ଅର୍ଥାତ୍ ଆଧ୍ୟାତ୍ମିକ ଦୃଷ୍ଟିରୁ ସମସ୍ତ ପ୍ରକାର ଉନ୍ନତି ପ୍ରାପ୍ତ ହୁଏ ତାହାକୁ 'ଧର୍ମ' କୁହାଯାଏ । ପରବର୍ତ୍ତୀ ସମୟରେ ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ, ପତଞ୍ଜଳୀ, ମହାମୁନି ପରାଶର (ଉଦ୍ଭିଦ ଶାସ୍ତ୍ର ସମ୍ବନ୍ଧିତ 'ବୃକ୍ଷ ଆୟୁର୍ବେଦ') ରସାୟନଶାସ୍ତ୍ରବିତ୍‌ଙ୍କ ମଧ୍ୟରେ ନାଗାର୍ଜୁନ, ବାଗଭଟ୍ଟ, ଗୋବିନ୍ଦାଚାର୍ଯ୍ୟ, ଯଶୋଧର, ରାମଚନ୍ଦ୍ର, ସୋମଦେବ, ସ୍ଥାପତ୍ୟ ଶାସ୍ତ୍ର ପାଇଁ ମହର୍ଷି ଭୃଗୁ, ମହାକାଶବିଜ୍ଞାନ ପାଇଁ ଭାସ୍କରାଚାର୍ଯ୍ୟ, ସିଦ୍ଧାନ୍ତ ଶିରୋମଣି ଗଣିତଶାସ୍ତ୍ର ପାଇଁ ଆର୍ଯ୍ୟଭଟ୍ଟ, ଭାସ୍କରାଚାର୍ଯ୍ୟ, ଶ୍ରୀଧର, କାତ୍ୟାୟନ, ବ୍ରହ୍ମଗୁପ୍ତ, ବହର୍ଷି ଚ୍ୟବନ, ନୌକାଶାସ୍ତ୍ର ପାଇଁ 'ଯୁକ୍ତ କଳ୍ପତରୁ ଗ୍ରନ୍ଥ' ବିଭିନ୍ନ ଉପନିଷଦ, ବ୍ରାହ୍ମଣ ଗ୍ରନ୍ଥ, ସଂହିତା, ଆହ୍ନିକ ସୂତ୍ର, ବୈଶେଶିକ ସୂତ୍ର ଭଳି ସୂତ୍ର ଗ୍ରନ୍ଥ, ବାଲ୍ମୀକି ବିରଚିତ ରାମାୟଣର ରାମସେତୁ, ପୁଷ୍ପକ ବିମାନ, ରଥରେ ବସି ଶନିଗ୍ରହକୁ ଯାତ୍ରା, ବ୍ୟାସ ବିରଚିତ ମହାଭାରତର ସୌର ବିମାନ, ଯନ୍ତ୍ରଚାଳିତ ଜଳଜାହାଜ, ରାଜା ନଳଙ୍କ ଦ୍ୱାରା ଚାଳିତ ବିଶ୍ୱର ଦ୍ରୁତତମ ଗତିରେ ଚାଲୁଥିବା ଯାନ ଆଦି ବିଭିନ୍ନ ମହାମନିଷୀଙ୍କ ଦ୍ୱାରା ଶାସ୍ତ୍ରଗୁଡ଼ିକରେ ବିଜ୍ଞାନର ତତ୍ତ୍ୱ ସମୂହ ଲୁକ୍କାୟିତ ହୋଇ ରହିଛି ।

ଆଧୁନିକ ଯୁଗରେ ବେଦ, ପୁରାଣ, ଇତିହାସ ଓ ଉଲ୍ଲିଖିତ ମନିଷୀମାନଙ୍କ ଶାସ୍ତ୍ରଗୁଡ଼ିକୁ ଧାର୍ମିକ ଗ୍ରନ୍ଥ ମନେ କରାଯାଇ ତତ୍ ସମ୍ପର୍କୀୟ ଗବେଷଣା ଓ ଅନୁସନ୍ଧାନ ମୂଳକ କାର୍ଯ୍ୟ କରାଗଲା ନାହିଁ । ଯେଉଁ ପାଶ୍ଚାତ୍ୟ ବୈଜ୍ଞାନିକ ତଥା ଚିନ୍ତାନାୟକମାନେ ଭାରତର ହୃଦୟକୁ ଚିହ୍ନି ପାରିଥିଲେ ସେମାନଙ୍କ ମଧ୍ୟରୁ ବିଖ୍ୟାତ ପରମାଣୁ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଥିଲେ- "Indians taught the world how to count without which no worth while scientific discovery could have been made Vedas, Upanisadas and other valuable epics of India is not simple Hindu sacred books, these books and volumes are containing 'High Notions of Science and Human value." ସେହିପରି ଅନ୍ୟତମ ପାଶ୍ଚାତ୍ୟ ଦାର୍ଶନିକ ମାର୍କ ଟ୍ୱାଇନ୍ କହିଥିଲେ "ଭାରତ ଏକ ଆଧ୍ୟାତ୍ମିକ ଭୂମି, ମାନବ ଜାତିର ପାଳନକର୍ତ୍ତା, ଭାଷାର ଜନ୍ମଭୂମି, ଇତିହାସର ମାତା, ପୁରାଣମାନଙ୍କର ଜେଜୀ ଏବଂ ପରମ୍ପରା ମାନଙ୍କ ଅତିଜେଜୀ ଅଟେ । ମନୁଷ୍ୟର ଇତିହାସରେ ଯାହାକିଛି ମୂଲ୍ୟବାନ

ତଥା ସୃଜନଶୀଳ ସାମଗ୍ରୀ ଅଛି, ତାହାର ଭଣ୍ଡାର ଖାଲି ଭାରତ ବର୍ଷରେ ହିଁ ରହିଛି । ଏହା ଏପରି ଭୂମି ଯାହାର ଦର୍ଶନ ପାଇଁ ସମସ୍ତେ ଲାଳାୟିତ ରହନ୍ତି ଓ ଏହାର ସାମାନ୍ୟତମ ଦୃଶ୍ୟ ତଥ୍ୟ ସାମ୍ନାରେ ନାଚିଗଲେ ସାରା ଦୁନିଆର ବାକି ସବୁ ଦୃଶ୍ୟ ବଦଳରେ ମଧ୍ୟ ତାକୁ ଛାଡ଼ିବା ପାଇଁ କେହି ପ୍ରସ୍ତୁତ ହୋଇପାରନ୍ତି ନାହିଁ ।

କେବଳ ସେତିକି ନୁହ, ପ୍ରତ୍ନତାତ୍ତ୍ୱିକ ଖନନ ପରେ ଉଦ୍ଧାର କରାଯାଇଥିଲା ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତା କିମ୍ବା ଅହମ୍ମଦାବାଦ ବା ପ୍ରାଚୀନ 'କର୍ଣ୍ଣବତୀ' ସହରର ୮୦ କି.ମି. ଦୂରରେ ସଂପ୍ରତି ଉଦ୍ଧାର କରାଯାଇଥିବା ଏକ ସହରର ଭଗ୍ନାବଶେଷ ପ୍ରାଚୀନ ଭାରତୀୟମାନଙ୍କ ବୈଜ୍ଞାନିକ ଧାରଣା ସଂପର୍କରେ ଜଣାପଡ଼େ । ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ଗଢ଼ି ଉଠିଥିବା ସହର ଗୁଡ଼ିକର ଗଠନ ପ୍ରଣାଳୀ, ବ୍ୟବହୃତ ବିଭିନ୍ନ ଉପକରଣ, ପୋଡ଼ାଇଟା ପ୍ରସ୍ତୁତି, ନିଷ୍କାସନ ବ୍ୟବସ୍ଥା, ସ୍ନାନାଗାର, ମନୋରଞ୍ଜନସ୍ଥଳୀ, କ୍ରୀଡ଼ାସ୍ଥଳୀ ଆଦିରୁ ସେ ସମୟର ବୈଷୟିକ ଜ୍ଞାନ କୌଶଳ କେତେ ଉଚ୍ଚକୋଟୀର ଥିଲା ତାହା ପ୍ରମାଣିତ କରୁଛି । ବିଜ୍ଞାନକୁ ସର୍ବଦା ମଣିଷ ନିଜ ସ୍ୱଚ୍ଛଳ ସହଜ ଜୀବନଧାରଣ ତଥା ସୁରକ୍ଷା ପାଇଁ ଯୁଗେ ଯୁଗେ ବ୍ୟବହାର କରି ଆସିଛି । ବିଜ୍ଞାନର ଅଭିବୃଦ୍ଧି ବିନା ଏପରି ସମୃଦ୍ଧ ଓ ବିକଶିତ ସଭ୍ୟତା କେବେବି ସମ୍ଭବପର ନୁହେଁ । ଯଦିଓ ଅଜ୍ଞତା ବଶତଃ ଆମେ ଅତୀତର ସେଇ ବୈଜ୍ଞାନିକ ଦୃଷ୍ଟିକୋଣକୁ ଯଥେଷ୍ଟ ଗୁରୁତ୍ୱ ଦେଇ ନଥିଲେ ମଧ୍ୟ ଆଧୁନିକ ଭାରତ ନିର୍ମାଣରେ ଯେଉଁ ବୈଜ୍ଞାନିକମାନଙ୍କ ପ୍ରମୁଖ ଭୂମିକା ରହିଛି ସେମାନେ ଅତୀତର ସେଇ ପୃଷ୍ଠଭୂମି ଉପରେ ହିଁ ଅନୁଶୀଳନ ଓ ଅନୁସନ୍ଧାନ କରି ସଫଳ ହୋଇ ନୋବେଲ୍ ପୁରସ୍କାର ପାଇବାରେ ସକ୍ଷମ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୯୮୩ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିବା ସୁବ୍ରମଣ୍ୟମ ଚନ୍ଦ୍ରଶେଖର , ଉଦ୍ଭିଦ ବନ୍ଧୁ ଜଗଦୀଶ ଚନ୍ଦ୍ର, ନ୍ୟଷ୍ଟୀୟ ଭୌତିକ ବିଜ୍ଞାନୀ (Nuclear Physics) ମେଘନାଦ ଶାହା, ଶିକ୍ଷକ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା (ଉଦ୍ଭିଦ), ବିଜ୍ଞାନ ଶାଳାର ମଣିଷ ଶାନ୍ତିସ୍ୱରୂପ ଭଟ୍ଟନାଗର (ରସାୟନବିତ୍), ନୋବେଲ୍ ବିଜେତା (ପ୍ରଥମ ଭାରତୀୟ) ୧୯୩୦ ଚନ୍ଦ୍ରଶେଖର ଭେଙ୍କଟରମଣ, ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ, ମହାକାଶ ବିଜ୍ଞାନୀ ବିକ୍ରମ ଅମ୍ବାଲାଲ ସରାଭାଇ, ପରମାଣୁ ପୁରୁଷ ଡକ୍ଟର ଭାବା (ବିଭବଶାଳୀ ପାର୍ସି ପରିବାରରେ ଜନ୍ମ), ଡି.ଏନ୍.ଏ. ତତ୍ତ୍ୱ ବିଶାରଦ ହରଗୋବିନ୍ଦ ଖୁରାନା, ଆକାଶର ବିହଙ୍ଗ କଳ୍ପନା ଚାୱ୍ଲା, କ୍ଷେପଣାସ୍ତ୍ରର ଜନ୍ମଦାତା ଅବଦୁଲ କଲାମ, ସଂଖ୍ୟାତତ୍ତ୍ୱ (ଗଣିତ) ବିଶେଷଜ୍ଞ ଦତ୍ତାତ୍ରେୟ ରାମଚନ୍ଦ୍ର କାପ୍ରେକର (ମହାରାଷ୍ଟ୍ରୀ), ଗଣିତଜ୍ଞ ରାମାନୁଜନ୍, ପଦାର୍ଥ ବିଜ୍ଞାନୀ କାରିଆମାଣିକମ୍ ଶ୍ରୀନିବାସ କ୍ରିଷ୍ଣନ୍, କେ. କସ୍ତୁରୀ ରଙ୍ଗନ, ରାସାୟନିକ ଶିଳ୍ପର ଜନକ ଆଚାର୍ଯ୍ୟ ମୋଶାୟ, ତାପ ସଞ୍ଚାଳନ ବିଶେଷଜ୍ଞ ସତ୍ୟେନ୍ଦ୍ର ନାଥ ବୋଷ, ଭାରତରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟ (ଇଂଜିନିୟର) ପ୍ରମୁଖଙ୍କ ନବଭାରତ ନିର୍ମାଣରେ ଯଥେଷ୍ଟ ଭୂମିକା ରହିଛି । ନିମ୍ନରେ କେତେକ ବୈଜ୍ଞାନିକଙ୍କ କୃତି ଓ କୀର୍ତ୍ତି ସଂପର୍କରେ ଆଲୋଚନା କରାଗଲା ।

**ମହର୍ଷି ଚ୍ୟବନ ଓ ରସାୟନଶାସ୍ତ୍ର:**

ରସାୟନଶାସ୍ତ୍ର, ଧାତୁ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନ ସହ ଜଡ଼ିତ । ଆଧୁନିକ ଯୁଗରେ ଅତୀତର ଗୌରବ ଗାରିମାକୁ ପ୍ରସିଦ୍ଧ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ 'ହିନ୍ଦୁ କେମେଷ୍ଟ୍ରୀ' ଗ୍ରନ୍ଥରେ ପୁଙ୍ଖାନୁପୁଙ୍ଖ ଭାବେ ଲୁପ୍ତ ଶାସ୍ତ୍ରକୁ ଲୋକଲୋଚନକୁ ଆଣିଥିଲେ । ରସାୟନ ଶାସ୍ତ୍ର ଏକ ପ୍ରୟୋଗାତ୍ମକ ବିଜ୍ଞାନ ପରିପାର୍ଶ୍ୱରେ ଥିବା ଖଣିଜ ଦ୍ରବ୍ୟ, ବୃକ୍ଷଲତା, କୃଷିଜାତ ଦ୍ରବ୍ୟ, ବିବିଧ ଗୁଳ୍ମ ଆଦିର ବ୍ୟବହାର ମାଧ୍ୟମରେ ଜାତି ଜାତିକା ଦ୍ରବ୍ୟ ଉତ୍ପାଦନ, ବିଭିନ୍ନ ରସ ମିଶ୍ରଣ, ଧାତୁ ପ୍ରସ୍ତୁତି ଓ ସେମାନଙ୍କ ରାସାୟନିକ ଗୁଣରୁ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଅତ୍ୟାବଶ୍ୟକ ଔଷଧ ପ୍ରସ୍ତୁତି ବିଷୟରେ ପ୍ରାଚୀନ ଭାରତୀୟ ବିଜ୍ଞ ବ୍ୟକ୍ତିମାନେ ଗହନ ଚିନ୍ତା କରି ବିବିଧ ପୁସ୍ତକ ରଚନା କରିଛନ୍ତି । ରସାୟନବିତ୍‌ଙ୍କ ମଧ୍ୟରେ ନାଗାର୍ଜୁନଙ୍କ ରସ ରତ୍ନାକର କକ୍ଷପୁଟ ତନ୍ତ୍ର, ଆରୋଗ୍ୟ ମଞ୍ଜରୀ, ଯୋଗସାର ଓ ଯୋଗାଷ୍ଟକ, ବାଗ୍‌ଭଟ୍ଟଙ୍କ ରସ ରତ୍ନ ସମୁଚ୍ଚୟ, ଗୋବିନ୍ଦାଚାର୍ଯ୍ୟଙ୍କ ରସାର୍ଣ୍ଣବ, ଯଶୋଧାରାଙ୍କ ରସପ୍ରକାଶ ସୁଧାକର, ରାମଚନ୍ଦ୍ରଙ୍କ 'ରସେନ୍ଦ୍ର ଚିନ୍ତାମଣି', ସୋମଦେବଙ୍କ 'ରସେନ୍ଦ୍ର ଚୁଡ଼ାମଣି' ଆଦି ପ୍ରଧାନ । ବିବିଧ ପୁସ୍ତକ ମଧ୍ୟରୁ ବାଗ୍‌ଭଟ୍ଟଙ୍କ 'ରସରତ୍ନ ଶମୁଚ୍ଚୟ'କୁ ଶ୍ରେଷ୍ଠ ରସାୟନ (Chemical) ଗ୍ରନ୍ଥର ସ୍ୱୀକୃତି ଦିଆଯାଇଛି । ନିଜ ପୁସ୍ତକରେ ସେ ପ୍ରୟୋଗଶାଳାରେ ତାହାର ବ୍ୟବହାର, ରସ ସମୂହର ପ୍ରକାରଭେଦ, ପ୍ରାଚୀନ ପଦ୍ଧତିର ବିବିଧ ଯନ୍ତ୍ର ସମୂହ ଆଦି ଉପରେ ବିଶ୍ଳେଷଣ କରିଛନ୍ତି । ପରବର୍ତ୍ତୀ ସମୟରେ ଚରକ, ଶୁଶ୍ରୁତ, ମହର୍ଷି ଚ୍ୟବନ ଆଦି ନିଜ ଗବେଷଣା ଜରିଆରେ ସୁସ୍ଥ ଶରୀର ପାଇଁ ବିଭିନ୍ନ ଔଷଧ ପ୍ରସ୍ତୁତ କରିଥିଲେ । ନିମ୍ନରେ ମହର୍ଷି ଚ୍ୟବନଙ୍କ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରାଗଲା ।

ପ୍ରାଚୀନ ଭାରତୀୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସମ୍ଭବତଃ ମହର୍ଷି ଚ୍ୟବନ ପ୍ରଥମ ଚିକିତ୍ସକ ଓ ରସାୟନଶାସ୍ତ୍ରୀ । ସେ ସର୍ବପ୍ରଥମେ ନିଜ ଅନୁଭବ ଅନୁଶୀଳନ ଓ ଗବେଷଣା ଜରିଆରେ ମାନବ

ଶରୀରରେ ଘଟୁଥିବା ବିକୃତି ତଥା ରୋଗ, ସେଗୁଡ଼ିକର ସଠିକ କାରଣ, ରୋଗ ନିରୂପଣ ଆଦି କରିବାରେ ବିଶ୍ୱ ସମୁଦାୟର ପ୍ରଥମ ବୈଜ୍ଞାନିକ ବୋଲି କୁହାଯାଇ ପାରିବ । ସେହି ମହାନ ବୈଜ୍ଞାନିକ ପିତାଙ୍କ ନାମ ମହର୍ଷି ଭୃଗୁ ଓ ମାତାଙ୍କ ନାମ ପୁଲେମା । ମନୁଙ୍କ ପୁତ୍ରୀ ଆରୁଷୀ ପ୍ରଥମ ପତ୍ନୀ ଓ ଦ୍ୱିତୀୟ ପତ୍ନୀ ରାଜା ଶର୍ଯ୍ୟାତୀଙ୍କ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ସୁକନ୍ୟା । ଆରୁଷୀଙ୍କ ପୁତ୍ର ମହର୍ଷି 'ଧ୍ରୁବ' ଓ ସୁକନ୍ୟାଙ୍କ ପୁତ୍ର ମହଷି ପ୍ରମତି । ସେ ପରିସ୍ଥିତିର ଚାପରେ ପଡ଼ି ସୁକନ୍ୟାଙ୍କୁ ବିବାହ କରିଥିବା ଜଣାଯାଏ । ଚ୍ୟବନଙ୍କ ଗୁରୁ ଥିଲେ ସ୍ୱର୍ଗବୈଦ୍ୟ ଅଶ୍ୱିନୀ କୁମାର । ବୟସ ହେତୁ ବୃଦ୍ଧାବସ୍ଥା ଗ୍ରାସ କରିବାରୁ ମହର୍ଷି ଏହାର ମୁକ୍ତି ପାଇଁ ପ୍ରଗାଢ଼ ତପସ୍ୟା କରିବାକୁ ଲାଗିଲେ । ଦୀର୍ଘକାଳ ତପସ୍ୟା ଯୋଗୁଁ ତାଙ୍କ ଉପରେ ଉଇହୁଙ୍କା ଓ ଲତାଗୁଳ୍ମାଦି ଆଚ୍ଛାଦିତ ହୋଇଗଲା । ବାହାରକୁ କେବଳ ଦୁଇ ଚକ୍ଷୁ ଯୁଗଳ ଦେଖାଯାଉଥାଏ । ରାଜା ଶର୍ଯ୍ୟାତିଙ୍କ କନ୍ୟା ସୁକନ୍ୟା ସଖୀମାନଙ୍କ ସହ ବନବିହାର କରୁଥିବା ସମୟରେ ଉଜ୍ଜ୍ୱଳ ଦେଖାଯାଉଥିବା ଚକ୍ଷୁଯୁଗଳକୁ କୌତୁହଳ ବଶତଃ ଗୋଟିଏ କଣ୍ଟା ସାହାଯ୍ୟରେ ଖେଞ୍ଚି ଦେଲା । ଚ୍ୟବନ ଯନ୍ତ୍ରଣା ଜର୍ଜରିତ ହୋଇ କ୍ରୋଧବଶତଃ ତପସ୍ୟା ବଳରେ ଶର୍ଯ୍ୟାତିଙ୍କ ସମସ୍ତ ସୈନ୍ୟମାନଙ୍କ ମଳ ମୂତ୍ରାବରୋଧ କରିଦେଇଥିଲେ । ଶର୍ଯ୍ୟାତିଙ୍କ କ୍ଷମା ପ୍ରାର୍ଥନା ଓ ଅନୁନୟ ବିନୟ ପରେ ସୈନ୍ୟମାନଙ୍କୁ କଷ୍ଟରୁ ମୁକ୍ତି ଦେଇ ସୁକନ୍ୟାଙ୍କୁ ପତ୍ନୀ ରୂପରେ ଗ୍ରହଣ କରିଥିଲେ । ପରେ ସ୍ୱର୍ଗ ବୈଦ୍ୟ ଅଶ୍ୱିନୀ କୁମାରଙ୍କ ଆଶୀର୍ବାଦରେ ସେ ନିଜ ଯୁବକତ୍ୱ ଫେରି ପାଇଥିଲେ ।

ଚ୍ୟବନଙ୍କ ବିବିଧ ଗ୍ରନ୍ଥ ଅନୁଶୀଳନ ଓ ଗବେଷଣାରୁ ନିଶ୍ଚିତ ହେଲା ଯେ ଶରୀର ମଧ୍ୟସ୍ଥ ମାଂସପେଶୀମାନଙ୍କ ସ୍ପନ୍ଦନ ଯୋଗୁଁ ହେଉଥିବା ଶାରୀରିକ ବିକୃତି ହେଉଛି ରୋଗ ଏବଂ ସେଗୁଡ଼ିକର ନିରାକରଣ ଉପାୟକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରି ସ୍ୱତନ୍ତ୍ର ଔଷଧ ପ୍ରଥମେ ଆବିଷ୍କାର କରିଥିଲେ । ଅନେକ ରୋଗର କାରଣକୁ ସେ ମଳମୂତ୍ର ରୋଧ ଦ୍ୱାରା ହୁଏ ଏବଂ ଋତୁ ପରିବର୍ତ୍ତନ ଯୋଗୁଁ ବିଶ୍ୱ ବାତାବରଣରେ ଘଟୁଥିବା ପ୍ରତିକ୍ରିୟା ଯୋଗୁଁ ମଧ୍ୟ ସାମୟିକ ଶାରୀରିକ ବିକୃତି ଘଟେ ବୋଲି ପ୍ରକାଶ କରିଥିଲେ । ଯୋଗ, ବ୍ୟାୟାମ, ଆସନ, ପ୍ରାଣାୟାମ ଆଦି ଦ୍ୱାରା ଶରୀର ଶରୀରକୁ ରକ୍ଷା କରେ ଓ ରୋଗ ପ୍ରତିରୋଧକାରୀ ଶକ୍ତି ସଦାସର୍ବଦା ଶରୀର ମଧ୍ୟରେ କାର୍ଯ୍ୟକ୍ଷମ ଥାଏ ବୋଲି ସେ ପ୍ରମାଣ କରି ଦେଖାଇଥିଲେ । ବର୍ତ୍ତମାନ ଯୁଗରେ ମଧ୍ୟ ବୈଜ୍ଞାନିକମାନେ ଶରୀର ମଧ୍ୟର ପ୍ରତିରୋଧକ ଶକ୍ତି କଥା ପ୍ରମାଣ କରି ଆସିଛନ୍ତି । ଏହି ଶକ୍ତିର ବ୍ୟତିକ୍ରମ ବା ସନ୍ତୁଳନ ଠିକ୍ ନ ରହିଲେ ଶରୀର ରୋଗଗ୍ରସ୍ତ ହୁଏ ବୋଲି ଏହା ଏକ ସର୍ବମାନ୍ୟ ସୈଦ୍ଧାନ୍ତିକ ସତ୍ୟ ବୋଲି ପ୍ରମାଣ ହୋଇସାରିଛି । ଯାହାକୁ ମହର୍ଷି ଚ୍ୟବନ ହିଁ ସର୍ବପ୍ରଥମେ ସ୍ୱ ଅଧ୍ୟବସାୟ ଓ ଗବେଷଣା ଦ୍ୱାରା ବାୟୁ, ଜଳ ଓ ଖାଦ୍ୟ ମାଧ୍ୟମରେ ରୋଗ ସଂକ୍ରମଣ କରିଥାଏ ବୋଲି କହିଥିଲେ । ଏହାର ନିରାକରଣ ସକାଶେ ଦୀର୍ଘଦିନ ଗବେଷଣା କରି ଯେଉଁ ସ୍ୱତନ୍ତ୍ର ରସାୟନ ପ୍ରସ୍ତୁତ କରିଥିଲେ ତାହା ଆଜିର ଲୋକପ୍ରିୟ 'ଚ୍ୟବନପ୍ରାସ' ରୂପେ ବହୁ ପରିଚିତ ହୋଇପାରିଛି । ପ୍ରଥମେ ସେ ଏହି ରସାୟନକୁ ବହୁମୁଖୀ କାର୍ଯ୍ୟ ସମ୍ପାଦନ ନିମନ୍ତେ ସାମୟିକ ଭାବେ ଋତୁଜ ରୋଗ ଓ ବାୟୁ, ଜଳ ଓ ଖାଦ୍ୟ ଦ୍ୱାରା ସଂକ୍ରମିତ ହେଉଥିବା ରୋଗଗୁଡ଼ିକୁ ପ୍ରତିହତ କରିବା ସକାଶେ ପ୍ରୟୋଗ କରି ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରାଇଥିଲେ । ରସାୟନର ନିୟମିତ ବ୍ୟବହାର ଦ୍ୱାରା ସଂକ୍ରମିତ ରୋଗ ପ୍ରତିହିତ ହୁଏ ଏବଂ ପ୍ରତିରୋଧକ ଶକ୍ତି ବଢ଼ିବା ଦ୍ୱାରା ଶରୀର ରକ୍ଷାକାରୀ ତତ୍ତ୍ୱ ଏତେ ଶକ୍ତିଶାଳୀ ହୁଅନ୍ତି ଯେ ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ନକରାତ୍ମକ ଜୀବାଣୁ ନଷ୍ଟ ହୋଇଯାନ୍ତି । ଏହାଛଡ଼ା ମଳମୂତ୍ରର ସ୍ୱାଭାବିକ ନିର୍ଗମନ ହେବା ଦ୍ୱାରା ଶରୀର ସୁସ୍ଥ ଓ ନିରୋଗ ରହିବା ସହ ମାନସିକ ସ୍ଥିରତା ବୃଦ୍ଧି ଘଟିଥାଏ । ଏହି ଦୁଇ କ୍ରିୟା ପାଇଁ ଶରୀର ଅଭ୍ୟନ୍ତରସ୍ଥ ଦୁଇଟି ଯନ୍ତ୍ର ଯଥା ପାକସ୍ଥଳୀ ଓ ଯକୃତର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏହି ରସାୟନ ପାକସ୍ଥଳୀ ଓ ଯକୃତକୁ ସ୍ୱାଭାବିକ କ୍ରିୟାଶୀଳ କରାଇଥାଏ ଓ ନିରୋଗ ହୃଷ୍ଟପୁଷ୍ଟ ପାଇଁ ଆବଶ୍ୟକୀୟ (ଭିଟାମିନ୍) ଖାଦ୍ୟସାର ପ୍ରଦାନ କରେ । ସେ ଅନୁଭବ କରିଥିଲେ ଯେ ଏଗୁଡ଼ିକର ଅଭାବରୁ ହିଁ ଦୁର୍ବଳ ହୋଇ ରୋଗ ହୁଏ । ମହର୍ଷି ଚ୍ୟବନ ଏପରି ପୋଷକ ତତ୍ତ୍ୱ ମିଶ୍ରଣ କରିଥିଲେ ଯେ ସଂପୃକ୍ତ ରସାୟନ ଶରୀରର ଆବଶ୍ୟକ ଖାଦ୍ୟସାର ସହଜରେ ପୂରଣ କରିବ ଓ ନିରୋଗ ରଖିବ ।

ମଣିଷ ସବୁ ସମୟରେ ଦୀର୍ଘ ଜୀବନ ଓ ଯୌବନକୁ ସଂଚିତ କରି ରଖିବା ପାଇଁ ପ୍ରୟାସ ଜାରି ରଖିଛି । କିନ୍ତୁ ଏହାର ସରଳ ସମାଧାନ ପାଇଁ ସେ ବିଭିନ୍ନ ବନସ୍ପତି, ସ୍ୱର୍ଣ୍ଣାଦି ଧାତବ ଚୂର୍ଣ୍ଣ, ଜଡ଼ିବୁଟି ଆଦିର ଉପଯୁକ୍ତ ମିଶ୍ରଣ କରି ଯେଉଁ ମହୌଷଧି ପ୍ରସ୍ତୁତ କରିଥିଲେ ଯାହା ଆଜୀବନ ଯୁବାବସ୍ଥାକୁ ସାଇତି ରଖିବାରେ ସମର୍ଥ ହୋଇଥିଲେ ତାହା ହେଉଛି ଆଜିର ଲୋକପ୍ରିୟ ଚ୍ୟବନପ୍ରାସ ଓ ତତ୍ ସହ ଯନ୍ତ୍ରଣା ଉପଶମ ପାଇଁ ପ୍ରସ୍ତୁତ ବିବିଧ ଗୁଟିକା । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି ଆଜି ଆମେ ସ୍ୱଳ୍ପ ମୂଲ୍ୟରେ ପ୍ରସ୍ତୁତ ହେଉଥିବା ଔଷଧକୁ ଅଧିକ ଲାଭ ଆଶାରେ ଅପମିଶ୍ରଣ କରି ଚାଲିଛୁ । ସୁତରାଂ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ କରାଯାଇ ଉପଯୁକ୍ତ ତଦାରଖ

କରାଇପାରିଲେ 'ଆପଣା ହସ୍ତେ ଜିହ୍ୱାଛେଦୀ, କେ ଅଛି ତା'ର ପ୍ରତିବାଦୀ'ରୁ ମଣିଷ ରକ୍ଷା ପାଇପାରନ୍ତା ।

**ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା:**

ବୈଦିକ କାଳରୁ ଭାରତବର୍ଷରେ ପ୍ରକୃତିର ଉପଯୁକ୍ତ ସଂରକ୍ଷଣ, ପରୀକ୍ଷଣ, ନିରୀକ୍ଷଣ ଓ ବିଶ୍ଳେଷଣ କରିବାର ପରମ୍ପରା ରହି ଆସିଛି । ପ୍ରାଚୀନ କାଳରୁ ଅର୍ଥାତ୍ ଅଥର୍ବ ବେଦରେ ଉଦ୍ଭିଦମାନଙ୍କ ଆକୃତି, ପ୍ରକୃତି ବା ଲକ୍ଷଣ ଆକାରରେ ସାତଟି ଉପବିଭାଗ କରାଯାଇଥିଲା । ଯଥା ବୃକ୍ଷ, ତୃଣ, ଔଷଧୀୟ ବୃକ୍ଷ, ଗୁଳ୍ମ, ଲତା, ଅବତାନ, ବନସ୍ପତି । ଏହାଛଡ଼ା ଉଦ୍ଭିଦ ସଂପର୍କରେ ବର୍ଣ୍ଣନା ମହାଭାରତ, ରାମାୟଣ, ବିଷ୍ଣୁପୁରାଣ, ମତ୍ସ୍ୟପୁରାଣ, ଶୁକ୍ରନୀତି, ବୃହତ୍ ସଂହିତା ପ୍ରଭୃତି ଗ୍ରନ୍ଥରେ ପରାଶର, ଚରକ, ଶୁଶ୍ରୁତ, ଉଦୟନ ଆଦିଙ୍କ ଦ୍ୱାରା ଉଦ୍ଭିଦର ଉତ୍ପତ୍ତି, ଅଙ୍ଗପ୍ରତ୍ୟଙ୍ଗ, କାର୍ଯ୍ୟକଳାପ, ପ୍ରକାର ଉପଯୋଗ ଆଦିର ବିସ୍ତୃତ ବର୍ଣ୍ଣନା ଦିଆଯାଇଛି ।

କଟକ ଜିଲ୍ଲାର ବରଗଡ଼ ଗ୍ରାମରେ (୧୮୯୧ ଅପ୍ରେଲ ଏକ ତାରିଖ) ପିତା ବିଶ୍ୱନାଥ, ମାତା ଜୟନ୍ତୀ ଦେବୀଙ୍କ କୋଳ ମଣ୍ଡନ କରନ୍ତି । ପ୍ରାଚୀନତାରେ ଆଦର ରଖୁଥିବା ଶିକ୍ଷକ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା ବାଲ୍ୟକାଳରୁ ମେଧାବୀ ଓ ଅସାଧାରଣ ସ୍ମୃତିଶକ୍ତିର ଅଧିକାରୀ ଥିଲେ । ବାଲିକୁଦା ଇଂରାଜୀ ବିଦ୍ୟାଳୟ, ସେତେବେଳକାର ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜିଏଟ୍ ସ୍କୁଲରେ ଶେଷ ପ୍ରବେଶିକା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ତତ୍କାଳୀନ ପାଟଣା ବିଶ୍ୱବିଦ୍ୟାଳୟରେ ସପ୍ତମ ସ୍ଥାନ ଅଧିକାର କରି ଗୌରବ ଅର୍ଜନ କରିଥିଲେ । ରେଭେନ୍ସା ପରେ କଲିକତା ପ୍ରେସିଡେନ୍ସି କଲେଜରେ ଉଚ୍ଚଶିକ୍ଷା ସମୟରେ ବିଶିଷ୍ଟ ବୈଜ୍ଞାନିକ ମେଘନାଦ ସାହା, ସତ୍ୟେନ୍ଦ୍ର ନାଥ ବୋଷ୍‌ଙ୍କ ପରି ମେଧାବୀ ଛାତ୍ର ତାଙ୍କର ସହପାଠୀ ଥିଲେ । ତତ୍କାଳୀନ ସମୟରେ ଉଚ୍ଚଶିକ୍ଷାରେ ବୃତ୍ତି ପାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ଇଂଲଣ୍ଡ ଯାଇଥିଲେ । ସେଠାରେ ବିଜ୍ଞାନ ସହ ଗଣିତ, ରସାୟନଶାସ୍ତ୍ର ଆଦି ଉପରେ ଗବେଷଣା କରି ଅତି ଉଚ୍ଚକୋଟୀର ପ୍ରବନ୍ଧମାନ ତତ୍କାଳୀନ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରି ବିଶ୍ୱ ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତତ୍ସହିତ ପ୍ରାଣୀଜଗତ ଶତକଡ଼ା ଶତ ପ୍ରତିଶତ କିପରି ଉଦ୍ଭିଦ ଜଗତ ଉପରେ ନିର୍ଭର କରନ୍ତି ଓ ପ୍ରାଣୀମାନଙ୍କ ପରି ଉଦ୍ଭିଦମାନେ ମଧ୍ୟ ଶ୍ୱାସକ୍ରିୟା ସମ୍ପାଦନ ସହ ନିଜର ପୁଷ୍ଟି ସାଧନ, କ୍ରିୟା ପ୍ରତିକ୍ରିୟା ଆଦି ପ୍ରକାଶ କରନ୍ତି ତା'ର ପ୍ରମାଣ ବିଭିନ୍ନ ଉଦାହରଣ ମାଧ୍ୟମରେ ଦର୍ଶାଇଥିଲେ । ହରମୋନ୍‌ର ଉଦ୍ଭିଦ ଉପରେ ପ୍ରଭାବ, କ୍ରିୟାଶୀଳତା ମାଧ୍ୟମରେ 'ନିତି ନିତି ପାଚେ ଧାନ କରେ ମୁଁ ଆହାର' (ରାମାୟଣରେ ବର୍ଣ୍ଣିତ ରାବଣଙ୍କ ନବାର୍ଣ୍ଣ ସେବନ) ବର୍ଣ୍ଣନାକୁ ବିଜ୍ଞାନାଗାରରେ ଉପଯୋଗ କରି ସେ ତା'ର ବାସ୍ତବତା ପ୍ରଦର୍ଶନ କରିପାରିଥିଲେ ।

ସେ କେବଳ ଜଣେ ବୈଜ୍ଞାନିକ ଥିଲେ ତାହା ନୁହଁ ଦକ୍ଷ ପ୍ରଶାସକ ଓ ଶିକ୍ଷାବିତ୍ ମଧ୍ୟ ଥିଲେ । ଜଣେ ଆଦର୍ଶ ଶିକ୍ଷକ, ଅଧ୍ୟାପକ, ବୈଜ୍ଞାନିକ, ଉତ୍ତମ ପ୍ରଶାସକ, ବିଧାୟକ (୧୯୫୬) ଭାବେ ଦାୟିତ୍ୱ ନିର୍ବାହ କରି ତତ୍କାଳୀନ ରେଭେନ୍ସା ମହାବିଦ୍ୟାଳୟର ପ୍ରଭୂତ ଉନ୍ନତି ସାଧନ କରିଥିଲେ । ଓଡ଼ିଶାର କୃଷି ବିଭାଗରେ ନିର୍ଦ୍ଦେଶକ ରୂପେ ଦାୟିତ୍ୱ ନିର୍ବାହ ସମୟରେ ସବୁଜ ବିପ୍ଳବ ଜରିଆରେ ବିବିଧ କିସମର ଧାନ, ମୁଗ ଓ ଅନ୍ୟାନ୍ୟ ଫସଲ କମ୍ ପରିଶ୍ରମରେ ଅଧିକ ଅମଳ ଉପରେ ଗୁରୁତ୍ୱାରୋପ କରି ସଫଳ ହେବା ସହ ସବୁଜ ବିପ୍ଳବର ମୂଳଦୁଆ ସ୍ଥାପନ କରିଥିଲେ । ସେତେବେଳର ଶିକ୍ଷାମନ୍ତ୍ରୀ (ଗୋଦାବରୀଶ ମିଶ୍ର)ଙ୍କ ସହ ଉତ୍ତମ ସମ୍ପର୍କ ରଖି ଯୋଜନା ମୁତାବକ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ରୂପେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଓ ତା'ର କୁଳପତି ଦାୟିତ୍ୱ ନିର୍ବାହ ସହ ଚାରି ଚାରି ଥର କୁଳପତି ଦାୟିତ୍ୱ ତୁଲାଇଥିଲେ । ଏହି ବିଶିଷ୍ଟ ବରପୁତ୍ର ବୈଜ୍ଞାନିକ, ଗବେଷକ, ବିଧାୟକ, ଶିକ୍ଷାବିତ୍ ତଥା ସମାଜସେବୀ ୧୯୭୮ ଜୁନ୍ ଦୁଇ ତାରିଖରେ ଇହଲୀଳା ସମ୍ବରଣ କରି ଯେଉଁ ଶୂନ୍ୟସ୍ଥାନ ଓ ଜ୍ଞାନ ବିଜ୍ଞାନର ବାର୍ତ୍ତା ପ୍ରଦାନ କରିଛନ୍ତି ବାସ୍ତବରେ ତାହା ଅଭୁଲା ସ୍ମୃତି ହୋଇ ରହିବ କାଳ କାଳ ପାଇଁ ।

**ଚନ୍ଦ୍ରଶେଖର ଭେଙ୍କଟରମଣ (୧୮୮୮-୧୯୭୦):**

ବିଜ୍ଞାନ, ସାହିତ୍ୟ, କଳା କ୍ଷେତ୍ରରେ ଉତ୍କର୍ଷ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ଚନ୍ଦ୍ରଶେଖର ଭେଙ୍କଟ ରମଣ ୧୮୮୮ ମସିହା ନଭେମ୍ବର ୭ ତାରିଖ ତାମିଲନାଡୁର ତିରୁଚିନାପଲ୍ଲୀ ନିକଟ ଆୟନପେଟା ଗ୍ରାମରେ ପିତା ଚନ୍ଦ୍ରଶେଖର ଆୟାର, ମାତା ପାର୍ବତୀ ଆମ୍ମାଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୁଅନ୍ତି । ତାଙ୍କ ପିତା ଗଣିତ ଓ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଥିବାରୁ ରମଣ ସବୁବେଳେ ସ୍କୁଲରେ ପ୍ରଥମ ହେବା ସହ ମାତ୍ର ୧୨-୧୩ ବର୍ଷ ମଧ୍ୟରେ ମାଟ୍ରିକୁଲେସନ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ବିଶାଖାପାଟଣା ସ୍ଥିତ ସିସେସ୍ ଏଭିଏନ୍ କଲେଜରୁ ଆଇ.ଏସ୍‌ସି, ପ୍ରେସିଡେନ୍ସି କଲେଜରୁ ବି.ଏସ୍‌ସି ଓ ୧୯୦୭ ରେ ମାଦ୍ରାଜ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିବର୍ଷ ହିଁ ସର୍ବଭାରତୀୟ ଆକାଉଣ୍ଟସ୍ ପରୀକ୍ଷାରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ କଲିକତା

ପ୍ରଶାସନିକ କାର୍ଯ୍ୟାଳୟର ଡେପୁଟି ଏକାଉଣ୍ଟ ଜେନେରାଲ୍ ଭାବେ ଯୋଗଦାନ କଲେ । ୧୯୧୦ ରେ ଏକାଉଣ୍ଟ୍ ଜେନେରାଲକୁ ଉତ୍ତୀର୍ଣ୍ଣ ହେଲେ । ତତ୍କାଳୀନ ସମୟରେ ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଥାଆନ୍ତି । ସେ ରମଣଙ୍କୁ ଭଲ ଭାବେ ଜାଣିଥିବା ଯୋଗୁଁ ସେଠିକାର ପଦାର୍ଥ ବିଜ୍ଞାନ ପ୍ରଫେସର ତାରକାନାଥ ପାଲିତଙ୍କ ସ୍ଥାନ ଗ୍ରହଣ କରିବାକୁ ସୁଯୋଗ ଦେଲେ । ରମଣ ଏହି ସୁଯୋଗରେ ଦୀର୍ଘ ୧୫ ବର୍ଷ କାର୍ଯ୍ୟ କରି (୧୯୨୪) କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଥମ ଥର ପାଇଁ ବୈଜ୍ଞାନିକ ସମ୍ମିଳନୀରେ ଯୋଗଦେବା ସହ ଆମେରିକା, ନରୱେ, ଲଣ୍ଡନ ଭ୍ରମଣ କରି ପଦାର୍ଥ ବିଜ୍ଞାନ ସମ୍ପର୍କିତ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ । ତାଙ୍କର ବ୍ୟକ୍ତିତ୍ୱରେ ବିମୁଗ୍ଧ ହୋଇ କାଲିଫର୍ଣ୍ଣିଆ ବୈଷୟିକ ଶିକ୍ଷାନୁଷ୍ଠାନ ତାଙ୍କୁ ନିମନ୍ତ୍ରଣ କରିଥିଲେ । ସେଠାରେ ସେ ୪ ମାସ ରହଣି ପରେ ୧୯୫୧ ମସିହାରେ ଲଣ୍ଡନର ରୟାଲ ସୋସାଇଟିର ସଭ୍ୟ ରୂପେ ନିର୍ବାଚିତ ହେଲେ । ନିଜର ଅଭିଜ୍ଞତାକୁ ପାଥେୟ କରି ଭାରତବର୍ଷରେ ଭାରତୀୟ ବିଜ୍ଞାନ କଂଗ୍ରେସ ନାମକ ଏକ ବୈଜ୍ଞାନିକ ସଂସ୍ଥାନ ସ୍ଥାପନ କରିଥିଲେ । ଇତ୍ୟବସରରେ ଋଷିଆ ସାଇନ୍ସ ଏକାଡ଼େମୀର ଦ୍ୱିତୀୟ ଶତବାର୍ଷିକ ଉତ୍ସବରେ ଭାରତପକ୍ଷରୁ ଯୋଗଦେବାର ଗୌରବ ଅର୍ଜନ କରିଥିଲେ ।

ବିବିଧ ଆଲୋଚନାରେ ଅଂଶଗ୍ରହଣ ଓ ଅଭିଜ୍ଞତା ଆଧାରରେ ସେ ଥରେ ଇଂଲଣ୍ଡର ଏକ ପାଠଚକ୍ରରେ ଯୋଗଦେଇ ଫେରିବା ପରେ ଆକାଶ ଓ ସମୁଦ୍ରର ଘନ ନିଳିମା ଦେଖି ସମ୍ମୋହିତ ହେବା ସହ ତାଙ୍କ ମନରେ ବିବିଧ ପ୍ରଶ୍ନ ଉଙ୍କି ମାରିଲା । ତାଙ୍କର ଏପରି ଧାରଣା ହେଲା ଯେ ଘନନୀଳର ରୂପବିଭବ ଜଳ ଅଣୁଗୁଡ଼ିକ ଉପରେ ଆଲୋକ ବିକୀର୍ଣ୍ଣ ହେବା ଯୋଗୁଁ ଘନନୀଳ ଦେଖାଯାଉଛି । ଏହି ତତ୍ତ୍ୱକୁ ପ୍ରମାଣିତ କରିବା ପାଇଁ ସେ ଆଲୋକ (Optic) ତତ୍ତ୍ୱ ଉପରେ ଅଧିକରୁ ଅଧିକ ଗବେଷଣା ଆରମ୍ଭ କଲେ । ଆଲୋକ ସଂପର୍କିତ ତଥ୍ୟଗୁଡ଼ିକ ଦେଶ ବିଦେଶର ବିଜ୍ଞାନ ପତ୍ରିକାଗୁଡ଼ିକରେ ପ୍ରକାଶିତ ହେଲା । ଫଳରେ ଭେଙ୍କଟ ରମଣ ବିଜ୍ଞାନ ରାଜ୍ୟରେ ପ୍ରତିଷ୍ଠିତ ହୋଇଥିଲେ । ଦୀର୍ଘଦିନଧରି ଆଲୋକ ବିଚ୍ଛୁରଣ ଉପରେ ଗବେଷଣା କରି ଆଲୋକର ପ୍ରତିଫଳନ ତତ୍ତ୍ୱକୁ ପ୍ରକାଶ କରିବା ସହ ବିଭିନ୍ନ ରାସାୟନିକ ଦ୍ରବ୍ୟମାନଙ୍କର ଆଣବିକ ଗଠନ ସଂପର୍କରେ ନିଜେ ଅବବୋଧ ହେବା ସହ ରମଣଙ୍କ ଏହି ନୂତନ ଉଦ୍ଭାବନ ଅର୍ଥାତ୍ ଆଲୋକର ନୂତନ ବିଚ୍ଛୁରଣ ତତ୍ତ୍ୱ ବିଶ୍ୱ ବୈଜ୍ଞାନିକଙ୍କ ଦୃଷ୍ଟି ଆକର୍ଷିତ ହେଲା । ଯାହାକୁ 'Raman Effect' ବୋଲି କୁହାଗଲା ଓ ସେଥିପାଇଁ ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନ ପାଇଁ (ସର୍ବ ପ୍ରଥମ ଭାରତୀୟ ବୈଜ୍ଞାନିକ) ନୋବେଲ ପୁରସ୍କାର ପାଇଥିଲେ । ଏହି ଆବିଷ୍କାର ଦ୍ୱାରା ରାସାୟନିକ ଯୌଗିକମାନଙ୍କ ଅଣୁ ଗଠନ ସଂପର୍କରେ ବହୁ ନୂତନ ତଥ୍ୟ ଜାଣିବା ସହଜ ହୋଇଥିଲା । 'ରମଣ ଇଫେକ୍ଟ' ପ୍ରମାଣ କରିଥିଲା ଯେ ଆଲୋକ ଯେତେବେଳେ କୌଣସି ଅତିସ୍ୱଚ୍ଛ ମାଧ୍ୟମ (Transparent Medium) ଦେଇ ଗତି କରେ ତେବେ ସେହି ମାଧ୍ୟମ କଠିନ, ତରଳ ବା ଗ୍ୟାସୀୟ ଅବସ୍ଥାରେ ଥିଲେ ମଧ୍ୟ ନିଜ ପ୍ରକୃତିରେ ପରିବର୍ତ୍ତନ ଘଟାଇଥାଏ ।

ଏହାଛଡ଼ା ସେ ଦୃଷ୍ଟି ବିଜ୍ଞାନ (Physiology of Vision) ଶୀର୍ଷକ ଏକ ଗ୍ରନ୍ଥ ରଚନା କରି ସୁନାମ ଅର୍ଜନ କରିଛନ୍ତି । ତାଙ୍କ ତତ୍ତ୍ୱାବଧାନରେ ବୈଜ୍ଞାନିକ କେ.ସି. କ୍ରିଷ୍ଣନ୍, ଭାଗବନ୍ତମ୍ ଓ ବିକ୍ରମ ସରାଭାଇ ଆଦି ଗବେଷଣା କରିଥିଲେ । ଏହି ଅସାଧାରଣ ବ୍ୟକ୍ତିତ୍ୱଙ୍କୁ ୧୯୨୯ ମସିହାରେ ବ୍ରିଟେନ୍‌ରୁ ସାର୍ ଉପାଧି, ୧୯୩୪ ବାଙ୍ଗାଲୋର ଠାରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଡାଇରେକ୍ଟର, ୧୯୪୭ ସ୍ୱାଧୀନ ଭାରତର ପ୍ରଥମ ନ୍ୟାସନାଲ୍ ପ୍ରଫେସର, ତାଙ୍କ ଦ୍ୱାରା ପ୍ରତିଷ୍ଠିତ (୧୯୪୮) ରମଣ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିସର୍ଚ୍ଚ 'ରମଣ ଇଫେକ୍ଟ' ଆବିଷ୍କାର ଦିନକୁ ଅର୍ଥାତ୍ ଫେବୃୟାରୀ ୨୮ ତାରିଖକୁ ଜାତୀୟ ବିଜ୍ଞାନ ଦିବସ ଘୋଷଣା, ୧୯୨୬ରୁ ପଦାର୍ଥ ବିଜ୍ଞାନ ଉପରେ ପ୍ରକାଶ ପାଇଥବା ଜର୍ଣ୍ଣାଲର ପ୍ରକାଶନ ଆରମ୍ଭ ଓ ତା'ର ସମ୍ପାଦକ ଦାୟିତ୍ୱ ନିର୍ବାହ ଯୋଗୁଁ ଆଜି ସେ ସମଗ୍ର ବିଶ୍ୱରେ ଏକ ପରିଚିତ ବ୍ୟକ୍ତିତ୍ୱ ରୂପେ ସମ୍ମାନିତ ହୋଇଛନ୍ତି । ଏହି ସମ୍ବର୍ଦ୍ଧିତ ପ୍ରବୁଦ୍ଧ ବ୍ୟକ୍ତିଙ୍କ ଦେହାନ୍ତ ୧୯୭୦ ନଭେମ୍ବର ୨୧ ଦିନ ହୋଇଥିଲେ ମଧ୍ୟ ବିଜ୍ଞାନର ଅଗ୍ରଗତି ପାଇଁ ପ୍ରଫେସର ରମଣ କରିଥିବା କାର୍ଯ୍ୟ ଯୋଗୁଁ ସାରା ବିଶ୍ୱବାସୀଙ୍କ ଚିର ସ୍ମରଣୀୟ ହୋଇ ରହିବେ ଏଥିରେ ଦ୍ୱିମତ ନାହିଁ ।

**ଅନୁଭବୀ ବ୍ୟକ୍ତିତ୍ୱ ଅବଦୁଲ କଲାମ:**

ସମାଜରେ ଆତ୍ମବିଶ୍ୱାସ ଅଭାବର ସାଂପ୍ରତିକ ସ୍ଥିତିକୁ ହୃଦୟଙ୍ଗମ କରି ପ୍ରାକ୍ତନ ମହାମହିମ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଡ. ଅବଦୁଲ କଲାମ ନିଜ ପୁସ୍ତକ 'India two thousand twenty: A vision for New Millenium'ରେ ଅଭିମତ ବ୍ୟକ୍ତ କରିଛନ୍ତି । ଗୋଟିଏ ପଟେ ବିକଶିତ ନବଭାରତ ନିର୍ମାଣର ମାର୍ଗ ଓ ଅପରପାର୍ଶ୍ୱରେ ଏହି ପଥର ସବୁଠାରୁ ବଡ଼ ବାଧାବିଘ୍ନ କେଉଁମାନେ ସେ ବିଷୟରେ ମଧ୍ୟ ନିଜ ଜୀବନର ଅନୁଭୂତି ସମ୍ପର୍କରେ କହିଛନ୍ତି- "ମୋ ଘର କାନ୍ଥରେ ଗୋଟିଏ ରଙ୍ଗୀନ କ୍ୟାଲେଣ୍ଡର ଟଙ୍ଗା ଯାଇଛି । ସେ ସୁନ୍ଦର କ୍ୟାଲେଣ୍ଡରଟି ଜର୍ମାନୀରେ ଛପାଯାଇଛି । ତଥା ସେଥିରେ ମହାକାଶରେ ଅବସ୍ଥାପିତ

ଉପଗ୍ରହମାନଙ୍କ ଦ୍ୱାରା ଉଠାଯାଇଥିବା ୟୁରୋପ ତଥା ଆଫ୍ରିକାର ଫଟୋଗୁଡ଼ାଏ ଅଙ୍କାଯାଇଛି । ଯେ କେହି ଲୋକ ଏ ଚିତ୍ରଗୁଡ଼ିକୁ ଦେଖେ ସେ ପ୍ରଭାବିତ ହୋଇଯାଏ । ପରନ୍ତୁ ଯେତେବେଳେ ତାକୁ କୁହାଯାଏ ଯେ ଏହା ଭାରତୀୟ କୃତ୍ରିମ ଉପଗ୍ରହ (Satellite)ଦ୍ୱାରା ଉଠାଯାଇଛି, ତା ମୁହଁରେ ଅବିଶ୍ୱାସର ଭାବନା ଉଙ୍କିମାରେ ଓ ସେ ସେତେବେଳ ପର୍ଯ୍ୟନ୍ତ ଶାନ୍ତି ପାଏ ନାହିଁ ଯେଉଁପର୍ଯ୍ୟନ୍ତ ତଳେ ଉକ୍ତ କମ୍ପାନୀ ଦ୍ୱାରା ଭାରତୀୟ ଦୂର ସମ୍ବେଦୀ ଉପଗ୍ରହ ଦ୍ୱାରା ଉଠାଯାଇଥିବା ଚିତ୍ରର ପ୍ରାପ୍ତି ପାଇଁ କୃତଜ୍ଞତା ଜ୍ଞାପନକୁ ପଢ଼ିନଥାଏ ।"

ଦୁର୍ଭାଗ୍ୟବଶତଃ ଆମେ ନିଜର ସୃଜନାତ୍ମକ ପୁରୁଷମାନଙ୍କୁ ଭୁଲିଯାଇଛୁ । ବ୍ରିଟିଶ ଲେକେ କୋନଗ୍ରେହ୍ୱଙ୍କ ବିଷୟରେ ବିଶଦ ବିବରଣୀ ରଖନ୍ତି; ମାତ୍ର ଆମେ ଆମର ସେଇ ପୂର୍ବ ପୁରୁଷ ଇଂଜିନିୟରଙ୍କ ବିଷୟରେ ଜାଣିନାହୁଁ । ଯେଉଁମାନେ 'ଟିପୁ'ଙ୍କ ସେନା ପାଇଁ ରକେଟ ତିଆରି କରିଥିଲେ । ଏହାର କାରଣ ବିଦେଶୀ ପ୍ରଭାବ ଓ ନିଜ ବିଷୟରେ ହୀନମନ୍ୟତାରୁ ଆମେ ଏବେ ମୁକ୍ତ ହୋଇପାରି ନାହୁଁ । ଏହି ବିଚାର ଆମ ଦେଶର ବୁଦ୍ଧିମାନ ଲୋକଙ୍କୁ ଗ୍ରାସ କରିଛି, ତାହା ହିଁ ଦେଶର ବିକାଶ ରାସ୍ତାରେ ପ୍ରମୁଖ ବାଧକ ଅଟେ ।"

ଉପର୍ଯ୍ୟୁକ୍ତ ଗୋଡ଼ାଣିଆ ମାନସିକତା କାରଣରୁ ଆଜି ମଧ୍ୟ ଏହି ବିଶ୍ୱାସ ଆମ ଦେଶରେ ଜନ୍ମି ପାରିନାହିଁ ଯେ ଆମ ଦେଶରେ ଆମର ସ୍ୱକୀୟ ବୈଜ୍ଞାନିକ ତଥା ପ୍ରାଦ୍ୟୋଗିକ ବିକାଶର ପରମ୍ପରା ଥିଲା । ଆମେ ଆମ ପ୍ରତିଭା ଦ୍ୱାରା ନୂତନ ଆବିଷ୍କାର କରି ଆମ ଦେଶକୁ ବିକଶିତ ଦେଶମାନଙ୍କ ଧାଡ଼ିରେ ଠିଆ କରାଇ ପାରିବା । ଅପିତୁ ବିଶ୍ୱକୁ ମଧ୍ୟ କିଛି ଦେଇପାରିବା, ଯାହାର ଫଳସ୍ୱରୂପ ପଶ୍ଚିମରୁ ଆମେ ଧନ ସମ୍ପତ୍ତି ଓ ପ୍ରଯୁକ୍ତି ବିଦ୍ୟାଯାଚନାର ଦୁର୍ବଳ ମାନସିକତାରୁ ମୁକ୍ତି ପାଇପାରିବା । ଅତଃ ଆମକୁ ହୀନମନ୍ୟତାର ଶୃଙ୍ଖଳରୁ ମୁକ୍ତ ହେବାକୁ ପଡ଼ିବ । ଜଣକ ସାହାଯ୍ୟରେ କେହି ମହାନ୍ ହୋଇପାରେ ନାହିଁ । ତେଣୁ କଥାରେ ଅଛି 'ମାଗି ଆଣିବା ତିଅଣ, ଶିଖାଇ ଦେବା ବୁଦ୍ଧି' । ପ୍ରଖ୍ୟାତ ବୈଜ୍ଞାନିକ ସାର୍ ସି.ଭି. ରମଣ ୧୯୪୯ ମସିହାରେ ପ୍ରୟାଗର ଏକ ବିଜ୍ଞାନ ମହାବିଦ୍ୟାଳୟର ଦୀକ୍ଷାନ୍ତ ଭାଷଣରେ ବିଦ୍ୟାର୍ଥୀଙ୍କୁ ସମ୍ବୋଧିତ କରି କହିଥିଲେ, "Boys when we import, we not only pay for our ignorance but we also pay for our incompetence" । "ଛାତ୍ର ବନ୍ଧୁ ମଣ୍ଡଳୀ ! ଆମେ ଯେତେବେଳେ କିଛି ଆମଦାନୀ କରନ୍ତି, ସେତେବେଳେ ଖାଲି ଆମ ବିଜ୍ଞାନର ମୂଲ୍ୟ ଦିଅନ୍ତି ନାହିଁ; ତା' ସହିତ ଆମ ଅକ୍ଷମତାର ମୂଲ୍ୟ ମଧ୍ୟ ଦିଅନ୍ତି ।"

ପ୍ରଖ୍ୟାତ ରସାୟନବିତ୍ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ମାଡ୍ରାସ୍ (୧୯୧୮) ରେ 'ହିନ୍ଦୁ ରସାୟନ ଶାସ୍ତ୍ର' ବିଷୟକ ଉପରେ କହିଥିଲେ ଯେଉଁଥିରେ ସେ ଆମ ଦେଶର ଅବଦାନ ସମ୍ପର୍କୀୟ ଗୌରବବୋଧ ପାଇଁ ଆହ୍ୱାନ କରିଥିଲେ । ତାଙ୍କ ଭାଷାରେ "We are not ashmed of our ancient contributions to the science of chemistry. I am equally proud of and not ashmed for all the branches of science that grew in ancient India."

"ରସାୟନ ଶାସ୍ତ୍ରରେ ଆମର ପ୍ରାଚୀନ ଯୋଗଦାନ ଲଜ୍ଜାଜନକ ନୁହେଁ । ପ୍ରାଚୀନ ଭାରତର ବିକଶିତ ସମସ୍ତ ଶାସ୍ତ୍ରମାନଙ୍କ ଶାଖା ପ୍ରଶାଖା ବିଷୟରେ ମୁଁ ତିଳେ ମାତ୍ର ଲଜ୍ଜାବୋଧ କରେନାହିଁ । ଅପିତୁ ସର୍ବଦା ଗର୍ବୋନ୍ନିତ ଶିର ଦେଖାଏ ।"

**ବୈଷୟିକ କର୍ମଯୋଗୀର ମଣିଷ 'ବିଶ୍ୱେଶ୍ୱରାୟ':**

ପୃଥିବୀର ବିଶାଳ ସୀମାହୀନ ପରିସୀମା ମଧ୍ୟରେ ମନୁଷ୍ୟର ଅବସ୍ଥିତି ତଥା ଜୀବନ କାଳ ଅତି ସୀମିତ । ଜୀବନ ଅବଧିର ସ୍ୱଳ୍ପ କାଳ ଭିତରେ ଏହାର ଅନୁଶୀଳନ, ଅନ୍ୱେଷଣ, ତତ୍ତ୍ୱ ଓ ତଥ୍ୟଗୁଡ଼ିକର ବିଶ୍ଳେଷଣ ସଂପୂର୍ଣ୍ଣ ଅବବୋଧ ହେବା ସମ୍ଭବ ନୁହେଁ । କିନ୍ତୁ ମଣିଷର ଆଶା ଓ ବିଶ୍ୱାସ ତାକୁ ଆଗକୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରେ । କାଳେ କିଛି ନୂତନ ତଥ୍ୟ ଉପରେ କିଛି ନା କିଛି ଧାରଣା ପାଇବ, ଏଇ ଆଶା ବିଶ୍ୱାସର କାର୍ଯ୍ୟକଳାପ ଆମକୁ ଏକ ନିଶ୍ଚିତ ସୁଦୃଢ଼ ଭବିଷ୍ୟତର ବଂଶଧର ପ୍ରତି କିଛି ଆବଶ୍ୟକୀୟ ତଥ୍ୟ ଦେଇ ସୁନ୍ଦର ବିଶ୍ୱ ନିର୍ମାଣ କରିବା ତା'ର ଅନ୍ତର୍ନିହିତ ଉଦ୍ଦେଶ୍ୟ । ସମାଜରେ ସମସ୍ତ ବ୍ୟକ୍ତି ଗୋଟିଏ ରାସ୍ତାରେ ଯିବେ କିମ୍ବା ସମସ୍ତଙ୍କ ରୁଚି ସମାନ ହେବ ତାହା କେବେ ବି ସମ୍ଭବ ନୁହେଁ । ଜଣେ ପାଶ୍ଚାତ୍ୟ ଦାର୍ଶନିକ ଚାର୍ଲସ୍ ବଲଟନ୍‌ଙ୍କ ଉକ୍ତିକୁ ଉଦ୍ଧାର କରାଯାଇପାରେ - "Some read to thinks, these are rare. Some read to write, these are common, and some read to talk these from the great majority." ଅର୍ଥାତ୍ କିଛି ଲୋକ ଚିନ୍ତା କରିବା ପାଇଁ ପଢ଼ନ୍ତି, ଏପରି ପାଠକ ବିରଳ । କିଛି ଲେଖିବା ପାଇଁ ପଢ଼ନ୍ତି, ଏମାନେ ସାଧାରଣ ଏବଂ କିଛି ନିଜ ପାଣ୍ଡିତ୍ୟ ପ୍ରଦର୍ଶନ ପାଇଁ ପଢ଼ନ୍ତି, ଏମାନଙ୍କ ସଂଖ୍ୟା ମାତ୍ରାଧିକ । ସେହିପରି ଜଣେ ପେଶାରେ ଇଂଜିନିୟର ଓ ପ୍ରଶାସକ କିନ୍ତୁ ନିଶାରେ ସାହିତ୍ୟାନୁରାଗୀ ପ୍ରଗଲ୍‌ଭ ବକ୍ତା, ଅଦ୍ଭୁତ ଧୈର୍ଯ୍ୟଶୀଳ ପାଠକ, ଚିନ୍ତାନାୟକ ଓ ସୃଜନଶୀଳ ବ୍ୟକ୍ତିତ୍ୱ ସୁନ୍ଦର ଆଧୁନିକ କୋଠା ନିର୍ମାତା ମୋକ୍ଷଗୁଣ୍ଡାମ ବିଶ୍ୱେଶ୍ୱରାୟ ।

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନିଷ୍ଠା ରଖୁଥିବା କର୍ଣ୍ଣାଟକର ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ

(୧୮୬୦) ବିଶ୍ୱେଶ୍ୱରାୟ । 'ତୁଳସୀ ଦୁଇ ପତ୍ରରୁ ବାସେ' ପରି ପିଲାଟି ଦିନରୁ ସେ ଥିଲେ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନ ବାଳକଟିଏ । ନିଜର ଉଚ୍ଚଶିକ୍ଷା ଗ୍ରହଣ ପୂର୍ବରୁ ବେଦ, ବେଦାନ୍ତ, କର୍ମକାଣ୍ଡ, ସଂସ୍କୃତ ଓ କନ୍ନଡ଼ ଭାଷାରେ ରଚିତ ଦେବଦେବୀ ଶ୍ଳୋକ, ରାମାୟଣ, ମହାଭାରତ, ଉପପୁରାଣ, ନିର୍ମାଣ ଶାସ୍ତ୍ର ଆଦି ଉପରେ ଦକ୍ଷତା ହାସଲ କରିଥିଲେ ।

ବାଲ୍ୟ ସମୟରେ ସାଙ୍ଗମାନଙ୍କ ଖେଳିବା ବେଳେ ସେ ମାଟି, କାଠି, ନଡ଼ା, କାଗଜ, ଶକ୍ତ ବାଉଁଶ ଆଦିକୁ ନେଇ କୁନି କୁନି ଘର, ଗାଡ଼ି, ପୋଲ ଆଦି ତିଆରି କରି ସାଙ୍ଗମାନଙ୍କୁ ଚମତ୍କୃତ କରାଉଥିଲେ । ବର୍ଷା ହେଲେ ବାହାର ଭାଗ ରାସ୍ତା କିମ୍ୱା ଦାଣ୍ଡରେ ବହିଯାଉଥିବା ପାଣିକୁ ଭିଜି ଭିଜି ଆବଦ୍ଧ କରିବା ସହ ଗୋଟିଏ ପଟେ ଜଳ ନିର୍ଗମନ କରି ତା'ର ସ୍ରୋତ ପ୍ରତି ନଜର ରଖୁଥିଲେ ।

ମାନ୍ଦ୍ରାଜରେ ତାଙ୍କର ସର୍ବୋଚ୍ଚ ବୈଷୟିକ ଡିଗ୍ରୀ ହାସଲ ପୂର୍ବକ ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସମସ୍ତ ସ୍ତରରେ ସେ ଛାତ୍ରବୃତ୍ତି ପାଉଥିଲେ । କେବଳ ସେତିକି ନୁହଁ ବିଶ୍ୱବିଖ୍ୟାତ ଇଂଜିନିୟର, ବୈଜ୍ଞାନିକ, ସାହିତ୍ୟିକ, ଦାର୍ଶନିକ, ସ୍ଥାପତ୍ୟକାର ଆଦିଙ୍କ ସମ୍ପର୍କିତ ପୁସ୍ତକ ପଠନ କରି ସେମାନଙ୍କ ଜୀବନର ପ୍ରମୁଖ ଘଟଣାଗୁଡ଼ିକୁ ଲିପିବଦ୍ଧ କରିବା, ସଫଳତାଗୁଡ଼ିକୁ କାର୍ଯ୍ୟରେ ଲଗାଇବା ଆଦି ଉପରେ ସେ ଗୁରୁତ୍ୱାରୋପ କରୁଥିଲେ । ଛାତ୍ର ଅବସ୍ଥାରେ ଇଂରାଜୀ, ହିନ୍ଦୀ, ମରାଠୀ, ତାମିଲ, ତେଲୁଗୁ ଆଦି ଭାଷାରେ କହିବା ଓ ପଢ଼ିବାର ଶ୍ରଦ୍ଧା ତାଙ୍କୁ ପରବର୍ତ୍ତୀ ସମୟରେ ଏକ ସୁବକ୍ତା ଓ ଆଲୋଚକ ହେବାରେ ସହଯୋଗ କରିଥିଲା ।

ନିଜର ବୈଷୟିକ ଶିକ୍ଷା ସମାପ୍ତି ପରେ 'ବମ୍ବେ'ର ଏକ ପ୍ରମୁଖ ଅନୁଷ୍ଠାନରେ ସହକାରୀ ଇଂଜିନିୟର ଭାବେ ଯୋଗଦାନ କରିଥିଲେ । ବମ୍ବେ ଅବସ୍ଥାନ କାଳରେ ବିଭିନ୍ନ ସଭାସମିତି ସାହିତ୍ୟ ଅନୁଷ୍ଠାନ ଆଦିରେ ଯୋଗଦାନ କରି କନ୍ନଡ଼ ଓ ମରାଠୀ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନର ଚିତ୍ର ତାଙ୍କୁ ସାଧାରଣରେ ପରିଚିତ ତଥା ଆଦୃତ କରାଇଥିଲା । ପେଶାରେ ଜଣେ ଇଂଜିନିୟର ହୋଇଥିବାରୁ ଯେତେବେଳେ ବର୍ଷାଦିନେ ବର୍ଷା ହୋଇ ବମ୍ବେ ସହର ପ୍ଲାବିତ ହେଉଥିଲା ସେତେବେଳେ ତା'ର ନିଷ୍କାସନ ସମସ୍ୟାକୁ ନିଜେ ନକ୍ସା ମାଧ୍ୟମରେ ଯୋଜନା ପ୍ରସ୍ତୁତ କରି ସ୍ଥାୟୀ ସମାଧାନ ନିମନ୍ତେ ସରକାରଙ୍କୁ ଯୋଜନା ଓ ନକ୍ସାର ବ୍ଲୁପ୍ରିଣ୍ଟ୍ ଉପସ୍ଥାପନ କରିଥିଲେ । ଯାହାଦ୍ୱାରା ସମୁଦ୍ରକୁ ଜଳ ନିଷ୍କାସନ ହେବାର ମାର୍ଗ ସହଜ ହୋଇଥିଲା । ମାତ୍ର ସରକାର ତାହା କାର୍ଯ୍ୟକାରୀ କରିବା ପୂର୍ବରୁ ସେ ସରକାରୀ ଚାକିରି ଛାଡ଼ି ମହୀଶୂର ମହାରାଜାଙ୍କ ନିମନ୍ତ୍ରଣ କ୍ରମେ ରାଜ୍ୟର ଦେଓ୍ୱାନୀ ପଦରେ ନିଯୁକ୍ତି ହୋଇଥିଲେ । କାରଣ ଜନ୍ମମାଟିର ସେବା ତାଙ୍କୁ ପାଗଳ କରିଦେଇଥିଲା । ମହୀଶୂର ଅବସ୍ଥାନ କାଳରେ ନଦୀମାନଙ୍କ ଉଦ୍‌ବୃତ୍ତ ଜଳ କିପରି କୃଷିକାର୍ଯ୍ୟରେ ବିନିଯୋଗ ହେବ, ପାହାଡ଼ର ଜଳକୁ କିପରି ସଂରକ୍ଷଣ କରି ବ୍ୟବହାର କରାଯିବା ସହ କୃଷିକାର୍ଯ୍ୟରେ ବିନିଯୋଗ ହେବ ଆଦି ଉପରେ ଅନୁଧ୍ୟାନ କରି ଏକ ନୂତନ ଜଳସେଚନ ପଦ୍ଧତି ପ୍ରଚଳନ କରିଥିଲେ । ଏହି ପଦ୍ଧତି ପରବର୍ତ୍ତୀ କାଳରେ ସମଗ୍ର ବିଶ୍ୱର ଇଂଜିନିୟରମାନଙ୍କ ଦୃଷ୍ଟି ଆକର୍ଷିତ ହେବା ସହ ଏହାକୁ 'Viswaswaraya's Blook System' ବା 'ବିଶ୍ୱେଶ୍ୱରାୟ ଆବଦ୍ଧ ପଦ୍ଧତି' ବୋଲି କୁହାଗଲା ଯାହା ଏ ପର୍ଯ୍ୟନ୍ତ ପୃଥିବୀର ପ୍ରତ୍ୟେକ କୃଷିପ୍ରଧାନ ଦେଶରେ ପ୍ରଚଳିତ ହୋଇ ଆସୁଛି ।

ଏହାପରେ ବିଭିନ୍ନ ପ୍ରାନ୍ତରୁ ପ୍ରଶଂସା ମିଳିବା ସହ ନିମନ୍ତ୍ରଣ କରାଗଲା । ସେତେବେଳେ ସିନ୍ଧୁ ପ୍ରଦେଶ (ବର୍ତ୍ତମାନ ପାକିସ୍ତାନ)ରେ ଥିବା ଏକ ପ୍ରମୁଖ ସହର 'ଶୁକୁର୍'ରେ ବର୍ଷର ଅର୍ଦ୍ଧାଧିକ ସମୟ ଜଳାଭାବ ରହୁଥିଲା । ଭୂତଳ ଜଳ ନଥିବା ଯୋଗୁଁ ସମସ୍ୟା ଆହୁରି ବଢ଼ିଯାଉଥିଲା । ବିଶ୍ୱେସରାୟଙ୍କ ପାହାଡ଼ ମଧ୍ୟରେ ଆବଦ୍ଧ ଯୋଜନା ଓ ଜଳର ନିୟନ୍ତ୍ରଣ ପଦ୍ଧତିରେ ପରବର୍ତ୍ତୀ ସମୟରେ ଶୁକୁର ସହରର ଜଳାଭାବକୁ ଦୂର କରାଯାଇପାରିଲା । ଫଳରେ ଲୋକ ତଥା ତତ୍‌କାଳୀନ ପ୍ରଶାସନ ବିଶ୍ୱେଶ୍ୱରାୟଙ୍କ ନାମରେ ସେଠାର ରାଜମାର୍ଗ, ମହାବିଦ୍ୟାଳୟ, ବୈଷୟିକ ଅନୁଷ୍ଠାନ ଆଦି ନାମିତ କରିଥିଲେ । ଏହାଛଡ଼ା କର୍ଣ୍ଣାଟକ କ୍ରିଷ୍ଣାରଜା ନଦୀବନ୍ଧ ଯୋଜନା, ଦକ୍ଷିଣ ଭାରତରେ ଗଢ଼ିଉଠିଥିବା ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ସେ ଥିଲେ ମୁଖ୍ୟ ସ୍ଥପତି ଓ ମୁଖ୍ୟ ଅଭିକର୍ତ୍ତା । ଶିଳ୍ପର ସମୃଦ୍ଧି, ଶିଳ୍ପାୟନ, ସହର ବିକାଶ ଯୋଜନା, ବିବିଧ ସେତୁ ଆଦିର ଯୋଜନା ଓ ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ । ବିଶେଷ କରି ମହୀଶୂରର ଚନ୍ଦନ ଅମୂଲ ଫେକ୍ଟୋରୀ, ମହୀଶୂର ସପ୍ ଫେକ୍ଟୋରୀ, The Chrome Tanning Factory, Bhadrabati Iron and Steel Works Ltd. ଆଦି ତାଙ୍କ ଯୋଗୁଁ ସମ୍ଭବ ହୋଇଥିଲା । ଭାରତ ସ୍ୱାଧୀନ ପରେ ଭାରତ ସରକାର ଏହି ଶତାୟୁ ପୁରୁଷ କର୍ମଯୋଗୀଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର 'ଭାରତରତ୍ନ' (୧୯୫୫) ଦ୍ୱାରା ଭୂଷିତ କରିଥିଲେ । ଏହି ଯୋଗଜନ୍ମା ପୁରୁଷଙ୍କ ଦେହାନ୍ତ (୧୯୬୨) ଦୀର୍ଘ କର୍ମମୟ ଜୀବନର ପରିସମାପ୍ତି ସହ ଏକ ନିର୍ଦ୍ଦିଷ୍ଟ ଯୁଗର ଅବସାନ ଘଟିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

-୦-

ଚଳଭାଷ: ୮୭୬୩୧୮୮୫୨୬



# ବିଶ୍ୱ ବିଜୟୀ ବିବେକାନନ୍ଦ

ବିଜୟ କୁମାର ବିଶ୍ୱାଳ

୧୮୯୩ ମସିହା ସେପ୍ଟେମ୍ବର ୨୧ ତାରିଖ ଭାରତ ଇତିହାସର ଏକ ସ୍ମରଣୀୟ ଦିବସ । ସେ ଦିନ ଆମେରିକା ଚିକାଗୋ ମହାନଗରରେ ସ୍ୱାମୀ ବିବେକାନନ୍ଦଙ୍କର ଅଭିଭାଷଣ ବିଶ୍ୱପ୍ରେମ, ଭ୍ରାତୃତ୍ୱ ଓ ମାନବିକତା ଉପରେ ପର୍ଯ୍ୟବେଶିତ ଥିଲା । ମାତ୍ର ୧୫ମିନିଟ୍‌ର ସମୟ ମଧ୍ୟରେ ପ୍ରାୟ ୭୦୦୦ସମବେତ ଶ୍ରୋତାଙ୍କର ଅସୀମ ଶ୍ରଦ୍ଧା, ଶୁଭେଚ୍ଛା, ସଦିଚ୍ଛା କେବଳ ତାଙ୍କ ଉପରେ ଅଜାଡ଼ି ହୋଇ ପଡ଼ିନଥିଲା ବରଂ ସମଗ୍ର ବିଶ୍ୱରେ ଭାରତୀୟ ମାନଙ୍କ ପ୍ରତି ଯେଉଁ ଭ୍ରମ ଧାରଣା ଥିଲା ତାହା ବଦଳି ଯାଇଥିଲା । ବିଭିନ୍ନ ଧର୍ମର ପ୍ରତିନିଧି ମାନଙ୍କର ସାରଗର୍ଭକ ଭାଷଣ ପାରମ୍ପରିକ ରୀତିରେ ଚାଲିଥିବା ବେଳେ, ପୂର୍ବରୁ କୌଣସି ପ୍ରସ୍ତୁତି ନଥାଇ ବିବେକାନନ୍ଦ ଯାହା କହିଲେ, ତାହା ସମସ୍ତଙ୍କ ହୃଦୟକୁ ଛୁଇଁଥିଲା । ସମ୍ବୋଧନରେ "ହେ ମୋର ଅତି ଆଦରର ଆମେରିକାବାସୀ ଭାଇ ଓ ଭଉଣୀମାନେ" ଶ୍ରୋତାମାନଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ସେହି ଯୁବ ସନ୍ନ୍ୟାସୀଙ୍କର ଆକର୍ଷଣୀୟ ଚେହେରା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସମ୍ବୋଧନ ପରେ ପରେ ଶ୍ରୋତାମାନଙ୍କୁ କହିଲେ, "ଆପଣମାନଙ୍କ ଶ୍ରଦ୍ଧା ସଦିଚ୍ଛା ମୋର ହୃଦୟରେ ଅନିର୍ବଚନୀୟ ଆନନ୍ଦ ଭରି ଦେଇଛି । ମୁଁ ବିଶ୍ୱର ସର୍ବପ୍ରାଚୀନ ସନ୍ନ୍ୟାସୀ ସମାଜ ପକ୍ଷରୁ ସର୍ବଧର୍ମର ଜନନୀ ସ୍ୱରୂପା ହିନ୍ଦୁ ଧର୍ମ ପ୍ରତିନିଧି ଭାବରେ ଭାରତର କୋଟି କୋଟି ହିନ୍ଦୁ ନରନାରୀଙ୍କ ତରଫରୁ ଆପଣମାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରୁଛି । ଯେଉଁ ଧର୍ମ ଆବାହମାନ କାଳରୁ ସର୍ବଧର୍ମକୁ ସମାନ ଦୃଷ୍ଟିରେ ଦେଖି ଆସିଛି; ସର୍ବବିଧ ମତ ସ୍ୱୀକାର କରିବାକୁ ଶିକ୍ଷା ଦେଇ ଆସିଛି, ମୁଁ ସେହି ଧର୍ମର ଅନ୍ତର୍ଭୁକ୍ତ ହୋଇ ନିଜକୁ ଗୌରବାନିତ୍ୱ ମନେ କରୁଛି ।

ଯେଉଁ ଦେଶର ଲୋକେ ସମସ୍ତ ପ୍ରକାରର ବିବିଧତା ସତ୍ତ୍ୱେ ଏକତ୍ର ବସବାସ କରିବାକୁ ଅଙ୍ଗୀକାରବଦ୍ଧ, ଅନୈକ୍ୟ ମଧ୍ୟରେ ଐକ୍ୟ, ବୈଷମ୍ୟ ମଧ୍ୟରେ ସାମ୍ୟ, ଯାହାର ମୂଳମନ୍ତ୍ର 'ବସୁଧୈବ କୁଟୁମ୍ବକମ୍' ଧର୍ମ ବିଶ୍ୱାସକୁ ଯେଉଁମାନେ ଗ୍ରହଣ କରନ୍ତି, ମୁଁ ସେହି ଧର୍ମର ପ୍ରତିନିଧି ଭାବରେ ଆପଣମାନଙ୍କୁ ସ୍ୱାଗତ କରୁଛି । ଯାହାର ଧର୍ମଗ୍ରନ୍ଥକୁ 'ଅପୁରେଷୟ' ଭାବେ ଗ୍ରହଣ କରାଯାଇଛି ଓ ମାନବଧର୍ମ ହିଁ ଏହି ଧର୍ମର ମୂଳମନ୍ତ୍ର । ନଦୀ ଯେଉଁ ସ୍ଥାନରୁ ପ୍ରବାହିତ ହୋଇ ଆସିଲେ ମଧ୍ୟ ସମୁଦ୍ରରେ ମିଶିଥାଏ । ଯେଉଁ ଧର୍ମ ନେଇଯିଏ ଯେଉଁ ପଥରେ ଯେଉଁ ମତରେ ଗତିକଲେ ମଧ୍ୟ ସେହି ଗୋଟିଏ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ । କେବଳ ଧର୍ମାନ୍ଧତା ଓ ସାମ୍ପ୍ରଦାୟିକତା ହିଁ ମାନବ ଧର୍ମର ପ୍ରଧାନ ଶତ୍ରୁ । ଯିଏ ଯେଉଁ ଧର୍ମରେ ଥା'ନ୍ତୁନା କାହିଁକି, ଆସନ୍ତୁ! ଆମେ ସମସ୍ତେ ସମସ୍ତଙ୍କୁ କୋଳେଇ ନେବା । ସେହି ମାନଙ୍କ ଭିତରେ ନିଜକୁ ଖୋଜିବା, ସମସ୍ତେ ଏକାକାର ହୋଇଯିବା ।

ବିଶ୍ୱରେ ଭାରତବର୍ଷର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଜ୍ଞାନ କ୍ଷେତ୍ରରେ ଭାରତକୁ ପୃଥିବୀର ଶ୍ରେଷ୍ଠ ରାଷ୍ଟ୍ର ଭାବରେ ପ୍ରମାଣିତ କରିଥିବା ସ୍ୱାମୀ ବିବେକାନନ୍ଦଙ୍କର ପିଲା ଦିନର ନାମ 'ନରେନ୍'ଥିଲା । ୧୮୬୩ ମସିହା ଜାନୁୟାରୀ ୧୨ ତାରିଖରେ କଲିକତା ନଗରର ଉତ୍ତରାଞ୍ଚଳ ସିମିଳିପଡ଼ାରେ ପିତା ୰ ବିଶ୍ୱନାଥ ଦତ୍ତ ଓ ମାତା ୰ ଭୁବନେଶ୍ୱରୀ ଦେବୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ । ନରେନ୍‌ରୁ ବିବେକାନନ୍ଦ ର ଲମ୍ବା ଇତିହାସରେ ଗୁରୁ ରାମକୃଷ୍ଣ ପରମହଂସ ଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦକ୍ଷିଣେଶ୍ୱର ମନ୍ଦିର ଥିଲା ଗୁରୁଶିଷ୍ୟ ପରମ୍ପରାର ଏନ୍ତୁଡ଼ିଶାଳ । ପିତାଙ୍କ ମୃତ୍ୟୁପରେ ପରେ ଗୁରୁଙ୍କ ମୃତ୍ୟୁ ତାଙ୍କୁ ସମ୍ପୂର୍ଣ୍ଣ ଏକାକୀ କରିଦେଇଥିଲା । ମାତ୍ର ଦୁନିଆର ସବୁ ମହାନ କାର୍ଯ୍ୟ ଏକାକୀ ମଣିଷ ମାନଙ୍କ ଧୈର୍ଯ୍ୟ ଓ ନିଷ୍ଠା ଦ୍ୱାରା ହିଁ ସମ୍ଭବ ହୋଇ ପାରିଛି, ଏକଥା ତାଙ୍କୁ ବେଶ୍ ଜଣାଥିଲା । ଗୁରୁଙ୍କ ସହ ସମୟ ଅତିବାହିତ କରୁଥିବା ସମୟରେ 'ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି' ପ୍ରତି ସେ ବେଶ୍ ଆକୃଷ୍ଟ ଥିଲେ । ଅବଶ୍ୟ ଏଥିରୁ ନିବୃତ୍ତ ରହି ଜଗତର କଲ୍ୟାଣରେ ଧ୍ୟାନ ଦେବାକୁ ଗୁରୁ ରାମକୃଷ୍ଣ ପରମହଂସ ତାଙ୍କୁ ପରାମର୍ଶ ଦେଇଥିଲେ । "ତୁମେ ପ୍ରକାଣ୍ଡ ବରଗଛଟିଏ ହୁଅ । ଅନ୍ୟକୁ ବଞ୍ଚିବା, ବଢ଼ିବାର ରାସ୍ତା ବତାଅ", ଏହା ଥିଲା ଗୁରୁଙ୍କର ଉପଦେଶ । ନିଜର ମୁକ୍ତିକୁ ପଛରେ ପକାଇ ଧ୍ୟାନ, ଧାରଣା, ଯୋଗ ସମାଧି, ଇହଲୋକ ପ୍ରତି ବିମୁଖତା ସନ୍ନ୍ୟାସୀ ଧୀରେ ଧୀରେ ଅବହେଳିତ, ନିଷ୍ପେସିତ ଭାରତର ଉତ୍ଥାନ ଓ

"ମନୁଷ୍ୟର ସେବା ହିଁ ଈଶ୍ୱର ସେବା"ରେ ନିଜକୁ ଉତ୍ସର୍ଗ କଲେ । "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ" ଅନୁଭବକୁ ନେଇ "ମାନବ ସେବା ହିଁ ମାଧବ ସେବା" ଭାରତୀୟ ପରିଦର୍ଶନର ମୂଳମନ୍ତ୍ରକୁ ଗ୍ରହଣ କରି ନେଇଥିଲେ ।

ରାମକୃଷ୍ଣ ପରମହଂସଙ୍କର ମାତ୍ର କେତେଜଣ ଶିକ୍ଷିତ ଅନୁଗାମୀକୁ ନେଇ ବିବେକାନନ୍ଦ ବରାହନଗରଠାରେ ପହଞ୍ଚିଥିଲେ । ସେଠାରେ ଗୁରୁଙ୍କର ଜଣେ ଗୃହସ୍ଥ ଭକ୍ତ ସୁରେଶଚନ୍ଦ୍ର ମିତ୍ର ଏକ ପୁରୁଣା କୋଠା, ଭକ୍ତ ମାନଙ୍କୁ ଛାଡ଼ିଦେଲେ । ଏହି ଭୂତ କୋଠିଟି କାଳକ୍ରମେ ଏକ ପବିତ୍ର ସ୍ଥାନରେ ପରିଣତ ହେଲା । ଖାଦ୍ୟ, ବସ୍ତ୍ର ଅଭାବ ସତ୍ତ୍ୱେ ସେହି ଶିଷ୍ୟମାନେ ଠାକୁରଙ୍କ ଆଦର୍ଶରୁ ବିଚ୍ୟୁତ ହୋଇନଥିଲେ । ୧୮୭୭ ମସିହାରେ ୧୬ଜଣ ଭକ୍ତ ସନ୍ୟାସ ଗ୍ରହଣ କଲେ । ସେହି ଦିନଠାରୁ ସେ ନରେନ୍ଦ୍ରରୁ ବିବେକାନନ୍ଦ ଭାବେ ପରିଚିତ ହେଲେ । ତାଙ୍କର ପ୍ରଥମ ଶିଷ୍ୟ ଭାବେ ଶରତ ଚନ୍ଦ୍ର ମିତ୍ରଙ୍କୁ ଗ୍ରହଣ କଲେ । ପାଦରେ ଚାଲି ଚାଲି ସେ ସାରା ଦେଶ ପରିକ୍ରମା କଲେ । କର୍ମପନ୍ଥା ସ୍ଥିର ପୂର୍ବରୁ ସାରା ଦେଶକୁ ତନ୍ନ ତନ୍ନ କରି ପରୀକ୍ଷା କରିନେଲେ । ଭାରତର ବୁଭୁକ୍ଷୁ ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶା ଦେଖି ତାଙ୍କ ହୃଦୟ ବିଚଳିତ ହୋଇଗଲା । ପ୍ରତ୍ୟକ୍ଷ ଅଧ୍ୟୟନରୁ ଅର୍ଜିତ ଜ୍ଞାନ ଅଭିଜ୍ଞତା ଓ ଜୀବନର ନିବିଡ଼ ଅନୁଭୂତିକୁ ପାଥେୟ କରି ସେ ଏହି ସିଦ୍ଧାନ୍ତ ରେ ଉପନୀତ ହେଲେ ଯେ "ଦରିଦ୍ର ନାରାୟଣର ସେବା" ହିଁ ସନ୍ନ୍ୟାସୀ ର ଯଥାର୍ଥ ବ୍ରତ ।"

ସେ ମୋହିନୀ ଶକ୍ତିର ଅଧିକାରୀ ଥିଲେ, ଶତ୍ରୁ କୁ ମିତ୍ର କରି ଆପଣାର କରିପାରୁଥିଲେ । ଚୁମ୍ବକ ଲୁହାକୁ ଟାଣିଲା ପରି ସେ ଲୋକମାନଙ୍କୁ ଧର୍ମ ଓ ତ୍ୟାଗମାର୍ଗରେ ଅନୁପ୍ରାଣିତ କରିଥିଲେ ।

ତାଙ୍କର ମନୋବଳ ଏତେ ଦୃଢ଼ ଥିଲା ଯେ 'କାଶୀ'ରେ କହିଥିଲେ "ଯେତେଦିନ ପର୍ଯ୍ୟନ୍ତ ମୁଁ ଏହି ଦଳିତ ସମାଜ ଉପରେ ବୋମା ପରି ଫାଟି ନ ପଡ଼ିଛି, ଓ ସମାଜ ମତେ କୁକୁର ପରି ଅନୁସରଣ ନକରିଛି ସେତେଦିନ ଯାଏଁ ମୁଁ ଫେରିବି ନାହିଁ ।" ଥରେ ତାଙ୍କର ଜଣେ ଶିଷ୍ୟ ସୁଧାନନ୍ଦ ପଚାରିଲେ ଆପଣ ରାଜା ରାଜୁଡ଼ାଙ୍କ ସହ ସମ୍ପର୍କ ରଖନ୍ତି କାହିଁକି ? ଉତ୍ତର ସେ କହିଥିଲେ "ହଜାର ହଜାର ଦରିଦ୍ର ଲୋକଙ୍କୁ ଉପଦେଶ ଦେଇ ସତ୍‌କର୍ମ ପ୍ରତି ଆକୃଷ୍ଟ କରାଇ ଯେ ଫଳ ହେବ ଜଣେ ରାଜାକୁ ସେ ଦିଗରେ ନେଇପାରିଲେ କେତେ ଅଧିକ ଫଳ ହେବ ଥରେ ଚିନ୍ତା କର" ।

ସାରା ଭାରତ ପରିଭ୍ରମଣର ଶେଷରେ ସେ ଦକ୍ଷିଣର ରାମେଶ୍ୱର ଓ ସେଠାରୁ କନ୍ୟାକୁମାରୀରେ ପହଞ୍ଚିଥିଲେ । ସମୁଦ୍ରର ଅଳ୍ପ ଦୂରରେ ଦକ୍ଷିଣ ଦିଗରେ ଭାରତର ଶେଷ ଭୂଖଣ୍ଡ, ସେଠାକୁ ପହଁରି ପହଁରି ଗଲେ ଓ ସେଇଠି ଧ୍ୟାନସ୍ଥ ହେଲେ । ସେଠାରେ ତାଙ୍କର ଅନୁଭବ ହେଲା ଅବହେଳିତ ଭାରତର ପୁନରଉତ୍‌ଥାନ ପାଇଁ ଦରିଆପାରି ହୋଇ ଯିବାକୁ ହେବ । ଯେଉଁଠାରେ ପାର୍ବତୀ ତପସ୍ୟା କରି ଦେବଦେବ ମହାଦେବଙ୍କୁ ପାଇଥିଲେ ସେଇଠି ମାଙ୍କୁ ବନ୍ଦନା କରି ବିଦେଶ ଯାତ୍ରା କରିବା ପାଇଁ ସଂକଳ୍ପବଦ୍ଧ ହେଲେ ।

ଆମେରିକାର ଚିକାଗୋ ଧର୍ମସଭାରେ ବିବେକାନନ୍ଦଙ୍କ ବାଗ୍ମିତା, ପୌରୁଷ, ବିଶାଳ ବ୍ୟକ୍ତିତ୍ୱରେ ଆମେରିକା, ଫ୍ରାନ୍‌ସ, ଇଂଲଣ୍ଡ ଭଳି ଦେଶର ପଣ୍ଡିତମାନେ ମୁଗ୍ଧ ହୋଇ ତାଙ୍କୁ ଜଣେ ଶ୍ରେଷ୍ଠ ଭାରତୀୟ ଭାବେ ଗ୍ରହଣ କରିନେଲେ । ସେ ଥିଲେ ପ୍ରଥମ ଭାରତୀୟ ଯିଏକି ବିଦେଶରେ ଭାରତର ଭାବମୂର୍ତ୍ତି ବଢ଼ାଇଥିଲେ । ଭାରତୀୟ ଧର୍ମ, ବେଦ, ବେଦାନ୍ତ, ପୁରାଣ, ଉପନିଷଦ, ସଂସ୍କୃତି, ପରମ୍ପରା ସଂକଳିତ ଶିକ୍ଷା ଦେବା ପାଇଁ ଅନୁଷ୍ଠାନ ମାନ ଗଠନ କରିଥିଲେ । ହଜାର ହଜାର ବିଦେଶୀ ଯୁବକ ଯୁବତୀ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ଓ ସେ ତାଙ୍କ ଗୁରୁଙ୍କ ସ୍ମୃତିରେ 'ରାମକୃଷ୍ଣ ମିଶନ' ଗଢ଼ିଥିଲେ ।

ବିବେକାନନ୍ଦ ହିଁ ଭାରତର ଜ୍ଞାନଦୀପ୍ତ ପ୍ରାଣ ପୁରୁଷ । ରୋଗ, ଦାରିଦ୍ର୍ୟ, ଅବହେଳିତ, ଅତ୍ୟାଚାରିତ ଭାରତୀୟ ମାନଙ୍କର ଅବସ୍ଥାର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଲୋକଙ୍କ ମନରୁ ଭୟ, ଦୁର୍ବଳତା, କର୍ମ ବିମୁଖତା ଦୂର କରି ସେମାନଙ୍କୁ ନିର୍ଭୀକ ଶକ୍ତିଶାଳୀ କରିବାକୁ ବାରମ୍ବାର ଆହ୍ୱାନ ଦେଉଥିଲେ ।

ସେ ଯୁବଗୋଷ୍ଠୀକୁ ପ୍ରଥମେ ଜାଗ୍ରତ କରାଇବା ପାଇଁ ଉଦ୍ୟମ କରିଥିଲେ । ଏଣୁ ତାଙ୍କର ଜନ୍ମଦିନକୁ 'ଯୁବ ଦିବସ' ରୂପେ ସମଗ୍ର ଭାରତବର୍ଷରେ ପାଳନ କରାଯାଉଅଛି । ଶିକ୍ଷାର ସଂଜ୍ଞା ନିରୂପଣ କରିବାକୁ ଯାଇ ସେ ଉଲ୍ଲେଖ କରିଛନ୍ତି– "ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ହିଁ ଶିକ୍ଷାର ମୂଳ ଲକ୍ଷ୍ୟ ।" ସେ ୧୯୦୨ ଏପ୍ରିଲ ୪ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ବିବେକାନନ୍ଦ ଆଜି ନାହାନ୍ତି ମାତ୍ର ତାଙ୍କର ବାଣୀ ଓ ଆଦର୍ଶ ଆଜି ବି ପ୍ରତ୍ୟେକ ଯୁବକ ଓ ଯୁବତୀଙ୍କୁ ଶକ୍ତି ଓ ସାହସ ଯୋଗାଉଛି । ତାଙ୍କର ସ୍ମୃତି ଭାରତୀୟ ଜନଜୀବନକୁ ଆଚ୍ଛାଦିତ କରି ରଖିଛି ।

ବନ୍ଦେ ଉତ୍କଳ ଜନନୀ–

"Arise, awake, and stop not till the goal is reached." - Swami Vivekanda


–୦–



# ଆମ ଜାତୀୟତାବାଦ ଓ ଯୋଗୀ ଶ୍ରୀଅରବିନ୍ଦ

ନୀଳକଣ୍ଠ ସାହୁ

ଅନେକ ଅନନ୍ୟତାରେ ପରିପୂର୍ଣ୍ଣ ଆମ ଭାରତବର୍ଷ । ଭୌଗୋଳିକ ସ୍ଥିତିଠୁ ଆରମ୍ଭ କରି ଭୌତିକ ଭଣ୍ଡାର ପର୍ଯ୍ୟନ୍ତ ସବୁଠି ଏହାର ସ୍ୱତନ୍ତ୍ରତା ବାରି ହୋଇପଡ଼େ । ନଦୀ ମେଖଳା, ବନ କୁନ୍ତଳା, ତୁଷାର କିରୀଟିନୀ, ଗଙ୍ଗାବାରି ବିଧୌତା, ସୁଜଳା ସୁଫଳା ପବିତ୍ରଭୂମି ଭାରତ ଯୁଗେ ଯୁଗେ ମହାନ । ଦିନ ଥିଲା, ଏହା ବିଶ୍ୱଗୁରୁର ଆସନରେ ଆସୀନ ହୋଇ ସମଗ୍ର ପୃଥିବୀରେ ଜ୍ଞାନାଲୋକ ବିଚ୍ଛୁରିତ କରୁଥିଲା । ତେବେ, ବହୁ ବିଦେଶୀ ଆକ୍ରମଣର ଶିକାର ହେବା ଦ୍ୱାରା ବହୁ ବର୍ଷ ଧରି ବିଦେଶୀ ଶାସନାଧୀନ ରହିବା ଫଳରେ ଅନେକ କିଛି ହରେଇଛି ଏ ଦେଶ । ତଥାପି, ଏହି ମହାନ ଦେଶର ସଂସ୍କୃତି, ପରମ୍ପରା ଓ ମୌଳିକତା ଏବେ ବି ଅକ୍ଷୁଣ୍ଣ ।



ନବଭାରତର ନିର୍ମାତା ଭାବରେ ଯେଉଁ କେତେଜଣ ମହାମନିଷୀଙ୍କ ନାମ ଆଦ୍ୟ ସ୍ମରଣୀୟ, ସେମାନଙ୍କ ମଧ୍ୟରୁ ଶ୍ରୀଅରବିନ୍ଦ ଅନ୍ୟତମ । ଏକାଧାରରେ ସେ ଥିଲେ ଜଣେ ବିଖ୍ୟାତ ଦାର୍ଶନିକ, ଖ୍ୟାତନାମା ଭାବୁକ, ପ୍ରଖ୍ୟାତ କବି, ପ୍ରବୀଣ ପଣ୍ଡିତ, ପ୍ରଚଣ୍ଡ ଜ୍ଞାନୀ, ଦେଶପ୍ରେମୀ, ମହାନ ରାଜନୈତିକ, ଶିକ୍ଷାଗୁରୁ ଏବଂ ସର୍ବୋପରି ଜଣେ ଶ୍ରେଷ୍ଠ ଯୋଗୀ । ବାସ୍ତବରେ ଶ୍ରୀଅରବିନ୍ଦ ଥିଲେ ଭାରତୀୟ ଦର୍ଶନସମାଜର ମୁକୁଟବିହୀନ ସମ୍ରାଟ । ଭାରତୀୟମାନଙ୍କୁ ସଜାଗ ଓ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବା ପାଇଁ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଓ ସ୍ୱାମୀ ବିବେକାନନ୍ଦ ପରି ମହାମନିଷୀମାନେ ଯେଉଁ ଉଦ୍ୟମ କରିଥିଲେ, ଶ୍ରୀଅରବିନ୍ଦ ସେହି ପଥର ପଥିକ ସାଜି ବହୁ ମାତ୍ରାରେ ସେହି ଉଦ୍ୟମକୁ ତେଜିୟାନ କରିଛନ୍ତି ।

ଶିକ୍ଷାଲାଭ ପାଇଁ ଶ୍ରୀଅରବିନ୍ଦଙ୍କ ପିତା କୃଷ୍ଣଚନ୍ଦ୍ର ଘୋଷ ତାଙ୍କୁ ବିଲାତ ପଠାଇଥିଲେ । ତେଣୁ, ଏକ ସମୟରେ ଅରବିନ୍ଦଙ୍କ ସମସ୍ତ ଅଭ୍ୟାସ, ଭାବ, ଆଦର୍ଶ ସବୁକିଛି ବିଦେଶୀ ଢଙ୍ଗରେ ପ୍ରଭାବିତ ହୋଇଥିଲା । ଶ୍ରୀଅରବିନ୍ଦଙ୍କ ପ୍ରତ୍ୟୁତ୍ପନ୍ନମତିତା ଏମିତି ତୀକ୍ଷ୍ଣ ଥିଲା ଯେ ସେ ସମସ୍ତ ଅଧ୍ୟୟନକୁ ସହଜରେ ଆୟତ୍ତ କରି ପାରୁଥିଲେ । ତେବେ, ଇଂଲଣ୍ଡରେ ଅବସ୍ଥାନ ସମୟରେ ହିଁ ସେ ନିଜ ଦେଶକୁ ମୁକ୍ତ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ । ପିତା କୃଷ୍ଣଚନ୍ଦ୍ର ଘୋଷ ଅରବିନ୍ଦଙ୍କ ନିକଟକୁ ସେତେବେଳେ ପ୍ରକାଶିତ ହେଉଥିବା ଏକ ଇଂରାଜୀ ସମ୍ବାଦପତ୍ର 'ବେଙ୍ଗଲୀ' ନିୟମିତ ଭାବେ ପଠାଉଥିଲେ । ସେଥିରେ ଭାରତୀୟମାନଙ୍କ ପ୍ରତି ଇଂରେଜମାନଙ୍କ ଅତ୍ୟାଚାର ଓ ଦୁର୍ବ୍ୟବହାରର ଖବର ସବୁକୁ ସେ ଚିହ୍ନ ଦେଇ ପଠାଉଥିଲେ । ଏହାହିଁ ଅରବିନ୍ଦଙ୍କ ମନରେ ଦୃଢ଼ ସଂକଳ୍ପଟିଏ ଜାଗ୍ରତ କରାଇଥିଲା ଭାରତରୁ ବ୍ରିଟିଶଶାସନକୁ ହଟାଇବା ପାଇଁ ।

ଶ୍ରୀଅରବିନ୍ଦଙ୍କ ରାଜନୈତିକ ଧାରଣା ଓ କାର୍ଯ୍ୟାବଳୀ ଟିକେ ଭିନ୍ନ ଥିଲା । ଏହାର ତିନୋଟି ଦିଗ ଥିଲା । ପ୍ରଥମଟି ଥିଲା- ଗୋଟିଏ ବୈପ୍ଲବିକ ସଂପ୍ରଦାୟ ଗଠନ ଯାହାର ମୂଳ ଉଦ୍ଦେଶ୍ୟ ସଶସ୍ତ୍ର ବିଦ୍ରୋହ ସକାଶେ ପ୍ରସ୍ତୁତି । ଦ୍ୱିତୀୟଟି ହେଲା- ଏକ ପ୍ରକାଶ୍ୟ ପ୍ରଚାର ବ୍ୟବସ୍ଥା ଯାହାର ଲକ୍ଷ୍ୟ ସମଗ୍ର ଜାତିକୁ ସ୍ୱାଧୀନତାର ଆଦର୍ଶରେ ଦୀକ୍ଷିତ କରିବା ଏବଂ ତୃତୀୟଟି ହେଲା- ଏକ କ୍ରମବର୍ଦ୍ଧିଷ୍ଣୁ ଅସହଯୋଗ ଓ ନିଷ୍କ୍ରିୟ ପ୍ରତିରୋଧ ଦ୍ୱାରା ବିଦେଶୀ ଶାସନକୁ ଦୁର୍ବଳ କରିଦେବା । ଏହି ତିନୋଟି ଦିଗକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଶ୍ରୀଅରବିନ୍ଦ ଏକ ଅକ୍ଷମ ନୀତିବାଦୀ ନଥିଲେ କି ଦୁର୍ବଳ ଶାନ୍ତିବାଦୀ ବି ନଥିଲେ ।

୧୯୦୬ ମସିହା ବେଳକୁ ଶ୍ରୀଅରବିନ୍ଦ ବିପିନ ପାଲଙ୍କ ସହ 'ବନ୍ଦେ ମାତରମ୍' ପତ୍ରିକାର ସମ୍ପାଦନା ଭାର ନେଲେ । ଏଥିରେ ସେ ଯେଉଁ ସମ୍ପାଦକୀୟ ଲେଖାମାନ ଲେଖିଥିଲେ, ସେତେବେଳେ

ତାହା ବ୍ରିଟିଶ୍ ଶାସନ ବିରୋଧରେ ଉଗ୍ରବାଦୀ କାର୍ଯ୍ୟକୁ ଉତ୍ସାହିତ କରୁଥିଲା । କିନ୍ତୁ, ମୂଳ ଉଦ୍ଦେଶ୍ୟ ଥିଲା ସେହି ଗୋଟିଏ – ଭାରତ ମାଟିରୁ ଇଂରେଜମାନଙ୍କୁ ହଟାଇବା । ପୁଣି, ଶ୍ରୀଅରବିନ୍ଦ 'ମୀମାଂସା ନୁହେଁ' ନାମକ ଏକ ପ୍ରଚାର ପତ୍ର ଲେଖି ଗୁପ୍ତ ଭାବରେ ଛପାଇ ତତ୍କାଳୀନ ଭାରତୀୟ ଜନସାଧାରଣଙ୍କ ମଧ୍ୟରେ ବାଣ୍ଟିଥିଲେ । ଏସବୁ କାର୍ଯ୍ୟକଳାପ ବିଦେଶୀ ଶାସନକୁ ଏକ ଶକ୍ତ ଧକ୍କା ପହଞ୍ଚାଇଥିଲା । ତେଣୁ, ସେତେବେଳର ଭାଇସରାୟ ଇଂଲଣ୍ଡକୁ ଏକ ଗୁପ୍ତ ଚିଠି ଲେଖି ଜଣାଇଥିଲେ 'ଅରବିନ୍ଦ ଭାରତର ସବୁଠାରୁ ବିପଦପୂର୍ଣ୍ଣ ବ୍ୟକ୍ତି' । ଦେଶର ସ୍ୱାଧୀନତା ପାଇଁ ତାଙ୍କୁ ଜେଲ ଯିବାକୁ ମଧ୍ୟ ପଡ଼ିଥିଲା । ୧୯୦୬ ମସିହାରୁ ୧୯୧୦ ମସିହା ପର୍ଯ୍ୟନ୍ତ ଅରବିନ୍ଦ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତେବେ, ରାଜନୈତିକ କାର୍ଯ୍ୟକଳାପ ତାଙ୍କୁ ସନ୍ତୋଷ ପ୍ରଦାନ କରିପାରିଲା ନାହିଁ । ତେଣୁ ୧୯୧୦ ମସିହାରେ ସେ ରାଜନୀତିରୁ ଦୂରେଇଯାଇ ପଣ୍ଡିଚେରୀରେ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଏହି ଆଶ୍ରମରେ ଆଧ୍ୟାତ୍ମିକ ଜ୍ଞାନ ଅର୍ଜନରେ ନିଜର ସମୟ ଅତିବାହିତ କରିଥିଲେ ।

ବାସ୍ତବରେ ଶ୍ରୀଅରବିନ୍ଦଙ୍କ ଜୀବନ ଦ୍ୱିଧାବିଭକ୍ତ । ଜୀବନର ଆଦିପର୍ବରେ ସେ ରାଜନୀତିଜ୍ଞ ଏବଂ ଅନ୍ତିମ ପର୍ବରେ ସେ ଯୋଗୀ ଅରବିନ୍ଦ । ତେବେ, ଏ ଦୁଇଟିଯାକ ପର୍ବରେ ଶ୍ରୀଅରବିନ୍ଦଙ୍କ ଏକନିଷ୍ଠ ଜାତୀୟତାବାଦ ଆମେ ସନ୍ଦର୍ଶନ କରିଥାଉ । ଜୀବନର ପ୍ରଥମାର୍ଦ୍ଧରେ ସେ ଚରମପନ୍ଥୀ ନୀତିକୁ ଆପଣେଇ ଥିଲେ ଏବଂ ଦ୍ୱିତୀୟାର୍ଦ୍ଧରେ ଭାରତୀୟ ସଂସ୍କୃତି, ସଭ୍ୟତା ଓ ସନାତନ ଧର୍ମର ପ୍ରଚାରପ୍ରସାର ପାଇଁ ଧ୍ୟାନସ୍ଥ ହୋଇଥିଲେ । ଆଧ୍ୟାତ୍ମିକତା ଉପରେ ପ୍ରତିଷ୍ଠିତ ବେଦାନ୍ତ, ଉପନିଷଦ, ଗୀତା, ରାମାୟଣ ଓ ମହାଭାରତ ପରି ଗ୍ରନ୍ଥ ବିଶ୍ଳେଷଣ କରି ମହାନ ଭାରତୀୟ ସଂସ୍କୃତି ଓ ମହତ୍ତ୍ୱକୁ ବିଶ୍ୱ ଦରବାରରେ ସେ ପ୍ରତିପାଦିତ କରିଥିଲେ । ଶ୍ରୀଅରବିନ୍ଦଙ୍କ ଦର୍ଶନର ମୂଳ ଭିତ୍ତିଭୂମି ସଂପୂର୍ଣ୍ଣ ଆଧ୍ୟାତ୍ମିକ । ବ୍ରହ୍ମ ସହିତ ଆତ୍ମାର ଅପୂର୍ବ ସଂଯୋଗ ଉପରେ ତାଙ୍କର ତଥ୍ୟ ଆଜି ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ଭୌତିକବାଦ ଉପରେ ପ୍ରତିଷ୍ଠିତ ପାଶ୍ଚାତ୍ୟ ରାଷ୍ଟ୍ର ସମୂହର ଅଧିବାସୀ ଆଜି ଭାରତାଭିମୁଖୀ ହେଉଛନ୍ତି ଏହି ଆଧ୍ୟାତ୍ମିକ ଜ୍ଞାନ ପାଇଁ । ଶ୍ରୀଅରବିନ୍ଦ ଜୀବନର ପରମ ଲକ୍ଷ୍ୟକୁ ହାସଲ କରିବା ପାଇଁ ମନୁଷ୍ୟକୁ ସର୍ବଦା ସଚ୍ଚିଦାନନ୍ଦ, ସତ୍ୟ ସଚେତନତା ଏବଂ ବିବର୍ତ୍ତନକୁ ଆପଣେଇବା ପାଇଁ ଉପଦେଶ ଦେଇଛନ୍ତି । ପୁନଶ୍ଚ ଏକ ପ୍ରଗତିଶୀଳ ଏବଂ ନବଭାରତର ନିର୍ମାଣ ପାଇଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ଅତ୍ୟନ୍ତ ପ୍ରଣିଧାନ ଯୋଗ୍ୟ । ଏଥିପାଇଁ, ଆଧ୍ୟାତ୍ମିକ, ଅର୍ଥନୈତିକ, ରାଜନୈତିକ, ସାମାଜିକ ପ୍ରଗତିର ଆବଶ୍ୟକତା ରହିଛି । ଭାରତବାସୀଙ୍କୁ ଆହ୍ୱାନ ଦେଇ ଯୋଗୀ ଶ୍ରୀଅରବିନ୍ଦ କହିଥିଲେ, 'ଆମ୍ଭେମାନେ ନିଜ ସ୍ୱାର୍ଥ ପାଇଁ ନୁହେଁ ବରଂ ଅନ୍ୟ ପାଇଁ କାର୍ଯ୍ୟ କରିବା ଏବଂ ମୃତ୍ୟୁବରଣ ପାଇଁ ବଞ୍ଚି ରହିବା ଉଚିତ ।

ଶ୍ରୀଅରବିନ୍ଦଙ୍କ ଅନ୍ତର୍ଦୃଷ୍ଟି ଥିଲା ଖୁବ୍ ତୀକ୍ଷ୍ଣ ଓ ପ୍ରଖର । ନବଭାରତର ଜଣେ ନିର୍ମାତା ଏବଂ ଯୁଗଧର୍ମର ଜଣେ ପ୍ରବର୍ତ୍ତକ ହିସାବରେ ଶ୍ରୀଅରବିନ୍ଦ ଚିରକାଳ ଅମର । ସର୍ବୋପରି ତାଙ୍କ ଦର୍ଶନରେ ମାନବିକତାର ଜୟଗାନ ସର୍ବଦା ଊର୍ଦ୍ଧ୍ୱରେ ରହିଆସିଛି । ଭାରତର ଜାତୀୟ ଇତିହାସରେ ତାଙ୍କ ନାମ ସର୍ବଦା ଅମ୍ଳାନ ଏବଂ ଅଦ୍ୱିତୀୟ ।

–୦–

ବଦ୍ରିରାଜ ନଗର, ୧ମ ଗଳି, ଗୋସାଇଁନୂଆଗାଁ,
ବ୍ରହ୍ମପୁର-୭୬୦୦୦୩, ସଂପର୍କ: ୯୮୬୧୮୯୬୩୧୪

*With Best Compliments from:*

**SAKUNTALA MEDICAL STORE**

**24 HOURS SERVICE**

**CHC-I HOSPITAL CAMPUS, KHALLIKOTE**

**PROP: SANTOSH KUMAR KANHAR (TULIA)**

**CONTACT: 9437515148**




# ନବଭାରତର ନିର୍ମାତା: ପଣ୍ଡିତ ଜବାହାର

ପ୍ରଶାନ୍ତ ମହାନ୍ତି

Leadership is not about being nice. It's about being right and being strong. (Paul Keating)

ବ୍ୟକ୍ତିର ଦୂରଦୃଷ୍ଟି ସହିତ ନେତୃତ୍ୱ ଏବଂ ବ୍ୟକ୍ତିତ୍ୱର ପ୍ରଭାବ ସାମାଜିକ ବ୍ୟବସ୍ଥାରେ ଏକ ଗଠନମୂଳକ ପରିବର୍ତ୍ତନ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।



ଜଣେ ରାଜନେତା ନିର୍ବାଚନ ବୈତରଣୀ ପାର ହେବାକୁ ଆଗାମୀ ବର୍ଷ ପାଇଁ ସ୍ୱପ୍ନ ଦେଖେ । କିନ୍ତୁ ଜଣେ ରାଷ୍ଟ୍ରନାୟକ, ରାଷ୍ଟ୍ରର ସାମଗ୍ରିକ ବିକାଶ ଲାଗି, କେବଳ ଏ ଦଶ ବର୍ଷ ପାଇଁ ସ୍ୱପ୍ନ ଦେଖେ ନାହିଁ ସ୍ୱପ୍ନକୁ ସାକାର କରିବା ଲାଗି ଯେତେ କଷ୍ଟ ହେଲେ ବି ଶ୍ରମସ୍ୱୀକାର କରି ବଳିଷ୍ଠ ପଦକ୍ଷେପମାନ ଗ୍ରହଣ କରିଥାଏ । ରାଷ୍ଟ୍ରନାୟକଙ୍କ ସେହି ଗଠନମୂଳକ ପଦକ୍ଷେପ ମୂଳରେ ଥାଏ ଅଗଣତି ଲୋକଙ୍କୁ ଅନ୍ଧାରରୁ ଆଲୋକ ଆଡ଼କୁ ଟାଣି ନେବାର ମହତ୍ ଆକାଂକ୍ଷା ।

ଏଇ ପୃଷ୍ଠଭୂମି ଉପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲଙ୍କ କାର୍ଯ୍ୟଧାରାକୁ ବିଶ୍ଲେଷଣ କରିବା । ରାଷ୍ଟ୍ରର ବିକାଶ ଥିଲା ତାଙ୍କ ସ୍ୱାଭିମାନୀ ଜୀବନର ସ୍ପନ୍ଦନ । ଆଲୋଚ୍ୟ ବିଷୟ 'ନବଭାରତର ନିର୍ମାତା' ପଣ୍ଡିତ ନେହେରୁଙ୍କ ଜୀବନ ଦର୍ଶନରେ କର୍ମପ୍ରବଣତା ଯେତେ ଭାବପୂର୍ଣ୍ଣ ତାକୁ ଏଇ କ୍ଷୁଦ୍ର ପ୍ରବନ୍ଧ ଜରିଆରେ ପ୍ରକାଶ କରିବା ହିଁ ଏହାର ମୂଳ ଲକ୍ଷ୍ୟ ।

ଦୀର୍ଘ ବର୍ଷର ଜାତୀୟ ସଂଗ୍ରାମର କ୍ରମପରିଣତି ଦେଶ ବିଭାଜନରେ ପରିସମାପ୍ତି । ଏହା ଥିଲା ଅନେକଙ୍କ କଳ୍ପନାର ବାହାରେ । ଇଂଲଣ୍ଡରେ ଅଟ୍‌ଲି ସରକାରଙ୍କ ଅନ୍ତିମ ନିଷ୍ପତ୍ତି 'ଭାରତ ସ୍ୱାଧୀନ ହେବ'ର ଭାବାବେଗକୁ ଆଧାର କରି ୧୯୪୬ ସେପ୍ଟେମ୍ବର ୨ ତାରିଖରେ ଭାରତରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠିତ ହେଲା ।

ସମଗ୍ର ବିଶ୍ୱ ଯେତେବେଳେ ଗଭୀର ନିଦରେ ଆତ୍ମବିସର୍ଜନ କରିଥିଲେ, ସେହି ମଧ୍ୟରାତ୍ରୀ ୧୯୪୭ ଅଗଷ୍ଟ ୧୪ର ଐତିହାସିକ ମୁହୂର୍ତ୍ତ, ଯେଉଁଠି ଆମେ ଦୁଇଖଣ୍ଡ ହୋଇ ସ୍ୱାଧୀନ ହେଲୁ । ହର୍ଷ ବିଷାଦର ଏଇ ଦିବସ ଅନେକଙ୍କୁ ବିବଶ କରିଥିଲା । କିନ୍ତୁ ବିଭାଜନର ସପକ୍ଷରେ ଜାତିର ପିତା ମହାତ୍ମା ଗାନ୍ଧୀ ନଥିଲେ ବୋଲି ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ ।

"If you want to create a separate Pakistan, that Pakistan will stand on my dead body." (Gandhi)

ସଦ୍ୟ ସ୍ୱାଧୀନତା ଲାଭ କରିଥିବା ଆମ ଭାରତ ଭୂଖଣ୍ଡଟି ଅନେକ ଅଭାବବୋଧକୁ ନେଇ ଲହୁଲୁହାଣ । ସବୁଠି ବିକଳ ହାତ, ଦୁର୍ବଳ ପାଦ । ରୁଗ୍ଣ ମାନସିକତା ଭାଷା, ଧର୍ମ, ଜାତିରେ ଅନେକ ସଂକୀର୍ଣ୍ଣତା । ଅବିଶ୍ୱାସର ବଳୟ ଭିତରେ ଯେମିତି ସମଗ୍ର ଜନତା ।

ଏଇ ଲୁଣ୍ଠିତ ପୋଡ଼ାଭୂମି ଉପରେ, ସ୍ୱପ୍ନ ଛଳଛଳ, ଭାବ ଜରଜର, ଜଣେ ମଣିଷ ପରି ମଣିଷ, ଆମର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ । ଐତିହାସିକ ରାତି ଅଗଷ୍ଟ ୧୪ରେ ପ୍ରଧାନମନ୍ତ୍ରୀ ନେହେରୁ ଦେଶବାସୀଙ୍କ ଲାଗି ଯେଉଁ ଉଦ୍‌ବୋଧନ ଦେଇଥିଲେ, ତାହାଥିଲା କଷ୍ଟଲବ୍ଧ ସ୍ୱାଧୀନତା ପରେ ଆମର ଦାୟିତ୍ୱ, ଯାହାକୁ ନେଇ ରାଷ୍ଟ୍ର ବିକଶିତ ହେବ, ତାହା Tryst

with Destiny ନାମରେ ଆଦୃତ ।

The future becikons to us. Whether do we go and what shall be our endeavour ? To bring freedom and opportunity to the common man, to the peasants and workers of India; to fight and end poverty and ignorange and disease; to buildup a prosperous, democratic and progressive nation, and to create social, economic and political institutions which will ensure justice and fullness of life to every man and woman. (Tryst with Destiny: Nehru)

ସ୍ୱାଧୀନ ଭାରତବର୍ଷର ଯନ୍ତ୍ରଣାକ୍ଲିଷ୍ଟ ଜୀବନର କାଣିଚାଏ ହସ ଦେଖିବା ଲାଗି ପ୍ରଧାନମନ୍ତ୍ରୀ ନେହେରୁ କେବଳ ସ୍ୱପ୍ନ ଦେଖୁନଥିଲେ, ସ୍ୱପ୍ନକୁ ସଂଭାବନାରେ ରୂପାନ୍ତରିତ କରିବା ଲାଗି ସେ ଚାରିଗୋଟି ସ୍ତମ୍ଭ ଉପରେ ବିଶ୍ୱାସ ରଖୁଥିଲେ । ୧. ସଂପୂର୍ଣ୍ଣ ସହଯୋଗ (ଆବଶ୍ୟକତା ନେଇ ବିଦେଶୀ ଶକ୍ତିର ସହଯୋଗ), ୨. ଧର୍ମନିରପେକ୍ଷତା, ୩. ସାମ୍ୟବାଦ ଓ ୪. ଗଣତନ୍ତ୍ର ।

ଉପରୋକ୍ତ ସ୍ତମ୍ଭ ଉପରେ 'Temple of Modern India' ଗଠନ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ।

ଦେଶ ସ୍ୱାଧୀନ ହେବା ସମୟରେ, ଆମ ହାତରେ ଯେଉଁ ସାଧାରଣ ଯାନ୍ତ୍ରିକ ବସ୍ତୁ (Tool) ପଡୁଥିଲା, ତାହା Made in England ବା Made in Japan । ସେହିପରି ଏଇ ପଛୁଆ ରାଷ୍ଟ୍ରକୁ ବିଶ୍ୱ ଦରବାରରେ ମର୍ଯ୍ୟାଦା ସହ ବଂଚିରହିବା ଲାଗି ବି କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିବ, ତାହା ଆମର ବିଶ୍ୱାସର ବାହାରେ ।

ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷ । ତା'ର ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ କରାଇଥିଲା ୧୯୫୨ ମସିହାରେ । ପଣ୍ଡିତ ନେହେରୁ, ଆହ୍ଲାବାଦ ନିକଟସ୍ଥ ଫୁଲପୁର ନିର୍ବାଚନ ମଣ୍ଡଳୀର ଲୋକସଭାକୁ ନିର୍ବାଚିତ ହୋଇ ଦେଶର ପ୍ରଧାନମନ୍ତ୍ରୀ ଭାବେ ଗୁରୁଦାୟିତ୍ୱ ବହନ କରିଥିଲେ ।

ଦୁର୍ଭିକ୍ଷ, ଅନାହାର, ଅଭାବ, ଅନଟନ ସହିତ ଆର୍ଥିକ ଦୂରାବସ୍ଥା, ଜାତୀୟ ବିକାଶର ପରିପନ୍ଥୀ । ଏଇ ସତ୍ୟକୁ ସେ ଦେଶ ସ୍ୱାଧୀନ ହେବାର ବହୁ ଆଗରୁ ଅନୁଭବ କରିଥିଲେ । ପଣ୍ଡିତ ନେହେରୁଙ୍କ ଧର୍ମପତ୍ନୀଙ୍କ ଭଗ୍ନସ୍ୱାସ୍ଥ୍ୟ ଯୋଗୁଁ ତାଙ୍କୁ ବହୁବାର ବିଦେଶ ଯାତ୍ରା କରିବାକୁ ପଡ଼ିଥିଲା । ସେଇ ଅବକାଶରେ ବିଶ୍ୱର ବିକଶିତ ରାଷ୍ଟ୍ରର ସଫଳତାକୁ ଅନୁଧ୍ୟାନ କରିବା ସହ ସାମ୍ୟବାଦୀ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରନାୟକମାନଙ୍କ ସହ ଯୋଗାଯୋଗ ରଖି ଦେଶର ସ୍ୱାଧୀନତା ଲାଗି କିଛି ପରାମର୍ଶ ବି ଗ୍ରହଣ କରିଥିଲେ ।

ସଂପ୍ରତି ଭାରତବର୍ଷରେ କାର୍ଯ୍ୟ କରୁଥିବା ପଞ୍ଚବାର୍ଷିକ ଯୋଜନା ପଣ୍ଡିତ ନେହେରୁଙ୍କ ମାନସ ସନ୍ତାନ । ଋଷରେ ପ୍ରଚଳିତ ହୋଇଥିବା ପଞ୍ଚବାର୍ଷିକ ଯୋଜନାର ସଫଳତା ପ୍ରଧାନମନ୍ତ୍ରୀ ନେହେରୁଙ୍କୁ, ସେହି ଯୋଜନାକୁ ଭାରତବର୍ଷରେ କାର୍ଯ୍ୟକ୍ଷମ କରିବା ପାଇଁ ଯେମିତି ଏକ ରକମ ବାଧ୍ୟ କରିଥିଲା ।

ଭାରତବର୍ଷରେ, ନେହେରୁଙ୍କ ନେତୃତ୍ୱରେ ୧୯୫୨ ମସିହାରେ ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଶୁଭ ଶଂଖ ବାଜି ଉଠିଲା । ସାମ୍ୟବାଦୀ ପ୍ରଧାନମନ୍ତ୍ରୀ ଜବାହାର ଉପଲବ୍ଧି କରିଥିଲେ ଭାରତର ଅର୍ଥନୀତି କୃଷିଭିତ୍ତିକ । ସେଥିଲାଗି କୃଷିର ବିକାଶ ଲାଗି ପ୍ରଥମ ପଞ୍ଚବାର୍ଷିକ ଯୋଜନା ଉଦ୍ଦିଷ୍ଟ ଥିଲା ।

କୁହାଯାଏ 'ଭାରତର ରଡ଼ି ବନ୍ୟା ବାତ୍ୟା ମରୁଡ଼ି' । ଅଣସେଚିତ ଜମିକୁ ପାଣି ଯୋଗାଇବା, ଦୁର୍ଭିକ୍ଷ ଓ ବନ୍ୟା ଦାଉରୁ ଦେଶର ଧନଜୀବନ ସୁରକ୍ଷା ଲାଗି, ସେ ଜଳବିଦ୍ୟୁତ୍ ଶକ୍ତି ଉପରେ ଅଧିକ ଗୁରୁତ୍ୱ ଦେଇ (Hydroelectric Dam) ତିନିଗୋଟି ନଦୀବନ୍ଧ ଯୋଜନାକୁ କାର୍ଯ୍ୟକ୍ଷମ କରାଇ ପାରିଥିଲେ । ୧. ଭାକ୍ରାନଙ୍ଗଲ, ୨. ହୀରାକୁଦ ଏବଂ ୩. ନାଗାର୍ଜୁନ ସାଗର । ଯାହାରି ଫଳରେ କେବଳ ଭାକ୍ରାନଙ୍ଗଲ ନଦୀବନ୍ଧ ଯୋଜନା ଏକ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରି ୧୫୦୦ ମେଗାୱେଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିପାରିଥିଲା । ଏହାକୁ ଆଧାର କରି କ୍ରମଶଃ ଆମେ ଖାଦ୍ୟଶସ୍ୟ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇପାରିଛୁ । କୃଷିର ବିକାଶ ସହିତ କୁଟୀରଶିଳ୍ପ ଜରିଆରେ ଗ୍ରାମ୍ୟ ଅର୍ଥନୀତିର ବିକାଶ ଲାଗି ନେହେରୁ ବଳିଷ୍ଠ ପଦକ୍ଷେପ ନେଇଥିଲେ । ବିଦେଶ ରାଷ୍ଟ୍ରର ବିକଶିତ ଅର୍ଥନୀତି ମୂଳରେ କେବଳ କୃଷିର ଭିତ୍ତିଭୂମି ଯଥେଷ୍ଟ ନଥିଲା । ଏଇ ଉପଲବ୍ଧି ପଣ୍ଡିତ ନେହେରୁଙ୍କ ଥିଲା । ବିଶେଷକରି ଆମେରିକାର ପ୍ରଗତିମୂଳରେ ସେହି ଦେଶର ବିଶ୍ୱବିଦ୍ୟାଳୟ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ବିଶ୍ୱବିଦ୍ୟାଳୟଗୁଡ଼ିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଆଧାରରେ, ଜାତୀୟ ବିକାଶରେ ସହାୟତା ଯୋଗାଇ ଆସିଥାଆନ୍ତି ।

ବିଶ୍ୱର ସଂସ୍କୃତି ସଂପନ୍ନ ଏଇ ପ୍ରାଚ୍ୟ ଭୂଖଣ୍ଡ ଭାରତକୁ ବିଜ୍ଞାନ ପ୍ରଯୁକ୍ତ ବିଦ୍ୟା ଏବଂ କାରିଗରୀ କୌଶଳରେ, ବିଶ୍ୱର କୌଣସି ପ୍ରଗତିଶୀଳ ରାଷ୍ଟ୍ର ସହ ସମକକ୍ଷ କରିବା ଥିଲା ପଣ୍ଡିତ ନେହେରୁଙ୍କ ଲକ୍ଷ୍ୟ । ସେଥିଲାଗି ତାଙ୍କର ଯାତ୍ରା ୧୯୪୯ରେ ଆମେରିକାର

Massachusetts Institute of Technology କୁ । ସେଠିକାର ଅଧ୍ୟାପକ ଏବଂ ଛାତ୍ରମାନଙ୍କ ଗବେଷଣା ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ପ୍ରଭାବିତ କରିଥିଲା । ସେଇ ଅନୁଭବକୁ ଆଧାରକରି ୫ ଗୋଟି ଦୃଷ୍ଟାନ୍ତମୂଳକ (Iconic) I.I.T. ଅନୁଷ୍ଠାନ ପ୍ରତିଷ୍ଠା କରିଥିଲେ । ସେଗୁଡ଼ିକ ହେଲା ୧. ଖଡ଼ଗପୁର (୧୯୫୦), ୨. ବମ୍ବେ (୧୯୫୮), ୩. ମାଡ୍ରାସ୍ (୧୯୫୯), ୪. କାନପୁର (୧୯୫୯) ଏବଂ ୫ମଟି ୧୯୬୧ ମସିହାରେ ରାଜଧାନୀ ଦିଲ୍ଲୀଠାରେ ପ୍ରତିଷ୍ଠାଲାଭ କରିଥିଲା । ଆଜିର କ୍ରମବର୍ଦ୍ଧିଷ୍ଣୁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶଧାରାରେ ଉପରୋକ୍ତ ଅନୁଷ୍ଠାନଗୁଡ଼ିକ ଆଦର୍ଶର ମାଇଲଖୁଣ୍ଟ ସଦୃଶ୍ୟ କାର୍ଯ୍ୟ ସଂପାଦିତ କରିଆସୁଛନ୍ତି ।

ଅଭାବିତ ଭାରତବର୍ଷରେ ସରକାରୀ ପ୍ରୋତ୍ସାହନ ବିନା ଶିକ୍ଷାନୁଷ୍ଠାନ, ଲୋକମୁଖୀ ହେବା ସମ୍ଭବ ନୁହେଁ । ଏଇ ଅନୁଭବ ଜଣେ ରାଷ୍ଟ୍ରନାୟକ ହିଁ ବେଶ୍ ଉପଲବ୍ଧ କରିପାରନ୍ତି । କାରଣ ଘରୋଇ ଉଦ୍ୟୋଗରେ ଚାଲୁରହିଥିବା ଅନୁଷ୍ଠାନର ଆର୍ଥିକ ଅର୍ଥଲାଳସା ଜଣେ ସାଧାରଣ ମଣିଷର ବିଶ୍ୱାସର ବାହାରେ । ସେଥିପ୍ରତି ଯଥେଷ୍ଟ ସଚେତନ ରହି ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଗରିବ ତଥା ମେଧାବୀ ଛାତ୍ରମାନଙ୍କ ଅଧ୍ୟୟନ ଆଉ ଅନୁଶୀଳନ ଲାଗି ତାଙ୍କରି ଦିଗ୍‌ଦର୍ଶନରେ ଭାରତବର୍ଷରେ ପ୍ରତିଷ୍ଠିତ ହେଲା- ୧. Indian Institute of Management, ୨. The Indian School of Mines, ୩. Agriculture University ୪. All India Institute of Medical Science ।

ଏତଦ୍‌ଭିନ୍ନ ବିଜ୍ଞାନର ବିଭିନ୍ନ ବିଭାଗରେ ପାରଦର୍ଶିତା ଅର୍ଜନ କରିଥିବା ବୈଜ୍ଞାନିକମାନଙ୍କ ନାମରେ ଅନେକ ଗବେଷଣା ପ୍ରତିଷ୍ଠାନ ପ୍ରଧାନମନ୍ତ୍ରୀ ଜବାହାରଲାଲ ସ୍ୱାଧୀନ ଭାରତରେ ପ୍ରତିଷ୍ଠା କରିଥିଲେ । ଏହାର ମୁଖ୍ୟ କାରଣ ମେଧାବୀ ଛାତ୍ରମାନଙ୍କ ବୌଦ୍ଧିକ ଚେତନାକୁ ରାଷ୍ଟ୍ରର ବିକାଶ ଲାଗି ନିୟୋଜିତ କରିବା ।

ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ନାମରେ (Indian Space Research Programme)

ସାର୍ ସି.ଭି. ରମଣ - (Indian Institute of Science)

ହୋମି. ଜେ. ଭାବା- (Bhaba Automic Research Centre)

ସତୀସ୍ ଧଓ୍ୱନ୍- (Indian Space Research Organisation)

ଏସ୍.ଏସ୍. ଭାଟନାଗର- (Council of Scientific and Industrial Research) ଭଳି ଅନେକ ବୈଜ୍ଞାନିକ ଗବେଷଣା କେନ୍ଦ୍ରମାନ ତାଙ୍କର ପ୍ରଚେଷ୍ଟାରେ ରାଷ୍ଟ୍ରୀୟ ବିକାଶ ପଥରେ ଆଗେଇ ଯାଇଥିଲେ । Atomic Energy ବିଭାଗ ଦ୍ୱାରା National Chemical Laboratory ୧୯୪୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ସେହିପରି National Physical Laboratory (1950), Fuel Research Station, Central Glass and Ceramics Research Institute -1950 ଏବଂ The NationalMetallurgical Laboratory ମଧ୍ୟ ନେହେରୁଙ୍କ ଦିଗ୍‌ଦର୍ଶନରେ ସ୍ୱାଧୀନତାର ପ୍ରଥମ ଦଶକ ମଧ୍ୟରେ ପ୍ରତିଷ୍ଠାଲାଭ କରିଥିଲା । ରାଉରକେଲା, ବୋକାରୋଠାରେ ପ୍ରତିଷ୍ଠିତ ହୋଇଥିବା ଇସ୍ପାତ କାରଖାନା ପ୍ରଧାନମନ୍ତ୍ରୀ ନେହେରୁଙ୍କ ଚେତନା ପ୍ରସୂତ ବୃହତ୍ ଶିଳ୍ପ ।

ଦେଶ ସ୍ୱାଧୀନ ହେବାର ଯଥେଷ୍ଟ ଆଗରୁ ପଣ୍ଡିତ ନେହେରୁ ପ୍ରିୟଦର୍ଶନୀ ଇନ୍ଦିରାଙ୍କୁ Glimpses of World History (1934) ଜରିଆରେ ଲେଖିଥିଲେ "Sanitation and Health and the conquest over some disease depend on Science." ଚିକିତ୍ସା ବିଜ୍ଞାନର ବିକାଶ ଲାଗି ୧୯୫୮ ମସିହାରେ ମୌଲାନା ଆଜାଦ୍ ମେଡ଼ିକାଲ କଲେଜ, ଗୋବିନ୍ଦ ବଲ୍ଲଭ ପନ୍ଥ, Institute of PG Medical Education and Research Centre ମଧ୍ୟ ୧୯୬୧ ମସିହାରୁ କାର୍ଯ୍ୟକ୍ଷମ ହୋଇ ଆସୁଛି ।

ବସନ୍ତ ରୋଗ, ମ୍ୟାଲେରିଆ, ପ୍ଲେଗ୍, ଟାଇଫଏଡ୍, କୁଷ୍ଠ, ଫାଇଲେରିଆ, ଡିପ୍‌ଥେରିଆ, ହୁପିଙ୍ଗ୍ କଫ୍, ମେନାଜାଇଟ୍ ଭଳି ମାରାତ୍ମକ ରୋଗର ନିରାକରଣ ପାଇଁ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବିଜ୍ଞାନ ଜରିଆରେ ଯେଉଁ ବଳିଷ୍ଠ ପଦକ୍ଷେପ ନେଇଥିଲେ, ତାହା ଅନ୍ୟଏକ ଆଲୋଚନାର ଅପେକ୍ଷା ରଖେ ।

ଭାଗବତ ଆମକୁ ସେଇ ଶିକ୍ଷା ଦେଇଛି- "ବହୁତ ଜନ ଯହିଁ ମିଳି / ଅବଶ୍ୟ ଉପୁଜଇ କଳି ।" ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ପ୍ରତିରୋଧ କରିବା ଲାଗି ୧୯୫୭ ମସିହାରେ ପ୍ରଧାନମନ୍ତ୍ରୀ ନେହେରୁ ପରିବାର ନିୟନ୍ତ୍ରଣ ଯୋଜନାକୁ ଗଣମୁଖୀ କରି କହିଥିଲେ- "ଜନ୍ମ ନିୟନ୍ତ୍ରଣ ପାପ ନୁହେଁ ଶିଶୁ ଅବହେଳା ପାପ" ବା "ଆମେ ଦୁଇ ଆମର ଦୁଇ" ।

ପ୍ରାଚୀନ ଭାରତବର୍ଷରେ ଜମିଦାର ପ୍ରଥା ପ୍ରଚଳିତ ହୋଇ ଆସୁଥିଲା । ଏହି ପ୍ରଥା ଅନୁଯାୟୀ କୃଷକ ତା'ର ପ୍ରାପ୍ୟ ପାଇବାରୁ ବଂଚିତ ହେଉଥିଲା । ଅନ୍ୟ ପକ୍ଷେ ଅତ୍ୟଧିକ ଜମିର ଅଧିକାରୀ

ଜମିଦାରମାନେ ଉତ୍ପାଦନ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନଥିବା ଯୋଗୁଁ ଜମି ଅନାବାଦୀ ହୋଇ ପଡ଼ି ରହୁଥିଲା ।

ସଂସଦୀୟ ଗଣତନ୍ତ୍ର ଉପରେ ଗଭୀର ବିଶ୍ୱାସ ରଖିଥିବା ନେହେରୁ, ସଂସଦରେ ନୂତନ ଆଇନ ପ୍ରଣୟନ କରି 'ଚାଷ ଯାହାର ଜମି ତାହାର' ଜରିଆରେ, ବର୍ଷ ବର୍ଷ ଧରି ଚାଷ କରୁଥିବା କୃଷକଙ୍କୁ ଜମିର ମାଲିକାନା ସ୍ୱତ୍ୱ ହସ୍ତାନ୍ତରିତ କରିଥିଲେ । ଏହା ଥିଲା ପଣ୍ଡିତ ପ୍ରଧାନମନ୍ତ୍ରୀ ନେହେରୁଙ୍କ ସାମ୍ୟବାଦୀ ଚିନ୍ତାର ପ୍ରକୃତ ପ୍ରତିଫଳନ । ଭାରତୀୟ ମହିଳାଙ୍କ ବିବାହ ବୟସ ୧୨ରୁ ୧୫କୁ ନେବା, ମହିଳାମାନଙ୍କୁ ଛାଡ଼ପତ୍ର ଦେବା ଅଧିକାର ତାଙ୍କରି ସମୟରେ କାର୍ଯ୍ୟକାରୀ ହେଲା । ଦେଶରେ ବାଣିଜ୍ୟ ବ୍ୟବସାୟ ସହିତ ଆମଦାନୀ ରପ୍ତାନୀ ଲାଗି ରାସ୍ତା ନିର୍ମାଣ, ବିମାନ ଚାଳନା ଏବଂ ରେଳବିଭାଗର ଉନ୍ନତି ପାଇଁ ନେହେରୁଙ୍କ ବଳିଷ୍ଠ ପଦକ୍ଷେପ ସ୍ମରଣୀୟ ।

ଦୁଇଟି ବିଶ୍ୱଯୁଦ୍ଧକୁ ସାମ୍ନା କରିଥିବା ବିଶ୍ୱ ଆଗରେ ଥିଲେ ଦୁଇଟି ମହାଶକ୍ତି । ଆମେରିକା ପୁଂଜିବାଦୀ ରାଷ୍ଟ୍ର ଏବଂ ସାମ୍ୟବାଦୀ ରାଷ୍ଟ୍ର ଭାବେ ଋଷ । ଏଇ ଦୁଇ ରାଷ୍ଟ୍ର ନିଜ ନିଜର ଆଧିପତ୍ୟ ବିସ୍ତାର ଲାଗି ଅନ୍ୟଦେଶମାନଙ୍କୁ ପ୍ରଭାବିତ କରୁଥିଲେ; କିନ୍ତୁ ପ୍ରଧାନମନ୍ତ୍ରୀ ନେହେରୁଙ୍କ ଦୂରଦୃଷ୍ଟି- ଭାରତକୁ କୌଣସି ଗୋଷ୍ଠୀ ସହିତ ଅନ୍ତର୍ଭୁକ୍ତ ନ କରାଇ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରର ସ୍ୱାଭିମାନକୁ ନେଇ ଦୁଇ ମହାଶକ୍ତି ଆଗରେ ସମାନ ଦୂରତା ରକ୍ଷା କରି ଆସିଥିଲା ।

ପଣ୍ଡିତ ନେହେରୁଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ସୁଦୃଢ଼ କରିବା ଲାଗି, ଇଣ୍ଡୋନେସିଆର ରାଷ୍ଟ୍ରପତି ସୁକର୍ଣ୍ଣୋ, ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମାର୍ଶଲ ଟିଟୋ ଏବଂ ଇଜିପ୍ଟର ରାଷ୍ଟ୍ରପତି ଅବଦୁଲ୍ ନାସେରଙ୍କ ଭୂମିକା ଚିରସ୍ମରଣୀୟ । ସେହି ଗୋଷ୍ଠୀ ନିରପେକ୍ଷ ଦର୍ଶନ, ଆଜି ଭାରତକୁ ୟୁକ୍ରେନ୍ ଏବଂ ରୁଷିଆର ଯୁଦ୍ଧଭୂମିଠାରୁ ଦୂରେଇ ରଖିଛି ।

ରାଜା ହରିସିଂଙ୍କ ଦୁର୍ବଳ ମାନସିକତା କାଶ୍ମୀର ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ଗାନ୍ଧୀ ଏବଂ ନେହେରୁ କାଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରି ପାକିସ୍ତାନର ଦୌରାତ୍ମ୍ୟ ବିରୁଦ୍ଧରେ ଦୃଢ଼ ସାମରିକ ଶକ୍ତି ପ୍ରୟୋଗ କରିଥିଲେ । ପରାଧୀନ ଭାରତବର୍ଷରେ କେତେକ ଘରୋଇ ସଂସ୍ଥା ଜୀବନ ବୀମା କାର୍ଯ୍ୟ କରି ବିଶେଷ କରି ବ୍ୟକ୍ତିଗତ ଲାଭ ପ୍ରତି ଆଗ୍ରହ ପ୍ରକାଶ କରୁଥିଲେ । କିନ୍ତୁ ଖାଉଟି ଏବଂ ବୀମା କର୍ମଚାରୀ ନିଜର ପ୍ରାପ୍ୟ ପାଇପାରୁ ନଥିଲେ । ପ୍ରଧାନମନ୍ତ୍ରୀ ନେହେରୁଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ଥିଲେ ସି.ଡ଼ି. ଦେଶମୁଖ୍ ଅର୍ଥମନ୍ତ୍ରୀ । ଏକ ଘରୋଇ ପରିଚାଳିତ ବୀମା ପରିବର୍ତ୍ତେ; ଏହାକୁ ରାଷ୍ଟ୍ରୀୟ ମାନ୍ୟତା ପ୍ରାପ୍ତ ନିଗମରେ ପରିଣତ କରିବା ଲାଗି ୧୯୫୬ ମସିହାରେ ଯେଉଁ ପଦକ୍ଷେପ ସଂବିଧାନରେ ନିଆଗଲା, ତାର ସୁଫଳ ଆମେ ଭୋଗ କରୁଛୁ । ଆଜି ଭାରତବର୍ଷର ସର୍ବାଧିକ Income Tax ପ୍ରଦାନକାରୀ ସଂସ୍ଥା ଭାରତୀୟ ଜୀବନବୀମା ନିଗମ ।

ନେହେରୁଙ୍କ ସ୍ୱପ୍ନର ଭାରତ ସଂସ୍କୃତି ସହିତ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ କାରିଗରୀ କୌଶଳକୁ ନେଇ ପ୍ରତିଷ୍ଠିତ ; ଯା'ର ମୂଳାଧାର 'ଆର୍ଥିକ ମାନଦଣ୍ଡର ଦୃଢ଼ତା' । ସେଥିଲାଗି କୁହାଯାଇଛି 'Looking back in time, there was not a single sphere of economic activity which Nehru did not cover.'

ଶିଶୁପ୍ରେମୀ ନେହେରୁ ଶିଶୁଙ୍କ ନିର୍ମଳ ଆଖି ଭିତରୁ ଦେଖୁଥିଲେ ଯୁବମାନସର ଗଠନମୂଳକ ଅଭୀପ୍ସା । ଲାଗେ ଯେମିତି ଏ ଦେଶର ଯୁବଶକ୍ତିକୁ, ରାଷ୍ଟ୍ରନିର୍ମାଣ ଲାଗି ନିୟୋଜିତ କରିବା ବିଶ୍ୱାସରେ ବିଶ୍ୱସ୍ତରୀୟ ଜ୍ଞାନ କୌଶଳର ଅନୁଷ୍ଠାନ ପ୍ରତିଷ୍ଠା ଭାରତ ପ୍ରତି ତାଙ୍କର ଯେଉଁ ମୁକ୍ତ ବିଚାର ତାହା ତାଙ୍କର ୧୭ ବର୍ଷର କାର୍ଯ୍ୟଧାରାରୁ ଅନୁଭବ କରିହୁଏ । ସେଥିପାଇଁ ଆମେ ମୁକ୍ତ କଣ୍ଠରେ ସ୍ୱୀକାର କରିବା ' Man lives in deeds, but not in years' ।

ନେହେରୁଙ୍କ ଆଦର୍ଶ ଜୀବନକୁ ନେଇ ଅନେକ ପ୍ରଶ୍ନ । ସେମିତି ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଗାନ୍ଧିଜୀ କହିଥିଲେ "What Nehru speaks to me that is foreign, but language is not the real criteria to understand his feelings."

ରାଷ୍ଟ୍ର ନିର୍ମାଣ ଲାଗି, ପ୍ରଧାନମନ୍ତ୍ରୀ ନେହେରୁଙ୍କ ଥିଲା ଅସରନ୍ତି ସ୍ୱପ୍ନ । ଆରପାରିକି ଯିବାର ପୂର୍ବରାତି, ଶୋଇବା ପୂର୍ବରୁ ନିଜ ଟେବୁଲ ଉପରେ "And Miles to go before I sleep, And Miles to go before I sleep" ଲେଖିଥିଲେ । ନବଭାରତ ନିର୍ମାଣ ପ୍ରଧାନମନ୍ତ୍ରୀ ଭାରତର ବିକାଶ କ୍ଷେତ୍ରରେ ବିଜ୍ଞାନ ଓ ଅର୍ଥନୀତି ଲାଗି ଚେତନାର ଅମଳିନ ସୂର୍ଯ୍ୟ ହୋଇ ରହିବେ ।

-୦-

ଦିଗନ୍ତ ମାର୍ଗ, ଭଂଜନଗର



# ସ୍ମୃତିରେ ବିକ୍ରମ ସରାଭାଇ

**ନୀଳକଣ୍ଠ ଦାଶ**

ସୌରମଣ୍ଡଳରେ ଅହରହ ଘୂର୍ଣ୍ଣାୟମାନ ଏବଂ ଭିନ୍ନ ରୂପ, ଭିନ୍ନ ସ୍ଥିତି, ଭିନ୍ନ ଅବସ୍ଥିତିର ଗ୍ରହମାନଙ୍କ ମଧ୍ୟରେ ପୃଥିବୀ ରୂପକ ଗ୍ରହଟି ଅତୀବ ସୁନ୍ଦର-ପ୍ରକୃତିର କାଉଁରୀସ୍ପର୍ଶରେ ସଜ୍ଜିତ ବନ, ପାହାଡ଼, ନଦୀ, ସମୁଦ୍ର, ମାଳଭୂମି, ସମତଳଭୂମି, ମରୁଭୂମି, ଏମିତି କେତେକଣ । ତା ମଧ୍ୟରେ ଅପରୂପ ଲାବଣ୍ୟରେ ନିଜକୁ ପ୍ରତିଷ୍ଠିତ କରି ଯୁଗେଯୁଗେ ମାନବ ସଭ୍ୟତାର ଆଦର୍ଶ ବହନ କରୁଥିବା ଭୂଖଣ୍ଡ ଭା-ରତ, ଯାହାର ପ୍ରତିଟି ପ୍ରାଣରେ ଆଧାତ୍ମିକତା ର ଭାବ-ଅହଂ ବ୍ରହ୍ମସ୍ମି, ଅୟ ମାତ୍ମା ବ୍ରହ୍ମର ନିସୃତ ଝଙ୍କାର, ମମୈବାଂଶ ଜୀବଲୋକେ ଜୀବଭୂତ ସନାତନଃ ର ବାଣୀ ଚମକୃତ କରେ ଭୂମଣ୍ଡଳକୁ, ବିଶ୍ୱବାସୀଙ୍କୁ । ସେଥିପାଇଁ ତ ଯୁଗେ ଯୁଗେ ଅବତାରୀ ପୁରୁଷ ଜନ୍ମ ନିଅନ୍ତି ମା'ଭାରତୀର କୋଳରେ । ଅନାବିଳ ଭାତୃତ୍ୱ, ସତ୍ୟରକ୍ଷାର ସାକ୍ଷର ବହନ କରୁଥିବା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଲୀଳା-ରାମାୟଣ ହେଉ ଅବା ଭଗବାନ ଶ୍ରୀକୃଷ୍ଣଙ୍କ ଅମୂଲ୍ୟ ଉପଦେଶ ଭରା 'ଗୀତା' ଏବଂ ମାନବ ଜାତିର ପ୍ରତିଟି ପଦପାଦକୁ ସୁଶୃଙ୍ଖଳିତ, ସୁସଂଯତ, ସୁରକ୍ଷିତ ରଖିବା ପାଇଁ ସୃଷ୍ଟି ହୋଇଥିବା ବେଦ, ବେଦାନ୍ତ, ଉପନିଷଦ, ପୁରାଣ, କିମ୍ବଦନ୍ତୀ ସବୁତ ଏଇଠି, ଏଇ ଭାରତରେ । ସେଥିପାଇଁ ତା'ର ମସ୍ତକରେ କିରିଟୀ ସାଜିଛି ହିମାଳୟ । ନିରବଚ୍ଛିନ୍ନ ପଦଧୌତ କରିବାର ସୌଭାଗ୍ୟ ପାଇଛି ବିଶାଳ ସାଗର । ଯେଉଁ ମାଟିର ପ୍ରତିଟି ବାଲିଗରଡ଼ାରେ ଶୁଭେ ଦିବ୍ୟ ଚେତନାର ନାଦ । ଆଉ ବିଜ୍ଞାନ, ଏଠି ଯଥେଷ୍ଟ ଉନ୍ନତ । ବିଜ୍ଞାନ ଓ ଆଧାତ୍ମିକତାର ଏକ ମିଳନ ସ୍ଥଳୀ ଭାରତ । ସେଥିପାଇଁ କୁହାଯାଇଛି - The end of Science is Spirituality (ସତ୍ୟସାଇ ବାବା) ।

ତଥାପି ଏ ଦେଶ ଦେଖିଛି ପତ୍ନୀ ବିଚ୍ଛେଦର ଦୁଃଖ, ଭାତୃ ବିବାଦର କରୁଣ ପରିଣତି । ଲୁଣ୍ଠିତ, ନିଷ୍ପେଷିତ, ଅତ୍ୟାଚାରିତ, ଲହୁଲୁହ ଭରା ଯନ୍ତ୍ରଣା ଜର୍ଜରିତ ଭାରତର ସବୁକିଛି ଲୁଟ୍ ହେବାପରେ ବ୍ରିଟିଶ ସାମ୍ରାଜ୍ୟବାଦର ଦୀର୍ଘ ସମୟର ଶାସନରେ ଏ ଭୂଖଣ୍ଡ ହୋଇଛି ନିଃସ୍ୱ ହୋଇଛି ଚେତନାର ମୃତ୍ୟୁ । ତଥାପି ଏ ମାଟି ମା'କୁ ଶୃଙ୍ଖଳ ମୁକ୍ତ କରିବା ପାଇଁ ଅହରହ କରିଛନ୍ତି ତା ସନ୍ତାନମାନେ, ପାଇଛନ୍ତି ସଫଳତା । ପରାଧିନତାର ଶୃଙ୍ଖଳ ଛିନ୍ନ କରି ଦେଶ ପାଇଛି ସ୍ୱାଧୀନତା । ସମ୍ମୁଖୀନ ହୋଇଛି ଅନେକ ଆହ୍ୱାନର ନୀତିକୁ, ନିଜ ଜାତିକୁ, ନିଜ ଦେଶକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା କରିବାର ସ୍ୱପ୍ନ ନେଇ, ସ୍ୱପ୍ନକୁ ସାକାର କରିବାର ସଂକଳ୍ପ ନେଇ, ସଙ୍କଳ୍ପକୁ ପୂର୍ଣ୍ଣ କରିବାର ଲାଳସା ନେଇ ସେ ଚାଲିଛି ଆଗକୁ-ଆହୁରି ଆଗକୁ ।

ସେହି ସ୍ୱପ୍ନ, ଲାଳସା, ସଂକଳ୍ପରେ ପ୍ରତିବଦ୍ଧ ଯେଉଁ ମହାମନିଷୀ, ଯୋଗଜନ୍ମା ସାଧକ ମା'ଭାରତୀର ପବିତ୍ର ଗର୍ଭରୁ ଏ ମାଟିରେ ପାଦ ଥାପିଥିଲେ ସେମାନେ ଥିଲେ ନବ ଭାରତର ନିର୍ମାତା-ବିନ୍ଧାଣି । ଯେଉଁମାନଙ୍କ ଜାଗ୍ରତ ଚେତନା ଆଜି ଆଜିର ଭାରତ ଏକ ବିକଶିତ ଭୂଖଣ୍ଡ । ସେମାନେ ହୋଇଛନ୍ତି ଯଶସ୍ୱୀ, ଚିରସ୍ମରଣୀୟ, ଚିର ବନ୍ଦନୀୟ ଓ ମହାନ୍ । ଆଦି ଶଙ୍କରାଚାର୍ଯ୍ୟଙ୍କ ଠାରୁ ବିବେକାନନ୍ଦ, ଶ୍ରୀ ଅରବିନ୍ଦଙ୍କ ଭଳି ସାଧୁ, ମହାତ୍ମାଗାନ୍ଧୀ, ସୁଭାଷ ବୋଷଙ୍କ ଭଳି ସଂଗ୍ରାମୀ, ଶିବାଜୀଙ୍କଠାରୁ ସୁରେନ୍ଦ୍ର ସାଏଙ୍କ ଭଳି ବୀର ପୁଙ୍ଗବ, ଆର୍ଯ୍ୟଭଟ୍ଟଙ୍କ ଠାରୁ ଅବଦୁଲ କାଲାମଙ୍କ ଭଳି ବୈଜ୍ଞାନିକ, ସମସ୍ତେ ଏ ଦେଶର ଗର୍ବ ଗୌରବ । ଜଣେ ଜଣେ ଦେଶ ନିର୍ମାତା । ଦୁଃଖିନୀ ମାର ମୁହଁ ରେ ଟେନାଏ ହସ ଫୁଟାଇଥିବା ଜଣେ ଜଣେ ପ୍ରକୃତ ସନ୍ତାନ । ନିଜର ବୈଜ୍ଞାନିକ ଚିନ୍ତାଧାରାର ଉପଯୋଗ କରି ବିଜ୍ଞାନରେ ବିପ୍ଳବ ସୃଷ୍ଟି କରିବା ସହିତ ମହାକାଶରେ ଦେଶର ସ୍ଥିତି ପ୍ରତିଷ୍ଠା କରିଥିବା ଅନନ୍ୟ ସାଧକ- 'ବୈଜ୍ଞାନିକ ସରାଭାଇ' ନବ ଭାରତର ନିର୍ମାତା ଭାବେ ଚିର ନମସ୍ୟ ।

୧୯୧୯ ମସିହା ଅଗଷ୍ଟ ମାସ ୧୨ ତାରିଖରେ ଅହମଦାବାଦର ବିଶିଷ୍ଟ ଶିଳ୍ପପତି ଅମ୍ବାଲାଲ ସରାଭାଇ ଓ ସରଳା ଦେବୀଙ୍କ କୋଳମଣ୍ଡନ କରିଥିବା ଶିଶୁ ବିକ୍ରମ ଜଣେ ପ୍ରତିଷ୍ଠିତ ପଦାର୍ଥ ବିଜ୍ଞାନୀ ଭାବେ ମହାକାଶ ଗବେଷଣା ତଥା ଭାରତରେ ଆଣବିକ ଶକ୍ତିର ଉନ୍ନତି ପାଇଁ ପ୍ରେରଣା ଦେବା ସହିତ ଏ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଲାଭ କରିଥିଲେ ଆଜିର ଆଧୁନିକ ଭାରତରେ । 'ଭାରତୀୟ ମହାକାଶ କାର୍ଯ୍ୟକ୍ରମ'ର ଜନକ ଭାବେ ଆନ୍ତର୍ଜାତିକ ସ୍ତରରେ ସେ ବିବେଚିତ ହୋଇପାରିଥିଲେ । ସେଥିପାଇଁ ୧୯୬୬ ମସିହାରେ ପଦ୍ମଭୂଷଣ ଓ ୧୯୭୨ ମସିହାରେ ପଦ୍ମବିଭୂଷଣ ଉପାଧିରେ ଭାରତ ସରକାର ତାଙ୍କୁ ସମ୍ମାନୀତ କରିଥିଲେ ।

ସ୍ୱାଧୀନତା ପରବର୍ତ୍ତୀ ଭାରତକୁ ବିଶ୍ୱ ସମ୍ମୁଖରେ ପ୍ରତିଷ୍ଠିତ କରିବା, ବିଶେଷ କରି ମହାକାଶ ଗବେଷଣା କ୍ଷେତ୍ରରେ ଅନ୍ୟାନ୍ୟ ବିକଶିତ ରାଷ୍ଟ୍ର ପରି ଭାରତକୁ ତିଆରି କରିବା ପାଇଁ ସେ ସର୍ବଦା ସ୍ୱପ୍ନ ଦେଖୁଥିଲେ । ତେଣୁ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡ଼ି କରୁଥିବା ବେଳେ ୧୯୪୭ ମସିହାରେ ସେ ଏକ ସନ୍ଦର୍ଭ ଲେଖିଥିଲେ, ଯାହାର ଶିରୋନାମା 'ଟ୍ରପିକାଲ ଅକ୍ଷାଂଶରେ ବ୍ରହ୍ମାଣ୍ଡ ରଶ୍ମି ଅନୁସନ୍ଧାନ' ।

କେବଳ ଏତିକି ନୁହଁ ବରଂ ବିଜ୍ଞାନ ଠାରୁ କ୍ରୀଡ଼ା ଏବଂ କ୍ରୀଡ଼ା ଠାରୁ ପରିସଂଖ୍ୟାନ କ୍ଷେତ୍ରରେ ତାଙ୍କର ଆଗ୍ରହ ତାଙ୍କୁ ଜଣେ ଅସାଧାରଣ ବ୍ୟକ୍ତିତ୍ୱରେ ରୂପାନ୍ତରିତ କରିଥିଲା । ସେଥିପାଇଁ ସେ ତାଙ୍କ ପତ୍ନୀ, ବିଶିଷ୍ଟ ନୃତ୍ୟଶିଳ୍ପୀ ମୃଣାଳିନୀ ଦେବୀଙ୍କ ସହ ମିଶି ପ୍ରତିଷ୍ଠା କରିଥିଲେ – "Darpan Academy of Preforming Arts."

ଭାରତରେ ପରମାଣୁ ବିଜ୍ଞାନର ଅଧିକରୁ ଅଧିକ ଉନ୍ନତି ପାଇଁ ସେ ନିଜର ଚେଷ୍ଟା ଜାରି ରଖଇଥିଲେ । ଆମେରିକା ପରି ମହାଶୂନ୍ୟକୁ ଉପଗ୍ରହ ପ୍ରେରଣ କରି ଭାରତ କିପରି ମହାକାଶରେ ନିଜର ସ୍ଥିତି ଜାହିର କରିପାରିବ, ତାହା ଥିଲା ତାଙ୍କର ସ୍ୱପ୍ନ ଏବଂ ଏହା ବାସ୍ତବ ରୂପ ନେଇଥିଲା ୧୯୭୫ ମସିହା ଏପ୍ରିଲ ମାସ ଉଣେଇଶ ତାରିଖରେ । ଆନ୍ତରିକ ଉଦ୍ୟମ, ଧୈର୍ଯ୍ୟ, ଅଧ୍ୟବସାୟ କେବେ ନିଷ୍ଫଳ ହୁଏ ନାହିଁ । ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ମହାକାଶରେ ସ୍ଥାପିତ ହୋଇ ଦେଶର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଲାଭ କରିଛି । ତେଣୁ ବିକ୍ରମ ସରାଭାଇଙ୍କୁ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠାତା ଭାବରେ ଗ୍ରହଣ କରାଯାଏ ।

ସରାଭାଇଙ୍କ ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ଲବ୍ଧ ଜ୍ଞାନ ତଥା ନିରହଂକାରୀ ବ୍ୟକ୍ତିତ୍ୱ ଯୋଗୁଁ ୧୯୬୬ରୁ ୧୯୭୭ ଯାଏଁ ସେ 'ଭାରତର ଆଣବିକ ଶକ୍ତି ଆୟୋଗ'ର ଅଧକ୍ଷ ଭାବେ ଅବସ୍ଥାପିତ ହୋଇପାରିଥିଲେ । ତେଣୁ ଭାରତର ଚନ୍ଦ୍ର ମିଶନ ଚନ୍ଦ୍ରାୟନ ୨ ଉପରେ ଲ୍ୟାଣ୍ଡର, ଯାହାକି ୨୦୧୯ ମସିହା ସେପ୍ଟେମ୍ବର କୋଡ଼ିଏ ତାରିଖରେ ଚନ୍ଦ୍ରର ଦକ୍ଷିଣ ପୋଲ୍ ନିକଟରେ ଅବତରଣ କରିବାର ଥିଲା, ତାଙ୍କ ସ୍ମୃତି ରେ ତାହାକୁ 'ବିକ୍ରମ' ନାମରେ ନାମିତ କରାଯାଇଥିଲା । ISRO ର Rocket Engine ତାଙ୍କ ନାମରେ ନାମିତ ହୋଇଥିଲା । Rocket boy ନାମରେ ସେ ପ୍ରସିଦ୍ଧି ଅର୍ଜନ କରିଥିଲେ । ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜଣେ ନିଖୁଣ ଶିଳ୍ପୀ, ବିନ୍ଧାଣି ଭାବରେ ସେ ନୂତନ ଭାରତରେ ପ୍ରତିଷ୍ଠିତ ହୋଇପାରିଥିଲେ । ସେଥିପାଇଁ ମହାକାଶ ବିଜ୍ଞାନ, ଏହାର କାର୍ଯ୍ୟ ଏବଂ ଗବେଷଣା ପାଇଁ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କୁ 'Vikram SaraBhai Journalism Award' ୨୦୧୯ ଅଗଷ୍ଟ ୧୨ ଠାରୁ ISRO ଦ୍ୱାରା ପ୍ରଦାନ କରାଯାଉଛି ।

ସ୍ୱାଧୀନତା ପରବର୍ତ୍ତୀ ଭାରତକୁ ଏକ ଆତ୍ମନିର୍ଭରଶୀଳ ରାଷ୍ଟ୍ର ରୂପେ ଗଢ଼ି ତୋଳିବା ତଥା ଦେଶରେ ବିଜ୍ଞାନର ଅଗ୍ରଗତି କରିବା ପାଇଁ ୧୯୬୬ରେ ଅହମଦାବାଦରେ ନିଜେ ଏକ ଗବେଷଣାଗାର ପ୍ରତିଷ୍ଠା କରି ଯୁବ ବୈଜ୍ଞାନିକ ମାନଙ୍କୁ ପରାମର୍ଶ ଦେଉଥିଲେ । ତାଙ୍କର ଉଦ୍ୟମ ଫଳରେ ଆଜି ଦେଶରେ ଭାରୀଜଳ କାରଖାନା ଓ ଆଣବିକ ଚୁଲି ତିଆରି କାରଖାନାର ନିର୍ମାଣ ସମ୍ଭବ ହୋଇପାରିଛି । ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ISRO) ଆରମ୍ଭରୁ ହିଁ ପ୍ରତ୍ୟେକ ଭାରତୀୟଙ୍କୁ ବିଜ୍ଞାନ କ୍ଷେତ୍ରରେ ଗର୍ବିତ କରାଇଛି । ତେଣୁ ୧୯୬୯ ପରଠାରୁ ISRO ଜାତୀୟ ଉନ୍ନତି କ୍ଷେତ୍ରରେ ତାର ଲକ୍ଷ୍ୟ ପଦରୁ କେବେ ବିଚ୍ୟୁତ ହୋଇନାହିଁ ।

ପରବର୍ତ୍ତୀ ସମୟରେ ଭାରତୀୟ ବିଜ୍ଞାନ ପରିଷଦର ଦାୟିତ୍ୱ ଗ୍ରହଣ କରି ବିଜ୍ଞାନ କ୍ଷେତ୍ରରେ ଭାରତର ଉନ୍ନତି ଏବଂ ପରମାଣୁ ଶକ୍ତି ଉପରେ ସରାଭାଇ ଗବେଷଣା କରୁଥିଲେ ମଧ୍ୟ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ମାରଣାସ୍ତ୍ରର ପ୍ରୟୋଗ ବନ୍ଦ କରିବା ପାଇଁ ସେ ପ୍ରାଣପଣେ ଚେଷ୍ଟା କରୁଥିଲେ । ତେଣୁ ଭାରତ ସରକାରଙ୍କଠାରୁ ସେ ପାଇଥିଲେ 'ଶାନ୍ତି ସ୍ୱରୂପ ଭଟ୍ଟନାଗର' ପୁରସ୍କାର । ବୈଜ୍ଞାନିକ ଭାବାଙ୍କ ମୃତ୍ୟୁ ପରେ ପରମାଣୁ ଶକ୍ତି କମିଶନର ଅଧ୍ୟକ୍ଷ ଭାବେ ମନୋନୀତ ହୋଇ ଶିଳ୍ପ ଓ ବିଜ୍ଞାନର ଉନ୍ନତିକଳ୍ପେ କାର୍ଯ୍ୟ କରି ସଫଳତା ପାଇ ପାରିଥିଲେ ବିକ୍ରମ ସରାଭାଇ । ତାଙ୍କ ଉଦ୍ୟମରେ ଥୁମ୍ବା, ଅହମଦାବାଦ, ଶ୍ରୀହରିକୋଟା ଓ ଆରଭି ଠାରେ ମହାକାଶ ଗବେଷଣା କେନ୍ଦ୍ର ମାନ ସ୍ଥାପନା କରାଯାଇଥିଲା ।

ସରାଭାଇ ବିଭିନ୍ନ ବୈଜ୍ଞାନିକ ସଂସ୍ଥାର ସୃଷ୍ଟିକର୍ତ୍ତା ଓ ଜଣେ ଗବେଷକ ଭାବେ କାର୍ଯ୍ୟ କରୁଥିଲେ । ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ସେ ଗଠନ କରିଥିଲେ Physical Research Laboratory(PRL) । ୧୯୬୨ ମସିହାରେ ଅହମଦାବାଦ ଠାରେ Indian institute of Management(IIM) ସ୍ଥାପନ କ୍ଷେତ୍ରରେ ଜଣେ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ରୂପେ ରହିଥିଲେ । ଭାରତର ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ଏବଂ ବିକାଶ ପାଇଁ ସେ ପ୍ରତିରକ୍ଷା ଉଦ୍ଦେଶ୍ୟରେ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ଏବଂ ବିକାଶ ପାଇଁ ମୂଳଦୁଆ ପକାଇଥିଲେ ସରାଭାଇ । ୧୯୬୬ ମସିହାରେ ନାସା (NASA) ସହିତ ସରାଭାଇଙ୍କ ଡାଏଲଗ୍‌ର ଫଳାଫଳ ସ୍ୱରୂପ ସାଟେଲାଇଟ୍ ନିର୍ଦ୍ଦେଶନାମା ଟେଲିଭିଜନ ପରୀକ୍ଷଣ ୧୯୭୫ରେ ଭାରତରେ ଆରମ୍ଭ ହୋଇଥିବା ଏକ ପରୀକ୍ଷାମୂଳକ ଉପଗ୍ରହ ଯୋଗାଯୋଗ ପ୍ରକଳ୍ପ ଥିଲା ଯାହା NASA ଏବଂ ISRO ର ମିଳିତ ଉଦ୍ୟମରେ ପରିକଳ୍ପିତ ହୋଇଥିଲା ।

"ଜାତସ୍ୟ ହି ଧ୍ରୁବଂ ମୃତ୍ୟୁ" । ସରାଭାଇଙ୍କ କ୍ଷେତ୍ରରେ ଏହା ଭୁଲ ହେବ କେମିତି । ପ୍ରଖ୍ୟାତଯଶା ବୈଜ୍ଞାନିକ ବିକ୍ରମ ଅମ୍ବାଲାଲ ସରାଭାଇ ଭାରତ ମା'ର କୋଳଶୂନ୍ୟ କରି ସବୁଦିନ ପାଇଁ ନୀରବି ଗଲେ ।

୧୯୭୧ ମସିହା ଡିସେମ୍ବର ମାସ ୩୦ ତାରିଖରେ । ଥୁମ୍ବାସ୍ଥିତ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ରର କାର୍ଯ୍ୟରେ ନିର୍ଦ୍ଦେଶନା ଦେବାପାଇଁ ତ୍ରିଭାଦ୍ରମ ଯାଇ ହୋଟେଲରେ ଅବସ୍ଥାନ କରିଥିବା ବେଳେ ମାତ୍ର ବାଉନବର୍ଷ ବୟସରେ ହଠାତ୍ ତାଙ୍କର ମୃତ୍ୟୁ ହେଲା । ଆଜି ସେ ନାହାନ୍ତି; ହେଲେ ତାଙ୍କ ଗବେଷଣାଲବ୍ଧ କୃତି, ହାତଗଢ଼ା ବିଜ୍ଞାନଗାର ତାଙ୍କର ସ୍ମୃତିକୁ ମନେ ପକାଇ ଦେଉଛି ।

–୦–

ଶିକ୍ଷକ, ଧବଳେଶ୍ୱର



# ନବ ଉତ୍କଳର ନିର୍ମାତା ଶଶିଭୂଷଣ ରଥ

ଡକ୍ଟର ସୁରେନ୍ଦ୍ରନାଥ ସାହୁ

ଇଂରେଜ ଶାସନରେ ଜର୍ଜରିତ ଓଡ଼ିଆମାନଙ୍କ ମଧ୍ୟରେ ଜାତୀୟତାର ବୀଜବପନ କରି ଓଡ଼ିଆମାନଙ୍କୁ ସଠିକ୍ ଦିଗ୍‌ଦର୍ଶନ ଯୋଗାଇ ଓଡ଼ିଶାର ବହୁ ମହାପୁରୁଷ ନିଜନିଜର ଜାତୀୟତାଭାବକୁ ଓଡ଼ିଶାର ଘରେଘରେ ଆଜିବି ଉଜ୍ଜୀବିତ କରି ରଖିପାରିଛନ୍ତି । ଓଡ଼ିଶାର ବିକାଶ ଦିଗରେ ସେହି ମହାପୁରୁଷମାନଙ୍କର ଭୂମିକା ଅତୁଳନୀୟ । ସେମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲ୍ଲା ସୋରଡ଼ାରେ ଜନ୍ମଗ୍ରହଣ କରିଥିବା ଆଧୁନିକ ଓଡ଼ିଶାର ପ୍ରଥମ ଦୈନିକ ଖବରକାଗଜ ଆଶାର ପ୍ରତିଷ୍ଠାତା ତଥା ସମ୍ପାଦକ ଶଶିଭୂଷଣ ରଥ ଅନ୍ୟତମ । ବିଂଶ ଶତକର ପ୍ରଥମ ଦଶକରେ ଓଡ଼ିଆ ଜାତୀୟ ଜୀବନକୁ ଚଳଚଂଚଳ କରିବା ସହିତ ମହାଭାରତୀୟ ସ୍ରୋତରେ ଓଡ଼ିଆମାନଙ୍କୁ ସାମିଲ କରିବାରେ ଶଶିଭୂଷଣ ଥିଲେ ଓଡ଼ିଶାର ଜଣେ ପ୍ରଥିତ୍କୃତ ସ୍ରଷ୍ଟା । ସମ୍ବାଦ ପରିବେଷଣରେ ଏହି ନିର୍ଭିକ ସମ୍ପାଦକ 'ଗଞ୍ଜାମର ମହାବଳ ବାଘ' ନାମରେ ସର୍ବତ୍ର ପରିଚିତ ହୋଇପାରିଥିଲେ ।

ଶଶିଭୂଷଣ ରଥ ୧୮୮୫ ମସିହା ଜାନୁଆରୀ ୧, ତାରିଖରେ ଗଞ୍ଜାମ ଜିଲ୍ଲାର ସୋରଡ଼ା ଗ୍ରାମ ବ୍ରାହ୍ମଣସାହିର ଏକ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଶଶିଭୂଷଣ ଯେ ଦିନେ ସୁପ୍ତ ଓଡ଼ିଆ ଜାତିକୁ ଚଳଚଂଚଳ କରି ଉନ୍ନତି ପଥରେ ଆଗେଇ ନେବେ, ଏ କଥା ତାଙ୍କର ପିତାମାତାଙ୍କଠାରୁ ଆରମ୍ଭ କରି କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିବେ । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି, ଶଶିଭୂଷଣଙ୍କର ଗୁଣାବଳୀର ବିକାଶ ଅତି ଅଳ୍ପ ବୟସରୁ ଜଣା ପଡ଼ିଥିଲା । ଶଶିଭୂଷଣ ରସୁଲକୋଣ୍ଡାରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ସୋରଡ଼ାର ମିଶନ୍ ଉଚ୍ଚ ବିଦ୍ୟାଳୟରୁ ୧୯୦୨ ମସିହାରେ ମାଟ୍ରିକ୍ ପାସ୍ କରିଥିଲେ । ଉଚ୍ଚତର ଶିକ୍ଷା ନିମନ୍ତେ ଶଶିଭୂଷଣ ପାରଳାଖେମୁଣ୍ଡିରେ ନାମ ଲେଖାଇଥିଲେ । ଓଡ଼ିଆ ଭାଷା-ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ସେ ପାରଳାଖେମୁଣ୍ଡିରୁ ହିଁ ଗଭୀର ପ୍ରତିଶ୍ରୁତି ପାଇଥିଲେ । ସରକାରଙ୍କ ବିରୁଦ୍ଧରେ ଛାତ୍ରମାନଙ୍କର ନେତୃତ୍ୱ ନେବା ଅଭିଯୋଗରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଶଶିଭୂଷଣଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସ୍ଥିର କଲେ । ଦଣ୍ଡ ଏଡ଼େଇଦେବା ନିମନ୍ତେ ଶଶିଭୂଷଣ ବିଦ୍ୟାଳୟ ପରିତ୍ୟାଗ କରି ପୁନେ ଚାଲିଗଲେ । ଶଶିଭୂଷଣ ପୁନେରୁ କଲିକତା ଯାଇ ବିଭିନ୍ନ କଳକାରଖାନାରେ କାମକରୁଥିବା ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ଓ ମଙ୍ଗଳ ନିମନ୍ତେ ସଙ୍ଗଠନମାନ ଗଠନ କରିଥିଲେ । ସଙ୍ଗଠନ ମାଧ୍ୟମରେ ଶ୍ରମିକମାନଙ୍କର ଦାବିଗୁଡ଼ିକୁ ମାଲିକଙ୍କ ନିକଟରେ ପହଁଚାଉଥିଲେ । କଲିକତାରେ ରହଣିକାଳରେ ଶଶିଭୂଷଣ ଉତ୍କଳଗୌରବ ମଧୁସୂଦନ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ପ୍ରଭୃତିଙ୍କର ଘନିଷ୍ଠ ସଂସ୍ପର୍ଶରେ ଆସିଥିଲେ । ବାଣିଜ୍ୟ ବ୍ୟବସାୟ ବଦଳରେ ଦେଶଗଠନ ଓ ଦେଶସେବାର ବ୍ରତ ହିଁ ଆଲୋଚ୍ୟ ବନ୍ଧୁ ଓ ସୁହୃଦମାନଙ୍କଠାରୁ ସେ ଲାଭ କରିଥିଲେ ।

ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହୋଇଥିଲେ ମଧ୍ୟ ଇଂରେଜ ସରକାର ଏହାକୁ ବିଚାରକୁ ନ ନେଇ ୧୯୧୨ ମସିହାରେ ବିହାର-ଓଡ଼ିଶା ପ୍ରୋଭାଇନ୍ସ ଗଠନ କରିଦେଲେ । ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ୍ ପ୍ରେସିଡ଼େନ୍‌ସି ଅଧୀନସ୍ଥ ଥିବାରୁ ଗଂଜାମର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ମାନ୍ଦ୍ରାଜ୍ ପ୍ରେସିଡ଼େନ୍‌ସିରେ ତେଲୁଗୁ ଲୋକମାନଙ୍କ ସଂଖ୍ୟା ଅଧିକ ଥିବାରୁ ତେଲୁଗୁମାନେ ଓଡ଼ିଆଙ୍କୁ ନିଜ ଅଧୀନସ୍ଥ କରି ରଖିଥିଲେ । ମାନ୍ଦ୍ରାଜ୍ ସରକାର ତେଲୁଗୁମାନଙ୍କୁ ଅତ୍ୟଧିକ ଅନୁକମ୍ପା ପ୍ରଦର୍ଶନ କରୁଥିଲେ । ଇଂରେଜ ସରକାର କଚେରୀ ଓ ଶିକ୍ଷାନୁଷ୍ଠାନମାନଙ୍କରେ ତେଲୁଗୁ ଭାଷାକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରିଥିଲେ । ଗଞ୍ଜାମରେ ମାତ୍ର ୬ପ୍ରତିଶତ ତେଲୁଗୁ ଭାଷାଭାଷୀ ଲୋକ ବାସ କରୁଥିଲେ ମଧ୍ୟ ସରକାରୀ ଅନୁଷ୍ଠାନମାନଙ୍କରେ ସେମାନେ ହିଁ ଚାକିରିର ସୁଯୋଗ ପାଉଥିଲେ । ତେଲୁଗୁ ଭାଷା ଆସୁ ନ ଥିବା କାରଣରୁ ଓଡ଼ିଆମାନେ ସରକାରୀ ଅନୁଷ୍ଠାନମାନଙ୍କରେ ଚାକିରିର ସୁଯୋଗ ପାଉନଥିଲେ । ଗଞ୍ଜାମ ସମେତ ଫୁଲବାଣୀ, କନ୍ଧମାଳ, ଜୟପୁର ପ୍ରଭୃତି ସେତେବେଳେ ମାନ୍ଦ୍ରାଜ ଶାସନାଧୀନ ଥିଲା । ଗଞ୍ଜାମର ସାଧାରଣ ଜନତା ସେ କାଳରେ ସ୍ୱାଭାବିକ ରୀତିରେ ତେଲୁଗୁ ଭାଷାରେ କଥାବାର୍ତ୍ତା ହେବା ସହିତ ତେଲୁଗୁ ସଂସ୍କୃତି ପ୍ରତି ଆକର୍ଷିତ ହୋଇପଡ଼ିଥିଲେ । ପୁନଶ୍ଚ ସେତେବେଳେ ବ୍ରହ୍ମପୁର ପୌରପାଳିକାର ପ୍ରାୟ ସମସ୍ତ ସଦସ୍ୟ ଥିଲେ ଅଣଓଡ଼ିଆ । ଗଞ୍ଜାମର ସରକାରୀ କଳକୁ ନିୟନ୍ତ୍ରଣ କରୁଥିଲେ ଅଣଓଡ଼ିଆ ତେଲୁଗୁମାନେ । ଏହି ଅଂଚଳର ଶିକ୍ଷା, ସଂସ୍କୃତି, ସାହିତ୍ୟ, ରାଜନୀତି, ସାମାଜିକ ଓ ଆର୍ଥନୀତିକ ବ୍ୟବସ୍ଥା ମଧ୍ୟ ସେହିମାନଙ୍କ ଅଧୀନରେ ରହି ସେହି ତେଲୁଗୁଙ୍କଦ୍ୱାରା ହେଉଥିଲା ନିୟନ୍ତ୍ରିତ ।

ଏହିପରି ଏକ ଘଡ଼ିସନ୍ଧି ମୁହୁର୍ତ୍ତରେ ଗଞ୍ଜାମ ପାଇଁ ଏକ ନିଃସ୍ୱାର୍ଥପର ବଳିଷ୍ଠ ନେତୃତ୍ୱର ଆବଶ୍ୟକ ପଡ଼ିଲା । ଯିଏକି ଗଞ୍ଜାମର ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ସୁଖଦୁଃଖରେ ସାମିଲ୍ ହୋଇ ଇଂରେଜ ସରକାରଙ୍କଠାରେ ଓଡ଼ିଆମାନଙ୍କର ଦାବୀ ଉପସ୍ଥାପନ କରିପାରିବେ । ଏତିକିବେଳେ ଶଶିଭୂଷଣ କଲିକତାରେ କାମ କରୁଥିଲେ । ବିହାର-ଓଡ଼ିଶା ପ୍ରୋଭାଇନ୍ସ ଗଠନ ଖବର ଶଶିଭୂଷଣଙ୍କୁ ବିଶେଷ ମର୍ମାହତ କଲା । ଜାତୀୟ ଚେତନା ସହିତ ନିଜକୁ ଏକାନ୍ତ ଭାବେ ସଂଶ୍ଲିଷ୍ଟ କରିଦେଇଥିଲେ ଶଶିଭୂଷଣ ଏବଂ ବାଣିଜ୍ୟ ବ୍ୟବସାୟରୁ ଓହରି ଆସି ଦେଖିଥିଲେ ନୂତନ ଓଡ଼ିଶା ଗଠନର ସ୍ୱପ୍ନ । କଲିକତାରୁ ୧୯୧୨ ମସିହାରେ ଗଞ୍ଜାମକୁ ଫେରି ସ୍ୱତନ୍ତ୍ର ଓଡ଼ିଶା ପ୍ରୋଭାଇନ୍ସ ଗଠନ ନିମନ୍ତେ ଆନ୍ଦୋଳନରେ ନିଜକୁ ସାମିଲ୍ କଲେ । ଓଡ଼ିଆମାନେ ଶଶିଭୂଷଣଙ୍କୁ ସେମାନଙ୍କର ନେତା ରୂପେ ପାଇ ବିଶେଷ ଆନନ୍ଦିତ ହେଲେ ।

କଲିକତାରୁ ଫେରି ଶଶିଭୂଷଣ ତାଙ୍କର ଲୋକାଭିମୁଖି କାର୍ଯ୍ୟକଳାପ ବ୍ରହ୍ମପୁରରୁ ଆରମ୍ଭ କଲେ । ମଣିକାଂଚନର ସଂଯୋଗ ପରି ଗଞ୍ଜାମରୁ ପ୍ରକାଶିତ 'ପ୍ରଜାବନ୍ଧୁ ପତ୍ରିକା'ର ସଂପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ସହିତ ତାଙ୍କର ବହୁବାର ସାକ୍ଷାତ ଆଲୋଚନା ହୋଇଥିଲା । ବଡ଼ଖେମୁଣ୍ଡିର ରାଜା କୃପାମୟ ଦେବ 'ଗଞ୍ଜାମ ଗୁଣଦର୍ପଣ' ନାମରେ ଯେଉଁ ପତ୍ରିକା ପ୍ରକାଶ କରିଥିଲେ ତାହାର ମଧ୍ୟ ସଂପାଦକ ଥିଲେ ନୀଳମଣି ବିଦ୍ୟାରତ୍ନ । ଗଞ୍ଜାମରୁ ପ୍ରକାଶିତ ଦୁଇଗୋଟି ପତ୍ରିକା ସଂପାଦନାର ଅନୁଭୂତି ହିଁ ନୀଳମଣିଙ୍କ ମନରେ ନବଉତ୍କଳ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ଦାନା ବାନ୍ଧିଥିଲା । ପ୍ରାଥମିକ କାର୍ଯ୍ୟକଳାପ ସ୍ୱରୂପ ଶଶିଭୂଷଣ ଏକ ସମ୍ବାଦପତ୍ରର ଗୁରୁତ୍ୱ ଉପଲବ୍ଧି କରିଥିଲେ । ସେ ସମୟରେ ଦକ୍ଷିଣ ଓଡ଼ିଶାରେ ଗୋଟିଏ ମଧ୍ୟ ସମ୍ବାଦପତ୍ର ନ ଥିଲା । ଲୋକମାନଙ୍କ ନିକଟରେ ଇଂରେଜ ସରକାରଙ୍କ କାର୍ଯ୍ୟକଳାପଗୁଡ଼ିକୁ ପହଁଚାଇବାର ଗୋଟିଏ ମାତ୍ର ମାଧ୍ୟମ ଥିଲା ସମ୍ବାଦପତ୍ର । ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କଦ୍ୱାରା 'ଗୁଣଦର୍ପଣ' ନାମରେ ଏକ ପାକ୍ଷିକ ପତ୍ରିକା ବଡ଼ଖେମୁଣ୍ଡି ରାଜପ୍ରାସାଦର ସହାୟତାରେ ପ୍ରକାଶ ପାଉଥିଲା । ଏହା ତତ୍କାଳୀନ ସମାଜର ଆବଶ୍ୟକତାକୁ ପୂରଣ କରିପାରୁନଥିଲା ।

ଗୋଟିଏ ସମ୍ବାଦପତ୍ର ବ୍ରହ୍ମପୁରରୁ ପ୍ରକାଶନ କରିବାର ଆକାଂକ୍ଷା, ନୀଳମଣି ବିଦ୍ୟାରତ୍ନଙ୍କ ସମ୍ମୁଖରେ ପ୍ରକାଶ କଲେ ଶଶିଭୂଷଣ । ନୀଳମଣି ବିଦ୍ୟାରତ୍ନ ଏପରି ଏକ ସୁଯୋଗର ଅପେକ୍ଷାରେ ଥିଲେ । ନବ ଓଡ଼ିଶା ଗଠନ ନିମିତ୍ତ ଜନଜାଗରଣର ଆବଶ୍ୟକତା ଅନୁଭବ କରି ଶଶିଭୂଷଣ ସେହିଦିନ ଏକ ସମ୍ବାଦପତ୍ର ପ୍ରକାଶ କରିବା ପାଇଁ ବଜ୍ର ଶପଥ ନେଇଥିଲେ । ବିଦ୍ୟାରତ୍ନଙ୍କ ଅନୁରୋଧ ଯୋଗୁଁ ବଡ଼ଖେମୁଣ୍ଡିର ରାଜା କୃପାମୟ ଦେବ, ଶଶିଭୂଷଣଙ୍କୁ ପାଂଚଶହ ଟଙ୍କା ସାହାଯ୍ୟ କରିଥିଲେ । ୧୯୧୩ ମସିହା, ଏପ୍ରିଲ୍ ମାସ ୧୩ ତାରିଖ ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ଦିନ ବ୍ରହ୍ମପୁରରୁ ସାପ୍ତାହିକ ଖବରକାଗଜ 'ଆଶା'ର ପ୍ରଥମ ପ୍ରକାଶନ ଆରମ୍ଭ ହେଲା । ମଧୁସୂଦନ ଦାସଙ୍କ ପ୍ରେରଣା ପାଇ ଶଶିଭୂଷଣ ରଥ 'ଆଶାଲତା' ନାମକ ଏକ ପତ୍ରିକା ତାଙ୍କର ପ୍ରେସ୍‌ରୁ ପ୍ରକାଶନ କଲେ । ଶଶିଭୂଷଣଙ୍କର ଏକମାତ୍ର କନ୍ୟା ଆଶାଲତା ନାମରେ ଏହି ପତ୍ରିକା ହୋଇଥିଲା ନାମିତ ।

ପତ୍ରିକାକୁ ମୁଦ୍ରଣ କରିବା ନିମିତ୍ତ ଶଶିଭୂଷଣ 'ଗଞ୍ଜାମ ପ୍ରିଣ୍ଟିଂ କମ୍ପାନୀ' ନାମକ ଏକ ପୁରୁଣା ହାତଛାପା ପ୍ରେସ୍‌କୁ ବେଲଗୁଣ୍ଠାର ହରିହର ପଣ୍ଡା ଓ ଶ୍ରୀବତ୍ସ ପଣ୍ଡାଙ୍କଠାରୁ କ୍ରୟ କରିଥିଲେ । ଉକ୍ତ ପ୍ରେସ୍‌ଟିର କାର୍ଯ୍ୟାରମ୍ଭ ବ୍ରହ୍ମପୁର ଭେଙ୍କଟେଶ୍ୱର ମନ୍ଦିର ପାର୍ଶ୍ୱରେ ଭଡ଼ାସୂତ୍ରରେ ନିଆଯାଇଥିବା ଏକ ଚାଳ ଛପର ଘରେ ହୋଇଥିଲା । ଏଠାରୁ ବହୁତ ଦିନ ପର୍ଯ୍ୟନ୍ତ ଛାପାକାର୍ଯ୍ୟ ହୋଇଥିଲା । ସେକାଳରେ ନାନା ଘାତପ୍ରତିଘାତ, ଅର୍ଥାଭାବ ପ୍ରଭୃତି ଶଶିଭୂଷଣଙ୍କ ନିମିତ୍ତ ପ୍ରେସ୍ ପରିଚାଳନା ଓ 'ଆଶା'ର ପ୍ରକାଶନ ପାଇଁ ଘୋର ପ୍ରତିବନ୍ଧକ ସାଜିଥିଲେ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି ନିକଟରେ ସେହି ଆର୍ଥିକ ଅନାଟନ ବେଶୀକାଳ ସ୍ଥାୟୀ ହୋଇପାରିନଥିଲା । ୧୯୧୪ ମସିହା ବେଳକୁ 'ଆଶା'ର ଛାପା ସଂଖ୍ୟା ଥିଲା ପ୍ରାୟ ଚଉଦ ହଜାର । କେବଳ ଗଞ୍ଜାମ ଜିଲ୍ଲା ନୁହେଁ ସମଗ୍ର ଓଡ଼ିଶାରେ ଦ୍ରୁତଗତିରେ ଲୋକପ୍ରିୟତା ହାସଲ କଲା 'ଆଶା' । ଲୋକମାନଙ୍କର ମତାମତ ଓ ବାସ୍ତବ ଦାବୀଗୁଡ଼ିକୁ 'ଆଶା' ମାଧ୍ୟମରେ ଶଶିଭୂଷଣ ସମସ୍ତଙ୍କ ନିକଟରେ ପହଁଚାଉଥିଲେ ।

ସମ୍ପାଦନା କାର୍ଯ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କୁ ପୂର୍ଣ୍ଣ ସହଯୋଗ କରୁଥିଲେ । 'ଆଶା' ପାଇଁ ଯେତେବେଳେ ଆବଶ୍ୟକ ପଡୁଥିଲା ଉତ୍କଳମଣି ଗୋପବନ୍ଧୁ ଦାସ ସାକ୍ଷୀଗୋପାଳରୁ ସମ୍ପାଦକୀୟ ପଠାଉଥିଲେ । ୧୯୧୫ମସିହାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅନୁରୋଧ କ୍ରମେ ସାହିତ୍ୟିକ ପତ୍ରିକା 'ସତ୍ୟବାଦୀ', ଗୋପବନ୍ଧୁଙ୍କ ସମ୍ପାଦନାରେ ଆଶା ପ୍ରେସ୍‌ରୁ ପ୍ରକାଶିତ ହେଲା । ଦକ୍ଷିଣ ଓଡ଼ିଶାର ମଧ୍ୟବିତ୍ତ ଶିକ୍ଷିତ ଲୋକମାନଙ୍କୁ ରାଜନୈତିକ ଶିକ୍ଷା ଦେବାରେ 'ଆଶା' ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଏହା ଇଂରେଜ ସରକାରଙ୍କଦ୍ୱାରା ଭେଦଭାବମୂଳକ ପଦକ୍ଷେପଗୁଡ଼ିକର ତୀବ୍ର ବିରୋଧ କରୁଥିଲା । ଓଡ଼ିଆ ଭାଷାଭାଷୀ ଅଂଚଳ ପ୍ରତି ଇଂରେଜ ସରକାରଙ୍କର ବୈମାତୃକ ମନୋଭାବକୁ ଏହା ସାଙ୍ଗେସାଙ୍ଗେ ଖବର ମାଧ୍ୟମରେ ପରିବେଷଣ କରୁଥିଲା । ୧୯୨୭ ମସିହାରେ ସାପ୍ତାହିକ ଖବରକାଗଜ 'ଆଶା', ଦୈନିକ ଖବରକାଗଜରେ ପରିଣତ ହେଲା । ଓଡ଼ିଆ ସମ୍ବାଦ କ୍ଷେତ୍ରରେ ଓଡ଼ିଶାର ପ୍ରଥମ ଦୈନିକ ଖବରକାଗଜ 'ଦୈନିକ ଆଶା' ଏକ ନୂତନ ବିପ୍ଳବ ସୃଷ୍ଟି କଲା । 'ଆଶା'ର ଗୁଣାତ୍ମକ ଉନ୍ନତି ପାଇଁ ସେ ଓଡ଼ିଆ ଲିପିରେ ଦେଖାଯାଉଥିବା ସମସ୍ୟାର

ସମାଧାନ ପାଇଁ କେତେକ ପଦକ୍ଷେପ ଗ୍ରହଣ କରିଥିଲେ । ସିଧାସଳଖ ଯୌଗିକ ଅକ୍ଷର ବ୍ୟବହାର କରିବା ପରିବର୍ତ୍ତେ ସେ ପଣ୍ଡିତ ନୀଳକଣ୍ଠଙ୍କଦ୍ୱାରା ଅନୁସୃତ କେତେକ ନୂଆ ପଦ୍ଧତି ମୁଦ୍ରଣ କାର୍ଯ୍ୟରେ ବ୍ୟବହାର କଲେ । ସାହିତ୍ୟ କ୍ଷେତ୍ରରେ ଏହା ନୂତନ ବିପ୍ଲବ ସୃଷ୍ଟି କଲା । ଶଶିଭୂଷଣଙ୍କଦ୍ୱାରା ବ୍ୟବହୃତ ସେହି ନୂତନ ଲୋକପ୍ରିୟ ଲିପି ଆଜି ମଧ୍ୟ ବହୂଳ ବ୍ୟବହୃତ ହେଉଛି ।

୧୯୨୦ ମସିହାରେ ମାନ୍ଦ୍ରାସ୍ ଲେଜିସ୍ଲେଟିଭ୍ ଆସେମ୍ବ୍ଲି ପାଇଁ ନିର୍ବାଚନ ହେଲା । ଏହି ନିର୍ବାଚନରେ ଗଂଜାମରୁ ଶଶିଭୂଷଣ ନିର୍ବାଚିତ ହେଲେ । ଗଂଜାମ ଜନସାଧାରଣଙ୍କର ଅସୁବିଧା ଇଂରେଜ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ସୁଯୋଗ ମିଳିଲା । ସେଠାରେ ଶଶିଭୂଷଣ ଇଂରେଜ ସରକାରଙ୍କୁ ବହୁ ଅସୁବିଧାରେ ପକାଉଥିଲେ । ୧୯୩୩ ମସିହା ନିର୍ବାଚନରେ ପୁଣି ଶଶିଭୂଷଣ ମାନ୍ଦ୍ରାସ୍ ଲେଜିସ୍ଲେଟିଭ୍ ଆସେମ୍ବ୍ଲି ପାଇଁ ନିର୍ବାଚିତ ହେଲେ । ମାନ୍ଦ୍ରାସ୍ ଲେଜିସ୍ଲେଟିଭ୍ ଆସେମ୍ବ୍ଲିରେ ଶ୍ରୀଯୁକ୍ତ ରଥ ଓଡ଼ିଶାର ସାମଗ୍ରିକ ଉନ୍ନତି ପାଇଁ ବହୁ ଦାବୀ ବାରମ୍ବାର ଉପସ୍ଥାପନ କରି ଇଂରେଜ ସରକାରଙ୍କୁ ଅସ୍ତବ୍ୟସ୍ତ କରି ପକାଉଥିଲେ । ତେଣୁ ତତ୍କାଳୀନ ମାନ୍ଦ୍ରାସ୍ ଲେଜିସ୍ଲେଟିଭ୍ ଆସେମ୍ବ୍ଲିର ଶିକ୍ଷାମନ୍ତ୍ରୀ ସଭାରେ ମନ୍ତବ୍ୟ ରଖିଥିଲେ କି ଯେ,'ମିଷ୍ଟର ଶଶିଭୂଷଣ ରଥ ହେଉଛନ୍ତି ଗଞ୍ଜାମର ମହାବଳ ବାଘ' ।

୧୯୨୧ ମସିହା ମାର୍ଚ୍ଚମାସ ୨୯ତାରିଖ ଦିନ ମହାତ୍ମା ଗାନ୍ଧୀ ପ୍ରଥମ ଥର ପାଇଁ ବ୍ରହ୍ମପୁର ଆସିଥିଲେ । ଅସହଯୋଗ ଆନ୍ଦୋଳନ ପାଇଁ ସମର୍ଥନ ସଂଗ୍ରହ କରିବା ମହାତ୍ମା ଗାନ୍ଧୀଙ୍କର ଲକ୍ଷ୍ୟ ଥିଲା । ଏହି ସମୟରେ ଶଶିଭୂଷଣ ରଥ ମାନ୍ଦ୍ରାସ୍ ଲେଜିସ୍ଲେଟିଭ୍ ଆସେମ୍ବ୍ଲିର ସଦସ୍ୟ ଥିଲେ । ତେଣୁ ଗଞ୍ଜାମ ଜିଲ୍ଲାର ଓଡ଼ିଆ ଭାଷାଭାଷୀ ଲୋକମାନଙ୍କର ସୁଖଦୁଃଖ ବିଷୟରେ ମହାତ୍ମା ଗାନ୍ଧୀଙ୍କୁ ଶଶିଭୂଷଣ ଅବଗତ କରାଇଥିଲେ । ଅସହଯୋଗ ଆନ୍ଦୋଳନରେ ଗଞ୍ଜାମବାସୀ ମହାତ୍ମା ଗାନ୍ଧୀଙ୍କୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ଶ୍ରୀଯୁକ୍ତ ରଥ ଜଣାଇଦେଲେ । ଅସହଯୋଗ ଆନ୍ଦୋଳନରେ ଗଞ୍ଜାମବାସୀଙ୍କର ପୂର୍ଣ୍ଣ ସମର୍ଥନ ଅଛି ବୋଲି ମହାତ୍ମା ଗାନ୍ଧୀ ହୃଦୟଙ୍ଗମ କଲେ ।

ଖବରକାଗଜ 'ଆଶା' ପାଇଁ ଇଂରେଜ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବା ଆଶାରେ ଶଶିଭୂଷଣ ଅସହଯୋଗ ଆନ୍ଦୋଳନରେ ନିଜକୁ ସାମିଲ୍ କରିନଥିଲେ । ଖବରକାଗଜ 'ଆଶା' ଇଂରେଜ ସରକାରଙ୍କର ସମାଲୋଚନା କରୁଥିବାରୁ ଇଂରେଜ ସରକାର ଆର୍ଥିକ ସାହାଯ୍ୟ ଦେବାକୁ ମନା କରିଦେଲେ । ତେଣୁ ୧୯୨୨ମସିହାରେ ଶଶିଭୂଷଣ ଅସହଯୋଗ ଆନ୍ଦୋଳନରେ ନିଜକୁ ସାମିଲ୍ କରିଥିଲେ ଏବଂ ଅସହଯୋଗ ଆନ୍ଦୋଳନ ସମ୍ବନ୍ଧୀୟ ମହାତ୍ମା ଗାନ୍ଧୀଙ୍କର ବାର୍ତ୍ତାକୁ ଲୋକମାନଙ୍କ ନିକଟରେ ଖବରକାଗଜ 'ଆଶା' ମାଧ୍ୟମରେ ପହଁଚାଇଥିଲେ । ଇଂରେଜ ସରକାରଙ୍କର ସମାଲୋଚନା ଓ ବିରୁଦ୍ଧ କରିବା ଅଭିଯୋଗରେ ଶଶିଭୂଷଣ ରଥ, ବିଶ୍ୱନାଥ ଦାଶ, ନୀଳକଣ୍ଠ ଦାଶ ଆଦି ବିଶିଷ୍ଟ ନେତାମାନଙ୍କୁ ବନ୍ଦୀ କରାଗଲା । ଆଇନ ଅମାନ୍ୟ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ଯୋଗୁଁ ଶଶିଭୂଷଣ ମାନ୍ଦ୍ରାଜର ଭେଲୋର୍ ଜେଲ୍‌ରେ ରହିଥିଲେ ମଧ୍ୟ ଆଇନ ଅମାନ୍ୟ ଆନ୍ଦୋଳନ କାର୍ଯ୍ୟକ୍ରମ କିପରି ସଫଳ ହୋଇପାରିବ ସେଥିପାଇଁ ସର୍ବଦା ଚେଷ୍ଟା କରୁଥିଲେ । ଶଶିଭୂଷଣ ମୁଖ୍ୟତଃ ଓଡ଼ିଆ ଭାଷାଭାଷୀ ଅଂଚଳର ମିଶ୍ରଣ ପାଇଁ ଆନ୍ଦୋଳନ ଜାରି ରଖିଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସହିତ ମିଶି ୧୯୨୩ ମସିହାରେ ଶ୍ରୀଯୁକ୍ତ ରଥ ବ୍ରହ୍ମପୁରଠାରେ ଉତ୍କଳ ୟୁନିଅନ୍ କନ୍‌ଫେରନସ୍‌ର ଐତିହାସିକ ସମ୍ମିଳନୀ ଆୟୋଜନ କରିଥିଲେ । ସେହିଦିନଠାରୁ ଓଡ଼ିଶା ପ୍ରଦେଶର ମିଶ୍ରଣ ପାଇଁ ସାଧାରଣ ଲୋକଙ୍କୁ ପ୍ରବର୍ତ୍ତାଇବାରେ ଖବରକାଗଜ 'ଆଶା' ମୁଖ୍ୟ ଭୂମିକା ଗ୍ରହଣ କଲା ।

୧୯୨୬ ମସିହା ସେପ୍ଟେମ୍ବର ମାସ ୧ତାରିଖ ଦିନ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ଗଠନ ହେଲା । ଶଶିଭୂଷଣ, ଏହି କମିଟିର ଏକ ସଦସ୍ୟ ଥିଲେ । ୧୯୩୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ଅଧିବେଶନ ପୁରୀଠାରେ ଅନୁଷ୍ଠିତ ହେବାବେଳେ ସେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଥିଲେ । ୧୯୩୧ ମସିହାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ନିର୍ବାଚନରେ ଶଶିଭୂଷଣ ପୁନର୍ବାର ଜିଲ୍ଲା କଂଗ୍ରେସ କମିଟିର ସଭାପତି ରୂପେ ନିର୍ବାଚିତ ହୋଇଥିଲେ ।

ଉଚ୍ଚଶିକ୍ଷା କ୍ଷେତ୍ରରେ ଗଞ୍ଜାମର ଖଲ୍ଲିକୋଟ ମହାବିଦ୍ୟାଳୟ ଏକ ସୁନାମଧନ୍ୟ ଶିକ୍ଷାନୁଷ୍ଠାନ । ସମଗ୍ର ଓଡ଼ିଶାରେ ଏହି ମହାବିଦ୍ୟାଳୟର ନାଁ ରହିଥିଲା । ୧୯୩୩ ମସିହା ମାର୍ଚ୍ଚମାସ ୩ତାରିଖ ଦିନ ଖଲ୍ଲିକୋଟ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ରୂପେ ଶଶିଭୂଷଣ ମନୋନୀତ ହୋଇଥିଲେ । ଏହି ଅନୁଷ୍ଠାନର ସର୍ବାଙ୍ଗୀଣ ଉନ୍ନତି ପାଇଁ ସେ ସଦାସର୍ବଦା ତତ୍ପର ଥିଲେ । ତାଙ୍କର ପ୍ରଚେଷ୍ଟାରେ ଏହି ମହାବିଦ୍ୟାଳୟ ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିଥିଲା ।

୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ରାଜଧାନୀ ସ୍ଥାନ ନିରୂପଣ କରିବା ପାଇଁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଗଲା । ରଙ୍ଗେଇଲୁଣ୍ଡା(ବର୍ତ୍ତମାନ ଭଞ୍ଜବିହାର)କୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ନୂତନ ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଦୃଢ଼ ଭାବରେ ଦାବୀ ଉପସ୍ଥାପନ କରିଥିଲେ ଶଶିଭୂଷଣ ରଥ । କେନ୍ଦ୍ର ସରକାରଙ୍କଦ୍ୱାରା ନିଯୁକ୍ତ କମିଟି ୧୯୩୬ ଅଗଷ୍ଟ ୧୯ତାରିଖରେ ରଙ୍ଗେଇଲୁଣ୍ଡାକୁ ରାଜଧାନୀ କରିବାକୁ ଅଗ୍ରାଧିକାର ଭିତ୍ତିରେ ସୁପାରିଶ କରିଥିଲେ । ୧୯୩୯ ମସିହାରେ ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ ଗଠିତ ପ୍ରଥମ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଢ଼ା ହେବାବେଳେ ରାଜ୍ୟର

ବିଭିନ୍ନ ସ୍ଥାନରେ ରାଜଧାନୀ ପ୍ରତିଷ୍ଠା ନେଇ ତୁମୁଳ ଆନ୍ଦୋଳନ ଚାଲିଲା । ଡେନ୍ କମିଟି ସବୁକଥା ବିଚାର କରି କଟକ-ଚୌଦ୍ୱାର ନୂଆ ରାଜଧାନୀ ହେଉ ବୋଲି ସୁପାରିଶ କଲେ । ଡେନ୍ କମିଟିଙ୍କ ଏହି ସୁପାରିଶ ବିଧାନସଭାରେ ଆଲୋଚିତ ହୋଇ ଗୃହୀତ ମଧ୍ୟ ହୋଇଗଲା । ଶଶିଭୂଷଣଙ୍କର ପ୍ରସ୍ତାବକୁ ସରକାର ଉପଯୁକ୍ତ ଗୁରୁତ୍ୱ ନ ଦେବାରୁ ସେ ଗଭୀର ଦୁଃଖ ପ୍ରକାଶ କରିଥିଲେ । କିନ୍ତୁ ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବାରୁ ସେ ବର୍ଷ ସେପ୍ଟେମ୍ବରରେ ରାଜ୍ୟ କଂଗ୍ରେସ ମନ୍ତ୍ରୀମଣ୍ଡଳରୁ ଇସ୍ତ'ା ଦେଲେ ।

ଉତ୍କଳ ସମ୍ମିଳନୀର ୪୦ତମ ଅଧିବେଶନ ପାଇଁ ଆନ୍ଧ୍ରପ୍ରଦେଶର ମଞ୍ଜୁଷା ସହରକୁ ଚୟନ କରାଗଲା । ମଞ୍ଜୁଷା, ଓଡ଼ିଆ ଭାଷାଭାଷୀ ଅଂଚଳ ରୂପେ ପରିଚିତ ଥିଲା । ୧୯୩୮ ମସିହା ଏପ୍ରିଲ୍ ମାସ ୧୬ ଓ ୧୭ତାରିଖରେ ଅନୁଷ୍ଠିତ ଏହି ଅଧିବେଶନରେ ଶଶିଭୂଷଣ ସ୍ୱାଗତ କମିଟିର ସଭାପତି ଥିଲେ । ତାଙ୍କର ସ୍ୱାଗତ ଅଭିଭାଷଣରେ ଶଶିଭୂଷଣ ମଞ୍ଜୁଷା ଅଂଚଳରେ ରହୁଥିବା ଓଡ଼ିଆ ଭାଷାଭାଷୀଲୋକଙ୍କର ଅନିଶ୍ଚିତ ଭବିଷ୍ୟତ ସମ୍ବନ୍ଧରେ ଅବଗତ କରାଇଥିଲେ । ଆନ୍ଧ୍ର ଭାଇଭଉଣୀମାନଙ୍କର ସହଯୋଗରେ ସେମାନଙ୍କର ଓ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଓଡ଼ିଆ ଭାଷାଭାଷୀ ଭାଇଭଉଣୀମାନଙ୍କୁ ନିବେଦନ କରିଥିଲେ । ଅନ୍ୟତ୍ର ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ଭାଇଭଉଣୀମାନଙ୍କ ପ୍ରତି ଏହା ଥିଲା ମୂଲ୍ୟବାନ୍ ଅଭିଭାଷଣ ।

୧୯୩୯ମସିହାର ଶେଷଭାଗରେ ଆଶା ପ୍ରେସ୍ କଟକକୁ ସ୍ଥାନାନ୍ତରିତ ହେଲା । କଟକରେ ଅବସ୍ଥାନ କାଳରେ ୧୯୩୯ ମସିହା ଡିସେମ୍ବର ମାସରେ ଶଶିଭୂଷଣଙ୍କର ଦେହ ଖରାପ ହେଲା । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହେଲା । ସେ ତାଙ୍କର ଡାଏରୀରେ ଲେଖିଥିଲେ- 'ହେ, ଭଗବାନ ! ଆପଣ କାହିଁକି ମୋତେ ଆପଣଙ୍କ ପାଖକୁ ନେଉନାହାନ୍ତି । ଓଡ଼ିଶା ମୋତେ କିମ୍ବା ମୋର ସେବାକୁ ଚାହୁଁନାହିଁ ।' ଡକ୍ଟର କାଶିନାଥ ମିଶ୍ରଙ୍କୁ ଧନ୍ୟବାଦ, ଯାହାଙ୍କ ଆନ୍ତରିକ ଉଦ୍ୟମ ଯୋଗୁଁ ଶ୍ରୀଯୁକ୍ତ ରଥ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ । ୧୯୪୩ ମସିହାରେ ତାଙ୍କର ବାର୍ଦ୍ଧକ୍ୟ ଅବସ୍ଥା ଓ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିଲେ ମଧ୍ୟ ଖବରକାଗଜ 'ଆଶା'ର ସାପ୍ତାହିକ ପ୍ରକାଶନ ବ୍ରହ୍ମପୁରରୁ କରିବା ପାଇଁ ସ୍ଥିର କଲେ । ଖବରକାଗଜ 'ଆଶା'ର ଜଣେ ପୁରୁଣା କର୍ମଚାରୀ ଚନ୍ଦ୍ରଶେଖର ମହାପାତ୍ରଙ୍କୁ ଡକାଇ 'ଆଶା'ର ପୁନଃମୁଦ୍ରଣ ପାଇଁ ଅନୁରୋଧ କଲେ । 'ଆଶା'ର ସାପ୍ତାହିକ ପ୍ରକାଶନ ବ୍ରହ୍ମପୁରରୁ କରିବା ପାଇଁ ଶ୍ରୀମହାପାତ୍ରଙ୍କର ସମ୍ମତି ପରେ ଏହା ୧୯୪୩ ମସିହାରେ ପୁଣି ବ୍ରହ୍ମପୁରରୁ ପ୍ରକାଶିତ ହେଲା ।

ଏହି ସମୟରେ ଶଶିଭୂଷଣଙ୍କର ସ୍ୱାସ୍ଥ୍ୟାବସ୍ଥା ଅତି ଗୁରୁତର ହୋଇ ସେ ଶଯ୍ୟାଶାୟୀ ହୋଇଗଲେ । ଡାକ୍ତରମାନଙ୍କର ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଶ୍ରୀଯୁକ୍ତ ରଥ ତାଙ୍କର ପ୍ରିୟ ଉତ୍କଳ ପ୍ରଦେଶକୁ ଛାଡ଼ି ୧୯୪୩ ମାର୍ଚ୍ଚ ମାସ ୧୯ ତାରିଖ ଦିନ ପଂଚଭୂତରେ ମିଶିଗଲେ । ସ୍ମୃତି ଉଦ୍ଦେଶ୍ୟରେ ବ୍ରହ୍ମପୁରର ମଧ୍ୟଭାଗରେ ତାଙ୍କର ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଛି । ସରକାରୀ ମହିଳା ମହାବିଦ୍ୟାଳୟକୁ ତାଙ୍କର ନାମରେ ନାମିତ କରାଯାଇଛି । ତାଙ୍କର ସ୍ମୃତିରେ ବ୍ରହ୍ମପୁର ମ୍ୟୁନିସିପାଲିଟିରେ ଶଶିଭୂଷଣ ପାଠାଗାର ସ୍ଥାପନ କରାଯାଇଛି । ସମାଜ ସଂସ୍କାରକ ବୃନ୍ଦାବନ ନାୟକଙ୍କଦ୍ୱାରା ବ୍ରହ୍ମପୁରରୁ ଖବରକାଗଜ 'ଆଶା'ର ପୁନଃ ପ୍ରସାରଣ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

ଜଣେ ସୁଦକ୍ଷ ସାମ୍ବାଦିକ ଭାବେ ଶଶିଭୂଷଣ ଛାଡ଼ିଯାଇଛନ୍ତି ଅଲିଭା ଚିହ୍ନ । ସାମ୍ବାଦିକତା ତାଙ୍କର ଅତି ପ୍ରିୟ ଥିଲା । ସେ ଜଣେ ବିଚକ୍ଷଣ ବକ୍ତା ଓ ସୁଲେଖକ ଥିଲେ । ସର୍ବସାଧାରଣ ସମସ୍ୟାକୁ ନେଇ ସେ ଏପରି ଚମତ୍କାର ଭାଷଣ ଦେଉଥିଲେ ଯେ, ସଭାସ୍ଥଳ କରତାଳିରେ ଉଚ୍ଛୁଳି ପଡୁଥିଲା । ଶଶିଭୂଷଣ ଥିଲେ ଜଣେ ମହାନ୍ ରାଜନୀତିଜ୍ଞ । ଓଡ଼ିଶାର ଲୋକମାନଙ୍କର ଉନ୍ନତି ପାଇଁ ସେ ସାମଗ୍ରିକ ଭାବେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଓଡ଼ିଆ ଭାଷାଭାଷୀ ଲୋକମାନଙ୍କୁ ଏକ ଶାସନାଧୀନ କରିବା ତାଙ୍କର ଲକ୍ଷ୍ୟ ଥିଲା । ଓଡ଼ିଶାରେ ଓଡ଼ିଆ ଭାଷାଭାଷୀ ଜନସାଧାରଣଙ୍କର ଆନ୍ଦୋଳନରେ ଯେଉଁ କେତେଜଣ ନିଃସ୍ୱାର୍ଥପର ନେତା ଥିଲେ, ସେମାନଙ୍କ ମଧ୍ୟରେ ଶଶିଭୂଷଣ ରଥ ଜଣେ ଜଣାଶୁଣା ନାମ । ବ୍ରହ୍ମପୁରର ଚେୟାରମ୍ୟାନ୍ ଭାବେ ସେ ବ୍ରହ୍ମପୁର ଜନସାଧାରଣଙ୍କର ବହୁ ଉନ୍ନତି ସାଧନ କରିଥିଲେ । ସର୍ବସାଧାରଣଙ୍କର ପ୍ରଶ୍ନ ଉପସ୍ଥାପନ କଲାବେଳେ ସେ ସିଂହ ଭଳି ନିର୍ଭୟରେ ପଚାରିପାରୁଥିଲେ । ଓଡ଼ିଶାରେ ସମ୍ବାଦ ପରିବେଷଣ କ୍ଷେତ୍ରରେ ଶଶିଭୂଷଣଙ୍କର ନାମ ସର୍ବପ୍ରଥମେ ଆସିଥାଏ । ସେ ଜଣେ ନିର୍ଭିକ ସାମ୍ବାଦିକ ଥିଲେ ଯିଏ କି, ଦକ୍ଷିଣ ଓଡ଼ିଶାର ଅବହେଳିତ, ଉପେକ୍ଷିତ ଓ ନିମ୍ନବର୍ଗର ଲୋକମାନଙ୍କର ଉନ୍ନତି ନିମନ୍ତେ ବିରଳ ତ୍ୟାଗମନୋବୃତ୍ତି ନେଇ କାମ କରିଥିଲେ । ଦକ୍ଷିଣ ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ରାଜନୈତିକ ଉତ୍‌ଥାନ ଓ ସାମାଜିକ ସଚେତନତା ସୃଷ୍ଟି କରିବାରେ ଖବରକାଗଜ ଆଶାର ଅବଦାନ ଅତୁଳନୀୟ । ଓଡ଼ିଶା ସହିତ ଗଞ୍ଜାମର ମିଶ୍ରଣ ଆନ୍ଦୋଳନରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଆଜି ମଧ୍ୟ ଦୈନିକ ଆଶା ମୁକ ସାକ୍ଷୀ ସ୍ୱରୂପ ଶଶିଭୂଷଣଙ୍କ କୀର୍ତ୍ତିଗୁଡ଼ିକର ଗୁଣଗାନ କରୁଅଛି । ସେ ନିଜର ସମଗ୍ର ଜୀବନ ଗଂଜାମ ତଥା ଓଡ଼ିଶା ପାଇଁ ଉତ୍ସର୍ଗ କରିଯାଇଛନ୍ତି । ଶଶିଭୂଷଣ ସିନା ଆଜି ନାହାନ୍ତି, ମାତ୍ର ତାଙ୍କର ଲୋକହିତକର କାର୍ଯ୍ୟ ପାଇଁ ସେ ସବୁଦିନକୁ ଓଡ଼ିଶାବାସୀଙ୍କ ନିକଟରେ ଅମର ହୋଇ ରହିଥିବେ ।

-୦-


ପ୍ରଧାନଶିକ୍ଷକ ଓ ଜନଜାତି ଗବେଷକ
କବିସୂର୍ଯ୍ୟନଗର, ଗଂଜାମ, ମୋ: ୯୪୩୮୦୬୦୦୩୮



# ଆଧୁନିକ ଭାରତର ପ୍ରକୃତ ନିର୍ମାତା: ପି.ଭି.ନରସିଂହ ରାଓ

**ପ୍ରଶାନ୍ତମୟୀ ରଥ**

ଭାରତରେ ସ୍ୱାଧୀନତାର ନବୀନ ସୂର୍ଯ୍ୟାଲୋକ ସହ ନବଭାରତର ନିର୍ମାଣ ରେ ଯେଉଁ ସବୁ ପ୍ରାଜ୍ଞ, ବିଜ୍ଞ ରାଷ୍ଟ୍ରନୀତିଜ୍ଞ, ବୈଜ୍ଞାନିକ, ତଥା ବ୍ୟବସାୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତିତ୍ୱ ନିଜର ମନ, ପ୍ରାଣ ଢ଼ାଳି ଭାରତକୁ ବିଶ୍ୱପ୍ରସିଦ୍ଧ କରିବାର ଶତ ଚେଷ୍ଟା କରି ସଫଳ ହୋଇପାରିଥିଲେ ସେମାନଙ୍କ ମଧ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି.ନରସିଂହରାଓ ଅନ୍ୟତମ ନିଶ୍ଚିତ ।



ସମ୍ପ୍ରତି ଏହା ସର୍ବଜନବିଦିତ ଯେ ଭାରତ ବିଶ୍ୱରେ ପଞ୍ଚମ ଧନୀ ରାଷ୍ଟ୍ରରେ ପରିଣତ ହେବାସହ ଦିନେ ଆମ ଦେଶକୁ ଉପନିବେଶ କରି ରଖିଥିବା ଗ୍ରେଟ ବ୍ରିଟେନ ଆଜି ଷଷ୍ଠ ସ୍ଥାନକୁ ଅବତରଣ କରିଛି । ଭାରତର ଜନସଂଖ୍ୟା ଦୃଷ୍ଟିରୁ, ଏହାର ମୁଣ୍ଡପିଛା ଆୟ ଅନ୍ୟ ବହୁତ ଦେଶ ଠାରୁ କମ ଥିଲେ ମଧ୍ୟ, ଆର୍ଥିକ ପରିସମ୍ପତ୍ତି ଦୃଷ୍ଟିରୁ ଭାରତ ଆଗରେ ଅଛି ନିଶ୍ଚୟ । ନିର୍ମାଣ, ଉତ୍ପାଦନ, ବାଣିଜ୍ୟ, ସେବା କ୍ଷେତ୍ରରେ ପ୍ରଭୁତ ଉନ୍ନତି ହୋଇଥିବା ଯୋଗୁଁ ଆମକୁ ବୈଶ୍ୱିକ ସ୍ୱୀକୃତି ମିଳିପାରିଛି ଆଉ ଏସବୁର ଶ୍ରେୟ ନିଶ୍ଚିତ ରୂପେ ସ୍ୱର୍ଗତ ପି.ଭି.ନରସିଂହରାଓଙ୍କୁ ହିଁ ପ୍ରାପ୍ତି, ଯାହା ତାଙ୍କ ଅର୍ଥନୈତିକ ସଂସ୍କାର କୁ ପୁଙ୍ଖାନୁପୁଙ୍ଖ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ।

ସ୍ୱର୍ଗତ ରାଓ ପୂର୍ବ ଆନ୍ଧ୍ରପ୍ରଦେଶର (ତେଲେଙ୍ଗାନା)ର କରିମ ନଗର ଜିଲ୍ଲାରେ ୧୯୨୧ ଜୁନ ୨୮ରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେହେଁ, ସେ ଗ୍ରାମର ଅନ୍ୟ ଜଣେ ନିଃସନ୍ତାନ ଧନୀ ବ୍ରାହ୍ମଣଙ୍କ ପୋଷ୍ୟପୁତ୍ର ହୋଇଥିଲେ । ପରବର୍ତ୍ତୀ ସମୟରେ ଉଭୟ ପରିବାରର ଦାୟିତ୍ୱ ସେ ନେଇଥିଲେ । ନିଜ ଗ୍ରାମଠାରୁ ଦୂରରେ ଥିବା ଏକ ହାଇସ୍କୁଲରେ ଉତ୍ତୀର୍ଣ୍ଣ ହେବା ପରେ ଭାରଙ୍ଗିଲିରେ କଲେଜ ଶିକ୍ଷା ଲାଭ କଲେ । ସେହି ସମୟରେ ୧୯୩୮ କଂଗ୍ରେସ ଆନ୍ଦୋଳନ ଚାଲିଥିବାବେଳେ ଦୁଇଶହ ଶିକ୍ଷାର୍ଥୀଙ୍କ ସହ ମିଶି 'ବନ୍ଦେ ମାତାରଂ' ଗାନ କରି ହାଇଦ୍ରାବାଦର ନିଜାମଙ୍କ ଦ୍ୱାରା ବହିଷ୍କୃତ ହୋଇଥିଲେ । ଏଣୁ ସେ ନାଗପୁର ଯାଇ ସେଠାରେ ବି.ଏସ୍‌ସି ଡିଗ୍ରୀ ସାରିଲେ, ତା'ପରେ ପୁନେର ଫର୍ଗୁସନ କଲେଜରେ Astronomy, ଡିଗ୍ରୀ ପରେ ନାଗପୁରରେ ଆଇନ ଅଧ୍ୟୟନ କରିଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ବିଶ୍ୱ ବିଦ୍ୟାଳୟରୁ ଉର୍ଦ୍ଦୁ, ସଂସ୍କୃତ, ସ୍ପେନ ଆଦି ଭାଷାରେ ଡିଗ୍ରୀ ହାସଲ କରିଥିଲେ । ପରବର୍ତ୍ତୀ କାଳରେ ତାଙ୍କର ବିଭିନ୍ନ ଭାଷା ଯଥା, ମରାଠି, ତେଲୁଗୁ, ହିନ୍ଦୀ, ଓ ଇଂରାଜୀ ଭାଷା ର ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶିତ ହୋଇ ସାହିତ୍ୟ କ୍ଷେତ୍ରରେ ତାଙ୍କ ପାରଦର୍ଶିତାର ପରିଚୟ ଦେଇପାରିଥିଲା । ତାଙ୍କର ପାଣ୍ଡିତ୍ୟ ପାଇଁ ତାଙ୍କୁ ଆନ୍ଧ୍ରର ବୃହସ୍ପତି ଆଖ୍ୟା ଦିଆଯାଇଥିଲା । ସ୍ୱର୍ଗତ ରାଓଙ୍କ ଆତ୍ମ ଜୀବନୀ 'The Insider' ରେ ନିଜ ଜୀବନଦର୍ଶନ କୁ ସୁନ୍ଦର ଓ ପରିଷ୍କାର ଭାବେ ପ୍ରତିଫଳିତ କରିପାରିଛନ୍ତି ।

ଆନ୍ଧ୍ରପ୍ରଦେଶ ରାଜନୀତିରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ରାଓ, ୧୯୭୨ରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଆସନରେ ଶାସନ କାର୍ଯ୍ୟ ଆରମ୍ଭ କରିବା ପରେ କଂଗ୍ରେସର ଘୋଷିତ ଭୂସଂସ୍କାର ନୀତି କାର୍ଯ୍ୟକରି ନିଜର ୧୦୦୦ଏକର ଜମି ବାଣ୍ଟିଦେଇଥିଲେ । ବଡ଼ବଡ଼ ଚାଷୀମାନଙ୍କଠୁ ଜମିନେଇ ଭୂମିହୀନଙ୍କୁ ବାଣ୍ଟିବା ନୀତି ଫଳରେ କ୍ଷୁବ୍ଧ ହୋଇଥିବା ଚାଷୀଙ୍କ ଆନ୍ଦୋଳନ ଯୋଗୁଁ ଆନ୍ଧ୍ରର ଧନୀକ ଶ୍ରେଣୀର ବିଧାୟକମାନେ ଇନ୍ଦିରାଗାନ୍ଧୀଙ୍କୁ ପ୍ରବର୍ତ୍ତାଇ ରାଓଙ୍କୁ

ମୁଖ୍ୟମନ୍ତ୍ରୀ ପଦବୀରୁ ହଟାଇଲେ । ଇତି ଅବସରରେ ନରସିଂହ ସାହିତ୍ୟ ସାଧନାରେ ନିଜକୁ ବ୍ରତୀ ରଖିବା ସହିତ ୧୯୭୩ ମସିହାରେ ଆମେରିକାରେ ଥିବା ନିଜ ଡାକ୍ତର ଝିଅ ପାଖେ ସେ ଦେଶର ଉନ୍ନତ ଶିକ୍ଷ ଓ ପ୍ରଯୁକ୍ତିବିଦ୍ୟାକୁ ନିରୀକ୍ଷଣ କରି ଆସିଲେ । ୧୯୭୭ରେ ସାଂସଦ ହେବାପରେ ପୁନର୍ବାର ୧୯୮୦ ମସିହାରେ ନିର୍ବାଚନରେ ଜୟଲାଭ କରି, ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ବୈଦେଶିକ ମନ୍ତ୍ରୀ ରୂପେ ସ୍ଥାନ ପାଇଥିଲେ । ତାଙ୍କର ଭାଷାଜ୍ଞାନ, କମ୍ପ୍ୟୁଟର ଜ୍ଞାନ ଯୋଗୁଁ ପରେ ରାଜୀବ ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ତାଙ୍କୁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପଦ ଦିଆଯାଇଥିଲା ।

୧୮୮-୮୯ରେ ପୁନର୍ବାର ବୈଦେଶିକ ମନ୍ତ୍ରୀ ହୋଇଥିବା ପରେ ନରସିଂହରାଓ ଖୁବ୍ ଭଲ ଭାବେ ଅବଗତ ହୋଇଥିଲେ ଯେ ରାଜୀବ ଗାନ୍ଧୀ କଂଗ୍ରେସର କେତେକ ବୟସ୍କ ନେତାଙ୍କ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଜ୍ଞାନନଥିବା ଯୋଗୁଁ ସେମାନଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ କିନ୍ତୁ ନିଜେ ଏ ବିଷୟରେ ଗଭୀର ଜ୍ଞାନ ଅର୍ଜନ କରିଥିଲେ ମଧ୍ୟ ୧୯୯୧ ନିର୍ବାଚନ ନ ଲଢ଼ି ହାଇଦ୍ରାବାଦ ପୁଣି ଚାଲିଯାଇଥିଲେ ଏକ ଟ୍ରକ ଭର୍ତ୍ତି ପୁସ୍ତକ ସହିତ । ଇତି ମଧ୍ୟରେ ଦକ୍ଷିଣ ଭାରତର ଏକ ମଠର ମଠାଧୀଶ ହେବା ଲକ୍ଷ୍ୟ ରଖି ସେ ନିଜକୁ ପ୍ରସ୍ତୁତ କରିଥିଲେ । ସମୟର ଉଦାତ୍ତ ଆହ୍ୱାନରେ ନରସିଂହ ରାଓଙ୍କ ଜୀବନରେ ଭିନ୍ନ ମୋଡ଼ ଆସିଥିଲା । ୧୯୯୧ ମେ ଏକୋଇଶି ତାରିଖରେ ରାଜୀବ ଗାନ୍ଧୀଙ୍କ ହତ୍ୟାପରେ, ସୋନିଆ ଗାନ୍ଧୀଙ୍କ କଂଗ୍ରେସର ସଭାପତି ପଦ ପାଇଁ ପ୍ରତ୍ୟାଖ୍ୟାନ ଏବଂ ବହୁ ନେତାଙ୍କ ମତାନୁଯାୟୀ ପି.ଭି.ନରସିଂହ ରାଓଙ୍କୁ ସଭାପତି କରାଗଲା ।

ପୁନଃ ନିର୍ବାଚନ ପରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଯୋଗୁଁ ଶ୍ରୀ ରାଓ ଭାରତର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରି ଦେଶବାସୀଙ୍କ ପାଇଁ ମୁଖ୍ୟ ଶାସକ ହିସାବରେ ଆଉ କିଛି ନୂତନ ସେବାଦାନ କରିବାର ସୁଯୋଗ ପାଇଥିଲେ, ଯାହା ଭାରତର ନବନିର୍ମାତା ତାଲିକାରେ ରାଓଙ୍କ ନାମକୁ ଉଜ୍ଜ୍ୱଳମୟ କରି ରଖିପାରିଲା । ରାଓ ମହାଶୟଙ୍କ ବିଭିନ୍ନ ଭାରତୀୟ ଭାଷା, ଏକାଧିକ ବିଦେଶୀ ଭାଷାଜ୍ଞାନ ଯୋଗୁଁ ସମସ୍ତେ ତାଙ୍କୁ ଏକ ଭାଷାବିତ ବୋଲି ଭାବିନେଇଥିଲେ ହେଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ସେ ପ୍ରବୀଣ ବୋଲି ଜାଣିନଥିଲେ । ସାତ ବର୍ଷର କମ୍ପ୍ୟୁଟର ପ୍ରୋଗ୍ରାମିଙ୍ଗ ସହ COBAL, BASIC, UNIX, ଭାଷାରେ କାର୍ଯ୍ୟକରିବା ଖୁବ୍ କମ ଲୋକ ଜାଣିଥିଲେ, ତାଙ୍କର ଆଧୁନିକ ଶିକ୍ଷାଲାଭ ଦେଶର ଅର୍ଥନୈତିକ ସଂସ୍କାର ଆଣିବାରେ ଖୁବ୍ ମାତ୍ରାରେ ସହାୟ ହୋଇଥିଲା ।

ଦେଶ ଯେତେବେଳେ ଅର୍ଥନୈତିକ ଶୋଚନୀୟତା ଭିତରେ ବୁଡ଼ିରହିଥିଲା, ଦେଶର ସୁନା ବନ୍ଧକ ପକାଇ ଖର୍ଚ୍ଚ ଉଠିବା ପର୍ଯ୍ୟନ୍ତ ଅବସ୍ଥା ହୋଇଯାଇଥିଲା, ସେହି ସମୟରେ ପି.ରାଓ, ଦେଶରେ ଅର୍ଥନୈତିକ ସଂସ୍କାର ଆଣିଥିବା ପରିପ୍ରେକ୍ଷୀରେ ନିମ୍ନ କେତେକ ପଦକ୍ଷେପ ନେଇଥିଲେ । ୧. ବିଦେଶୀ ପୁଞ୍ଜି ବିନିଯୋଗ, ୨. ପୁଞ୍ଜି ବଜାରରେ ସଂସ୍କାର, ୩. ଘରୋଇ ବ୍ୟବସାୟକୁ ନିୟନ୍ତ୍ରଣକୁ ଆଣିବା, ଏବଂ ବାଣିଜ୍ୟ ବ୍ୟବସ୍ଥାରେ ସଂସ୍କାର ଆଣିବା, ସରକାରୀ କ୍ଷେତ୍ରର ଘରୋଇ କରଣ ଓ ପୁଞ୍ଜିବିନିଯୋଗ ବୃଦ୍ଧି...ଇତ୍ୟାଦି । ଇତ୍ୟବସରରେ ସେ ରିଜର୍ବ ବ୍ୟାଙ୍କ ଗଭର୍ଣ୍ଣର ଥିବା ଶ୍ରୀ ମନମୋହନ ସିଂହଙ୍କୁ ଡାକି ପୂର୍ଣ୍ଣ ସ୍ୱାଧୀନତା ଦେବାସହ ଦେଶର ଅର୍ଥମନ୍ତ୍ରୀ ରୂପେ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାକୁ ଉତ୍ସାହିତ କରିଥିଲେ । ଏଥିସହ ସମାଜବାଦୀ ଚିନ୍ତା ଓ ମିଶ୍ର ଅର୍ଥନୀତିରୁ ଦେଶକୁ ବଜାର ଅର୍ଥନୀତି ଦିଗକୁ ଆଣିବାକୁ ନୀତି ନିର୍ଦ୍ଧାରଣ କରାଗଲା ।

ସରକାରଙ୍କ ବଜେଟ ଜୁଲାଇ, ଚବିଶ, ୧୯୯୧ରେ ଆସିବା ପୂର୍ବରୁ ଶ୍ରୀ ମନମୋହନ ୨ଥର ଭାରତୀୟ ଟଙ୍କାର ଅବମୂଲ୍ୟାୟନ କରିଥିଲେ । ୧ ଡଲାରକୁ ସତର ଟଙ୍କାରୁ ତିରିଶି ଟଙ୍କା କରାଯାଇଥିବାରୁ, ବହୁ ଅଧିକାରୀ, କଂଗ୍ରେସର ମନ୍ତ୍ରୀ, ନେତା ଓ ବିରୋଧୀ ଦଳ ତୀବ୍ର ବିରୋଧ କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଏସବୁର ପରିବର୍ତ୍ତନ ନ କରିବା ପାଇଁ ଦୃଢ଼ନିଶ୍ଚିତ ଥିଲେ । ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ, ଦେଶର ଅର୍ଥନୀତିକୁ (ଏଲ୍.ପି.ଜି.) ସ୍ୱାଧୀନକରଣ, ଘରୋଇକରଣ ଏବଂ ବୈଶ୍ୱିକରଣ କରୁଥିଲେ ମଧ୍ୟ ଏହା ସମସ୍ତଙ୍କ ବୁଝିବା କ୍ଷମତା ମଧ୍ୟରେ ନଥିଲା । ଭାରତୀୟ ଦ୍ରବ୍ୟ ଡଲାରରେ ଶସ୍ତା ଲାଗିବାରୁ, ରପ୍ତାନି ବଢ଼ିବା ସମ୍ଭାବନା ଦେଖାଗଲା । ବଜେଟରେ ଲାଇସେନ୍ସ ପ୍ରକ୍ରିୟାକୁ ଉଠାଇ ଦିଆଯାଇ ବିଦେଶୀ ପୁଞ୍ଜି ଆସିବାପାଇଁ ରାସ୍ତା ପରିଷ୍କାର କରାଗଲା । ଭାରତରେ ବିଭିନ୍ନ ନୂଆନୂଆ ଶିଳ୍ପ ପ୍ରତିଷ୍ଠା ହେଲା, ସହଯୋଗରେ ବଡ଼ବଡ଼ କମ୍ପାନୀ ଭାରତରେ ନିଜ କାରଖାନା ଖୋଲି ନିର୍ମାଣ କାମ ଦ୍ରୁତଗତିରେ ଆଗକୁ ନେଲେ । ବ୍ୟାଙ୍କ ଗୁଡ଼ିକ ଆଧୁନିକିକରଣ ହୋଇ କମ୍ପ୍ୟୁଟରର ବ୍ୟାପକ ବ୍ୟବହାର ଆରମ୍ଭ ହେଲା, ଲୌହ, ଇସ୍ପାତ ଓ ରେଳବାଇ କ୍ଷେତ୍ରରେ ବିରାଟ ସଂସ୍କାର ଆସିଲା । ତାଙ୍କ ଅର୍ଥ ନୈତିକ ସଂସ୍କାର ପାଇଁ ସେ ଭାରତର ଅର୍ଥନୈତିକ ସଂସ୍କାରର ପିତା ବୋଲି ମଧ୍ୟ କୁହାଯାଏ ।

ତିରିଶି ବର୍ଷ ପୂର୍ବର ଭାରତର ଶିଳ୍ପ, ସେବା କ୍ଷେତ୍ର, ଯେଉଁ ସମୟରେ ମାତ୍ର ଗୋଟିଏ ଦୁଇଟି କମ୍ପାନୀର କାର, ଗୋଟିଏ ବିମା କମ୍ପାନୀ, ହାତଗଣତି କେତେକ ଶିଳ୍ପସଂସ୍ଥାକୁ ଛାଡ଼ିଦେଲେ ଆଉ

କିଛି ଆଖି ଦୃଷ୍ଟିଆ ଶିଳ୍ପ ନଥିଲା, ସେହି ସମୟରେ ସ୍ୱର୍ଗତ ରାଓଙ୍କ ସାହସିକ ପଦକ୍ଷେପ ବଳରେ ବ୍ୟାଙ୍କ ଋଣ, ଘରୋଇ ଶିଳ୍ପ ସ୍ଥାପନ, ବୈଦେଶିକ ମୁଦ୍ରାର ଅଧିକ ବ୍ୟବହାର, ଶିଳ୍ପ ସଂସ୍ଥାର ଅଧିକ ଉତ୍ପାଦନ ପରେ ପରେ ସମ୍ଭବ ହୋଇପାରିଲା । ଭାରତରେ ଏକ ଡିଜିଟାଲ ବିପ୍ଳବ ସୃଷ୍ଟି ହୋଇ ଆମ ଦେଶ ପୃଥିବୀରେ ଏକ ବିଶାଳ ଶକ୍ତି ହୋଇପାରିଛି । ପ୍ରଧାନମନ୍ତ୍ରୀତ୍ୱ କାଳରେ ସଂସଦରେ ରାଓଙ୍କ ଏହି ରାଜନୈତିକ ଓ ଅର୍ଥନୈତିକ ପରିଚାଳନା ପାଇଁ ତାଙ୍କୁ ଆଧୁନିକ ଭାରତର ଚାଣକ୍ୟ ବୋଲି ମଧ୍ୟ କୁହାଯାଇଥିଲା ।

ସେହିଭଳି ରାଓ, ଭାରତର ଜାତୀୟ ଆଣବିକ ସୁରକ୍ଷା ଏବଂ ବାଲିଷ୍ଟିକ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଶକ୍ତି ପ୍ରଦାନ କରିଥିଲେ, ଯଦିଓ ୧୯୯୫ରେ ପରୀକ୍ଷଣ ପାଇଁ ଯୋଜନା କରାଯାଇଥିଲେ ମଧ୍ୟ ଆମେରିକାର ଗୁପ୍ତଚରମାନେ ଆମେରିକା ଚାପରେ ପଡିଯାଇଥିବା ହେତୁ ଏହା ସେତେବେଳେ ହୋଇ ନପାରି ୧୯୯୮ ମସିହା ପୋଖରାନ ଆଣିବିକ ପରୀକ୍ଷଣରେ ପରିଣତ ହୋଇଥିଲା । ତେଣୁ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ରାଓଙ୍କ ମୃତ୍ୟୁପରେ କହିଥିଲେ ଯେ ପି.ଭି.ନରସିଂହଓରାଓ ଭାରତର ଆଣିବିକ କାର୍ଯ୍ୟକ୍ରମର ପ୍ରକୃତ ପିତା ।

ଜାତୀୟ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବାକୁ ଯାଇ ସ୍ୱର୍ଗତ ରାଓ ନିଜର ପ୍ରଧାନମନ୍ତ୍ରୀତ୍ୱ ସମୟରେ ସାମରିକ ଖର୍ଚ୍ଚ ବୃଦ୍ଧି କରାଇ ଭାରତୀୟ ସେନା ଗଠନ କରିଥିଲେ । ଆତଙ୍କବାଦ ଓ ବିଦ୍ରୋହର ଭୟଙ୍କର ବିପଦ ସହ ପାକିସ୍ଥାନ ଏବଂ ଚୀନର ଆଣବିକ ସମ୍ଭାବନାକୁ ମୁକାବିଲା କରିବା ପାଇଁ ସେ ଏହି ପଦକ୍ଷେପ ନେଇଥିଲେ । ସେହି ସମୟରେ ପଞ୍ଜାବର ଖଲିସ୍ତାନୀ ଆତଙ୍କବାଦୀ ପରାସ୍ତ ହୋଇଥିଲେ । ତତ୍କାଳୀନ ବିମାନ ଅପହରଣର ପରିସ୍ଥିତି ସହିତ କାଶ୍ମୀରର ହଜରତବାଲ ଭଳି ପବିତ୍ର କ୍ଷେତ୍ରର ଦଖଲ ସମୟରେ ମଧ୍ୟ ଆତଙ୍କବାଦୀଙ୍କ ଦାବୀକୁ ଗ୍ରହଣ ନକରି ମୁକାବିଲା କରି ସଫଳ ହୋଇପାରିଥିଲେ ପ୍ରଧାନମନ୍ତ୍ରୀ ରାଓ । ତାଙ୍କ ସମୟରେ ଆତଙ୍କବାଦୀ ଓ ବିଭ୍ରାନ୍ତିକର କାର୍ଯ୍ୟକଳାପ ପ୍ରତିରୋଧ ଅଧିନିୟମ (TADA) ଆଇନ ପ୍ରଣୟନ କରିଥିବା ଯୋଗୁଁ ଦେଶରେ ଆତଙ୍କବାଦୀଙ୍କ ଆତଙ୍କ ହ୍ରାସ ହୋଇପାରିଥିଲା ଧୀରେ ଧୀରେ ।

ବୈଦେଶିକ ନୀତି ପ୍ରୟୋଗରେ ପ୍ରଧାନମନ୍ତ୍ରୀ ରାଓ ପଶ୍ଚିମ ୟୁରୋପ, ଆମେରିକା, ଚୀନ ପାଇଁ କୁଟନୈତିକ ପ୍ରୟାସ କରିବା ସହ ଇସ୍ରାଏଲ ସହ ଭାରତର ଖୋଲା ସମ୍ପର୍କକୁ ସ୍ଥାପନ କରିବାକୁ ୧୯୯୨ ରେ ନିଷ୍ପତ୍ତି ଗ୍ରହଣ କରିଥିଲେ । ଯାହା ତାଙ୍କ ବୈଦେଶିକ ମନ୍ତ୍ରୀତ୍ୱ ସମୟରେ ଗୁପ୍ତ ଭାବେ ସକ୍ରିୟ ହୋଇସାରିଥିଲା । ଏହା ଫଳରେ ଇସ୍ରାଏଲକୁ ନୂଆଦିଲ୍ଲୀରେ ଦୂତାବାସ ଖୋଲିବାକୁ ଅନୁମତି ମିଳିଗଲା ।

ତିନୋଟି ଉଦ୍ଦେଶ୍ୟରେ ପି.ରାଓ ନିଜର ବୈଦେଶିକ ନୀତି ବା Look Eastକୁ ପ୍ରୟୋଗ କରିଥିଲେ । ଯାହା ଭାରତକୁ ASEANନିକଟତର କରାଇ ପାରିଥିଲା, ASEAN ସଦସ୍ୟ ଦେଶଗୁଡ଼ିକ ସହିତ ରାଜନୈତିକ ସମ୍ପର୍କର ନବୀକରଣ ବାଣିଜ୍ୟ, ପୁଞ୍ଜିବିନିଯୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଦକ୍ଷିଣ ପୂର୍ବ ଏସିଆ ସହିତ ଅର୍ଥନୈତିକ ସମ୍ପର୍କ ବୃଦ୍ଧି, ଅନ୍ୟ ଦକ୍ଷିଣ ପୂର୍ବ ଏସିଆର ଦେଶଗୁଡ଼ିକ ସହିତ ରଣନୈତିକ ଏବଂ ପ୍ରତିରକ୍ଷା ଲିଙ୍କ ଗଠନ କରିବା ଫଳରେ ରାଓ ବୈଦେଶିକ ନୀତି ବେଶ ଫଳପ୍ରଦ ହେବା ସହିତ ଦେଶରେ ଅର୍ଥନୈତିକ ବିକାଶର ପଥ ପରିଷ୍କାର ହୋଇପାରିଥିଲା ।

ଏହିଭଳି ଭାବେ ଜଣେ ବ୍ୟକ୍ତିତ୍ୱ ଯେ କି ଏକାଧାରରେ ଜଣେ ଶିକ୍ଷାବିତ୍, ଭାଷାବିତ୍, ପଣ୍ଡିତ, ସଂସ୍କାରକ, ଅର୍ଥନୀତିଜ୍ଞ, ରାଜନୈତିକ, ଆଧୁନିକ ବିଜ୍ଞାନୀ, ଭାରତ ରେ ପ୍ରଧାନମନ୍ତ୍ରୀ ହୋଇ ଦେଶର ନବନିର୍ମାଣରେ ନିଜକୁ ନିମଗ୍ନ କରି ଆଧୁନିକ ଭାରତ ଇତିହାସରେ ସ୍ଥାନ ପାଇବା କମ ଗୌରବର କଥା ନୁହେଁ । ଏହି ମହାମନୀଷୀ ୨୦୦୪ ମସିହା ଡିସେମ୍ବର ୨୩ ତାରିଖ ରେ ହୃଦ୍‌ଘାତରେ ଇହଲୀଳା ସମ୍ବରଣ କରିଥିଲେ ମଧ୍ୟ ତାଙ୍କ କୃତିତ୍ୱ ଭାରତୀୟ ରାଜନୀତି ପାଇଁ ସର୍ବଦା ପଥପ୍ରଦର୍ଶକ ହୋଇ ରହିଥିବେ, ଏଥିରେ ସନ୍ଦେହ ନାହିଁ ।

-୦-

ଶିକ୍ଷୟିତ୍ରୀ, ଖଲ୍ଲିକୋଟ





# ନବଭାରତର ନିର୍ମାତା: ଲୌହମାନବ ସର୍ଦ୍ଦାର ପଟେଲ

ଡ. ଦ୍ୱାରିକାନାଥ ମହାରଣା

ନବଭାରତ ନିର୍ମାଣର ଜଣେ ପ୍ରମୁଖ ପୁରୋଧା ଭାବେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନାମ ସ୍ମରଣୀୟ । ତାହାଙ୍କ ତ୍ୟାଗ ବଳିଦାନ ଜନକଲ୍ୟାଣ ମୂଳକ କାର୍ଯ୍ୟ ଚିରଦିନ ଉଜ୍ଜୀବିତ ରହିବ । ଭାରତର ପଶ୍ଚିମ ଉପକୂଳସ୍ଥ ଗୁଜରାଟ ରାଜ୍ୟର ନଦୀୟା ଗ୍ରାମରେ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖରେ ବଲ୍ଲଭଭାଇ ପଟେଲ ଜନ୍ମଗ୍ରହଣ କରିଥିଲେ। । ତାହାଙ୍କ ପିତାଙ୍କ ନାମ ଥିଲା ଲାଡ୍ଡୋଭାଇ ପଟେଲ । ପିତା ଜଣେ ପ୍ରତିଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ଭାବେ ବେଶ୍ ସୁପରିଚିତ ଥିଲେ । ଇନ୍ଦୋରର ରାଜା ତାହାଙ୍କୁ ବନ୍ଦୀ କରି ରଖିଥିଲେ ବି ପରବର୍ତ୍ତୀ ସମୟରେ ତାହାଙ୍କୁ ମୁକ୍ତ କରିଥିଲେ । କହିବାକୁ ଗଲେ ସେ ଥିଲେ ଜାଭେରଙ୍କ ସୁଯୋଗ୍ୟ ସନ୍ତାନ । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ପିଲାଟି ଦିନରୁ ପାଠପଢ଼ା ପ୍ରତି ତାଙ୍କର ଅସୀମ ଆଗ୍ରହ କହିଲେ ନସରେ । ବାଲ୍ୟବସ୍ଥାରୁ ବଡ଼ ମଣିଷ ହେବା ପରିଲକ୍ଷିତ ହେଉଥିଲା । ସହପାଠୀ ବନ୍ଧୁଙ୍କୁ ଅନ୍ତର ଭରି ଭଲ ପାଉଥିଲେ ସେ । ସେହି ସମୟରେ ପାଞ୍ଚଜଣ ବନ୍ଧୁଙ୍କୁ ଏକାଠି କରି ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ କରି ଆସୁଥିଲେ । ସ୍ୱଳ୍ପ ବୟସରେ ଅର୍ଥାତ୍ ମାତ୍ର ଷୋଳବର୍ଷ ବୟସରେ ସେ ବିବାହ କରିଥିଲେ ।

ପୁଅ ଝିଅ ଜନ୍ମ ହେବା ଉତ୍ତାରେ ଧର୍ମପତ୍ନୀଙ୍କ ଦେହାନ୍ତ ଘଟିଥିଲା । ଏଥିରେ ସେ ଦୁଃଖ ଅନୁଶୋଚନାରେ ମ୍ରିୟମାଣ ହୋଇପଡ଼ିଥିଲେ । ପରବର୍ତ୍ତୀ ସମୟରେ ବାରିଷ୍ଟରୀ ପଢ଼ିବାକୁ ମନ ବଳାଇଲେ । ଆର୍ଥିକ ଅଭାବ ଯୋଗୁଁ ବିଲାତ ନ ଯାଇ ପାରିଲେ ବି ଆପଣାର ନିଷ୍ଠା ଏକାଗ୍ରତା ଅଧ୍ୟବସାୟ ବଳରେ ଡିଷ୍ଟ୍ରିକ୍ଟ ପ୍ଲିଡର ହେଲେ । ମନ ଲଗାଇ କାମ ସାରି ଦୁଇ ପଇସା ରୋଜଗାର କରି ବିଲାତ ଯାଇ ପାଠ ପଢ଼ିବା ସ୍ୱପ୍ନକୁ ସାକାର କଲେ । ୧୯୧୫ ମସିହାରେ ତାଙ୍କର ପ୍ରଥମ ସାକ୍ଷାତ ହେଲା ମହାତ୍ମା ଗାନ୍ଧୀଙ୍କ ସହିତ । ସେ ଗାନ୍ଧୀ ନୀତିକୁ ସହଜେ ସମର୍ଥନ କରିପାରୁ ନଥିଲେ । ୧୯୧୭ ମସିହାରେ ଅହମ୍ମଦାବାଦରେ ମ୍ୟୁନିସିପାଲଟିର ସଭ୍ୟ ହୋଇ ଗୁଜୁରାଟରେ ରାଜନୀତିକ ସମ୍ମିଳନୀରେ ଯୋଗଦେଇ ଗାନ୍ଧିଙ୍କ ନୀତିର ପ୍ରତିବାଦ କରିଥିଲେ । ଏହାପରେ ପଟେଲଙ୍କ ଜୀବନର ଗତିପଥ ବଦଳି ଯାଇଥିଲା ।

ସେ ଜନସେବାରେ ମନ ନିବେଶ କଲେ । ତତ୍କାଳୀନ ସମୟରେ ଗୁଜୁରାଟର କେବା ଜିଲ୍ଲାରେ ଭୀଷଣ ବନ୍ୟା ଭଳି ସଂକଟ ଜନକ ପ୍ରତିକୂଳ ପରିସ୍ଥିତି ଦେଖାଦେଇଥିଲା । ସେ ଚାଷୀକୁଳକୁ ପୂର୍ଣ୍ଣ ସମର୍ଥନ ଯୋଗାଇ ଆସୁଥିଲେ । ଚାଷୀମାନଙ୍କ ସୁଖଦୁଃଖ ଅଭାବ ଅସୁବିଧାର ସାଥୀ ଭାବେ ସରକାରଙ୍କ ଖଜଣା ଛାଡ଼ ପାଇଁ ଲଢ଼ିଥିଲେ । ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ପରେ ଗାନ୍ଧିଜୀ ଡାକରା ଦେଲେ ଅସହଯୋଗ ଆନ୍ଦୋଳନରେ ସାମିଲ ହେବା ସକାଶେ । ଏହି ଆନ୍ଦୋଳନକୁ କିନ୍ତୁ ପଟେଲ ସଂପୂର୍ଣ୍ଣ ସହଯୋଗ ସମର୍ଥନ ଜଣାଇଥିଲେ । ଜୀବନକୁ ବାଜି ଲଗାଇ ପ୍ରାଣ ପଣେ ଲଢ଼ିଲେ । ୧୯୨୬ ମସିହାରେ ଗୁଜୁରାଟର ବର୍ଦ୍ଧୋଲି ଅଞ୍ଚଳରେ ଶତକଡ଼ା ୩୦ ଭାଗ ଖଜଣା ସରକାର ବର୍ଦ୍ଧିତ କରିଥିଲା ବେଳେ ଚାଷୀମାନେ ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରିଥିଲେ । ଏଥିରେ ସମସ୍ତେ ପଟେଲଙ୍କୁ 'ସର୍ଦ୍ଦାର' ବୋଲି ଅଭିହିତ କଲେ । ଏହାପରଠାରୁ ସେ 'ସର୍ଦ୍ଦାର ବଲ୍ଲଭଭାଇ ପଟେଲ' ନାମରେ ନାମିତ ହେଲେ । ଏଥିର ସେ ଚାଷୀକୁଳକୁ ପୂର୍ଣ୍ଣ ସାହାଯ୍ୟ କଲେ । ଯେଉଁ ଯେଉଁ ସ୍ଥାନରେ ଚାଷୀଙ୍କ ଜମି ସରକାର ନିଲାମ କଲେ, ସେଠି ପଟେଲଙ୍କ ପ୍ରଭାବରେ ଜମି ନିଲାମକୁ କେହି ରାଜି ହେଲେ ନାହିଁ । ପରିଶେଷରେ ଚାଷୀଙ୍କ ଜମି ଫେରସ୍ତ ହେଲା । ୧୯୨୮ ରେ ଏହି ଆନ୍ଦୋଳନର ପରିସମାପ୍ତି ଘଟିଲା । ସରକାରଙ୍କ ଲୁଣମରା ଆଇନକୁ କଡ଼ା ବିରୋଧ ପୂର୍ବକ ସର୍ଦ୍ଦାର ପଟେଲ ସାଧାରଣ ଲୋକଙ୍କୁ ସମର୍ଥନ ଜଣାଇଲେ । ୧୯୩୧ ମସିହାରେ କଂଗ୍ରେସ ସମ୍ମିଳନୀରେ ସେ ସଭାପତି ଦାୟିତ୍ୱ ତୁଲାଇଲେ । କଂଗ୍ରେସର ନୀତି ଆଦର୍ଶ ପ୍ରଚାର ପ୍ରସାର କରିବା ଲାଗି ସେ ଜେଲ ବରଣ କଲେ । ସେ ଜେଲରେ ଥିବା ସମୟରେ ତାଙ୍କର ମାତୃବିୟୋଗ ସହିତ ପୁତ୍ରବଧୂ ନିଧନ ଘଟଣାରେ ସେ ଖୁବ୍ ଦୁଃଖିତ ହେଲେ । ସରକାରଙ୍କ ତାଙ୍କୁ ଜେଲରେ ଖଲାସ କଲେ । ସେତେବେଳକୁ ତାଙ୍କର ସ୍ୱାସ୍ଥ୍ୟବସ୍ଥା ନିହାତି ଖରାପ ଥିଲେ ମଧ୍ୟ ଅହମ୍ମଦାବାଦରେ ବ୍ୟାପିଥିବା ପ୍ଲେଗ୍ ରୋଗରେ ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା ସେବା ଆଦି ଯୋଗାଇଥିଲେ । ଏଭଳି ଅଭାବନୀୟ ପରିସ୍ଥିତିରେ ବହୁ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସଫଳତା ଲାଭ କଲେ ସେ ବହୁ ଦୁର୍ନାମର ଶିକାର ହେଲେ । ଏସବୁ କଥାକୁ ସେ ଜମାରୁ ଖାତିରକୁ ଆଣୁ ନଥିଲେ । ଓକିଲାତି କରିବା ବେଳେ ସେ ଆପ୍ରାଣ କର୍ତ୍ତବ୍ୟରେ ଲାଗି ପଡ଼ିଥିଲେ । ତାଙ୍କର ଅସାଧାରଣ କାର୍ଯ୍ୟ ଦକ୍ଷତା ଦେଖି ଲୋକେ ତାଙ୍କୁ ସିଂହଛୁଆ ବୋଲି ବିବେଚନା କରିବାକୁ ପଛାଉ ନଥିଲେ । ସେ କେବେହେଲେ ଭୁଲ ରାସ୍ତାରେ ଗତି କରୁନଥିଲେ । ତାଙ୍କର କଠୋରତା ଲକ୍ଷ୍ୟ କରି ଭାରତର ଲୋକେ ପଟେଲଙ୍କୁ 'ଲୌହମାନବ' ଡାକୁଥିଲେ । ସର୍ଦ୍ଦାରଙ୍କ ଆଚରଣ ଉଚ୍ଚାରଣରେ ତାଳମେଳ ଥିଲା । ତାଙ୍କର କଥା ଓ କାର୍ଯ୍ୟରେ ସମନ୍ୱୟ ଥିଲା । ୧୯୪୨ରେ ଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନରେ ସେ ସାମିଲ ହୋଇଥିଲେ । ସେହି ସମୟରେ ମୁସଲମାନମାନେ ସ୍ୱତନ୍ତ୍ର

ରାଷ୍ଟ୍ର ଗଠନ ପାଇଁ ଜୋରଦାର ପ୍ରଭାବ ପକାଇଲେ । ଏ ପ୍ରସଙ୍ଗକୁ ବରିଷ୍ଠ କଂଗ୍ରେସ ନେତା ରାଜଗୋପାଳଚାରୀ ସମର୍ଥନ ଜଣାଇଥିଲେ ହେଁ ସର୍ଦ୍ଦାର ପଟେଲ ଏହାର ଖୋଲାଖୋଲି ବିରୋଧ କଲେ । ଏହି କାରଣରୁ ସେ କଂଗ୍ରେସ ଛାଡ଼ିଲେ ଏବଂ ଗାନ୍ଧିଙ୍କ କଥାରେ କାର୍ଯ୍ୟ କଲେ । ୧୯୪୫ ମସିହାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ମଧ୍ୟ ପଟେଲଙ୍କ ଉକ୍ତି ରଖିଥିଲେ । ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇଥିଲେ । ଗାନ୍ଧିଙ୍କୁ ନିଜର ଉପଦେଷ୍ଟା ରୂପେ ଗ୍ରହଣ କରିଥିଲେ । ତାଙ୍କୁ ସେନାପତି ଭାବେ ମନୋନୀତ କରି ତାଙ୍କର ନୀତି ଆଦର୍ଶକୁ ପାଳନ କରୁଥିଲେ । ସର୍ଦ୍ଦାରଙ୍କ ଭାଷଣରେ ବିମୁଗ୍ଧ ହୋଇ ହଜାର ହଜାର ଭାରତୀୟ ଆନ୍ଦୋଳନରେ ଯୋଗ ଦେଲେ । ୧୯୪୭ ମସିହାରେ ବ୍ରିଟିଶ୍ ସରକାର ରାତାରାତି ଭାରତ ଛାଡ଼ିଲେ । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭ କରି ଜାତୀୟ ପତାକା ତ୍ରିରଙ୍ଗା ଉଠାଇଲେ । ତାହାର ବହୁ ପୂର୍ବରୁ ଇଂରେଜମାନେ ଭାରତ ପାକିସ୍ତାନ ବିଭାଜନର ବିଷମଞ୍ଜି ବୁଣି ଦେଇଥିଲେ । ବହୁତ ପ୍ରୟାସ ସତ୍ତ୍ୱେ ଦେଶରୁ ପାକ୍ ଅଲଗା ହେଲା ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ନେତୃତ୍ୱରେ । ପାକିସ୍ତାନୀମାନେ ଘୋର ଅନ୍ୟାୟ, ଅତ୍ୟାଚାର, ଲୁଣ୍ଠନ, ନାରୀଙ୍କ ପ୍ରତି ଅସଦାଚରଣ କରି ଆସୁଥିଲେ । ଏହି ଘଟଣା ପଟେଲଙ୍କୁ ଶକ୍ତ ଧକ୍କା ଦେଲା, ପରିଣତରେ ପାକ୍ ସ୍ୱତନ୍ତ୍ର ରାଷ୍ଟ୍ର ହେଉ ବୋଲି ସମ୍ମତି ଜଣାଇଲେ । ଯେଉଁମାନେ ଭାରତରେ ରହିବା କଥା ରୁହନ୍ତୁ, ଯେଉଁମାନେ ଦେଶ ଛାଡ଼ିବା କଥା ଛାଡ଼ନ୍ତୁ – ଏକଥା ସ୍ପଷ୍ଟ ସୂଚାଇଥିଲେ । ହିନ୍ଦୁ ଓ ଶିଖଙ୍କ ଉପରେ ଆକ୍ରମଣକୁ ପଟେଲ ସହ୍ୟ କରିପାରି ନଥିଲେ । ଅନ୍ୟପକ୍ଷରେ ଶିଖଙ୍କ ମୁସଲମାନମାନଙ୍କ ଉପରେ ଉତ୍ତେଜନା ମୂଳକ ପରିସ୍ଥିତିକୁ ପଞ୍ଜାବର ଅମୃତସର ଠାରେ ଆପୋଷ ସମାଧାନ କରିବାରେ ସମର୍ଥ ହୋଇଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ । ସେ ତାଙ୍କର ବିବୃତ୍ତିରେ କହିଥିଲେ, ଭାରତରେ ମୁସଲିମ ଯେପରି ଆମ ଦେଶକୁ ପ୍ରତ୍ୟାବର୍ତ୍ତନ କରିଆସୁଥିବା ହିନ୍ଦୁ, ଶିବଙ୍କୁ ମଧ୍ୟ ଅନୁରୂପ ଉତ୍ତର ବ୍ୟବହାର ପ୍ରଦର୍ଶନ କରିବା ପ୍ରାସଙ୍ଗିକ ହେବ । ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ପାର୍ସୀ, ଶିଖ୍, ଖ୍ରୀଷ୍ଟିୟାନ, ମୁସଲିମ ଏକାଠି ଥିଲେ । ସେହିମାନଙ୍କୁ ସଂଖ୍ୟା ଦୃଷ୍ଟିରୁ ସଂଖ୍ୟାଲଘୁ ଶ୍ରେଣୀକୁ ଉତ୍ଥାପିତ କରି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିଥିଲେ । ଅବସର ସମୟରେ ବିଭିନ୍ନ ଧର୍ମାନୁଷ୍ଠାନକୁ ଗସ୍ତ କରି ସେ ସବୁର ଉନ୍ନତି କରିଥିଲେ । ସୋମନାଥ ମନ୍ଦିରର ଉନ୍ନତି କରିବାରେ ତାଙ୍କର ଅବଦାନ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି । ନେହେରୁ ପ୍ରଧାନମନ୍ତ୍ରୀ ଥିଲା ବେଳେ ସର୍ଦ୍ଦାର ଗୃହମନ୍ତ୍ରୀ ଥିଲେ । ତତ୍କାଳୀନ ସମୟରେ ପାକିସ୍ତାନର ସ୍ଥାୟୀ ରାଷ୍ଟ୍ର ପାଇଁ ୫୫ କୋଟି ଟଙ୍କା ଅନୁଦାନ ପ୍ରଦାନ ଲାଗି ସ୍ଥିର କଲେ । ଏଥିରେ ବହୁ ହିନ୍ଦୁ ଅସନ୍ତୋଷ ବ୍ୟକ୍ତ କଲେ । ଏହି କ୍ରମରେ ପଟଲଙ୍କ ନେହେରୁଙ୍କ ସହିତ ମତାନ୍ତର ହେଲା । ୧୯୪୮ ମସିହାରେ ଏ କଥା ବିଚାରିବାକୁ ଗାନ୍ଧିଙ୍କ ପାଖରେ ପହଞ୍ଚିଲେ । ଗାନ୍ଧୀ କଥା ହେବା ପାଇଁ ସମୟ ଦେଲେ ହେଁ ଦୁର୍ଭାଗ୍ୟବଶତଃ ଗାନ୍ଧୀ ସନ୍ଧ୍ୟା ପ୍ରାର୍ଥନାରେ ଆତତାୟୀ ନାଥୁରାମଙ୍କ ଗୁଳିରେ ଟଳିପଡ଼ିଲେ । ଏପରି ଅଭାବନୀୟ ଘଟଣାରେ ସର୍ଦ୍ଦାରେ ବ୍ୟତିବ୍ୟସ୍ତ ବିଚଳିତ ହେବା ସହିତ କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ । ମହାଶୂନ୍ୟତା ମନୋଭାବ ତାଙ୍କୁ ବ୍ୟଥିତ କଲା । ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପଟେଲ ଅଖଣ୍ଡ ଭାରତ ପାଇଁ ପ୍ରୟାସ ଜାରି ରଖିଥିଲେ । ଯେକୌଣସି ପ୍ରକାରେ ଦେଶୀୟ ରାଜ୍ୟ ସବୁକୁ ସମ୍ମିଶ୍ରଣ ପାଇଁ ଆପ୍ରାଣ ଉଦ୍ୟମ ଉଜ୍ଜୀବିତ ରଖିଥିଲେ । ଖଣ୍ଡ ବିଖଣ୍ଡିତ ରାଜ୍ୟର ରାଜାଙ୍କ ସହିତ ସଫଳ ଆଲୋଚନା କରିଥିଲେ । ତାଙ୍କର ଅକ୍ଳାନ୍ତ ପ୍ରୟାସରୁ ଭାରତରେ ୫୫୨ଟି ରାଜ୍ୟ ସମ୍ମିଶ୍ରିତ ହେଲା । ୧୯୪୮ ମସିହା ଡିସେମ୍ବର ୧୩ ତାରିଖରେ ହାଇଦ୍ରାବାଦ ମଧ୍ୟ ଭାରତ ସହିତ ସମ୍ମିଶ୍ରିତ ହେଲା । ନେହେରୁଙ୍କ ହସ୍ତକ୍ଷେପ ଯୋଗୁଁ କାଶ୍ମୀର ସମସ୍ୟାର ସମାଧାନ ପାଇଁ ସେ ଆଗେଇ ଆସିଲେ ନାହିଁ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ଶିକ୍ଷାର ଅଭିବୃଦ୍ଧି ଘଟାଇବା, ସ୍ୱଦେଶୀ ଗ୍ରହଣ ବିଦେଶତୀ ଦ୍ରବ୍ୟ ବର୍ଜନ ପରି ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ହାତକୁ ନେଇଥିଲେ । ୧୯୨୪ ମସିହାରେ ଅହମ୍ମଦାବାଦର ୪୮ ସ୍ଥାନରୁ ୩୫ ସ୍ଥାନ କଂଗ୍ରେସ ଅଧିକାର କଲାପରେ ସେ ସେଠାକାର ନଗରପାଳ ହେଲେ । ୧୯୨୭ ମସିହାରେ ପୁନର୍ବାର ସେ ନଗରପାଳ ହେଲେ । ୧୯୨୮ରେ ନଗରପାଳ ପଦବୀରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗଦାନ କରସି ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ୧୯୩୦ ମସିହା ମାର୍ଚ୍ଚ ୫ ତାରିଖରେ ଗାନ୍ଧିଙ୍କ ଦାଣ୍ଡିଯାତ୍ରାରେ ସାମିଲ ହେଲେ । ଗାନ୍ଧି ଓ ମୋତିଲାଲ ଗିରଫ୍ ହେବ ପରେ ସର୍ଦ୍ଦାର ଆନ୍ଦୋଳନର ମଙ୍ଗ ନେଇଥିଲେ । ୧୯୩୫ ମସିହାରେ ସେ କଂଗ୍ରେସର ସଭାପତି ହେଲେ । ଡକ୍ଟର ଅନ୍‌ସାରୀଙ୍କ ଦେହାନ୍ତ ଉତ୍ତାରେ  କଂଗ୍ରେସ ସଂସଦୀୟ ବୋର୍ଡ଼ର ଅଧ୍ୟକ୍ଷ ଥିଲେ । ନାରୀ ସ୍ୱାଧୀନତାର ସେ ସୁଦୃଢ଼ ସମର୍ଥକ ଥିଲେ । ତାଙ୍କ ସମୟରେ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ ଆମେରିକାରେ ଭାରତର ରାଷ୍ଟ୍ରଦୂତ ରୂପେ ନିୟୋଜିତ ହେଲେ । ଜଣେ ଦୂରଦୃଷ୍ଟି ସଂପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସୁଦୃଢ଼ ଅଖଣ୍ଡ ସାର୍ବଭୌମ ନବଭାରତର ନିର୍ମାତ ପଟେଲଙ୍କ ପ୍ରଚଣ୍ଡ ପ୍ରତିଭାକୁ ସୋଭିଏତ୍ ଋଷର ରାଷ୍ଟ୍ରନାୟକ ନିକିତାଭ କ୍ରୋଷ୍ଟେଭ ଭୂୟସୀ ପ୍ରଶଂସା କରିଥିଲେ । ୧୯୫୨ ମସିହା ଡିସେମ୍ବର ୧୫ ତାରିଖରେ ଲୌହମାନବ ସର୍ଦ୍ଦାର ପଟେଲ ଶେଷ ନିଃଶ୍ୱାସ ତ୍ୟାଗ କଲେ । ସମଗ୍ର ଦେଶବାସୀ ଶୋକାଭିଭୂତ ହେଲେ । ଲକ୍ଷ ଲକ୍ଷ ଜନତାର ଉପସ୍ଥିତିରେ ମୁମ୍ବାଇଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଆପଣା ଜୀବନକୁ ଦେଶ ଜାତିର କଲ୍ୟାଣ ସକାଶେ ଉତ୍ସର୍ଗ କରି ପଟେଲ ମହନୀୟତାର ପରିଚୟ ପ୍ରଦାନ କରିଅଛନ୍ତି । ସ୍ୱଦେଶ ପ୍ରେମ, ନିର୍ଭୀକତା, ପ୍ରଚଣ୍ଡ ଜାତୀୟତାବୋଧ, ସମାଜସେବାରେ ଆତ୍ମ ବଳିଦାନ ପାଇଁ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପାର୍ଥିବ ସଂସାରରୁ ବିଦାୟ ନେଇଥିଲେ ହେଁ ଯଶୋଦେହେ ଚିରକାଳ ଅମର ହୋଇ ରହିବେ, ଏଥିରେ ଦ୍ୱିରୁକ୍ତି ନାହିଁ ।

–୦–

ନିର୍ମଳଝର, ଖଲ୍ଲିକୋଟ, ଗଂଜାମ
ମୋ: ୯୬୬୮୩୦୦୬୨୫



# ସବୁଜ ବିପ୍ଳବର ଜନକ- ସ୍ୱାମୀନାଥନ୍

ଜ୍ୟୋସ୍ନା କୁମାରୀ ପ୍ରଧାନ

‘ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ
ରହେ ତା’ ଆଦର ଯଶ
କି ଲୋଡ଼ା ତହିଁରେ ରହେ ଯେ ମହୀରେ
କୁହୁଳି ସହସ୍ର ବର୍ଷ ।’

ପ୍ରତିଭା ଜନ୍ମଗତ । ଜନ୍ମାମ୍ର ତପସ୍ୟା ବଳରେ ବ୍ୟକ୍ତିଠାରେ ବିସ୍ମୟ ପ୍ରତିଭା ପରିଲକ୍ଷିତ ହୁଏ । ସେଠାରେ ବାଧାବିଘ୍ନ ହାର ମାନିଯାଏ । ସାଧନାର ଦୀପ୍ତିରେ ବ୍ୟକ୍ତି ହୁଏ ଦୀପ୍ତିମାନ । ସେହିଭଳି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ସ୍ୱାମୀନାଥନ୍ ।



ତାଲିମନାଡୁର କୋୟାକୋନମ୍ ଗ୍ରାମରେ ୧୯୨୫ ମସିହା ଅଗଷ୍ଟ ୭ ତାରିଖରେ ଏମ୍.ଏସ୍. ସ୍ୱାମୀନାଥନଙ୍କର ଜନ୍ମ । ତାଙ୍କର ଜନ୍ମକାଳ ଅତୀବ ଆନନ୍ଦଦାୟକ ଥିଲା । ଦୃଢ଼ ନୈତିକତା ସହିତ ତାଙ୍କୁ ପାରିବାରିକ ସଂସ୍କୃତିର ଶିକ୍ଷା ମିଳିଥିଲା । ମାତ୍ର ୧୧ ବର୍ଷ ବୟସରେ ସେ ନିଜ ପିତାମାତାଙ୍କୁ ହରାଇଥିଲେ । ପରେ ତାଙ୍କର ଦାଦା ସ୍ୱାମୀନାଥନଙ୍କ ପ୍ରତିପୋଷଣ କରିଥିଲେ ।

ସ୍ୱାମୀନାଥନ୍ ନିଜର ପ୍ରାଥମିକ ଶିକ୍ଷା ସାରିବା ପରେ ୧୯୪୦ ମସିହାରେ ହାଇସ୍କୁଲ ପାସ୍ କରି ଅର୍ଣ୍ଣାକୁଲମ୍ ମହାରାଜ କଲେଜରେ ପ୍ରାଣୀ ବିଜ୍ଞାନରେ ଗ୍ରାଜୁଏସନ୍ ଡିଗ୍ରୀ ହାସଲ କରିଥିଲେ । ମହାତ୍ମା ଗାନ୍ଧିଙ୍କର ସ୍ୱଦେଶୀ ଦର୍ଶନ ଏବଂ ପୂର୍ଣ୍ଣ ସ୍ୱରାଜ ଦାବି ସ୍ୱାମୀନାଥନ୍‌ଙ୍କ ଉପରେ ପ୍ରଭାବ ପକାଇଥିଲା । ବିଶ୍ୱଯୁଦ୍ଧ ସମୟରେ ଖାଦ୍ୟର ଅଭାବ କୃଷି ବିଜ୍ଞାନ କ୍ଷେତ୍ରରେ ମନବଳାଇବା ପାଇଁ ତାଙ୍କୁ ପ୍ରେରିତ କରିଥିଲା । ସେଥିପାଇଁ ସେ କୋଏମ୍ବାଟୁର ଏଗ୍ରିକଲ୍‌ଚର କଲେଜରେ ନାମ ଲେଖାଇ କୃଷି ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ । ଏହି ପ୍ରୟୋଗାତ୍ମକ କାର୍ଯ୍ୟ କରିବା ସମୟରେ ସେ ଜାଣିବାକୁ ପାଇଲେ ଯେ, ଯେଉଁ ବ୍ୟକ୍ତିମାନେ ନିଜେ ସିଧାସଳଖ ଚାଷଜମିରେ କାର୍ଯ୍ୟ କରନ୍ତି ସେମାନେ ଯେକୌଣସି ବୈଜ୍ଞାନିକ ବା ବିଶେଷଜ୍ଞ ମାନଙ୍କ ଠାରୁ ମଧ୍ୟ ଅଧିକ ଜାଣନ୍ତି । ଏହି ଆଧାର ସେ ନିଜର ନୀତି ତିଆରି କଲେ- ‘କୃଷକଙ୍କ ମତ ବିଶ୍ୱାସଯୋଗ୍ୟ’ ।

୧୯୪୭ ମସିହାରେ ସ୍ୱାମୀନାଥନ୍ ଇଣ୍ଡିଆନ୍ ଏଗ୍ରିକଲ୍‌ଚର୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ୧୯୪୯ରେ ସାଇଟୋ ଜେନେଟିକ୍ସରୁ ବିଶେଷ ଯୋଗ୍ୟତା ହାସଲ କରି ସୂକ୍ଷ୍ମ ଜୀବାହଣୁ ଓ ଉଦ୍ଭିଦ ଔଦ୍ୟୋଗିକତାରେ ସଫଳତାର ସହିତ ପୁଣି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଏହାପରେ ସ୍ୱାମୀନାଥନଙ୍କୁ ୟୁନେସ୍କୋ ତରଫରୁ ଅଧିସଦସ୍ୟତା ମିଳିଲା । ତା’ପରେ ତାଙ୍କୁ ଆଇ.ଏ.ଆର୍.ଆଇ. ସଂସ୍ଥାନ ତରଫରୁ ଆଳୁର ଜୈବିକ ଗୁଣ ଉପରେ କାମ କରିବା ପାଇଁ ସୁଯୋଗ ମିଳିଥିଲା ।

ଏହି ସଫଳତାର ଆଧାର ପରେ ୧୯୫୦ ରେ ସ୍ୱାମୀନାଥନ୍ ପ୍ଲାଣ୍ଟ ବ୍ରିଡିଙ୍ଗ ସଂସ୍ଥାର କେମ୍ବ୍ରିଜ୍ ସ୍କୁଲରେ ପହଞ୍ଚିଥିଲେ । ଯେଉଁଠାରୁ ସେ ୧୯୫୨ରେ ପିଏଚ୍.ଡି. ଉପାଧି ପ୍ରାପ୍ତ କରିଥିଲେ । ଭାରତରେ କୃଷିର ବିକାଶରେ ମନବଳାଇ ନିଜ ଦେଶପ୍ରେମର ମୋହକୁ ନ ତୁଟାଇ ୧୯୫୪ ମସିହାରେ ଭାରତ ଫେରି ଆସିଲେ । ଏହାପରେ ସେ ୧୯୫୫ରେ ଆଳୁ, ଗହମ, ଧାନ ତଥା ଝୋଟର ନୂଆ କିସମର ବିହନ ପାଇଁ ଗବେଷଣା କଲେ । ୧୯୫୫ରୁ ୧୯୭୨ ମଧ୍ୟରେ ସ୍ୱାମୀନାଥନ୍‌ଙ୍କର ଏକ ବିଶେଷ ଗବେଷଣା ରୀତି ସାମ୍ନାକୁ ଆସିଲା । ଯାହାକୁ ସେ ‘ମେକ୍ସିକନ୍ ଡବାର୍ଫ ହଜୀଟ ଭେରାଇଟି’ ନାମରେ ନାମିତ କରାଗଲା । ଏଥିରେ କଠିନ ପରିଶ୍ରମ ଓ ଗଭୀର ଅନୁସନ୍ଧାନ କରି ସ୍ୱାମୀନାଥନ୍ ଓ ତାଙ୍କ ସାଥୀମାନେ ‘ସରବତୀ ସୋନାରା’ କିସମର ଗହମ ବିହନ ବିକାଶ କଲେ ।ବିଶାଳ ଜନସଂଖ୍ୟାର ଦେଶ

ଭାରତରେ ସେ ସମୟରେ ଖାଦ୍ୟ ଅଭାବ ଦୂର କରିବା ପାଇଁ ଏହା ଏକ ଆଶା ଆଶ୍ୱାସନାର ରାସ୍ତା ଦେଖାଇଲା । ୧୯୬୪ର ସମୟସୀମା ଭାରତ ପାଇଁ ଖାଦ୍ୟର ଅଭାବ ଏବଂ ଏକ ଉତ୍କଟ ସମସ୍ୟା ରୂପେ ମୁଣ୍ଡ ଟେକିଥିଲା । ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିଲେ ମଧ୍ୟ, ଏହାର କୃଷିଜାତ ଉତ୍ପାଦ ଦିନକୁ ଦିନ କମିବା ଏକ ଚିନ୍ତାଜନକ ବିଷୟ ହୋଇଥିଲା । କିନ୍ତୁ ଏମ୍.ଏସ୍. ସ୍ୱାମୀନାଥନଙ୍କ ଗବେଷଣା ଏହି ବିପ୍ଳବର ନୂଆ ଦିଶା ଦେଖାଇଥିଲା ।

ଗହମ ବ୍ୟତୀତ ଅନ୍ୟ ସମସ୍ତ ଖାଦ୍ୟ ଯଥା- ଧାନ, ମକା, ଯବ, ରାଶି ଇତ୍ୟାଦି ଫସଲର ଗୁଣବତ୍ତା ଉପରେ ମଧ୍ୟ ସ୍ୱାମୀନାଥନ୍‌ଙ୍କ ଗବେଷଣା ସଫଳ ଲାଭ କଲା । ନୂତନ ଗୁଣବତ୍ତା ଥିବା ବିହନ କିସମର ଉତ୍ପାଦନକାରୀ ଭାରତର ସବୁ ଦିଗର ଖାଦ୍ୟ ଅଭାବକୁ ସାମ୍ନା କରାଗଲା । ଉତ୍ପାଦ ଗବେଷଣା ବିକାଶ ନିମନ୍ତେ ଡକ୍ଟର ସ୍ୱାମୀନାଥନ୍ 'ଇଣ୍ଟର ନ୍ୟାସନାଲ୍ ପ୍ଲାଣ୍ଟ ଜେନେଟିକ୍ସ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍'ର ପ୍ରତିଷ୍ଠା କଲେ । ଯାହା ୨୦୦୬ରେ ବାୟୋବର୍ସିଟ ଇଣ୍ଟର ନ୍ୟାସ୍‌ନାଲ୍ ନାମରେ ବିକଶିତ ହେଲା । ୧୯୮୩ରେ ଇଣ୍ଟର ନ୍ୟାସ୍‌ନାଲ୍ କଂଗ୍ରେସ ଅଫ୍ ଜେନେଟିକ୍ସର ଅଧ୍ୟକ୍ଷ ରହିଥିଲେ । ରାଷ୍ଟ୍ରସଂଘର କାର୍ଯ୍ୟକ୍ରମରେ ଡକ୍ଟର ସ୍ୱାମୀନାଥନ୍‌ଙ୍କୁ 'ଦି ଫାଦର ଅଫ୍ ଇକୋହନୋମିକ୍ ଇକୋଲୋଜି' ଭାବରେ ଭୂଷିତ କରାଗଲା ।

- ୧୯୯୯ ମସିହାରେ 'ଟାଇମସ୍ ପତ୍ରିକା'ରେ ବିଂଶ ଶତାବ୍ଦୀର ବିଂଶ ଏସୀୟଙ୍କ ଭିତରେ ସ୍ୱାମୀନାଥନ୍‌ଙ୍କ ନାମ ପ୍ରକାଶ ପାଇଥିଲା । ସ୍ୱାମୀନାଥନଙ୍କ ନାମ ସାଙ୍ଗରେ ଭାରତୀୟଙ୍କ ଭିତରୁ ଗାନ୍ଧି ତଥା ଟାଗୋରଙ୍କ ନାମ ମଧ୍ୟ ରହିଥିଲା ।
- ସ୍ୱାମୀନାଥନ୍ ରୟାଲ ସୋସାଇଟି, ନ୍ୟାସନାଲ୍ ଏକାଡ଼େମୀ ଅଫ୍ ସାଇନ୍ସ, ଇଟାଲୀର ବିଜ୍ଞାନ ଏକାଡ଼େମୀରେ ନିଜର ସଦସ୍ୟତା ରହିଛି ।
- ସ୍ୱାମୀନାଥନ୍‌ଙ୍କୁ ୧୯୭୨ରେ ପଦ୍ମଭୂଷଣ, ୧୯୮୯ରେ ପଦ୍ମବିଭୂଷଣ, ଏହା ପୂର୍ବରୁ ୧୯୬୭ରେ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା ।
- ୧୯୮୬ରେ ସ୍ୱାମୀନାଥନ୍‌ଙ୍କୁ ୱାର୍ଲ୍ଡ କଲଚର୍ କାଉନସିଲ୍ ଦ୍ୱାରା ଆଲବର୍ଟ ଆଇନଷ୍ଟାଇନ୍ ୱାର୍ଲ୍ଡ ସାଇନ୍ସ ଉପାଧି ଦିଆଗଲା । ଏହା ମାନବ ସଂସାରର କଲ୍ୟାଣକାରୀ ପଦକ୍ଷେପ ନିମନ୍ତେ ଦିଆଗଲା ।
- ସ୍ୱାମୀନାଥନ୍‌ଙ୍କ ପ୍ରତ୍ୟେକ ପୁରସ୍କାର ଭିତରେ ଏକ ମହତ୍ତ୍ୱପୂର୍ଣ୍ଣ ପୁରସ୍କାର ହେଉଛି 'ଫୋର ଫ୍ରିଡମ୍ ଏୱାର୍ଡ଼' । ଏହି ପୁରସ୍କାର ଅଭିବ୍ୟକ୍ତିର ସ୍ୱତନ୍ତ୍ରତା, ଧର୍ମର ସ୍ୱତନ୍ତ୍ରତା ଏବଂ ଭୟର ମୁକ୍ତି ନିମନ୍ତେ ଦିଆଯାଏ ।

ଏମ୍.ଏସ୍. ସ୍ୱାମୀନାଥନ୍‌ଙ୍କ ଏହି ଅତୁଳନୀୟ ଗବେଷଣା ଓ ଉଲ୍ଲେଖଯୋଗ୍ୟ ଅନୁସନ୍ଧାନ ଦ୍ୱାରା ଆଜି ଭାରତ ତା'ର ଖାଦ୍ୟ ସଂକଟରୁ ଉଦ୍ଧାର ହୋଇପାରିଛି । ତେଣୁ ଇତିହାସ ଏହାକୁ କେବେ ଭୁଲିପାରିବ ନାହିଁ ।

ଅନ୍ନ ହେଉଛି ସଂସାରର ମୂଳଭୂତ । କଥାରେ ଅଛି 'ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି ?' ମନୁଷ୍ୟର ମୌଳିକ ଓ ବାସ୍ତବ ସମସ୍ୟା ହେଉଛି ଖାଦ୍ୟ ସମସ୍ୟା । ଯେତେ ଜ୍ଞାନବିଜ୍ଞାନ ଚର୍ଚ୍ଚା, ଗବେଷଣା ଓ ମହାକାହଶ ଯାତ୍ରା- ସବୁ ଏଇ ଅନ୍ନ ନିକଟରେ ବନ୍ଧା ।

-୦-

ଓଡ଼ିଆ ଅଧ୍ୟାପିକା,
ଗୋପାଳକୃଷ୍ଣ ବିଜ୍ଞାନ ମହାବିଦ୍ୟାଳୟ, ସୁବଳୟା, ଗଂଜାମ

*With Best Compliments from:*



**PURUSOTTAM COLD DRINKS AGENCY**

**PROP: PRAKASH CHANDRA SAHU**

**Khallikote (Ganjam) Ph: 9439134290**



# ଦେଶର ନବନିର୍ମାଣରେ ଉତ୍କଳଗୌରବ

ଡ. କୀର୍ତ୍ତିମଞ୍ଜରୀ ସାହୁ

ଦେଶ ଓ ଜାତିର ଉନ୍ନତି କଳ୍ପେ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରିଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ ଗୀତାର ଅମରବାଣୀ 'କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ'- ସତେଯେପରି ତାଙ୍କ ଜୀବନର ଏକମାତ୍ର କର୍ମସୂତ୍ରରେ ପରିଣତ ହୋଇଯାଇଥିଲା । ବ୍ୟକ୍ତିଗତ କୌଣସି ଲାଭକ୍ଷତିର ଆଶା ନରଖି ଦେଶର ଉନ୍ନତି ହିଁ ଜୀବନର ଏକମାତ୍ର ଲକ୍ଷ୍ୟ ଓ ଆଦର୍ଶର ପରିପୂରଣ ଦିଗରେ ସେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ମୃତ୍ୟୁର କିଛି ବର୍ଷ ପୂର୍ବରୁ ସେ ଗୋପବନ୍ଧୁଙ୍କୁ ଲେଖିଥିବା ପତ୍ରରୁ ଜଣାପଡ଼େ ତାଙ୍କର ଦେଶସେବା ପ୍ରତି କିଭଳି ଗଭୀର ଅନୁରକ୍ତି ରହିଥିଲା । ସେ ଲେଖିଥିଲେ, "ମୁଁ ସମ୍ପୂର୍ଣ୍ଣ ଏକକ ଭାବରେ ଦେଶସେବା ଆରମ୍ଭ କରିଥିଲି । ତେଣୁ ମୁଁ ଯଦି କେଉଁଠି କିଛି ଭୁଲ କରିଥାଏ, ତେବେ ତାହା ନିତାନ୍ତ ସ୍ୱାଭାବିକ; କିନ୍ତୁ ଦେଶର ଉନ୍ନତି କାମନା ଯେ ମୋର ଏକାନ୍ତ ଉଦ୍ୟମ ଥିଲା, ତହିଁରେ ଆପଣଙ୍କର ତିଳେମାତ୍ର ସନ୍ଦେହ ନଥିବ ବୋଲି ମୁଁ ବିଶ୍ୱାସ କରୁଛି ।" ଏଥିବରୁ ମଧୁସୂଦନଙ୍କର ଗୋପବନ୍ଧୁଙ୍କ ସହ ଥିବା ଗଭୀର ସମ୍ପର୍କ ଓ ଦେଶର ଉନ୍ନତି ପାଇଁ ଏକ ସାଧକ ତୁଲ୍ୟ ନିରନ୍ତର ସାଧନାରତ ଥିବାର ଅନୁମିତ ହୁଏ । ଆଜୀବନ ଦେଶସେବାରେ ସେ ତଥାପି ପୂର୍ଣ୍ଣ ସନ୍ତୋଷ ଲାଭ କରି ନଥିଲେ ବୋଧହୁଏ ।



କେବଳ ଉତ୍କଳ ନୁହେଁ ସମଗ୍ର ଦେଶର ଉନ୍ନତି କଳ୍ପେ ମଧୁବାବୁ ଆଜୀବନ ପ୍ରୟାସୀ ଥିଲେ । ଏପରିକି ଦେଶର ଗଣତାନ୍ତ୍ରିକ ଶାସନରେ ତାଙ୍କର ନୂତନ ଦିଗ୍‌ଦର୍ଶନ ତାଙ୍କୁ ଭାରତୀୟ ରାଜନୈତିକ ଇତିହାସରେ ଚିରସ୍ମରଣୀୟ କରି ରଖିବ । ୧୯୨୧ରୁ ୧୯୨୩ ମସିହା, ମାତ୍ର ଦୁଇବର୍ଷ ମଧୁବାବୁ ବିହାର-ଓଡ଼ିଶା ପ୍ରଦେଶର ମନ୍ତ୍ରିତ୍ୱ ପଦଲାଭ କରିଥିଲେ ବା ରହିଥିଲେ । ମାତ୍ର ୧୯୨୩ ମସିହାରେ ଗୋଟିଏ ନୀତିଗତ ପ୍ରଶ୍ନ ଉପରେ ସେ ମନ୍ତ୍ରୀତ୍ୱ ପଦରୁ ବିଦାୟ ନେଇଥିଲେ । ଭାରତୀୟ ଭାବରେ ମଧୁବାବୁ ଦେଶକୁ ଅଧିକ ଗୁରୁତ୍ୱ ଦେଉଥିଲେ ମଧ୍ୟ, ଓଡ଼ିଶା ପ୍ରୀତି ଅଧିକ ଥିବାରୁ, ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ସେ ଗଠନ କରିବାକୁ ଚାହୁଁଥିଲେ, ଯାହା ଇଂରେଜ ସରକାରଙ୍କ ଖିଲାପ ଥିଲା । ମଣ୍ଟେଗୁ -ଚେମସ୍‌ଫୋର୍ଡ ରିପୋର୍ଟରେ ଓଡ଼ିଶାକୁ ଗୋଟିଏ ସବ୍-ଷ୍ଟେଟ୍ ପାହିଆ ମିଳିଥିଲା । ଯାହାର କିଛି ମୂଲ୍ୟ ନଥିଲା । ଭାଷାଭିତ୍ତିରେ ନୂଆ ନୂଆ ପ୍ରଦେଶ ଗଠନ କରିବା ନୀତିକୁ ଏହି ରିପୋର୍ଟରେ ଗ୍ରହଣ କରାଯାଇନଥିଲା । ମାତ୍ର ଖୁବ୍ ନିକଟରେ ଓଡ଼ିଶା ଓ ବିହାରକୁ ପ୍ରାଦେଶିକ ପାହିଆ ମିଳିବା ବିଷୟ ସ୍ଥିର କରିଦେବା ଉଚିତ ହେବ ବୋଲି ରିପୋର୍ଟରେ ଦର୍ଶାଯାଇଥିଲା ।

ଇଂରେଜମାନଙ୍କ କୂଟନୀତି ପ୍ରତି ସଜାଗ ମଧୁବାବୁ ମଣ୍ଟେଗୁ - ଚେମସ୍‌ଫୋର୍ଡ ରିପୋର୍ଟ ପ୍ରକାଶିତ ହେବାର ବହୁପୂର୍ବରୁ ୧୯୧୩ ମସିହାରେ ଇମ୍ପେରିଆଲ କାଉନ୍‌ସିଲରେ ଭାଷଣଦେବା ଅବକାଶରେ ଓଡ଼ିଶାକୁ 'ସବ୍-ପ୍ରୋଭିନ୍‌ସ' ବୋଲି ଅଭିହିତ କରିଥିଲେ । ଯାହା ଫଳରେ ମଣ୍ଟେଗୁ - ଚେମସ୍‌ଫୋର୍ଡ ରିପୋର୍ଟରେ ଓଡ଼ିଶାକୁ ପ୍ରଥମଥର ଇଂରେଜମାନେ ସବ୍-ଷ୍ଟେଟ୍‌ର ପାହିଆ ଦେବା ସହିତ, ରାଜ୍ୟକୁ ପ୍ରାଦେଶିକ ମାନ୍ୟତା ଦେବା ବିଷୟରେ ରିପୋର୍ଟରେ ଉଲ୍ଲେଖ କରିଥିଲେ । ଇମ୍ପେରିଆଲ କାଉନ୍‌ସିଲର ମଧୁବାବୁଙ୍କର ସଫଳ ପ୍ରତିନିଧିତ୍ୱ ପରେ, ବିହାର-ଓଡ଼ିଶା ପ୍ରଦେଶର ମନ୍ତ୍ରୀମଣ୍ଡଳରେ ଯୋଗଦେବା ନିମନ୍ତେ ମଧୁବାବୁଙ୍କୁ ନିମନ୍ତ୍ରଣ କରିବା ସହ, ସ୍ଥାନୀୟ

ସ୍ୱାୟତ୍ତ ଶାସନ ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ ଓ ନିର୍ମାଣ ବିଭାଗର ଦାୟିତ୍ୱ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ ।

'ବିହାର- ଓଡ଼ିଶା' ସରକାରରେ ସ୍ଥାନୀୟ ସ୍ୱାୟତ୍ତଶାସନ ବିଭାଗର ମନ୍ତ୍ରୀ ମଧୁସୂଦନ ଏହି ଶାସନ ବ୍ୟବସ୍ଥାକୁ ଯଥାର୍ଥ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ଆଇନ ପ୍ରଣୟନ କରିଥିଲେ । ଗୁଣର ଉତ୍କୃଷ୍ଟତା ଦୃଷ୍ଟିରୁ ଏହା ମଧୁସୂଦନଙ୍କର ଶାସନବ୍ୟବସ୍ଥା ପ୍ରତି ସର୍ବଶ୍ରେଷ୍ଠ ଅବଦାନ ଥିଲା । ପ୍ରଥମଟି ହେଉଛି ନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ 'ରିକଲ' ବା ଫେରାଇ ଆଣିବାର ବ୍ୟବସ୍ଥା ଅର୍ଥାତ୍ ନିର୍ବାଚିତ ଲୋକ ପ୍ରତିନିଧିମାନେ ଯଦି ଲୋକମାନଙ୍କର ଆଶା ଆକାଂକ୍ଷା ପୂରଣ ଦିଗରେ ଅସମର୍ଥ ହୁଅନ୍ତି, ତେବେ ସେମାନଙ୍କୁ ପୁନଶ୍ଚ ଜିଲ୍ଲାବୋର୍ଡ ବା ଲୋକାଲବୋର୍ଡମାନଙ୍କୁ ଫେରାଇ ନେବାର କ୍ଷମତା ଜନତାଙ୍କ ହାତରେ ନ୍ୟସ୍ତ କରାଯିବା । ଯାହା ପୂର୍ବରୁ ନଥିଲା, କାରଣ ଜନସାଧାରଣ ସେମାନଙ୍କ ମନଲାଖି ବ୍ୟକ୍ତି ବିଶେଷଙ୍କୁ ନିର୍ବାଚନରେ ଭୋଟ ଦେବା ପରେ, ତାଙ୍କର କାମ ସରିଯାଉଥିଲା । ମାତ୍ର ମଧୁସୂଦନଙ୍କ ପ୍ରଣିତ ଏହି ନିୟମ ଫଳରେ ଜନସାଧାରଣ ହିଁ ପ୍ରକୃତ କ୍ଷମତାର ଅଧିକାରୀ ହୋଇପାରିଥିଲେ । ଦ୍ୱିତୀୟଟି ସ୍ୱାୟତ୍ତଶାସନରେ ଅନୁନ୍ନତ ସମ୍ପ୍ରଦାୟର ଲୋକମାନଙ୍କର ପ୍ରତିନିଧିତ୍ୱ କରିବା ପାଇଁ ଲୋକପ୍ରତିନିଧିର ବ୍ୟବସ୍ଥା । ଉତ୍କଳଗୌରବ ମଧୁବାବୁ ସେଣ୍ଟ୍ରାଲ ଲେଜିସ୍‌ଲେଟିଭ୍ କାଉନ୍‌ସିଲର ପ୍ରେସିଡ଼େଣ୍ଟ ସାର୍ ଫ୍ରେଡ଼େରିକ ହ୍ୱାଇଟ୍‌ଙ୍କୁ ଏକ ପତ୍ର ମାଧମରେ ଏ ସମ୍ବନ୍ଧରେ ଲେଖି ଜଣାଇଥିଲେ, ଯାହା ଆଜି ବି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଦର୍ଶସ୍ଥାନୀୟ ଓ ଅନୁକରଣୀୟ ।

କେବଳ ଏତିକି ନୁହେଁ, ସେବା କେବଳ ସେବାଭାବ ନେଇ କରାଯିବା ଉଚିତ । ସେବା ବଦଳରେ ଅର୍ଥଗ୍ରହଣ କରିବା ସପକ୍ଷରେ ମଧୁବାବୁ ନଥିଲେ । ବିହାର-ଓଡ଼ିଶା ସରକାରରେ ମନ୍ତ୍ରୀ ହିସାବରେ ସ୍ୱଳ୍ପକାଳ ରହିଥିଲେ ମଧ୍ୟ । ତାଙ୍କର ଏହି କାର୍ଯ୍ୟକାଳ ଦେଶକୁ ଶାସନ କ୍ଷେତ୍ରରେ ଏକ ନୂତନ ଦିଗ୍‌ଦର୍ଶନ ଦେଇଥିଲା । ତାଙ୍କର କାର୍ଯ୍ୟ ଆଜି ବି ସ୍ମରଣୀୟ ଓ ଆଦର୍ଶ ସ୍ଥାନୀୟ ହୋଇ ରହିଅଛି । ତତ୍କାଳୀନ ମନ୍ତ୍ରୀଗଣ ସରକାରୀ ଖର୍ଚ୍ଚରେ ଘର । ଗାଡ଼ିଠାରୁ ଆରମ୍ଭ କରି ସମସ୍ତ ସୁବିଧା ସୁଯୋଗ ବିନାମୂଲ୍ୟରେ ପାଇବା ସହିତ ମାସିକ ପାଞ୍ଚହଜାର ଟଙ୍କା ଦରମା ମଧ୍ୟ ପାଉଥିଲେ । ମାତ୍ର ମଧୁସୂଦନ ମନ୍ତ୍ରୀପଦକୁ ଅବୈତନିକ କରିବାକୁ ଦାବି କରିବା ସହ, ଏହି ପଦକୁ ତ୍ୟାଗ ଓ ସେବାର ସାଧନାପୀଠରେ ପରିଣତ କରିବାକୁ ଉଦ୍ୟମ କରିବାରୁ, ମଧୁବାବୁଙ୍କର କୁଶପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ, ତାଙ୍କ ବିରୋଧୀ ନାନା ନାରାବାଜି କରିଥିଲେ । ଫଳରେ ମଧୁବାବୁ ମନସ୍ଥ କଲେ କି ସେ ମନ୍ତ୍ରୀପଦରୁ ଇସ୍ତଫା ଦେବେ । ପ୍ରଥମତଃ ସେ ଉତ୍କଳୀୟଙ୍କ ସେବାରେ ଓତୋପ୍ରୋତଃ ଜଡ଼ିତ ହେବାକୁ ଚାହୁଁଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଓଡ଼ିଆ ଜାତିର ଉନ୍ନତି ତାଙ୍କର ମୂଳ ଲକ୍ଷ୍ୟ ଥିଲା, ଆଉ ସେବା ବଦଳରେ ଅର୍ଥଗ୍ରହଣ ତାଙ୍କ ଆଦର୍ଶ ବିରୁଦ୍ଧ ଥିଲା । ତାଙ୍କର ମତଥିଲା ସ୍ଥାନୀୟ ସ୍ୱାୟତ୍ତଶାସନ ବିଭାଗୀୟ ମନ୍ତ୍ରୀପଦ ସମ୍ପୂର୍ଣ୍ଣ ଅବୈତନିକ ହେବା ଉଚିତ । ତେଣୁ ମନ୍ତ୍ରୀପଦରୁ ଇସ୍ତଫା ଦେବାର ଠିକ୍ ଏକ ବର୍ଷ ପୂର୍ବରୁ ୧୯୨୨ ମସିହା ଫେବୃୟାରୀ ୨୧ ତାରିଖ ଦିନ କାଉନ୍‌ସିଲର ବକ୍ତୃତା ଦେବା ସମୟରେ ଏ ପ୍ରସଙ୍ଗରେ ସେ କହିଥିଲେ-

"ମୋ ବିଚାରରେ ମନୁଷ୍ୟର ଏପରି ମନୋବୃତ୍ତି ହେବା ଦରକାର, ଯାହାଦ୍ୱାରା କି ସେ ମୁଠାଏ ସୁନାକୁ ମୁଠାଏ ଧୂଳିପରି ଜ୍ଞାନକରି ଅକ୍ଳେଶରେ ଫୋପାଡ଼ି ଦେଇ ସାରିବା ପରେ ମଧ୍ୟ ସେଥିପାଇଁ ନିଜକୁ ନ୍ୟୂନ ବା ଦରିଦ୍ର ବୋଲି ମନେ ନକରି ପୂର୍ବପରି ଅନ୍ତରରେ ତାର ଐଶ୍ୱରିକ ସତ୍ତା ଅନୁଭବ କରିପାରୁଥିବ । ସେ (ସ୍ୱାୟତ୍ତଶାସନ ବିଭାଗୀୟ ମନ୍ତ୍ରୀ) ନିଜର କାର୍ଯ୍ୟକଳାପକୁ ଏପରି ଭାବରେ ପରିଚାଳିତ କରିବା ଦରକାର, ଯାହାଦ୍ୱାରା କି ସେ ଜିଲ୍ଲାବୋର୍ଡ, ମ୍ୟୁନିସିପାଲଟି ଆଦି ବିଭିନ୍ନ ଆଞ୍ଚଳିକ ସ୍ୱାୟତ୍ତଶାସନ ସଂକ୍ରାନ୍ତୀୟ ଅନୁଷ୍ଠାନର ସଭ୍ୟ ତଥା କର୍ମକର୍ତ୍ତାମାନଙ୍କୁ ନିଜର ମହତ୍ ଆଦର୍ଶ ଦ୍ୱାରା ଅନୁପ୍ରାଣୀତ କରିପାରିବେ; ସେମାନଙ୍କ ଅନ୍ତରରେ ଦେଶ ଗଠନର ପ୍ରବୃତ୍ତି ଜାଗରିତ କରିପାରିବେ ଏବଂ ସେମାନଙ୍କର ସହଯୋଗରେ ସେ ଯେଉଁ ବିଭାଗର ମୁଖ୍ୟରୂପେ ମନ୍ତ୍ରୀମଣ୍ଡଳରେ ଦାୟିତ୍ୱ ଗ୍ରହଣ କରିଅଛନ୍ତି, ସେ ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିପାରୁଥିବେ । ମ୍ୟୁନିସିପାଲଟି, ଲୋକାଲବୋର୍ଡ ଓ ଜିଲ୍ଲାବୋର୍ଡର ସଭ୍ୟ ଓ କର୍ମକର୍ତ୍ତାଗଣ ସମସ୍ତ କାର୍ଯ୍ୟ ବିନା ଦରମାରେ କରୁଥିବାରୁ, ସେହି ବିଭାଗର ମନ୍ତ୍ରୀ ଯଦି ତାଙ୍କର କାର୍ଯ୍ୟପାଇଁ ମାସକୁ ମାସ ବେତନ ନିଅନ୍ତି, ତାହାଲେ ଧୀରେ ଧୀରେ ସେହି ଶ୍ରେଣୀୟ ଅନୁଷ୍ଠାନମାନଙ୍କଠାରୁ ସେ ସମ୍ପୂର୍ଣ୍ଣ ଅଲଗା ହୋଇପଡ଼ନ୍ତି । ସେଥିପାଇଁ ମୋର ମତ ହେଉଛି, ସ୍ୱାୟତ୍ତଶାସନ ବିଭାଗୀୟ ମନ୍ତ୍ରୀପଦ ସମ୍ପୂର୍ଣ୍ଣ ଅବୈତନିକ ହେବା ନିତାନ୍ତ ଆବଶ୍ୟକ ।" (Bihar and Orissa council Debates- February 23, 1923)

ମଧୁବାବୁଙ୍କ ନିଜ ସେବା, ଆଦର୍ଶ ଓ ଦେଶମାତୃକା ପାଇଁ ଆତ୍ମୋତ୍ସର୍ଗ ହେତୁ ମନ୍ତ୍ରୀପଦରୁ ୧୯୨୩, ଫେବୃୟାରୀ ମାସରେ ଇସ୍ତଫା ଦେବାକୁ ପଡିଥିଲା, ସତ ମାତ୍ର ସେ ନିଜ ଆଦର୍ଶରୁ ଶେଷ

ପର୍ଯ୍ୟନ୍ତ ବିଚ୍ୟୁତ ହୋଇ ନଥିଲେ । ସେଦିନ ଯେଉଁମାନେ ନିଜର ବ୍ୟକ୍ତିଗତ ଲାଭ, ପଦପଦବୀର ଲାଳସା ପାଇଁ ମଧୁବାବୁଙ୍କ ବିରୋଧ କରି ବିକ୍ଷୋଭ କରିଥିଲେ, ମଧୁବାବୁଙ୍କର କୁଶପୁତ୍ତଳିକା ଦାହ କରିଥିଲେ, ସେମାନେ ଆଜି ଇତିହାସର ବିସ୍ମୃତି ଗର୍ଭରେ ବିଲୁପ୍ତ, ମାତ୍ର ଅର୍ଥ ଓ କ୍ଷମତାର ବହୁ ଊର୍ଦ୍ଧ୍ୱରେ ଆଜି ବି ମଧୁବାବୁ ନିଜ ତ୍ୟାଗ, ଆଦର୍ଶ ପାଇଁ ରାଜନୈତିକ-ନଭମଣ୍ଡଳରେ ଦୀପ୍ତିମନ୍ତ ନକ୍ଷତ୍ରତୁଲ୍ୟ ଚିର ଜାଜ୍ୱଲ୍ୟମାନ ।

ଦେଶକୁ ଉନ୍ନତିମାର୍ଗରେ ନେବା ପାଇଁ ତଥା ଦେଶର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଦିଗରେ ମଧୁସୂଦନଙ୍କର ଭୂମିକା କିଛି କମ ନଥିଲା । ଦେଶକୁ ଆଗେଇ ନେବାକୁ ହେଲେ ନାରୀଶକ୍ତିର ଜାଗରଣ ନିତାନ୍ତ ଆବଶ୍ୟକ, ଏକଥା ମଧୁସୂଦନ ମର୍ମେ ମର୍ମେ ଅନୁଭବ କରିଥିଲେ । ୧୮୯୭ ମସିହାରେ ଭାରତରେ 'ଲିଗାଲ ପ୍ରାକ୍‌ଟିସନର୍‌ସ ଆକ୍ଟ' ପ୍ରଚଳିତ ହୋଇଥାଏ । ଏହି ଆକ୍ଟ ଅନୁଯାୟୀ ଭାରତର କୋର୍ଟ କଚେରୀରେ ମହିଳାମାନଙ୍କୁ ଆଇନଜୀବୀ ଭାବରେ ବ୍ୟବସାୟ କରିବାକୁ ଅନୁମତି ମିଳିବା ନିଷେଧ ଥିଲା ।

ମାତ୍ର ବି.ଏଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶାର ସୁଧାଂଶୁବାଳା ପାଟନା ହାଇକୋର୍ଟ ଅଧୀନରେ ଆଇନଜୀବୀ ରୂପେ ସ୍ୱୀକୃତି ପାଇବା ନିମନ୍ତେ ହାଇକୋର୍ଟରେ ଆବେଦନ କରିଥିଲେ । ୧୯୨୧ ମସିହା ନଭେମ୍ବର ମାସ ୨୮ ତାରିଖ ଦିନ ପାଟନା ହାଇକୋର୍ଟର ଫୁଲବେଞ୍ଚର ମାନ୍ୟବର ବିଚାରପତିଗଣ ଏ ସମ୍ବନ୍ଧରେ ରାୟ ଦେଲେ ଯେ, ୧୮୬୮ ମସିହା ଓ ୧୮୯୭ ମସିହାରେ ପ୍ରଣୀତ ହୋଇଥିବା 'ଜେନେରାଲ କ୍ଲଜେସ୍ ଆକ୍ଟ' ର ନିର୍ଦ୍ଦେଶ ସତ୍ତ୍ୱେ ଜଣେ ମହିଳା ଓକିଲାତି ପଢ଼ି କୃତକାର୍ଯ୍ୟ ହୋଇଥିଲେ ମଧ୍ୟ 'ଇଣ୍ଡିଆନ୍ ଲିଗାଲ୍ ପ୍ରାକ୍‌ଟିସନର୍‌ସ ଆକଟ' ଅନୁଯାୟୀ ତାଙ୍କୁ ଓକିଲାତି କରିବାକୁ କେବେହେଲେ ଅନୁମତି ଦିଆଯାଇ ପାରିବ ନାହିଁ ।

ମଧୁସୂଦନ କେବଳ ରାଜନୈତିକ କ୍ଷେତ୍ରରେ ନୁହେଁ, ବରଂ ଜଣେ ସଂସ୍କାରକ ଭାବରେ ନାରୀଶିକ୍ଷା ଏବଂ ପୁରୁଷ ସମାଜରେ ନାରୀର ସମାନ ଭୂମିକା ଉପରେ ଗୁରୁତ୍ୱ ଦେଉଥିଲେ । ତେଣୁ ପାଟନା ହାଇକୋର୍ଟର ରାୟରେ ଦବିନଯାଇ ସେ ଏହି ରାୟ ବିରୁଦ୍ଧରେ ପ୍ରିଭିକାଉନ୍‌ସିଲରେ ଅପିଲ୍ କରିବାର ସୁଯୋଗ ପାଇବାରୁ ସବୁଦୃଷ୍ଟିରୁ ଉଦ୍ୟମ କରିଥିଲେ । ଏପରି କି 'ଇଣ୍ଡିଆ ହାଉସ୍'ର ସାର ଇଉଲିୟମ୍ ଡିଉକ୍‌ଙ୍କୁ ତାଙ୍କ ଅପିଲ ଦାୟରକୁ ବିରୋଧ ନ କରିବା ପାଇଁ ଅନୁରୋଧ କରି ପତ୍ର ଲେଖିଥିଲେ । ଶେଷରେ ମଧୁସୂଦନଙ୍କ ଡକ୍ଟର ଏଚ.ଏସ୍.ଗୋର୍‌ଙ୍କ ସହୟତାରେ ୧୯୨୨ ମସିହା ଫେବୃୟାରୀ ୧ ତାରିଖରେ ସେଣ୍ଟ୍ରାଲ୍ ଲେଜିସ୍‌ଲେଟିସଭ ଆସେମ୍ବ୍ଲିରେ ମହିଳାମାନଙ୍କର ନିର୍ବାଚନରେ ଭାଗନେବାର ଅଧିକାରକୁ ନେଇ ଗୋଟିଏ ସଂଶୋଧନ ପ୍ରସ୍ତାବ ଆଣିଥିଲେ । ଯାହାକୁ ଆସେମ୍ବ୍ଲିର ବିଶିଷ୍ଟ ମେମ୍ବର ଏଚ୍.ଏସ୍.ଗୋର ସମର୍ଥନ କରିବା ସହ ମହିଳାମାନଙ୍କ ଆଇନଜୀବୀ ସଂକ୍ରାନ୍ତୀୟ ନୂତନ ପ୍ରସ୍ତାବକୁ ମଧ୍ୟ ଆଗତ କରିଥିଲେ । ମଧୁସୂଦନ ଦାସଙ୍କର ନିରନ୍ତର ପ୍ରୟାସ ଫଳରେ ପରିଶେଷରେ ୧୮୭୯ ମସିହାର ଲିଗାଲ୍ ପ୍ରାକ୍‌ଟିସନରସ ଆକ୍ଟ ପରିବର୍ତ୍ତିତ ହେବା ସହ ଭାରତର ସର୍ବପ୍ରଥମ ମହିଳା ବାରିଷ୍ଟର ଭାବରେ ଓଡ଼ିଶାର ସୁଧାଂଶୁବାଳା ପାଟନା ହାଇକୋର୍ଟରେ ଆଇନଜୀବୀ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇଲେ ।

ସଂସ୍କାରକ ମଧୁସୂଦନଙ୍କ ସଂସ୍କାରମୂଳକ କାର୍ଯ୍ୟାବଳୀ ମଧ୍ୟରେ ନାରୀଶିକ୍ଷାର ପ୍ରଚାର, ପ୍ରସାର ଏକ ପ୍ରମୁଖ କାର୍ଯ୍ୟ ଥିଲା ନାରୀ କିପରି ପୁରୁଷ ସମକକ୍ଷ ହୋଇପାରିବ, ସମାଜରେ ସମାନ ଅଧିକାର, ପଦପଦବୀରେ ଆସିନା ହୋଇ ସମ୍ମାନର ଅଧିକାରିଣୀ ହେବ, ମଧୁସୂଦନଙ୍କ ସମାଜସେବାର ଏକ ମୁଖ୍ୟ ଆଭିମୁଖ୍ୟ ଥିଲା । କାରଣ ସେ ନାରୀସମାଜର ଉନ୍ନତି ବିନା, ଦେଶର ଉନ୍ନତି ଯେ ସମ୍ଭବ ନୁହେଁ ବୋଲି ଉପଲବ୍ଧି କରିଥିଲେ । ତାଙ୍କର ପ୍ରଚେଷ୍ଟାରେ ୧୯୦୮ ମସିହାରେ ନାରୀ ଶିକ୍ଷାରେ ସହାୟକ ହେବା ଲକ୍ଷ୍ୟରେ କଟକରେ ଗୋଟିଏ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ । ସେହିପରି ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ନାରୀସମାଜ ପଛରେ ରହିବା ମଧୁସୂଦନ ଆଦୌ ପସନ୍ଦ କରୁନଥିଲେ । ଏହି ସଂକ୍ରାନ୍ତରେ ୧୯୨୧ ମସିହା ନଭେମ୍ବର ୨୩ ତାରିଖଦିନ ମହିଳାମାନଙ୍କ ଭୋଟଦେବା ଅଧିକାର ସମ୍ପର୍କରେ ଭାଷଣ ଦେଇ ସେ କହିଥିଲେ, "ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଯେପରି ଭୋଟଦାନ ଅଧିକାରରୁ ବଞ୍ଚିତ କରି ରଖାଯାଇଛି, ସେ ବ୍ୟବସ୍ଥାର ମୁଁ ଘୋର ବିରୋଧ କରୁଅଛି ।"

ସେହିପରି ଦେଶର ଆର୍ଥିକ ମାନଦଣ୍ଡକୁ ଉନ୍ନତ କରିବା କ୍ଷେତ୍ରରେ ମଧୁବାବୁ ଶିଳ୍ପଜାଗରଣକୁ ମହତ୍ୱ ଦେଇଥିଲେ । ଦେଶରେ କୁଟୀର ଶିଳ୍ପ ଗଢ଼ିଉଠିବା ଦରକାର, ଯାହା ଇଂରେଜମାନଙ୍କ ଔପନିବେଶିକ ନୀତି ଅନୁସୃତ ହେବା ଯୋଗୁଁ ଅଷ୍ଟାଦଶ ଶତାବ୍ଦୀରେ ଏହାର ମୂଳଦୁଆ ଭୁଷୁଡ଼ି ପଡ଼ିବାରେ ଲାଗିଥିଲା । ଇଂରେଜମାନେ ଇଂଲଣ୍ଡରେ ଶିଳ୍ପଜାତ ପଦାର୍ଥକୁ ଭାରତରେ ବିକ୍ରି କରିବା ଉଦ୍ଦେଶ୍ୟରେ ଭାରତର ଦେଶୀୟ ଶିଳ୍ପ ଓ ହାତକାମଗୁଡ଼ିକର ପ୍ରଭାବ ହ୍ରାସ କରିବା ଉଦ୍ଦେଶ୍ୟରେ ଲାଗିଯାଇଥିଲେ । ଫଳରେ ବଂଶ ପରମ୍ପରାକ୍ରମେ ନାନାଦି

ଶିଳ୍ପ-ସାମଗ୍ରୀ ଆଉ ପୂର୍ବପରି ବିକ୍ରି ନ ହେବାରୁ, ଲୋକେ ସ୍ୱତଃ ପେଟ ପୋଷିବା ପାଇଁ ଭୂମି ଉପରେ ନିର୍ଭର କଲେ । ଫଳରେ ଲାଭଲେଶହୀନ ଏହି ଅନିଶ୍ଚିତ କୃଷି ହିଁ ଭାରତୀୟମାନଙ୍କ ଦାରିଦ୍ର୍ୟର ମୂଳ କାରଣ ଥିଲା । ତେଣୁ ମଧୁବାବୁ ଚିନ୍ତା କଲେ ଭାରତୀୟମାନଙ୍କୁ କୃଷିରୁ ନେଇ ଛୋଟବଡ଼ ଶିଳ୍ପ ଯୋଜନାରେ ନିୟୋଜିତ କରାଗଲେ, ଦାରିଦ୍ର୍ୟ ଦୂରୀକରଣ ଦିଗରେ ଯଥେଷ୍ଟ ସହାୟକ ହେବ । ଯେଉଁମାନେ କୃଷିପ୍ରଧାନ ଦେଶରେ କୃଷିକୁ ଜୀବିକା ଭାବରେ ଗ୍ରହଣ କରିବାକୁ ଚାହୁଁଥିଲେ । ମଧୁସୂଦନ ଅନୁଭବ କଲେ, ଏ କ୍ଷେତ୍ରରେ ନୂତନ ବୈଜ୍ଞାନିକ ପ୍ରଣାଳୀ ଓ ଉନ୍ନତ ଜଳସେଚନର ସୁବିଧା ମଧ୍ୟ ନିତାନ୍ତ ଆବଶ୍ୟକ ହେବ । ଏହା ନହେଲେ ଦେଶରୁ ଦାରିଦ୍ର୍ୟ ଦୂର ହେବା ସମ୍ଭବ ନୁହେଁ ।

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଭାରତର ସମ୍ଭ୍ରାନ୍ତ ପରିବାର ଲୋକେ ଇଂଲଣ୍ଡ ଓ ୟୁରୋପ ପରିଭ୍ରମଣରେ ଯାଉଥିଲେ । ସେଠାରେ କେବଳ ଭ୍ରମଣଜନିତ ଆନନ୍ଦ ଉଠାଇବା ହିଁ ଏହି ଧନାଢ଼୍ୟ ବର୍ଗଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । ମାତ୍ର ମଧୁସୂଦନଙ୍କର ଦୃଷ୍ଟିଭଙ୍ଗୀ ଭିନ୍ନ ଥିଲା । ଯେବେ ଏବଂ ସେ ଯେଉଁଠାରେ ବି ରହୁଥିଲେ, ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା ଦେଶ ଓ ଜାତିର ଉନ୍ନତି । ତେଣୁ ସେ ଯେତେବେଳେ ଦୁଇଥର ଇଂଲଣ୍ଡ ଓ ଅନ୍ୟାନ୍ୟ ୟୁରୋପୀୟ ରାଜ୍ୟଗୁଡ଼ିକୁ ଯାଇଥିଲେ, ସେତେବେଳେ ପାଶ୍ଚାତ୍ୟ ଦେଶରେ ଦେଖାଦେଇଥିବା ଶିଳ୍ପ-ଜାଗରଣ ଦ୍ୱାରା ସେ ବହୁଭାବରେ ପ୍ରଭାବିତ ହେବା ସହିତ, ସେ ବିଷୟରେ ପୂର୍ଣ୍ଣ ଧାରଣା ନେଇ ଫେରିଥିଲେ । ସେଠାରୁ ଫେରି ସେ ଓଡ଼ିଶାରେ 'ଓଡ଼ିଆ ଆର୍ଟ ୱେୟାରର୍ସ' ଅନୁଷ୍ଠାନ ଏବଂ ପାଶ୍ଚାତ୍ୟ ଉନ୍ନତ ଶିଳ୍ପ ପ୍ରଣାଳୀର ଅନୁସରଣରେ 'ଉତ୍କଳ ଟ୍ୟାନେରି' ଆରମ୍ଭ କରିଥିଲେ । ଲକ୍ଷ୍ୟ ଥିଲା ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ।

ଊନବିଂଶ ଶତାବ୍ଦୀରେ ଆଧୁନିକ ଭାରତ ନିର୍ମାଣର ପଥରଚନା କରିଥିବା ପ୍ରଥିତଯଶା ଭାରତୀୟ ନେତୃବର୍ଗଙ୍କ ମଧ୍ୟରେ ମଧୁବାବୁ ଥିଲେ ଅନ୍ୟତମ । ଦେଶସେବାକୁ ସେ କାୟମନୋବାକ୍ୟରେ ଗ୍ରହଣ କରିନେଇଥିଲେ । ସର୍ବଭାରତୀୟ କର୍ମଯୋଜନା ଅପେକ୍ଷା ସେ ଓଡ଼ିଶାର ସ୍ୱାର୍ଥପୂର୍ତ୍ତି ଦିଗରେ ଅଧିକ ମନୋନିବେଶ କରିଥିଲେ, ତାଙ୍କ ମତରେ ଗୋଟିଏ ଦେଶର ଅନ୍ତର୍ନିହିତ ସମସ୍ତ ଶକ୍ତିର ଜାଗରଣ ଓ ସଂଘଟନ ନ ହେବା ପର୍ଯ୍ୟନ୍ତ, ଦେଶରେ ଜାତୀୟଚେତନାର ଯଥାର୍ଥ ଅଭ୍ୟୁଦୟ ସମ୍ଭବ ନୁହେଁ । ତେଣୁ ଯେଉଁ ମାନେ ଏ ଦୃଷ୍ଟିରୁ ପଛରେ ପଡ଼ିରହିଯାଇଛନ୍ତି, ସେମାନଙ୍କ ହୃଦୟରେ ଜାତୀୟଭାବର ଜାଗରଣ ଘଟାଇ ସେମାନଙ୍କୁ, ମୁଖ୍ୟସ୍ରୋତରେ ମିଶାଇବା ଦ୍ୱାରା ହିଁ ଯଥାର୍ଥରେ ଦେଶ ଆଗେଇପାରିବ, ଲକ୍ଷ୍ୟ ସାଧିତ ହୋଇପାରିବ । ପଛରେ ପଡିଥିବା ଲୋକମାନଙ୍କ ପରି, ପଛରେ ପଡ଼ି ରହିଥିବା ରାଜ୍ୟଗୁଡ଼ିକ ପ୍ରତି ମଧ୍ୟ ଏହି ନୀତି ପ୍ରଯୁକ୍ତ ହେବା ବାଞ୍ଛନୀୟ । ଯାହା ଆଜି ବି ରାଜନୈତିକ ଆଦର୍ଶ ହୋଇ ରହିଛି ।

ରାଜନୈତିକ ଚିନ୍ତାଧାରାରେ ସେ ଥିଲେ ସଂସ୍କାରବାଦୀ । ରାଜନୀତିର ଆଳରେ, ଦେଶସେବାକୁ ପାଥେୟ କରି କ୍ଷମତାର ଅଧିକାରୀ ହେବା, ତାଙ୍କର ଅଭିପ୍ରାୟ ନଥିଲା । ନିଜର ଉଚ୍ଚ ଆଦର୍ଶ ଓ ମହତ ଲକ୍ଷ୍ୟର ପରିପୂରଣ ଦିଗରେ ସେ ନିଜର ସର୍ବସ୍ୱ ଦେଶ ଜାତିର ଉନ୍ନତି କଳ୍ପେ ଉତ୍ସର୍ଗ କରିଗଲେ । ସେଥିପାଇଁ ଜାତି-ଯଜ୍ଞକୁଣ୍ଡରେ ଆପଣାର ସମସ୍ତ ସ୍ୱାର୍ଥକୁ ନୈବେଦ୍ୟରୂପେ ସମର୍ପଣ କରିବାକୁ ସେ ଶ୍ରେୟ ମଣିଥିଲେ ଏବଂ ଏଥିପାଇଁ ଦେଶବାସୀଙ୍କୁ ମଧ୍ୟ ଆହ୍ୱାନ ଦେଇଥିଲେ ।

-୦-

ଅଧ୍ୟାପିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମହାନଦୀ ବିହାର ମହିଳା ମହାବିଦ୍ୟାଳୟ, କଟକ





# ନବଭାରତ ନିର୍ମାଣରେ ଯୋଗୀରାଜ ଶ୍ରୀଅରବିନ୍ଦ

ବିଦ୍ୟୁତ୍‌ପ୍ରଭା ଦାଶ

'ଭବିଷ୍ୟତ' ଅତୀତର ଏକ ଧାରାବାହିକତା ଭାବିବାର କୌଣସି ମୌଳିକତା ନାହିଁ, ଏ କଥାରେ ହୁଏତ ସମସ୍ତେ ଏକମତ ହେବା । ଯେଉଁ ଶକ୍ତି ସବୁ ଅତୀତକୁ ଗଢ଼ିଥିଲେ କେବଳ ସେହିସବୁ ଶକ୍ତି ଉପରେ ଭବିଷ୍ୟତ ନିର୍ଭର କରିବ ତା' ନୁହେଁ ବରଂ ତା' ଆମର କାର୍ଯ୍ୟ ଉପରେ ମଧ୍ୟ ନିର୍ଭର କରିବ ।

'ବର୍ତ୍ତମାନ' ପରେ ପରେ ଯାହା ଆସେ 'ଭବିଷ୍ୟତ' ତାହା ନୁହେଁ କିନ୍ତୁ ତାହା ବର୍ତ୍ତମାନଠାରୁ ସଂପୂର୍ଣ୍ଣ ଭିନ୍ନ । ବିଶେଷ କରି ତାହା 'ଅନାବୃତ' ବା ଖୋଲା । ଅର୍ଥାତ୍ ଭବିଷ୍ୟତ ଆବଦ୍ଧ ନୁହେଁ, ତାହା 'ଉନ୍ମୁକ୍ତ' । ବିଶେଷକରି ବର୍ତ୍ତମାନକୁ ଠିକ୍ ଭାବରେ ବିଚାର କରି ବୁଝିବା ପାଇଁ ଭବିଷ୍ୟତ ବିଷୟରେ ଅନ୍ତର୍ଦୃଷ୍ଟି ଆବଶ୍ୟକ; ଅତୀତ ବିଷୟରେ ସମ୍ୟକ୍ ଜ୍ଞାନ ଥିବା ଯଥେଷ୍ଟ ନୁହେଁ । କେବଳ ସଁବାଳୁଆ ବିଷୟରେ ଜ୍ଞାନ ଥିଲେ କେହି ତା'ର ପରବର୍ତ୍ତୀ ଭ୍ରୁଣ ଅବସ୍ଥା ଅର୍ଥାତ୍ ପ୍ରଜାପତିର ଡେଣା ହେବାର ପୂର୍ବ ପୋକ-ଅବସ୍ଥା ବିଷୟରେ କିଏ କିଛି ଧାରଣା କରିପାରେ କି ? କିନ୍ତୁ ପ୍ରଜାପତି ବିଷୟରେ ଜ୍ଞାନଲାଭ କଲେ ଅର୍ଥଟି ପରିଷ୍କାର ଜଣାପଡ଼େ ।

ବର୍ତ୍ତମାନ ଆମେ ଆଉ ଏକ ପାରମ୍ପରିକ ସ୍ଥୁଳ, କ୍ଷୀଣ, କ୍ଳାନ୍ତ ଭୂଖଣ୍ଡ ଉପରେ ବାସ କରୁନାହେଁ । ଭବିଷ୍ୟତର ଅନେକ ସମ୍ଭାବନାର ଇଲାକାକୁ ଆମର ଯାତ୍ରା ! କାରଣ, ମନର ସ୍ୱଭାବ ପ୍ରତ୍ୟେକ ଅବସ୍ଥାର ନୂତନତ୍ୱକୁ ଅଧିକାର କରିବାକୁ ଚାହେଁ ଏବଂ ଅତୀତ ଠାରୁ ନିଜକୁ ଭିନ୍ନ ବୋଲି ପ୍ରତିପାଦନ କରିବାକୁ ଚାହେଁ ଯାହାକୁ 'ଭବିଷ୍ୟତ ମନୋଭାବ' କୁହାଯାଏ ଏବଂ ଅତୀତ ଘଟଣାକୁ ସମ୍ପ୍ରସାରିତ କରିବା ବା ଅତୀତର ଏକ ସହଜ ପ୍ରକ୍ଷେପଣ ଘଟାଇବା ଚାହେଁ । ଭବିଷ୍ୟ ଦୃଷ୍ଟିର ପ୍ରଧାନ କାର୍ଯ୍ୟପଦ୍ଧତି ହେଲା ଯେଉଁସବୁ ଲକ୍ଷଣୀୟ ଦିକ୍ ପରିବର୍ତ୍ତନ, ପ୍ରବଣତା ଓ ଶିକ୍ଷାତ୍ମକ ଦିଗ ରହିଛି ସେସବୁକୁ ବାହାରକୁ ଆସିବାକୁ ଦେବା ଓ ତା'ର ସଂପ୍ରସାରଣ ଘଟାଇବା ଏବଂ ଭବିଷ୍ୟତର ପରିସରକୁ ତାକୁ ପ୍ରକ୍ଷେପଣ କରାଇବା । ଏଥିପାଇଁ ମଣିଷକୁ ଯଥେଷ୍ଟ ସାବଧାନ ରହିବାକୁ ହେବ ଏବଂ ନିଜକୁ ସଂଶୋଧନ ଓ ସଂରକ୍ଷଣ କରିବାକୁ ହେବ । ଭବିଷ୍ୟତ ନିଶ୍ଚୟ ନୂତନ ଲକ୍ଷଣଯୁକ୍ତ । ଯାହା ଭବିଷ୍ୟ ଦୃଷ୍ଟିରେ ହିଁ ଦୃଶ୍ୟ ଓ କଳନାଯୋଗ୍ୟ ଏବଂ ଏଥିସହିତ ସୃଷ୍ଟି ହେବ ନୂତନ ମାନବ ! ଭାରତର ବରପୁତ୍ର ଯୋଗୀରାଜ ଶ୍ରୀଅରବିନ୍ଦ ଏହା ପ୍ରମାଣିତ କରି ଦେଖାଇ ଦେଇଛନ୍ତି ଯେ ଜାତିର ଉଚ୍ଚତମ ଆସ୍ପୃହା ଏହି ମାଟି ଦୁନିଆରେ ହିଁ ସିଦ୍ଧିଲାଭ କରିପାରେ । ତାଙ୍କରି ଠାରେ ଅତୀତ ସୁସ୍ପଷ୍ଟ ଭାବରେ ଭବିଷ୍ୟତ ସହିତ ସଂଯୋଗଲାଭ ଅବଶ୍ୟ କରିଛି ।

ଏସବୁ ଉପସ୍ଥାନର ଅଭିପ୍ରାୟ ଏହିକି ଯେ ବିବର୍ତ୍ତନ ଧାରାରେ ପଦାର୍ଥ ବିଜ୍ଞାନ ମାନବକୁ ପକ୍ଷୀଭଳି ନୀଳ ଆକାଶରେ ଉଡ଼ିବାର କ୍ଷମତା, ସମୁଦ୍ରର ଗଭୀର ଗର୍ଭରେ ମୀନ ଭଳି ବୁଡ଼ିବାର ଲାଳସାର ଚରିତାର୍ଥତା, କୃତ୍ରିମ ଅଙ୍ଗରୋପଣ ଓ ସୂକ୍ଷ୍ମ ଶଲ୍ୟ ଚିକିତ୍ସାରେ ବାଧିତ ଶରୀରର ଆତ୍ମଗ୍ଲାନିରୁ ମୁକ୍ତିର ଆନନ୍ଦ, ଐଶ୍ୱର୍ଯ୍ୟର ଚରମ ଆନନ୍ଦ ଅନୁଭବ ଓ ଅସଂଖ୍ୟ ଆର୍ଥିକ ସରକାରୀ ଯୋଜନାରେ ସାମ୍ୟବାଦ ସମାଜର ପୁନର୍ମିଳନ ସତ୍ତ୍ୱେ ସୃଷ୍ଟିର ସେହି ଶ୍ରେଷ୍ଠ ଜୀବଟି କାହିଁକି ସବୁଠାରୁ ଦୁଃଖୀ ପ୍ରାଣୀଟିଏ !!

ହିଁ ବିବର୍ତ୍ତିତ ଧାରାରେ ପ୍ରକୃତି ସଂଗଠିତ ହେଉଛି ବାହାରେ ଓ ମାନବ ଭିତରେ । ମାନବ ମାଙ୍କଡ଼ରୁ ମନୁଷ୍ୟ ହେଉଛି ସତ ।

ଶ୍ରୀଅରବିନ୍ଦଙ୍କ ଦର୍ଶନ ଅନୁଯାୟୀ- ସୃଷ୍ଟିର ଉତ୍ପତ୍ତି ଜଡ଼ରୁ । ଜଡ଼ରୁ ଜୀବନ, ଶରୀର, ପ୍ରାଣ, ମନ ଓ ଚୈତ୍ତସତ୍ତା ! ଆମେ ବଞ୍ଚୁ ଶରୀର, ପ୍ରାଣ ଓ ମନକୁ ନେଇ । ଚୈତ୍ୟ ଆସକ୍ତି ସହଯାତ୍ରୀ ହେଇ କେବଳ । ଆମେ ଚୈତ୍ୟରେ ବଞ୍ଚିବା ଅଭ୍ୟାସ କରୁନା । ଅତୀତକୁ ଚାହିଁ ଭବିଷ୍ୟତକୁ ଗୋଡ଼ ବଢ଼ାଉ ଆମେ । କିନ୍ତୁ 'ଜଡ଼' ଚେତନାର ଏକ ଘନୀଭୂତ ଅବସ୍ଥା । ତେଣୁ କହିବା ବାହୁଲ୍ୟ ଆମେ ମୂଳତଃ ଚେତନାରୁ ଆସିଛେ । ଜଡ଼ ମଧ୍ୟ ଦେଇ ବିବର୍ତ୍ତିତ ଧାରାରେ ଯେତେବେଳେ ପୁନଃ ଚୈତ୍ୟର ଲକ୍ଷ୍ୟରେ ବଞ୍ଚୁଛେ ସେତେବେଳେ ନିଜର ଏହି ମହତ୍ତ୍ୱପୂର୍ଣ୍ଣ ପରିଚୟଟିକୁ ଭୁଲିଯାଇ ନିଜ ବାହାରେ ଖୋଜି ହୋଇ ହତାଶାର ବହ୍ନିରେ ଦଗ୍ଧୀଭୂତ ହେଉଛେ ଯାହାଫଳରେ ସଂସାରଟାକୁ ଭଗବାନଙ୍କର ବିପରୀତ ମନେ କରୁଛେ । କିନ୍ତୁ ସଂସାରର ପ୍ରତିଟି ପଦାର୍ଥ ବା ସ୍ଥୁଳ -ଚେତନା ମଧ୍ୟରେ ସୁପ୍ତ ଭାବେ ନିମଜ୍ଜିତ ହୋଇ ରହିଛି । ବିବର୍ତ୍ତନର ଲକ୍ଷ୍ୟ ହେଲା ସେସବୁକୁ ପ୍ରକଟ କରିବା ଓ ପ୍ରକାଶ କରିବା ।

ମନୁଷ୍ୟ ଯେତେବେଳେ ଏହି ସତ୍ୟକୁ ବୁଝିପାରି ଏଥିରେ ବଞ୍ଚିବା ଶିଖିବ- ଏ ସାରା ସଂସାର ଅମୃତମୟ ମନେହେବ । ଏହାର ବ୍ୟତିରେକ 'ଜଗତମିଥ୍ୟା' ମନେ କରି, ମିଥ୍ୟାରେ ବଞ୍ଚି ପ୍ରତାରଣାର ଫଳରେ ତାକୁ ଜର୍ଜରିତ ହେବାକୁ ହେବ । ସର୍ବବ୍ୟାପୀ ପୂର୍ଣ୍ଣଜ୍ଞାନ

ନଥିବାରୁ ଓ ବ୍ୟାପକ ଦୃଷ୍ଟିକୋଣର ଅଭାବରୁ ଅଜ୍ଞାନତା କବଳରେ ପଡ଼ି ମଣିଷ ସବୁଠାରୁ ନିଜକୁ ପୃଥକ୍ ଭାବିନିଏ । ସବୁକୁ ବିରୋଧ କରିବାର ଶକ୍ତି ତା'ର ରହିଚି ଭାବେ । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଭାବନାକୁ ସେ ସ୍ୱତନ୍ତ୍ରତା ଭାବି ଅହଂବଶତଃ ଗର୍ବ କରେ । ଏଭଳି ଅଜ୍ଞାନତା ଓ ଆପାତ ପ୍ରତୀୟମାନ ସ୍ୱତନ୍ତ୍ରତା ଭାବରୁ ଆତ୍ମ ପ୍ରବଞ୍ଚନାର ଶିକାର ହୁଏ । ଫଳରେ ଭୁଲ, ଭ୍ରାନ୍ତି, ଦୁର୍ବଳତା, ବିରୋଧ, ଅସଂଗତି ଅର୍ଥାତ୍ ଅମଙ୍ଗଳ ହିଁ ଅମଙ୍ଗଳ ଦେଖାଦିଏ । ଅବଶ୍ୟ ପୃଥକତ୍ୱର ସ୍ୱତନ୍ତ୍ରତା ବରଣୀୟ ଯେ ଏହା ଆତ୍ମ ଚେତନତାର ଅଗ୍ରଗତି କରିବାର ସାଧନାରେ ପ୍ରାଥମିକତା ଆବଶ୍ୟକତା ବହନ କରିଥାଏ । ଏହାଦ୍ୱାରା ସମଗ୍ର ବିଶ୍ୱର କ୍ରମବିକାଶ ସମ୍ବନ୍ଧୀୟ ଜ୍ଞାନର ଅନୁଭୂତି ଗଭୀର ଓ ସମୃଦ୍ଧ ହୁଏ ।

ଜୀବନର ଅଗ୍ରଗତି ବା ନବଭାରତ ନିର୍ମାଣ କହିଲେ ଆମେ କେବଳ ଯାନ୍ତ୍ରିକ ଅଗ୍ରଗତି ଓ ସ୍ଥୂଳ ସମ୍ପତ୍ତିର ଆର୍ଥିକ ଅଗ୍ରଗତି ବୋଲି ବୁଝିବା ନାହିଁ ବରଂ ମନୁଷ୍ୟର ଅସୀମ ପୂର୍ଣ୍ଣତା ପ୍ରତି ବିଶ୍ୱାସ, ମନୁଷ୍ୟ ହୃଦୟ ଓ ମନର ମୌଳିକ ଆଶାବାଦୀ ସ୍ୱଭାବର ବିକାଶକୁ ବୁଝିବା ଯାହାର ପରିଣାମ କେବଳ ଆନନ୍ଦ ଆଉ ଆନନ୍ଦ ! ଏ ପର୍ଯ୍ୟନ୍ତ ଯେତେସବୁ ବିବର୍ତ୍ତନ ସଂଗଠିତ ହୋଇଛି ତାହା କେବଳ ପ୍ରକୃତିର ପ୍ରଭାବରୁ । ଏବେ କିନ୍ତୁ ମନୁଷ୍ୟ ଏକ ପୂର୍ଣ୍ଣ ଆଧାତ୍ମିକ ଦାୟିତ୍ୱ ଗ୍ରହଣ କରିବାର ଅବସ୍ଥା ପ୍ରାପ୍ତ କରିସାରିଛି । କିନ୍ତୁ ସେ ଚାହିଁବା ଦରକାର ।

ଶ୍ରୀଅରବିନ୍ଦ ଏକ ସ୍ୱୀୟ ଅନୁଭବରୁ ସୂଚନା ଦେଇଛନ୍ତି ଯେ- "ଯେଉଁ ପୂର୍ଣ୍ଣ ସଚେତନ ସତ୍ତାଟି ଆତ୍ମପ୍ରକାଶ କରିବାକୁ ଯାଉଛି ତାହା ମନୁଷ୍ୟ ମଧ୍ୟରେ, ମନୁଷ୍ୟ ମଧ୍ୟରୁ ନୁହେଁ । ଏହି ଭାଗବତ ପ୍ରେରଣା ମନୁଷ୍ୟ ଭିତରେ ରହିଛି ଯାହା ମନୁଷ୍ୟକୁ ସୁଖଦୁଃଖର ଊର୍ଦ୍ଧ୍ୱକୁ ନେଇଯାଇପାରେ । କିନ୍ତୁ ଇନ୍ଦ୍ରିୟଶକ୍ତି ଓ ପ୍ରାଣ ପ୍ରଣୋଦିତ ମନ ଯଥାର୍ଥ ଆତ୍ମ-ଆବିଷ୍କାରର ଅଭାବରେ ଏଣେ ତେଣେ ଦୌଡ଼ି କ୍ଲାନ୍ତ ଓ ଅବସନ୍ନ ହୋଇ ପଥଭ୍ରଷ୍ଟ ହୋଇପଡୁଛି । କେବଳ ଅନ୍ତର ପ୍ରଦେଶ ଆଡ଼କୁ ଗତି କରିବାରେ ବର୍ତ୍ତମାନ କେବଳ ଉନ୍ମେଷ ଲାଭ କରୁଥିବା ଏକ ବୃହତ୍ତର ଅନୁଭବ-ସିଦ୍ଧ ଜ୍ଞାନ ଆଡ଼କୁ ପ୍ରବୃତ୍ତ ହେବାରେ ହିଁ ଏକ ଉଜ୍ଜ୍ୱଳତର ଆଶା ନିହିତ ରହିଛି ଯାହାଦ୍ୱାରା ସେ ତା'ର ଯଥାର୍ଥ ସତ୍ୟଟିର ଆବିଷ୍କାର କରିପାରିବ ।

ଏଥିପାଇଁ ଶ୍ରୀଅରବିନ୍ଦଙ୍କ ପ୍ରଣୀତ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ପୂର୍ଣ୍ଣାଙ୍ଗ ଯୋଗର ରହିଛି ବଳିଷ୍ଠ ଅବଦାନ ! ଏହି ଶିକ୍ଷାନୁଯାୟୀ କଳାର ଲକ୍ଷ୍ୟ ହେବ- କଳା ମଧ୍ୟରେ ସତ୍ୟ ଓ ସୌନ୍ଦର୍ଯ୍ୟର ସନ୍ଧାନ କରିବା, ନୈତିକତାର ଲକ୍ଷ୍ୟ ହେବ- ମନୁଷ୍ୟ ମଧ୍ୟରେ ଭଗବତ୍ ସ୍ୱଭାବର ଅଗ୍ରଗତି କରାଇବା, ଏକ ଉଦାର ଓ ପ୍ରଶସ୍ତ ମୁକ୍ତତା ହିଁ ସାମାଜିକ ବିଧାନ ହେବ । ଅର୍ଥନୀତିର ଉଦ୍ଦେଶ୍ୟ ହେବ- ସହଜ ଓ ସରଳ ଭାବେ ସମସ୍ତଙ୍କ ପାଇଁ ଏକ ସମୃଦ୍ଧ ଓ ମଧୁମୟ ଜୀବନ ଆଣିଦେବା, ରାଜନୀତିରେ ଅନ୍ୟପାଇଁ ବଞ୍ଚିବା ଅର୍ଥାତ୍ ଆମର ଯଥାର୍ଥ ଓ ସ୍ୱାଭାବିକ ପଥଟି କେବଳ ଶିଖର ଆଡ଼କୁ ହିଁ ପଡ଼ିଥାଏ । ସେ କହୁଛନ୍ତି ଯେଉଁ ଦେଶ ଏହି ଭବିଷ୍ୟତ ଦୃଷ୍ଟିକୁ ଗ୍ରହଣ କରିବ ଓ ତା'ର ଜାତୀୟ ଓ ଆନ୍ତର୍ଜାତୀୟ ଜୀବନରେ ଏହାକୁ ଜୀବନ୍ତ ଓ ଆଦର୍ଶଭାବେ ଗ୍ରହଣ କରିବ ସେହି ଦେଶ ବା ଜାତି ହିଁ ନୂତନ ଯୁଗର ନେତୃତ୍ୱ ନେବ । ଏଭଳି ଦର୍ଶନ ଓ ଆଦର୍ଶର ପ୍ରଥମ ଅନୁଗାମୀ ଭାରତ ବ୍ୟତିରେକ ଅନ୍ୟ କୌଣସି ରାଷ୍ଟ୍ରକୁ କଳ୍ପନା କି କରାଯାଇପାରେ ?

ଏକଥା ନିରାଟ ସତ୍ୟ ଯେ- ପ୍ରଶ୍ୱାସ ଗ୍ରହଣ କରିବା ମାତ୍ରେ ଅନ୍ତରତମ ସତ୍ୟକୁ ଅନୁଭବ କରିବାର ଶିକ୍ଷା ଓ ପୂର୍ଣ୍ଣାଙ୍ଗ ଯୋଗରେ ଏହାକୁ ଅଭ୍ୟାସ କରିବାର ଅନୁରାଗ ସୃଷ୍ଟି କରିବାର ଶ୍ରେୟ କେବଳ ଶ୍ରୀଅରବିନ୍ଦଙ୍କୁ ହିଁ ଦିଆଯାଇପାରେ । ସମୟ ଆସିବ ବିଶ୍ୱର ସମସ୍ତ ଦେଶ ଯେତେବେଳେ ପରସ୍ପର ଭଉଣୀ ଭଳି ଚଳିଲେ ସେତେବେଳେ ଭାରତ ମାଆର ସ୍ଥାନ ନେବ । ତାଙ୍କ ଲିଖିତ ବିଶ୍ୱର ସର୍ବବୃହତ୍ କାବ୍ୟ ମନ୍ତ୍ରମୟୀ ସାବିତ୍ରୀ ବିଶ୍ୱର ଭବିଷ୍ୟତ କହେ । ତାଙ୍କ ଲିଖିତ ଅନେକ ପୁସ୍ତକ ମଧ୍ୟରୁ 'Synthesis of Yoga'/ ଯୋଗ ସମନ୍ୱୟ, ମାନବ ଚକ୍ର, ଗୀତା ନିବନ୍ଧମାଳା, ଦିବ୍ୟଜୀବନ, ଭାରତୀୟ ସଂସ୍କୃତିର ଆଧାର, Sri Aurobindo on Veda, Adventure & Consciousness, On Education, Thoughts and Aphorism, The Mother, ଦୁର୍ଗାସ୍ତୋତ୍ର, ଭବାନୀଭାରତୀ ପ୍ରଭୃତି ଅନନ୍ୟ । ତାଙ୍କରି ଜୀବନାଦର୍ଶ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାରତର ସ୍ୱାଧୀନତା ପ୍ରାପ୍ତିର ଏକ ଅମୋଘ ଅସ୍ତ୍ର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ନିରବଛିନ୍ନ ସାଧନାର ଅଦୃଶ୍ୟ ଶକ୍ତି ତତ୍କାଳୀନ ଦେଶବାସୀ ଓ ଦେଶଭକ୍ତଙ୍କ ରକ୍ତରେ ଭରିଦେଇଥିଲା ବିଜୟ ପ୍ରତିଶ୍ରୁତିର ବାସ୍ନା ! ଯାହା ଠାଏଁ ଠାଏଁ ପ୍ରମାଣିତ ହୋଇଥିଲା ତତ୍କାଳୀନ ଇଂରେଜ ଅଧିକାରୀମାନଙ୍କର ଶ୍ରୀଅରବିନ୍ଦଙ୍କ ଠାରେ ବନ୍ଧୁତ୍ୱର ବିଶ୍ୱାସ ବାଢ଼ିବାରେ । ଯଦିଓ ନବ ଭାରତ ନିର୍ମାଣରେ ଏସବୁର ଭୌତିକ ଆକଳନ କରାଯାଇପାରେ ନାହିଁ ତେବେ ଅନେକ ନୀରବ ଓ ସୂକ୍ଷ୍ମ ଆସ୍ପୃହାର ପ୍ରତିଫଳନ କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ ।

ବିଶ୍ୱ ରଙ୍ଗମଞ୍ଚରେ ଭାରତର ଭୂମିକା ସ୍ୱତନ୍ତ୍ର ରହିଛି ଏବଂ ରହିବ । ଯେହେତୁ ଏଠି କର୍ମ ଭିତରେ ପ୍ରତିଭା ପର୍ଯ୍ୟବେସିତ ନୁହେଁ ବରଂ କର୍ମ ଭିତରେ ତା'ର ଚିନ୍ତାଧାରା ଓ ଅନ୍ତରର ଅଭୀପ୍ସା ସଂସିଦ୍ଧ ! ଏହି ଗୁଂଜରିତ ମନ୍ତ୍ର ନବମାନବଙ୍କୁ ଜନ୍ମ ଦେଇ ନବ ଭାରତ ଓ ନବ ବିଶ୍ୱର ଗଠନରେ ନିଶ୍ଚୟ ବଢ଼ିଚାଲିବ ।

-୦-

ସଦସ୍ୟା, ଡ. ଏ.ପି.ଜେ. ଅବଦୁଲ୍ କଲାମ ଟ୍ରଷ୍ଟ,
ଖଲ୍ଲିକୋଟ, ଗଂଜାମ



# ପଲ୍ଲୀଚିତ୍ର ବାର୍ତ୍ତାବହ 'କାରା କବିତା' ବିଶ୍ୱଜୟୀ କବିତା

ରବୀନ୍ଦ୍ର କୁମାର ମହାପାତ୍ର

ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ କେବଳ ସତ୍ୟବାଦୀ ବନବିଦ୍ୟାଳୟ ସ୍ଥାପନ କରି, ଏକ ମଣିଷ ତିଆରି କାରଖାନା ସୃଷ୍ଟି କରିନଥିଲେ ବରଂ ସେ ଥିଲେ ଦେଶଭକ୍ତ, ବିପ୍ଳବୀ, ବାଗ୍ମୀ, କବି, ବିଶ୍ୱ ଭ୍ରାତୃଭାବ ଚେତନାର ଜଣେ ବଳିଷ୍ଠ ସମାଜ ସଂସ୍କାରକ ଓ ସର୍ବୋପରି ଓଡ଼ିଆ ଭାଇଙ୍କ ପାଇଁ ପଶ୍ଚିମବଙ୍ଗର ପ୍ରଥମ ଶ୍ରମିକ ନେତା । ତ୍ୟାଗ, ସେବା, ଦାନର ସେ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ । ସେ ସମୟର ଅନଗ୍ରସର ଓଡ଼ିଆଙ୍କ ପାଇଁ ସେ ଥିଲେ ତ୍ରାଣକର୍ତ୍ତା । ତାଙ୍କର ପ୍ରତ୍ୟେକ ରଚନାବଳୀ ଓଡ଼ିଆ ଜାତି ପାଇଁ ମହାର୍ଘ୍ୟ ବିଶେଷତଃ କାରାଗାର କବିତାରେ ପଲ୍ଲୀଚିତ୍ରକୁ ସେ ହୃଦୟସ୍ପର୍ଶୀ କରିପାରିଛନ୍ତି ।



ପୂର୍ବ ପୁରୁଷର ପବିତ୍ର ଶ୍ମଶାନ,
ଦେଶର ଜାତିର ଗୌରବ ମାନ ।

ପୁରୁଷାନୁକ୍ରମେ ବ୍ୟବହାର ଶ୍ମଶାନକୁ ଦେଶ ଜାତି ପାଇଁ ଗୌରବ ମଣ୍ଡିତ କରାଇଛନ୍ତି । ଶ୍ମଶାନର ପ୍ରତ୍ୟେକ ଧୂଳିକଣାରେ ସେ ବୀରପୁଙ୍ଗବ ମାନଙ୍କର କୀର୍ତ୍ତିକୁ ଦୋହରାଇଛନ୍ତି । ଆମେ ପୁଣ୍ୟାତ୍ମାଙ୍କ ସହ ପୂର୍ବସୂରୀଙ୍କୁ ଅନୁସରଣ କରିବା ଅନସ୍ୱୀକାର୍ଯ୍ୟ ।

ଅରଟ ଚଳାଅ ପ୍ରତି ଘରେ ଘରେ,
ଗ୍ରାମର କଳହ ତୁଟାଅ ଗ୍ରାମରେ ।

ଗ୍ରାମବାସୀମାନେ ସ୍ୱାବଲମ୍ବୀ ହେବା ଓ ଗାଁର କଳହ ପଲ୍ଲୀ ନ୍ୟାୟାଳୟରେ ତୁଟାଇବା ପାଇଁ ଉତ୍କଳମଣିଙ୍କର ମାର୍ମିକ ଭାବନା ।

ଉତ୍କଳ ସେ ପୁଣ୍ୟ ସ୍ରୋତ ଶତ ଧାରେ,
ବହେ ପୁରପଲ୍ଲୀ କାନ୍ତାରେ ପ୍ରାନ୍ତରେ ।

ଗାନ୍ଧିଜୀଙ୍କ ସ୍ୱରାଜ୍ୟ ସାଧନା ପାଇଁ ଅହିଂସା ବ୍ରତ ସ୍ରୋତ ଉତ୍କଳର କୋଣ ଅନୁକୋଣେ ପ୍ରବାହିତ ହେବା ପାଇଁ ଉତ୍କଳମଣିଙ୍କୁ ପୂର୍ଣ୍ଣ ମାତ୍ରାରେ ଅନୁପ୍ରାଣିତ କରିଥିଲେ ।

ମାତ୍ର ଉତ୍କଳୁଁ ମୁଁ ଯାଉଛି ଯେ ଦୂରେ,
ବାଜିଲେ ଏ ବାର୍ତ୍ତା କାଲି ପଲ୍ଲୀପୁରେ ।
ଜାଣେ ଉତ୍କଳର କେତେ ନରନାରୀ,
ବ୍ୟଥିତ ପରାଣେ ହେବେ ନିଷ୍ଠେ ଘାରି ।

ଇଂରେଜ କଟୁଆଳ ଗୋପବନ୍ଧୁଙ୍କୁ ବନ୍ଦୀ କରି କାରାଗାରକୁ ନେବା ବାର୍ତ୍ତା ଉତ୍କଳର ପୁରପଲ୍ଲୀରେ ନିଶ୍ଚିତ ପହଞ୍ଚିବ ଓ ଉତ୍କଳର ମୋ ଭାଇଭଉଣୀ ବ୍ୟଥିତ ହେବେ ବୋଲି ଗୋପବନ୍ଧୁ ଦୃଢ଼ ନିଶ୍ଚିତ ଥିଲେ ।

ଦୁଷ୍ଟ ମହାଜନ ଗ୍ରାମ କଟୁଆଳ,
ପ୍ରଜାରକ୍ତ ଶୋଷି କେତେ ଜମିଦାର ।
ହରନ୍ତି ସର୍ବସ୍ୱ ବଜାଇ ପ୍ରହାର,
ଉତ୍କଳର କନ୍ୟା କେତେ ନାରଖାର ।

ଇଂରେଜମାନଙ୍କ ଠାରୁ ସାମାନ୍ୟ ଲାଭ ପାଇ ସେମାନଙ୍କ ପାଖରେ ଗୋଲାମୀ କରୁଥିବା ଦୁଷ୍ଟ ମହାଜନ ଓ ଜମିଦାରଙ୍କ ଅତ୍ୟାହଚାରରେ ପଲ୍ଲୀ କବଳିତ ଓ ଓଡ଼ିଆ କନ୍ୟାରତ୍ନର ନାରଖାର ବିଭୀଷିକାରେ ସେ ଖୁବ୍ ମର୍ମାହତ ଥିଲେ ।

ପଡ଼ିଅଛି କାହିଁ ଦିଅବା ଚାଳିଆ
ଶ୍ମଶାନ ପରାୟେ ଦିଶେ ନିଛାଟିଆ ।

ବ୍ରିଟିଶ୍ ଅତ୍ୟାଚାର ଓ କଠୋର ଶାସନର ନମୁନା ଟିକସ ସେତେବେଳେ ସରଳ ଗ୍ରାମବାସୀଙ୍କୁ ଗ୍ରାମତ୍ୟାଗ କରିବାକୁ ପଡ଼ିଥିଲା । ପଲ୍ଲୀର ନିଃସଙ୍ଗ ସରସ ବିହୀନ ପଲ୍ଲୀ ଜୀବନ ଉତ୍କଳମଣିଙ୍କ ପ୍ରାଣକୁ ଆନ୍ଦୋଳିତ କରିଥିଲା ।

ପଶିଗଲେ ଗ୍ରାମେ ନଶୁଭେ ଶବଦ,
ବେଦମନ୍ତ୍ର ଅବା ଭାଗବତ ପଦ ।
ଗ୍ରାମବାସୀ ଗଣେ ନାହିଁ ପୂର୍ବବଳ,
ଶିଶୁ ଖେଳେ ଦାଣ୍ଡ ନ ହୁଏ ଉଦ୍ବେଳ ।

ଗ୍ରାମର ଗୋକୁଳ କ୍ରମେ ଅତିକ୍ଷୀଣ,
ଯେଣେ ଅନାଇବ ସବୁ ଶିରିହୀନ ।

ପଲ୍ଲୀର ଚଳଚଞ୍ଚଳ ଜୀବନ ଉତ୍କଳମଣିଙ୍କୁ ଖୁବ୍ ଆନନ୍ଦ ଦିଏ । ମନ୍ଦିର ଦେବମନ୍ତ୍ର, ପିଣ୍ଡାରେ ଭାଗବତ ପାଠ, ଗ୍ରାମବାସୀଙ୍କର ଏକତା ଓ ଦାଣ୍ଡରେ ଶିଶୁ ଖେଳ ଦୃଶ୍ୟ, ତାଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା । ପରନ୍ତୁ ବ୍ରିଟିଶ ଅତ୍ୟାଚାରରେ ଭଗ୍ନମନ୍ଦିର ପଙ୍କମୟ ଜଳାଶୟ, ଗୋ ଜାତିର କଷ୍ଟ ଓ ସାଧାରଣ ଗ୍ରାମବାସୀଙ୍କ ଭିତରେ ସ୍ୱାର୍ଥଲୋଭୀ, ଶାସକମାନଙ୍କ ଦ୍ୱାରା ଏକତା ଭଗ୍ନ ଦୃଶ୍ୟ ତାଙ୍କୁ ମର୍ମାହତ କରିଥିଲା ।

ଗ୍ରାମେ ପଞ୍ଚପରା ପରମ ଈଶ୍ୱର,
କରପୁଣି ଗ୍ରାମେ ସ୍ଥାପନା ତାଙ୍କର ।
ସର୍ବେ ବାନ୍ଧିମେଳ ତାଙ୍କୁ ମାନି ଚଳ,
ପ୍ରକାଶିକ ଗ୍ରାମେ ପୁଣି ନବବଳ ।

ପଲ୍ଲୀର ପଞ୍ଚମ ଈଶ୍ୱର, ଚେତନାର ବିଚାର, ନ୍ୟାୟାଳୟ ଠାରୁ ଉତ୍ତମ ବାର୍ତ୍ତାଟି କାରାକବିତାରେ ଅନୁଭବ୍ୟ ।

ଗ୍ରାମ ବିଚାରରେ ସକଳେ ସମାନ,
ଛାଡ଼ିମନୁ ବଡ଼ ସାନ ଅଭିମାନ ।
ସ୍ୱରାଜ୍ୟ ଧରମେ ନାହିଁ ଭେଦଜ୍ଞାନ,
ସମସ୍ତେ ଯେ ଏକ ମାତାର ସନ୍ତାନ ।

ପୁଣ୍ୟାତ୍ମା ଉତ୍କଳମଣି ବିଶ୍ୱ ଭ୍ରାତୃଭାବ ଲବ୍ଧ ସ୍ୱରାଜ୍ୟ ପ୍ରାପ୍ତି ପାଇଁ ପଲ୍ଲୀବାସୀମାନଙ୍କୁ ଏକତା ମନ୍ତ୍ରରେ ଦୀକ୍ଷିତ ହେବାପାଇଁ ଓ ଭେଦଭାବ ସାନବଡ଼ ଭାବନାକୁ ମନରୁ ତ୍ୟାଗ କରିବା ପାଇଁ ଆହ୍ୱାନ କରିଥିଲେ ।

ସତ୍ୟ ଶାନ୍ତି ପଥେ ଚାଲ ଅବିରତ,
ଗ୍ରାମେ ଗ୍ରାମେ ସର୍ବେ କର ପଞ୍ଚାୟତ ।

ଇଂରେଜ ଶାସନଙ୍କ ଅତ୍ୟାଚାରକୁ ଭ୍ରୂକ୍ଷେପ ନକରି, ଅହିଂସା ମାର୍ଗରେ ସତ୍ୟ ଶାନ୍ତି ବଳରେ ସ୍ୱରାଜ ପାଇଁ ଲଢ଼େଇ କରିବାକୁ ତାଙ୍କ ପରାମର୍ଶ ଉଚ୍ଚଦର୍ଶନ ପୂର୍ଣ୍ଣ । ଗ୍ରାମେ ଗ୍ରାମେ ପଞ୍ଚାୟତ କରି ଉତ୍କଳର ଅଖଣ୍ଡତାକୁ ବଜାୟ ରଖିବାକୁ ତାଙ୍କର ମହତ ଆକାଂକ୍ଷା କାରାକବିତାରେ ପରିସ୍ଫୁଟ ।

ପ୍ରାତଃରୁ ଗୋଧୂଳି ପର୍ଯ୍ୟନ୍ତ ଚଳଚଞ୍ଚଳ ପଲ୍ଲୀ ଜୀବନର ସରସତାର ଚିତ୍ର ବେଶ୍ ମନୋହର । ରୋମାଞ୍ଚ କାହାଣୀ ନିମ୍ନ କାରାଗାର କବିତାରେ ପଂକ୍ତିରେ ମଧ୍ୟ ପରିସ୍ଫୁଟ ।

ଗ୍ରାମ ସୀମନ୍ତିନୀ ଚହଲାଇ ପାଣି
କଳସରେ ଯେବେ ନିଅନ୍ତି ଭରି,
ନୀଳମଣି ଦାମ ଯାଏ ସେ ଲହରୀ
ଖଣ୍ଡଦୂର କ୍ଷଣେ ଯାଏ ପ୍ରସରୀ ।
ଗାଈଆଳ ପିଲା ଗୋଠୁଁ ବାହୁଡ଼ାଇ,
ଆଣୁଥାଏ ଗାଈ ବେଣୁ ବଜାଇ,
ହାଟକାମ ସାରି ଫେରନ୍ତି ବେପାରୀ
ଭଙ୍ଗି ଚଉପଦୀ ପଦ ପକାଇ ।
ଯାଉଁଳି କାନ୍ଧରେ କେତେ ବା ବନ୍ଧରେ
ଭଉଣୀ ଆଗରେ ଚାଲଇ ଭାଇ,
ଶାଶୂଘର ନିଏ ସନ୍ଧ୍ୟା ଦେଖି କହେ
ଦାଣ୍ଡେ ଗୋଡ଼ କାଢ଼ି ଚାଲିବା ପାଇଁ ।

ସାଧାରଣ ଗ୍ରାମବାସୀ ବିଲରୁ ଫେରୁଥିବା ମନ ଫୁଲାଣିଆ ପଲ୍ଲୀ ଭାବନାକୁ ଉତ୍କଳମଣି ନିମ୍ନ ପଂକ୍ତିମାନଙ୍କରେ ଦୋହରାଇଛନ୍ତି ।

ହଳ ଲେଉଟାଇ ଆସୁଥାଏ ଭୋଇ
ମୁଣ୍ଡେ ଘାସଗୋଛା ହାତେ ପାଞ୍ଚଣ,
ବଳଦ ଅଡ଼ାଇ ଦିଏ କେବେ ଗାଇ
କିମ୍ବା ଗାଁ ଛାଡ଼ି ଗଲୁତୁ ଲଇକ୍ଷଣ ।

ଅତଏବ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ କାରାକବିତାରେ ପଲ୍ଲୀ ଜୀବନର ନିଚ୍ଛକ ବାର୍ତ୍ତା ନିଶ୍ଚୟ ମନମୁଗ୍ଧ । ପଲ୍ଲୀ ଜୀବନର ସରସତା ଚିତ୍ରରୁ ସେ ବିଶ୍ୱ ଭାତୃଭାବନାର ମୂଳଦୁଆ ପକାଇଥିଲେ । ତାଙ୍କର ଉଦାରତା, ତ୍ୟାଗ, ବୈପ୍ଳବିକ ଚିନ୍ତାଧାରା ଓ 'ଉତ୍କଳର ମୋର ହେ-ଭାଇ ଭଉଣୀ' ସମ୍ବୋଧନ ନିଶ୍ଚିତ ରୂପେ ଅନନ୍ୟ । ତେଣୁ ତାଙ୍କ କାରାକବିତାର ପଲ୍ଲୀ ଚିତ୍ର ବିଶ୍ୱ ଭାଇଚାରାକୁ ସ୍ୱାଗତ କରେ । ସର୍ବାଦୌ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ତ୍ରିଭୂବନ କବି କହିଲେ, ବୋଧେ କିଛି ଭୁଲ ହେବନାହିଁ ।

-୦-

କଲ୍ୟାଣ ବିହାର, ହାଇଟେକ୍ ପ୍ଲାଜା ନିକଟ, ସୁନ୍ଦରପଦା,
ଭୁବନେଶ୍ୱର-୭୫୧୦୦୨
ସଂପର୍କ: ୮୮୯୫୭୫୮୮୬୦



# କଲାମଙ୍କୁ ମମତାର ଚିଠି

ମମତା ପାଢ଼ୀ

ହେ କଲାମ,

ମୁଁ କାହାକୁ ଜଣାଇବି ମୋ ମନରି କଥା ଜାଣେ ନାହିଁ କେଉଁ ଆଲୋକ ମୋତେ କରିଦେବ ପଥାଲୋକ । ତଥାପି ମୁଁ ରଖିଛି ଆଶା ତୁମରି ପଥେ ଅନୁସରଣ ପାଇଁ । ଆପଣ ଜାଣିଛନ୍ତି କି ଆପଣ ଗଲାପରେ ସମାଜର ଅବସ୍ଥା । ତଥାପି ମୁଁ ରଖିଛି ଆଶା ତୁମରି ପଥ ଅନୁସରଣ ପାଇଁ ।

ଯେତେବେଳେ ମୁଁ ରାସ୍ତାରେ ଦେଖେ ଜଣେ ଝିଅ ନାଳନର୍ଦ୍ଦମାର ଅଳିଆଗଦାରୁ ବାଛିନିଏ କିଛି ପ୍ଲାଷ୍ଟିକ୍ ବୋତଲ ସବୁ... ଇସ୍ ମୋ ମନ କହେ କାହିଁକି ମୁଁ ଦୁଃଖ କରୁଛି ବିଚଳିତ ହେଉଛି, ଯଦି ମୁଁ ଭଲ ପରିବେଶରେ ଅଛି, କାହିଁକି ମୋ କର୍ମକୁ ନିନ୍ଦୁଛି ଯଦି ସେହି ଝିଅଠୁ ତ ବେଶ୍ ଭଲରେ ଅଛି ।

କି ଦୁଃଖ ସେମାନଙ୍କ ଜୀବନଶୈଳୀ ଦିନରାତି ଅପରିଷ୍କାର ସ୍ଥାନରୁ କିଛି ସଂଗ୍ରହ କରି ନିଜ ପେଟ ପୋଷିବା ଗୋଟିଏ ବୃତ୍ତି ଭାବି ନେଇଛନ୍ତି । ଶିକ୍ଷା, ସଂସ୍କାର, ସୁସ୍ଥ ପରିବେଶ, ସୁସ୍ଥ ଖାଦ୍ୟ, ପୋଷାକ, ବାସସ୍ଥାନରୁ ଦୂରେଇ ମଧ୍ୟ ବଞ୍ଚିବା ପାଇଁ ପ୍ରଚେଷ୍ଟା ପ୍ରୟାସ ଜାରି ରଖିଛନ୍ତି ।

କ'ଣ ଏ ସମାଜରେ ହାତପାତି ଭିକ୍ଷାବୃତ୍ତି କରୁଥିବା, ଆଳସ୍ୟମୟ ଜୀବନଯାପନ କରୁଥିବା, ଚୋରି, ଡକାୟତି, ଠକାମି କରି ଜୀବନଯାପନ କରୁଥିବା ବ୍ୟକ୍ତି, ସେହି ପ୍ଲାଷ୍ଟିକ୍ ବୋତଲ ସଂଗ୍ରହ କରୁଥିବା ଝିଅଠୁ କିଛି ଶିଖି ପାରିଲାନି ? ତଥାପି ମୁଁ ରଖିଛି ଆଶା ତୁମରି ପଥ ଅନୁସରଣ ପାଇଁ ।

ହେ କଲାମ,

ମନେହୁଏ ସତେ ଯେମିତି ମୁଁ ପହଞ୍ଚିଯିବି ଅସହାୟ ମା'ର ପଣତକାନି ଧରିବା ପାଇଁ କିନ୍ତୁ ଚେଷ୍ଟିତ ମନକୁ ଅର୍ଥର ବାଧକତା ପଥରୋଧ କରିଦିଏ । ତଥାପି ମୁଁ ରଖିଛି ଆଶା ତୁମରି ପଥ ଅନୁସରଣ ପାଇଁ । ଦିନେ ଗୋଟିଏ ମା' ତା'ର ୧୨ ବର୍ଷର ପୁଅର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ସହାୟତା ପାଇଁ ହାତ ପତେଇଛି । ମା'ର ମମତା ଯେତିକି ବ୍ୟସ୍ତ, ତା' ମନ ଯେତିକି ଛଟପଟ ହେଉଥାଏ, ତା'ର ବେଦନା ସହାୟତା ଦେବା ବ୍ୟକ୍ତିର ହୃଦୟ ସେମିତି ନଥାଏ । ସେଥିପାଇଁ ବୋଧେ ମା'ର ମମତାର ବ୍ୟାକୁଳତା ପଛରେ ଥିବା କରୁଣ ବେଦନା ଆମକୁ ବ୍ୟତିବ୍ୟସ୍ତ କରେନାହିଁ । କାହିଁକି କେଜାଣି ଏ ସମାଜ ତଥାପି ମୁଁ ରଖିଛି ଆଶା ତୁମରି ପଥ ଅନୁସରଣ ପାଇଁ ।

ହେ କଲାମ,

ଏମିତି ହିଁ ଆଉ ଗୋଟିଏ ଜୀବନ୍ତ ଘଟଣା ମୋରି ସାମ୍ନାରେ ଜଣେ ପାଗଳ ବୃଦ୍ଧ ବ୍ୟକ୍ତି ପ୍ରତିଦିନ ଆସେ ହସପିଟାଲକୁ କାହାକୁ କିଛି କ୍ଷତି ନ ପହଞ୍ଚାଇ ଆସେ ଏବଂ ଯାଏ । ଅନୁଭବ ହୁଏ ଯେମିତି କି ସେ କିଛି ଖାଇବା, ପାଣି, ଔଷଧ ମୋଠୁ ନେଲାପରେ ଚାଲିଯାଏ । ମୋତେ ଚାହିଁ ରହିଥାଏ କିଛି କୁହେନାହିଁ । କି ଦାରୁଣ୍ୟ ଦୃଶ୍ୟ । କିଏ ସେହି ପୁତ୍ର ଏପରି ବୃଦ୍ଧ ବାପାଙ୍କୁ ପାଗଳ ଭାବି ଛାଡ଼ିଦେଇଛି । ତଥାପି ମୁଁ ରଖିଛି ଆଶା ତୁମରି ପଥ ଅନୁସରଣ ପାଇଁ ।

ହେ କଲାମ,

କଥା ହେଉ ହେଉ ପରିଚିତ ସେମିତିତ ଆଉ ଗୋଟିଏ ମହିଳା ଓ ତା'ରି କନ୍ୟା ସନ୍ତାନ ଦୁହେଁ ଅର୍ଦ୍ଧପାଗଳି କିନ୍ତୁ ସେ ଦୁହେଁ ପରଘର ପୋଛା, ବାସନା ସଫା କରି ବଞ୍ଚିବା ପାଇଁ ଚେଷ୍ଟିତ । କିନ୍ତୁ ଏହି ଘୃଣ୍ୟ ସମାଜର କିଛି ବ୍ୟକ୍ତି ଥଟ୍ଟା, ମଜା, ପରିହାସ କରି ଚାଲିଛନ୍ତି । ସେତେବେଳେ ସେ ଦୁହେଁ ବିକଳ ମନରେ ମୋ ଆସିବା ବାଟକୁ ଚାହିଁ ବସିଥାନ୍ତି କିଛି ସ୍ନେହର ଆସରା ପାଇଁ । ସେତେବେଳେ ମୁଁ କହେ ହେ କଳାଠାକୁର ତୁ ମୋତେ ଏତେ ଶକ୍ତି, ଧୈର୍ଯ୍ୟ ଦେ ଏସବୁକୁ କିଛି ସହାୟତା କରିପାରିବି । ସେତେବେଳେ ମୁଁ ମନେ ପକାଏ ଏହି ମୋ ପୂଜ୍ୟ ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଉତ୍ସର୍ଗ ଜୀବନ କାହାଣୀକୁ । ସହିପାରୁନି ଆଉ ଯଦି ମୋତେ ସାମର୍ଥ୍ୟ ଦେଇନାହିଁ ତୁମ ଭଳି କିଛି କରିବା ଦେଶର ଉନ୍ନତି ପାଇଁ ମନୋଭାବ, ତଥାପି ମୁଁ ରଖିଛି ଆଶା ତୁମରି ପଥ ଅନୁସରଣ ପାଇଁ ।

-୦-

ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ



# ନବଭାରତର ନିର୍ମାତା: ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

ବ୍ରଜରାଜ ମିଶ୍ର (ରାନୁ)

ଆଜି ମୋର ମନେ ପଡ଼େ ମୋର ସେହି ପିଲା ଦିନ କଥା । ମୁଁ ସେତେବେଳେ ପଢୁଥାଏ ଅଭ୍ୟାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ଉଆସ ସ୍କୁଲ), ଖଲ୍ଲିକୋଟରେ ତୃତୀୟ ଶ୍ରେଣୀ । ସବୁ କଥା ବୁଝିବାର ଶକ୍ତି ମୋ ମସ୍ତିଷ୍କରେ ଏତେ ସଂଗଠିତ ହୋଇ ନଥାଏ । ମୋର ପୂଜ୍ୟ ପ୍ରଧାନ ଗୁରୁଜୀ ୰ ପ୍ରଫୁଲ୍ଲ ଚନ୍ଦ୍ର ରଥ, ବଡ଼ଦାଣ୍ଡ ସାହି, ଖଲ୍ଲିକୋଟ ଆମକୁ ପ୍ରାର୍ଥନା ସଭାରେ କହିଲେ ଆଜି ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନ । ଆଜି ଜାଣିପାରୁଛି ସେହି ଦିନଟି ନିଶ୍ଚୟ ଅକ୍ଟୋବର ମାସ ୩୧ ତାରିଖ ହୋଇଥିଲା । ଲୌହମାନବର ଅର୍ଥ ବୁଝିବା ମୋ ପକ୍ଷେ ନୁହେଁ, ଅନେକ ଛାତ୍ରଛାତ୍ରୀମାନଙ୍କ ପାଇଁ କଷ୍ଟସାଧ ଥିଲା । ପ୍ରାର୍ଥନା ସଭାରେ ଉପସ୍ଥିତ ଥିଲେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ । ତେଣୁ ଗୁରୁଜୀ କହିଲେ ଲୌହ ଅର୍ଥ ଲୁହା ଓ ମାନବ ଅର୍ଥ ମଣିଷ । ମୁଁ ପୁରା ବୁଝିଗଲି । ଜାଣିପାରିଲି ଯେ ଆମଠାରୁ ଅଲଗା ପ୍ରକାରର ଜଣେ ମଣିଷ ଜନ୍ମଗ୍ରହଣ କରିଥିଲେ ତାଙ୍କର ନାମ ଥିଲା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ତାଙ୍କର ସଂପୂର୍ଣ୍ଣ ଦେହଟି ଲୁହାରେ ତିଆରି । ମଣିଷ ପୁଣି ଲୁହାରେ ତିଆରି ! ଭାରି କୌତୁହଳର ବିଷୟ ! ଖୁସି ଲାଗିଲା । ତା'ପରେ ପ୍ରଧାନ ଗୁରୁଜୀ ପ୍ରାର୍ଥନା ସଭାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବିଷୟରେ କିଛି ବିସ୍ତୃତ ଜ୍ଞାନ ପ୍ରଦାନ କଲେ । ମନ ଧ୍ୟାନ ଦେଇ ଶୁଣୁଥାଏ । ଲୌହମାନବର ସଠିକ୍ ଅର୍ଥ ବୁଝି ହସିଲି । ଜାଣି ପାରିଲି ଯେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନିଷ୍ଠା ଲୁହା ଭଳି ଶକ୍ତ ଥିଲା ତେଣୁ ସେ ଲୌହମାନବ ରୂପରେ ସୁପରିଚିତ । ବଡ଼ ହେଲାପରେ ତାଙ୍କ ବିଷୟରେ କିଛି ବହି ପଢ଼ିବାକୁ ଆଗ୍ରହ ପ୍ରକାଶ କଲି ।

ଜାଣିବାକୁ ପାଇଲି, ପୂଜ୍ୟ ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ତାରିଖର ସଠିକ୍ ପଞ୍ଜୀକୃତ ପ୍ରମାଣ ପତ୍ର ନଥିଲେ ମଧ୍ୟ ସେ ୩୧ ତାରିଖ ଅକ୍ଟୋବର ମାସ ୧୮୭୫ ମସିହାରେ ନିଜ ଜନ୍ମତାରିଖ ଭାବେ ମାଟ୍ରିକ୍ ପରୀକ୍ଷା ପାଇଁ ଉଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କ ତଥ୍ୟ ଦାନ ପତ୍ରରେ ଲିପିବଦ୍ଧ କରିଥିଲେ । ବହୁ ବିଳମ୍ବ ତଥା ୨୨ ବର୍ଷ ବୟସରେ ମେଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ଇଂଲଣ୍ଡରେ ଉଚ୍ଚଶିକ୍ଷା ଲାଭ କରି ଓକିଲ (ବାରିଷ୍ଟର) ଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ ।

ନବଭାରତର ନିର୍ମାତା କ୍ରମରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅଗ୍ରଗଣ୍ୟ । ମଣିଷର ନିୟମ, ନିଷ୍ଠା ଓ ଦୃଢ଼ ସଂକଳ୍ପ ସାଧାରଣ ମଣିଷକୁ ଅସାଧାରଣ ରୂପେ ଗଢ଼ି ତୋଳିଥାଏ । ଏଥିରେ ଦ୍ୱିମତ ନାହିଁ । ନିଜର ଦୃଢ଼ ସଂକଳ୍ପ ବଳରେ ସ୍ୱାଧୀନ ଭାରତର ଜଣେ ମହାନ୍ ଜନନେତା ହୋଇ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମଧ୍ୟରେ ଶୃଙ୍ଖଳା ସୃଷ୍ଟି କରି ରାଜ୍ୟଗୁଡ଼ିକୁ ଭାରତରେ ମିଶାଇ ଦେଇ ଶକ୍ତିକୁ ଦୃଢ଼ୀଭୂତ କରିପାରିଥିଲେ ।

ସେତେବେଳେ କେତେକ ଗଡ଼ଜାତ ରାଜା ବ୍ରିଟିଶ୍ଙ୍କ ନିକଟରେ ଆତ୍ମସମର୍ପଣ କରିବା ଫଳରେ ଇଂରେଜ ଶାସକମାନଙ୍କୁ କୌଣସି ଟିକସ ନଦେଇ ଗଡ଼ଗୁଡ଼ିକରେ ରାଜାମାନେ ରାଜତ୍ୱ କରୁଥିଲେ । ସେହି ଗଡ଼ଜାତ ରାଜ୍ୟଗୁଡ଼ିକ ମଧ୍ୟରେ କାଶ୍ମୀର, ହାଇଦ୍ରାବାଦ୍, ମହୀଶୂର ଓ ଟ୍ରାଭାନକୋର (ତ୍ରିଭେନ୍ଦ୍ରମ୍) ଇତ୍ୟାଦି ପ୍ରମୁଖ ସ୍ୱାଧୀନ ରାଜ୍ୟ ଥିଲେ । ଓଡ଼ିଶାର ମୟୂରଭଂଜ ମଧ୍ୟ ସେତେବେଳେ ସ୍ୱାଧୀନ ଗଡ଼ ଭାବରେ ଭାରତରୁ ପୃଥକ୍ ଥିଲା । କେତେକ ସ୍ୱାଧୀନ ରାଜ୍ୟରେ ରାଜାମାନେ ପ୍ରଜାଙ୍କୁ ଶୋଷଣ କରୁଥିଲେ । ଓଡ଼ିଶାରେ ମଧ୍ୟ ରାଜାଙ୍କ ଦ୍ୱାରା ଶୋଷଣ ହେଉଥିବା କେତେକ ସ୍ୱାଧୀନ ଗଡ଼ଜାତ ରାଜ୍ୟ ଥିଲା । ଯାହାକୁ ଅନ୍ଧାରିମୂଳକ କୁହାଯାଉଥିଲା । ବ୍ରିଟିଶ୍ ଆମ ଦେଶ ଛାଡ଼ିବା ବେଳେ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ସମେତ ଭାରତ ଓ ପାକିସ୍ତାନକୁ ସ୍ୱାଧୀନ କରିଥିଲା । ଏହିପରି ମୋଟରେ ୫୬୫+୧+୧= ୫୬୭ଟି ରାଜ୍ୟରେ ଭାରତକୁ ଖଣ୍ଡବିଖଣ୍ଡିତ କରି ଦେଇଥିଲେ ଇଂରେଜ ସରକାର । ସ୍ୱାଧୀନତା ପରେ ସେହି ଖଣ୍ଡ ରାଜ୍ୟଗୁଡ଼ିକୁ ଭାରତରେ ମିଶେଇବାକୁ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଦାୟିତ୍ୱ ଭାରତ ଅର୍ପଣ କରିଥିଲେ ।

ଆଇସିଏସ୍ ଅଧିକାରୀ ଭି.ପି. ମେନନ୍ ପୂଜ୍ୟ ପଟେଲଙ୍କୁ ରାଜ୍ୟମିଶ୍ରଣ କାର୍ଯ୍ୟରେ ସହଯୋଗ କରିଥିଲେ । ସେହିଭଳି ଓଡ଼ିଶାର ସ୍ୱାଧୀନ ଗଡ଼ଗୁଡ଼ିକ ଭାରତରେ ମିଶାଇବା ପାଇଁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ଦେଶର ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ । ରାଜାମାନେ କିପରି ବିଳାସ ବ୍ୟସନ ପରିତ୍ୟାଗ କରି ଭାରତରେ ମିଶିବେ ସେହି ସମୟରେ ସୃଷ୍ଟି କରିଥିଲା ଏକ ବିରାଟ ପ୍ରଶ୍ନବାଚୀ । ତେଣୁ ସଂପୃକ୍ତ ରାଜାମାନଙ୍କୁ ଲାଳାୟିତ କରିବା ପାଇଁ କିଛି ପ୍ରସ୍ତାବ ଆଗତ କରିଥିଲେ ସର୍ଦ୍ଦାର ପଟେଲ୍ । ଯଥା–

୧. ରାଜାମାନେ ଯେଉଁ ପରିମାଣ ରାଜସ୍ୱ ଆଦାୟ କରୁଥିଲେ ସେହି ପରିମାଣର ଆୟକର ମୁକ୍ତ ଅର୍ଥରାଶି ହାତପାଣ୍ଠି ହିସାବରେ ଦିଆଯିବ ।
୨. ରାଜ୍ୟର ପରମ୍ପରା ଅକ୍ଷୁଣ୍ଣ ରହିବ ଓ ଗାଡ଼ି ନମ୍ବରର ସଂକେତ ଅପରିବର୍ତ୍ତିତ ରହିବ । (ଉଦାହରଣ ସ୍ୱରୂପ ଓ.ଆର୍-୦୭, ଓ.ଆର୍.-୦୨ ଭଳି)
୩. ମହାରାଜାଙ୍କୁ ପାଣି ଓ ବିଜୁଳି ମାଗଣାରେ ଉପଲବ୍ଧ ହେବ ।
୪. ନିଶୁଳ୍କରେ ମଦ ଓ ଅସ୍ତ୍ରଶସ୍ତ୍ର ଆମଦାନୀର ସୁବିଧା ପାଇବେ ।
୫. ରାଜାଙ୍କର ଜନ୍ମଦିନକୁ ଗଡ଼ରେ ଛୁଟି ଘୋଷଣା କରିପାରିବେ ।
୬. ରାଜାମାନେ ଦେଶର ରାଜଧାନୀ ଦିଲ୍ଲୀ ଗଲେ ୨୧ ବନ୍ଧୁକ ବିଶିଷ୍ଟ ଅଭିବାଦନ ଦିଆଯିବ ।
୭. ବିଦେଶ ଭ୍ରମଣ ପାଇଁ ରାଜାମାନଙ୍କୁ କୁଟନୈତିଜ୍ଞ ପ୍ରବେଶାନୁମତି ଭାରତ ସରକାର ପ୍ରଦାନ କରିବେ ।

ରାଜାମାନଙ୍କୁ ଉପରୋକ୍ତ ସୁବିଧା ସୁଯୋଗ ଗୁଡ଼ିକର ପ୍ରଲୋଭନ, ସ୍ୱାଧୀନ ଗଡ଼ଜାତ ରାଜ୍ୟ ଗୁଡ଼ିକୁ ଏକତ୍ରିକରଣ କରିବାରେ ଅସ୍ତ୍ର ରୂପେ ସର୍ଦ୍ଦାର ପଟେଲଙ୍କୁ ସହାୟ ହୋଇଥିଲା । ତଥାପି ସ୍ୱାଧୀନ ନବାବ ଶାସିତ ହାଇଦ୍ରାବାଦ ଖଣ୍ଡରାଜ୍ୟ ପାକିସ୍ଥାନର ଶାସନ ପଞ୍ଜୁରିରେ ଆଶ୍ରୟ ନେବାକୁ ଇଚ୍ଛା ପ୍ରକଟ କରୁଥିବାରୁ ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲ ହାଇଦ୍ରାବାଦକୁ ଭାରତରେ ମିଶାଇବା ପାଇଁ ଦୀର୍ଘ ୪ ଦିନ ପୋଲିସ୍ ବାହିନୀ ଓ ସୈନ୍ୟ ବାହିନୀର ସହାୟତା ନେଇ କୃତକାର୍ଯ୍ୟ ହୋଇଥିଲେ । କାଶ୍ମୀର ରାଜା ହରି ସିଂହ ଶେଷ ପର୍ଯ୍ୟନ୍ତ ନିଜକୁ ସ୍ୱାଧୀନ ରଖିଥିଲେ । ଏହାର ସୁଯୋଗ ନେଇ ପାକିସ୍ଥାନର ଲସ୍କର ବାହିନୀ ରାଜା ହରି ସିଂହଙ୍କର ରାଜ୍ୟକୁ ବାରମ୍ବାର ଆକ୍ରମଣ କଲେ । କୌଣସି ଉପାୟ ନପାଇ ହରି ସିଂହ ଭାରତ ସହ ନିଜର ସ୍ୱାଧୀନ ରାଜ୍ୟ ମିଶ୍ରଣ ପାଇଁ ଚୁକ୍ତିନାମାରେ ସ୍ୱାକ୍ଷର କରି ଭାରତୀୟ ସୈନ୍ୟ ବାହିନୀଙ୍କ ଆଶ୍ରୟ ଲୋଡ଼ିଥିଲେ । ସୈନ୍ୟ ବାହିନୀ ପହଞ୍ଚିଲା ବେଳକୁ ଲସ୍କର ବାହିନୀ ଜାମ୍ମୁ କାଶ୍ମୀରର କିଛି ଅଂଶ ଦଖଲ କରି ଦେଇଥିଲେ । ଯେଉଁ ଅଂଶ ଆଜି ମଧ୍ୟ ରହିଛି ପାକିସ୍ଥାନ କବଳରେ । କାଶ୍ମୀର ରାଜ୍ୟର ସେହି ଅଂଶକୁ ବର୍ତ୍ତମାନ ପାକିସ୍ଥାନ ଅଧିକୃତ କାଶ୍ମୀର (POK) କୁହାଯାଉଛି । ବଳକା ଅଂଶରେ ଲସ୍କର ବାହିନୀଙ୍କର ଅନୁପ୍ରବେଶକୁ ଅବରୋଧ କଲେ ଭାରତୀୟ ସୈନ୍ୟବାହିନୀ । ସେହି ଅଂଶ ଆଜି ଭାରତ ବର୍ଷର ଶିଖର ମଣ୍ଡନ କରିଛି । ହରି ସିଂହ ଯଦି ଭାରତର ଶରଣାପନ୍ନ ହୋଇନଥାନ୍ତେ କିମ୍ବା ଭାରତୀୟ ସୈନ୍ୟବାହିନୀ ଯଦି ଉଚିତ୍ ସମୟରେ ଉଚିତ୍ ପଦକ୍ଷେପ ନେଇ ନଥାନ୍ତେ, ତେବେ ଆଜି ସମଗ୍ର ଜାମ୍ମୁ କାଶ୍ମୀର ରହିଥାନ୍ତା ପାକିସ୍ଥାନ କବଳରେ ।

ସର୍ଦ୍ଦାର ପଟେଲଙ୍କର ଏହି ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ଏକତାର ପ୍ରତୀକ ଆଖ୍ୟା ସହ ଲୌହ ମାନବ ଉପାଧିରେ ଭୂଷିତ ହୋଇଥିଲେ । ହିନ୍ଦି, ଉର୍ଦ୍ଦୁ ଓ ପାର୍ସି ଭାଷାରେ ତାଙ୍କର ପାରଦର୍ଶିତା ଥିଲା । ଜନସାଧାରଣ ତାଙ୍କୁ ସର୍ଦ୍ଦାର ବୋଲି ସମ୍ବୋଧନ କରୁଥିଲେ । ସର୍ଦ୍ଦାର ହେଉଛି ସମ୍ଭ୍ରାନ୍ତମାନଙ୍କର ଏକ ଆଖ୍ୟା ଯାହା ଏକ ଜନଜାତି କିମ୍ବା ଗୋଷ୍ଠୀର ମୁଖିଆ କିମ୍ବା ନେତାଙ୍କୁ ସୂଚାଇବା ପାଇଁ ବ୍ୟବହୃତ ହୋଇଥାଏ । ତାଙ୍କର ସ୍ମୃତି ରକ୍ଷା ନିମନ୍ତେ ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସ ୩୧ ତାରିଖ ତଥା ଜନ୍ମଦିବସରେ ସାରା ଭାରତରେ ଜାତୀୟ ଏକତା ଦିବସ ପାଳନ କରାଯାଉଛି ।

ସ୍ୱାଧୀନତା ପୂର୍ବରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପ୍ରଶାସନିକ କ୍ଷେତ୍ରରେ କିଛି କମ୍ ଅଭିଜ୍ଞତା ହାସଲ କରିନଥିଲେ । ଇଂରେଜମାନଙ୍କ ସହ ମତଭେଦ ଥିଲେ ମଧ୍ୟ ସାଙ୍ଗସାଥୀମାନଙ୍କ ପ୍ରେରଣାରେ ସେ ଉତ୍ସାହିତ ହୋଇ ନିର୍ବାଚନରେ ବିଜୟ ଲାଭ କରି ଅହମ୍ମଦାବାଦ ପୌରପାଳିକାର ପ୍ରଶାସକ ଦାୟିତ୍ୱ ଭାର ଗ୍ରହଣ କରିଥିଲେ । ସହରର ସ୍ୱଚ୍ଛତା, ନାଳ ନର୍ଦ୍ଦମାର ଦୂଷିତ ଜଳ ନିଷ୍କାସନ, ସଡ଼କ, ବିଦ୍ୟୁତ୍ ଯୋଗାଣ ଏବଂ ଶିକ୍ଷା ଇତ୍ୟାଦିର ଗୁରୁତ୍ୱ ଓ ଉନ୍ନତି ଆଜି ମଧ୍ୟ ଏକ ଦୃଷ୍ଟାନ୍ତ ରୂପେ ଦଣ୍ଡାୟମାନ ।

ପଙ୍କରେ ପଦ୍ମ ବିକଶିତ ହେଲାଭଳି ଭାରତ ମାଟିର ସୁଯୋଗ୍ୟ ସନ୍ତାନ ପୂଜ୍ୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ପ୍ରତିଭା କ୍ଷିପ୍ର ଗତିରେ ବିକଶିତ ହେବାରେ ଲାଗିଥିଲା । ୧୯୧୭ ମସିହାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିଲେ ।

ଗୁଜୁରାଟ ରାଜ୍ୟର ପୁରପଲ୍ଲୀରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି ବ୍ରିଟିଶ୍ ବିରୁଦ୍ଧରେ ଅଭିଯୋଗ ପତ୍ର ଗ୍ରହଣ କରୁଥିଲେ । ଯାହା ଦ୍ୱାରା ବ୍ରିଟିଶ ସରକାରକୁ ଟିକସ ନଦେଇ ଗ୍ରାମବାସୀମାନଙ୍କୁ ଆନ୍ଦୋଳନ କରିବା ପାଇଁ ଉତ୍ସାହିତ କରି ସ୍ୱାଧୀନତା ସଂଗ୍ରାମକୁ ଶକ୍ତିଶାଳୀ କରିବା ପାଇଁ ଏକ ସୁଗମ ରାସ୍ତା ମଧ୍ୟ ଅତି ସହଜରେ ନିର୍ମାଣ କରି ପାରିଥିଲେ ପୂଜ୍ୟ ଲୌହ ମାନବ । ତାଙ୍କର ସମର୍ଥନ ଆସ୍ତେ ଆସ୍ତେ ସମଗ୍ର ଦେଶର ପୁରପଲ୍ଲୀରେ ବିସ୍ତାର ଲାଭ କରିଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକର ସହଯୋଗ ଓ ତତ୍ତ୍ୱାବଧାନରେ ଇଂରେଜ ସରକାରଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନକୁ ଦେଶବ୍ୟାପୀ ସମ୍ପ୍ରସାରଣ କରିବାରେ କୃତକାର୍ଯ୍ୟ ହୋଇପାରିଥିଲେ । ପୁରପଲ୍ଲୀରେ ସଙ୍ଗଠନ ଦୃଢ଼ିଭୂତ କରି ଦେଶର କୋଣ ଅନୁକୋଣରେ ଦେଶବ୍ୟାପୀ ଦେଶର ତାଜା ଖବର ଖୁବ୍ କମ ସମୟ ଭିତରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲେ । ଆଜିକାଲି ଭଳି ସେତେବେଳେ ନଥିଲା ବାର୍ତ୍ତା ପ୍ରେରଣର ସହଜ ରାସ୍ତା । ତଥାପି ଯେକୌଣସି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ପବନ ବେଗରେ ଦେଶର କୋଣ ଅନୁକୋଣେ ଖୁବ୍‌କମ୍ ସମୟ ଭିତରେ ପହଞ୍ଚି ଯାଉଥିଲା । ଉଦାହରଣ ସ୍ୱରୂପ 'ଲବଣ ସତ୍ୟାଗ୍ରହ'

ସମୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର କାରାବରଣ ବାର୍ତ୍ତା ମୁହୂର୍ତ୍ତକ ମଧ୍ୟରେ ଗୁଜୁରାଟ ସାରା ରାଜ୍ୟରେ ଖେଳି ଯାଇଥିଲା । ସ୍ୱାଧୀନତା ସଂଗ୍ରାମରେ ଆବଶ୍ୟକୀୟ ପାଣ୍ଠି ସଂଗ୍ରହ କରିବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ପ୍ରମୁଖ ଭୂମିକା ନେଇଥିଲେ ।

ଜାତିର ଜନକ ମହାତ୍ମା ଗାନ୍ଧୀଜୀଙ୍କ ଡାକରାରେ 'ଅସହଯୋଗ ଆନ୍ଦୋଳନ' ରେ ଯୋଗଦେଇ ଦ୍ୱିତୀୟ ଥର ପୁଣି ତାଙ୍କୁ କାରାବରଣ କରିବାକୁ ପଡିଥିଲା । ଯାହାର ଅବଧି ଥିଲା ଦୀର୍ଘ ୯ମାସର କାରାଦଣ୍ଡ ତାଙ୍କ ଶରୀରକୁ ଦୁର୍ବଳ କରି ଦେଇଥିଲା ।

ମହାତ୍ମା ଗାନ୍ଧୀଙ୍କ କେତେକ ନୀତି ସହ ପୂଜ୍ୟ ପଟେଲ ଦ୍ୱିମତ ହେଲେ ମଧ୍ୟ କାରାଗାରାରୁ ଫେରି ବ୍ରିଟିଶ ସରକାରଙ୍କୁ ଦେଶରୁ ତଡ଼ିବା ପାଇଁ ବାପୁଜୀଙ୍କର 'ଭାରତ ଛାଡ଼' ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ କରିଥିଲେ । ବ୍ରିଟିଶ୍ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସକ୍ରିୟ ଥିଲାବେଳେ ବାପୁଜୀ 'ଭାରତଛାଡ଼' ଆନ୍ଦୋଳନ ଆରମ୍ଭ କରି ବ୍ରିଟିଶ୍‌କୁ ଅଣନିଶ୍ୱାସୀ କରି ଦେଇଥିଲେ । ଫଳସ୍ୱରୂପ ପର ମୁହୂର୍ତ୍ତରେ ଭାରତ ଛାଡ଼ିବାକୁ ଇଂରେଜ ବାଧ୍ୟ ହୋଇଥିଲେ । ସର୍ଦ୍ଦାର ପଟେଲ ୧୯୩୪ ମସିହା ଏବଂ ୧୯୩୭ ମସିହାରେ ଜାତୀୟ କଂଗ୍ରେସ ଦଳର ସଭାପତି ଭାବରେ ନିର୍ବାଚିତ ହୋଇ 'ଭାରତ ଛାଡ଼' ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସର ରକ୍ଷଣଶୀଳ ସଦସ୍ୟମାନଙ୍କ ମଧ୍ୟରେ ଅନ୍ୟତମ ।

ସେହିଦିନ ଥାଏ ଉଣେଇଶହ ସତଚାଳିଶି ମସିହା ଅଗଷ୍ଟ ମାସ ୧୪ ତାରିଖ ରାତି ପ୍ରାୟ ୧୨ଟା । ଭାରତ ଛାଡ଼ ଆନ୍ଦୋଳନ ସଫଳ ହେଲା । ସ୍ୱାଧୀନତା ସଂଗ୍ରାମର ଅନ୍ତ ହେଲା । ଦେଶ ପାଇଲା ଐତିହାସିକ ସ୍ୱାଧୀନତା । ରାତି ଅଧରେ ଆମ ଦେଶ ଛାଡ଼ି ଚାଲିଗଲେ ବର୍ବର ଇଂରେଜ । ଭାରତୀୟ ଜାତୀୟ କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍ ପାର୍ଟି ଦ୍ୱୟର ଅଖଣ୍ଡ ଭାରତରେ ଚାଲିଲା ସିଂହାସନ ଲୋଭରେ ଘୋଡ଼ା ଦୌଡ଼ । ରାତାରାତି ଚାଲିଲା ଧର୍ମ ଭେଦ । ଅହିଂସା ସାମ୍ପ୍ରଦାୟିକ ହିଂସାର ରୂପ ନେଲା । ସେହି ହିଂସା ତୁରନ୍ତରୋକିବା ପାଇଁ ଦେଶହେଲା ବିଭାଜନ । ଭାରତ ମାତା ଯେଉଁ ଅଂଶରେ ମୁଣ୍ଡଟେକି ଜାତୀୟ ପତାକା ଉତ୍ତୋଳନ କରିବାକୁ ପ୍ରସ୍ତୁତ ହେଲା, ଭାରତରେ ସେହି ଅଂଶର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଆସନ ଅଳଙ୍କୃତ କରିବାପାଇଁ ଯୋଗ୍ୟ ମହାପୁରୁଷ ଥିଲେ ପୂଜ୍ୟ ସର୍ଦ୍ଦାର ଭାଇ ପଟେଲ । କିନ୍ତୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଅହେତୁକ ଅନୁରୋଧକୁ ସମ୍ମାନ ଦେଇ ତଥା ଦେଶର ସ୍ୱାର୍ଥ ଦୃଷ୍ଟିରୁ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ସ୍ୱାଗତ କରି ନିଜର ମହାନତା ପ୍ରଦର୍ଶନ କରିଥିଲେ ।

ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ପ୍ରଥମ ଗୃହମନ୍ତ୍ରୀ ଆସନରେ ଅଳଙ୍କୃତ ହୋଇ ନବନିର୍ମିତ ଭାରତର ପ୍ରଶାସନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ । ଗୃହମନ୍ତ୍ରୀ ହୋଇ ପ୍ରାଦେଶିକ ରାଜ୍ୟ ଗୁଡ଼ିକ ଏକାଠି କରିବା ତାଙ୍କର ଏକ ଉଲ୍ଲେଖନୀୟ ପଦକ୍ଷେପ । ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ତାଙ୍କର ଅବଦାନ ଅତୁଳନୀୟ । ବିଶ୍ୱାସ ଓ ସଚ୍ଚୋଟତା ବଳରେ କୃଷି ପ୍ରଧାନ ଦେଶ ଭାରତର କୃଷକ ମାନଙ୍କ ମନରେ ଜାଗରଣ ସୃଷ୍ଟି କରି ଭାରତ ବର୍ଷକୁ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଦେଶରେ ଶିଳ୍ପର ଅଭିବୃଦ୍ଧି ନିମନ୍ତେ ଶିଳ୍ପପତି ମାନଙ୍କୁ ପ୍ରେରଣା ଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ଅସହ୍ୟ ଗ୍ରୀଷ୍ମର ଉତ୍ତପ୍ତ ବାୟୁ ପ୍ରବାହରେ ବାରମ୍ବାର ରକ୍ତବାନ୍ତି, ପୂଜ୍ୟ ପଟେଲଙ୍କୁ ରୋଗାଗ୍ରସ୍ତ ତଥା ଶକ୍ତିହୀନ କରି ଦେଇଥିଲା । ପୁନଶ୍ଚ ହୃଦ୍‌ଘାତର ଶିକାର ହୋଇ ମୁମ୍ବାଇସ୍ଥିତ ବିର୍ଲା ହାଉସରେ ୧୫ ଡିସେମ୍ବର ୧୯୫୦ ମସିହା ପୂର୍ବାହ୍ନ ୯ଘଣ୍ଟା ୩୭ମିରେ ୭୫ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଥିଲେ । ସେହି ପୁଣ୍ୟାତ୍ମାଙ୍କର ସ୍ୱର୍ଗଦ୍ୱାର ଶୋଭାଯାତ୍ରାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦଙ୍କ ସମେତ ଅଗଣିତ ଶୋକାତୁର ଦେଶବାସୀ ଯୋଗାଦାନ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ପୁଷ୍ପମାଲ୍ୟ ଅର୍ପଣ କରି ଜୟ ଧ୍ୱନୀ ଦେଇଥିଲେ । ପୂଜ୍ୟ ଲୌହ ମାନବ ସର୍ଦ୍ଦାର ପଟେଲଙ୍କର ସ୍ମରଣ ନିମନ୍ତେ ଭାରତ ସରକାର ଅକ୍ଟୋବର ୩୧ ତାରିଖ ୨୦୧୮ ମସିହାରେ ତାଙ୍କ ଜନ୍ମଦିନ ଅବସରରେ ଗୁଜୁରାଟ ରାଜ୍ୟର ଭଦୋଦରୀ ସାଧୁ ବେଟ୍ ଠାରୁ ୩.୨ କିଲୋମିଟର ଦୂରରେ ଥିବା ନର୍ମଦା ନଦୀ ଡ୍ୟାମ ସମ୍ମୁଖରେ ୧୮୨ ମିଟର ତଥା ୫୯୭ ଫୁଟ ବିଶ୍ୱର ସବୁଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ପ୍ରତିମା ଲୋକାର୍ପିତ କରିଛନ୍ତି । ଯାହାକୁ ଇଂରାଜୀରେ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' କୁହାଯାଉଛି ।

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । କିନ୍ତୁ ଯେଉଁ ମାନଙ୍କର ଦେଶ ଓ ଜାତି ପାଇଁ କିଛି ଅବଦାନ ଥାଏ, ସେମାନେ ମୃତ୍ୟୁପରେ ମଧ୍ୟ ଯୁଗଯୁଗ ପାଇଁ ଅମର ରହି ପୂଜା ପାଇଥାନ୍ତି । ସେହିଭଳି ଜଣେ ଅମର ମାନବ ହେଉଛନ୍ତି ଅହିଂସାର ପୂଜାରୀ ପରମ ପୂଜ୍ୟ ମହାପୁରୁଷ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯାହାଙ୍କର ଦେଶ ଭକ୍ତି ଓ ଆଦର୍ଶ ଆଜି ବି ଚର୍ଚ୍ଚାରେ....

ନବ ଭାରତ ନିର୍ମାଣର କୁଶଳୀ ବିନ୍ଧାଣି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟ ଆତ୍ମାର ଅମ୍ଳାନ ଆଲୋକ ଶିଖାର ପାଦପଦ୍ମରେ ସମଗ୍ର ସ୍ୱାଧୀନ ଭାରତବର୍ଷର ଆବାଳବୃଦ୍ଧ ବନିତା ସଦା ସର୍ବଦା ନତମସ୍ତକ ।

-୦-

ଖଲ୍ଲିକୋଟ, ଗଞ୍ଜାମ



# ଉତ୍କଳର ଉତ୍କଳଭାରତୀ

**ନୀହାରିକା ସାହୁ**

ଯାହାର ଜନ୍ମ ଅଛି ଅଥଚ ମୃତ୍ୟୁ ନାହିଁ, ଅର୍ଥାତ୍ ଯେ ବ୍ୟକ୍ତି ସହିତ ଜନ୍ମନିଏ, ବିକଶିତ ହୁଏ, ଜନାଦୃତି ପାଏ କିନ୍ତୁ ବ୍ୟକ୍ତିର ମୃତ୍ୟୁରେ ତାହାର ବିନାଶ ଘଟେ ନାହିଁ ସେହି ତ ପ୍ରତିଭା । ସେ ହୋଇପାରେ ସାରସ୍ୱତ ସାଧନା, ସଙ୍ଗୀତ ସାଧନା, ଶିଳ୍ପୀର କାରିଗରୀ ଭଳି ଅନେକ କିଛି । ଏ ଧରାରେ ଶୋଷକ, ତୋଷକ ଠାରୁ ଆରମ୍ଭ କରି ବହୁ ଧନାଢ୍ୟ, ବୁଦ୍ଧିମାନ ଜନ୍ମ ନେଇଛନ୍ତି ଓ ଜୀବନ ଯାତ୍ରାରେ ବହୁପଥ ଆଗେଇ ଯାଇଛନ୍ତି; ହେଲେ ପଦଚିହ୍ନ ରହିଛି ହାତ ଗଣତି କେତେଜଣଙ୍କ ମାତ୍ର । ସେହି ବିବିଧ ପ୍ରତିଭାମାନଙ୍କ ମଧ୍ୟରୁ ସାରସ୍ୱତ ସାଧିକା ଉତ୍କଳର ବରପୁତ୍ରୀ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ ଅନ୍ୟତମ ।

ଡ. କୁନ୍ତଳା କୁମାରୀ ସାବତଙ୍କ ଜନ୍ମ ୧୯୦୧ ମସିହା ଫେବୃୟାରୀ ୮ ତାରିଖରେ ଜଗଦଳପୁର ଠାରେ । ଖୁବ୍ ଛୋଟ ବେଳୁ ସେ ପିତାମାତାଙ୍କ ସହ ବର୍ମା ଚାଲିଯାଇଥିଲେ । ସେଠାରେ ଅଣଓଡ଼ିଆଙ୍କ ଗହଣରେ ରହି ମଧ୍ୟ ଓଡ଼ିଆ ଭାଷା ପ୍ରତି ତାଙ୍କ ଅହେତୁକ ମମତା ଯୋଗୁଁ ସେ ବର୍ଣ୍ଣବୋଧର ସାହାଯ୍ୟରେ ନିଜସ୍ୱ ଢଙ୍ଗରେ ଓଡ଼ିଆ ଲେଖିପଢ଼ି ପାରିଥିଲେ । ପରବର୍ତ୍ତୀ ସମୟରେ ସେ ମାଆଙ୍କ ସହ ଖୋର୍ଦ୍ଧା ଜିଲ୍ଲାକୁ ଚାଲିଆସିଥିଲେ । କଟକର ରେଭେନ୍ସା ଗାର୍ଲସ୍ ସ୍କୁଲରେ ତାଙ୍କ ବିଦ୍ୟାଳୟ ଶିକ୍ଷା ସମାପ୍ତି ହୋଇଥିଲା । ଏସ୍.ସି.ବି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରୁ ୧୯୨୧ ମସିହାରେ କୃତିତ୍ୱ ହାସଲ କରିଥିଲେ । ଡାକ୍ତରଭାବେ ଚାକିରି ନ କରି ଏହାକୁ ବ୍ୟବସାୟ ଭିତ୍ତିକ ରୂପେ ଗ୍ରହଣ କରି ସ୍ୱାଧୀନ ଜୀବନଯାପନରେ ବ୍ରତୀଥିଲେ ।

କୁନ୍ତଳା କୁମାରୀଙ୍କ ଜୀବନ ତପସ୍ୟାର ଜୀବନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାଙ୍କ ଦରଦୀ ହୃଦୟ ସଦାସର୍ବଦା ଓଡ଼ିଆମାନଙ୍କ ପାଇଁ କାନ୍ଦି ଉଠୁଥିଲା । ଉତ୍କଳର ବିଡ଼ମ୍ବିତ ଭାଗ୍ୟରେ ନବସୂର୍ଯ୍ୟର ଉଦୟକୁ ସେ ଯେମିତି ପ୍ରତୀକ୍ଷା କରୁଥିଲେ । ବନ୍ୟାବାତ୍ୟା ଦାଉରେ ସନ୍ତୁଳିତ ଚାଷୀର ଭାଗ୍ୟ ଯେମିତି କ୍ରୁର ପରିହାସିତ ହେଉଥିଲା । କବିନୀଙ୍କ ଭାଷାରେ-

ନଈବଢ଼ି ପାଣି ଧୋଇ ଦେଲା ତୋର ଯତ୍ନ କର୍ଷିତ କେଦାର
ନଗର ନିବାସୀ ନ ବୁଝିଲେ କେହି, ଲୁଟି ନେଲେ ତୋର ଭଣ୍ଡାର ।

ଅନଙ୍ଗଭୀମଦେବ, ଚୋଡ଼ ଗଙ୍ଗଦେବଙ୍କ ଭଳି ବଦାନ୍ୟ ରାଜା ମହାରାଜାଙ୍କ ଭୂମିରେ ହା ଅନ୍ନର ଚିତ୍କାର ତାଙ୍କ କବି ପ୍ରାଣକୁ ବ୍ୟଥିତ କରୁଥିଲା । ତା' ସହିତ ଓଡ଼ିଆପୁଅଙ୍କ ପେଟଚାଖଣ୍ଡକ ପାଇଁ ମାଟି ଛାଡ଼ିବା, ଅନ୍ୟତ୍ର କାମ କରିବା, କେଉଁଠି ନା କେଉଁଠି ସେ ହଜମ କରିପାରୁନଥିଲେ । ଯେଉଁ ମାଟିର ବୀରତ୍ୱର ଇତିହାସ, ଜ୍ଞାନ ଗୌରବର ଇତିହାସ, ଧନଦୌଲତର ଇତିହାସ, ଧାର୍ମିକତାର ଇତିହାସ ଜନମାନସର ଶିରା ପ୍ରଶିରାରେ ସ୍ପନ୍ଦନ ଖେଳାଇ ଦିଏ, ସେ ମାଟି ସନ୍ତାନଙ୍କ ଭାଗ୍ୟରେ ପରପଦ ଲେହନ ବିଡ଼ମ୍ବନା ମାତ୍ର । ଦେବତା ବାଞ୍ଛିତ ଭୂମି ଅନ୍ତଃସାରଶୂନ୍ୟ ହେଲା କିପରି ? ତା ନୌବାଣିଜ୍ୟର ଲୀଳାର ପରିସମାପ୍ତି ହେଲା କିପରି ? ସେମାନଙ୍କ ବୀରତ୍ୱର କାହାଣୀକୁ ମନେ ପକାଇ ସେମାନଙ୍କ ମଧ୍ୟରେ ଶତ ସିଂହର ବଳ ଜାଗ୍ରତ କରିବାକୁ ସତେ ଯେମିତି ସେ ଶପଥ ନେଇଥିଲେ । ତାହା ମଣିଷ ଭାଇ କବିତାକୁ ସ୍ପଷ୍ଟ ଅନୁମେୟ ।

ଶୁଣ ହେ ମଣିଷ ଭାଇ ! ଝୁରି ସରିବାକୁ ବୁଡ଼ି ମରିବାକୁ
ମଣିଷ ଜନମି ନାହିଁ ।
ଶତ ହତଶ୍ୱାସେ ସାରିବ ସଂସାର ନିରାଶେ ନିବିଡ଼ ଅନ୍ଧାରେ,
ଚିର ଶୃଙ୍ଖଳିତ, ଲାଞ୍ଛିତ, ବଂଚିତ, ପୀଡ଼ିତ କଷଣ କାରାରେ
ଏ ନୁହେ ମାନବ ନିୟତି
ଧ୍ୱଂସର ଯାତ୍ରୀ, ମୃତ୍ୟୁର ଧାତ୍ରୀ ନୁହେ ଏ ବିଶାଳ ଜଗତୀ
× × ×
ଉଠ ଦେବ ତେଜେ ତେଜି ଲାଜ ଭୟ ଅପମାନ ଅହମିକା
ପଶୁତ୍ୱ ଦେବତ୍ୱ ପରୀକ୍ଷାରେ ଜୟୀ ଲଭ ବୀରତ୍ୱର ଟିକା ।
(ସ୍ଫୁଲିଙ୍ଗ- ମଣିଷ ଭାଇ)

× × ×
ଉଠ ଆଜି ଦେଢ଼କୋଟି ନରନାରୀ
ଦେବତ୍ୱ ମହତ୍ତ୍ୱ ନଦିଅ ହେ ସାରି,
ନିଖିଳ ବିଶ୍ୱେ ରହି ଚିର ନିଃସ୍ୱ ନହୁଅ ଲାଜରେ ନତଶିର ।
(ସ୍ଫୁଲିଙ୍ଗ, ସୁପ୍ରଭାତ)

ସମର ଭାବ ବାହକ ସ୍ଫୁଲିଙ୍ଗର ପ୍ରତିଟି କବିତା ଜାତୀୟ ପ୍ରୀତିରେ ଉଦ୍‌ବୁଦ୍ଧ । ଜାତୀୟ ଚେତନାରେ ପରିପୁଷ୍ଟ । ସେଥିରୁ ତାଙ୍କ ଜାତି ପ୍ରୀତିର ସୁମହତ ପରିଚୟ ମିଳେ । ପରାଧୀନ ଭାରତରେ

ଜନ୍ମି ପରାଧୀନତାର ଶୃଙ୍ଖଳ ମଧ୍ୟରେ ସେ ଯେଉଁ କଷ୍ଟ ଅନୁଭବ କରୁଥିଲେ ତାହାର ବ୍ୟକ୍ତ ରୂପ ସ୍ଫୁଲିଙ୍ଗ । ସ୍ୱାଧୀନତା ଆନ୍ଦୋଳନ ସମୟରେ ରଚିତ ଏହି ପୁସ୍ତକଟି ଥିଲା ଯୁବପିଢ଼ିମାନଙ୍କ ପାଇଁ ପ୍ରେରଣାର ବହ୍ନି ସଦୃଶ । ତାଙ୍କ ଭାଷାରେ-

ହେଉ ଅତି କ୍ଷୁଦ୍ର ହେଉ ଅତି ସାନ
ଛୁଇଁବ ଯଦି ସେ ମୋର ଭ୍ରାତୃ ଭଗ୍ନୀପ୍ରାଣ
ଜାଳିବ ଯଦି ସେ ଟିକେ ଦେଶପ୍ରେମବହ୍ନି
ସାର୍ଥକ ମଣିବ ସୁଖେ ଅୟସଲେଖନୀ ।
×× ×
ଯାଅ ତେବେ ଗୋ ସ୍ଫୁଲିଙ୍ଗ କ୍ଷୁଦ୍ର ଅଗ୍ନିକଣା
ଆଣ ଜୀବନେ ଅନନ୍ତ ଅନଳ ପ୍ରେରଣା
ବହୁ ପଛେ ଝଞ୍ଜା ଘନ, ଭୀମ ପ୍ରଭଞ୍ଜନ
ନ ଲିଭୁ ତାହାର ଦୀପ୍ତ ହାସିତ ଆନନ
ଜାଳ ପ୍ରତି ପ୍ରାଣେ ପୁଣ୍ୟ ଦେଶପ୍ରେମ-ଦୀପ
ଏତିକି ଆଶିଷ ହେଉ ହେ ବିଶ୍ୱ-ଅଧିପ । (ସ୍ଫୁଲିଙ୍ଗ, ଉତ୍ସର୍ଗ)

ଏହାର ପାଠକୀୟ ଆଦୃତିର ଫଳସ୍ୱରୂପ ଯୁବପିଢ଼ିଙ୍କ ମଧ୍ୟରେ ସ୍ୱାଧୀନତାର ଯେଉଁ ଉତ୍ତାଳ ତରଙ୍ଗ ସୃଷ୍ଟି ହୋଇଥିଲା ସେଥିରେ ଇଂରେଜମାନଙ୍କ ଦର୍ପ ଚୂର୍ଣ୍ଣିଭୂତ ହେବାର ଆଭାସ ମିଳିଥିଲା । ତେଣୁ ଇଂରେଜ ସରକାରଙ୍କ କୋପଦୃଷ୍ଟିରେ ବହିଟି ବହୁକାଳ ପର୍ଯ୍ୟନ୍ତ ବଜ୍ୟାପ୍ତ ହୋଇଥିଲା । ତାଙ୍କ କବିତାରେ ଥିଲା ଭରପୂର ଉତ୍ସାହ, ପ୍ରେରଣା । ପ୍ରତ୍ୟେକଟି ଶବ୍ଦ ଥିଲା ସ୍ୱାଧୀନତା ମନ୍ତ୍ରରେ ଅଭିମନ୍ତ୍ରିତ । ସର୍ବଦା ଜନହିତକର କାର୍ଯ୍ୟରେ ନିୟୋଜିତ ଥିବା ଏହି ଉତ୍କଳନାରୀର ପ୍ରତିଷ୍ଠା ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାରୀ ଯାଇଥିଲା । କବିତାର ଭାବଧାରାରେ ସିକ୍ତ କରିପାରୁଥିଲେ ପ୍ରତିଟି ହୃଦୟ ।

ମାତୃଭୂମିର ଦୁର୍ଦ୍ଦଶାଗ୍ରସ୍ତ ଦୀନଚିତ୍ର ତାଙ୍କ ତରୁଣ ହୃଦୟକୁ ମଥିତ କରୁଥିଲା । ତା'ର ଲୁପ୍ତ ଗୌରବକୁ ପୁନଃ ସଂଜୀବିତ କରିବାକୁ ସେ ଯେମିତି ଅଣ୍ଟା ଭିଡ଼ି କଲମକୁ ଟାଣ କରିଥିଲେ । ଉତ୍କଳର ପୂର୍ବର ଗୌରବକୁ ସ୍ମରଣ କରାଇ ନବ ଚେତନା ଜାଗରଣ କରିବା ସହିତ ନବବିକ୍ରମତାକୁ ପୁନଃ ପ୍ରତିଷ୍ଠା କରେଇବାରେ ସକ୍ରିୟ ପ୍ରହରୀ ଥିଲେ । ତାହାର ଜ୍ୱଳନ୍ତ ଚିତ୍ରଟିଏ ଏଠାରେ ଉତ୍ତୋଳିତ ।

ନିରାଶାର ଗିର ନ ଘୋଷୁ ରସନା
ନ ବାଜୁ ତାହା ଏ ଜାତିର ଶ୍ରବଣରେ
ଦେଢ଼କୋଟି ପ୍ରାଣ ନବଜାଗରଣେ
ଦିଅ ଉଠିବାକୁ ନବ ବିକ୍ରମରେ
× × ×
କିଏ କହେ ନାହିଁ ଆମର ସାହସ
କିଏ କହେ ଆମେ ଅଜ୍ଞାନ ଆଳସ
କିଏ କହେ ମୃତ ଓଡ଼ିଆଙ୍କ ପ୍ରାଣ
ଚିର ଅବସାନ ତା ଗୌରବ ଟାଣ
× × ×
ପଡ଼ିଅଛି ଭାଙ୍ଗି ଦୁର୍ଗ ବାରବାଟୀ
କୋଣାର୍କ ଶିଖର ଚୁମ୍ବିଅଛି ମାଟି,
ନୀଳଚକ୍ରବାନା ଲୋଟିଛି ଧୂଳିରେ
ପୋତି ପଡ଼ିଅଛି ଚିଲିକା ବାଲିରେ
× × ×
ଛିନ୍ନ ଭିନ୍ନ ଅଙ୍ଗେ, ମରଣ ଉତ୍ସଙ୍ଗେ
ନବଜାଗରଣ ଆଉ କି ସମ୍ଭବ
ଦିଅ ମରିବାକୁ ଶାନ୍ତ ସୁଧୀରେ
ଆଉ ନ ଉଠିବ ଏ ଜାତି ମହୀରେ
ନ କହ ନ କହ ଏ କୈତବ-ବାଣୀ ।

ଆଶାବାଦୀ ମନଟିଏ । ଦେଶମାତୃକାର ପ୍ରାଣରେ କ୍ଳେଶରେଖା ଟାଣି କଷଣ ଦେବା ପରିବର୍ତ୍ତେମଣିଷପଣିଆକୁ ଅଗ୍ରସର କରି ନବ ଚେତନାରେ ପରିପକ୍ୱ ହେବା ପାଇଁ ସେ ଆହ୍ୱାନ କରିଛନ୍ତି ଏ ମାଟିର ତରୁଣ ସନ୍ତାନ ମାନଙ୍କୁ । 'ବିଶ୍ୱଜୟୀ'ଯେମିତି ଏକତାର ବୀଜମନ୍ତ୍ରଟିଏ । ଏହା ସମ୍ବୋଧନକାରକ ଶବ୍ଦ ହେଲେ ହେଁ ନବ ଉଦ୍ଦୀପନା ସୃଷ୍ଟି କରିଛି । ସେଥିରେ ଶତସିଂହର ବିକ୍ରମ ରହିଛି । ଶତ ଶତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମୀ ଯିବାର ସତ୍‌ସାହସ ପ୍ରଦାନ କରିଛି । କବିତାର ଅଙ୍ଗେ ଅଙ୍ଗେ ବୈପ୍ଳବିକ ବାର୍ତ୍ତା ଓ ପ୍ରାଣେ ପ୍ରାଣେ ଜାତିପ୍ରୀତିର ମହକ ବାରି ହୋଇପଡୁଛି ।

ହେଉ ଅଗ୍ରସର ନବ ଆନନ୍ଦରେ
ତରୁଣ ବାହିନୀ ନବ ଜୀବନରେ
ମୃତ୍ୟୁ-ତମସ ଠେଲି ଦୀପ୍ତାଲୋକେ
ଚାଲିଛନ୍ତି ସେନା ସାହସ ପୁଲକେ
ଚାଲିଛନ୍ତି ବିଶ୍ୱଜୟୀ
ନବ ଯଉବନ ଉନ୍ମାଦନାରେ ଡେଇଁବେ ପର୍ବତ ନଇ ।

ଅନାହାରକ୍ଲିଷ୍ଟ ମଣିଷ ପରିସ୍ଥିତି ପ୍ରତିକୂଳରେ ଠିଆ ହେବାର ଦୃଢ଼ ମନୋବଳ ପାଉ, ଉନ୍ନତଶିର ହୋଇ ସଗର୍ବେ ଦଣ୍ଡାୟମାନ ହେଉ, ଏ ଦେଶର ଜ୍ୟୋତି ସଦା ପ୍ରଜ୍ୱଳିତ ରହୁ, ମାନ ଅକ୍ଷୁଣ୍ଣ ରହୁ; ଏହି ଭାବନାରେ ସଦାସିକ୍ତ ଥିଲା ତାଙ୍କ ଭାବନା ଓ କଲମ । ନିଜକୁ ଭାରତବାସୀ, ତଥା ଓଡ଼ିଆ କହିବାରେ ସେ ଗର୍ବ ଅନୁଭବ କରୁଥିଲେ । ତାଙ୍କ ଭାଷାରେ-

ସଫଳ ଜନମ, ସଫଳ ଜୀବନ ମୁଁ ପରା ଭାରତ ରମଣୀ
ମୋ ତ୍ୟାଗ ପୁଣ୍ୟ ସହିଷ୍ଣୁତା ଗୁଣେ ମୋହିବି ନିଖିଳ ଧରଣୀ ।

ନାରୀତ୍ୱ ରୂଜା ନାରୀରେ ଆଦର
ଲଭି ଶ୍ରେଷ୍ଠାସନ ଜାୟା ଜନନୀର
ବିଧି ବିଧାନେ ମୁଁ ଶକତି, ସାବିତ୍ରୀ
ମୁଁ ଶାରଦା ଲକ୍ଷ୍ମୀ ରୂପିଣୀ । (ସ୍ଫୁଲିଙ୍ଗ, ଭାରତ-ରମଣୀ)

ସେ ନାରୀମାନଙ୍କ ମହନୀୟ ଗୁଣରେ ଯେତିକି ଗର୍ବିତା, ସେମାନଙ୍କ ନାରକୀୟ ଗୁଣରେ ସେତିକି ଲଜ୍ଜିତା । ଏହାର ସ୍ପଷ୍ଟଚିତ୍ର ମିଳେ 'କାଳୀବୋହୂ' ଓ 'ନଅତୁଣ୍ଡି'ରେ ଦେଖିବାକୁ ମିଳେ ।

ଅନେକ ଜପତପ, ଦାନଧ୍ୟାନ, ତୀର୍ଥଦର୍ଶନ ପରେ ବିବାହର ୧୮ ବର୍ଷ ପରେ ମିଶ୍ରେଙ୍କ ଗୃହାଙ୍ଗନରେ ଆନନ୍ଦର ଜୁଆର । କୁଳ ତଥା କୋଳ ମଣ୍ଡନ କରି ମଧ୍ୟମା ପତ୍ନୀ କମଳାଙ୍କ ଗର୍ଭରୁ ଜନ୍ମ ଲଭିଥିଲା ଲକ୍ଷ୍ମୀ । ସେ ଥିଲା ଚାରିମାଆଙ୍କର ଆଦରର ଦୁଲଣୀ । ମହାସମାରୋହରେ ସରିଥିଲା ଜାତକର୍ମ । କେମିତି କେମିତି ସ୍ନେହସରାଗରେ ୭ ବର୍ଷ ବିତିଯାଇଥିଲା । ତତ୍ପରେ ତା'ର ବିବାହ ହୋଇଥିଲା ଦଶବର୍ଷ ବୟସ୍କ ପୀତାମ୍ବର ସହିତ । ବିବାହର ଅର୍ଥ ବୁଝିବା ପୂର୍ବରୁ ସେ ସାଜିଥିଲା ବାଲ୍ୟବିଧବା ।

ଧର୍ମର ସୋପାନ ଯେମିତି ନାରୀ ପାଖରେ ହିଁ ଅଟକି ଯାଏ ।

କ୍ରୀଡ଼ାଗତପ୍ରାଣା ଲକ୍ଷ୍ମୀ ବିଧବାର ଧର୍ମରକ୍ଷା କରିବାକୁ ଯାଇ ସେ ହେଲା ନିରାଭରଣା, ହବିଷ୍ୟାନ୍ନ ଭକ୍ଷି । ଦୁଃଖର ସାଗରରେ ସୁଖର ଆତ୍ମାହୂତି । ସେ ପୂର୍ଣ୍ଣ ଯୌବନରେ ପଦାର୍ପଣ କଲାବେଳକୁ ପିତାଙ୍କ ବାର୍ଦ୍ଧକ୍ୟ ଅବସ୍ଥା । ସେତେବେଳେ ମଧ ସେ ସ୍ତ୍ରୀଭୋଗ୍ୟ ବାସନା ପ୍ରତି ଆସକ୍ତ ଥିଲେ ଏବଂ ଲକ୍ଷ୍ମୀର ଅନ୍ୟ ମାଆମାନେ ଅହ୍ୟସୁଲକ୍ଷଣୀର ଚିହ୍ନ ସ୍ୱରୂପ ତେଲ ହଳଦୀରେ ଦେହ ରଞ୍ଜୁଥିଲେ । ହେଲେ ଲକ୍ଷ୍ମୀ ବୁଝିପାରୁନଥିଲା, ତା ପତି କିଏ... କାହା ପାଇଁ ତା ହବିଷାନ୍ନ ...କଣ ସେ ପତିବ୍ରତା ଧର୍ମ । ବୈଧବ୍ୟ ଆସିଲା ବୋଲି ଯୌବନ ତ ହାରିଯାଇନାହିଁ । ତଥାପି ବ୍ୟର୍ଥ ଜୀବନର ଯାତନା, ଚିରାନ୍ଧକାରମୟ ଭବିଷ୍ୟତର ଦାରୁଣ ପରିହାସ ତାକୁ ଯେମିତି ତିଳ ତିଳ କରି ଜାଳୁଛି । ତା ପାଇଁ ଜଗତର ସମଗ୍ର ସୁଖଭୋଗ ବାରଣ । ସେ ବୁଝିପାରେନା ଏକାଦଶୀ...ଉପବାସର ଅର୍ଥ । ତଥାପି ବାଧ୍ୟ ହୋଇପଡ଼ୁଛି । ହଜି ଯାଇଛି ତା ବାଲ୍ୟ ଚପଳତା । ନିରାଶ୍ରୟ, ନିଃସଙ୍ଗ ଜୀବନ । ନିରାଶାର ଉଷ୍ଣ ଲୋତକ ପାନ କରୁଛି ସେ ।

ସଂସାରର ନିୟମକୁ ମାନିବାକୁ ଯାଇ ବଦଳି ଯାଇଛି ତା' ବଂଚିବାର ଧାରା । ବିକଶିତ ଅଙ୍ଗ ସୌଷ୍ଠବରେ ଲାବଣ୍ୟ ଭରିଯାଉଛି । ନବଯୌବନରେ ପଦାର୍ପଣ କଲେ ମଧ ସେ କାମପ୍ରବୀଣା ନୁହଁ । କିନ୍ତୁ ପୁରୁଷର ଭୋକିଲା ଆଖିଠୁ ନିଜକୁ ବଂଚାଇ ପାରିବ ତ... ! କାରଣ ସେ ଅବଳା, ଦୁର୍ବଳା, ମାତୃହୀନା । କିଏ ବା ତା ନିଜର ?

ନବଯୌବନା ଲକ୍ଷ୍ମୀର ପ୍ରତିବାଦ ନଥିଲା । ସର୍ବ ସହିବା ଯେମିତି ତା' କପାଳ ଲିଖନ । ଭୋଗବିଳାସର ସ୍ୱପ୍ନ ତା' ପାଇଁ ପାପ । ଅନ୍ତରେ ଅନ୍ତରେ ନୀରବ ଅଶ୍ରୁପାତ । ନିଜକୁ ନିଜେ ପ୍ରଶ୍ନ ବାଢୁଥିଲା- ଶାସ୍ତ୍ର କ'ଣ କେବଳ ମହିଳାଙ୍କ ପାଇଁ... ?

ଲକ୍ଷ୍ମୀକୁ ପ୍ରତୀକାତ୍ମକ ଭାବେ ଗ୍ରହଣ କରି ନାରୀକବି କୁନ୍ତଳା କୁମାରୀଙ୍କ କଣ୍ଠରେ ବିଦ୍ରୋହର ସ୍ୱର ଅବହେଳିତ ନାରୀକୁ ନେଇ । ନାରୀକୁ ବୁଝିବାରେ ନାରୀର ଏ ନିର୍ଦ୍ଦୟ ନିରନ୍ଧ୍ର କଠିନ ହୃଦୟ କେବେ ଆଲୋକରେ ଉଜ୍ଜ୍ୱଳି ଉଠିବ । ନାରୀଟିଏ ଶାସ୍ତ୍ର ଶାସ୍ତ୍ରରୁ କେବେ ବଂଚିବ । ଅନ୍ଧ କୁହେଳିକା ମଧ୍ୟରୁ ଯେତେ ପର୍ଯ୍ୟନ୍ତ ସେ ମୁକୁଳି ପାରିନି ସେତେ ପର୍ଯ୍ୟନ୍ତ କ'ଣ ଏ ସମାଜ ଆଗେଇ ପାରିବ...ନା ... ଏ ଦେଶ ?

ନାରୀମନଟିରେ ନାରୀଙ୍କ ପ୍ରତି ଖୁବ୍ ଅନୁଭବ ଥିଲା । ନାରୀ ଶକ୍ତିଦ୍ୱାରା ଦେଶ ହେବ ସଶକ୍ତ, ସମାଜର ଚିତ୍ରପଟରେ ପରିବର୍ତ୍ତନ ହେବ ଦୃଶ୍ୟମାନ । ତାଙ୍କ ରଚନାରେ -

ଭାରତର ନାରୀ ଭାରତ ସମ୍ପଦ
ପୂଜ ଦେବୀ ଜ୍ଞାନେ ପଦ କୋକନଦ.
ଭଗିନୀ, ଜନନୀ, ଜାୟା, ସୁତା ମୁଖ
ଉଜ୍ଜ୍ୱଳୁ ଅମର୍ତ୍ତ୍ୟ ଆନନ୍ଦ ମୟୂଖ ।
ସେ କିରଣେ ତବ ଅନ୍ତର ଅନ୍ଧାର
ଘୁଂଚିବ ଜଞ୍ଜାଳ ଜ୍ୱାଳା ପାପ ଭାର ।( ନାରୀଶକ୍ତି)
× × ×
ହେଉ ଅବତୀର୍ଣ୍ଣା ଉମା ଘରେ ଘରେ
ତ୍ରିଶୂଳ ଧାରିଣୀ ବିଶାଳ ଖର୍ପରେ
× × ×
ମହା ମହିମାର ମହାତପୋବନ
ରଚିବେ ରମଣୀ ନୈମିଷ କାନନ( ସ୍ଫୁଲିଙ୍ଗ-ନାରୀଶକ୍ତି)

ନାରୀକବି କୁନ୍ତଳା କୁମାରୀଙ୍କ କାବ୍ୟିକ ଭାଷା ଠାରୁ ଗାଳ୍ପିକ ଭାଷା ଖୁବ୍ ସରଳ, ବୋଧଗମ୍ୟ । କଥିତ ଗ୍ରାମ୍ୟଭାଷାର ବହୁଳତା ପରିଦୃଷ୍ଟ ।

ଏହି ସାରସ୍ୱତ ସୁମନଟି ୧୯୩୮ ଅଗଷ୍ଟ ୨୩ ତାରିଖ ଦିନ ଅକାଳରେ ମାତ୍ର ୩୭ ବର୍ଷ ବୟସରେ ଚିରଦିନ ପାଇଁ ଝରିପଡ଼ିଲେ । ଓଡ଼ିଶାର ମାଟିର ଟେକରକ୍ଷା ପାଇଁ ସେ ଓଡ଼ିଶା ଭିନ୍ନ ମାଟିରେ ସେ ଯେଉଁ ଗୌରବର ସଙ୍ଗୀତ ଗାନ କରୁଥିଲେ ସେମିତି ନାରୀ ପ୍ରତିଭା ବିରଳ ।

-୦-

ଜେମାଦେଇପେଣ୍ଠ ସାହି ବ୍ରହ୍ମପୁର, ଗଞ୍ଜାମ



# ନୂତନ ରାଷ୍ଟ୍ର ଗଠନରେ ନାରୀର ଭୂମିକା

**ଜୟନ୍ତୀ ବେହେରା**

ଆମ ଦେଶର ପ୍ରଗତିରେ ଆମର ମହିଳାମାନଙ୍କର ଏକ ପ୍ରମୁଖ ଭୂମିକା ରହିଛି । ନାରୀ ହେଉଛି ଭଗବାନଙ୍କର ଚମତ୍କାର ସୃଷ୍ଟି, ଯିଏକି ଦୟା, କ୍ଷମା, ପ୍ରେମ, ସ୍ନେହ, ଧୈର୍ଯ୍ୟ, ଅଖଣ୍ଡତା ଏବଂ ସହନଶୀଳତା ଶକ୍ତିର ବହୁମୁଖୀ ବ୍ୟକ୍ତିତ୍ୱ । ଇତିହାସ ପୃଷ୍ଠା ଅନୁଧ୍ୟାନ କଲେ ଜଣାଯାଏ ଯେ, ବିଭିନ୍ନ କ୍ଷେତ୍ରରେ ନାରୀଗଣଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଆମ ସମାଜପ୍ରତି ରହିଛି । ସେମାନଙ୍କର ମୌଳିକ ଚିନ୍ତାଧାରା, ଅତୁଳନୀୟ କର୍ତ୍ତବ୍ୟନିଷ୍ଠା, ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାପାଇଁ ସେମାନଙ୍କର ଧୈର୍ଯ୍ୟ ପ୍ରଭୃତି ମନରେ ବିସ୍ମୟ ସୃଷ୍ଟି କରିଥାଏ । ପୁରାତନ ଯୁଗର ଗାର୍ଗୀ, ମୈତ୍ରେୟୀ ଠାରୁ ଆରମ୍ଭ କରି ବର୍ତ୍ତମାନ ଯୁଗର ଜୋଆନ୍ ଅଫ୍ ଆର୍କ, ମାଡ୍ୟାମ କ୍ୟୁରୀ, ମଦର ଟେରେସା, ଇନ୍ଦିରା ଗାନ୍ଧୀ, ଅହଲ୍ୟା ବାଈ ପ୍ରଭୃତି ଇତିହାସରେ ଅର୍ଜନ କରିଛନ୍ତି ସେମାନଙ୍କର ବିସ୍ମୟକର ସଫଳତା, ସାମ୍ପ୍ରତିକ ସମୟରେ ଆମ ଦେଶର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଏହାର ଏକ ଜ୍ୱଳନ୍ତ ଉଦାହରଣ ।

ରବୀନ୍ଦ୍ରନାଥ ଟାଗୋରଙ୍କ ମତରେ, "ମହିଳା ହେଉଛନ୍ତି ଏକ ଦେଶର ଭାଗ୍ୟର ନିର୍ମାଣକାରୀ । ଯଦିଓ ଫୁଲ ପରି ସୂକ୍ଷ୍ମ ଓ ନରମ, କିନ୍ତୁ ତା'ର ହୃଦୟ ପୁରୁଷଠାରୁ ବହୁତ ଶକ୍ତିଶାଳୀ, ଏବଂ ବ୍ୟାପକ । ସେ ହେଉଛନ୍ତି ପୁରୁଷଙ୍କ ପଦଯାତ୍ରା ପାଇଁ ସର୍ବୋଚ୍ଚ ପ୍ରେରଣା ।" ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଭାରତୀୟ ମହିଳାଙ୍କ ସ୍ଥିତି, ଅନେକ ଉତ୍ଥାନ ପତନ ଦେଇ ଗତି କରୁଛି । ସ୍ୱାଧୀନତାର ପ୍ରଭାତ ସହିତ ଏବଂ ବିଶେଷ କରି ଭାରତର ଜାତୀୟ ସଂଗ୍ରାମ ପରେ ମହିଳାମାନଙ୍କର ସ୍ଥିତି ଭଲରେ ପରିଣତ ହୋଇଥିଲା ।

ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ଡ.ରାଜେନ୍ଦ୍ରପ୍ରସାଦ ମହିଳା ମୁକ୍ତିର ଜରୁରୀ ଆବଶ୍ୟକତା ବିଷୟରେ ଗଭୀର ଚିନ୍ତା କରିବାକୁ ଲାଗିଲେ । ସେମାନେ ହୃଦୟଙ୍ଗମ କଲେ ଯେ, ଯେ ପର୍ଯ୍ୟନ୍ତ ଦେଶର ମହିଳାମାନେ ରାଜନୈତିକ, ଅର୍ଥନୈତିକ, ଘରୋଇ, ଶିକ୍ଷାଗତ ଇତ୍ୟାଦି ବିଭିନ୍ନ ବର୍ଗରେ ପୁରୁଷଙ୍କ ସହ ମାନ୍ୟତା ପାଇନାହାନ୍ତି ସେ ପର୍ଯ୍ୟନ୍ତ କୌଣସି କ୍ଷେତ୍ରରେ ଅଗ୍ରଗତି କରିପାରିବେ ନାହିଁ । ସ୍ୱାଧୀନତା ଆନ୍ଦୋଳନରେ ମହିଳାଙ୍କ ଅଂଶଗ୍ରହଣ ପାଇଁ ଗାନ୍ଧିଜୀଙ୍କ ସ୍ପଷ୍ଟ ଆହ୍ୱାନ ରହିଥିଲା । ତାଙ୍କ ଆହ୍ୱାନରେ ସରୋଜିନୀ ନାଇଡୁ, ମୀରା ବେନ୍, ସୁଚେତା କ୍ରିପାଲିନୀ, ବିଜୟଲକ୍ଷ୍ମୀ ପଣ୍ଡିତ, ଅରୁଣ ଆସଫ୍ ଅଲ୍ଲୀ ପ୍ରଭୃତି କେତେକ ଅଗ୍ରଣୀ ମହିଳା ସ୍ୱାଧୀନତା ସଂଗ୍ରାମକୁ ଓହ୍ଲାଇ ଆସିଥିଲେ । ବର୍ତ୍ତମାନ ସମୟରେ ବହୁ ସଂଖ୍ୟକ ମହିଳା ନିଜ ନିଜ କ୍ଷେତ୍ରରେ ସମ୍ମାନ ଏବଂ ବ୍ୟକ୍ତିଗତତା ହାସଲ କରିପାରିଛନ୍ତି ।

ପରିବାର ଚଳାଇବାଠାରୁ ଆରମ୍ଭ କରି ଦେଶ ଚଳାଇବା ପର୍ଯ୍ୟନ୍ତ ନାରୀର ଭୂମିକା ଅବର୍ଣ୍ଣନୀୟ । ପରିବାରରେ ନାରୀ ଜନନୀର ଦାୟିତ୍ୱ ନିର୍ବାହ କରି ଭବିଷ୍ୟତର ନାଗରିକମାନଙ୍କୁ ଜନ୍ମଦିଏ ଏବଂ ସେମାନଙ୍କୁ ଉପଯୁକ୍ତ ଭାବରେ ଲାଳନ ପାଳନ କରିଥାଏ ଓ ସେମାନଙ୍କର ଚରିତ୍ର ଗଠନ କରିଥାଏ । ସେଥିପାଇଁ ଇଂରାଜୀରେ ପ୍ରବାଦ ଅଛି : "The hand that swings the cradle rules the world." ଅର୍ଥାତ୍ ନାରୀର ଯେଉଁ ସୁକୋମଳ ହସ୍ତ ଶିଶୁର ଦୋଳିକୁ ଝୁଲାଇଥାଏ, ସେହି ହାତ ଏ ବିଶ୍ୱର ଶାସନ ଡୋରିକୁ ଧରି ରଖେ । ଏହା ସହିତ ନାରୀ ଆହୁରି ଅନେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି । ଯଥା: ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ, ଦେଶରକ୍ଷା, ମହାକାଶ ଯାତ୍ରା, ସାହିତ୍ୟ, ସମାଜସେବିକା, ରାଜନୈତିକ କ୍ଷେତ୍ର, ଅର୍ଥନୈତିକ କ୍ଷେତ୍ର, କ୍ରୀଡ଼ା ଇତ୍ୟାଦି ।

**ଶିକ୍ଷା:**

ପ୍ରାଚୀନ ଯୁଗରେ ଶିକ୍ଷା କ୍ଷେତ୍ରରେ ନାରୀମାନେ ଅଲୌକିକ ପ୍ରତିଭା ପ୍ରଦର୍ଶନ କରିଥିଲେ । ଗାର୍ଗୀ, ମୈତ୍ରେୟୀ, ଲୋପାମୁଦ୍ରା ଲୀଳାବତୀ ପ୍ରଭୃତି ବିଦୁଷୀରମଣୀ ନିଜ ନିଜର ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ । ଜ୍ଞାନ, ବୁଦ୍ଧି, କୌଶଳରେ ମଧ୍ୟ ସେମାନେ ପୁରୁଷମାନଙ୍କୁ ପଛରେ ପକାଇ ଦେଇଥିଲେ । ବର୍ତ୍ତମାନ ଦେଖାଯାଉଛି ଶିକ୍ଷା କ୍ଷେତ୍ରରେ ଛାତ୍ରୀମାନେ ଶୀର୍ଷ ସ୍ଥାନରେ ରହୁଛନ୍ତି । ମାଟ୍ରିକ୍, ଯୁକ୍ତ ଦୁଇ, ଯୁକ୍ତ ତିନି, ତଥା ସ୍ନାତକୋତ୍ତର ଶ୍ରେଣୀରେ ଛାତ୍ରୀମାନେ ପ୍ରଥମ ୧୦ଜଣଙ୍କ ମଧ୍ୟରୁ ଅଧିକାଂଶ ସ୍ଥାନ ଅଧିକାର

କରୁଛନ୍ତି । ସେମାନେ ଛାତ୍ରମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣିତ କରିଛନ୍ତି ।

**ସ୍ୱାସ୍ଥ୍ୟ:**

ଚିକିତ୍ସା କ୍ଷେତ୍ରରେ ନାରୀମାନେ ମଧ୍ୟ ଯୁଗେ ଯୁଗେ ସଫଳତା ହାସଲ କରିଛନ୍ତି । ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ସେମାନେ ଅପୂର୍ବ ସାଫଲ୍ୟ ଲାଭ କରିଛନ୍ତି । ସେମାନେ ନର୍ସ, ଡାକ୍ତର ହୋଇ ରୋଗୀମାନଙ୍କର ସେବା କରୁଛନ୍ତି । ସେମାନଙ୍କର ସହନଶୀଳତା ଗୁଣ ଅଧିକ । ପୁରୁଷ ଅପେକ୍ଷା ନାରୀର କର୍ତ୍ତବ୍ୟବୋଧ ଜ୍ଞାନପ୍ରଖର । ସୁତରାଂ ନାରୀ ତାର କର୍ତ୍ତବ୍ୟ ସମ୍ପାଦନାରେ କେବେ ଅବହେଳା ପ୍ରଦର୍ଶନ କରେନାହିଁ । ରୋଗୀସେବା କରି ସେ ମାତୃସ୍ଥାନରେ ଅବତୀର୍ଣ୍ଣ ହୁଏ ।

**ପ୍ରଶାସନ:**

ପ୍ରଶାସନ କ୍ଷେତ୍ରରେ ନାରୀମାନେ ପାରଦର୍ଶିତା ପ୍ରତିପାଦନ କରିଛନ୍ତି । ଭାରତର ଇତିହାସ ଅନୁଶୀଳନୀ କଲେ ଜଣାପଡ଼େ ଯେ ସୁଲତାନା ରେଜିଆ, ଏବଂ ନୁରଜାହାନ ରାଜ୍ୟ ଶାସନ ପରିଚାଳନାରେ ସୁଦକ୍ଷା ଥିଲେ । ସମ୍ପ୍ରତି ବହୁନାରୀ ପ୍ରଶାସନର ସେବାରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି । ବର୍ତ୍ତମାନ ବହୁନାରୀ ସାମାଜିକ ପ୍ରତିବନ୍ଧକ ଅତିକ୍ରମ କରି କଲେକ୍ଟର, ବିଧାୟିକା, ମନ୍ତ୍ରୀ, ପୋଲିସ, ଉଚ୍ଚ ପଦାଧିକାରୀଣୀ ରୂପେ କାର୍ଯ୍ୟତୁଲାଇଛନ୍ତି । ସରୋଜିନୀ ନାଇଡୁ, ଇନ୍ଦିରାଗାନ୍ଧୀ, ବିଜୟୀଲକ୍ଷ୍ମୀ ପଣ୍ଡିତ, ସୋନିଆ ଗାନ୍ଧୀ, ମେନକା ଗାନ୍ଧୀ, ନନ୍ଦିନୀ ଶତପଥୀ, ସୁଷମା ସ୍ୱରାଜ, ମମତା ବାନାର୍ଜୀ, ଜୟଲଳିତା, ଉମାଭାରତୀ, ସୁଶ୍ରୀ ମାୟାବତୀ, ମହୀୟସୀ ମହିଳା ପ୍ରଶାସନିକା କାର୍ଯ୍ୟରେ ନିଜ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି ।

**ଦେଶରକ୍ଷା:**

ଇତିହାସରୁ ଜଣାପଡ଼େ ଯେ ରାଣୀ ଦୁର୍ଗାବତୀ, ଲକ୍ଷ୍ମୀବାଇ, ଶୁକଦେଇ, ଅହଲ୍ୟାବାଇ, ପଦ୍ମିନୀ ଓ କ୍ୟାପଟେନ ଲକ୍ଷ୍ମୀ ସେହଗଲ୍ ଆଦି ବୀରରମଣୀ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ବର୍ତ୍ତମାନ ବହୁନାରୀ ଦେଶରକ୍ଷା କାର୍ଯ୍ୟରେ ଯୋଗଦାନ କରିଛନ୍ତି ।

**ମହାକାଶ ଯାତ୍ରୀ:**

ମହାକାଶ ଯାତ୍ରା କରି ନାରୀମାନେ ଯେ ପୁରୁଷମାନଙ୍କଠାରୁ କମ୍ ନୁହନ୍ତି, ତାହା ସେମାନେ ପ୍ରମାଣିତ କରିଛନ୍ତି । କଳ୍ପନା ଚାୱଲା, ଭାରତୀୟ ବଂଶୋଦ୍ଭବ ସୁନୀତା ୱିଲିୟମ ଭାରତୀୟ ନାରୀ ସମାଜର ଗର୍ବ ଓ ଗୌରବ । ମହାକାଶ ଯାତ୍ରା କରି ସେ ସମଗ୍ର ପୃଥିବୀରେ ଚର୍ଚ୍ଚିତା ହେଲେ । ବହୁନାରୀ ବିମାନ ଚାଳନା କରି ନିଜର ଦକ୍ଷତା ପ୍ରଦର୍ଶନ କରାଇପାରିଛନ୍ତି ।

**ସାହିତ୍ୟ:**

ସାହିତ୍ୟ କ୍ଷେତ୍ରରେ ଭାରତୀୟ ନାରୀ ନୈପୁଣ୍ୟ ପ୍ରଦର୍ଶନରେ କ୍ଷମ ହୋଇଛନ୍ତି । କବୟିତ୍ରୀମାନେ ସରୋଜିନୀ ନାଇଡୁ ଖ୍ୟାତି ଅର୍ଜନ କରିଛନ୍ତି । ଏପରିକି ନାରୀ ଲେଖିକା ଜ୍ଞାନପୀଠ ପୁରସ୍କାର ଲାଭ କରିଛନ୍ତି । କୁନ୍ତଳାକୁମାରୀ ସାବତ, ବିଦ୍ୟୁତ୍‌ପ୍ରଭା ଦେବୀ, ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି । ଶ୍ରୀମତୀ ପ୍ରତିଭା ରାୟଙ୍କର 'ଯାଜ୍ଞସେନୀ' ଉପନ୍ୟାସ ସାହିତ୍ୟର ଏକ ଅମ୍ଳାନ କୃତୀ । ଆଧୁନିକ ଯୁଗରେ ବହୁନାରୀ ଲେଖିକା ଯେ କବିତା ଉପନ୍ୟାସ ରଚନା କରି ପ୍ରସିଦ୍ଧି ଲାଭ କରିଛନ୍ତି ।

**ସମାଜସେବିକା:**

ଭାରତୀୟ ନାରୀମାନେ ସମାଜସେବାରେ ଜୀବନ ଉତ୍ସର୍ଗ କରିବାରେ ବହୁତ ଦୃଷ୍ଟାନ୍ତ ଅଛି । ଶ୍ରୀମତୀ କସ୍ତୁରବା ଗାନ୍ଧୀ, ଶ୍ରୀମତୀ କମଳା ନେହେରୁ, ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଣ୍ଡିତ, ମାଳତୀ ଦେବୀ, ରମାଦେବୀ, ଶୈଳବାଳା ଦେବୀ ପ୍ରଭୃତି ମହୀୟସୀ ମହିଳା ସମାଜସେବାରେ ଆତ୍ମୋତ୍ସର୍ଗ କରିଥିଲେ ।

**କ୍ରୀଡ଼ା:**

କ୍ରୀଡ଼ା କସରତରେ ମଧ୍ୟ ଭାରତୀୟ ରମଣୀମାନେ ପଛରେ ନାହାନ୍ତି । ଭାରତର ବହୁ ଧାବିକା ଏସିଆନ ଅଲମ୍ପିକ ଗେମସ୍‌ରେ ଅଂଶଗ୍ରହଣ କରି ପଦକମାନ ଲାଭ କରି ଦେଶକୁ ଗୌରବ ବିମଣ୍ଡିତ କରିଛନ୍ତି । ଭାରତୀୟ ନାରୀ ସମ୍ପ୍ରତି ଗୃହକୋଣରେ ନାହିଁ । ସେ ଓହ୍ଲାଇ ଆସିଛନ୍ତି କ୍ରୀଡ଼ା କ୍ଷେତ୍ରକୁ । ଫୁଟବଲ, କ୍ରିକେଟ୍, ହକି ଓ ଦୌଡ଼ରେ ମହିଳାମାନେ ସାଫଲ୍ୟ ଅର୍ଜନ କରିଛନ୍ତି ।

**ଉପସଂହାର:**

ନାରୀ ଆଜି ଅବଳା ଦୁର୍ବଳା ନୁହେଁ । ନାରୀଜନ୍ମ ସନ୍ତାନ ଲାଳନ ପାଳନ ପାଇଁ, ଝିଅ ଜନମ ଚୁଲି ମୁଣ୍ଡକୁ ଇତ୍ୟାଦି ଢଗଢମାଳି ନିରର୍ଥକ ହୋଇଗଲାଣି । ଭାରତୀୟ ସମାଜରେ ତଥା ନୂତନ ଦେଶଗଠନରେ ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କର ସ୍ଥାନ ବର୍ତ୍ତମାନ କୌଣସି କ୍ଷେତ୍ରରେ ନ୍ୟୁନ ନୁହେଁ । ବର୍ତ୍ତମାନ ସମୟରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପ୍ରମୁଖ ସ୍ଥାନ ଅଧିକାର କରି ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ଏବଂ ନୂତନ ରାଷ୍ଟ୍ରଗଠନରେ ନିଜକୁ ସମ୍ପୂର୍ଣ୍ଣ ମାତ୍ରାରେ ସାମିଲ କରିପାରିଛନ୍ତି । ଅତଏବ, ଏକ ଶାନ୍ତିପୂର୍ଣ୍ଣ ଓ ସୁସଂହତ ସମାଜ ଗଠନ ଦିଗରେ ତଥା ନୂତନ ରାଷ୍ଟ୍ରଗଠନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

-୦-



# ନବ ଭାରତର ନିର୍ମାତା

ବିଭୂତିଭୂଷଣ ସ୍ୱାଇଁ

ନବଭାରତ ନିର୍ମାତାଙ୍କ କଥା ଚିନ୍ତା କଲାବେଳେ ଆମ ଦୃଷ୍ଟିପଥରୁଢ଼ା ହୁଅନ୍ତି ଦାଗଶୂନ୍ୟ ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱ । ଯାହାଙ୍କ ବାଲ୍ୟ, ଯୌବନ ଓ ଜରାରେ ଏକାଭଳି ଆଦର୍ଶ ଜୀବନ ଯାପନ କରିଛନ୍ତି । ଭାରତବର୍ଷର ଯୁବ ଶକ୍ତିର ଗୁଣବତ୍ତାର ବିକାଶ ଘଟାଇ ଏକ ନୂତନ ରୂପାନ୍ତରିତ ଶକ୍ତିଶାଳୀ ସମୃଦ୍ଧ ଭାରତବର୍ଷକୁ ନୂଆ ରୂପରେ ଦେଖିବାକୁ ଚେଷ୍ଟିତ ଥିଲେ । ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭାରତ ରତ୍ନ ଏ.ପି.ଜେ.ଅବଦୁଲ କାଲାମ ।



ଏ.ପି.ଜେ ଅବଦୁଲ କାଲାମ ଭାରତର ଏକାଦଶ ତମ ପୂର୍ବତନ ମହାମାନ୍ୟ ରାଷ୍ଟ୍ରପତିଙ୍କର ଜନ୍ମ ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ ମାଡ୍ରାସ ପ୍ରେସିଡେନ୍ସି ରେ ଯାହାକି ବର୍ତ୍ତମାନ ତାମିଲନାଡୁ ରାଜ୍ୟ ଅନ୍ତର୍ଗତ ରାମେଶ୍ୱରମ ସହରରେ ଏକ ଦରିଦ୍ର ମୁସଲିମ ପରିବାରରେ ହୋଇଥିଲା । ବାପା ଥିଲେ ସ୍ଥାନୀୟ ମସଜିଦର ଇମାମ୍ । ବାପାଙ୍କର ଗୋଟିଏ ବୋଟ ଥିଲା । ସେ ସେଥିରେ ତୀର୍ଥ ଯାତ୍ରୀମାନଙ୍କୁ ନଦୀ ପାର କରାଇ ପବିତ୍ର ରାମେଶ୍ୱରମ୍ ଦର୍ଶନର ସୁଯୋଗ ସୃଷ୍ଟି କରୁଥିଲେ । ତାହା ହିଁ ଥିଲା ତାଙ୍କର ଏକମାତ୍ର ଅର୍ଥ ପ୍ରାପ୍ତିର ପନ୍ଥା । ସେମାନେ ଥିଲେ ଚାରି ଭାଇ ଓ ଗୋଟିଏ ଭଉଣୀ । ଭଉଣୀ ଥିଲେ ସମସ୍ତଙ୍କ ଉପରେ ବଡ଼ । ଭାଇମାନଙ୍କ ମଧ୍ୟରେ କାଲାମ ଥିଲେ ସର୍ବ କନିଷ୍ଠ । ସେମାନଙ୍କର ମା ଥିଲେ ଜଣେ ସୁଗୃହିଣୀ । ବାପା ଥିଲେ ଜୈନୁଲାବାଦିନ ଓ ମା ଥିଲେ ଆଏସିଆ ଆମା । ସେମାନେ ରାମେଶ୍ୱରମ ସହରର ଗୋଟିଏ ଜନାକୀର୍ଣ୍ଣ ଅଞ୍ଚଳରେ ସଙ୍କୀର୍ଣ୍ଣ ଘରେ ରହୁଥିଲେ । ସେ ତାଙ୍କ ପିଲା ଦିନେ ତାଙ୍କ ଦାଦି (ଜେଜୀ ମା) ଓ ଅମି (ମା') ଙ୍କଠାରୁ ପ୍ରୋଫେଟ ମହମ୍ମଦ ଓ ରାମାୟଣର କଥା ସବୁ ଶୁଣିଥିଲେ, ଯାହାକି ତାଙ୍କ ବାଳୁତ ବିଚାରରେ ପ୍ରତିଭାତ ହୋଇଥିଲା ଓ ତାଙ୍କ ଚରିତ୍ରରେ ଧର୍ମ ନିରପେକ୍ଷତାର ବୀଜ ବପନ କରିଥିଲା । ଅତୀତରେ ତାଙ୍କ ପରିବାର ଥିଲା ବିତ୍ତଶାଳୀ । ଅବସ୍ଥା ଚକ୍ରରେ ସେମାନେ ଦରିଦ୍ର ହୋଇଯାଇଥିଲେ । ଦାରିଦ୍ରତାର କଷାଘାତ ମଧ୍ୟରେ ମଧ୍ୟ ସେ ତାଙ୍କର ମହନୀୟ ଗୁଣାବଳୀକୁ ଜଳାଞ୍ଜଳୀ ଦେଇନଥିଲେ । ବାପାଙ୍କଠାରୁ ଶିକ୍ଷା କରିଥିଲେ ସାଧୁତା ଓ ଆତ୍ମ ସଂଯମତା । ନିଜ ଗୋଡ଼ରେ ନିଜେ ସୁଦୃଢ଼ ଭାବେ ଠିଆ ହେବାର କୌଶଳ । ଅମିଙ୍କଠାରୁ ଶିକ୍ଷା କରିଥିଲେ ସର୍ବ ଧର୍ମ ସାମ୍ୟତାର ଭାବ । ତାଙ୍କ ଅବୁ ଆଉ ଅମି (ବାପା ଆଉ ବୋଉ) ଥିଲେ ତାଙ୍କ ପ୍ରେରଣାର ଉତ୍ସ ।

କଅଁଳ ବୟସର ଅବୋଧ ବାଳକଟି, ସାଙ୍ଗ ସାଥୀମାନଙ୍କ ମେଳରେ ଖେଳି ବୁଲିବାର ବୟସରେ ସେ ଚିନ୍ତା କରିଥିଲେ ଘରର ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ଲାଗି । ମାତ୍ର ୮ବର୍ଷ ବୟସରେ ତାଙ୍କର ଭାବନାକୁ ସାକାର କରିବାପାଇଁ ସାଇକେଲ କ୍ୟାରିଅରରେ କିଛି ଖବରକାଗଜ ଧରି ତାର ବିତରଣ ପାଇଁ ପାଖ କଲୋନୀରୁ କଲୋନୀକୁ ଘୁରି ବୁଲି, ଠିକ୍ ସମୟରେ ଲୋକମାନଙ୍କ ପାଖରେ ପଢ଼ିବା ପାଇଁ ଦୈନିକ ଖବର କାଗଜ ପହଞ୍ଚାଇବା ଲାଗି ଏବଂ ସେଠାରୁ ଫେରି ପ୍ରସ୍ତୁତ ହୋଇ ସ୍କୁଲ ଯିବେ ପାଠ ପଢ଼ିବାକୁ । ଏହା ହେଲା ସମୟାନୁବର୍ତ୍ତିତା ର କଥା । ଏକ ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ ସମ୍ପାଦନ କରିବାର କଥା । ତେବେ ଇଏ ସେହି ବାଳକ ଯିଏ ବାଳୁତ ବୟସରେ ଧର୍ମ ନିରପେକ୍ଷତାର ସ୍ୱପ୍ନ ଦେଖୁଥିଲେ । ସେ ହେଲେ ଆମର ସର୍ବପ୍ରିୟ ଜନାଦୃତ ଭାରତର ମହାମହିମ ରାଷ୍ଟ୍ରପତି ଅବଦୁଲ କାଲାମ ମହୋଦୟଙ୍କର ପିଲାବେଳର କଥା । ରାମେଶ୍ୱରମ୍‌ରେ ଥିବା ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଛାତ୍ର ଥିଲେ । ବର୍ଣ୍ଣ ବୈଷମ୍ୟର ସମ୍ମୁଖୀନ

ହେଉଥିଲେ । ଥରକର କଥା । ଶ୍ରେଣୀ କକ୍ଷରେ ଜଣେ ବ୍ରାହ୍ମଣ ସାଙ୍ଗ ସହିତ ସେ ବସିଥିବାର ଦେଖି ଶିକ୍ଷକ ତାଙ୍କୁ ଅନ୍ୟ ବେଞ୍ଚରେ ବସିବାକୁ ସେଠାରୁ ଉଠାଇ ଦେଇଥିଲେ । ଆଉଥରେ ଗୁରୁ ପତ୍ନୀ ତାଙ୍କୁ ଖାଦ୍ୟ ପରଷିବାକୁ ମନା କରିଦେଇଥିଲେ । ରାତି ଆଠ କିମ୍ବା ସାଢ଼େ ଆଠରୁ ରାତି ଏକାରଟା ପର୍ଯ୍ୟନ୍ତ ସେ କିରାସିନି ଲାମ୍ପ ଜାଳି ବସି ପଢୁଥିଲେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ପାଞ୍ଚଟା ବେଳକୁ ଉଠି ପଢୁଥିଲେ । ଏହା ଥିଲା ତାଙ୍କର ପିଲାଦିନର ଦୈନନ୍ଦିନ ଅଭ୍ୟାସ । କଠିନ ପରିଶ୍ରମ କରି ସେ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁଥିଲେ ।

ସେ ଆନ୍ନା ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଏମ୍.ଆଇ.ଟି. ମାଡ୍ରାସ୍‌ର ଛାତ୍ରଥିବା ବେଳେ ତାଙ୍କର ଜଣେ ପ୍ରଫେସର ତାଙ୍କୁ ଗୋଟିଏ ମହାକାଶ ଯାନ ସମ୍ପର୍କିତ କିଛି ଡ୍ରଇଁ କରିବାକୁ ଦେଇଥିଲେ । ଡ୍ରଇଁଟି ଗାଣିତିକ ପାଠ ଦୃଷ୍ଟିରୁ ଠିକ୍ ନଥିଲା । ତେଣୁ ପ୍ରଫେସର ମହୋଦୟଙ୍କ ନିଷ୍ଠୁର ବଚନରେ ସେ ମ୍ରିୟମାଣ ହୋଇପଡିଥିଲେ । ସାରାରାତି ଅନିଦ୍ରା ରହି ନିର୍ଭୁଲ ଡ୍ରଇଁ କରିବାପାଇଁ ସେ ଚେଷ୍ଟିତ ଥିଲେ । ସକାଳୁ ପ୍ରାତଃ ଭ୍ରମଣରେ ପ୍ରଫେସର ବାହାରିବା ବେଳେ ଦେଖିଲେ କାଲାମ ଡ୍ରଇଁ କରିବାରେ ବ୍ୟସ୍ତ ଥିଲେ । ପ୍ରଫେସରଙ୍କର କାଲାମଙ୍କ ପ୍ରତି ପୂର୍ବଦିନ ସୃଷ୍ଟି ହୋଇଥିବା ମନୋଭାବ ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ସେ ତାଙ୍କୁ ଉତ୍ସାହିତ କରି ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ ।

କାଲାମ ଆନ୍ନା ୟୁନିଭରସିଟି ଅଫ୍ ମାଡ୍ରାସ୍‌ରେ ସ୍ପେସ୍ ସାଇନ୍ସ ଇଞ୍ଜିନିୟରିଂରେ ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ସେତେବେଳେ ସେ ଛାତ୍ରମାନଙ୍କ ଗହଣରେ ଓ ପ୍ରଫେସରମାନଙ୍କ ମେଳରେ ଅତ୍ୟନ୍ତ ପ୍ରିୟ ଥିଲେ । ତାଙ୍କର ପଢ଼ାଇବାର ଶୈଳୀ ଏତେ ଉତ୍ସାହପ୍ରଦ ଓ ଉଦ୍ଦୀପନା ଯୁକ୍ତ ଥିଲା ଯେ ଶ୍ରେଣୀ କକ୍ଷରେ ୬୦ ପିଲାଙ୍କ ଲାଗି ବସିବାର ବ୍ୟବସ୍ଥା ଥିବାବେଳେ ତାଙ୍କ ବୁଦ୍ଧିଦୀପ୍ତ ଓ ଚିତ୍ତାକର୍ଷକ ଭାଷଣ ଶୁଣିବା ପାଇଁ ତାଙ୍କ ଶ୍ରେଣୀରେ ତିନିଶତ ଷାଠିଏରୁ ଉର୍ଦ୍ଧ୍ୱ ପିଲା ଉପସ୍ଥିତ ରହୁଥିଲେ । ସେହି ପିଲାମାନଙ୍କ ମାଧ୍ୟମରେ କାଲାମ ଚାହୁଁଥିଲେ ଏକ ରୂପାନ୍ତରିତ ବୈଭବଶାଳୀ ଭାରତ ବର୍ଷକୁ ଦେଖିବା ଲାଗି ।

ପ୍ରାରମ୍ଭରେ ଥରେ ମାତ୍ର ଅସଫଳତାର ତିକ୍ତ ଅନୁଭୂତି ତାଙ୍କ ଭାଗ୍ୟରେ ଜୁଟିଥିଲା । ତାହା ଥିଲା ସେ ପାଇଲଟ ପଦବୀ ପାଇଁ ସାକ୍ଷାତକାର ଦେବାକୁ ଭଉଣୀର ଗହଣା ବନ୍ଧା ରଖି ପଇସା ଆଣି ଇଣ୍ଟରଭ୍ୟୁ ଦେବାକୁ ଆସିଥିଲେ । ସେମାନେ ଥିଲେ ୨୫ ଜଣ ଆବେଦନକାରୀ ପିଲା । ପୋଷ୍ଟ ଥିଲା ୮ଟି । ତାଙ୍କ ସ୍ଥାନ ଥିଲା ୯ ରେ । ସେ ଅକୃତକାର୍ଯ୍ୟ ହୋଇଥିବା କାରଣରୁ ଭଉଣୀର ଗହଣା କିପରି ମୁକୁଳାଇବେ ଇତ୍ୟାଦି ଭାବନାରେ ଭାଙ୍ଗିପଡ଼ି ଆତ୍ମହତ୍ୟା ଗଙ୍ଗାକୁ ଡେଇଁ କରିଦେବାର ନିଷ୍ପତ୍ତି ନେଇ ଗଙ୍ଗାର ଦନ୍ତୁରିତ ଧାରରେ ଏପଟ ସେପଟ ହେଉଥିଲେ । ଏହି ସମୟରେ ମହାନ୍ ସାଧକ ବାବା ଶିବାନନ୍ଦ ତାଙ୍କ ସନ୍ଧ୍ୟା ଆହ୍ନିକ ସାରି ବାହାରକୁ ବୁଲି ବାହାରିବା ସମୟରେ ହଠାତ୍ ଯୁବକଟି ଉପରେ ତାଙ୍କର ଦୃଷ୍ଟି ପଡିଲା । ସେ ଯୁବକଟିକୁ ଡାକି ମୁହଁ ସଞ୍ଜରେ ଗଙ୍ଗାର ଦନ୍ତୁରିତ ପଥରେ ବିପଦକୁ ବରଣ କରି ସେଠାରେ ବୁଲିବାର କାରଣ ପଚାରିଲେ । ସେ ସତକଥା ମାନିଗଲେ । ସେ ଇଣ୍ଟରଭ୍ୟୁରେ ଅକୃତକାର୍ଯ୍ୟ ହେବା ସହିତ ଭଉଣୀର ଗହଣା ବନ୍ଧା ରଖି ଟଙ୍କା ଆଣି ଆସିଥିଲେ । ଏବେ କଣ କରାଯିବ ? ଟଙ୍କା କିପରି ସୁଝିବେ ? ଘରକୁ କିପରି ଫେରିବେ ? ଏଭଳି ସମସ୍ୟାରେ ମୁହ୍ୟମାନ ହୋଇ ସେ ଆତ୍ମହତ୍ୟାର ନିଷ୍ପତ୍ତି ନେଇଛନ୍ତି । ସ୍ୱାମୀ ଶିବାନନ୍ଦ କିନ୍ତୁ କାଲାମଙ୍କୁ ପ୍ରବୋଧନା ଦେଇ କହିଥିଲେ ପାଇଲଟ ଠାରୁ ଆହୁରି ବଡ଼ ପୋଷ୍ଟ ତମ ଅପେକ୍ଷାରେ ଅଛି । ତମେ ସେ ପୋଷ୍ଟ ପାଇଁ ଅପେକ୍ଷା ନକରି ଏହି ଅମୂଲ୍ୟ ଜୀବନ ହାରିବା ତମ ପାଇଁ ହାନୀକାରକ ହେବ । କାଲାମ ସେଦିନ ସ୍ୱାମୀ ଶିବାନନ୍ଦଙ୍କର ଆଶ୍ରମରେ ରାତ୍ରିଯାପନ କରି ତାପରଦିନ ସ୍ୱାମୀଜୀଙ୍କ ସହାୟତାରେ ସ୍ୱଗୃହକୁ ରାମେଶ୍ୱରମ୍ ଫେରିଥିଲେ ।

ଏହା ପରେ ଅଳ୍ପ ଦିନ ଅନ୍ତରରେ ୧୯୬୦ ମସିହାରେ କାଲାମଙ୍କୁ DRDOରେ ଚାକିରୀଟିଏ ମିଳିଥିଲା ଏବଂ ସେ ସେଠାରେ ସ୍ୱାଧୀନ ଭାବାରେ ଗୋଟିଏ Hover Craft ପ୍ରସ୍ତୁତ କରି ତାହାର ଉଡାଣରେ ସଫଳ ହୋଇଥିଲେ । ଏହି Hover Craft ସ୍ୱାଧୀନ ଭାବେ ପ୍ରସ୍ତୁତ କରି ସଫଳତା ସହକାରେ ଉଡ଼ାଇବା ତାଙ୍କ ମନରେ ଅଫୁରନ୍ତ ଆନନ୍ଦ ଓ ବିଶ୍ୱାସ ସୃଷ୍ଟି କରିଥିଲା । ସେ ବେଶି ଦିନ DRDO ରେ ରହିପାରିନଥିଲେ । ସେଠାରୁ ISROରୁ ତାଙ୍କର ୧୯୬୯ରେ ବଦଳି ହେଲା । ISRO ଯାଇ କ୍ଷେପଣାସ୍ତ୍ର ପ୍ରସ୍ତୁତିରେ ବ୍ରତି ହେଲେ । ଲକ୍ଷ୍ୟଭେଦି କ୍ଷେପଣାସ୍ତ୍ର ପ୍ରସ୍ତୁତିରେ ତାଙ୍କର ସଫଳତା ତାଙ୍କ ପାଇଁ ଭାରତ ବର୍ଷରେ Missile Man ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ୧୯ବର୍ଷ ରହି ଅଗ୍ନି ଓ ପୃଥ୍ୱୀ କ୍ଷେପଣାସ୍ତ୍ର ପ୍ରସ୍ତୁତିରେ ସେ ଥିଲେ ଜଣେ ସଫଳ ବିଜ୍ଞାଣୀ । ଜଣେଥିଲେ ମି.ଦାସ । ସେ ଯାହାକୁ ଛୁଇଁ ଦେଉଥିଲେ ତାହା ସୁନାକୁ ପରିବର୍ତ୍ତିତ ହୋଇ ଯାଉଥିଲା । ସେହିଭଳି ଏ.ପି.ଜେ.ଅବ୍ଦୁଲ କାଲାମ ଗୋଟିଏ ନାମ ଯାହାକୁ ଉଚ୍ଚାରଣ କଲେ ଭାରତବର୍ଷରେ ସଫଳତାର ପ୍ରତୀକ ବୋଲି ଧରାଯାଉଥିଲା । ରୋହିଣି ଉପଗ୍ରହକୁ ତାର ପରିକ୍ରମଣ କକ୍ଷରେ ସଫଳତାର ସହିତ କାଲାମ ଅବସ୍ଥାପିତ କରିପାରିଥିଲେ ।

କାଲାମଙ୍କ ସମୟରେ ଭାରତ ପୃଥିବୀର ଏକ ଶକ୍ତି ଭାବେ ପରିଚିତ ହୋଇଥିଲା । କାଲାମ ଏକବିଂଶ ଶତାବ୍ଦୀର ସବୁଠାରୁ ପ୍ରଭାବଶାଳୀ ବୈଜ୍ଞାନିକ ଭାବେ ପରିଗଣିତ ହେଉଥିଲେ । ସବୁପରେ ମଧ୍ୟ ସେ ଥିଲେ ଅତ୍ୟନ୍ତ ସରଳ ଓ ଶାନ୍ତ ସ୍ୱଭାବର ସଜ୍ଜନ । ଏକଦା ବିଜୁ ବାବୁଙ୍କୁ ଉଡ଼ାଜାହାଜରେ ଦେଖି ଅତ୍ୟନ୍ତ ବିନମ୍ର ଭାବେ ସେ ନମସ୍କାର କଲେ । ବିଜୁ ବାବୁ ତାଙ୍କ ସ୍ୱଭାବ ସୁଲଭ ଢ଼ଙ୍ଗରେ ପଚାରିଲେ କେତେ ବାଟ ଗଲା ? ସେପଟୁ ଉତ୍ତର ଥିଲା ୫୦୦୦ । ବିଜୁ ବାବୁଙ୍କ ପାଖ ପାସେଞ୍ଜର ଥିଲେ ତ୍ରିଲୋଚନ କାନୁନ୍‌ଗୋ । ସେ ସମୟର କଟକର ପାର୍ଲିଆମେଣ୍ଟ ସଭ୍ୟ । କାଲାମ ସାହେବ ଆସନ ଗ୍ରହଣ କଲାପରେ ତ୍ରିଲୋଚନ ବାବୁ ବିଜୁ ବାବୁଙ୍କୁ ପଚାରିଥିଲେ ସେ ବାବୁଙ୍କ ପରିଚୟ । ବିଜୁ ବାବୁ କହିଥିଲେ ତମେ ୟାଙ୍କୁ ଜାଣିନ, ଇଏ ହେଉଛନ୍ତି ଆମର ସ୍ପେସ୍ ସାଇଣ୍ଟିଷ୍ଟ ଅବଦୁଲ କାଲାମ । ଆମର କ୍ଷେପଣାସ୍ତ୍ର କେତେ ଦୂର ଲକ୍ଷ୍ୟ ଭେଦ କରିପାରିବ ? ତାଙ୍କର ଉତ୍ତର ଥିଲା ୫୦୦୦କି.ମି. । ତ୍ରିଲୋଚନ ବାବୁ ଗୋଟିଏ ପ୍ରବନ୍ଧରେ ସମାଜରେ ଏ ଲେଖାଟି ପ୍ରକାଶ କରିଥିଲେ ।

ଡ.କାଲାମ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ବହୁ ସଂଖ୍ୟକ ଭୋଟରେ ଜିତି ଭାରତର ସର୍ବଜନପ୍ରିୟ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ସେ ସମୟରେ ଭାରତର ପ୍ରଧାନମନ୍ତ୍ରୀ ଥିଲେ ଅଟଳ ବିହାରୀ ବାଜପେୟୀ ଓ ମନମୋହନ ସିଂହ । ଉପରାଷ୍ଟ୍ରପତି ଥିଲେ କ୍ରିଷ୍ଣ କାନ୍ତ ଓ ଭୈରବ ସିଂ ସେଖାବତ୍ । ସେ ଭାରତର ପ୍ରେସିଡ଼େଣ୍ଟ ଥିବା ସମୟରେ ବିହାରରେ ରାଷ୍ଟ୍ରପତି ଶାସନ ଜାରି କରିଥିଲେ । ତାଙ୍କର ଲକ୍ଷ୍ୟ ଥିଲା ଏକ ଦୁର୍ନୀତିମୁକ୍ତ ରାଷ୍ଟ୍ର । ଜେନେରାଲ ଶାମ ବାହାଦୂର ମାନେକସା ଦିଲ୍ଲୀରେ AIMMSରେ ଚିକିତ୍ସିତ ହେଉଥାନ୍ତି । ପ୍ରେସିଡ଼େଣ୍ଟ ଡ.କାଲାମ ନୀତି ନିୟମକୁ ଅମାନ୍ୟ କରି ମାନବିକତା ଦୃଷ୍ଟିକୋଣରୁ ବିଚାର କରି ତାଙ୍କୁ ଦେଖା କରିବାକୁ ଯାଇଥିଲେ । ସେଠାରେ ମାନେକସା ବଡ଼ ସମ୍ଭ୍ରମତାର ସହିତ ପ୍ରକାଶ କରିଥିଲେ ତାଙ୍କର ପେନ୍‌ସନ୍ ସରକାରଙ୍କ ପାଖରେ ରହିଯାଇଛି । ପ୍ରେସିଡ଼େଣ୍ଟ ସମସ୍ତ ବକେୟା ପେନ୍‌ସନ୍ ଡ୍ର କରି ସ୍ପେଶାଲ ମେସେଞ୍ଜର ଭାବେ ସେକ୍ରେଟାରୀଙ୍କ ହାତରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଡ୍ରାଫ୍ଟ ପଠାଇ ଦେଇଥିଲେ । ଜେନେରାଲ ମଧ୍ୟ ଅବିଳମ୍ବେ ସେ ଅର୍ଥକୁ ମିଲିଟାରୀ Welfare fund କୁ ପଠାଇ ଥିଲେ ।

୧୯୮୧ରେ କାଲାମଙ୍କୁ ପଦ୍ମଭୂଷଣ ସମ୍ମାନରେ ଭାରତ ସରକାରଙ୍କ ତରଫରୁ ସମ୍ମାନୀତ କରାଯାଇଥିଲା । ୧୯୯୦ ରେ କାଲାମଙ୍କୁ ପଦ୍ମବିଭୂଷଣ ସମ୍ମାନରେ ଭାରତ ସରକାରଙ୍କ ତରଫରୁ ସମ୍ମାନୀତ କରାଯାଇଥିଲା । ୧୯୯୭ରେ କାଲାମଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ୧୯୯୮ରେ କାଲାମଙ୍କୁ ବୀର ସଭରକର ସମ୍ମାନରେ ସମ୍ମାନୀତ ହୋଇଥିଲେ ।

ଡ.କାଲାମ ଜଣେ ସୁଲେଖକ ଥିଲେ । ସେ ଅନେକ ମୂଲ୍ୟବାନ ଶିକ୍ଷାପ୍ରଦ ପୁସ୍ତକର ପ୍ରଣେତା ଥିଲେ ।

ସେ ୨୭-୭-୨୦୧୫ ମସିହାରେ ଆଇ.ଆଇ.ଟି ସିଲଂରେ ଯୁବ ଛାତ୍ରମାନଙ୍କ ସଭାରେ ଭାଷଣ ଦେଉଥିବା ବେଳେ ହୃଦ୍‌ଘାତରେ ୮୩ ବର୍ଷରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

-୦-

*With Best Compliments from:*

**ASHOKA DRESSES**

**Prop: P. Ashok Kumar Prusty**

**A House of Ladies, Gents & Kids Wear, Sarees**

**Dharakote Street, Khallikote (Ganjam)**
**Cell: 9437402712, 9861660650**



# ଜନସେବକ ଲାଲବାହାଦୁର

ମହେନ୍ଦ୍ର କୁମାର ମଲ୍ଲିକ

ରାଜନୈତିକ ଇତିହାସରେ ଯେଉଁ କେତେଜଣ ତୁଙ୍ଗ ନେତୃବୃନ୍ଦଙ୍କ ତ୍ୟାଗ ଓ ଆଦର୍ଶ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ସେମାନଙ୍କ ମଧ୍ୟରୁ ସ୍ୱାଧୀନ ଭାରତ ବର୍ଷର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୁର ଶାସ୍ତ୍ରୀ ହେଉଛନ୍ତି ଅନ୍ୟତମ । ସେଥିଲେ ଭାରତମାତାର ଜଣେ ସୁଯୋଗ୍ୟ ସନ୍ତାନ । ୧୯୦୪ ମସିହା ଅକ୍ଟୋବର ଦୁଇ ତାରିଖ ଏକ ଅମୃତ ଲଗ୍ନରେ ଉତ୍ତର ପ୍ରଦେଶର ମୋଗଲାଇ ନାମକ ଏକ ଗରିବ ପରିବାରରେ ଲାଲବାହାଦୂରଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ଶାରଦା ପ୍ରସାଦ ଓ ମାତାଙ୍କ ନାମ ରାମଦୁଲାରୀ । ତାଙ୍କର ପିତା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ । ପରେ କେତେକ ଅନିବାର୍ଯ୍ୟ କାରଣ ଯୋଗୁଁ ସେ ରାଜ୍ୟ ସରକାରଙ୍କ ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ରୂପେ ଅବସ୍ଥାପିତ ହୋଇଥିଲେ । ତାଙ୍କର ଆଉ ଦୁଇଜଣ ଭଉଣୀ ଥିଲେ । ପିତାଙ୍କ ସ୍ୱଳ୍ପ ମାସିକ ଦରମାରେ ପରିବାର କଷ୍ଟେମଷ୍ଟେ ଚଳି ଯାଉଥିଲେ । ବିଧିର ବିଧାନ ଥିଲା ସମ୍ପୂର୍ଣ୍ଣ ଅଲଗା । ତାଙ୍କର ପିତା ଯେକି ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ, ତାଙ୍କର ହେଲା ଅକାଳ ବିୟୋଗ । ସେତେବେଳେ ତାଙ୍କ ମାତା ରାମଦୁଲାରୀଙ୍କର ବୟସ ଥିଲା ମାତ୍ର କୋଡ଼ିଏ ବର୍ଷ । ଏପରି ଅକାଳ ବୈଧବ୍ୟ ତାଙ୍କୁ ହତାଶାର ମରୁଭୂମିରେ ପହଞ୍ଚାଇ ଦେଲାବେଳେ ନିଜେ ବଞ୍ଚିବା ଓ ଅନ୍ୟମାନଙ୍କୁ ବଞ୍ଚାଇବାର ରାହା ଖୋଜୁ ଖୋଜୁ ସେ ଆକସ୍ମିକ ଭାବେ ଏକ ଆଲୋକର ସନ୍ଧାନ ପାଇଲେ । ଭଲ ମନ୍ଦ, ନିନ୍ଦା, ଅପବାଦ ସମାଲୋଚନାକୁ ଭୃକ୍ଷେପ ନକରି ନିଜର ପିତାଙ୍କ ଘରକୁ ଚାଲିଗଲେ । ତାଙ୍କର ଅମାୟିକ ବ୍ୟବହାର ସଭିଙ୍କୁ ନିଜର କରିପାରିଥିଲା । ପିତାଙ୍କ ପରିବାର ତାଙ୍କ ବିପଦ ସମୟରେ ସମ୍ବେଦନଶୀଳ ହୋଇ ତାଙ୍କୁ ନିଜ ଘରେ ଆଶ୍ରୟ ଦେଲେ ।

ଲାଲ୍‌ବାହାଦୁରଙ୍କର ବାଲ୍ୟଜୀବନ ଅଜାଙ୍କ ଘରେ କଟିଥିଲା । ଅଜାଙ୍କ ଘରେ ରହି, ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ । ଷଷ୍ଠଶ୍ରେଣୀରୁ ଉତ୍ତୀର୍ଣ୍ଣ ହେଲା ପରେ ବନାରସ ହରିଶ୍ଚନ୍ଦ୍ର ଉଚ୍ଚଇଂରାଜୀ ବିଦ୍ୟାଳୟରେ ତାଙ୍କ ମଉସା ନାମ ଲେଖାଇ ଦେଇଥିଲେ । କାରଣ ତାଙ୍କ ମଉସା ସେତେବେଳେ ପୌର କାର୍ଯ୍ୟାଳୟର କର୍ମଚାରୀ ଥିଲେ । ଆର୍ଥିକ ସ୍ୱଚ୍ଛଳତା ନଥିବାରୁ ହଷ୍ଟେଲରେ ରହିବା ସମ୍ଭବପର ହୋଇନଥିଲା । ସେ ନିଜ ମଉସାଙ୍କ ଘରେ ରହି ପାଠ ପଢୁଥିଲେ । ମଣିଷପରି ମଣିଷଟିଏ ଗଢ଼ିବା ପାଇଁ ତାଙ୍କର ମଉସା ଆପ୍ରାଣ ପ୍ରୟାସ କରିଥିଲେ ।

ଲାଲବାହାଦୂର ପିଲାଦିନରୁ ଥିଲେ କଠୋର ପରିଶ୍ରମୀ ଓ ଖେଳପ୍ରିୟ । ସେ ଥିଲେ ଭଦ୍ର, ନମ୍ର, ସତ୍ୟବାଦୀ ଓ ପ୍ରତ୍ୟୁତ୍ପନ୍ନମତି ନିର୍ମଳ ଚରିତ୍ର । ଚାତୁର୍ଯ୍ୟରେ ସମସ୍ତଙ୍କୁ ଆପଣାର କରିପାରୁଥିଲେ । ସରଳ ବ୍ୟବହାର ଯୋଗୁଁ ଶିକ୍ଷକ ଓ ସହପାଠୀ ମାନଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ ।

ଏକଦା ସହପାଠୀମାନଙ୍କ ସହ ବନାରସରୁ ଗଙ୍ଗାନଦୀ ପାରହୋଇ ଗୋଟିଏ ମେଳା ଦେଖିବାକୁ ଯାଇଥିଲେ । ଫେରିଲା ବେଳକୁ ତାଙ୍କ ପାଖରେ ଡଙ୍ଗାରେ ପାର ହେବା ପାଇଁ ପଇସା ନଥିଲା । ଲାଲବାହାଦୂର ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ । ନିଜର ଦାରିଦ୍ର୍ୟତା ଅନ୍ୟ ଆଗରେ ପ୍ରକାଶ କରିବାକୁ ଉଚିତ ମନେ କରୁନଥିଲେ । ତେଣୁ ସେ କାହାରିକୁ କିଛି ନକହି ମେଳା ଭିତରେ ରହିଗଲେ । ଅନ୍ୟସାଙ୍ଗ ମାନେ ଡଙ୍ଗାରେ ନଦୀ ପାର ହୋଇ ବନାରସ ଫେରି ଆସିଲେ । ସନ୍ଧ୍ୟା ଆଗତ ହେଲେ ମଧ୍ୟ ଲାଲବାହାଦୂର ବିଚଳିତ ନହୋଇ ଏକା ଏକା ଅତ୍ୟନ୍ତ ଧୈର୍ଯ୍ୟର ସହ ଗଙ୍ଗାନଦୀକୁ ପହଁରି ପହଁରି ପାରହୋଇ ବନାରସରେ ପହଞ୍ଚିଥିଲେ । ଏହା ତାଙ୍କର ଦୃଢ଼ମନା ଓ ନିର୍ଭିକତାର ପ୍ରମାଣ ଦିଏ ।

ଗରୀବ ଲୋକଙ୍କ ସେବାରେ ସେ ନିଜକୁ ଛାତ୍ର ଜୀବନରୁ ହିଁ ନିୟୋଜିତ କରିଥିଲେ । ଆଞ୍ଚଳିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କରେ ସେ ଥିଲେ ସକ୍ରିୟ ସଭ୍ୟ । ସମସ୍ତ ସେବାକାର୍ଯ୍ୟରେ ସେ ଯୋଗଦାନ କରୁଥିଲେ । ଏହାଥିଲା ତାଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ।

ମହାତ୍ମାଗାନ୍ଧୀଙ୍କ ସ୍ୱରାଜ ଆନ୍ଦୋଳନ ଡାକରାରେ ନାରାୟଣ ସିଂହ, ଆଇ ଗୁଲାଇ ଶାସ୍ତ୍ରୀ ଓ ଲାଲବାହାଦୂର ଏହି ତିନି ଜଣ ଛାତ୍ର ଉଦ୍‌ବୁଦ୍ଧ ହୋଇ ଦେଶପ୍ରେମର ବାଣୀ ପ୍ରଚାର କରିବାକୁ ସମର୍ଥ

ହୋଇଥିଲେ ଏବଂ ମହାତ୍ମାଗାନ୍ଧୀଙ୍କ ଆଇନ ଅମାନ୍ୟ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ । ସେତେବେଳେ ତାଙ୍କୁ ମାତ୍ର ଷୋଳ ବର୍ଷ ବୟସ ହୋଇଥିଲା । ହରିଶ୍ଚନ୍ଦ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟର ଶ୍ରୀ ନିଷ୍କାମେଶ୍ୱର ମିଶ୍ର ଥିଲେ ତାଙ୍କର ଆଦର୍ଶ ଶିକ୍ଷକ ଓ ପଥପ୍ରଦର୍ଶକ । ସେଦିନ ଠାରୁ ସେ ଆଉ କେବେ ପଛକୁ ଫେରିନଥିଲେ ।

ଲାଲବାହାଦୂର ଜେଲରୁ ମୁକୁଳିବା ପରେ କାଶୀବିଦ୍ୟାପୀଠ ରେ ନାମ ଲେଖାଇଥିଲେ । ସେତେବେଳକୁ ଏହା ଏକ ଜାତୀୟ ଅନୁଷ୍ଠାନର ସୁଖ୍ୟାତି ଅର୍ଜନ କରିସାରିଥିଲା । ଚାରିବର୍ଷ ଶିକ୍ଷାଲାଭ କଲାପରେ 'ଶାସ୍ତ୍ରୀ' ଡିଗ୍ରୀ ଲାଭ କରିଥିଲେ । ସେବେଠାରୁ ଲାଲ୍‌ବାହାଦୂର ଶ୍ରୀବାସ୍ତବରୁ ଲାଲାବାହାଦୂର ଶାସ୍ତ୍ରୀ ରୂପେ ଜଣାଶୁଣା ଏବଂ ବହୁପରିଚିତ ପ୍ରତିଭା ।

ଲାଲବାହାଦୂରଙ୍କ ପାଖରେ ଧନବଳ ନଥିଲେ ହେଁ ମନୋବଳ ଦୃଢ଼ ଥିଲା । ସାଇକେଲଟିଏ କିଣିବା ପାଇଁ ତାଙ୍କ ପାଖରେ ପଇସା ନଥିବାରୁ ପ୍ରତ୍ୟେହ ସେ ଚଉଦ କି.ମି. ପାଦରେ ଯିବା ଆସିବା କରି ଅଧ୍ୟୟନ କରୁଥିଲେ ।

୧୯୨୬ ମସିହାରେ ଶାସ୍ତ୍ରୀଜୀଙ୍କ କାର୍ଯ୍ୟକଳାପ ଲାଲାଲାଜପତରାୟଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାଙ୍କୁ 'ଭାରତ ସେବକ ସମାଜ'ର ଆଜୀବନ ସଭ୍ୟ ରୂପେ ମନୋନୀତ କରାଗଲା । ସେଇ ଅନୁଷ୍ଠାନର ଲକ୍ଷ୍ୟ ଓ ନୀତି ଆଦର୍ଶରେ କିପରି ଦେଶବାସୀ ଅନୁପ୍ରାଣୀତ ହେବେ ସେଇ କାମରେ ଲାଲବାହାଦୂର ଲାଗିପଡ଼ିଲେ ଓ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କଲେ । ବିଶେଷ କରି ଦଳିତ ସମାଜର କଲ୍ୟାଣ ନିମନ୍ତେ ବିଶେଷ ଧ୍ୟାନ ଦେଉଥିଲେ । ଭାରତ ସେବକ ସମାଜର ସଭାପତି ବାବୁ ପୁରୁଷୋତ୍ତମ ଦାସ ଟଣ୍ଡନଙ୍କ ମୃତ୍ୟୁପରେ ଶାସ୍ତ୍ରୀଜୀହିଁ ସେଇ ସଙ୍ଗଠନର ମୁଖ୍ୟ ହେଲେ ଏବଂ ସେହି ବର୍ଷ ଆଲାହାବାଦ ମହାପାଳିକାର ସଦସ୍ୟ ରୂପେ ନିର୍ବାଚିତ ହେଲେ । ସେଠାରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟକରି ଲୋକପ୍ରିୟତା ଅର୍ଜନ କରିପାରିଥିଲେ । ଏବଂ ତାହାହିଁ ତାଙ୍କ ରାଜନୈତିକ ଜୀବନର ପଥପ୍ରଦର୍ଶନୀ ହୋଇ ରହିଲା ।

୧୯୨୭ ମସିହାରେ ମିର୍ଜାପୁରର ଏକ ମଧ୍ୟବିତ୍ତ ପରିବାରର କନ୍ୟା ଲଳିତାଙ୍କ ସହିତ ଲାଲବାହାଦୂରଙ୍କର ହୁଏ ବିବାହ । ତାଙ୍କ ଧର୍ମପତ୍ନୀ ଲଳିତା ଉଚ୍ଚଶିକ୍ଷିତା ନଥିଲେ ବି ସେ ଥିଲେ ଅତ୍ୟନ୍ତ ପତିବ୍ରତା ଓ ଧର୍ମପ୍ରାଣା । ଉଭୟଙ୍କ ଭିତରେ ଥିଲା ଉତ୍ତମ ବୁଝାମଣା । ଉଭୟ ଲୋକହିତକର କାର୍ଯ୍ୟରେ ବ୍ରତୀ ଥିଲେ ।

୧୯୨୮ ମସିହାରେ ଶାସନ ପ୍ରଣାଳୀରେ ସଂସ୍କାର ଆଣିବା ପାଇଁ ସାଇମନ କମିଶନ ଭାରତକୁ ଆସିଲା । ସାଇମନ କମିଶନକୁ ସାରା ଭାରତ ବର୍ଷରେ କୋଣେ ଅନୁକୋଣେ ବିରୋଧ କରାଗଲା । ସେଇ ଆନ୍ଦୋଳନରେ ଲାଲବାହାଦୂର ଶାସ୍ତ୍ରୀ ପୋଲିସ ମାଡ଼ଖାଇ କ୍ଷତାକ୍ତ ହୋଇଥିଲେ କିନ୍ତୁ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇନଥିଲେ ।

୧୯୩୦ ମସିହାରେ ସାରାଭାରତବର୍ଷରେ ଆଇନ ଅମାନ୍ୟ ଆନ୍ଦୋଳନ ତେଜି ଉଠିଲା । ଏବଂ ସ୍ୱରାଜ୍ୟ ଦିବସ ମଧ୍ୟ ପାଳନ କରାଗଲା । ସେଇବର୍ଷ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଦାଣ୍ଡିଠାରେ ଲବଣ ସତ୍ୟାଗ୍ରହ ଆରମ୍ଭ କରାଗଲା । ସେତେବେଳେ ଲାଲବାହାଦୂର ଶାସ୍ତ୍ରୀଙ୍କୁ ମାତ୍ର ପଚିଶ ବର୍ଷ ବୟସ ହୋଇଥିଲା ଓ ସେ ଜିଲ୍ଲା କଂଗ୍ରେସର ସମ୍ପାଦକ ଥିଲେ । ଶାସ୍ତ୍ରୀଜୀଙ୍କୁ ଗୋଟିଏ ସଭାରୁ ଗିରଫ କରାଯାଇ ବନ୍ଦୀ କରି ଜେଲରେ ରଖାଗଲା । ସରକାରୀ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ତାଙ୍କୁ ସାତ ଥର କାରାବରଣ କରିବାକୁ ପଡିଥିଲା । ୧୯୩୬ ମସିହାଠାରୁ ୧୯୪୫ ପର୍ଯ୍ୟନ୍ତ ୯ବର୍ଷ ଧରି ଜେଲରେ କଟାଇଥିଲେ ।

ନୈନୀ ଜେଲରେ ଜଣେ 'ଖ' ଶ୍ରେଣୀର ରାଜନୈତିକ ବନ୍ଦୀ ରୂପେ ତାଙ୍କୁ ରଖାଯାଇଥିଲା । ଜେଲରେ ଥିବାବେଳେ ବିଶ୍ୱବିଖ୍ୟାତ ନେତୃବୃନ୍ଦ, ଲେଖକ ଓ ଦାର୍ଶନିକ ମାନଙ୍କ ଦ୍ୱାରା ରଚିତ ପୁସ୍ତକ ଗୁଡ଼ିକୁ ପଢ଼ିବାର ସୁଯୋଗ ପାଇଥିଲେ । ତନ୍ମଧ୍ୟରୁ ମାର୍କସ ଲେଲିନ୍, ଲାସ୍କି, ବରଟାଣ୍ଡ, କ୍ୟାଣ୍ଟ ହିରାଲ୍ଡଙ୍କ ପ୍ରଣୀତ ଏହି ଗ୍ରନ୍ଥସହିତ ଅନ୍ୟମାନଙ୍କର ପୁସ୍ତକ ପାଠକରି ବିଶ୍ୱ ଇତିହାସର ଜ୍ଞାନ ଆହରଣ କରିଥିଲେ । ମାଡ଼ାମକ୍ୟୁରୀଙ୍କ ଆତ୍ମଜୀବନୀକୁ ସେ ହିନ୍ଦିରେ ଅନୁବାଦ କରିଥିଲେ । ସେ ଜେଲରେ ଥିଲାବେଳେ ତାଙ୍କର ଗୋଟିଏ ପୁତ୍ର ଏବଂ ଗୋଟିଏ କନ୍ୟାଙ୍କୁ ହରାଇଥିଲେ । ତାଙ୍କ ପାଖରେ ଥିଲା ଅସୀମ ଧୈର୍ଯ୍ୟ ଓ ତ୍ୟାଗ । ସେ ସବୁ ଦୁଃଖକୁ ଭୁଲି ଦେଶସେବାରେ ହିଁ ବ୍ରତୀ ଥିଲେ ।

ମହାତ୍ମାଗାନ୍ଧୀଙ୍କ ସ୍ଲୋଗାନ 'କର ବା ମର' ସାରା ଭାରତବର୍ଷରେ ପ୍ରକମ୍ପିତ ହେଉଥାଏ । 'ଭାରତଛାଡ଼' ଜନଜାଗରଣର ସୁଅ ଦେଶସାରା ପ୍ରବାହିତ ହେଉଥାଏ । ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ବ୍ରିଟିଶ ସରକାର ଗାନ୍ଧୀଙ୍କୁ ଆରେଷ୍ଟ କରିନେଲେ । ସେତେବେଳେ ଶାସ୍ତ୍ରୀଜୀ ଜେଲରେ ଥାଆନ୍ତି । ଜେଲରୁ ଯେତେବେଳେ ଶାସ୍ତ୍ରୀଜୀ ମୁକୁଳିଲେ ବନ୍ଧୁମାନଙ୍କ ଗହଣରୁ ଛଦ୍ମବେଶରେ ଷ୍ଟେସନରୁ ଓହ୍ଲାଇ ପୋଲିସ ଆଖିରେ ଧୂଳିଦେଇ ଫେରାର ହୋଇଯାଇ ଆନନ୍ଦ ଭବନର ଉପର ମହଲାରେ ଆତ୍ମଗୋପନ କରି ଜନଜାଗରଣକୁ ବ୍ୟାପକ କରାଇଥିଲେ । ସେଠାରେ

ବ୍ରିଟିଶ ପୋଲିସ ଚଢ଼ାଉ କଲେ । କିନ୍ତୁ ଶାସ୍ତ୍ରୀ ବେଶ ବଦଳାଇ ସେଠାରୁ ଖସିଯାଇ ପଣ୍ଡିତ ମାଲବ୍ୟଙ୍କ ଘରେ ଗୋପନରେ ରହିଲେ । ସେତିକିବେଳେ ଲଣ୍ଡନରେ ଗୋଲଟେବୁଲ ବୈଠକ ବସିଲା । ସେଇ ବୈଠକରେ ଯୋଗଦେବା ପାଇଁ ଗାନ୍ଧିଜୀ ସମେତ ବହୁ ତୁଙ୍ଗନେତା ଲଣ୍ଡନ ଯାତ୍ରା କଲେ । ଗୋଲଟେବୁଲ ବୈଠକରେ କୌଣସି ସମସ୍ୟାର ସମାଧାନ ପନ୍ଥା ନ ବାହାରିବାରୁ ଭାରତୀୟ ନେତାମାନେ ଭାରତ ଫେରିଆସିଲେ । ବ୍ରିଟିଶ ସରକାର ଭାରତୀୟ ତୁଙ୍ଗନେତାମାନଙ୍କୁ ବିପ୍ଳବରେ ଯୋଗଦାନ ନକରାଇବା ଉଦ୍ଦେଶ୍ୟରେ ଶାସ୍ତ୍ରୀଜୀ ସମେତ ବହୁ ନେତାଙ୍କୁ ଗିରଫ କରି ଜେଲରେ ବନ୍ଦୀ କରି ରଖିଲେ ।

ସେଇମାନଙ୍କ ତ୍ୟାଗ ପାଇଁ ଭାରତବର୍ଷ ସବୁ ବାଧାବିଘ୍ନ ଓ ପ୍ରତିବନ୍ଧକକୁ ଅତିକ୍ରମ କରି ୧୯୩୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନ ହେଲା । ପଣ୍ଡିତ ଜବାହାରଲାଲ ନେହେରୁ ହେଲେ ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ରର ପ୍ରଥମ ପ୍ରଧାନମନ୍ତ୍ରୀ । ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ ହେଲେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ । ଲାଲବାହାଦୂରଙ୍କୁ ସଂସଦୀୟ ସଚିବ ପଦରେ ନିଯୁକ୍ତି ଦିଆଗଲା । ପରେ ଉତ୍ତରପ୍ରଦେଶ ମନ୍ତ୍ରୀ ମଣ୍ଡଳରୁ ଆର.ଏମ.କିଜଓ୍ୱାଇ କେନ୍ଦ୍ରମନ୍ତ୍ରୀ ମଣ୍ଡଳକୁ ଚାଲିଯିବାରୁ ତାଙ୍କଠାରେ ଥିବା ଘରୋଇ ଓ ପରିବହନ ବିଭାଗର ଦାୟିତ୍ୱ ଲାଲବାହାଦୂର ଶାସ୍ତ୍ରୀ ବହନ କରି ଆଇନଶୃଙ୍ଖଳା ପରିସ୍ଥିତିର ଅଭୁତପୂର୍ବ ପରିବର୍ତ୍ତନ ଆଣିପାରିଥିଲେ । ସେହିପରି ପରିବହନ ବିଭାଗରେ ତାଙ୍କ ସମୟରେ ପ୍ରଥମଥର ପାଇଁ ମହିଳାମାନଙ୍କୁ କଣ୍ଡକ୍ଟର ଭାବେ ନିଯୁକ୍ତି ମିଳିଥିଲା । ଏହାଥିଲା ତାଙ୍କର ସାମାଜିକ ପରିବର୍ତ୍ତନର ଏକ ନିଚ୍ଛକ ଉଦାହରଣ ।

୧୯୫୨ ମସିହାରେ ବିପୁଳ ଜନସମର୍ଥନ ପାଇ ଲୋକସଭାକୁ ନିର୍ବାଚିତ ହେଲେ ଏବଂ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ରେଳବାଇ ଓ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ତାଙ୍କ ମନ୍ତ୍ରୀତ୍ୱ କାଳରେ ଏକ ରେଳ ଦୁର୍ଘଟଣା ଘଟିଲା । ସେଥିରେ ସେ ବ୍ୟଥିତ ହୋଇ ନିଜକୁ ଦାୟୀକରି ନିଜର ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଦେଲେ । ଇସ୍ତଫାପତ୍ର ଦେଇ ଆସି ଘରକୁ ଫେରିବା ସମୟରେ ସରକାରୀ ଗାଡ଼ିରେ ନଆସି ବସଯୋଗେ ନିଜ ଘରକୁ ଫେରିଥିଲେ । ଅବଶ୍ୟ ପରେ ପ୍ରଧାନମନ୍ତ୍ରୀ ତାଙ୍କୁ ବୁଝାସୁଝା କରିବାରୁ ସେ ତାଙ୍କର ଇସ୍ତଫାପତ୍ରକୁ ଫେରାଇ ନେଇଥିଲେ ।

ଲାଲବାହାଦୂର ରେଳମନ୍ତ୍ରୀ ଥିବା ବେଳେ ଆଗ୍ରାକୁ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଆସିଥିଲେ । ତାଙ୍କ ମାଆଁଙ୍କ ସହିତ ବହୁଦିନହେବ ଦେଖାସାକ୍ଷାତ ହୋଇନଥିଲା । ତେଣୁ ତାଙ୍କ ମାଆ ଲାଲବାହାଦୂରଙ୍କୁ ଦେଖା କରିବାକୁ ଆଗ୍ରା ରେଳଷ୍ଟେସନରେ ପହଞ୍ଚିଯାଇଥିଲେ । ଲାଲବାହାଦୂରଙ୍କ ଆସିବା ବହୁ ପୂର୍ବରୁ ତାଙ୍କ ମାଆ ନିରବରେ ଅପେକ୍ଷା କରି ବସିରହିଥାନ୍ତି । ଲାଲବାହାଦୂର ସହଜରେ ଗେଡ଼ାଲୋକ । ସେ ଲୋକଗହଳି ଭିତରେ ଲୁଚିଗଲେ । ତାଙ୍କ ଅଶୀ ବର୍ଷ ବୟସର ମାଆ ତାଙ୍କୁ ବହୁତ ଦିନରୁ ଦେଖିନଥିବାରୁ ବ୍ୟାକୁଳ ହେଉଥିଲେ । ଜଣେ ରେଳଅଧିକାରୀଙ୍କୁ ତାଙ୍କ ପୁଅଙ୍କ ସହିତ ଦେଖା କରାଇଦେବାକୁ ଅନୁରୋଧ କଲେ । ସେ ଅଧିକାରୀ ଜଣଙ୍କ ତାଙ୍କ ପୁଅ କିଏ ଜାଣିନଥିଲେ । ତେଣୁ ସେ ତାଙ୍କ ମାଆଙ୍କୁ ସାହାଯ୍ୟ କରିପାରିଲେନି । ଜଣେ ପୋଲିସ କନେଷ୍ଟବଲଙ୍କ ନିର୍ଦ୍ଦେଶ ନେଇ ମନ୍ତ୍ରୀଙ୍କ ପାଖକୁ ଚାଲିଗଷଲ । ପୋଲିସ କନେଷ୍ଟବଲ ଆସି ତାଙ୍କ ମାଆଙ୍କୁ ପୁଅ କିଏ କଣ କରନ୍ତି ବୋଲି ପଚାରିଲେ । ତାଙ୍କ ମାଆ କେବଳ ରେଳ ବିଭାଗେର ଚାକିରୀ କରିଥିବା ପ୍ରକାଶ କଲେ । କନେଷ୍ଟବଳ ବାଧ ହୋଇ ତାଙ୍କ ପୁଅଙ୍କ ନାମ କଣ ବୋଲି ପଚାରିଲେ । ସେ ଯେତେବେଳେ ଜାଣିବାକୁ ପାଇଲେ ଯେ ବୃଦ୍ଧାଜଣଙ୍କ ହେଉଛନ୍ତି ରେଳମନ୍ତ୍ରୀଙ୍କ ମାଆ ସେ ବ୍ୟସ୍ତହୋଇ କଣ କରିବେ ଭାବିବାକୁ ଲାଗିଲେ । ଯେଉଁ ରେଳ ଅଧିକାରୀ ତାଙ୍କୁ ସାହାଯ୍ୟ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ମାଆଙ୍କୁ ତାଙ୍କ ନିକଟକୁ ନେଇଗଲେ । ଲାଲବାହାଦୂର ତାଙ୍କ ମାଆକୁ ଦେଖି ପାଦତଳେ ମୁଣ୍ଡିଆ ମାରି କୁଶଳବାର୍ତ୍ତାଳାପ କରି ପୁଣି ନିଜ ସରକାରୀ କାର୍ଯ୍ୟରେ ମନୋନିବେଶ କଲେ ।

ପାରିବାରିକ ଜୀବନ ଅପେକ୍ଷା ସେ ଜନଜୀବନର ମୂଲ୍ୟାୟନ କରିବାର ଥିଲେ ସିଦ୍ଧହସ୍ତ । ଦୁଃଖରେ ଭାଙ୍ଗି ପଡୁନଥିଲେ କିମ୍ବା ସୁଖରେ ଅଧୀର ହେଉନଥିଲେ । ମାନବୀୟତାର ଊର୍ଦ୍ଧ୍ୱରେ ରହି ସେ ନିଜକୁ ଅନାମଧେୟ ବ୍ୟକ୍ତି ବିଶେଷର ପରିଚୟ ଦେବାକୁ ଭଲ ପାଉଥିଲେ । ସାତ୍ତ୍ୱିକତା ଥିଲା ତାଙ୍କ ଜୀବନର ଛାୟା ଓ ଛନ୍ଦ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ପରିଚାୟକ । ପିଲାଟି ଦିନରୁ ତାଙ୍କର ନିରାଡ଼ମ୍ୱତା, ସରଳତା ଓ ସହିଷ୍ଣୁତା ତାଙ୍କୁ ଭାରତର ଜନପ୍ରିୟ ନେତାର ସମ୍ମାନ ଦେଇଥିଲା ।

ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଦେହାନ୍ତ ହୁଏ ୧୯୬୪ ମସିହା ମେ ମାସ ୧୭ ତାରିଖରେ । ସେଇ ମାସ ୩୧ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ଅଧିବେଶନ ବସିଲା ଦିଲ୍ଲୀରେ । ତା'ପରଦିନ ତତ୍କାଳୀନ କଂଗ୍ରେସ ସଭାପତି କାମରାଜ ନାଦର ଶାସ୍ତ୍ରୀଜୀଙ୍କ ନାମ ନେହେରୁଙ୍କର

ଉତ୍ତରାଧିକାରୀ ଭାବେ ଘୋଷଣା କରିଦେଲେ । ଏବଂ ସଙ୍ଗେ ସଙ୍ଗେ ବୟୋଜ୍ୟେଷ୍ଠ ସଭ୍ୟ ମୋରାରଜୀ ଦେଶାଇ ସମର୍ଥନ ଜଣାଇଲେ । ନିର୍ବାଚିତ ହେବାର ସାତଘଣ୍ଟା ପରେ ତତ୍କାଳୀନ ରାଷ୍ଟ୍ରପତି ଶାସ୍ତ୍ରୀଜୀଙ୍କୁ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଆମନ୍ତ୍ରଣ ଜଣାଇଲେ । ତାଙ୍କ ଆଦେଶକ୍ରମେ ଶାସ୍ତ୍ରୀଜୀ ନିଜେ ପ୍ରଧାନମନ୍ତ୍ରୀ ରୂପେ ଅନ୍ୟମାନେ ମନ୍ତ୍ରୀରୂପେ ଏକ ନିରାଡ଼ମ୍ବର ପରିବେଶରେ ଶପଥଗ୍ରହଣ ଉତ୍ସବ ସମାପନ ହୋଇଥିଲା ।

ଶାସ୍ତ୍ରୀଥିଲେ ପୂରା ଗାନ୍ଧୀବାଦୀ । ତାଙ୍କ ପୋଷାକ ପରିଚ୍ଛଦର ନଥିଲା ଆଡ଼ମ୍ବରତା । ନିଜର ଦରମା ବ୍ୟତୀତ ଅନ୍ୟକୌଣସି ବାବଦକୁ ସେ ଅର୍ଥ ସଂଗ୍ରହ କରୁନଥିଲେ । ଦିନକର ଘଟଣା । ମାସର ଶେଷ ସପ୍ତାହ । ତାଙ୍କ ନାତି ପ୍ରାଇମେରୀ ସ୍କୁଲରେ ପଢୁଥିଲେ । ଅସାବଧାନତା ହେତୁ ତାଙ୍କ ସିଲଟ ଖଣ୍ଡିକ ଭାଙ୍ଗିଗଲା । ସେ ନୂଆସିଲଟ କିଣିବା ପାଇଁ କାନ୍ଦି କାନ୍ଦି ଜିଦ୍ ଧରୁଥିଲା ଓ ଅଡ଼ି ବସିଥିଲା । ଶାସ୍ତ୍ରୀଜୀଙ୍କ ଧାର କରଜ କରିବା ଜାତକରେ ନଥିଲା । ନିଜ ଆୟରେ ସେ ନିଜର ବ୍ୟୟକୁ ସୀମିତ ରଖୁଥିଲେ । ସେ ତାଙ୍କ ନାତିକୁ ବୁଝାଇଦେଲେ ଗୋଟିଏ ସିଲଟ ବଦଳରେ ଦୁଇଟି ନୂଆ ସିଲଟ ଦେବେ କିଛି ଦିନ ପରେ । ତାଙ୍କ ନାତି ତାଙ୍କ କଥା ଶୁଣି ଚୁପ୍ ହୋଇଯାଇଥିଲା ।

ଶାସ୍ତ୍ରୀଜୀଙ୍କର ମାନସ ସନ୍ତାନ 'ନିରସ୍ତ୍ରୀକରଣ' ରାଜିନାମା କାଇରୋଠାରେ ଉଚ୍ଚ ପ୍ରଶଂସିତ ହୋଇ ବିଶ୍ୱନେତାଙ୍କର ଦ୍ୱାରା ଆଦୃତି ଲାଭ କରିପାରିଥିଲା । ଯାହାକି ଏକ ସ୍ଥାୟୀ ରାଜିନାମା ରୂପେ ଗୃହୀତ ହୋଇ ଚୁକ୍ତିନାମାର ସଂଶ୍ଲିଷ୍ଟ ହେଲା । ସେଇଦିନଠୁ ତାଙ୍କୁ ବିଶ୍ୱର ଶାନ୍ତିଦୂତ ଭାବରେ ସ୍ୱୀକୃତି ପ୍ରଦାନ କରାଗଲା ।

ଶାସ୍ତ୍ରୀଜୀ ଜାଣିଥିଲେ ଭାରତ ଯଦି ନିଜେ ଉତ୍ପାଦନକ୍ଷମ ହୋଇନପାରିବ ତେବେ ଦାରିଦ୍ର୍ୟତାରେ ସବୁଦିନ ପାଇଁ ବୁଡ଼ିରହିବାକୁ ପଡ଼ିବ । ଶସ୍ୟଶ୍ୟାମଳା, ସୁଜଳା ସୁଫଳା ଭଗାରତର କୃଷକମାନେ ହେଉଛନ୍ତି ଏ ଜାତିର ମହାନ । ତାଙ୍କ ପରିଶ୍ରମରେ ହିଁ ସାରା ଦେଶର ଲୋକେ ପେଟକୁ ଆହାର ପାଇପାରୁଛନ୍ତି । ତେଣୁ କୃଷି ଓ କୃଷକର ଉନ୍ନତି ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରି କୃଷି ଉତ୍ପାଦନ ବଢ଼ାଇବା ପାଇଁ ନବଜାଗରଣ ସୃଷ୍ଟି କରିଥିଲେ । ଚାଷୀକୂଳ ଉପକୃତ ହେବା ସହିତ ଜନସାଧାରଣ ମାନେ ବିଶେଷ ଭାବେ ଉପକୃତ ହୋଇଥିଲେ । ଶାସ୍ତ୍ରୀଜୀଙ୍କ ଜୟଜୱାନ ଜୟ କିଷାନ ସ୍ଲୋଗାନ ଭାରତର ମାଟି ପାଣି ପବନରେ ପ୍ରକମ୍ପିତ ହେଉଥିଲା ।

ତାଙ୍କ ଅମଳରେ ହିଁ ପଡ଼ୋଶୀ ରାଷ୍ଟ୍ର ପାକିସ୍ଥାନ ଭାରତୀୟ ସେନାବାହିନୀ ଓ ସରକାରକୁ ତୁଚ୍ଛ, ନଗଣ୍ୟ ମନେକରି କାଶ୍ମୀରରେ ପ୍ରବେଶ କରି ଆତଙ୍କରାଜ ଚଳେଇଲେ । ଶାସ୍ତ୍ରୀଜୀଙ୍କ ଆଦେଶରେ ଭାରତୀୟ ସେନା ଯେସାକୁ ତେସା ନୀତି ଅବଲମ୍ବନ କରି ପାଲଟା ଆକ୍ରମଣରେ ପାକିସ୍ଥାନର ବହୁ ଅଞ୍ଚଳ ଆଗକୁ ଅକ୍ତିଆର କରିନେଇଥିଲେ । ଲାଲବାହାଦୂରଙ୍କ ସରଳ, ପ୍ରଶାନ୍ତମୟ ହୃଦୟ ତଳେ ଲୁଚିରହିଥିଲା ବିରାଟକାୟ ଲୌହମାନବର ଆଚରଣ ଯାହା ତତ୍କାଳୀନ ପାକିସ୍ଥାନର ମୁଖ୍ୟ ଆୟୁବଖାଁଙ୍କ ଦିବାସ୍ୱପ୍ନକୁ ମଉଳାଇ ଦେଇଥିଲା । ଦୀର୍ଘ ୪୮ଦିନ ଧରି ଭାରତ ପାକିସ୍ଥାନ ଲଢ଼େଇରେ ପାକିସ୍ଥାନ ଶୋଚନୀୟ ଭାବେ ପରାସ୍ତ ହୋଇଥିଲା । ବିଦେଶୀ ରାଷ୍ଟ୍ରର ଚାପରେ ପାକିସ୍ଥାନର ରାଷ୍ଟ୍ରପତି ଆୟୁବଖାଁ ଯୁଦ୍ଧର ଅବସାନ ଘଟାଇ ଶାନ୍ତିପ୍ରତିଷ୍ଠା ପାଇଁ ରାଜି ହେବାରୁ ଶାସ୍ତ୍ରୀଙ୍କ ଆଦେଶରେ ଭାରତୀୟ ସେନାପଛକୁ ଫେରିଆସିଥିଲେ । ଦେଶପାଇଁ ଜୱାନ ମାନଙ୍କର ଅସୀମ ତ୍ୟାଗ ଓ ବୀରତ୍ୱ ଯୋଗୁଁ 'ଜୟଜୱାନ' ସ୍ଲୋଗାନରେ ଲାଲବାହାଦୂର ସେମାନଙ୍କୁ ଉଦ୍‌ଘୋଷିତ କରି ସେମାନଙ୍କ ବଳିଦାନକୁ ଇତିହାସରେ ଲିପିବଦ୍ଧ କରିଯାଇଛନ୍ତି ।

ଜାତିସଂଘ ତଥା ଋଷର ପ୍ରଧାନମନ୍ତ୍ରୀ କୋସିଜିନଙ୍କ ନିମନ୍ତ୍ରଣକୁ ରକ୍ଷାକରି ୧୯୬୬ ଜାନୁଆରୀ ୪ ତାରିଖ ଦିନ ଉଜ୍‌ବେକିସ୍ଥାନର ରାଜଧାନୀ ତାସକେଣ୍ଟଠାରେ ପହଞ୍ଚିଥିଲେ । ୧୯୬୬ ଜାନୁଆରୀ ୧୦ ତାରିଖ ଦିନ ତାସ୍‌କେଣ୍ଟ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ସେଦିନ ରାତି ୯ ଘଣ୍ଟା ବେଳେ ତାସକେଣ୍ଟରେ ଦେଶରକ୍ଷା ମନ୍ତ୍ରୀ ଚୌହାନଙ୍କୁ ଶାସ୍ତ୍ରୀ କହିଥିଲେ । ଆମେ ଯେପରି ସାହସର ସହିତ ଯୁଦ୍ଧ ଲଢ଼ିଲେ ସେପରି ସାହସର ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ଲଢ଼ିବା । ସେଦିନ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ମାତ୍ର ରାତି ଗୋଟାଏ ପଚିଶିରେ ସାମାନ୍ୟ କାଶ ହେଲା ଓ ଛାତିରେ ଯନ୍ତ୍ରଣା ଅନୁଭବ କଲେ । ଏବଂ କଣ୍ଠରୁ ବାହାରିଥିଲା 'ହେ ରାମ ହେ ବାପୁ' । ସବୁଦିନ ପାଇଁ ତାଙ୍କର ସ୍ୱର ବନ୍ଦ ହୋଇଯାଇଥିଲା । ଚିରଦିନ ପାଇଁ ଲିଭିଗଲା ତାଙ୍କର ଜୀବନପ୍ରଦୀପ ଘନ ଅନ୍ଧକାର ରାତ୍ରୀର ଦଲକାଏ ପବନରେ ।

ତାଙ୍କର ମହାନ ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟବୋଧ ଭାରତବାସୀଙ୍କ ହୃଦୟରେ ରହିଛି ରହିବ ଯୁଗଯୁଗ ପାଇଁ ।

–୦–

ଭୂତପୂର୍ବ ରାଜସ୍ୱ ଆୟୁକ୍ତ, କଟକ
ମୋ.ନଂ: ୯୪୩୭୨୮୧୧୫୫



# ନବ ଭାରତର ଅନ୍ୟତମ ନିର୍ମାତା -ଡ.ଏମ୍.ଏସ୍. ସ୍ୱାମୀନାଥନ

ସ୍ୱପ୍ନା ଆଚାର୍ଯ୍ୟ

ଆଧୁନିକ ଭାରତର ନିର୍ମାତା ମାନଙ୍କ ମଧ୍ୟରେ ଏମ୍.ଏସ୍.ସ୍ୱାମୀନାଥନ୍ ଜଣେ ଅଗ୍ରଗଣ୍ୟ ବ୍ୟକ୍ତିରୂପେ ଗଣାଯିବେ । ବର୍ତ୍ତମାନର ପିଢ଼ି ଆମ ଦେଶର ଖାଦ୍ୟ ସମସ୍ୟା ଉପରେ କିଛି ଧାରଣା ରଖିନାହାନ୍ତି । ଦେଶରେ ଅପର୍ଯ୍ୟାପ୍ତ ଖାଦ୍ୟ ଭଣ୍ଡାର ରହିଛି । ସରକାରୀ ଭଣ୍ଡାର ମାନଙ୍କରେ ଏତେ ପରିମାଣରେ ଖାଦ୍ୟଶସ୍ୟ ମହଜୁଦ ଥିଲା ଓ ବହୁ ଖାଦ୍ୟାନ୍ନ ମୂଷା ଓ ଅନ୍ୟ କାରଣରୁ ନଷ୍ଟ ହେଉଥିଲା । ତେଣୁ ସୁପ୍ରିମ୍ କୋର୍ଟ ୨୦୧୨-୧୩ରେ କେନ୍ଦ୍ର ସରକାରଙ୍କୁ ଏକପ୍ରକାର ନିର୍ଦ୍ଦେଶ ଦେଲେ ଯେ ବହୁ କମ ଦାମରେ ଖାଦ୍ୟାନ୍ନ ଜନସାଧାରଣଙ୍କୁ ଦିଆଯାଉ । ତେଣୁ ଖାଦ୍ୟ ସୁରକ୍ଷା ଆଇନ୍ କରାଯାଇ ଖାଉଟି ମାନଙ୍କୁ ୩ ଟଙ୍କାରେ ଚାଉଳ ଓ ଦୁଇ ଟଙ୍କାରେ ଗହମ ଯୋଗାଇ ଦିଆଯାଉଛି ।



ମୋଙ୍କୁବୁ ସମ୍ବାସିଭାନ୍ ସ୍ୱାମୀନାଥନ୍ (ଜନ୍ମ ୭ ଅଗଷ୍ଟ ୧୯୨୫) ଜଣେ ଭାରତୀୟ କୃଷି ବିଜ୍ଞାନୀ, କୃଷି ବୈଜ୍ଞାନିକ, ଉଦ୍ଭିଦ ଆନୁବଂଶିକ ବିଜ୍ଞାନୀ (Plant Geneticist), ପ୍ରଶାସକ ଏବଂ ମାନବବାଦୀ । ସ୍ୱାମୀନାଥନ୍ ସବୁଜ ବିପ୍ଳବର ଜଣେ ବିଶ୍ୱସ୍ତରୀୟ ନେତା । ଗହମ ଏବଂ ଚାଉଳର ଅଧିକ ଅମଳକ୍ଷମ କିସମର ବିହନ ବ୍ୟବହାର ପ୍ରଣାଳୀ ତଥା ସେହି ପଦ୍ଧତିର କ୍ରମାଗତ ଉନ୍ନତି ଓ କ୍ରମାଗତ ଗବେଷଣା ପାଇଁ ସେ ସମ୍ପୂର୍ଣ୍ଣ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିଥିଲେ । କୃଷି ବୈଜ୍ଞାନିକ ନର୍ମାନ ବୋର୍ଲଗ୍‌ଙ୍କ ସହଯୋଗରେ ସେ ସାଧାରଣ କୃଷକଙ୍କ ସହ ଓ ଅନ୍ୟପଟେ ବୈଜ୍ଞାନିକମାନଙ୍କ ସହ ମିଶି କୃଷି କ୍ଷେତ୍ରରେ ଏକ ସଫଳ ଗଣବିପ୍ଳବ ଆଣିପାରିଥିଲେ । ଅଧିକ ଅମଳକ୍ଷମ ବିହନ ସହ ରାସାୟନିକ ସାର ପ୍ରୟୋଗ, ଜଳସେଚନ ସୁବିଧା, ପୋକମରା ଔଷଧ ପ୍ରୟୋଗ, ସାର କ୍ଷେତ୍ରରେ ସହାୟତା- ଏସବୁ ପାଇଁ ତାଙ୍କୁ ସରକାର ମାନଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ମିଳିଥିଲା ଓ ସେ ପ୍ରକାର ନୀତି ନିର୍ଦ୍ଧାରଣ ବି କରାହୋଇଥିଲା । ଫିଲିପାଇନ୍‌ସ ଦେଶର ମାନିଲା ଠାରେ ଥିବା ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଥିଲାବେଳେ ସେ ବହୁ ଏସୀୟ ଦେଶର କୃଷିଜନିତ ଉପକାର କରିଥିଲେ, ଫଳରେ ଭାରତ ଓ ପାକିସ୍ଥାନ ଭଳି ଦେଶରେ ଷାଠିଏ ଦଶକରେ ଦୁର୍ଭିକ୍ଷ ଭଳି ପରିସ୍ଥିତିରୁ ଜନସାଧାରଣଙ୍କୁ ରକ୍ଷା କରାଯାଇପାରିଥିଲା ।

ସାଇଟୋଜେନେଟିକ୍ସ, ଆଇନାଇଜିଂ ବିକିରଣ ଏବଂ ରେଡ଼ିଓସେନ୍ସିଟିଭିଟି (Cytogenetics, ionizing radiation and radiosensitivity) ଭଳି କ୍ଷେତ୍ରରେ ଆଳୁ, ଗହମ, ଏବଂ ଚାଉଳ ସହ ଜଡ଼ିତ ମୌଳିକ ଗବେଷଣା ଜ୍ଞାନ ପ୍ରୟୋଗ କରିବା ଦିଗରେ ଡ.ସ୍ୱାମୀନାଥନ ପ୍ରଶଂସନୀୟ ଭୂମିକା ନିର୍ବାହ କରିଥିଲେ । ତାଙ୍କର କୃତିତ୍ୱକୁ ମହତ୍ୱ ଦେଇ TIME MEGAZINE ବିଂଶ ଶତାବ୍ଦୀର ୨୦ଜଣ ଏସୀୟଙ୍କ ମଧ୍ୟରେ ଜଣେ ଥିଲେ (ଆଉ ଦୁଇ ଜଣ ଭାରତୀୟ ସେ ତାଲିକାରେ ଥିଲେ । ସେମାନେ ହେଲେ ମହାତ୍ମା ଗାନ୍ଧୀ ଓ ରବି ଠାକୁର)

ଜୀବନ ଏବଂ ବୃତ୍ତି:

ଡ.ସ୍ୱାମୀନାଥନ ୭ ଅଗଷ୍ଟ ୧୯୨୫ରେ ମାଡ୍ରାସ୍ ପ୍ରେସିଡ଼େନ୍ସିର କୁମ୍ଭାକୋନାମରେ ଜନ୍ମଗ୍ରହଣ କରିଥିଲେ । ସେ ଜେନେରାଲ ସର୍ଜନ ଡକ୍ଟର ଏମକେ ସମ୍ବାସିଭାନ ଏବଂ ପାର୍ବତୀ ଥାଙ୍ଗମଲ ସମ୍ବାସିଭାନଙ୍କ ଦ୍ୱିତୀୟ ପୁତ୍ର ଥିଲେ । ୧୧ବର୍ଷ ବୟସରେ ତାଙ୍କ ପିତାଙ୍କ ମୃତ୍ୟୁ ପରେ ଯୁବକ ଡ.ସ୍ୱାମୀନାଥନ ତାଙ୍କ ପିତାଙ୍କ ଭାଇଙ୍କ ଠାରୁ ସମସ୍ତ ଯତ୍ନ ପାଇଥିଲେ ।

ଡ.ସ୍ୱାମୀନାଥନଙ୍କ ଏକ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ଏବଂ ପରେ କୁମ୍ଭକୋନାମର କ୍ୟାଥୋଲିକ୍ ଲିଟିଲ୍ ଫ୍ଲାୱାର ଉଚ୍ଚ

ବିଦ୍ୟାଳୟରେ ଶିକ୍ଷିତ ହୋଇଥିଲେ, ଯେଉଁଥିରୁ ସେ ୧୫ ବର୍ଷ ବୟସରେ ମାଟ୍ରିକ୍ ହୋଇଥିଲେ । ପିଲାଦିନରୁ ସେ କୃଷି ଏବଂ କୃଷକମାନଙ୍କ ସହିତ ମିଶୁଥିଲେ; ତାଙ୍କର ସମ୍ପ୍ରସାରିତ ପରିବାର ଚାଉଳ, ଆମ୍ବ ଏବଂ ନଡ଼ିଆ ଓ ପରେ କଫି ଚାଷ କଲେ । ସେ ଦେଖିଲେ ଫସଲର ମୂଲ୍ୟରେ ସବୁବେଳେ ଅସ୍ଥିରତା ରହୁଛି, ପାଣିପାଗ, ରୋଗ ପୋକ ଯୋଗୁଁ ଫସଲ ନଷ୍ଟ ହେଉଥିଲା ଓ ପରିବାରର ଆୟ କମିଯାଉଥିଲା ।

ତାଙ୍କ ପରିବାର ତାଙ୍କୁ ଡାକ୍ତରୀ ପଢ଼ିବାକୁ ଚାହୁଁଥିଲେ । ଏହାକୁ ଦୃଷ୍ଟିରେ ରଖି ସେ ପ୍ରାଣୀ ବିଜ୍ଞାନ ସହିତ ଉଚ୍ଚଶିକ୍ଷା ଆରମ୍ଭ କରିଥିଲେ । କିନ୍ତୁ, ଯେତେବେଳେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୯୪୩ ମସିହାରେ ହୋଇଥିବା ବଙ୍ଗଳା ଦୁର୍ଭିକ୍ଷର ପ୍ରଭାବ ଏବଂ ଉପ-ମହାଦେଶରେ ଚାଉଳର ଅଭାବ ଦେଖିଥିଲେ, ସେତେବେଳେ ସେ ଭାରତକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଯୋଗାଇବା ପାଇଁ ନିଜ ଜୀବନ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ । ତାଙ୍କ ପାରିବାରିକ ସ୍ୱଚ୍ଛଳ ପୃଷ୍ଠଭୂମି ସତ୍ତ୍ୱେ ସେ ଡାକ୍ତରୀ ବା ଇଞ୍ଜିନିୟରିଂ ନ ପଢ଼ି କୃଷି ବିଜ୍ଞାନ ପଢ଼ିବାକୁ ନିଷ୍ପତ୍ତି ନେଲେ । ମାଡ୍ରାସରୁ କୃଷି ସ୍ନାତକ ହାସଲ ହୋଇ ସାରିଲା ପରେ ୧୯୪୭ ରେ ସେ ନୂଆଦିଲ୍ଲୀର କୃଷି ଗବେଷଣା କେନ୍ଦ୍ରରେ ଆନୁବଂଶିକ ବିଜ୍ଞାନ ଓ ଉଦ୍ଭିଦ ଶଙ୍କରିକରଣ (genetics and plant breeding) ସେ ସମୟର ତାଳରେ ସେ ସିଭିଲି ସର୍ଭିସ୍ ପରୀକ୍ଷା ଦେଇ (IPS) ପାଇଥିଲେ । କିନ୍ତୁ ସେ UNESCOବୃତ୍ତି ପାଇ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ନେଦେର୍ ଲାଣ୍ଡ୍‌ରେ ଆନୁବଂଶିକ ବିଜ୍ଞାନ (Genetics)

**ନେଦରଲ୍ୟାଣ୍ଡ ଏବଂ ୟୁରୋପ:**

ସେ ଆଠ ମାସ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡର ୱେଗେନିଙ୍ଗେନ୍ କୃଷି ବିଶ୍ୱବିଦ୍ୟାଳୟ, ଇନଷ୍ଟିଚ୍ୟୁଟ ଅଫ୍ ଜେନେଟିକ୍ସରେ ୟୁନେସ୍କୋ ସହକର୍ମୀ ଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆଳୁର ଚାହିଦା ବଢ଼ିଯିବାରୁ ଏକପଟିଆ ଆଳୁ ଚାଷ ଚାଲିଲା । ପୂର୍ବରୁ ଗୋଟିଏ ପରେ ଅନ୍ୟ ଫସଲ କରାଯାଉଥିଲା । ଏହା କେତକ କ୍ଷେତ୍ରରେ ସୁବର୍ଣ୍ଣ ନେମାଟୋଡ୍ ସଂକ୍ରମଣ ସୃଷ୍ଟି କରିଥିଲା । ବିଶେଷ କରି ସମୁଦ୍ରରୁ ଉଦ୍ଧାର କରାଯାଇଥିବା ଜମିରେ ହୋଇଥିବା ଆଳୁ ଫସଲ ବହୁଳ ଭାବରେ ସଂକ୍ରମିତ ହେଲା । ସେ ଏକ ସ୍ୱତନ୍ତ୍ର ଜିନ୍‌ର ପ୍ରୟୋଗ କରି ଆଳୁଗଛର ପ୍ରତିରୋଧ ଶକ୍ତି ବୃଦ୍ଧି କରିଥିଲେ । ଏହି ଜ୍ଞାନକୌଶଳ ପରବର୍ତ୍ତୀ ସମୟରେ ଭାରତରେ କାମ କଲାବେଳେ ତାଙ୍କୁ ବହୁତ ସାହାଯ୍ୟ କରିଥିଲା ।

**ଇଂଲଣ୍ଡ:**

୧୯୫୦ ମସିହାରେ ସେ Plant Breeding Institute of the University of Cambridge School of Agriculture ରେ PhD ପ୍ରାପ୍ତ ହୋଇଥିଲେ ।

**ଯୁକ୍ତରାଷ୍ଟ୍ର ଆମେରିକା:**

ଏହା ପରେ ସ୍ୱାମୀନାଥନ୍ ଆମେରିକାରେ ୧୫ ମାସ ବିତାଇଲେ । ସେ USDA ଆଳୁ ଅନୁସନ୍ଧାନ କେନ୍ଦ୍ର ସ୍ଥାପନ କରିବାରେ ସାହାଯ୍ୟ କରିବା ପାଇଁ ୱିସ୍କନ୍ସିନ୍ ୟୁନିଭରସିଟି, ଜେନେଟିକ୍ସ ଲାବୋରେଟୋରୀରେ ପୋଷ୍ଟ ଡକ୍ଟରେଟ୍ ଗବେଷଣା କରିଥିଲେ । ସେହି ସମୟରେ ଲାବୋରେଟୋରୀରେ ନୋବେଲ ବିଜେତା ଜୋଶୁଆ ଲେଡରବର୍ଗ ରହିଥିଲେ । ତାଙ୍କର କାମ ଡିସେମ୍ବର ୧୯୫୩ ରେ ସମାପ୍ତ ହୋଇଥିଲା । ତାଙ୍କୁ ଅଧ୍ୟାପକ ପଦବୀ ଯଚା କରାଯାଇଥିଲା, ତଥାପି ସ୍ୱାମୀନାଥନ୍ ମନା କରିଦେଇଥିଲେ । ତାଙ୍କର ଲକ୍ଷ୍ୟ ଭାରତକୁ ଫେରି କିଛି କରିବାର ଥିଲା ।

**ଭାରତ:**

ସେ ୧୯୫୪ ମସିହାର ପ୍ରାରମ୍ଭରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତାଙ୍କର ପାଠ ଓ ଡିଗ୍ରୀକୁ ଦେଖି ଦେଶରେ କିଛି ଚାକିରୀ ନଥିଲା ଏବଂ ତିନିମାସ ପରେ ସେ ଜଣେ ପୂର୍ବତନ ପ୍ରଫେସରଙ୍କ ମାଧ୍ୟମରେ କଟକସ୍ଥିତ ସେଣ୍ଟ୍ରାଲ୍ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଆସିଷ୍ଟାଣ୍ଟ ବଟାନିଷ୍ଟ୍ ଭାବରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ । କଟକ ଠାରେ, ସେ କୃଷ୍ଣସ୍ୱାମୀ ରାମିଆଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ଇଣ୍ଡିକା-ଜାପାନିକା ଚାଉଳ ହାଇବ୍ରିଡାଇଜେସନ୍ କାର୍ଯ୍ୟକ୍ରମ ଅଧୀନରେ କାମ କରିଥିଲେ । ଅଧିକ ଅମଳକ୍ଷମ ଗହମ ଉତ୍ପାଦନ ଗବେଷଣା କରିବା ବେଳେ କଟକ ଠାରେ ସେ କରିଥିବା କାମ ବହୁତ ସାହାଯ୍ୟ କରିଥିଲା । ଛ ମାସ ପରେ ସେ ଅକ୍ଟୋବର ୧୯୫୪ରେ ନୂଆଦିଲ୍ଲୀରେ ଥିବା ଭାରତୀୟ କୃଷି ଅନୁସନ୍ଧାନ ପ୍ରତିଷ୍ଠାନ (IARI)ରେ ସହକାରୀ ସାଇଟୋଜେନେଟିକ୍ ଭାବରେ ଯୋଗ ଦେଇଥିଲେ । ଭାରତ ସତୁରି ପ୍ରତିଶତ ଲୋକେ କୃଷି ଉପରେ ନିର୍ଭରଶୀଳ ଥିବାବେଳେ ସ୍ୱାମୀନାଥନ୍ ଖାଦ୍ୟ ଶସ୍ୟ ଆମଦାନୀ କରାଯାଉଥିବା ବିଷୟକୁ ସମାଲୋଚନା କରିଥିଲେ । ମରୁଡ଼ି ଏବଂ ଦୁର୍ଭିକ୍ଷ ପରି ପରିସ୍ଥିତି ସୃଷ୍ଟି ହେଉଥିବାରୁ ଆମଦାନୀ କରାଯାଉଥିବା ବିଷୟକୁ ସମାଲୋଚନା କରିଥିଲେ । ମରୁଡ଼ି ଏବଂ ଦୁର୍ଭିକ୍ଷ ପରି ପରିସ୍ଥିତି ସୃଷ୍ଟି ହେଉଥିବାରୁ ଆମଦାନୀ ଆହୁରି ବଢୁଥିଲା ।

ସ୍ୱାମୀନାଥନ୍ ଏବଂ ନରମାନ୍ ବୋରଲାଗ୍‌ଙ୍କ ମିଳିତ

ସହଯୋଗରେ ମେକ୍ସିକୋର ଛୋଟ ଗହମ ଗଛ ସହ ଜାପାନର ଏକ ଗହମ ଗଛକୁ ସଙ୍କରୀକରଣ (Hybridisation) କରାଇଥିଲେ । ଏହା ଉଚ୍ଚ ଅମଳ ଦେଇଥିଲା, ଭଲ ଗୁଣ ଯୁକ୍ତ ଏବଂ ରୋଗମୁକ୍ତ ଥିଲା । କୃଷକମାନେ ନୂତନ କିସମ ଗ୍ରହଣ କରିବାକୁ ଦ୍ୱିଧାବୋଧ କରିଥିଲେ । ପ୍ରକୃତରେ ଏତେ ଆଦାୟ ହେବ ବୋଲି ବିଶ୍ୱାସ ନଥିଲା । ଯାହାର ଉଚ୍ଚ ଅମଳ ଅସୁରକ୍ଷିତ ଥିଲା । ସ୍ୱାମୀନାଥନ୍ ସରକାରଙ୍କୁ ବାରମ୍ବାର ଅନୁରୋଧ କଲାପରେ ଏକ ହେକ୍ଟର ବିଶିଷ୍ଟ ୧୫୦ଟି ପରୀକ୍ଷାମୂଳକ ପ୍ଲଟରେ ଏହି ଅଧିକ ଅମଳକ୍ଷମ ଗହମ ଚାଷ କରିବାକୁ ସୁବିଧା ମିଳିଲା । ଏହି ପରୀକ୍ଷାମୂଳକ ଅମଳ ଦେଖି ପଞ୍ଜାବର ଚାଷୀମାନେ ଏହି ପ୍ରକାର ଗହମ ଚାଷ କଲେ ଓ ବହୁତ ଅମଳ ହେଲା । ୧୯୬୭ରେ ୧୨ ନିୟୁତ ଟନ୍ ଗହମ ଉତ୍ପାଦନ ହୋଇଥିବା ବେଳେ ୧୯୬୮ରେ ୧୭ ନିୟୁତ ଟନ ଗହମ ଉତ୍ପାଦିତ ହୋଇ ରେକର୍ଡ ହୋଇଥିଲା । (ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଆମ ଦେଶରେ ୨୦୨୦-୨୧ ୧୦୬ ନିୟୁତ ଟନ ଗହମ ଉତ୍ପାଦିତ ହୋଇଥିଲା ଓ ୧୦୫ ନିୟୁତ ଟନ୍ ଚାଉଳ ଉତ୍ପାଦିତ ହୋଇଥିଲା) ଡ.ସ୍ୱାମୀନାଥନ୍ ଓ ଅନ୍ୟ ବୈଜ୍ଞାନିକଙ୍କ ମିଳିତ ପ୍ରୟାସରେ ଏହା ସମ୍ଭବ ହୋଇପାରିଛି ।

**ପ୍ରଶାସକ ଏବଂ ଶିକ୍ଷାବିତ୍:**

୧୯୭୨ ମସିହାରେ ସ୍ୱାମୀନାଥନ୍‌ଙ୍କୁ ଭାରତୀୟ କୃଷି ଗବେଷଣା ପରିଷଦର (ICAR) ର ମହାନିର୍ଦ୍ଦେଶକ ତଥା ଭାରତ ସରକାରଙ୍କ ସଚିବ ଭାବରେ ନିଯୁକ୍ତ କରାଯାଇଥିଲା । ଭାରତୀୟ କୃଷି ଗବେଷଣା ପରିଷଦରେ ବୈଜ୍ଞାନିକ ଥାଇ ମଧ୍ୟ ସେ ଭାରତ ସରକାରଙ୍କର ସଚିବ ହୋଇପାରିଥିଲେ । ତାଙ୍କୁ ଯୋଜନା କମିସନର ସଦସ୍ୟ ହୋଇଥିଲେ । ସେତେବେଳେ ଏ ସାଧାରଣ ଚାଷୀ ଓ ଜନସାଧାରଣଙ୍କୁ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଶିକ୍ଷା ପ୍ରଦାନ ଦିଗରେ କିଛି ସଫଳ ଉଦ୍ୟମ କରିଥିଲେ ।

୧୯୮୨ ମସିହାରେ ତାଙ୍କୁ ଫିଲିପାଇନ୍ସର ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆରଆରଆଇ)ର ପ୍ରଥମ ଏସୀୟ ମହାନିର୍ଦ୍ଦେଶକ କରାଯାଇଥିଲା । ସେ ସେଠାରେ ୧୯୮୮ ପର୍ଯ୍ୟନ୍ତ ରହିଥିଲେ । ଏଠାରେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ କରିଥିବା ଅବଦାନ ମଧ୍ୟରୁ ଗୋଟିଏ ହେଲା 'ଧାନ ଚାଷ ପ୍ରଣାଳୀରେ ମହିଳା' ନାମରେ ଏକ ଆନ୍ତର୍ଜାତୀୟ ସମ୍ମିଳନୀ କରାଇଥିଲେ । ଧାନଚାଷୀ ପରିବାରର ପ୍ରତ୍ୟେକ ସଦସ୍ୟ ଚାଷର ପ୍ରତ୍ୟେକ ସୋପାନ ଉପରେ ଜ୍ଞାନ ରଖିବା ପାଇଁ ସେ ସଚେତନତା ସୃଷ୍ଟି କରିପାରିଥିଲେ । ଏହି ସମୟରେ ତାଙ୍କର ସମୟୋଚିତ ପରାମର୍ଶ ସବୁକୁ ଧାନ ଚାଷ ହେଉଥିବା ଦେଶ ସମୂହ ବିଶେଷ କରି ଭାରତ ପରିପାଳନ କରିଥିଲା ଓ ଧାନଚାଷରେ ବି ଗହମ ଭଳି ଅଧିକ ଅମଳ ହେଲା ।

୧୯୮୭ ରେ ସେ ବିଶ୍ୱର ପ୍ରଥମ World Food Prize ପାଇଥିଲେ । ସେ ପୁରସ୍କାର ଗ୍ରହଣ କରିବା ପରେ କହିଥିଲେ ଖାଦ୍ୟାନ୍ନ ଉତ୍ପାଦନ ସାରା ବିଶ୍ୱରେ ବଢ଼ିଚାଲିଥିବା ସତ୍ତ୍ୱେ କ୍ଷୁଧା ବି ବଢ଼ିଚାଲିଛି । ଏହା ଯେଉଁ ପର୍ଯ୍ୟନ୍ତ ବନ୍ଦ ହୋଇନାହିଁ ସେ ପର୍ଯ୍ୟନ୍ତ ବୈଜ୍ଞାନିକ ଓ ରାଷ୍ଟ୍ରନୀତିଜ୍ଞ ମାନେ ସଫଳ ହୋଇନାହାନ୍ତି କୁହାଯିବ ।

ଡ.ସ୍ୱାମୀନାଥନ ଭାରତୀୟ କୃଷି ଗବେଷଣା ପରିଷଦ ପରିସର ମଧ୍ୟରେ Nuclear Research Laboratary (NRL). । ସେ ICRISAT ପ୍ରତିଷ୍ଠା କରିବାରେ ମଧ୍ୟ ବଳିଷ୍ଠ ଭୂମିକା ସମ୍ପାଦନ କରିଥିଲେ । ସେ ମହାଶୟଙ୍କ ବୌଦ୍ଧିକ କାର୍ଯ୍ୟକଳାପ ଗଣି ବସିଲେ ସରିବନି ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ଭାରତର ଖାଦ୍ୟ ଉତ୍ପାଦନ ବୃଦ୍ଧି ସହ ସେ ଏକାକୀ ବହୁମାତ୍ରାରେ ଜଡ଼ିତ ଥିଲେ । ସମସ୍ତ ପ୍ରଧାନମନ୍ତ୍ରୀ ତାଙ୍କର ପରାମର୍ଶକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଓ ସାଧ୍ୟମତେ ସମ୍ବଳ ଯୋଗାଇଛନ୍ତି ।

ସେ ଯଦିଓ ପାଶ୍ଚାତ୍ୟ ଦେଶମାନଙ୍କ ସହ ଶିକ୍ଷା ଓ ଅନୁସନ୍ଧାନ ଏବଂ ସହଯୋଗିତା କ୍ଷେତ୍ରରେ ସମ୍ପୃକ୍ତ ରହି ଆସିଛନ୍ତି, ଓ ନିଜେ ଜଣେ ଧନୀ ବର୍ଗର ସନ୍ତାନ, କିନ୍ତୁ ସେ ସବୁବେଳେ ଗରୀବ ଶ୍ରେଣୀ ପ୍ରତି, ସବୁ ପ୍ରକାର କୃଷକ ମାନଙ୍କ ପ୍ରତି ସମ୍ବେଦନଶୀଳ ରହି ଆସିଛନ୍ତି । କୃଷି ଉତ୍ପାଦ ଗୁଡ଼ିକ ବିକି ଚାଷୀମାନେ ଯେପରି ଉଚିତ ମୂଲ୍ୟ ପାଇପାରିବେ, ସେଥିପ୍ରତି ସେ ସବୁବେଳେ ଉଦ୍ୟମ କରିଆସିଛନ୍ତି । ଧାନ ଓ ଗହମର ଉତ୍ପାଦନରେ ହେଉଥିବା ଖର୍ଚ୍ଚ ହିସାବ କଲାବେଳେ ଚାଷୀ ପରିବାରର ଶ୍ରମର ମୂଲ୍ୟକୁ ହିସାବକୁ ନେବାକୁ ସେ ଗୁରୁତ୍ୱ ଦେଇ ଆସିଛନ୍ତି ।

ସେହି ସବୁଜ ବିପ୍ଳବର ଜନକ, ଭାଇ ଓ ଘନିଷ୍ଠ ବନ୍ଧୁ ହେଉଛନ୍ତି ନବ ଭାରତ ନିର୍ମାଣରେ ଏକ ବଡ଼ ଅଂଶୀଦାର ।

-୦-



# ମୁକ୍ତିସଂଗ୍ରାମୀ ଅନ୍ନପୂର୍ଣ୍ଣା

କୃଷ୍ଣଚନ୍ଦ୍ର ସୁଆର

ଦେଶରୁ ବ୍ରିଟିଶ୍ ଶାସନ ହଟାଇବା ପାଇଁ ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ସର୍ବୋଦୟ ଆନ୍ଦୋଳନ ଓ ସମାଜସେବା ପର୍ଯ୍ୟନ୍ତ ଯେଉଁ ମହୀୟସୀ ମହିଳାଙ୍କର ମହାନ ତ୍ୟାଗର କାହାଣୀ ଓଡ଼ିଶା ଓ ଓଡ଼ିଶା ବାହାରେ ଅନୁରଣିତ ସେ ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ୪ ଅନ୍ନପୂର୍ଣ୍ଣା ମହାରଣା । ସାଧାରଣରେ ଚୁନିଅପା ରୂପେ ସେ ସର୍ବତ୍ର ପରିଚିତ ଥିଲେ ।

ରାଜ୍ୟର ଏକ ପ୍ରଖ୍ୟାତ ସଂଗ୍ରାମୀ ପରିବାରରେ କଟକର ବାଖରାବାଦରେ ୧୯୧୭ ମସିହା ନଭେମ୍ବର ମାସ ୩ ତାରିଖରେ ସେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପରିବାରରେ ସମସ୍ତ ସଦସ୍ୟ ଏପରିକି ମା'ରମାଦେବୀ, ବାପା ଗୋପବନ୍ଧୁ ଚୌଧୁରୀ, ବନ ଭାଇ ବୁଲୁ (ମନମୋହନ ଚୌଧୁରୀ), ଦାଦା ନବକୃଷ୍ଣ ଚୌଧୁରୀ, ଖୁଡ଼ି ମାଳତୀ ଚୌଧୁରୀ ଓ ସ୍ୱାମୀ-ଶରତ ଚନ୍ଦ୍ର ମହାରଣା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ଦେଶର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ଏପରି କ୍ୱଚିତ ପରିବାର ଦେଖିବାକୁ ମିଳେ ଯାହାଙ୍କର ସମଗ୍ର ପରିବାର ଅପୂର୍ବ ଦେଶପ୍ରେମର ପରିଚୟ ଦେଇ ସଂଗ୍ରାମ ବହ୍ନିରେ ନିଜକୁ ଝାସ ଦେଇଥିଲେ । ସେ ବାପା, ମା ଓ ଅନ୍ୟାନ୍ୟ ଗୁରୁଜନମାନଙ୍କ ଦ୍ୱାରା ଅନୁପ୍ରାଣିତ ହେବା ସଙ୍ଗେ ଶୈଶବ କାଳରୁ ଦେଶପ୍ରେମ ପ୍ରତି ଆକୃଷ୍ଟ ହୋଇଥିଲେ । ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବା ପରେ ଦେଶପ୍ରେମ ପ୍ରତି ତାଙ୍କର ଆସକ୍ତି ଓ ଉତ୍ସର୍ଗୀକୃତ ମନୋବଳ ଆହୁରି ବଢ଼ିବାରେ ଲାଗିଥିଲା । ମାତ୍ର ତେର ବର୍ଷ ବୟସରେ ସେ ମା'ମାଟି ପାଇଁ ଶପଥ ପାଠ କରି ବାନର ସେନା ଭାବେ ପ୍ରଥମେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ଏଥିପାଇଁ ସେ ବହୁବାର ଜେଲଦଣ୍ଡ ମଧ୍ୟ ଭୋଗିଥିଲେ । ଦରିଦ୍ର ନିଷ୍ପେସିତ ଲୋକଙ୍କ ପାଇଁ ସର୍ବଦା ତାଙ୍କ ହୃଦୟ କାନ୍ଦୁଥିଲା । ସେ ସବୁବେଳେ ଅନ୍ୟାୟ, ଅନୀତି ଓ ଶୋଷଣ ବିରୋଧରେ ଲଢ଼େଇ କରୁଥିଲେ ।

ସ୍ୱାଧୀନତା ସଂଗ୍ରାମରେ ତାଙ୍କର କଟକ ଓ ଯାଜପୁର ଜେଲ୍‌ରେ ଦୁଇବର୍ଷ ତିନିମାସ କଟିଥିଲା । ମଧ୍ୟପ୍ରଦେଶର ଚମ୍ବଲ ଉପତ୍ୟକାରେ ମଧ୍ୟ ତାଙ୍କର ଏକମାସ କଟିଥିଲା । ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଚମ୍ବଲ ଦସ୍ୟୁଙ୍କୁ ସେ ଆତ୍ମସମର୍ପଣ କରିଥିଲେ । ସେଇ ଅନୁଭବରୁ ସେ ଲେଖିଥିଲେ - 'ଦସ୍ୟୁ ହୃଦୟର ଦେବତା' । ଏହା ତାଙ୍କର ଏକ ବହୁଚର୍ଚ୍ଚିତ ଓ ମୌଳିକ କୃତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୩୦ ମସିହାରେ ସେ ତାଙ୍କର ମା'ରମାଦେବୀ ଓ ଖୁଡ଼ୀ ମାଳତୀ ଦେବୀଙ୍କ ସହ ମିଶି କୁଜଙ୍ଗରେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ୧୯୩୪ ମସିହାରେ ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ ତାଙ୍କ ସହିତ ପୁରୀ ଠାରୁ ଭଦ୍ରକ ପର୍ଯ୍ୟନ୍ତ ଐତିହାସିକ ହରିଜନ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ୧୯୩୮ରେ ପୁରୀ ଡେଲାଙ୍ଗ ନିକଟସ୍ଥ ବେରବୋଇ ଗାନ୍ଧୀ ସମ୍ମିଳନୀରେ ସପ୍ତାହେ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ବରୀରେ ସେ ହରିଜନ ସେବା, ନିଶା ନିବାରଣ, ମୌଳିକ ଶିକ୍ଷା, ଖଦୀ, ଗ୍ରାମ ସଫେଇ ଭଳି ଅନେକ ସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ୧୯୪୨ ମସିହାରେ ସେ ଶିକ୍ଷାବିତ୍ ଶରତଚନ୍ଦ୍ର ମହାରଣାଙ୍କୁ ବିବାହ କରିଥିଲେ । ଗାନ୍ଧିଜୀଙ୍କ ଡାକରାରେ ସେ ଖଦି ଓ ଅସ୍ପୃଶ୍ୟ ନିବାରଣ କାର୍ଯ୍ୟ କରିଥିଲେ ଓ ସେତେବେଳେ ଇଂରେଜ ବିରାଧୀ ପ୍ରଚାରପତ୍ର ବାଣ୍ଟିବା, ବିଲାତି ଲୁଗା ଦୋକାନ ଆଗରେ ପିକେଟିଂ କରିବା, ବିଦେଶୀ ବସ୍ତ୍ର ପୋଡ଼ିବା, ସଭା ଶୋଭାଯାତ୍ରାରେ ଜାତୀୟ ସଙ୍ଗୀତ ଗାନ କରିବା ସମେତ ଆନ୍ଦୋଳନର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ଥିଲା ତାଙ୍କର ନିତିଦିନିଆ କାର୍ଯ୍ୟ । ଏତଦ୍‌ବ୍ୟତୀତ କଂଗ୍ରେସ ଦଳର ଆନ୍ଦୋଳନ ପାଇଁ ଅନୁଦାନ ସଂଗ୍ରହ କରୁଥିଲେ ।

ଏକଦା ଶିକ୍ଷା ଦେବା ଉଦ୍ଦେଶ୍ୟରେ ଗାନ୍ଧିଜୀ ଏକ ନୂତନ ସୂତ୍ର ପ୍ରସ୍ତୁତ କରି କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସେଥିପାଇଁ ୱାର୍ଦ୍ଧା ଠାରେ ଏକ ତାଲିମ ଶିବିର ଖୋଲାଯାଇଥିଲା । ଗାନ୍ଧୀ ସେବା ସଂଘ ପକ୍ଷରୁ ଅନ୍ନପୂର୍ଣ୍ଣା ସେଥିରେ ଯୋଗ ଦେଇଥିଲେ । ସେଠାରେ ସେ ଡକ୍ଟର ଜାକୀର ହୁସେନ୍, ଆଶା ଦେବୀ, ଆର୍ଯ୍ୟ ନାୟକମ୍, କୁମାରପ୍ପା, ବିନୋବାଜୀ, କାକା କଲେକ୍‌କରଙ୍କ ପରି ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କ ଠାରୁ ମୌଳିକ ଶିକ୍ଷାର ମୂଳତତ୍ତ୍ୱ ଶିକ୍ଷା କରିଥିଲେ । ଏତଦ୍‌ବ୍ୟତୀତ ସେଠାକାର ମହିଳାଶ୍ରମରେ ରହିବା କିପରି ପରିଚାଳନା କରାଯିବ ସେ ବିଷୟରେ ମଧ୍ୟ ଅନେକ କଥା ଶିକ୍ଷାଲାଭ କରିଥିଲେ ।

୧୯୪୨ ଭାରତଛାଡ଼ ଆନ୍ଦୋଳନରେ ଉଭୟ ସ୍ୱାମୀ ସ୍ତ୍ରୀ ଯୋଗଦେବାରୁ ବିବାହର କିଛି ମାସ ମଧ୍ୟରେ ଉଭୟଙ୍କୁ କାରାବରଣ କରିବାକୁ ପଡିଥିଲା । ଏତଦ୍‌ବ୍ୟତୀତ ବିନୋବାଭାବେଙ୍କ ଦ୍ୱାରା ହୋଇଥିବା ଭୂଦାନ ଆନ୍ଦୋଳନ ଓ ସର୍ବୋଦୟ ଆନ୍ଦୋଳନରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ । ୧୯୬୪ ମସିହାରେ ଐତିହାସିକ ଛାତ୍ର ଆନ୍ଦୋଳନର ସମାଧାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୭୧ ବାଲାଂଦେଶ ମୁକ୍ତି ଆନ୍ଦୋଳନରେ ମଧ୍ୟ ଯୋଗ ଦେଇଥିଲେ । ୧୯୬୬ ମସିହାରେ କଳାହାଣ୍ଡିରେ ହୋଇଥିବା ଦୁର୍ଭିକ୍ଷ, ୧୯୬୯ ମସିହା ବନ୍ୟା, ୧୯୯୯ରେ ହୋଇଥିବା ମହାବାତ୍ୟା ସମୟରେ ସର୍ବୋଦୟ ରିଲିଫ କମିଟି ମାଧ୍ୟମରେ ଲୋକମାନଙ୍କର ଉନ୍ନତି ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ । ରାୟଗଡ଼ା ଜିଲ୍ଲାରେ ଆଦିବାସୀ ଶିଶୁମାନଙ୍କ ପାଇଁ ସେ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ୧୯୭୫ ମସିହାରେ ଦେଶରେ ଜାରି ଜରୁରୀ ପରିସ୍ଥିତି ବିରୋଧରେ ମଧ୍ୟ ସେ ସ୍ୱର ଉତ୍ତୋଳନ କରିଥିଲେ ।

ସାମ୍ପ୍ରତିକ ଘଟଣା ବହୁଳ ଜୀବନ ସଂଗ୍ରାମରେ ସେ ବେଳେବେଳେ ଖେଦୋକ୍ତି ପ୍ରକାଶ କରି କହନ୍ତି – ବିଦେଶୀ ସରକାର ଅପେକ୍ଷା ଦେଶୀ ସରକାରର ମୁକାବିଲା କରିବା କଷ୍ଟକର । ବିଦେଶୀ ସରକାରକୁ ଆମେ ଭାରତ ଛାଡ଼ ବୋଲି କହୁଥିଲି । ଯାଙ୍କୁ କ'ଣ କହିବା ? ଏତଦ୍‌ବ୍ୟତୀତ ସମାଜର ପରିବର୍ତ୍ତନ ଓ ଚିତ୍ତଶୁଦ୍ଧିର ପ୍ରୟାସ ହିଁ ଆମର ପ୍ରଥମ ଲକ୍ଷ୍ୟ ହେବା ଉଚିତ୍ ବୋଲି ଏକ ସାକ୍ଷାତକାରରେ କହିଥିଲେ । ଈଶ୍ୱର ବିଶ୍ୱାସ ସଂକ୍ରାନ୍ତରେ ତାଙ୍କର ଉକ୍ତି ମଧ୍ୟ ଏକାନ୍ତ ପ୍ରଣିଧାନଯୋଗ୍ୟ– "ଈଶ୍ୱର ମୂର୍ତ୍ତିରେ ନାହାନ୍ତି କି ତାଙ୍କ ରୂପ କଳା କି ଧଳା ନୁହେଁ । ଲୋକର ସତ୍‌କର୍ମ ହିଁ ହେଉଛି ଈଶ୍ୱର । ମଣିଷ ଭିତରେ ଯେଉଁ ଚେତନା ବ୍ୟାପି ରହିଛି, ତାହାକୁ ପ୍ରସାରିତ କରିପାରିଲେ ଈଶ୍ୱରଙ୍କ ସତ୍ତା ଆହୁରି ବ୍ୟାପ୍ତ ହେବ । ଏହି ଚେତନାକୁ ମୁଁ ଈଶ୍ୱର ଭାବରେ ଗ୍ରହଣ କରେ ।" ବାସ୍ତବରେ ଏହା ଅତ୍ୟନ୍ତ ଶିକ୍ଷଣୀୟ ମନେହୁଏ ।

ବିଲାତି ସ୍କୁଲରେ ପାଠ ପଢ଼ିବାକୁ ନାପସନ୍ଦ ତଥା ବିରୋଧ କରି ତାଙ୍କ ବାପା, ମା ତାଙ୍କୁ ଗୃହରେ ଶିକ୍ଷାଦାନ ବ୍ୟବସ୍ଥା କରାଇଥିଲେ । ଫଳରେ ଜାତୀୟ କବି ବୀରକିଶୋର ଦାସ, ଚନ୍ଦ୍ରଶେଖର ମିଶ୍ର ଓ ବଂଶୀଧର ମିଶ୍ର ଘରେ ଆସି ପଢ଼ାଉଥିଲେ । ତାଙ୍କର କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ନଥିଲା ଏବଂ ଆନୁଷ୍ଠାନିକ ଶିକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ବିଭିନ୍ନ ଭାଷାରେ ପାରଦର୍ଶିତା ଲାଭ କରିଥିଲେ । ତାଙ୍କର ଇଂରାଜୀ, ହିନ୍ଦୀ, ବଙ୍ଗଳା ଓ ଗୁଜୁରାଟୀ ଭାଷାରେ ଦକ୍ଷତା ଥିଲା । ସେ ତାଙ୍କ ଜୀବନ ବ୍ୟାପୀ ଅନୁଭବରୁ ରଚନା କରିଥିଲେ ଆତ୍ମଜୀବନୀ 'ଅମୃତ ଅନୁଭବ' । ଏତଦ୍‌ବ୍ୟତୀତ ଅନେକ ପୁସ୍ତକ ସେ ରଚନା କରିଥିଲେ । ତାଙ୍କ ଦ୍ୱାରା ଲିଖିତ ଓ ଅନୂଦିତ ପୁସ୍ତକ ଗୁଡ଼ିକ ହେଲା – ଗୀତା ପ୍ରବଚନ, ଭାଗବତ ଧର୍ମସାର, ସ୍ଥିତପ୍ରଜ୍ଞ ଦର୍ଶନ, ସପ୍ତଶକ୍ତି, ନାରୀଶକ୍ତି, ଶିକ୍ଷାତତ୍ତ୍ୱ ଆଚାର୍ଯ୍ୟକୂଳ, ରାଷ୍ଟ୍ରୀୟ ଯୋଜନାର ମୂଳକଥା, ଶାନ୍ତିସେନା, କାରାଗାର କାହାଣୀ, ଗ୍ରାମଲକ୍ଷ୍ମୀଙ୍କ ଆରାଧନା, ସର୍ବୋଦୟ ସିଦ୍ଧାନ୍ତ, ଗ୍ରାମଦାନ କ'ଣ ଓ କାହିଁକି, ଦସ୍ୟୁ ହୃଦୟର ଦେବତା, ସବୁ ଲୁଣ ଲୋକଙ୍କର, ସରଳା ଦେବୀ, ମାଳତୀ ଚୌଧୁରୀ, ସୁନାମଣୀ, ସ୍ୱାଧୀନତା ସଂଗ୍ରାମରେ ଉତ୍କଳୀୟ ନାରୀ, ରମାଦେବୀ, ଲୁଣର ଗୁଣ, ତରୁଣୀ କନ୍ୟାଙ୍କ ପ୍ରତି, ସ୍ତ୍ରୀ ପୁରୁଷର ମର୍ଯ୍ୟାଦା, ବୁନି ଆଦି ଶିକ୍ଷା, ଗାନ୍ଧୀ ଚରିତ, ଦକ୍ଷିଣ ଆଫ୍ରିକା ସତ୍ୟାଗ୍ରହ, ହିନ୍ଦ ସ୍ୱରାଜ୍ୟ, ଅନାସକ୍ତି ଯୋଗ ଓ ଦିବ୍ୟ ଦୀପାବଳୀ ପ୍ରଧାନ ।

ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା । ତନ୍ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟ ପକ୍ଷରୁ ତାଙ୍କୁ ଡ଼କ୍ଟରେଟ ଉପାଧିରେ ଭୂଷିତ କରାଯାଇଥିଲା । ଆତ୍ମଜୀବନୀ ପାଇଁ ସାରଳା ପୁରସ୍କାର, ପ୍ରାଣନାଥ କଲେଜ ପକ୍ଷରୁ ପ୍ରାଣନାଥ ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଉତ୍କଳରତ୍ନ, ହେମଲତା ସମ୍ମାନ, ଆନ୍ତର୍ଜାତୀୟ ରୋଟାରୀ ସମ୍ମାନ, ଦିଓ୍ୱାଲି ବେନ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଜୀବନ ସେବିକା ସମ୍ମାନ, ରାଧାନାଠ ସମ୍ମାନ ଓ ରେଭେନ୍ସା କଲେଜ ପକ୍ଷରୁ ମଧ୍ୟ ସମ୍ମାନୀତ ହୋଇଥିଲେ ।

ସେ ଏକାଧାରାରେ ଥିଲେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସଙ୍ଗଠିକା, ସାହସୀ, ସମାଜସେବୀ, ସର୍ବୋଦୟ ନେତ୍ରୀ, ସରଳ, ଅମାୟିକ ଓ ନିରଳସ ଜୀବନ ଯାପନ କରୁଥିବା ଏକ ଆଦର୍ଶନିଷ୍ଠ ଦେଶପ୍ରେମୀ । ତାଙ୍କର ପ୍ରିୟ ପରିଧାନ ଥିଲା ଖଦଡ଼ ଶାଢ଼ୀ । ପରିଣତ ବୟସରେ ମଧ୍ୟ ସେ ସ୍ୱହସ୍ତରେ ସମସ୍ତ ଗୃହ କାର୍ଯ୍ୟ କରିବା ସହ ନିୟମିତ ଦୈନିକ ପ୍ରଭାତ ପ୍ରାର୍ଥନା, ରାମଧୁନ୍ ଓ ସନ୍ଧ୍ୟାରେ ସ୍ଥାନୀୟ ସାହିପିଲା ଓ ଆଶ୍ରମ ଅନ୍ତେବାସୀ ମାନଙ୍କ ସହ ସମୂହ ପ୍ରାର୍ଥନା କରୁଥିଲେ । ସମାଜ ପ୍ରତି ଅଙ୍ଗୀକାର ବଦ୍ଧତା ତାଙ୍କୁ ଚଳଚଞ୍ଚଳ ହେବାରେ ସହାୟକ ହୋଇଥିଲା । ପରିଶେଷରେ ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇ ସେ ୯୬ବର୍ଷ ବୟସରେ ତାଙ୍କ ବାସଭବନରେ ଗତ ୨୦୧୨ ଡିସେମ୍ବର ୩୧ ତାରିଖରେ ପରଲୋକ ଗମନ କରିଥିଲେ । ତାଙ୍କ ଭଳି ଦେଶପ୍ରେମୀ ବାସ୍ତବରେ ବିରଳ ।

–୦–

ଏମ୍.ଆଇ.ଜି.ଓ୍ୱାନ-୪୨/୧
ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର-୧୬
ମୋ.ନଂ: ୯୧୭୮୯୦୮୭୬୩



# ବିଜ୍ଞାନ ସାଧକ ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବସୁ

**ଡାକ୍ତର ପୂଜା ଦେଓ**

ସମଗ୍ର ବିଶ୍ୱ ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବସୁଙ୍କୁ ଜଣେ ପଦାର୍ଥବିତ ଭାବରେ ଜାଣିଲେ ମଧ୍ୟ ବିଜ୍ଞାନ କ୍ଷେତ୍ରରେ ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାର ବ୍ୟକ୍ତିତ୍ୱ । ପଦାର୍ଥ ବିଜ୍ଞାନ ସହିତ ଉଦ୍ଭିଦ ବିଜ୍ଞାନ, ଜୀବ ବିଜ୍ଞାନ ଓ ପ୍ରତ୍ନତତ୍ତ୍ୱ ଆଦିରେ ମଧ୍ୟ ତାଙ୍କର ଥିଲା ଅସାଧାରଣ ଜ୍ଞାନ । ବିଶେଷ କରି ଉଦ୍ଭିଦ ବିଜ୍ଞାନରେ ଜଗଦୀଶଚନ୍ଦ୍ର ସାରା ବିଶ୍ୱର ବୈଜ୍ଞାନିକ ମହଲକୁ ହଲଚଲ କରିଦେଇଥିଲେ । ସେ ହିଁ ଥିଲେ ପ୍ରଥମ ବୈଜ୍ଞାନିକ ଯିଏ କି ପ୍ରମାଣ କରିଥିଲେ ଯେ ଉଦ୍ଭିଦ ବା ବୃକ୍ଷ ଆଦି ଜଡ଼ବସ୍ତୁ ନୁହନ୍ତି, ସେମାନଙ୍କର ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁ ପରି ଜୀବନ ରହିଛି । ଏହାଛଡ଼ା ବେତାର ଯନ୍ତ୍ର ଆବିଷ୍କାର କରିବାର କୃତିତ୍ୱର ଅଧିକାରୀ ହିସାବରେ ମାର୍କୋନୀଙ୍କ ନାମ ଉଚ୍ଚାରିତ ହେଲେ ମଧ୍ୟ ତାଙ୍କ ସହିତ ଅମର ହୋଇ ରହିଛି ଜଗଦୀଶଚନ୍ଦ୍ରଙ୍କର ନାମ ମଧ୍ୟ ।

୧୮୫୮ ମସିହା ନଭେମ୍ବର ୩୦ ତାରିଖରେ ତତ୍କାଳୀନ ଅବିଭକ୍ତ ବଙ୍ଗର ବିକ୍ରମପୁର ପ୍ରଗଣା (ବର୍ତ୍ତମାନ ବାଂଲାଦେଶରେ) ଅଞ୍ଚଳରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କର ପିତା ଭଗବାନଚନ୍ଦ୍ର ବସୁ ଥିଲେ ସେଠାକାର ଡେପୁଟି ମାଜିଷ୍ଟ୍ରେଟ । ଇଂରେଜମାନଙ୍କ ଅଧୀନରେ ଚାକିରୀ କଲେ ମଧ୍ୟ ଭଗବାନଚନ୍ଦ୍ର ମନେ କରୁଥିଲେ ଇଂରାଜୀ ଭାଷା ଶିକ୍ଷା କରିବା ପୂର୍ବରୁ ଜଣେ ନିଜ ମାତୃଭାଷା ଭଲ ଭାବରେ ଶିଖିବା ନିତାନ୍ତ ଜରୁରୀ । ଏଣୁ ସେ ତାଙ୍କର ପୁତ୍ର ଜଗଦୀଶଙ୍କୁ ଭର୍ଣ୍ଣକୁଲାର (ଇଂରାଜୀ ବିହୀନ) ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଦେବାର ବ୍ୟବସ୍ଥା କଲେ । ତତ୍କାଳୀନ ସମୟରେ ଜଣେ ଡେପୁଟି ମାଜିଷ୍ଟ୍ରେଟଙ୍କ ଜୀବନଶୈଳୀ ସାଧାରଣ ଲୋକଙ୍କ ଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇଥିଲେ ମଧ୍ୟ ତାଙ୍କର ପୁତ୍ର ଗ୍ରାମର ଅତି ସାଧାରଣ ଲୋକ ଏପରିକି ତାଙ୍କ ଡ୍ରାଇଭରର ପୁଅ ସହିତ ପଢ଼ିବା ବ୍ୟବସ୍ଥାକୁ ଅତି ସାଧାରଣ ଭାବରେ ସେ ଗ୍ରହଣ କରି ନେଇଥିଲେ । ଭର୍ଣ୍ଣକୁଲାର ଶିକ୍ଷା ପରେ ଜଗଦୀଶ ୧୮୭୬ ମସିହାରେ କୋଲକାତା ଆସି ସେଣ୍ଟ ଜାଭିୟାର୍ସ ସ୍କୁଲରେ ଭର୍ତ୍ତି ହେଲେ ଓ ସ୍କୁଲ ଶିକ୍ଷା ପରେ ସେ ସେଣ୍ଟ ଜାଭିୟାର୍ସ କଲେଜରେ ଉଚ୍ଚଶିକ୍ଷା ଆରମ୍ଭ କଲେ । ସେଠାରେ ସେ ଫାଦର ୟୁଗେନ ଲାଫଣ୍ଟଙ୍କ ସଂସ୍ପର୍ଶରେ ଆସିଲେ ଓ ପ୍ରାକୃତିକ ବିଜ୍ଞାନ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ୧୮୭୯ ମସିହାରେ ସେ କୋଲକାତା ବିଶ୍ୱବିଦ୍ୟାଳୟରୁ ସାଧାରଣ ଭାବରେ ସ୍ନାତକ ହେଲେ ।

ଜଗଦୀଶଙ୍କର ପ୍ରକୃତି ବିଜ୍ଞାନ ପଢ଼ିବାର ପ୍ରବଳ ଇଚ୍ଛା ଥିଲେ ମଧ୍ୟ ପରିବାର ତଥା ବନ୍ଧୁବାନ୍ଧବଙ୍କ ଚାପରେ ତାଙ୍କୁ ମେଡ଼ିସିନ ପଢ଼ିବା ପାଇଁ ସୁଦୂର ଲଣ୍ଡନ ଯିବାକୁ ହୋଇଥିଲା । ମାତ୍ର ସେଠାରେ ସେ ଅସୁସ୍ଥ ହୋଇପଡ଼ିବାରୁ ମେଡ଼ିସିନ ପଢ଼ାରେ ସେଇଠି ପୂର୍ଣ୍ଣଚ୍ଛେଦ ପଡ଼ିଲା । ସେ ଭାରତ ଫେରି ଆସିଲେ । ଏହା ତାଙ୍କ ପାଇଁ ଅଭିଶାପ ନ ହୋଇ ବରଦାନ ସଦୃଶ ହେଲା । କାହିଁକି ନା ଏଇ ଘଟଣାରୁ ତାଙ୍କ ଜୀବନର ମୋଡ଼ ସମ୍ପୂର୍ଣ୍ଣରୂପେ ବଦଳିଗଲା । ସୁସ୍ଥ ହେଲାପରେ ଲଣ୍ଡନରେ ଥିବା ତାଙ୍କର ଭଗ୍ନୀପତି ଆନନ୍ଦ ମୋହନ ବସୁଙ୍କ ପରାମର୍ଶ କ୍ରମେ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ଖ୍ରୀଷ୍ଟାନ କଲେଜରେ ଭର୍ତ୍ତି ହେଲେ । ସେଠାରେ ସେ ତାଙ୍କର ମନ ପସନ୍ଦର ବିଷୟ ପ୍ରକୃତି ବିଜ୍ଞାନରେ ବିଷୟ ନେଇ ପଢ଼ିବାର ସୁଯୋଗ ପାଇଲେ ଓ ପ୍ରକୃତି ବିଜ୍ଞାନରେ ପୁନଶ୍ଚ ସ୍ନାତକ ହୋଇ ଭାରତ ଫେରିଲେ । ସ୍ୱଦେଶ ଫେରିଲାପରେ ନିଜ ପସନ୍ଦର ବିଷୟରେ ଅଧ୍ୟାପକ ଚାକିରୀ ପାଇଲେ କୋଲକାତାର ଐତିହ୍ୟମଣ୍ଡିତ ପ୍ରେସିଡ଼େନ୍ସି କଲେଜରେ । ମାତ୍ର ସେଠାରେ ଗବେଷଣାଗାର ଥିଲେ ମଧ୍ୟ ଗବେଷଣାର ବିଶେଷ ସୁବିଧା ନଥିବାରୁ ସେ ନିଜର ୨୪ବର୍ଗଫୁଟର ବାସଗୃହରେ ଏକ ଗବେଷଣାଗାର ନିଜ ଉଦ୍ୟମରେ ପ୍ରତିଷ୍ଠା କଲେ । ବିଧିର ବିଧାନ ବଡ଼ ବିଚିତ୍ର । ଭାରତର କୌଣସି ଲୋକ ଗବେଷଣା କାର୍ଯ୍ୟରେ ଲିପ୍ତ ରହୁନ୍ତୁ ବୋଲି ତତ୍କାଳୀନ ବ୍ରିଟିଶ ସରକାର ଚାହୁଁ ନଥିଲେ । ଏଣୁ ଏଥିପାଇଁ ତାଙ୍କୁ କୌଣସି ସରକାରୀ ଆର୍ଥିକ ସାହାଯ୍ୟ ମିଳିଲା ନାହିଁ । ଏହା ବ୍ୟତୀତ ତାଙ୍କର ଗବେଷଣାଗାର ପ୍ରତିଷ୍ଠାର ଖବର କଲେଜ କର୍ତ୍ତୃପକ୍ଷଙ୍କ କାନରେ ପଡ଼ିଲା । ଗବେଷଣା କାର୍ଯ୍ୟରେ ଜଗଦୀଶ ଯେମିତି ଅଗ୍ରସର ହୋଇ ନ ପାରିବେ ସେଥିପାଇଁ କଲେଜ କର୍ତ୍ତୃପକ୍ଷ ତାଙ୍କୁ କଲେଜ କାର୍ଯ୍ୟରେ ଏମିତି ବ୍ୟସ୍ତ ରଖୁଥିଲେ ଯେମିତି ସେ କଲେଜରୁ ଫେରିଲାପରେ ଆଉ କୌଣସି କାର୍ଯ୍ୟ କରିବାକୁ

ସମର୍ଥ ହୋଇପାରିବେ ନାହିଁ । ମାତ୍ର କୁଚକ୍ରୀଙ୍କର ଏ ଉଦ୍ଦେଶ୍ୟ ଫଳବତୀ ହୋଇ ପାରିନଥିଲା । କାରଣ ଜଗଦୀଶଙ୍କର ଜୀବନ ଥିଲା ଅନ୍ୟ ଧାତୁରେ ଗଢ଼ା । ସେ କଲେଜର ସମସ୍ତ କାର୍ଯ୍ୟ ସୂଚାରୁରୂପେ ଚଳାଇ ଗଭୀର ରାତ୍ରି ପର୍ଯ୍ୟନ୍ତ ତାଙ୍କର ଗବେଷଣା କାର୍ଯ୍ୟ ଚଳାଇବାରେ କୌଣସି ଦ୍ୱିଧାବୋଧ କରୁନଥିଲେ । ସମସ୍ତ ବାଧାବିଘ୍ନ ସତ୍ତ୍ୱେ ତାଙ୍କର ଗବେଷଣାକାର୍ଯ୍ୟ ଆଗେଇ ଚାଲିଲା । ତାଙ୍କର ଇଚ୍ଛାଶକ୍ତି ଏତେ ପ୍ରବଳ ଥିଲା ଯେ ସେ କୌଣସି ସରକାରୀ ସାହାଯ୍ୟକୁ ଅପେକ୍ଷା ନକରି ନିଜର କଷ୍ଟାର୍ଜିତ ଅର୍ଥରେ ଗୋଟିଏ ପରେ ଗୋଟିଏ ଗବେଷଣାଗାର ପ୍ରତିଷ୍ଠା କରି ଚାଲିଲେ ଓ କୋଲକାତା, ମଧ୍ୟମଗ୍ରାମ ଓ ଦାର୍ଜିଲିଙ୍ଗରେ ତିନୋଟି ଗବେଷଣାଗାର ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ ।

ମନ ଓ ପ୍ରାଣରେ ସେ ଜଣେ ବୈଜ୍ଞାନିକ ହେଲେ ମଧ୍ୟ ସେ ସୁସାହିତ୍ୟିକ ଥିଲେ । ବିଶେଷ କରି ଶିଶୁ ଓ କିଶୋର ସାହିତ୍ୟ ରଚନା କରିବା ଥିଲା ତାଙ୍କର ଏକ ନିଶା । ୧୮୯୬ ମସିହାରେ ବଙ୍ଗଳା ଭାଷାରେ ସେ ହିଁ ପିଲାଙ୍କ ପାଇଁ ଲେଖିଥିଲେ ନିରୁଦ୍ଦେଶର କାହାଣୀ ନାମରେ କଳ୍ପବିଜ୍ଞାନର ପ୍ରଥମ ପୁସ୍ତକ । ଏହା ବ୍ୟତୀତ ସେ ଅସଂଖ୍ୟ ବିଜ୍ଞାନ ଭିତ୍ତିକ ଗଳ୍ପ ଓ ପ୍ରବନ୍ଧ ରଚନା କରିଥିଲେ । ଏଥିପାଇଁ ତାଙ୍କୁ ବଙ୍ଗଳା କଳ୍ପବିଜ୍ଞାନର ଜନକ ଭାବରେ ଅବିହିତ କରାଯାଏ । ସେ କ୍ରେସକୋଗ୍ରାଫ ନାମରେ ଏକପ୍ରକାର ଯନ୍ତ୍ର ଆବିଷ୍କାର କରିଥିଲେ ଯହିଁରେ ବନସ୍ପତିର ଅଭିବୃଦ୍ଧି ସମ୍ପର୍କରେ ଜ୍ଞାତ ହୋଇ ପାରୁଥିଲା । ସେ ୧୯୧୭ ମସିହାରେ ବୋସ ଇନଷ୍ଟିଚ୍ୟୁଟ ନାମରେ ଏକ ପ୍ରିମିୟାର ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲେ ଯହିଁରେ ସେ ଡାଇରେକ୍ଟର ଭାବରେ ମୂଳରୁ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ରହିଥିଲେ । ୧୯୦୨ ମସିହାରେ ତାଙ୍କ ପ୍ରକାଶିତ ପୁସ୍ତକ Response in the Living and Non-Non Living ଏବଂ ୧୯୨୬ ମସିହାରେ ପ୍ରକାଶ ପାଇଥିବା The Nervous Machanism of Plants ପୁସ୍ତକ ଦୁଇଟି ବିଜ୍ଞାନ ଜଗତର ଅମୂଲ୍ୟ ସମ୍ପଦ ହୋଇ ରହିଛି ।

ଜଗଦୀଶଚନ୍ଦ୍ର ଯେ କେବଳ ଜଣେ ବୈଜ୍ଞାନିକ ଓ ସାହିତ୍ୟିକ ଥିଲେ ତାହା ନୁହେଁ, ସେ ଜଣେ ପ୍ରକୃତ ଦେଶପ୍ରେମୀ ଓ ବିପ୍ଳବୀ ମଧ୍ୟ ଥିଲେ । ସେ ଯେ କେତେବଡ଼ ବିପ୍ଳବୀ ଥିଲେ ତାହା ତାଙ୍କ ଚରିତ୍ରର ଗୋଟିଏ ଦିଗ ଉନ୍ମୋଚନ କଲେ ସ୍ପଷ୍ଟ ହୋଇଯିବ । ଲଣ୍ଡନରୁ କୋଲକାତା ପ୍ରତ୍ୟାବର୍ତ୍ତନ କାଳରେ ସେ ଜାତି ବିଦ୍ୱେଷରେ ଛନ୍ଦି ହୋଇପଡ଼ିଲେ । ପ୍ରେସିଡ଼େନ୍ସୀ କଲେଜରେ ଅଧ୍ୟାପନା କାର୍ଯ୍ୟରେ ଯୋଗଦେଲେ ମଧ୍ୟ ତାଙ୍କୁ ଠିକ ଭାବରେ ତାଙ୍କର ଦରମା ମିଳୁ ନଥିଲା । ତା ଛଡ଼ା ସେତେବେଳେ ଜଣେ ୟୁରୋପୀୟ ଅଧ୍ୟାପକଙ୍କର ଦରମା ଥିଲା ୩୦୦ଟଙ୍କା ଏବଂ ସେଇ ଏକା କାର୍ଯ୍ୟକରି ଜଣେ ଭାରତୀୟ ଅଧ୍ୟାପକଙ୍କୁ ମିଳୁଥିଲା ମାତ୍ର ୨୦୦ଟଙ୍କା । ଆହୁରି ବିଚିତ୍ର କଥା ଜଗଦୀଶଙ୍କୁ କଲେଜ କର୍ତ୍ତୃପକ୍ଷ ସେତକ ବି ଦେବାକୁ ସମ୍ମତ ହେଉନଥିଲେ । କାରଣ ଥିଲା ଜଗଦୀଶ ନିଜର ଗବେଷଣାଗାରରେ କାର୍ଯ୍ୟ କରିବା ଫଳରେ ତାଙ୍କର କର୍ମଶକ୍ତି ନଷ୍ଟ ହେଉଛି । ଏଣୁ ସେ ଶ୍ରେଣୀ କକ୍ଷରେ ପୂର୍ଣ୍ଣମାତ୍ରାରେ ଅଧ୍ୟାପନା କାର୍ଯ୍ୟ ତୁଲାଇବା ପାଇଁ ଅସମର୍ଥ ହେଉଥିଲେ । ଏଣୁ ତାଙ୍କର ଦରମା କମ କରାଯାଇ ୧୦୦ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏକଥା ଜାଣିବା ପରେ ଜଗଦୀଶ ନିଜର ଦରମା ନ ନେବାର ସିଦ୍ଧାନ୍ତ ନେଲେ । ଏମିତି ଭାବରେ ତିନିବର୍ଷ ବିତିଲା । ଜଗଦୀଶ ଦରମା ନନେଇ ନିଜର କାର୍ଯ୍ୟ ସୂଚାରୁରୂପେ ଚଳାଇବାକୁ ଲାଗିଲେ । ଶେଷରେ କର୍ତ୍ତୃପକ୍ଷ ତାଙ୍କର ଦୃଢ଼ତା, ସ୍ୱାଭିମାନ, ଆତ୍ମସମ୍ମାନ ଓ ଦେଶପ୍ରେମ ନିକଟରେ ହାର ମାନିବାକୁ ବାଧ୍ୟ ହେଲେ ଓ ଭାରତୀୟ ଅଧ୍ୟାପକଙ୍କର ଦରମା ୟୁରୋପୀୟ ଅଧ୍ୟାପକଙ୍କ ଦରମା ସହିତ ସମାନ କରିଦେଲେ । ଜଗଦୀଶଙ୍କୁ ତିନିବର୍ଷର ନୂତନ ହାରରେ ବକେୟା ଦରମା ମିଳିଲା ।

ବିଜ୍ଞାନକୁ ତାଙ୍କର ଅତୁଳନୀୟ ଦାନ ପାଇଁ ତାଙ୍କୁ ପ୍ରାପ୍ତ ହୋଇଛି ଅସଂଖ୍ୟ ସମ୍ମାନ ଓ ପୁରସ୍କାର । ୧୯୧୬ ମସିହାରେ ବିଜ୍ଞାନକୁ ତାଙ୍କର ବିଶେଷ ଅବଦାନ ପାଇଁ ତାଙ୍କୁ ନାଇଟହୁଡ ଉପାଧିରେ ଭୂଷିତ କରାଯାଇଥିଲା । ୧୯୨୦ ମସିହାରେ ସେ ଲଣ୍ଡନ ରୟେଲ ସୋସାଇଟିର ହେଲେ ଜଣେ ସମ୍ମାନସ୍ପଦ ସଦସ୍ୟ । ୧୯୨୭ ମସିହାରେ ସେ ହେଲେ ବିଜ୍ଞାନ କଂଗ୍ରେସରେ ସଭାପତି । ଏହା ବ୍ୟତୀତ ନ୍ୟାସନାଇଲ ନଷ୍ଟିଚିଉଟ ଅଫ୍ ସାଇନ୍ସ (ବର୍ତ୍ତମାନର ନାମ ଇଣ୍ଡିଆନ ସାଇନ୍ସ ଏକାଡ଼େମୀ) ର ସେ ଥିଲେ ପ୍ରତିଷ୍ଠାତା ସଦସ୍ୟ । ୭୮ବର୍ଷ ପର୍ଯ୍ୟନ୍ତ ବିଜ୍ଞାନ, ସାହିତ୍ୟ ଓ ଦେଶର ସେବା କରୁଥିବା ବେଳେ ୧୯୩୭ ମସିହା ନଭେମ୍ବର ୨୩ ତାରିଖରେ ନିଜର ଜନ୍ମ ଦିନର ମାତ୍ର ସାତ ଦିନ ପୂର୍ବରୁ ତାଙ୍କର ଜୀବନାବସାନ ହେଲା । ତାଙ୍କର ଏ ପ୍ରୟାଣରେ ଆମେ ହରାଇଛୁ ଆମର ଅତି ଆପଣାମାନଙ୍କୁ । ମୃତ୍ୟୁର ବହୁ ବର୍ଷ ଅତିବାହିତ ହୋଇଥିଲେ ମଧ୍ୟ ସେ ଆମ୍ଭମାନଙ୍କର ଆଦର୍ଶ, ଆଉ ଆଦର୍ଶ ହୋଇବେ ଚିରକାଳ ପାଇଁ ।

-୦-

ଫ୍ଲାଟ-୨୮୮, ଟାୱାର-୨, ନର୍ଦ୍ଦନହାଇଟ୍ସ,
ନନ୍ଦନବିହାର, ଭୁବନେଶ୍ୱର-୭୫୧୦୨୪
ମୋ.ନଂ: ୯୯୯୯୪୬୬୭୬୮



# ଅଜଣା ବୈଜ୍ଞାନିକ ଜବିର ଇବନେ ହାଇୟାନ୍

ଡ. ରାମଚନ୍ଦ୍ର ଦେଓ

ବୈଜ୍ଞାନିକ ଜବିର ଇବନେ ହାଇୟାନ୍ କଥାପ୍ରସଙ୍ଗରେ ଥରେ କହିଥିଲେ - "ମୋର ଅର୍ଜିତ ସମ୍ପଦ, ଧନ-ଦୌଲତ, ଟଙ୍କା ପଇସା ମୋ ପିଲାପିଲି ଅଥବା ମୋ ଆତ୍ମୀୟସ୍ୱଜନ ଭୋଗ କରିବେ, ମାତ୍ର ଜ୍ଞାନର ସାଧନା କରି ଯାହା ମୁଁ ଅର୍ଜନ କରିଛି, ତାକୁ ମୋ ଲୋକ ସହିତ ଜଗତର ଲୋକେ ଉପଭୋଗ କରିବେ, ଆଉ ମୋର ସାଧନା ପାଇଁ ମୋତେ ମନେ ପକାଇବେ" । ମାତ୍ର ଦୁଃଖର କଥା, ଏମିତି ମୂଲ୍ୟବାନ କଥାଟି ଯେଉଁ ବୈଜ୍ଞାନିକ ଦିନେ କହିଥିଲେ ତାଙ୍କ ଆବିଷ୍କୃତ ବସ୍ତୁ ଜଗତବାସୀ ଉପଭୋଗ କଲେ ସତ, ହେଲେ ତାଙ୍କୁ ମନେ ପକେଇବା ତ ଦୂରର କଥା ତାଙ୍କୁ କେହି ଚିହ୍ନିଲେ ବି ନାହିଁ ।



ରସାୟନ ଶାସ୍ତ୍ରର ଜନକ ଭାବରେ ପରିଚିତ ଏହି ବୈଜ୍ଞାନିକଙ୍କର ପିତା ଥିଲେ ଜଣେ ସମାଜ ସଂସ୍କାରକ ଓ ଗଣତନ୍ତ୍ର ପ୍ରେମୀ ଡାକ୍ତର । ରାଜକ୍ରୋଧର ଶିକାର ହୋଇ ପ୍ରାଣ ବିକଳରେ ପରିବାର ସହିତ ଦକ୍ଷିଣ ଆରବ ଛାଡ଼ି ଇରାକର କୁଫା ନଗରୀକୁ ଆଶ୍ରୟ ପାଇଁ ଯାଇଥିଲେ । ମାତ୍ର ସେଠାରେ ମଧ୍ୟ ତାଙ୍କୁ ନିରାପତ୍ତା ମିଳିଲା ନାହିଁ । ବାଧ୍ୟ ହୋଇ ସେ କୁଫାରୁ ତୁସ ନଗରୀକୁ ଯାତ୍ରା କରୁଥିବା ସମୟରେ ପଥପ୍ରାନ୍ତରରେ ଜନ୍ମ ନେଲେ ଆମର ଏଇ ଅଚିହ୍ନା ବୈଜ୍ଞାନିକ । ଅସହାୟ ପିତା ଶିଶୁପୁତ୍ରକୁ ନିରାପଦ ସ୍ଥାନରେ ପହଞ୍ଚାଇବାକୁ ଯାଇ ଗୁପ୍ତଚର ଦ୍ୱାରା ଧରାପଡ଼ିଲେ ଓ ତାଙ୍କୁ ମିଳିଲା ମୃତ୍ୟୁ ଦଣ୍ଡ । ସଙ୍କଟମୟ ଅବସ୍ଥାରେ ଅନ୍ୟ କୌଣସି ଉପାୟ ନ ଦେଖି ସଦ୍ୟଜାତପୁତ୍ରକୁ କୋଳରେ ଧରି ମା ନିଜର ମାତୃଭୂମି ଦକ୍ଷିଣ ଆରବକୁ ଆଶ୍ରୟ ଭାବରେ ଆବୋରି ନେଲେ । କ୍ରମେ ପିଲାଟି ବଡ଼ ହେଲା । ଆଦ୍ୟ ଶିକ୍ଷା ପାଇଁ ମା ତାକୁ ଭର୍ତ୍ତି କରିଦେଲେ ସ୍ଥାନୀୟ ଗୋଟିଏ ବିଦ୍ୟାଳୟରେ । ସେ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ ଜଣେ ପ୍ରସିଦ୍ଧ ଗଣିତଜ୍ଞ । ତାଙ୍କରି ପାଖରେ ଆରମ୍ଭ ହେଲା ପିଲାଦିନର ଗଣିତ ଶିକ୍ଷା । ପିଲାଟିର ପ୍ରଖର ବୁଦ୍ଧି ଦେଖି ଶିକ୍ଷକ ବୁଝିଗଲେ ଏ ଛାତ୍ର ଦିନେ ବିଖ୍ୟାତ ମଣିଷ ହୋଇ ମାନବ ଜାତିର କଲ୍ୟାଣ କରିବାରେ ସକ୍ଷମ ହେବ । ଧୀରେ ଧୀରେ ପ୍ରାଥମିକ ଶିକ୍ଷା ଶେଷ ହେଲା । ପ୍ରୟୋଜନ ହେଲା ଉଚ୍ଚ ଶିକ୍ଷାର । କିନ୍ତୁ ସେ ସମୟରେ ଉଚ୍ଚଶିକ୍ଷା ସାଧାରଣ କଥା ନଥିଲା । ଦକ୍ଷିଣ ଆରବରେ ସେମିତି କିଛି ନାମକରା ଉଚ୍ଚ ବିଦ୍ୟାଳୟ ନଥିଲା । ପିଲାଟି ଏଥିରେ ବିଚଳିତ ନ ହୋଇ ଜ୍ଞାନ ପିପାସା ମେଣ୍ଟାଇବା ପାଇଁ ଦିନେ ସେ ମାଆକୁ କହି ବାହାରି ପଡ଼ିଲା ଉଚ୍ଚ ଶିକ୍ଷା ଅନୁସନ୍ଧାନରେ । ଚାଲୁ ଚାଲୁ ସେ ଯାଇ ପହଞ୍ଚିଲା ତା ବାପାଙ୍କର ପରିଚିତ ସ୍ଥାନ କୁଫା ନଗରୀରେ ।

କୁଫା ନଗରୀରେ ସେ ସମୟରେ ଇମାମ୍ ଜାଫର ଅଲି ସାଁକ ନାମରେ ଜଣେ ବିଖ୍ୟାତ ଜ୍ଞାନୀ ମଣିଷ ବାସ କରୁଥିଲେ । ପିଲାଟିର ବାପା ସହିତ ତାଙ୍କର ଭଲ ସମ୍ପର୍କ ଥିଲା । ଏଣୁ ସେ ପିଲାଟିକୁ ନିଜ ଘରେ ଆଶ୍ରୟ ଦେଇ ଚିକିତ୍ସା ଶାସ୍ତ୍ରରେ ଶିକ୍ଷକ କରାଇବାକୁ ବ୍ୟବସ୍ଥା କରାଇଲେ । ଚିକିତ୍ସା ଶାସ୍ତ୍ରର ଶିକ୍ଷା ସମାପ୍ତି ପରେ ବିଜ୍ଞାନ ଶିକ୍ଷା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ସୃଷ୍ଟି ହେଲା । ତେଣୁ ସେ ଗବେଷଣା ପାଇଁ ଆବଶ୍ୟକ ......ନେଇ ରସାୟନ ଶାସ୍ତ୍ର ଉପରେ ଗବେଷଣା କରିବାକୁ ଲାଗିଲେ । ଏମିତି ଗବେଷଣା କରୁ କରୁ ସେ ଆବିଷ୍କାର କଲା ନାଇଟ୍ରିକ୍ ଏସିଡ଼ ଓ ରାତାରାତ ବିଖ୍ୟାତ ହୋଇ ଉଠିଲା ଜଣେ ବିଜ୍ଞାନୀ ଭାବରେ ।

ଏଇ ଅସାଧାରଣ ବୁଦ୍ଧି ସମ୍ପନ୍ନ ପିଲାଟି ହେଉଛନ୍ତି ବିଜ୍ଞାତ ବୈଜ୍ଞାନିକ ଜବିର ଇବନେ ହାଇୟାନ୍ । ସେ ସମୟରେ ବାଗବାଦରେ ରାଜତ୍ୱ କରୁଥିଲେ ଖାଲିଫା ହାରୁନ୍ ଅର ରସିଦ । ସେ ଜ୍ଞାନୀ ଗୁଣୀଙ୍କୁ ଆଦର କରୁଥିଲେ । ଦିନେ ତାଙ୍କ ପାଖରେ ଜବିରଙ୍କ ଖବର

ପହଞ୍ଚିଲା । ସେ ତାଙ୍କୁ ନିମନ୍ତ୍ରଣ କଲେ ତାଙ୍କ ରାଜଦରବାରକୁ । ରାଜ ନିମନ୍ତ୍ରଣ ପାଇ ଜାବୀର ବାଗଦାଦାରେ ଉପସ୍ଥିତ ହେଲେ । ଖାଲିଫା ତାଙ୍କୁ ତାଙ୍କ ରାଜ୍ୟରେ ସ୍ଥାୟୀ ଭାବରେ ବାସ କରିବାକୁ କହିଲେ । କିନ୍ତୁ ପାରିବାରିକ ଅସୁବିଧା ଜଣାଇ ସେ ଫେରିଗଲେ କୁଫା ନଗରୀକୁ । ସେଠରେ ସେ ଡ଼ାକ୍ତରୀ ଓ ରସାୟନ ଶାସ୍ତ୍ର ଚର୍ଚ୍ଚାରେ ଦିନ ବିତାଇବାକୁ ଲାଗିଲେ । ହଠାତ୍ ଦିନେ ପୁଣି ଖାଲିଫାଙ୍କ ଦରବାରରୁ ତାଙ୍କୁ ଡାକରା ଆସିଲା । ସେ ଯାଇ ଦେଖିଲେ ଉଜିରଙ୍କ ଜଣେ ନିକଟ ସମ୍ପର୍କୀୟ ଅସୁସ୍ଥ ହୋଇପଡିଛନ୍ତି । ବହୁ ଚିକିତ୍ସା ପରେ ମଧ୍ୟ ସୁସ୍ଥ ନ ହେବାରୁ ସେ ଜବିରଙ୍କ ସାହଚର୍ଯ୍ୟ ଲୋଡ଼ିଛନ୍ତି । ଦ୍ୱିଧା ନକରି ଜାବୀର ଚିକିତ୍ସକର କର୍ତ୍ତବ୍ୟ କଲେ ଓ ଅଳ୍ପ ଦିନରେ ଉଜିରଙ୍କ ସମ୍ପର୍କୀୟ ଆରୋଗ୍ୟ ଲାଭ କଲେ ।

ଏ କଥା ଦେଖି ଖାଲିଫା ବହୁତ ଖୁସି ହେଲେ ଓ ଜବିରଙ୍କୁ ତାଙ୍କ ରାଜ୍ୟରେ ସ୍ଥାୟୀ ଭାବରେ ରହିବା ପାଇଁ ପୁଣି ଅନୁରୋଧ କଲେ । ଖାଲିଫାଙ୍କ ଅନୁରୋଧ ରକ୍ଷା କରି ଜାବୀର ସପରିବାରେ ବାଗଦାଦରେ ରହିଲେ ଓ ନିଜର ଡଶକ୍ତରୀ ଚିକିତ୍ସା ସହିତ ବିଜ୍ଞାନ ଗବେଷଣା ମଧ୍ୟ ଚାଲିଲା । ମାତ୍ର ଜାବୀରଙ୍କ ଏଇ ସୁଖର ଦିନ ବେଶିଦିନ ରହିଲା ନାହିଁ । ପିତାଙ୍କ ମୃତ୍ୟୁର କାରଣ ସେ ତାଙ୍କ ମାଆଙ୍କ ମୁହଁରୁ ଶୁଣିଥିଲେ । ସେମିତି କିଛି ପରିସ୍ଥିତି ତାଙ୍କ ଜୀବନରେ ଘଟିବାର ଆଶଙ୍କା ତାଙ୍କର ଥିଲା । ସମୟ ଆସିଲା ତାଙ୍କର ଆଶଙ୍କା ଅମୂଳକ ହେଲା ନାହିଁ । କିଛି ପରଶ୍ରୀକାତରତା ଲୋକ ନିଜର ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ଜବିରଙ୍କ ବିରୁଦ୍ଧରେ ଚକ୍ରାନ୍ତ କଲେ । ଜବିର ଖାଲିଫାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ ସେମାନେ ଖାଲିଫାଙ୍କ ନିକଟରେ ପ୍ରକାଶ କଲେ । ତାଙ୍କ ଆଶ୍ରୟରେ ରହି ତାଙ୍କ ବିରୁଦ୍ଧରେ ଚକ୍ରାନ୍ତ କରୁଥିବାର ଶୁଣି ଜାବୀରଙ୍କୁ ଧରି ଆଣିବା ପାଇଁ ଆଦେଶ ଦେଲେ ଖାଲିଫା । ଏ କଥା ଶୁଣି ଜବିର ପିଲାପିଲି ଧରି ପୁନରାୟ କୁଫା ନଗରୀକୁ ଲୁକ୍କାୟିତ ଭାବରେ ପଳାୟନ କଲେ ଓ ସେଠାରେ ବିଜ୍ଞାନ ସାଧନାରେ ମନଯୋଗ ଦେଲେ । ଗବେଷଣା ପାଇଁ ବିଜ୍ଞାନଗାରର ଆବଶ୍ୟକତା ରହିଥାଏ । ସେତେବେଳେ ସେମିତି ଉନ୍ନତମାନର କୌଣସି ଗବେଷଣାଗାର ନଥାଏ । ଏଣୁ ଜାବୀର ତାଙ୍କ ସାଧନା ପାଇଁ ପ୍ରତିଷ୍ଠା କଲେ ଏକ ଗବେଷଣାଗାର । ଏଇ ଗବେଷଣାଗାରଟି ହେଉଛି ବିଶ୍ୱର ପ୍ରଥମ ଗବେଷଣାଗାର । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏଇ ଗବେଷଣାଗାରଟି ଥିଲା ତାଙ୍କର ନିତ୍ୟ ସହଚର, ଆଉ ଏଇ ଗବେଷଣାଗାରରୁ ଜନ୍ମ ନେଇଥିଲା ଅନେକ ନୂଆ ତଥ୍ୟ ଓ ଆବିଷ୍କୃତ ହୋଇଥିଲା କେତେକେତେ ନୂତନ ଦ୍ରବ୍ୟ ।

ଖଣିରୁ ଉତ୍ତୋଳନ ହେଉଥିବା ମିଶ୍ର ଧାତୁରୁ ଅସଲ ଧାତୁ ବାହାର କରିବାର ଉପାୟ ପ୍ରଥମେ ସେ ବିଜ୍ଞାନ ଜଗତକୁ ଦେଇଥିଲେ । ଲୁଗା ଓ ଚମଡ଼ାରେ ବ୍ୟବହାର ହେଉଥିବା ରଙ୍ଗ, ଲୁହାରେ କଳଙ୍କି ନ ଲାଗିବା ପାଇଁ ବାର୍ଣ୍ଣିସ ଆଦିର ସୃଷ୍ଟିକର୍ତ୍ତା ହେଉଛନ୍ତି ଜବିର । ଏସେଟିକ ଏସିଡ, ନାଇଟ୍ରିକ୍ ଏସିଡ୍ ପ୍ରସ୍ତୁତ କରିବାର ପ୍ରଣାଳୀ ସର୍ବ ପ୍ରଥମେ ତାଙ୍କୁ ହିଁ ଜଣାଥିଲା । ଲେମ୍ବୁ ଓ କଞ୍ଚାଲଙ୍କାରୁ ସାଇଟ୍ରିକ୍ ଏସିଡ, ଭିନେଗାରରୁ ଏସେଟିକ ଏସିଡ ଓ ମଦ ପ୍ରସ୍ତୁତକାରୀ ବସ୍ତୁରୁ ଟାରଟାରିକ ଏସିଡ ତଥା ଆର୍ସେନିକ, ଏଣ୍ଟିମୋନି, ସାଇଫର ଓ ମାଗକୁରି ଆଦି ପ୍ରସ୍ତୁତ କରି ରସାୟନ ବିଜ୍ଞାନର ସେ ମୂଳଦୁଆ ସ୍ଥାପନ କରିଯାଇଛନ୍ତି ।

ଏକାଧାରରେ ସେ ଥିଲେ ଜଣେ ଗବେଷକ, ଜଣେ ବୈଜ୍ଞାନିକ, ଜଣେ ଚିକିତ୍ସକ ଓ ଜଣେ ରସାୟନବିତ । ଏମିତି ସର୍ବବିଦ୍ୟା ସମ୍ପନ୍ନ ଜଣେ ମହାନ ବ୍ୟକ୍ତି ବିଜ୍ଞାନ ତଥ୍ୟଭିତ୍ତିକ ବହୁ ପୁସ୍ତକ ସହିତ ୩୦୦୦ବିଜ୍ଞାନ ପ୍ରବନ୍ଧ ଲେଖି ବିଜ୍ଞାନଜଗତର ଅଶେଷ କଲ୍ୟାଣ ସାଧନ କରିବା ସହିତ ବିସ୍ମୟ ସୃଷ୍ଟି କରିଯାଇଛନ୍ତି । ବହୁଘାତ ପ୍ରତିଘାତ ମଧ୍ୟରେ ଗତି କରି ବିଜ୍ଞାନ ଜଗତକୁ ଆଲୋକପ୍ରଦାନ କରିଥିବା ବୈଜ୍ଞାନିକ ଜାବୀର ଇବନ ହାଇୟାନ ୭୨୧ ମସିହାରେ ପଥପ୍ରାନ୍ତରର ଏଇ ଅଜଣା ସ୍ଥାନରେ ଜନ୍ମଲାଭ କରି ଗୃହବନ୍ଦୀ ଭାବରେ ଦାରୁଣ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ଅଜଣା ସ୍ଥାନରେ ୮୧୫ ମସିହାରେ ମୃତ୍ୟୁ ବରଣ କରି ଅଜଣା ହୋଇ ରହିଗଲେ ସବୁଦିନ ପାଇଁ ।

-o-

ଫ୍ଲାଟ-୨୯୯, ୨ ନର୍ଦ୍ଦନହାଇଟ୍ସ,
ନନ୍ଦନବିହାର, ଭୁବନେଶ୍ୱର-୭୫୧୦୨୪
ମୋ.ନଂ:୯୪୩୭୪୯୧୨୧୪





# ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇ

ଡ. ନିର୍ମଳେନ୍ଦୁ ଦେଓ

ଭାରତର ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ଅଂଶ ଗ୍ରହଣ କରିଥିବା ଗୁଜରାଟର ବିଖ୍ୟାତ ଶିଳ୍ପପତି ପରିବାରରେ ପିତା ଆମ୍ବାଲା ସରାଭାଇ ଓ ମାତା ସାର୍ଲା ଦେବୀଙ୍କ କୋଳମଣ୍ଡନ କରି ୧୯୧୯ ମସିହା ଅଗଷ୍ଟ ୧୨ ତାରିଖରେ ଜନ୍ମଗ୍ରହଣ କରିଥିଲେ ବିକ୍ରମ ଆମ୍ବାଲା ସାରାଭାଇ । ଅହମ୍ମଦାବାଦ ସ୍ଥିତ ଗୁଜୁରାଟ ମହାବିଦ୍ୟାଳୟରୁ ବିଜ୍ଞାନରେ ଶିକ୍ଷା ସମାପ୍ତି ପରେ ସେ ଇଂଲଣ୍ଡର କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ୧୯୪୦ ମସିହାରେ ପ୍ରାକୃତିକ ବିଜ୍ଞାନରେ ଟ୍ରିପସ ଲାଭ କରିଥିଲେ ଓ ସେଠାରେ ଉଚ୍ଚ ଶିକ୍ଷା ପାଇଁ ଆଗ୍ରହୀ ଥିଲେ ମଧ୍ୟ ୨ୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ଯୋଗୁଁ ସେ ଭାରତ ଫେରିବା ପାଇଁ ବାଧ୍ୟ ହୋଇଥିଲେ । ୧୯୪୨ ମସିହାରେ ବ୍ରିକମ ସରାଭାଇଙ୍କ ବିବାହ ହୋଇଥିଲା ବିଶିଷ୍ଟ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ମ୍ରିନାଳିନୀଙ୍କ ସହିତ । ଭାରତ ଫେରି ସେ ବେଙ୍ଗାଲୁରସ୍ଥିତ ଇଣ୍ଡିଆନ ଇନଷ୍ଟିଟ୍ୟୁଟ୍ ଅଫ୍ ସାଇନ୍ସର ପଦାର୍ଥ ବିଜ୍ଞାନବିତ ସି.ଭି.ରମଣଙ୍କ ଅଧିନରେ କସମିକ ରେଜ୍ ଉପରେ ଗବେଷଣା କାର୍ଯ୍ୟ ଆରମ୍ଭ କଲେ । ୧୯୪୫ ମସିହାରେ ସେ ପୁଣି କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଗଲେ ଓ "Cosmic Rays Investigation in Tropical Latitude" ବିଷୟ ଉପରେ ନିବନ୍ଧ ଲେଖି ୧୯୪୭ ମସିହାରେ ଡ଼କ୍ଟରେଟ ଡିଗ୍ରୀ ଲାଭ କରି ଭାରତ ଫେରିଲେ । ଭାରତ ଫେରିଲା ପରେ ସେ ଗୁଜରାଟରେ ଫିଜିକାଲ ରିସାର୍ଚ୍ଚ ଲ୍ୟାବୋରେଟରୀ ସ୍ଥାପନ କଲେ ଓ ମହାଜାଗତିକ ରଶ୍ମି ଉପରେ ପ୍ରାଥମିକ ଗବେଷଣା ଆରମ୍ଭ ହେଲା । କିଛି ସମୟ ପାଇଁ ସେ ନିଜର ପାରିବାରିକ ବ୍ୟବସାୟରେ ମନନିବେଶ କରିଥିଲେ । ପରେ ପରେ ସେ ଭାରତୀୟ ଉପଗ୍ରହ ଉତ୍କ୍ଷେପଣ ପାଇଁ କାର୍ଯ୍ୟ କଲେ ଯାହାର ଫଳ ସ୍ୱରୂପ ୧୯୭୫ ମସିହାରେ ପ୍ରଥମ ଭାରତୀୟ ଉପଗ୍ରହ ଆର୍ଯ୍ୟଭଟ୍ଟ ଋଷର ରକେଟ ଉତ୍ତୋଳନ କେନ୍ଦ୍ରରୁ ମହାକାଶକୁ ପ୍ରେରଣ କରାଯାଇ ପାରିଥିଲା । ଜଣେ ଅନୁଷ୍ଠାନ ସଙ୍ଗଠକ ଭାବରେ ମାତ୍ର ୨୮ ବର୍ଷ ବୟସରେ ସରାଭାଇ ବହୁ ଅନୁଷ୍ଠାନ ନିଜ ଉଦ୍ୟମରେ ଗଠନ କରିଛନ୍ତି ଆଉ କେତେକ ସମୟରେ ଅନ୍ୟକୁ ସାହାଯ୍ୟଦାନ କରି ବିଭିନ୍ନ କ୍ଷେତ୍ରରେ ଅନୁଷ୍ଠାନମାନ ଗଠନ କରାଇଛନ୍ତି । ଗବେଷଣାର ମଣିଷ ବିକ୍ରମ ସରାଭାଇ ଗବେଷଣାର ସ୍ୱାଦ ଚଖେଇବା ପାଇଁ ଅହମ୍ମଦାବାଦରେ ଫିଜିକାଲ ରିସାର୍ଚ୍ଚ ଲେବୋରେଟରୀ ୧୯୪୭ ମସିହା ନଭେମ୍ବର ୧୧ ତାରିଖରେ ପ୍ରତିଷ୍ଠା କରିଥିଲେ । ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମେନେଜମେଣ୍ଟ ଭଳି ଅନୁଷ୍ଠାନ ସହ ସେ ଅହମ୍ମଦାବାଦରେ ପ୍ରତିଷ୍ଠା କରି ନିଜ ଦେଶବାସୀଙ୍କୁ ମେନେଜମେଣ୍ଟ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିଥିଲେ । ଭାରତରେ ମହାକାଶ ଗବେଷଣାର ସମୟ ଆସିଛି ବୋଲି ତାଙ୍କର ପ୍ରସ୍ତାବକୁ କେତେକ ଘୋର ବିରୋଧ କରି କହିଥିଲେ । ସେମାନଙ୍କର ମତ ହେଲା ଭାରତ ଭଳି ବିକାଶଶୀଳ ଦେଶରେ ଏମିତି ଗବେଷଣା କରି ବିକଶିତ ଦେଶମାନଙ୍କ ସହିତ ଚନ୍ଦ୍ର ଅଭିଯାନର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଅର୍ଥ ଦେଶର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେବା । ମାତ୍ର ବିକ୍ରମ ସରାଭାଇଙ୍କ ଯୁକ୍ତି ହେଲା, ମହାକାଶ ଗବେଷଣା ଦ୍ୱାରା ଦେଶରେ ପାରମାଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯାଇ ପ୍ରତିରକ୍ଷା କ୍ଷେତ୍ର ଓ ପ୍ରତ୍ୟନ୍ତ ଗ୍ରାମର ଶିକ୍ଷା ବ୍ୟବସ୍ଥା ଉପଗ୍ରହ ଯୋଗାଯୋଗ ମାଧ୍ୟମରେ ସମ୍ଭବ ହୋଇପାରିବ । ନିଜ ଯୁକ୍ତିରେ ଅଟଳ ରହି ସେ ୧୯୬୨ ମସିହାରେ Indian National Committee for space Research (ଯାହାକି ପରେ Indian Space Research Organization (ISRO) ନାମରେ ପରିବର୍ତ୍ତିତ ହେଲା) ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଥିଲେ । ଏହାଦ୍ୱାରା ସେ ଆମ ଦେଶର ମହାକାଶ ଗବେଷଣା କାର୍ଯ୍ୟକ୍ରମର ଜନକ ଭାବରେ ପରିଗଣିତ ହେଲେ । ସେ ଦକ୍ଷିଣ ଭାରତର କେରଳରେ ସ୍ଥାପନ କଲେ Thumba Equatorial Rocket Launching Station । ଗବେଷଣାରେ ନିରନ୍ତର ନିମଜ୍ଜିତ ରହୁଥିବା ବିକ୍ରମ ସରାଭାଇଙ୍କୁ ୧୯୬୬ ମସିହାରେ ହୋମି ଭାବାଙ୍କ ମୃତ୍ୟୁ ପରେ ଭାରତର ଏଟୋମିକ ଏନାର୍ଜି କମିସନର ଚେୟାରମ୍ୟାନ ଭାବରେ ନିଯୁକ୍ତ କରାଗଲା ।

ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ସାଧାରଣ ବ୍ୟବହାର ଓ ମହାକାଶ ଗବେଷଣାର ବିଶେଷ ବ୍ୟବହାର ପାଇଁ ସରାଭାଇ ନିଜକୁ ଉତ୍ସର୍ଗ କରିବା ସହିତ ଉପଗ୍ରହ ମାଧ୍ୟମରେ ଦୂରାନ୍ତ ଗ୍ରାମାଞ୍ଚଳର ଶିକ୍ଷା ବିସ୍ତାର ପାଇଁ କାର୍ଯ୍ୟ ଆରମ୍ଭ କରିବା ଓ ଦେଶ ଓ ଜାତି ପାଇଁ କରିଥିବା ପ୍ରମୁଖ କାର୍ଯ୍ୟ ସକାଶେ ତାଙ୍କୁ ଭାରତର ଦୁଇଟି ସର୍ବୋଚ୍ଚ ସମ୍ମାନ ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଭାବର ଗବେଷଣା କାର୍ଯ୍ୟରେ ଲିପ୍ତ ଥାଇ ଦେଶକୁ ଅଗ୍ରଗତି ପକ୍ଷକୁ ବିସ୍ତାର କରୁଥିବା ସମୟରେ ୧୯୭୧ ମସିହା ଡିସେମ୍ବର ୩୦ ତାରିଖରେ କେରଳ ତ୍ରିଭେନ୍ଦ୍ରମରେ ଥିବା ସମୟରେ ମାତ୍ର ୫୨ ବର୍ଷ ବୟସରେ ବିକ୍ରମ ସରାଭାଇଙ୍କର ହୃଦ୍‌ଘାତରେ ମୃତ୍ୟୁ ହେଲା ।

ବିଧିର କି ବିଚିତ୍ର ବିଡ଼ମ୍ବନା, ଯେଉଁ ବ୍ୟୋମଯାନରେ ସେ ଜଣେ ଯାତ୍ରୀ ହୋଇ ତାଙ୍କର କର୍ମସ୍ଥଳୀକୁ ଯାଇଥିଲେ, ସେଇ ବ୍ୟୋମଯାନରେ ତାଙ୍କର ମୃତ ଶରୀର ପରିବହନର ବସ୍ତୁ ହୋଇ ମୁମ୍ବାଇ ଫେରି ଆସିଲା ।

-୦-

୬୩୨, ଇଷ୍ଟ ପେନସିଲଭାନିଆ କୋର୍ଟ,
ଆଲିଙ୍ଗଟନ୍ ହାଇଟ୍ସ, ୟୁ.ଏସ୍.ଏ.-୬୦୦୦୫



# ସଂକ୍ଷେପରେ 'କଲାମ'

ଲୀଳାବତୀ ପାଢ଼ୀ

ଯୁବ ପ୍ରାଣର ସଞ୍ଜୀବନୀ ଶକ୍ତି ଓ ପ୍ରେରଣାର ଦାତା ଡକ୍ଟର ଏ.ପି.ଜେ.ଅବଦୁଲ କଲାମ ଥିଲେ ରାଷ୍ଟ୍ରର ସବୁଠାରୁ ଲୋକପ୍ରିୟ ରାଷ୍ଟ୍ରପତି, ଯିଏକି ପୂର୍ବରୁ କୌଣସି ରାଜନୀତି କରିନଥିଲେ ।

୧୯୩୧ ମସିହା ଅକ୍ଟୋବର ୧୫ ତାରିଖ ଦିନ ତାମିଲନାଡୁର ରାମନାଥପୁରମ ଜିଲ୍ଲା ଅନ୍ତର୍ଗତ ରାମେଶ୍ୱରମ୍‌ରେ ଗୋଟିଏ ଗରିବ ମୁସଲିମ ପରିବାରରେ ମାତା ଆସିଆମ୍ମା ଓ ପିତା ଜୈନୁଲ ଆବଦିନଙ୍କ କୋଳରେ ଜନ୍ମ ନେଇଥିଲେ । ଗରିବ ପରିବାରରେ ଜନ୍ମ ନେଇଥିବାରୁ ହେତୁପାଇବା ଦିନଠାରୁ ସେ ପାଠପଢ଼ିବା ସହିତ କର୍ମମୟ ଜୀବନ ଆରମ୍ଭ କରିଥିଲେ । ପେପର ବିକିବା, ନିଜ ବାପାଙ୍କୁ ଡଙ୍ଗା ଭଡ଼ା ଦବା କାମରେ ସାହାଯ୍ୟ କରୁଥିଲେ । କିନ୍ତୁ ପାଠପ୍ରତି ତାଙ୍କର ଅଦମ୍ୟ ଚେଷ୍ଟା ଏବଂ ଅସୀମ ଆଗ୍ରହ ଥିଲା । ଘଣ୍ଟା ଘଣ୍ଟା ଧରି ଥକି ନପଡ଼ି ପାଠ ପଢୁଥିଲେ । ପିଲାଟି ଦିନରୁ ହିଁ ସେ ସଫଳତାର ଶୀର୍ଷରେ ପହଞ୍ଚିବେ ବୋଲି ଅନେକ କହୁଥିଲେ । ମହାଭାରତର ବିଦୁର ଚରିତ୍ରକୁ ସେ ଖୁବ୍ ଭଲ ପାଉଥିଲେ । ବିଦୁର ଯେପରି ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରି ମଧ୍ୟ ନିଜର ଜ୍ଞାନ ଓ ଆଦର୍ଶ ବଳରେ ମହାଭାରତର ଏକ ପରିଚିତ ଚେହେରା ସାଜିଥିଲେ, ସେହିପରି ଡକ୍ଟର କାଲାମ ଏକ ଗରିବ ପରିବାରରୁ ଆସି ନିଜ ଚେଷ୍ଟା ବଳରେ ଭାରତର ସର୍ବଶ୍ରେଷ୍ଠ ପଦବୀ ଅଳଙ୍କୃତ କରିଥିଲେ । ମିସାଇଲ ମ୍ୟାନ ରୂପେ ପରିଚିତ ପ୍ରିୟ କାଲାମ ୪୦ଟି ବିଶ୍ୱବିଦ୍ୟାଳୟରୁ ସ୍ନାତକ ଜନକ ଡ଼କ୍ଟରେଟ ଉପାଧି ପାଇଥିଲେ । ୧୯୮୧ରେ ପଦ୍ମଭୂଷଣ, ୧୯୯୦ ପଦ୍ମ ବିଭୁଷଣ, ୧୯୯୭ରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଥିଲା । ୨୦୦୨ ମସିହା ରେ ଜୁଲାଇ ୨୫ ତାରିଖରେ ଦେଶର ଏକାଦଶ ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ଥିଲେ ପ୍ରଥମ ଅବିବାହିତ ରାଷ୍ଟ୍ରପତି । ରାଷ୍ଟ୍ରପତି ଭାବେ ନିଯୁକ୍ତି ହେବା ମାତ୍ରେ ସେ ନିଜର ଦରମା ଟଙ୍କାକୁ ଏକ ଟ୍ରଷ୍ଟକୁ ଦାନ କରିଦେଇଥିଲେ । ଏହା ଥିଲା ତାଙ୍କର ଏକ ବଡ଼ପଣିଆ ଓ ଉଦାରବାଦୀ ଚରିତ୍ର ।

କାଲାମ ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିଶାଇଲ ଡେଭଲପମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ । ସେ ଥିଲେ କ୍ଷେପଣାସ୍ତ୍ରର ଜନକ । ତ୍ରିଶୂଳ, ପୃଥ୍ୱୀ, ଆକାଶ, ନାଗ ଓ ବ୍ରହ୍ମାସ୍ତ୍ର ଭଳି କ୍ଷେପଣାସ୍ତ୍ରକୁ ବିକଶିତ କରିବାରେ କଲାମଙ୍କ ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ଛାତ୍ରମାନଙ୍କୁ ଦେଶର ଭବିଷ୍ୟତ କହି ସେ ଖୁବ୍ ଭଲ ପାଉଥିଲେ ସେ । ତେଣୁ ୨୦୦୭ ମସିହାରେ ରାଷ୍ଟ୍ରପତି ପଦରୁ ଅବ୍ୟାହତି ନେବାପରେ କାଲାମ ପୁଣି ୭୫ବର୍ଷ ବୟସରେ ବାଙ୍ଗାଲୋରର ଭିଜିଟିଂ ପ୍ରଫେସର ଭାବେ ଶିକ୍ଷାଦାନ କଲେ । ୨୦୧୨ରେ ଯୁବକ ମାନଙ୍କ ପାଇଁ ସ୍ୱତନ୍ତ୍ର ଅଭିଯାନ 'What can i give' ଆରମ୍ଭ କଲେ । ଦୁର୍ନୀତିର ମୁକାବିଲା କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଡକ୍ଟର ଏ.ପି.ଜେ.କଲାମ ଭାରତୀୟ ସଂସ୍କୃତି, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ବେଶ ପାରଦର୍ଶିତା ରଖିଥିଲେ । ସେ ଗୀଟାର ବଜାଇବାକୁ ଭାରି ଭଲ ପାଉଥିଲେ । ସେ ଓ୍ୱିଙ୍ଗସ ଅଫ ଫାୟାର, ଇଗନାଇଟେଡ ମାଇଣ୍ଡ, ଇଣ୍ଡିଆ ୨୦୨୦ ଭଳି ୧୭ଖଣ୍ଡ ପୁସ୍ତକ ରଚନା କରିଥିଲେ । ଏତେ ସବୁ ମହାନ ଗୁଣର ଅଧିକାରୀ ହୋଇ ମଧ୍ୟ ତାଙ୍କ ମନରେ ଟିକେ ବି ଅହଂକାର ନଥିଲା । ସେ ଜଣେ ସଫଳ ସ୍ୱପ୍ନର ପ୍ରେରଣାର ଉତ୍ସ ଥିଲେ । ତାଙ୍କର ଲକ୍ଷ୍ୟ ଥିଲା କି ପ୍ରଗାଢ଼ ଚେଷ୍ଟା ହିଁ ମଣିଷକୁ ଉଚ୍ଚତମ ସୋପାନରେ ପହଞ୍ଚାଇଥାଏ । ଏଣୁ ସେ କହିଥିଲେ ସ୍ୱପ୍ନ ତାହା ନୁହେଁ ଯାହା ଶୋଇକରି ଦେଖାଯାଏ ବରଂ ସ୍ୱପ୍ନ ତାହା ଯାହା ମଣିଷକୁ ଶୋଇବାକୁ ଦେଇନଥାଏ । ଆମ ଓଡ଼ିଶାକୁ ସେ ଖୁବ୍ ଭଲ ପାଉଥିଲେ କିନ୍ତୁ ଖାଲି ଭାରତବାସୀ ନୁହଁନ୍ତି ବହୁ ଦେଶ ବିଦେଶର ଲୋକମାନେ ତାଙ୍କୁ ଆଦର୍ଶ ବୋଲି ମାନୁଥିଲେ । ପାଇଲଟ ହୋଇ ବିମାନକୁ ଆକାଶରେ ଉଡ଼ାଇ ନିଜ ନିୟନ୍ତ୍ରଣରେ ରଖିବାର ସ୍ୱପ୍ନ ତାଙ୍କର ଅଧୁରା ରହିଯାଇଥିଲା । ୨୦୧୫ ମସିହା ଜୁଲାଇ ୨୭ ତାରିଖ ଦିନ ସନ୍ଧ୍ୟାରେ ଏକ ଅଦୃଶ୍ୟ ବିମାନର ଯାତ୍ରୀ ହୋଇ ସେ ସବୁଦିନ ପାଇଁ ଆକାଶକୁ ଉଡ଼ିଗଲେ । ଆଉ ଫେରିଲେନି ବରଂ ଆକାଶରେ ଏକ ଜ୍ୱଳନ୍ତ ତାରକା ହୋଇ ରହିଗଲେ ଚିରଦିନ ପାଇଁ । ମହାନ ହୃଦୟବାନ ମଣିଷ, ଭାରତ ମା'ର ସୁଯୋଗ୍ୟ ସନ୍ତାନ, ନବଭାରତର ନିର୍ମାତା, ଭାରତରତ୍ନ, ରାଷ୍ଟ୍ରନୀତିଜ୍ଞ, ବୈଜ୍ଞାନିକ, ଆଦର୍ଶବାଦୀ ମଣିଷ, ବାଗ୍ମୀ ଲେଖକ, ମିଶାଇଲ ମ୍ୟାନ 'ଜନ୍ମସ୍ୟ ଧ୍ରୁବ ମୃତ୍ୟୁ' ଅନୁସାରେ ଭାରତକୁ ରତ୍ନହରା କରି ଆରପାରିକୁ ଚାଲିଗଲେ ।

ବିଶ୍ୱମାତାର ପୁତ୍ର ତା କୋଳରେ ବିଲୀନ ହୋଇଗଲା ମାତ୍ର କାଳ କାଳକୁ ଅମର ହୋଇ ରହିଗଲା ତାଙ୍କ କୃତି ଓ କୃତିତ୍ୱ । ଯେତେଦିନ ପର୍ଯ୍ୟନ୍ତ ଏ ଜାତି ଥିବ, ଏ ଇତିହାସ ରହିଥିବ ଭାରତରେ ଜନ୍ମନେଇଥିବା ଓ ଜନ୍ମନେଉଥିବା ସମସ୍ତ ସନ୍ତାନ ତାଙ୍କ ଗୁଣ ଗାନ କରୁଥିବେ । ସେହି ରାଷ୍ଟ୍ର ପୁରୁଷ ରାଷ୍ଟ୍ରମାତାର କୋଳରେ ଚିର ଅମର ରହିଥିବେ ।

-୦-

ପୋଲସରା, ଗଂଜାମ



# ସାହିତ୍ୟିକା କୁନ୍ତଳାକୁମାରୀ

## ସୌଦାମିନୀ ସାହୁ

ଦାରିଦ୍ର୍ୟତା କେବେ ଜଣେ ଉଦ୍ୟୋଗୀ, ସାହସୀ, ସହନଶୀଳା, ଦେଶପ୍ରେମୀ, ସତ୍ୟର ଅନୁରାଗୀ ନିକଟରେ ବାଧକ ସାଜିପାରେନି । ନିଷ୍ଠା ଓ ପରିଶ୍ରମ ତଥା ସାହିତ୍ୟପ୍ରତି ଅନୁରାଗ ହିଁ ପଙ୍କରୁ ପଦ୍ମପରି ଫୁଟି ବାସି ଉଠିଲେ କୁନ୍ତଳା ଉତ୍ତମ ଚରିତ୍ରବତ୍ତା, ସ୍ୱାଧୀନଚେତା, ବୀରଙ୍ଗନା ସାହିତ୍ୟସାଧିକା ରୂପେ ପରିଚିତ ହେଲେ ଉତ୍କଳର କୋଣେକୋଣେ । ଯାହାର ରଚିତ ସାହିତ୍ୟ ବାଟିକାରେ 'ସାହିତ୍ୟର କୋଣାର୍କ' ରୂପେ ବିବେଚିତ ହେଲା ।

ପରାଧୀନ ଭାରତ ତଥା ଉତ୍କଳର ଦୂରାବସ୍ଥାକୁ ଏଡ଼ାଇ, ପାଠପଢ଼ାରେ ଝୁଙ୍କ୍, ଅପାର ସାହସିକତା ହାକ୍ତରୀ ପଢ଼ିବା ପାଇଁ ତାଙ୍କର ନିଷ୍ଠା ହିଁ ସଫଳତାର ସ୍ୱାଦ ଚଖାଇଥିଲେ । ତାଙ୍କର ଚିକିତ୍ସା କୌଶଳ ଥିଲା ଅଭିନବ । ସେ ଏକାଧାରାରେ ଜନସେବା ସହିତ ସାଙ୍ଗଠନିକ, ସାମାଜିକ, ରାଜନୈତିକ, ଧର୍ମୀୟ ଓ ସାଂସ୍କୃତିକ କର୍ମରେ ଭୂମିକା ତାଙ୍କର ଉଲ୍ଲେଖନୀୟ । କର୍ମକୁ ଜୀବନର ବ୍ରତ ଭାବେ ଗ୍ରହଣ କରିବା ସହ ସେ ଦିଲ୍ଲୀ ପ୍ରାଦେଶିକ ହିନ୍ଦୀ ପ୍ରଚାର ସଭାର ସଭାପତି, ବୃନ୍ଦାବନର ଗୁରୁକୁଳ ୟୁନିଭରସିଟିର ଗଭର୍ଣ୍ଣର (୧୯୨୧)ରେ, ନିଖିଳ ଉତ୍କଳ ନାରୀ ସମିତିର ସଭାପତି (୧୯୩୧) କଲିକତାର ପ୍ରବାସୀ ଉତ୍କଳ ସମ୍ମିଳନୀର ସଭାପତି ୧୯୩୪ ମସିହାରେ ଏହିପରି ତାଙ୍କର ବହୁମୁଖୀ ପ୍ରତିଭାର ପରିଚୟ ଦେଇ ଜନମାନସରେ ଆଜି ମଧ୍ୟ ଯୋଗଜନ୍ମା ହୋଇରହିଛନ୍ତି । ଯେତେବେଳେ ସେ ଗୋଆଲିୟରଠାରେ ପାଳିତ ଝାନ୍ସୀରାଣୀଙ୍କ ଜନ୍ମ ଶତବାର୍ଷିକୀରେ ଯୋଗଦେଇ ଅତିଥି ରୂପେ ମାର୍ମିକ ଓ ଓଜସ୍ୱିନୀ ଭାଷଣ ଦେଲେ ଶ୍ରୋତାମାନଙ୍କ ହୃଦୟରେ ଅମ୍ଳାନ ରେଖାପାତ କରିଥିଲା ।

୧୯୨୫ ମସିହାରେ ପୁରୀର 'ମହିଳା ବନ୍ଧୁ ସମିତି'ରେ 'ନାରୀ ପ୍ରତିଭାରେ ସାରସ୍ୱତ ସାହିତ୍ୟ' ଆଲୋଚନାରେ କୁନ୍ତଳାକୁମାରୀଙ୍କ ହୃଦୟସ୍ପର୍ଶୀ କବିତା, ତଥା ଭକ୍ତିରସାତ୍ମକ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇ ତା.୧୦।୦୩।୨୦୨୫ ମସିହାରେ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନୀତ ହୋଇଥିଲେ । ପୁରୀ ମୁକ୍ତିମଣ୍ଡପ ପଣ୍ଡିତସଭା ତାଙ୍କୁ ଏହି ଉପାଧି ଓ ପ୍ରଶଂସାପତ୍ର ପ୍ରଦାନ କରିଥିଲେ ।

ସମାଜସେବକ କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କ ସହିତ ୧୯୨୮ ମସିହା ଅଗଷ୍ଟ ମାସ ୮ ତାରିଖରେ ବୈଦିକ ଆଶ୍ରମ ଦିଲ୍ଲୀରେ ବିବାହ ହୋଇଥିଲା । 'ଉତ୍କଳ କୁମାରୀ' ଓ 'ସବିତା କୁମାରୀ' ଦୁଇ କନ୍ୟାଙ୍କର ଜନନୀ ରୂପେ ଯେତିକି ଯତ୍ନବାନ ଥିଲେ ରୋଗୀସେବାକୁ ସେତିକି ଗୁରୁତ୍ୱ ଦେଇ ଜଣେ ସୁଚିକିତ୍ସକ ରୂପେ ଆଦରଣୀୟା ସେ ।

୧୯୩୭ ମସିହାରେ କର୍ମେନ୍ଦୁ ଆକବର୍ ଇମ୍ମାନୁଏଲ୍ ଜଗନ୍ମୋହନ ଙ୍କୁ ପୁତ୍ର ରୂପେ ଜନ୍ମଦେଇ ସେ ଟିକେ ଚକ୍ଷୁରୋଗରେ ଆକ୍ରାନ୍ତ ହେଲେ । ତେଣୁ ସାହିତ୍ୟ ସାଧନାରୁ ବାଧ୍ୟ ହୋଇ ବିରତ ହୋଇଥିଲେ । ଜୀବନରେ ସାହିତ୍ୟ, ଚିକିତ୍ସା, ଦେଶସେବା, ସଂସ୍କାର କ୍ଷେତ୍ରରେ ଲଢ଼ିଲଢ଼ି ଶେଷରେ ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ପୁଅଟିଏ ଜନ୍ମଦେଇ ଶେଷ ନିଶ୍ୱାସ ତ୍ୟାଗକଲେ । ମାତ୍ର ୩୮ ବର୍ଷ ବୟସରେ ମହୀୟସୀ ଲେଖିକା ଓ ସେବିକା ଉତ୍କଳଭାରତୀ ସବୁଦିନ ପାଇଁ ଆଖି ବୁଜି ଦେଲେ । ଉତ୍କଳ ସାହିତ୍ୟ ଆକାଶରୁ ସତେ ଯେମିତି ଉଜ୍ଜ୍ୱଳ ଦୀପଟି ଲିଭିଗଲା ଆଉ ଗୋଟିଏ ଯୁଗର ଅବସାନ ଘଟିଲା ।

'ତାରାପ୍ରତି' କବିତା 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ । ଅଞ୍ଜଳି, ଉଚ୍ଛ୍ୱାସ, କବିତା ସଙ୍କଳନ, ପରଶମଣି, କାଳୀବୋହୂ ଓ ଚିତ୍ରପଟ ଉପନ୍ୟାସ, ନଅତୁଣ୍ଡୀ ଇତ୍ୟାଦି ତାଙ୍କୁ ଅମର କରିଛି । ଅର୍ଚ୍ଚନା, ସ୍ଫୁଲିଙ୍ଗ, ପ୍ରେମଚିନ୍ତାମଣି, ଆହ୍ୱାନ, ତାଙ୍କର ଅମର କୃତି । ଇଂରାଜୀ କବିତା 'ମହାବୀର' ତାଙ୍କ ଲେଖାର ଅନ୍ୟତମ । କବୟତ୍ରୀଙ୍କ 'ମଣିକାଞ୍ଚନ' ଅସମ୍ପୂର୍ଣ୍ଣ କାବ୍ୟ ୧୯୩୯ରେ ତାଙ୍କ ମୃତ୍ୟୁପରେ ହିଁ ପ୍ରକାଶିତ । ସେ ଲେଖିଥିଲେ -

୧. ଗୁଣ ଯାହାଠାରେ ତାହାକୁ ସର୍ବେ କରି ଆଦର ।
ସ୍ଥାପନ କରନ୍ତି ନେଇ ସେ ନିଜ ଉଚ୍ଚ ଶିଖର ।

୨. ବଡ଼ ହୁଏ ଯଦି ପୂର୍ଣ୍ଣଚନ୍ଦ୍ର କରି
ଆଉ ନ ପାରିବ ବଢ଼ି,
ଫୁଟିଲା ଫୁଲକି ଫୁଟେ ଆଉଥରେ
ଫୁଟେ ସିନା ଫୁଲ କଢ଼ି ।

୩. ଶତ ଅପମାନ ଲାଜ ବୋଝ ବହି
ନ ହୁଅ ନହୁଅ କ୍ଷୀଣ ।
ଚାଲ ସାହସରେ ଆଗୁଆର ହୋଇ
ପଡୁ ପଥେ ପଦଚିହ୍ନ ।

-୦-

ଗ୍ରା/ପୋ-ସଫା, ଥାନା -ଟାଙ୍ଗୀ ଚୌଦ୍ୱାର
ଜିଲ୍ଲା-କଟକ-୭୫୪୦୨୨



# ନବ ଭାରତ ଭୂମି ଗଠନରେ ଏ.ପି.ଜେ ଅବଦୁଲ କଲାମ

ନିର୍ମଳା କୁମାରୀ ନାୟକ

ମହାମାନବର ମହତ୍ ଭୂମି ଭାରତ । ଯୁଗେ ଯୁଗେ ମୁନିଋଷି, ସାଧୁସନ୍ଥ, କବି, ଲେଖକ, ଜ୍ଞାନୀଗୁଣୀ, ସମାଜ ସେବକ, ସଂସ୍କାରକ, ପରୋପକାରକ ଓ ଯୋଗଜନ୍ମା ମହାପୁରୁଷଙ୍କୁ ଲାଭ କରି ଭାରତ ଭୂମି ଧନ୍ୟ ହୋଇଛି । ଏପରିକି ନର ଦେହରେ ନାରାୟଣଙ୍କର ଅବତାର ଏ ଭୂମିକୁ କରିଛି ପୂତ-ପବିତ୍ର । ଜନତାର ଦୁଃଖକଷ୍ଟ, ଶୋଷଣପୋଷଣ, ଅତ୍ୟାଚାର ନିର୍ଯାତନାକୁ ନୀଳକଣ୍ଠଙ୍କ ପରି ପାନ କରି, ଦେଇଯାଇଛନ୍ତି ସୁଖ, ଶାନ୍ତି ଓ ପ୍ରୀତିର ଅମୃତଧାରା । ସମ୍ପ୍ରତି ପୃଥିବୀରେ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଗଣତନ୍ତ୍ର ଶାସନରେ ସର୍ବୋଚ୍ଚ ଶାସକ ରାଷ୍ଟ୍ରପତି । ଶାସନ ପଦ୍ଧତି ମଧ୍ୟରେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ । 'ଗଣଙ୍କ ଦ୍ୱାରା', 'ଗଣଙ୍କ ପାଇଁ' ଏବଂ 'ଗଣଙ୍କର' ଶାସନକୁ ଗଣତନ୍ତ୍ର କୁହାଯାଏ । ଗଣତନ୍ତ୍ର ଶାସନରେ ସର୍ବୋଚ୍ଚ ଶାସକ ରାଷ୍ଟ୍ରପତି । ଡ.ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ । ସର୍ବୋପରି ଜଣେ ବୈଜ୍ଞାନିକ ହୋଇ ଦ୍ୱାଦଶ ରାଷ୍ଟ୍ରପତି ଆସନ ଅଳଙ୍କୃତ କରି ଯେ ଆଜି ପୃଥିବୀ ପ୍ରସିଦ୍ଧ ହୋଇପାରିଛନ୍ତି, ସେ ହେଉଛନ୍ତି ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ୍ କାଲାମ୍ । ଯିଏକି ଭାରତର ଗୌରବ । ଯାହାର ଜୀବନର ଅମର କାହାଣୀ ଭାରତ ଇତିହାସରେ ଚିର ଜାଜ୍ୱଲ୍ୟମାନ ।

**ସଂକ୍ଷିପ୍ତ ଜୀବନୀ 'ଜନ୍ମ':**

ଆଜିର ତାମିଲନାଡୁ ରାଜ୍ୟ ସେଦିନ ଥିଲା ମାନ୍ଦ୍ରାଜ । ସେହି ମାନ୍ଦ୍ରାଜର ରାମନାଥପୁରମ ଜିଲ୍ଲା ଅନ୍ତର୍ଗତ ରାମେଶ୍ୱରର ଏକ ତାମିଲ ପରିବାରରେ ୧୯୩୧ ମସିହା ଅକ୍ଟୋବର ମାସ ପନ୍ଦର ତାରିଖରେ କଲାମ୍, ଆଶିଆମ୍ମାଙ୍କ କୋଳ ମଣ୍ଡନ କରିଥିଲେ । କଲାମ୍‌ଙ୍କ ପୂରା ନାମ ହେଉଛି ଅବୁଲ ପକିର ଜଇନୁଲାବଦ୍ଦିନ୍ ଅବଦୁଲ କଲାମ୍ । ସେ ଡ.ଏ.ପି.ଜେ ଅବଦୁଲ କଲାମ୍ ନାମରେ ପରିଚିତ । ତାଙ୍କ ପିତା ଥିଲେ ଧର୍ମପ୍ରାଣ ଜଇନୁଲାବଦ୍ଦିନ୍ । କଲାମ ଉପଗ୍ରହ ଉତ୍‌ପେକ୍ଷଣ (ଏସ୍.ଏଲ୍.ଭି.) ରେ ନିଯୁକ୍ତି ପାଇ ବୈଜ୍ଞାନିକ ଦଳର ନେତୃତ୍ୱ ନେଇ ସଫଳତା ହାସଲ କଲେ । ସେ ସେଥିପାଇଁ ବମ୍ବେସ୍ଥିତ ନେହେରୁ ବିଜ୍ଞାନ ତରଫରୁ ସମ୍ମାନୀତ ହୋଇଥିଲେ । ଏହାପରେ ସେ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଦାୟିତ୍ୱନେଲେ । ତାଙ୍କରି ପ୍ରଚେଷ୍ଟା ଫଳରେ 'ପୃଥ୍ୱୀ', 'ତ୍ରିଶୂଳ' ଓ 'ଅଗ୍ନି' ପ୍ରଭୃତି କ୍ଷେପଣାସ୍ତ୍ରର ସଫଳ ଉତ୍‌କ୍ଷେପଣ କରାଯାଇଥିଲା । ସେ ଏଭଳି କୃତକାର୍ଯ୍ୟ କରି ଭାରତର ଗୌରବ ବୃଦ୍ଧି କରିଥିଲେ । 'ଅଗ୍ନି'ର ସଫଳତାପାଇଁ ସେ ହେଲେ କ୍ଷେପଣାସ୍ତ୍ର ମାନବ । ଏବଂ ସେ ଭାରତର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମର ଜନକ ରୂପେ ପରିଚିତ ।

୧୯୯୮ ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନ୍ ଠାରେ ଆଣବିକ ପରୀକ୍ଷା କରି ପୃଥିବୀବାସୀଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଭାରତ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହେଲା । ଦେଶପ୍ରେମୀ କଲାମ୍‌ଙ୍କ ଏହି ମହାନ୍ ଅବଦାନ ଭାରତକୁ ପ୍ରତି ରକ୍ଷା କ୍ଷେତ୍ରରେ ଶକ୍ତିଶାଳୀ କରିପାରିଛି । ଏବଂ କଲାମ୍ ଭାରତ ମାତାର ବୀର ସନ୍ତାନ ହୋଇ ଭାରତକୁ ନୂଆ ରୂପ ଦେଇଛନ୍ତି ।

"ଭାରତ ମାତାର ବୀର ସନ୍ତାନ,
ଭାରତକୁ ଦେଲା ସେ ନୂଆ ଜୀବନ ।"

**ରାଷ୍ଟ୍ରପତି କାଲାମ:**

ଡ.କାଲାମ୍ ୨୦୦୨ ମସିହା ଜୁଲାଇ ପଚିଶ ତାରିଖରେ ଭାରତର ଦ୍ୱାଦଶ ରାଷ୍ଟ୍ରପତି ରୂପେ ଶପଥ ନେଇଥିଲେ । କାଲାମ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିଛନ୍ତି । ସାମରିକ ଓ ଆର୍ଥନୀତିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାପାଇଁ ସେ ପ୍ରଥମ ଅଭିଭାଷଣରେ ଦେଶକୁ ଆହ୍ୱାନ ଦେଇଥିଲେ । କାଲାମ୍ ତାଙ୍କ ଭାଷଣରେ ଭାରତରେ ୩୫ ଟନ୍ କୋଟି ଖାଦ୍ୟଶସ୍ୟ ଉତ୍ପାଦନ, ବିଦ୍ୟୁତ୍ ଶକ୍ତି ଉତ୍ପାଦନ, ବୃଦ୍ଧି, ଦେଶବାସୀଙ୍କୁ ଉତ୍କୃଷ୍ଟ ଡାକ୍ତରୀ ସେବା, ଶିକ୍ଷା ବ୍ୟବସ୍ଥା ଯୋଗାଣ, ଦେଶର ସାମଗ୍ରିକ ବିକାଶ ପାଇଁ ସୂଚନା ଦେଇଥିଲେ । ପ୍ରଯୁକ୍ତି ବିଦ୍ୟାର ଉପଯୋଗ, ପ୍ରତିରକ୍ଷା, ପରମାଣୁ ଓ ମହାକାଶ ପ୍ରଯୁକ୍ତି ବିଦ୍ୟାର ଦ୍ରୁତ ବିକାଶ କରାଇବା ନିମିତ୍ତ ପାଞ୍ଚଟି ଲକ୍ଷ୍ୟ ଉପସ୍ଥାପନ କରିଥିଲେ । କାଲାମ୍ ଭାରତକୁ ବିକଶିତ କରିବାରେ ନିଜର ବହୁତ ସମୟ ଦେଇଥିଲେ । ଏବଂ ଭାରତକୁ ଗୋଟିଏ ନବଭାରତ ରୂପେ ଦେବାକୁ ଲାଗିପଡିଥିଲେ । ଯାହା ଫଳରେ ଭାରତ ବିକଶିତ ରାଷ୍ଟ୍ର ହେବାକୁ ଲାଗିଲା ।

କ୍ଷେପଣାସ୍ତ୍ର ବିଜ୍ଞାନୀ ଡ.କାଲାମ୍‌ଙ୍କୁ ରାଷ୍ଟ୍ରପତି ରୂପେ ପାଇ ଭାରତ ଆଜି ଗର୍ବିତ । ତାଙ୍କର ଦେଶଭକ୍ତି ଅନୁପମ ଓ ପ୍ରଶଂସନୀୟ । ତାଙ୍କର କାର୍ଯ୍ୟକ୍ରମ ଓ ସ୍ୱପ୍ନକୁ ଭାରତବାସୀ ସାକାର କଲେ ଭବିଷ୍ୟତରେ ଭାରତ ଗୋଟିଏ ବିଭବଶାଳୀ ଓ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହୋଇପାରିବ ।

"ସ୍ମରଣୀୟ ବରପୁତ୍ର ଏ.ପି.ଜେ.ଅବଦୁଲ କାଲାମ୍,
ତୁମକୁ ଭାରତ କରେ ଆଜି ସଲାମ୍ ।"

-୦-

ଦ୍ୱାଦଶଶ୍ରେଣୀ ଛାତ୍ରୀ
ମଦର୍ସ ଇଣ୍ଟରନ୍ୟାସନାଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର



# ନବଭାରତର ନିର୍ମାତା: ସ୍ୱାମୀ ବିବେକାନନ୍ଦ

**ଆଶୁତୋଷ ଦାଶ**

କଥାରେ ଅଛି, 'ଯାହା ନାହିଁ ଭାରତେ ତାହା ନାହିଁ ମରତେ' । ଅର୍ଥାତ୍ ଭାରତରେ ଯାହା ଅଛି, ତାହା ମର୍ତ୍ତ୍ୟରେ ଅଛି । ଉକ୍ତିଟିର ତାତ୍ପର୍ଯ୍ୟ ଏହା ଯେ ଭାରତରେ ସବୁକିଛି ଅଛି । ସମଗ୍ର ବିଶ୍ୱରେ ଭାରତୀୟ ସଂସ୍କୃତି ପ୍ରାଚୀନ ତଥା ମହାନ୍ । ଇତିହାସ ପୃଷ୍ଠାରୁ ଅନୁଧ୍ୟାନ କଲେ ଜଣାପଡ଼େ ଯୁଗ ଯୁଗ ଧରି ବହୁ ମୁନି, ଋଷି, ସାଧୁ, ସନ୍ଥ ଓ ସଂସ୍କାରକ ଏହି ଆର୍ଯ୍ୟଭୂମିରେ ଭୂମିଷ୍ଠ ହୋଇ ତାଙ୍କର ମହାନ୍ କାର୍ଯ୍ୟାବଳୀ ଦ୍ୱାରା ସମଗ୍ର ମାନବ ଜାତିକୁ ଦିଗ୍‌ଦର୍ଶନ ଦେଇ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ସ୍ୱାମୀ ବିବେକାନନ୍ଦ ଅନ୍ୟତମ । ବିବେକ ଯୁକ୍ତ ଆନନ୍ଦ 'ବିବେକାନନ୍ଦ'ଙ୍କୁ ବୁଝାଇଥାଏ । ବିବେକାନନ୍ଦ ହେଉଛନ୍ତି ବିବେକ ଖଟାଇ ସ୍ୱୟଂ ଆନନ୍ଦ ଅନୁଭବ କରିବା ସହିତ ସମଗ୍ର ବିଶ୍ୱକୁ ଆନନ୍ଦିତ କରିପାରିଥିବା ଜଣେ ବିସ୍ମୟକାରୀ ମହାପୁରୁଷ । ତାଙ୍କରି କାର୍ଯ୍ୟାବଳୀ ଓ ଚିନ୍ତାଧାରା କେବଳ ପ୍ରାଚ୍ୟରେ ନୁହେଁ ପାଶ୍ଚାତ୍ୟ ଜଗତ ସମେତ ସମଗ୍ର ବିଶ୍ୱକୁ ଉଦ୍‌ବୁଦ୍ଧ କରିପାରିଛି । ନବ ଭାରତର ନିର୍ମାତା, ଭାରତୀୟ ନବଜାଗରଣର ପ୍ରବର୍ତ୍ତକ, ଆଧ୍ୟାତ୍ମିକ ଜଗତର ଜଣେ ଅନନ୍ୟ ପ୍ରତିଭା, ଆଲୋକ ସମାନ ଜଣେ ବିପ୍ଳବୀ, ବିଶ୍ୱବିଜୟୀ, କାଳଜୟୀ, ଜଣେ ଶ୍ରେଷ୍ଠ ପ୍ରବକ୍ତା ରୂପେ ସେ ସାରା ବିଶ୍ୱରେ ସୁପରିଚିତ ଅଟନ୍ତି । ସ୍ୱାମୀ ବିବେକାନନ୍ଦ ଏହିପରି ଜଣେ ମହାପୁରୁଷ ଯିଏ ଦିନେ ସମଗ୍ର ଭାରତବର୍ଷକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରାଇ ଚମକ ସୃଷ୍ଟି କରିଥିଲେ ।

ସ୍ୱାମୀ ବିବେକାନନ୍ଦ ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ କଲିକତା ସ୍ଥିତ ଶିମଳାପଲ୍ଲୀ ବା ଶିମୁଳିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ ଶ୍ରୀ ବିଶ୍ୱନାଥ ଦତ୍ତ ଓ ମାତାଙ୍କ ନାମ ଶ୍ରୀମତୀ ଭୁବନେଶ୍ୱରୀ ଦେବୀ ଥିଲା । ତାଙ୍କର ପିତା ଶ୍ରୀ ବିଶ୍ୱନାଥ ଦତ୍ତ କଲିକତା ଉଚ୍ଚନ୍ୟାୟାଳୟରେ ଜଣେ ଓକିଲ ଥିଲେ । ସେ ଜଣେ ଦୟାଳୁ ବ୍ୟକ୍ତି ଥିଲେ । ତାଙ୍କର ମାତା ଶ୍ରୀମତୀ ଭୁବନେଶ୍ୱରୀ ଦେବୀ ଜଣେ ଧର୍ମପରାୟଣା ମହିଳା ଥିଲେ । ତାଙ୍କ ମାଆ ଶିବଭକ୍ତ ଥିଲେ । ଧର୍ମପ୍ରାଣା ମାତାଙ୍କର ଶିବଭକ୍ତି ପୁତ୍ର ନରେନ୍ଦ୍ରଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ସେମାନେ ରହୁଥିବା ଗ୍ରାମରେ ଏକ ପରୋପକାରୀ ଦମ୍ପତି ଭାବରେ ସେମାନଙ୍କର ସୁଖ୍ୟାତି ଥିଲା । ବୀରେଶ୍ୱରଙ୍କ କୃପାରୁ ଜନ୍ମଲାଭ କରିଥିବାରୁ ତାଙ୍କର ପ୍ରଥମ ନାମ ଥିଲା ବୀରେଶ୍ୱର । ଘରେ ତାଙ୍କୁ ପରିବାରର ଲୋକେ 'ବିଲେ' ଡାକୁଥିଲେ । ପାଠ ପଢ଼ିବା ସମୟରେ ତାଙ୍କ ନାମ ଥିଲା 'ନରେନ୍ଦ୍ର ଦତ୍ତ' । କିନ୍ତୁ ସହପାଠୀ ଓ ଅଧ୍ୟାପକମାନେ ତାଙ୍କୁ ନରେନ୍ ବୋଲି ଡାକୁଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ନରେନ୍ଦ୍ରନାଥ ନାମରେ ନାମକରଣ କରାଯାଇଥିଲା ।

ଶୈଶବ ଅବସ୍ଥାରେ ନରେନ୍ଦ୍ର ଜିଦ୍‌ଖୋର୍ ହେବା ସହ ଚଗଲାମି ଓ ଦୁଷ୍ଟାମି ମଧ୍ୟ କରୁଥିଲେ । ସାମାନ୍ୟ କଥାରେ କ୍ରୋଧାନ୍ୱିତ ହେବା ବେଳେ ତାଙ୍କର ମାଆ ଭୁବନେଶ୍ୱରୀ ଦେବୀ ତାଙ୍କୁ ଶିବଙ୍କ ନାମ ଉଚ୍ଚାରଣ କରି ଶାନ୍ତ କରାଉଥିଲେ । ନରେନ୍ଦ୍ର ତାଙ୍କ ମାତାଙ୍କୁ ଖୁବ୍ ଭକ୍ତି କରୁଥିଲେ । ମାଆଙ୍କ ଠାରୁ କାହାଣୀ ଓ ଗୀତ ଶୁଣିବା ପରେ ସେ ତାକୁ ଭଲଭାବରେ ମନେ ରଖି ଅନ୍ୟମାନଙ୍କୁ ଶୁଣାଉଥିଲେ । ବେଳେବେଳେ ସେ ଏଭଳି ଚୁପ୍‌ଚାପ୍ ବସି ରହୁଥିଲେ ଯେ ସତେ ଯେପରି ସେ ଧ୍ୟାନମଗ୍ନ ଅଛନ୍ତି । ସାଙ୍ଗମାନଙ୍କ ସହ କୁସ୍ତି କସରତ କରିବାକୁ ମଧ୍ୟ ସେ ଭଲ ପାଉଥିଲେ ।

ପିଲାଟି ଦିନରୁ ସେ ଥିଲେ ବୀର, ନିର୍ଭୀକ ତଥା ଧାର୍ମିକ । ନ ଦେଖିଲା ଯାଏଁ କିମ୍ବା ଗଭୀର ଅନୁଶୀଳନ କରି ସତ୍ୟରେ ଉପନୀତ ନ ହେବା ପର୍ଯ୍ୟନ୍ତ ସେ କୌଣସି କଥାକୁ ଅନ୍ଧ ଭାବରେ ବିଶ୍ୱାସ କରୁନଥିଲେ । ଏହା 'ବ୍ରହ୍ମଦୈତ୍ୟ ଉପାଖ୍ୟାନ' ଓ 'କଦଳୀ ବଗିଚାରେ ହନୁମାନ' ଆଦି ପ୍ରସଙ୍ଗରୁ ଜଣାପଡ଼େ ।

ନରେନ୍ଦ୍ରଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ସକାଶେ ଜଣେ ଗୃହଶିକ୍ଷକ ନିଯୁକ୍ତି ହୋଇଥିଲେ । ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ସମୟରେ ସେ ଶିକ୍ଷକଙ୍କ କଥାକୁ ମନ ଦେଇ ଶୁଣୁଥିଲେ ଏବଂ ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଶିକ୍ଷକଙ୍କୁ ଚକିତ କରୁଥିଲେ । ଭବିଷ୍ୟତରେ ଜଣେ ଉଚ୍ଚ ଧୀ-ସଂପନ୍ନ ବ୍ୟକ୍ତି ହେବେ ବୋଲି ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କର ପିଲାଦିନରୁ ହିଁ ଜଣାପଡ଼ିଥିଲା । ପିଲାଦିନରୁ ହିଁ ଅଧିକାଂଶ ସମୟ ସେ ଧ୍ୟାନମଗ୍ନ ରହୁଥିଲେ । ପ୍ରାଥମିକ ଶିକ୍ଷା ସମାପ୍ତି ପରେ ସେ ବିଦ୍ୟାସାଗରଙ୍କ ଦ୍ୱାରା ପ୍ରତିଷ୍ଠିତ ମେଟ୍ରୋପଲିଟାନ୍ ବିଦ୍ୟାଳୟରେ ନାମ ପଞ୍ଜିକରଣ କରାଇଥିଲେ । ଏହି ବିଦ୍ୟାଳୟରେ ସେ କୃତିତ୍ୱ ପ୍ରଦର୍ଶନ କରି ଶିକ୍ଷକ ତଥା ବିଦ୍ୟାର୍ଥୀ ମହଲରେ ସୁନାମ ଅର୍ଜନ କରିଥିଲେ । ୧୮୭୯ ମସିହାରେ ନରେନ୍ଦ୍ର ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ପ୍ରେସିଡ଼େନ୍‌ସି କଲେଜରେ ନାମ ଲେଖାଇଥିଲେ । ସେ ଶାରୀରିକ ଅସୁସ୍ଥତା କାରଣରୁ ପାଠ ଛାଡ଼ିଦେଇ ୧୮୮୦ ମସିହାରେ ଆସେମ୍ବଲି ଇନ୍‌ଷ୍ଟିଚ୍ୟୁଟ୍‌ରେ ନାମ ଲେଖାଇଥିଲେ । ସେ ଜଣେ ମେଧାବୀ ଛାତ୍ର ହୋଇଥିବାରୁ ଅଧ୍ୟାପକମାନଙ୍କ ପ୍ରିୟ ହୋଇପାରିଥିଲେ । ସେ ଜଣେ ଚମତ୍କାର ବକ୍ତା ଥିଲେ । ଯେକୌଣସି

ବିଷୟରେ ସେ ଅନର୍ଗଳ ତଥ୍ୟ ସଂପନ୍ନ ବକ୍ତୃତା ଆକର୍ଷଣୀୟ ଢଙ୍ଗରେ ଦେଇପାରୁଥିଲେ । ୧୮୮୨ ମସିହାରେ ସେ ଏଫ୍.ଏ. ଓ ୧୮୮୪ ମସିହାରେ ସେ ବି.ଏ. ପାସ୍ କରିଥିଲେ । ସେ ବି.ଏଲ୍. ପଢ଼ିବା ଆରମ୍ଭ କରିଥିଲେ ମଧ୍ୟ ପରୀକ୍ଷା ଦେଇପାରି ନଥିଲେ ।

ଛାତ୍ରାବସ୍ଥାରେ ସେ ଅତ୍ୟନ୍ତ ବିଦ୍ୟାନୁରାଗୀ ଥିଲେ । ତାଙ୍କର ଅସାଧାରଣ ଧୀ-ଶକ୍ତି ଥିଲା । ସେ ଯାହା ଥରେ ଅଧ୍ୟୟନ କରୁଥିଲେ ତାକୁ ସବୁଦିନ ପାଇଁ ମନେ ରଖି ପାରୁଥିଲେ । ସେ ସାହିତ୍ୟ, ଇତିହାସ, ଦର୍ଶନ ଓ ବିଜ୍ଞାନ ଆଦି ପୁସ୍ତକମାନ ଅଧ୍ୟୟନ କରିଥିଲେ । ବିଦ୍ୟା ପ୍ରତି ଅନୁରାଗ ତାଙ୍କୁ ଅପାର ଆନନ୍ଦ ପ୍ରଦାନ କରୁଥିଲା ।

ପ୍ରଥମେ ସେ ବ୍ରାହ୍ମଣ ସମାଜରେ ଯୋଗଦାନ କରିଥିଲେ । କିନ୍ତୁ ଏହା କେବଳ ସଂସ୍କାରଧର୍ମୀ ଜାଣିବା ପରେ ଏଥିରୁ ସେ ନିବୃତ୍ତ ହୋଇଥିଲେ । ସେ କେଶବଚନ୍ଦ୍ର ସେନଙ୍କ ଠାରୁ ଶ୍ରୀରାମକୃଷ୍ଣ ପରମହଂସଙ୍କ ସଂପର୍କରେ ଶୁଣି ତାଙ୍କ ସହ ସାକ୍ଷାତ କରିବା ପାଇଁ ଇଚ୍ଛାପ୍ରକାଶ କରିଥିଲେ । ସେତେବେଳେ ତାଙ୍କୁ ମାତ୍ର ୧୮ ବର୍ଷ ହୋଇଥିଲା । ସେ ଏଫ୍.ଏ. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ୧୮୮୧ ମସିହାରେ ଏକ ଦ୍ୱନ୍ଦ୍ୱଜନକ ମୁହୂର୍ତ୍ତରେ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ସିଦ୍ଧପୁରୁଷ ରାମକୃଷ୍ଣ ପରମହଂସଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ଏହି ଅବସରରେ ସେ ଶ୍ରୀ ରାମକୃଷ୍ଣ ପରମହଂସଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଶ୍ରୀରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କର ଆଧାତ୍ମିକ ଚିନ୍ତା ଓ ଚେତନାର ପରିପ୍ରକାଶ ଘଟିଥିଲା । ଶ୍ରୀ ରାମକୃଷ୍ଣ ପରମହଂସଙ୍କ ପ୍ରେରଣା ତାଙ୍କର ଜୀବନପଥକୁ ବଦଳାଇ ଦେଇଥିଲା । ଶ୍ରୀ ରାମକୃଷ୍ଣ ପରମହଂସ କହିଥିଲେ- "ଶୁଣ, ନରେନ୍ଦ୍ର । ତୁମକୁ ସାରା ଜଗତକୁ ଆଲୋକ ଦେଖାଇବାର ଦାୟିତ୍ୱ ବହନ କରିବାକୁ ପଡ଼ିବ ।" ଗୁରୁଦେବଙ୍କର ଏହି ବାଣୀକୁ ଚରିତାର୍ଥ କରିବା ସକାଶେ ସେ ନିଜକୁ ଜଣେ ତେଜସ୍ୱୀ ଗୁରୁ ଭାବେ ଗଢ଼ି ତୋଳିଥିଲେ । ୧୮୮୪ ମସିହାରେ ତାଙ୍କର ପିତା ଶ୍ରୀ ବିଶ୍ୱନାଥ ଦତ୍ତଙ୍କର ସ୍ୱର୍ଗବାସ ହୋଇଥିଲା । ଏହାପରେ ବିଷାଦ ତଥା ଦାରିଦ୍ର୍ୟର ମେଘମାଳା ତାଙ୍କୁ ଚତୁର୍ଦ୍ଦିଗରୁ ଢାଙ୍କିଦେଲା । କିନ୍ତୁ ଏଥିରେ ସେ ତିଳେମାତ୍ର ବିଚଳିତ ନ ହୋଇ ନିଜ କର୍ତ୍ତବ୍ୟ ପଥରେ ଗୁରୁଙ୍କର ବାଣୀକୁ ପାଥେୟ କରି ଅଗ୍ରସର ହୋଇଥିଲେ । ଗୁରୁକୃପା ଲାଭ କରି ନରେନ୍ଦ୍ର ଆଟର୍ଣ୍ଣି ଅଫିସରେ ଯୋଗଦାନ କରି ପରିବାର ପାଇଁ କିଛି ଅର୍ଥ ଉପାର୍ଜନ କରିପାରିଥିଲେ । ଏହାପରେ ସେ ବିଦ୍ୟାସାଗରଙ୍କ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ ।

କିଛିବର୍ଷ ପରେ ଶ୍ରୀ ରାମକୃଷ୍ଣ ପରମହଂସ ଇହଲୀଳା ସମ୍ବରଣ କରିଥିଲେ । କିନ୍ତୁ ଇହଧାମ ତ୍ୟାଗ କରିବା ପୂର୍ବରୁ ସେ ତାଙ୍କର ତରୁଣ ଶିଷ୍ୟମାନଙ୍କୁ ନରେନ୍ଙ୍କ ହାତରେ ସମର୍ପି ଦେଇଥିଲେ । ଜଗତର କଲ୍ୟାଣ ସାଧନ କରିବାକୁ ସେ ନରେନ୍ଙ୍କୁ ନିର୍ଦ୍ଦେଶ ଦେଇ ବିଦାୟ ନେଇଥିଲେ । ୧୮୮୭ ମସିହା ଜାନୁଆରୀ ମାସରେ ବରାହ ନଗର ମଠରେ ଶ୍ରୀ ରାମକୃଷ୍ଣ ପରମହଂସଙ୍କର ୧୬ ଜଣ ଶିଷ୍ୟ ଗୈରିକ ବସ୍ତ୍ର ପରିଧାନ କରି ପାରମ୍ପରିକ ଶାସ୍ତ୍ରୀୟ ବିଧି ଅନୁସାରେ ସନ୍ନ୍ୟାସ ବ୍ରତ ଗ୍ରହଣ କରିଥିଲେ । ସେମାନେ ହେଲେ ୧. ସ୍ୱାମୀ ବିବେକାନନ୍ଦ (ନରେନ୍ଦ୍ର ନାଥ), ୨. ସ୍ୱାମୀ ବ୍ରହ୍ମାନନ୍ଦ (ରାଖାଲଚନ୍ଦ୍ର), ୩. ସ୍ୱାମୀ ପ୍ରେମାନନ୍ଦ (ବାବୁରାମ), ୪. ସ୍ୱାମୀ ଯୋଗାନନ୍ଦ (ଯେଗେନ୍ଦ୍ରନାଥ), ୫. ସ୍ୱାମୀ ନିରଞ୍ଜନାନନ୍ଦ (ନିରଞ୍ଜନ), ୬. ସ୍ୱାମୀ ରାମକୃଷ୍ଣାନନ୍ଦ (ଶଶିଭୂଷଣ), ୭. ସ୍ୱାମୀ ଶିବାନନ୍ଦ (ତାରକନାଥ), ୮. ସ୍ୱାମୀ ତୁରୀୟାନନ୍ଦ (ହରିନାଥ), ୯. ସ୍ୱାମୀ ଅଭେଦାନନ୍ଦ (କାଳୀପ୍ରସାଦ), ୧୦. ସ୍ୱାମୀ ସାରଦାନନ୍ଦ (ଶରତଚନ୍ଦ୍ର), ୧୧. ସ୍ୱାମୀ ଅଦ୍ୱୈତାନନ୍ଦ (ଗୋପାଳ), ୧୨. ସ୍ୱାମୀ ଅଭୁତାନନ୍ଦ (ଲାଟୁ), ୧୩. ସ୍ୱାମୀ ତ୍ରିଗୁଣାନନ୍ଦ (ସାରଦା), ୧୪. ସ୍ୱାମୀ ସୁବୋଧାନନ୍ଦ (ସୁବୋଧ), ୧୫. ସ୍ୱାମୀ ଅଖଣ୍ଡାନନ୍ଦ (ଗଙ୍ଗାଧର), ୧୬. ସ୍ୱାମୀ ବିଜ୍ଞାନାନନ୍ଦ (ହରିପ୍ରସନ୍ନ) । ଏମାନେ ସମସ୍ତେ ଏକାଦିନରେ ସନ୍ନ୍ୟାସ ଗ୍ରହଣ କରିନଥିଲେ । ସନ୍ନ୍ୟାସ ଗ୍ରହଣ ପରେ ନରେନ୍ଦ୍ରନାଥ 'ସ୍ୱାମୀ ବିବେକାନନ୍ଦ' ଭାବରେ ପରିଚିତ ହୋଇଥିଲେ ।

ଶ୍ରୀ ରାମକୃଷ୍ଣ ପରମହଂସଙ୍କର ମହାପ୍ରୟାଣର ମାତ୍ର ୭ ବର୍ଷ ପରେ ୧୮୯୩ ମସିହାରେ ସ୍ୱାମୀ ବିବେକାନନ୍ଦଙ୍କୁ ଆମେରିକା ଯାତ୍ରା କରିବାକୁ ପଡ଼ିଥିଲା । ଆମେରିକାର ଚିକାଗୋ ଧର୍ମସଭାରେ ତାଙ୍କର ଭାଷଣ ଦେବାର ପରିଚୟ ପତ୍ର ତାଙ୍କ ନିକଟରେ ନଥିଲା । ତଥାପି ଗୁରୁଦେବଙ୍କ ଆଶୀର୍ବାଦରୁ ଜଜ୍ ହେନେରୀ ରାଇଟ୍‌ଙ୍କ ସାହାଯ୍ୟରେ ସେ ଧର୍ମମହାସଭାରେ ଭାଷଣ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ । ୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଧର୍ମ ମହାସଭାର ଉଦ୍‌ଘାଟନ ହୋଇଥିଲା । ସାତହଜାର ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପରିପୂର୍ଣ୍ଣ ଦୃଶ୍ୟ ସ୍ୱାମୀ ବିବେକାନନ୍ଦଙ୍କୁ ପ୍ରଥମେ ସ୍ତମ୍ଭୀଭୂତ କରିଦେଇଥିଲା । ସେ ଯେତେବେଳେ ତାଙ୍କର ଭାଷଣ ଆରମ୍ଭ କରିଥିଲେତା'ର ସମ୍ବୋଧନ ଥିଲା- "ଆମେରିକାବାସୀ ଭାଇ ଓ ଭଉଣୀମାନେ" । ଏହି ସମ୍ବୋଧନରେ ସମବେତ ଶ୍ରୋତାମଣ୍ଡଳୀ କରତାଳି ଦେଇ ତାଙ୍କୁ ଉତ୍ସାହିତ କରିଥିଲେ । ତାଙ୍କର ସରଳ ଓ ସହଜ କଥା, ଗୈରିକ ପୋଷାକ ସଭାସଦ୍‌ମାନଙ୍କ ହୃଦୟକୁ ଆକର୍ଷିତ କରିଥିଲା । ଏହି ଧର୍ମସଭାରେ ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ 'ମାନବବାଦ' ଉପରେ ପର୍ଯ୍ୟବେଶିତ ଥିଲା । ଧର୍ମ ନାମରେ ବିଭେଦ ଓ ତୁଚ୍ଛ ଆଡ଼ମ୍ବରକୁ ସେ କଠୋର ଭାବେ ସମାଲୋଚନା କରିଥିଲେ । ସେ ପୃଥିବୀର ସମସ୍ତ ଧର୍ମର ପ୍ରତିନିଧିମାନଙ୍କୁ ଆହ୍ୱାନ କରି କହିଥିଲେ- "ଆସ, ଆମେ ମାନବ ଜାତିର ଅଜ୍ଞତା ରୂପକ ଅନ୍ଧକାରକୁ ଦୂର କରି ଶାନ୍ତି, ପ୍ରଗତି ଓ ମୈତ୍ରୀ ବନ୍ଧନରେ ଏକତ୍ରିତ ହେବା ।" ସ୍ୱାମିଜୀଙ୍କ ଏହି ଆହ୍ୱାନ ସମସ୍ତ ଧର୍ମ ପ୍ରତିନିଧିଙ୍କୁ ତାଙ୍କର ନିକଟତର କରାଇ ପାରିଥିଲା । ଫଳରେ ସେ ଦୀର୍ଘ ୪ ବର୍ଷ କାଳ ଆମେରିକା, କାନାଡ଼ା, ଜର୍ମାନୀ ଆଦି ଦେଶ ବୁଲି ଭାରତୀୟ ବେଦାନ୍ତ ସଂସ୍କୃତିର ପୃଥବୀ ବ୍ୟାପୀ ପ୍ରଚାର ଓ ପ୍ରସାର କରିଥିଲେ । ଧର୍ମର ମୂଳତତ୍ତ୍ୱ

ହେଉଛି 'ବିଶ୍ୱପ୍ରେମ ଓ ବିଶ୍ୱଭ୍ରାତୃତ୍ୱ' ଏହା ସେ ବୁଝାଇବାକୁ ଚେଷ୍ଟା କରିଥିଲେ ।

ଅନ୍ଧଭଳି ପାଶ୍ଚାତ୍ୟ ସଭ୍ୟତାର ଅନୁକରଣ, ଅନ୍ଧବିଶ୍ୱାସ, ଜାତିପ୍ରଥାକୁ ସ୍ୱାମୀ ବିବେକାନନ୍ଦ ଘୋର ବିରୋଧ କରୁଥିଲେ । ଏହାର ସ୍ଥାୟୀ ପ୍ରତିକାର ପାଇଁ ୧୮୯୮ ମସିହାରେ ସେ 'ରାମକୃଷ୍ଣ ମଠ'ର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ । ୧୮୯୯ ମସିହାରେ କଲିକତାରେ ଦେଖାଯାଇଥିବା ପ୍ଲେଗ୍ ରୋଗ ସମୟରେ ସାଧାରଣ ଲୋକଙ୍କର ସେ ଉପଚାର କରିଥିଲେ । କଲିକତାର ବାଗ୍‌ବଜାର ଅଞ୍ଚଳରେ ନାରୀଶିକ୍ଷାର ପ୍ରସାର ନିମନ୍ତେ ସେ 'ଭଗିନୀ ନିବେଦିତା' ବାଳିକା ବିଦ୍ୟାଳୟ ସ୍ଥାପନା କରିଥିଲେ ।

ସ୍ୱାମୀ ବିବେକାନନ୍ଦ କହିଥିଲେ-

୧. ଶିକ୍ଷା ମନୁଷ୍ୟ ମଧ୍ୟରେ ଥିବା ପୂର୍ଣ୍ଣତାର ପରିପ୍ରକାଶ ଅଟେ । 'ଆତ୍ମଉନ୍ନତି ଶିକ୍ଷା'ର ଆବଶ୍ୟକତା ବର୍ତ୍ତମାନ କ୍ଷୟିଷ୍ଣୁ ମୂଲ୍ୟବୋଧ ତଥା ସଂସ୍କୃତିକୁ ରକ୍ଷା କରିବାର ଏକମାତ୍ର ଅସ୍ତ୍ର ରୂପେ ପ୍ରୟୋଗ କରାଯାଇପାରିବ ।
୨. ଭାରତର ଜୀବନକେନ୍ଦ୍ର ହେଉଛି 'ଆଧାତ୍ମିକତା' ।
୩. ଶିକ୍ଷାର ମାଧ୍ୟମ ହେଉଛି 'ନୈତିକତା' । ମୁକ୍ତି ପାଇଁ ଅନବରତ ସଂଗ୍ରାମ ହିଁ ନୈତିକତା ।
୪. ରାଷ୍ଟ୍ରର ଅଧଃପତନର ମୂଳକାରଣ ହେଉଛି ଅନୈତିକତା ଓ ଭୋଗବିଳାସ ।
୫. ଆମେ ଯାହା କିଛି ଭୋଗ କରୁ ସେଥିପାଇଁ ଆମେ ହିଁ ଦାୟୀ ।
୬. ଆମେ ହିଁ କାର୍ଯ୍ୟ ଓ ଆମେ ହିଁ କାରଣ ସ୍ୱରୂପ ।
୭. ମାନବର ଅନନ୍ତ ଇଚ୍ଛାଶକ୍ତି ଏବଂ ମୁକ୍ତ ସ୍ୱଭାବ ସପକ୍ଷରେ ସମୂଳ ଶକ୍ତି, ଏପରିକି ପ୍ରକୃତି ମଧ୍ୟ ଶିର ନୁଆଁଇବ ।
୮. ସକଳ କର୍ତ୍ତବ୍ୟ ଏକ, ପୁରସ୍କାର ବି ଏକ । ଈଶ୍ୱରଙ୍କ ଚକ୍ଷୁରେ କର୍ତ୍ତବ୍ୟର ବଡ଼ ସାନ ଗଣନା ନାହିଁ ।
୯. ସଂସାରର ସବୁକିଛି ଭିତରେ ଭୟର କାରଣ ରହିଛି । ତ୍ୟାଗ ହିଁ ମନୁଷ୍ୟକୁ ଅଭୟ ଦେଇପାରେ ।
୧୦. ଆମେ ନିଜକୁ ଘୃଣା କରିବା ଉଚିତ ନୁହେଁ । କାରଣ ଭଗବାନଙ୍କ ଉପରେ ବିଶ୍ୱାସ ରଖିବା ପୂର୍ବରୁ ପ୍ରଥମେ ନିଜକୁ ବିଶ୍ୱାସ କରିବା ଉଚିତ ।
୧୧. ବଳ ଓ ଶକ୍ତି ହେଲା ଜୀବନ କିନ୍ତୁ ଦୁର୍ବଳତା ହେଲା ମୃତ୍ୟୁ ।
୧୨. ଭଲକାମ କେବଳ ମହାନ ତ୍ୟାଗ ଦ୍ୱାରା କରାଯାଇପାରେ ।
୧୩. ଦାନ ପ୍ରତିବଦଳରେ କିଛି ଆଶା କରନାହିଁ । ତୁମେ ଯାହା ଦେବ, ତାହା ଆପେ ଆପେ ତୁମ ପାଖକୁ ଫେରି ଆସିବ । କିନ୍ତୁ ବର୍ତ୍ତମାନ ସେକଥା ଚିନ୍ତା କରନାହିଁ ।
୧୪. ତୁମେ ଯେତେବେଳେ କୌଣସି କାମ କରୁଛ, ସେହି କାମ ଛଡ଼ା ଆଉ କିଛି ଭାବନାହିଁ ।
୧୫. ଅନ୍ୟକୁ ପାପୀ କହିବା ଠାରୁ ଆଉ ମନ୍ଦ କାର୍ଯ୍ୟ କିଛି ନାହିଁ ।
୧୬. ଅନ୍ୟମନରେ କଟୂବାକ୍ୟ ଦ୍ୱାରା ଦୁଃଖ ଦେବା ଏକ ବଡ଼ଧରଣର ପାପ ।
୧୭. ତୁମେ ଅନ୍ୟମାନଙ୍କୁ ଯେତେ ସାହାଯ୍ୟ କରିବ ତୁମ୍ଭ ନିଜର ସେତେ କଲ୍ୟାଣ ସାଧନ କରୁଅଛ ବୋଲି ବୁଝିପାରିବ ।
୧୮. ସୁଖ ଓ କାଙ୍କ୍ଷଣ୍ୟ ୨ଟି ଯାକ ବନ୍ଧନରଜ୍ଜୁ । ଗୋଟିଏ ସ୍ୱର୍ଣ୍ଣ ନିର୍ମିତ ଓ ଅନ୍ୟଟି ଲୌହନିର୍ମିତ । ୨ଟି ଯାକ ତ୍ୟାଗ କରିବା ଉଚିତ ।
୧୯. ଈଶ୍ୱରଙ୍କୁ ପ୍ରଦାନ କରାଯାଇଥିବା ଭଲ ପାଇବାକୁ ମପାଯାଏ ନାହିଁ । ଏହା ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରଦାନ କରାଯାଇପାରେ ।
୨୦. ଯଦି ମୁଁ ଅସୁଖୀ ହୁଏ, ତେବେ ବୁଝିବାକୁ ପଡ଼ିବ – ମୁଁ ନିଜକୁ ଅସୁଖୀ କରିଛି । ମୁଁ ଯଦି ଇଚ୍ଛା କରେ- ତେବେ ସୁଖୀ ମଧ୍ୟ ହୋଇପାରିବି । ତେଣୁ ମାନବର ଇଚ୍ଛା କୌଣସି ଘଟଣାଧୀନ ନୁହେଁ ।

କଥାରେ ଅଛି- "ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।" ୧୯୦୨ ମସିହା ଜୁଲାଇ ୪ ତାରିଖରେ ମାତ୍ର ୩୯ (୩୮ ବର୍ଷ ୫ ମାସ ୨୨ ଦିନ) ବର୍ଷ ବୟସରେ ସ୍ୱାମୀ ବିବେକାନନ୍ଦ ଇହଧାମ ତ୍ୟାଗ କରିଥିଲେ । ଇହଧାମ ତ୍ୟାଗ କରିବା ପୂର୍ବରୁ ସେ ଦୁଇଥର ଆମେରିକା ଓ ୟୁରୋପ ଯାତ୍ରା କରି ଭାରତୀୟ ସଂସ୍କୃତିର ଉତ୍କର୍ଷତା ପ୍ରତିପାଦନ କରିଥିଲେ । 'ରାମକୃଷ୍ଣ ମିଶନ' ପ୍ରତିଷ୍ଠା କରି ନବଭାରତର ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସେ ପ୍ରଭୂତ ଉନ୍ନତି ସାଧନ କରିଥିଲେ । ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀ ନିକଟବର୍ତ୍ତୀ ଯେଉଁ ଦ୍ୱୀପରେ ତପସ୍ୟା କରି ସିଦ୍ଧିଲାଭ କରିଥିଲେ ତାହା ଆଜି 'ବିବେକାନନ୍ଦ ଶିଳାତୀର୍ଥ' ନାମରେ ପ୍ରସିଦ୍ଧିଲାଭ କରିଛି । ସେଠାରେ ତାଙ୍କର ଏକ ପ୍ରକାଣ୍ଡ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ରହିଛି ।

ଯୋଗ, ତ୍ୟାଗ, ଜ୍ଞାନର ଦେଶ ଆର୍ଯ୍ୟଭୂମି ଭାରତବର୍ଷ । ଏହି ପୁଣ୍ୟଭୂମିରେ ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ସାଧୁପୁରୁଷ । ଏହି ପ୍ରଜ୍ଞାବାନ୍ ପୁରୁଷ ସମଗ୍ର ବିଶ୍ୱରେ ନିଜର ପ୍ରତିଭା ବଳରେ ଆଲୋଡ଼ନ ସୃଷ୍ଟି କରିପାରିଥିଲେ । ଆଜି ସାରା ବିଶ୍ୱରେ ମାନବିକ ମୂଲ୍ୟବୋଧ ଓ ନୈତିକ ଅଧୋପତନ ଦେଖାଦେଇଛି । ନବଭାରତରେ ଯାନ୍ତ୍ରିକ ତଥା ବୈଷୟିକ ଉନ୍ନତିର ଚରମ ସୀମାରେ ମନୁଷ୍ୟ ପହଞ୍ଚିଛି ସତ ହେଲେ ମାନସିକ ଯନ୍ତ୍ରଣାରେ ସେ ଜର୍ଜରିତ । ତେଣୁ ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶ ତଥା ବାଣୀରେ ନବଭାରତର ଯୁବପିଢ଼ି ଉଦ୍‌ବୁଦ୍ଧ ହେବା ଉଚିତ ।

-୦-

ଦଶମ ଶ୍ରେଣୀ ଛାତ୍ର
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଖଲ୍ଲିକୋଟ, ଗଂଜାମ



# ନବଭାରତର ନିର୍ମାତା: ପି.ଭି. ନରସିଂହ ରାଓ

**ଆହୁତି ପଟ୍ଟନାୟକ**

ଅର୍ଥନୀତିରେ ବୈପ୍ଳବିକ ଭାବେ ଦ୍ରୁତଗତିରେ ଅଗ୍ରଗତି କରୁଥିବା ଆମ ଦେଶ ଭାରତ ଆଜି ବହୁ ବିଦେଶୀ ନିବେଶର ଗନ୍ତାଘର ହୋଇଛି । ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ପାଳନ ବେଳେ ଭାରତ ଅର୍ଥନୀତିରେ ଆଜି ଯେଉଁ ପ୍ରକାର ପ୍ରଗତି କରିଛି ଏହର ସବୁଠାରୁ ବଡ଼ ଶ୍ରେୟ ଯାଉଛି ଆମ ପୂର୍ବତନ ପ୍ରଧାନମନ୍ତ୍ରୀ ପାମୁଲାପାର୍ଥି ଭେଙ୍କଟ ନରସିଂହ ରାଓଙ୍କୁ । ଯେତେବେଳେ ସ୍ୱାଧୀନତାର ୪୪ ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ନିମ୍ନଗାମୀ ହେଉଥିଲା, ତାଙ୍କର ସମୁଚିତ ନିର୍ଣ୍ଣୟ ଓ ପଦକ୍ଷେପ ଯୋଗୁଁ ଆଜିର ନବଭାରତ ପ୍ରଗତିର ଶିଖରାଭିମୁଖୀ ହୋଇଛି ।

ଭାରତ ପରାଧୀନ ଥିବା ସମୟରେ ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ଶୋଷଣକାରୀ ନିୟମଗୁଡ଼ିକ ଯୋଗୁଁ ଆମର ଅର୍ଥବ୍ୟବସ୍ଥା ରସାତଳଗାମୀ ହୋଇଥିଲା । ସ୍ୱାଧୀନତା ପ୍ରାପ୍ତି ସମୟରେ ଏହାର ଜିଡ଼ିପି ୩.୫% ବିକାଶ କରିଥିଲା । କାଳକ୍ରମେ ପରବର୍ତ୍ତୀ ସରକାରମାନଙ୍କ ଆବଦ୍ଧ, ରକ୍ଷଣଶୀଳ ଓ ସମାଜବାଦୀ ନୀତି ଯୋଗୁଁ ଅର୍ଥବ୍ୟବସ୍ଥା କ୍ରମଶଃ ସଙ୍କୁଚିତ ହେବାରେ ଲାଗିଥିଲା । ୧୯୯୧ ମସିହାରେ ଆମର ଜିଡ଼ିପି ୧.୫% ବିକାଶ କରିଥିଲା । ସେ ସମୟରେ ଆମ ପାଖରେ ବିଦେଶୀ ପୁଂଜିର ଏପରି ଅଭାବ ଥିଲା ଯେ ବିଦେଶରୁ ଆୟାତ ବସ୍ତୁଗୁଡ଼ିକର ବକେୟା ପୈଠ କରି ହେଉନଥିଲା । ଏତେ ବର୍ଷର ନିମ୍ନଗତି ପରେ ୧୯୯୧ରେ ପି.ଭି.ନରସିଂହ ରାଓ ପ୍ରଧାନମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଥିଲେ । ସେ ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ ।

ସେ ପ୍ରଧାନମନ୍ତ୍ରୀ ହେବା ପରେ ଏଲପିଜି (ଉଦାରୀକରଣ-ଘରୋଇକରଣ-ଜଗତୀକରଣ) ସଂସ୍କାର ଆଣିଥିଲେ । ସେ ଭାରତର ଅର୍ଥବ୍ୟବସ୍ଥାର ଏପରି ଅବସ୍ଥାକୁ ଦେଖି ଜଣେ ପ୍ରବୀଣ ଅର୍ଥନୀତିଜ୍ଞ ଡ. ମନମୋହନ ସିଂଙ୍କୁ ନିଜର ଅର୍ଥମନ୍ତ୍ରୀ ରୂପେ ନିଯୁକ୍ତି କରିଥିଲେ ଯେ କି ପୂର୍ବତନ ଆର୍.ବି.ଆଇ. ଗଭର୍ଣ୍ଣର ଥିଲେ । ତାଙ୍କ ମତରେ ଯଦି ଭାରତର ବିକାଶ ଆମେ କାମନା କରୁଛେ ତେବେ ଉଦ୍ୟୋଗୀକରଣ ହିଁ ଏକମାତ୍ର ମାର୍ଗ ଅଟେ ଯେଉଁଥିପାଇଁ ବିଦେଶୀ ପୁଂଜିନିବେଶର ବିପୁଳ ଆବଶ୍ୟକତା ଥିଲା । ତେଣୁ ସେ ସମୟରେ ବିଦେଶୀ ନିବେଶକୁ ଆକର୍ଷିତ କରିବା ପାଇଁ ବହୁ ଘୋଷଣାମାନ କରିଥିଲେ । ଭାରତରେ ବିଦେଶୀ ନିବେଶ ସ୍ଥାପନ ପାଇଁ ପ୍ରୋତ୍ସାହନ ଦେଇଥିଲେ । ସେ ଯେତେବେଳେ ବଜେଟ୍ ଘୋଷଣା କରିଥିଲେ ସେଥିରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଅଧିକ ହୋଇଥିଲା । କାରଣ ଏଥିରେ ଦିଆଯାଉଥିବା ସବ୍‌ସିଡ଼ି ଭାରତର ଅର୍ଥର ମାତ୍ରାକୁ କମ୍ କରିଦେଉଥିଲା ।

ଏତେ ସବୁ ପଦକ୍ଷେପ ନେବାଦ୍ୱାରା ଭାରତର ଅର୍ଥବ୍ୟବସ୍ଥା ଯାହାକି ଏକ ବିରାଟ ଗର୍ତ୍ତ ମଧ୍ୟକୁ ପ୍ରବେଶ କରୁଥିଲା ତାହାକୁ ରୋକି ହେଲା । ଭାରତରେ ବହୁ ପରିମାଣରେ ବିଦେଶଈ ପୁଂଜିନିବେଶ ମାନ ହେବା ପରେ ଏଠାରେ ଅନେକ ଦ୍ରବ୍ୟ ଉତ୍ପାଦିତ ହେଲା । ୧୯୯୧ ମସିହାରେ ଯେତେବେଳେ ଭାରତରେ ମାତ୍ର ୫୮ ଲକ୍ଷ ଲୋକ ଫୋନ୍‌ର ସୁବିଧାପ୍ରାପ୍ତ କରିଥିଲେ, ତାହା ଏବେ ୧୧୯ କୋଟିରେ ପହଞ୍ଚିଛି । ୧୯୯୧ ମସିହାରେ ୨.୧୪ କୋଟି ବାହନ ଥିବା ବେଳେ ଏବେ ତାହା ୩୩.୩୦ କୋଟିରେ ପହଞ୍ଚିଛି । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଆର୍ଥିକ ଉଦାରୀକରଣ ଯୋଗୁଁ ଜନସାଧାରଣଙ୍କ ପାଖକୁ ପଇସା ଆସିଲା । ଯଦ୍ୱାରା ସେମାନେ ବହୁତ ଜିନିଷ କ୍ରୟ କରିବାକୁ ଆରମ୍ଭ କଲେ । ପି.ଭି. ନରସିଂହ ରାଓଙ୍କ ଦୂରଦର୍ଶିତା ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଲା । ୧୯୯୧ ମସିହାରେ ଭାରତର ବିଦେଶୀ ପୁଂଜି କେବଳ ୧.୧ ବିଲିଅନ୍ ଡଲାର ଥିଲା ମାତ୍ର ଏବେ ତାହା ୫୬୦ ବିଲିଅନ୍ ଡଲାର ହୋଇଛି । ଚୀନ୍‌ର ଆର୍ଥିକ କ୍ରାନ୍ତିର ଜନକ ଡେଙ୍ଗ ସାଓପିଂଙ୍କ ସହ ଭାରତର ପି.ଭି. ନରସିଂହ ରାଓଙ୍କୁ ତୁଳନା କରାଯାଇପାରେ । କାରଣ ଭାରତର ହୋଇଥିବା ଆର୍ଥିକ କ୍ରାନ୍ତିର ଜନକ ହେଉଛନ୍ତି ପି.ଭି. ନରସିଂହ ରାଓ ।

ପି.ଭି. ନରସିଂହ ରାଓଙ୍କ ଏହି ଦୂରଦର୍ଶୀ ନୀତିକୁ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ର ଅଟଳ ବିହାରୀ ବାଜପେୟୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଅବଲମ୍ୱନ କରି ଆଗେଇ ନେଲେ । ଏହାଦ୍ୱାରା ଭାରତ ଏବେ ଅର୍ଥନୀତିରେ ସମଗ୍ର ବିଶ୍ୱରେ ୫ମ ସ୍ଥାନ ଅଧିକାର କରିପାରିଛି । ଏକ କୃଷିପ୍ରଧାନ ଅର୍ଥବ୍ୟବସ୍ଥାକୁ ଏକ ବିନିର୍ମାଣଭିତ୍ତିକ ଅର୍ଥବ୍ୟବସ୍ଥା ଆଡ଼କୁ ଗତି କରୁଛି । ଯେପରି ଏକ ସୁପ୍ତ ସିଂହ ପୁନର୍ବାର ନିଜର ଜାଗ୍ରତାବସ୍ଥାକୁ ଆସିଲା ପରି ଭାରତ ମଧ୍ୟ ନିଜର ଦୃଢ଼ାବସ୍ଥାକୁ ଫେରି ଆସୁଛି । ନବଭାରତ ନିର୍ମାଣର ଏହି ମହାନ୍ ଶିଳ୍ପୀଙ୍କୁ କୋଟି କୋଟି ଶ୍ରଦ୍ଧାଞ୍ଜଳି ।

-୦-

ନବମ ଶ୍ରେଣୀ ଛାତ୍ରୀ,
ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଖଲ୍ଲିକୋଟ



# ତୁଳସୀ ଦୁଇ ପତ୍ରରୁ ବାସେ

ସୌଦାମିନୀ ମିଶ୍ର (ଦାଶ)

ହିନ୍ଦୁ ଧର୍ମ ଓ ପରମ୍ପରା ଅନୁସାରେ ତୁଳସୀ ବୃକ୍ଷର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ସାଧାରଣତଃ ଦେବବୃକ୍ଷ ରୂପେ ପୂଜା କରାଯାଇଥାଏ । ଭଗବାନ ଶ୍ରୀ ବିଷ୍ଣୁଙ୍କର ଅତି ପ୍ରିୟ ଏହି ତୁଳସୀ ବୃକ୍ଷ । ତେଣୁ ଶ୍ରୀ ବିଷ୍ଣୁ ନାରାୟଣଙ୍କ ପୂଜା ତୁଳସୀ ପତ୍ର ବିନା ସଂପୂର୍ଣ୍ଣ ହୋଇପାରି ନଥାଏ । ସେହିପରି ଭଗବାନ ଶିବ ଓ ହନୁମାନଙ୍କ ପୂଜାରେ ମଧ୍ୟ ତୁଳସୀ ଜଟର ଆବଶ୍ୟକତା ତଥା ପୂଜା ହୋମ ଯଜ୍ଞ ଶ୍ରାଦ୍ଧ ପରି ଯେକୌଣସି ମହତ୍ କାର୍ଯ୍ୟରେ ଏହାର ଆବଶ୍ୟକତା ପଡ଼ିଥାଏ । ପ୍ରତିଦିନ ତୁଳସୀ ପୂଜନ ଦ୍ୱାରା ଈଶ୍ୱର ପ୍ରାପ୍ତି, ମୋକ୍ଷ ତଥା ହୋମ ଯଜ୍ଞ ତୀର୍ଥବ୍ରତର ଫଳସ୍ୱରୂପ ଅନେକ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତ ଚହଲି ଭୂମିରେ ପଡ଼ିଥିବା ସ୍ଥାନରୁ ତୁଳସୀ ବୃକ୍ଷର ଉତ୍ପତ୍ତି ବୋଲି ପୌରାଣିକ ମତ ରହିଛି । ଏହି ବୃକ୍ଷ ଦେବୀ ବୃନ୍ଦାବତୀଙ୍କ ସାକ୍ଷାତ୍ ସ୍ୱରୂପ ବୋଲି ମଧ୍ୟ ବିଶ୍ୱାସ ରହିଛି । ଅନ୍ୟପକ୍ଷରେ ଏହି ବୃକ୍ଷକୁ କୃଷ୍ଣ ପ୍ରେମିକା ଶ୍ରୀରାଧାଙ୍କ ଅବତାର ବୋଲି ମଧ୍ୟ କୁହାଯାଏ । ତୁଳସୀ ମୂଳରେ ଗଙ୍ଗା ଓ ଡାଳରେ ସମସ୍ତ ଦେବଦେବୀ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ ।

ଉଦ୍ଭିଦ ଜଗତରେ ତୁଳସୀ ଏକ କ୍ଷୁଦ୍ର ତଥା ଉପକାରୀ ବୃକ୍ଷ ଅଟେ । ଏହା ବିରାଟ କିମ୍ବା ଛାୟାପ୍ରଦ ନହେଲେ ମଧ୍ୟ ବିଶାଳ ବୃକ୍ଷମାନଙ୍କ ତୁଳନାରେ କିଛି କମ୍ ନୁହେଁ । ଆୟୁର୍ବେଦିକ ଚିକିତ୍ସା ଶାସ୍ତ୍ରରେ ମଧ୍ୟ ତୁଳସୀର ମହତ୍ତ୍ୱ ଖୁବ୍ ଅଧିକ । ଏହାର ବହୁ ଔଷଧୀୟ ଗୁଣ ରହିଛି । ଏହି ବୃକ୍ଷ ଦିନ ଓ ରାତି ସବୁ ସମୟରେ ବାୟୁମଣ୍ଡଳକୁ ଅମ୍ଳଜାନ ବିତରିଥାଏ ।

କ୍ଷୁଦ୍ରତୁଳସୀ ବୃକ୍ଷଟିଏ ଦୁଇପତ୍ର ବିଶିଷ୍ଟ ଅବସ୍ଥାରେ ନିଜର ଅନନ୍ୟ ପବିତ୍ରତା ବହନ କରିବା ସହ ସୁଗନ୍ଧ ବିତରଣ କରି ନିଜର ପରିଚୟ ଦେଇଥାଏ । ତେଣୁ ଓଡ଼ିଆ ସାହିତ୍ୟରେ ଏକ ନୀତି ଗର୍ଭିତ ପ୍ରବଚନ ରହିଛି- "ତୁଳସୀ ଦୁଇ ପତ୍ରରୁ ବାସେ" ।

ଧରାପୃଷ୍ଠରେ ଅନେକ ସାଧୁ, ସନ୍ଥ, ପୁଣ୍ୟାତ୍ମା, କରିତ୍‌କର୍ମା, ବୀର ମହାପୁରୁଷ, ଦେଶପ୍ରେମୀ, ବୈଜ୍ଞାନିକ, ଦାର୍ଶନିକ, କବି, ଲେଖକ ଆଦି ଜନ୍ମଗ୍ରହଣ କରିଥାନ୍ତି । ବାଲ୍ୟକାଳରୁ ହିଁ ସେମାନଙ୍କ ପ୍ରତିଭାର ଆଦ୍ୟ ସ୍ଫୁରଣ ହୋଇଥାଏ । ଶୈଶବାବସ୍ଥାର କିଛି ଅସାଧାରଣ କାର୍ଯ୍ୟଦ୍ୱାରା ଭବିଷ୍ୟତରେ ସେ ଜଣେ ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ହେବେ ବୋଲି ଆଭାଷ ମିଳିଥାଏ । ଏଥିପାଇଁ ଇଂରାଜୀରେ ଏକ ଆପ୍ତ ବାକ୍ୟ ଅଛି- 'Morning shows the day' ।

ପ୍ରତ୍ୟେକ ମହାପୁରୁଷ ତଥା ବିଶିଷ୍ଟ ବ୍ୟକ୍ତିଙ୍କ ଜୀବନ ପର୍ଯ୍ୟାଲୋଚନା କଲେ 'ତୁଳସୀ ଦୁଇପତ୍ରରୁ ବାସେ' ଉକ୍ତ ପ୍ରବଚନର ଯଥାର୍ଥତା ଉପଲବ୍ଧି କରିହୁଏ ।

୧. ରାମାୟଣର ସ୍ମରଣୀୟ ଚରିତ୍ର ହନୁମାନ ଶୈଶବରେ ଉଦିତ ବାଳସୂର୍ଯ୍ୟଙ୍କୁ ଏକ ପକ୍ୱ ଫଳ ମନେକରି ଗ୍ରାସ କରିବା ଉଦ୍ଦେଶ୍ୟରେ ଆକାଶମାର୍ଗକୁ ଡେଇଁ ଯାଇଥିଲେ । ଏଥିରୁ ହନୁମାନଙ୍କ ବଳିଷ୍ଠ ବୀରତ୍ୱ ଅମାପ ଶକ୍ତି ଓ ସାହସର ପରିଚୟ ମିଳିଥିଲା । ଯେଉଁ ମହାବୀର ପରବର୍ତ୍ତୀ ସମୟରେ ସମୁଦ୍ର ଲଂଘନ, ଲଙ୍କା ଦହନ, ସୀତା ଠାବ, ରାକ୍ଷସ ବିନାଶ କରି ସୁପରିଚିତ ହେଲେ । ଶ୍ରୀରାମଙ୍କ ଅନୁଜ ଲକ୍ଷ୍ମଣଙ୍କ ଶକ୍ତିଭେଦ ସମୟରେ ସେ ଗୋଟିଏ ରାତ୍ର ମଧ୍ୟରେ ଲଙ୍କାର ଯୁଦ୍ଧଭୂମିରୁ ବିଶଲ୍ୟ କରଣୀ ଆଣିବା ପାଇଁ ହିମାଳୟ ଯାଇ ସେଠାରୁ ଗନ୍ଧମାର୍ଦ୍ଦନ ପର୍ବତ (ଅନ୍ୟ ମତରେ ଦ୍ରୋଣଗିରି) ଧରି ଆସିଥିଲେ । ଯାହାଫଳରେ ସେହି ପରମ ରାମଭକ୍ତ ବୀର ହନୁମାନଙ୍କ ପାଇଁ ଲକ୍ଷ୍ମଣ ସୁସ୍ଥ ହୋଇପାରିଥିଲେ ।

୨. ବାଲ୍ୟକାଳରେ ଶିଶୁ ଭୀମର ପଦାଘାତରେ ମହାବଳ ବାଘର ମୃତ୍ୟୁ ଓ ଶତଶୃଙ୍ଗ ପର୍ବତ ଚୂର୍ଣ୍ଣ ହେବା ଘଟଣା ତା'ର ଭବିଷ୍ୟତ ବୀରତ୍ୱର ସୂଚନା ଦିଏ । ପ୍ରକୃତରେ କହିବାକୁ ଗଲେ ମହାଭାରତ ଯୁଦ୍ଧରେ ଭୀମଙ୍କ ଭୂମିକା ବୀରତ୍ୱପୂର୍ଣ୍ଣ ଥିଲା । ଯେକି ଦୁଃଶାସନ ଦୁର୍ଯ୍ୟୋଧନ ସମେତ ଧୃତରାଷ୍ଟ୍ରଙ୍କ ଶହେ ପୁତ୍ରଙ୍କୁ ମାରିବାର ଶପଥକୁ ସଫଳ କରିଥିଲେ ।

୩. ପ୍ରହ୍ଲାଦ ମଧ୍ୟ ଶୈଶବରେ ପିତା ହିରଣ୍ୟକଶ୍ୟପୁର ଶତବାରଣ ଓ ନିର୍ଯାତନା ସତ୍ତ୍ୱେ ଶ୍ରୀହରି ନାମ ଜପରୁ ବିଚ୍ୟୁତ ହୋଇନଥିଲେ । ଏଥିରୁ ପ୍ରହ୍ଲାଦ ଭବିଷ୍ୟତରେ ଜଣେ ପ୍ରଧାନ ହରିଭକ୍ତ

ହେବ, ତାହାର ଆଭାସ ମିଳିଥିଲା । ଯାହାର ଭକ୍ତିର ମହତ୍ତ୍ୱ ରଖିବାକୁ ଯାଇ ଭଗବାନ ସ୍ତମ୍ଭରୁ ନୃସିଂହ ବେଶରେ ବାହାରିଥିଲେ ।

୪. ବୌଦ୍ଧଧର୍ମ ପ୍ରଚାରକ ଗୌତମ ବୁଦ୍ଧ ଯେ ଦିନେ ପୃଥିବୀବାସୀଙ୍କୁ ମୁକ୍ତିର ମାର୍ଗ ଦେଖାଇବେ ଏହା ତାଙ୍କ ବାଲ୍ୟ ସମୟରୁ ହିଁ ଜଣାଯାଇଥିଲା । ଦିନେ ଗୌତମଙ୍କ ସାନ ଭାଇ ଦେବଦତ୍ତ ଆକାଶମାର୍ଗରେ ହଂସଟିକୁ ଶରବିଦ୍ଧ କଲାପରେ ହଂସଟି ଉଦ୍ୟାନର ଗୌତମ ଧ୍ୟାନସ୍ଥ ଥିବା ସମୟରେ ତାଙ୍କ ନିକଟରେ ଖସି ପଡ଼ିଲା । ଗୌତମ ଆହତ ହଂସଟିର ସେବାଯତ୍ନ କରି ମୃତ୍ୟୁମୁଖରୁ ତାକୁ ଉଦ୍ଧାର କରିଥିଲେ । ବହୁ ଅନୁରୋଧ ସତ୍ତ୍ୱେ ମଧ୍ୟ ସେ ଭାଇ ଦେବଦତ୍ତକୁ ଦେଇ ନ ଥିଲେ । ହଂସ ବିନିମୟରେ ସେ ପିତାଙ୍କୁ କହି ରାଜ୍ୟ ଦେବେ ବୋଲି କହିଥିଲେ । ଏଥିରୁ ତାଙ୍କର ଅହିଂସା ଓ ଜୀବପ୍ରତି ଦୟା ମନୋବୃତ୍ତିର ପରିଚୟ ମିଳିଥିଲା ।

୫. ଶିବାଜୀ ମାତା ଜିଜାବାଈଙ୍କ ଠାରୁ ବାଲ୍ୟ ସମୟରେ ରାମାୟଣ ଓ ମହାଭାରତର ବୀର କାହାଣୀ ଶୁଣିବାକୁ ଖୁବ୍ ଭଲ ପାଉଥିଲେ । ଏହିସବୁ ଉତ୍ତମ ଲକ୍ଷଣରୁ ଭବିଷ୍ୟତରେ ସେ ଜଣେ ବୀରପୁରୁଷ ହେବେ ବୋଲି ସୂଚନା ମିଳିଥିଲା । ପରବର୍ତ୍ତୀ ସମୟରେ ଭାରତ ଭୂଖଣ୍ଡରେ ସମ୍ରାଟ ଛତ୍ରପତି ଶିବାଜୀ ରୂପେ ପରିଚିତ ହୋଇଥିଲେ ।

୬. ସେହିପରି ସ୍ୱାମୀ ବିବେକାନନ୍ଦଙ୍କ ମହାନ୍ ଗୁଣସବୁ ତାଙ୍କ ବାଲ୍ୟ ସମୟରୁ ହିଁ ଜଣାପଡ଼ିଥିଲା । ସେ ବାଲ୍ୟାବସ୍ଥାରେ ଧ୍ୟାନ ଓ ଯୋଗ କରିବାକୁ ଖୁବ୍ ଭଲ ପାଉଥିଲେ । ଏପରିକି ସେ ଖେଳରେ ମଧ୍ୟ ଧ୍ୟାନ ଖେଳ ଖେଳିବାକୁ ଭଲ ପାଉଥିଲେ । ଈଶ୍ୱର ବିଶ୍ୱାସୀ ଥିଲେ । ପିଲାଦିନରୁ ହିଁ ଦୁଃଖୀ ଦରିଦ୍ରଙ୍କ ସେବା କରିବାକୁ ଭଲ ପାଉଥିଲେ । ଯେ କି ପରବର୍ତ୍ତୀ ସମୟରେ ଭାରତୀୟ ଧର୍ମ ଓ ଦର୍ଶନଶାସ୍ତ୍ରକୁ ବିଶ୍ୱ ଦରବାରରେ ପରିବେଷଣ କରି ପ୍ରଚାର ଓ ପ୍ରସାର କରିଥିଲେ । ରାମକୃଷ୍ଣ ମିଶନ ଗଠନ କରିଥିଲେ । ମାନବ ସେବା ହିଁ ମାଧବ ସେବା କହିଥିଲେ ଓ ଏହାର ଗୂଢ଼ ରହସ୍ୟକୁ ଲୋକଙ୍କ ମନରେ ହୃଦ୍‌ବୋଧ କରାଇଥିଲେ ।

୭. ଠିକ୍ ସେହିପରି ମହାତ୍ମା ଗାନ୍ଧି ମଧ୍ୟ ବାଲ୍ୟ ସମୟରେ ବିଦ୍ୟାଳୟ ପରିଦର୍ଶକ ସ୍କୁଲକୁ ଆସିଥିବା ସମୟରେ ଶିକ୍ଷକଙ୍କ ପ୍ରରୋଚନାରେ ମଧ୍ୟ ସାଥୀ ପିଲାଠାରୁ ନକଲ କରି ନଥିଲେ । ପିଲାଦିନେ ଥରେ ସେ ମାଂସ ଖାଇ ଖୁବ୍ ଦୁଃଖିତ ହୋଇଥିଲେ । ହରିଶ୍ଚନ୍ଦ୍ର ନାଟକ ଦେଖି ସେ ଖୁବ୍ ପ୍ରଭାବିତ ହୋଇଥିଲେ । ଏଥିରୁ ଗାନ୍ଧିଜୀଙ୍କ ଅହିଂସା ଓ ନିର୍ଭିକତାର ପରିଚୟ ମିଳେ । ଯେ କି ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଅହିଂସାକୁ ପ୍ରଧାନ ଅସ୍ତ୍ର କରି ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ ଓ ଶେଷରେ ସଫଳ ମଧ୍ୟ ହୋଇଥିଲେ ।

୮. ସୁଭାଷ ଚନ୍ଦ୍ର ବୋଷ୍ ଛାତ୍ରାବସ୍ଥାରେ ସ୍ୱେଚ୍ଛାସେବକ ବାହିନୀ ଗଠନ କରି ଦୁଃଖୀ ରୋଗୀଙ୍କ ସେବା କରୁଥିଲେ । ବନ୍ୟା ବାତ୍ୟା ହଇଜା ପରି ଦୁର୍ବିପାକ ସମୟରେ ସେ ନିଃସହାୟମାନଙ୍କ ଥଇଥାନ, ଔଷଧପତ୍ର ବାଣ୍ଟିବା ଆଦି କରୁଥିଲେ । ଯେକି ଦିନେ ବଡ଼ ହେଲାପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ ଓ ଦିଲ୍ଲୀ ଚଲୋ ଡାକରା ଦେଇଥିଲେ । "ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି"ବୋଲି ଭାରତୀୟ ମାନଙ୍କୁ ସମ୍ବୋଧନ କରି କହିଥିଲେ ଓ ଇଂରେଜ ସରକାର ବିରେଧରେ ସଂଗ୍ରାମ କରିଥିଲେ ।

୯. ଉତ୍କଳ ମଣି ଗୋପବନ୍ଧୁ କିଶୋରାବସ୍ଥାରୁ ହିଁ ଦୁଃଖୀ ଦରିଦ୍ରଙ୍କ ସେବାରେ ଲିପ୍ତ ଥିଲେ । ବଡ଼ ହେଲାପରେ ସେ ବନ୍ୟା ପୀଡ଼ିତ ଅଞ୍ଚଳରେ ବୁଲି ବୁଲି ଅସହାୟମାନଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ଏପରିକି ଜ୍ୱରପୀଡ଼ିତ ନିଜର ସନ୍ତାନକୁ ଘରେ ଛାଡ଼ି ସେ ଦେଶର ଶହଶହ ଜନତାଙ୍କ ଉଦ୍ଧାର ପାଇଁ ବନ୍ୟାଞ୍ଚଳକୁ ଚାଲିଯାଇଥିଲେ ଓ ସେମାନଙ୍କ ଖାଦ୍ୟ ବସ୍ତ୍ର ଔଷଧ ଇତ୍ୟାଦିର ବ୍ୟବସ୍ଥାରେ ଲାଗିପଡ଼ିଥିଲେ ।

୧୦. ଆତ୍ମ ସମ୍ମାନ ରକ୍ଷା ଲାଗି ବାହାଦୁର ଶାସ୍ତ୍ରୀ ବାଲ୍ୟ ସମୟରେ ନିଜର ଅର୍ଥାଭାବ ସାଙ୍ଗମାନଙ୍କ ସମ୍ମୁଖରେ ପ୍ରକାଶ ନକରି ଡଙ୍ଗାରେ ଆସିବାକୁ ମନା କରିଥିଲେ ଓ ଗଙ୍ଗାନଦୀର ଗଭୀର ଜଳକୁ ପହଁରି ପହଁରି ପାର ହୋଇଥିଲେ । ଏଥିରୁ ତାଙ୍କର ମହନୀୟ ଗୁଣର ସୂଚନା ମିଳିଥିଲା ।

୧୧. ମଧୁସୂଦନ ରାଓ ମଧ୍ୟ ବାଲ୍ୟକାଳରେ ଗୀତା ଭାଗବତ ପାଠ କରିବାରେ ଆଗ୍ରହୀ ଥିଲେ । ଏଥିରୁ ସେ ଭବିଷ୍ୟତର ଜଣେ ଭକ୍ତିଭାବ ସଂପନ୍ନ ବ୍ୟକ୍ତି ହେବାର ସୂଚନା ମିଳିଥିଲା । ପରବର୍ତ୍ତୀ ସମୟରେ ସେ ବହୁ ଭକ୍ତିମୂଳକ ଦେଶାତ୍ମବୋଧ କବିତା ରଚନା କରି ଦେଶବାସୀ ତଥା ପାଠକମାନଙ୍କ ପ୍ରିୟ କବି ରୂପେ ପରିଚିତ ହୋଇ ପାରିଛନ୍ତି । କବିଙ୍କ ଛବିଳ ବର୍ଣ୍ଣବୋଧ ଓ ପଦ୍ମ କବିତା ସ୍ମରଣୀୟ ।

୧୨. ପ୍ରଖ୍ୟାତ ବୈଜ୍ଞାନିକ ସାମନ୍ତ ଚନ୍ଦ୍ରଶେଖର ସିଂହ ବାଲ୍ୟ ସମୟରେ ଆକାଶରେ ଉଡୁଥିବା ପକ୍ଷୀ ଗଣନା ଓ ଛାଇକୁ

ଦେଖି ସମୟ ହିସାବ କରି ଦେଉଥିଲେ । ଆକାଶକୁ ବାରମ୍ବାର ନିରୀକ୍ଷଣ କରି ଗ୍ରହ ନକ୍ଷତ୍ରଙ୍କୁ ଲକ୍ଷ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ ସେ ଜଣେ ପ୍ରଖ୍ୟାତ ବୈଜ୍ଞାନିକ ଓ ଜ୍ୟୋତିର୍ବିଦ ହୋଇପାରିଥିଲେ ।

୧୩. ସାର୍ ଆଇଜାକ୍ ନିଉଟନ୍ ମଧ୍ୟ ବାଲ୍ୟ ସମୟରୁ ହିଁ ଗଣିତ କରିବା ଡ଼ ନୂତନ ଯନ୍ତ୍ର ଉଦ୍ଭାବନରେ ନିଜକୁ ନିୟୋଜିତ କରୁଥିଲେ । ପରେ ସେ ଜଣେ ବିଖ୍ୟାତ ପଣ୍ଡିତ ଓ ବୈଜ୍ଞାନିକ ହୋଇପାରିଥିଲେ ।

୧୪. ମଧୁସୂଦନ ଦାସ କିଶୋରାବସ୍ଥାରେ ସାଙ୍ଗସାଥୀଙ୍କୁ ନେଇ ଗାଁର ରାସ୍ତା ମରାମତି ଓ ସମତୁଲ କରିଥିଲେ । ଯେ କି ବଡ଼ ହେବା ପରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ସହ କବିତା ଓ ପ୍ରବନ୍ଧ ମାଧ୍ୟମରେ ଲୋକଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିଥିଲେ ।

୧୫. ବିନାୟକ ସାବରକରଙ୍କ ବାଲ୍ୟକାଳରୁ ଦେଶଭକ୍ତି ଓ କବିତ୍ୱ ଆଦିର ସଂକେତ ମିଳିଥିଲା । ଦଶବର୍ଷ ବୟସରେ ତାଙ୍କ ରଚିତ କବିତା ଖବର କାଗଜରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ମୁକ୍ତି ସଂଗ୍ରାମରେ କାରାବରଣ କରିଥିଲେ ଓ ଆଣ୍ଡାମାନ ଜେଲରେ ସେ କଣ୍ଟା ଓ ଗୁଡ଼ିରେ ପର୍ବତ ଦେହରେ ବଡ଼ ବଡ଼ କବିତା ସବୁ ଲେଖୁଥିଲେ ।

୧୬. ଆଲେକ୍‌ଜାଣ୍ଡାର୍ ବାଲ୍ୟ ସମୟରେ ଏକ ଦୁର୍ଦ୍ଦାନ୍ତ ଅଶ୍ୱକୁ ଆୟତ୍ତ କରି ଅଶ୍ୱଚାଳନା କରିଥିଲେ । ଏହା ଦେଖି ଗ୍ରୀକ୍‌ର ରାଜା ଓ ସେନାପତି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏଥିରୁ ସେ ଭବିଷ୍ୟତରେ ଜଣେ ମହାବୀର ହେବେ ବୋଲି ପ୍ରତିପାଦିତ ହୋଇଥିଲା । ଯେ କି ପରେ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର ରୂପେ ବିଖ୍ୟାତ ହୋଇଥିଲେ ।

୧୭. ମଦର ଟେରେସା ମଧ୍ୟ ଶୈଶବରୁ ସେବା ପ୍ରତି ଆକୃଷ୍ଟ ହେବା ଦେଖାଯାଇଥିଲା । ପାଦ୍ରୀମାନଙ୍କ ନିକଟକୁ ସେ ଯେଉଁ ଚିଠିପତ୍ର ଦେଉଥିଲେ ସେଥିରେ ସେ ଭବିଷ୍ୟତରେ ଜଣେ ଶ୍ରେଷ୍ଠ ସେବିକା ହେବେ ବୋଲି ଜଣାପଡ଼ିଥିଲା ।

୧୮. ମିବାରର ରାଜା ରାଣାପ୍ରତାପ ସିଂହଙ୍କର ବାଲ୍ୟାବସ୍ଥାରୁ ହିଁ ଦେଶପ୍ରୀତିର ସୂଚନା ମିଳିଥିଲା । ଯେ କି ପରବର୍ତ୍ତୀ ସମୟରେ ଜଣେ ଉତ୍ତମ ଶାସକ ହୋଇପାରିଥିଲେ । ସେହିପରି ନେପୋଲିଅନ୍ ବୋନାପାର୍ଟଙ୍କ ସାହସ ଓ ବୀରତ୍ୱ ତାଙ୍କ ବାଲ୍ୟାବସ୍ଥାରୁ ହିଁ ସୂଚନା ମିଳିଥିଲା । ଯେକି ଖଣ୍ଡାଧାରରେ ନିଜ ହାତର ଭାଗ୍ୟରେଖା ନିଜେ ଟାଣିଥିଲେ ଏବଂ ସଫଳ ମଧ୍ୟ ହୋଇଥିଲେ ।

ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, 'ତୁଳସୀ ଦୁଇପତ୍ରରୁ ବାସିଲା' ପରି ଯାହା ପାଖରେ ଯେଉଁ ଉତ୍ତମ ଗୁଣ ଥାଏ, ଅବଶ୍ୟ ତାହା ସେମାନଙ୍କ ବାଲ୍ୟାବସ୍ଥାରୁ ହିଁ ଜଣାଯାଇଥାଏ । ତେଣୁ ଏହିସବୁ ମହାପୁରୁଷଙ୍କ କ୍ଷେତ୍ରରେ 'ତୁଳସୀ ଦୁଇ ପତ୍ରରୁ ବାସେ' କହିବା ଯଥାର୍ଥ ହେବ ।

ଭାରତ ମାତା କି ଜୟ ।

-୦-

ସହ ସମ୍ପାଦିକା,
ତ୍ରିଧାରା ସାହିତ୍ୟ ସଂସଦ, ବ୍ରହ୍ମପୁର
ମୋ: ୭୯୭୮୬୧୧୮୦୧






# ଶ୍ରୀଅରବିନ୍ଦ ଏବଂ ସ୍ୱାଧୀନ ଭାରତ

**ଶିବାନୀ ପଟ୍ଟନାୟକ**

ଗତ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଜଣେ ବିଶିଷ୍ଟ ଜାତୀୟତାବାଦୀ ନେତା ରୂପେ ଶ୍ରୀଅରବିନ୍ଦ ବଙ୍ଗରେ ବୈପ୍ଳବିକ ଆନ୍ଦୋଳନକୁ ଆଗେଇ ନେଇଥିଲେ । ସେ ଜଣେ ବହୁମୁଖୀ ପ୍ରତିଭାଧାରୀ । ଜଣେ ଗଭୀର ଚିନ୍ତକ, ଜ୍ୱଳନ୍ତ ଦେଶପ୍ରେମୀ ଏବଂ ସ୍ୱାଧୀନତାର ଆବଶ୍ୟକତା ପାଇଁ ଦେଶକୁ ଜାଗ୍ରତ କରିବାରେ ଏକ ପ୍ରମୁଖ ଶକ୍ତି ଥିଲେ । ରବୀନ୍ଦ୍ରନାଥ ଟାଗୋର ତାଙ୍କୁ 'ଭାରତୀୟ ସଂସ୍କୃତି ଏବଂ ସଭ୍ୟତାର ଖ୍ରୀଷ୍ଟ' ଭାବରେ ଚିତ୍ରିତ କରିଛନ୍ତି ଓ କହିଛନ୍ତି – 'ଅରବିନ୍ଦ ରବୀନ୍ଦ୍ରର ଲେହ ନମସ୍କାର' ।



ଶ୍ରୀଅରବିନ୍ଦ ୧୫ ଅଗଷ୍ଟ ୧୮୭୨ ମସିହାରେ କଲିକତାର ଏକ ପ୍ରତିଷ୍ଠିତ ବଙ୍ଗଳା ପରିବାରରେ ଜନ୍ମଗ୍ରହଣ କରିଥିଲେ ।ସେ ତାଙ୍କ ପିତାମାତାଙ୍କର ତୃତୀୟ ସନ୍ତାନ ଥିଲେ । ତାଙ୍କ ପିତା କୃଷ୍ଣଧନ ଘୋଷ ବୃତ୍ତି ଅନୁଯାୟୀ ଜଣେ ଡାକ୍ତର ଥିଲେ । ତାଙ୍କ ମାତା ସ୍ୱର୍ଣ୍ଣଲତା ଦେବୀ ଭାରତୀୟ ପରମ୍ପରାର ଜଣେ ସମର୍ଥକ ତଥା ପ୍ରଶଂସକ ଥିଲେ । ୧୮୭୯ ମସିହାରେ ସାତବର୍ଷ ବୟସରେ ଅରବିନ୍ଦଙ୍କୁ ତାଙ୍କର ଅନ୍ୟ ଦୁଇଭାଇଙ୍କ ସହ ତାଙ୍କ ପିତାଙ୍କ ଦ୍ୱାରା ଇଂଲଣ୍ଡ ପଠାଯାଇଥିଲା । ଇଂଲଣ୍ଡରେ ସେ ପ୍ରଥମେ ଡ୍ରୁଏଟ୍ ପରିବାର ସହିତ ମାଞ୍ଚେଷ୍ଟରରେ ରହିଲେ । ଯେଉଁଠାରେ ସେ ଇଂରାଜୀ ଓ ଲାଟିନ୍ ଭାଷାରେ ସଂପୂର୍ଣ୍ଣ ତାଲିମ ପ୍ରାପ୍ତ ହୋଇଥିଲେ । ଇଂଲଣ୍ଡରେ ଥାଇ ମଧ୍ୟ ସେ ତାଙ୍କ ମାତୃଭୂମିକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରିବାର ସ୍ୱପ୍ନ ଦେଖିଥିଲେ ।

୧୮୯୩ ମସିହାରେ ଦୀର୍ଘ ଚଉଦ ବର୍ଷର ବ୍ୟବଧାନ ପରେ ଅରବିନ୍ଦ ଭାରତକୁ ଫେରି ଆସିଲେ । ବରୋଦାର ରାଜା ସାୟାଜୀ ରାଓ ଗାଇକ୍ୱାଡ୍ ତାଙ୍କୁ ତାଙ୍କ ରାଜ୍ୟରେ ଯୋଗଦେବାକୁ ପ୍ରବର୍ତ୍ତାଇଲେ । ସେ ପ୍ରଥମେ ରାଜସ୍ୱ ବିଭାଗରେ ବରୋଦା ରାଜ୍ୟ ସେବାରେ, ପରେ ଇଂରାଜୀ ପ୍ରଫେସର ଏବଂ ଶେଷରେ ନ୍ୟାସନାଲ୍ କଲେଜରେ କାର୍ଯ୍ୟକାରୀ ପ୍ରଧାନ ଆଚାର୍ଯ୍ୟ ଭାବେ ଯୋଗ ଦେଇଥିଲେ । ଅରବିନ୍ଦ କହିଛନ୍ତି, "ଏଗୁଡ଼ିକ ଥିଲା ସାହିତ୍ୟିକ କାର୍ଯ୍ୟର ଆତ୍ମସଂସ୍କୃତିର ବର୍ଷ ଏବଂ ଭବିଷ୍ୟତ କାର୍ଯ୍ୟ ପାଇଁ ପ୍ରସ୍ତୁତି । ଭାରତର ସବୁକିଛି ଅଧ୍ୟୟନ କରି ସେ ବିଶ୍ୱାସ କଲେ ଯେ ଭାରତରେ ସବୁକିଛି ହିଁ ଭଲ । ଏହାର ଶାସ୍ତ୍ର-ପୁରାଣାଦି ଓ କାବ୍ୟ ସାହିତ୍ୟାଦି ତ ଭଲ, ଏହାର ମନୁଷ୍ୟମାନଙ୍କର ସରଳ ବିଶ୍ୱାସ ମଧ୍ୟ ଭଲ । ପୂର୍ବରୁ ସେ ଭଗବାନଙ୍କ ଉପରେ ବିଶ୍ୱାସ କରୁନଥିଲେ କିନ୍ତୁ ଭାରତକୁ ଆସିବା ପରେ ସେ ଭଗବାନଙ୍କ ଉପରେ ବିଶ୍ୱାସ କଲେ । ପ୍ରାୟ ଚବିଶ ବର୍ଷ ବୟସରୁ ସେ ତାଙ୍କର ଦେଶୋଦ୍ଧାର ବ୍ରତ ପାଳନର କାର୍ଯ୍ୟ ରୀତିମତ ଆରମ୍ଭ କଲେ । ସେ ଦେଶସେବକମାନଙ୍କୁ ନେଇ ଅନେକ ଦଳ ମଧ୍ୟ ଗଠନ କରିଥିଲେ ।

ସର୍ବପ୍ରଥମେ ବଙ୍ଗଦେଶରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହା ଠିକ୍ ଗାନ୍ଧିଜୀଙ୍କ ଆଦର୍ଶରେ ଅହିଂସା ଅସହଯୋଗ ନଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ, ସେମାନଙ୍କର ଶାସନ ବ୍ୟବସ୍ଥାକୁ ନ ମାନି ଆମ୍ଭେମାନେ ତା' ପାଖାପାଖି ଏକ ଅଲଗା ଶାସନ ବ୍ୟବସ୍ଥା ଛିଡ଼ା କରାଇବୁ, ଅର୍ଥାତ୍ ସେମାନଙ୍କର ପ୍ରଭୁତ୍ୱକୁ ସ୍ୱୀକାର କରିବୁ ନାହିଁ । ଶ୍ରୀଅରବିନ୍ଦ ପରେ ଏ ବିଷୟରେ ସ୍ପଷ୍ଟ ଭାବରେ ବୁଝାଇ ଦେଇଥିଲେ "ଆମ୍ଭମାନଙ୍କର ସ୍ୱରାଜ ସଂକଳ୍ପ ମଧ୍ୟରେ ଅନ୍ୟ ଜାତି ଉପରେ ଅଥବା ସେମାନଙ୍କ ଶାସନତନ୍ତ୍ର ଉପରେ କୌଣସି ଆକ୍ରୋଶ ନାହିଁ । ଆମ୍ଭେମାନେ ଚାହୁଁ କେବଳ ଅମଲାତନ୍ତ୍ର ପରିବର୍ତ୍ତେ ପ୍ରଜାତନ୍ତ୍ର, ବିଦେଶୀ କର୍ତ୍ତୃତ୍ୱ ବଦଳରେ ସ୍ୱଦେଶୀ କର୍ତ୍ତୃତ୍ୱ ।

ଏହାହିଁ ସ୍ୱାଭାବିକ ଇଚ୍ଛା । ସେ ବହୁ ସ୍ଥାନକୁ ଯାଉଥିଲେ । ଯେଉଁଠାକୁ ସେ ଯାଉଥାଆନ୍ତି, ଲୋକେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା କରୁଥିଲେ । ସେ ବିପ୍ଳବାତ୍ମକ କଥା ସହିତ ଭଗବାନଙ୍କର କଥାକୁ ମିଶାଇ ଅଦ୍ଭୁତ ବକ୍ତୃତା ଦେଉଥିଲେ ଯାହା ଲୋକେ ଆଗରୁ ଶୁଣି ନଥିଲେ । ତାଙ୍କର ବକ୍ତବ୍ୟ ଏବଂ ଲେଖାରେ ସାହସିକତା ହେତୁ ତାଙ୍କୁ ବ୍ରିଟିଶ ରାଜନୀତିର ଟାର୍ଗେଟ୍ କରାଯାଇଥିଲା । ଇତି ମଧ୍ୟରେ ସେ ବହୁବାର କାରାଦଣ୍ଡ ମଧ୍ୟ ଭୋଗ କରିଥିଲେ ।


ଅବଶେଷରେ ଶ୍ରୀଅରବିନ୍ଦଙ୍କର ଜୀବନବ୍ୟାପୀ ଐକାନ୍ତିକ କାମନା ସଫଳ ହେଲା । ତାଙ୍କ ଜୀବଦ୍ଦଶାରେ ଭାରତ ସ୍ୱାଧୀନ ହେଲା । କେବଳ ସେତିକି ନୁହେଁ । ତାଙ୍କରି ହିଁ ଜନ୍ମଦିନରେ ଭାରତର ସ୍ୱାଧୀନତା ଦିବସ ପାଳନ କରାଗଲା । ସେହି ତାରିଖ ଉପଲକ୍ଷେ ଭାରତର ସ୍ୱାଧୀନତା ଦିବସରେ ସେ ଗୋଟିଏ ବାଣୀ ଦେଇଥିଲେ । ତାଙ୍କର ସେଇ କଥାଗୁଡ଼ିକ ଆମ୍ଭମାନଙ୍କ ମନରେ ଚିରସ୍ମରଣୀୟ ହୋଇ ରହିବା ବାଞ୍ଛନୀୟ । ସେ ତାଙ୍କର ଦେଖିଥିବା ପାଞ୍ଚଟି ସ୍ୱପ୍ନ ବିଷୟରେ ଉଲ୍ଲେଖ କରିଥିଲେ । ସେଗୁଡ଼ିକ ମଧ୍ୟରେ –

ପ୍ରଥମ ସ୍ୱପ୍ନଟି ହେଲା– ଏହି ବହୁଭେଦଯୁକ୍ତ ଭାରତ ମଧ୍ୟରେ ଐକ୍ୟ ଭାବ ସୃଷ୍ଟି କରିବା ପାଇଁ ବ୍ୟାପକ ଆନ୍ଦୋଳନ କରିବା ଓ ଭାରତକୁ ସ୍ୱାଧୀନ ଏବଂ ଅଖଣ୍ଡ କରିବା । ଯାହାକି କିଛି ମାତ୍ରାରେ ସଫଳ ହୋଇଛି । ଦ୍ୱିତୀୟ ସ୍ୱପ୍ନଟି ଥିଲା– ସମଗ୍ର ଏସିଆର ମୁକ୍ତିର ଜାଗରଣ । ଏଇ ସ୍ୱପ୍ନଟି ମଧ୍ୟ ବର୍ତ୍ତମାନ ସଫଳ ହେବା ପଥରେ ଚାଲିଛି । ତୃତୀୟ ସ୍ୱପ୍ନଟି – ଜଗତର ସକଳ ଜାତିର ସକଳ ମନୁଷ୍ୟଙ୍କୁ ନେଇ ଏକ ବିଶ୍ୱମିଳନ ଘଟିବ, ବିଶ୍ୱ ଜାତିସଂଘ ପ୍ରତିଷ୍ଠା ହେବ । ଏଥିରେ ପ୍ରବଳ ବାଧା ଥିଲେ ମଧ୍ୟ ଏହି ମହାମିଳନର କାର୍ଯ୍ୟ ଧୀରେ ଧୀରେ ଆଗେଇ ଚାଲିଛି । ପଥ ପୂର୍ବେପେକ୍ଷା ଅଧିକ ପରିମାଣରେ ପ୍ରଶସ୍ତ ହୋଇଛି । ଚତୁର୍ଥ ସ୍ୱପ୍ନ-ଭାରତର ସମସ୍ତ ଜଗତକୁ ଦାନ କରିବ ତା'ର ଅମୂଲ୍ୟ ଆଧାତ୍ମିକ ଶିକ୍ଷାବଳୀ । ୟୁରୋପ ଓ ଆମେରିକା ଇତ୍ୟାଦି ଦେଶରେ ଏହି କାର୍ଯ୍ୟ ଇତି ମଧ୍ୟରେ ଆରମ୍ଭ ହୋଇଯାଇଛି । କ୍ରମଶଃ ତାହା ଆହୁରି ବଢ଼ିଯିବ । ଶେଷ ସ୍ୱପ୍ନ ଥିଲା ସମସ୍ତ ମାନବଜାତି ବିବର୍ତ୍ତନର ଯାତ୍ରା ପଥରେ ଆହୁରି ଏକ ସ୍ତର ବଢ଼ିଯିବ । ମନୁଷ୍ୟ ଜୀବନର ଯେଉଁ ସବୁ ଜଟିଳ ପ୍ରଶ୍ନର ସମାଧାନ ଆଜି ପର୍ଯ୍ୟନ୍ତ କରାଯାଇପାରିନି, ସେସବୁ ପ୍ରଶ୍ନର ସମାଧାନ ଏଥର ଖୁବ୍ ସହଜ ହୋଇଯିବ । ସେ ଆହୁରି ମଧ୍ୟ କହିଥଲେ, 'ସମଗ୍ର ବିଶ୍ୱ ହେବ କ୍ରିୟାର କ୍ଷେତ୍ର, କିନ୍ତୁ ଭାରତ ହେବ ତାହାର ମୂଳକେନ୍ଦ୍ର' ।

ସେ ୧୯୫୦ ଡିସେମ୍ବର ୫ରେ ନିଜ ସ୍ଥୂଳ ଶରୀର ତ୍ୟାଗ କରିଥିଲେ । କିନ୍ତୁ ଆଜି ମଧ୍ୟ ସେ ଆମ ଗହଣରେ ଉପସ୍ଥିତ ଅଛନ୍ତି ଓ ଆମକୁ ସଠିକ୍ ମାର୍ଗ ଦେଖାଉଛନ୍ତି । ବର୍ତ୍ତମାନର ଜାଗତିକ ପରିସ୍ଥିତିର ନାମା ଗଣ୍ଡଗୋଳ ଓ ବିପର୍ଯ୍ୟୟ ସଂପର୍କରେ ସେ କହିଛନ୍ତି ଯେ ଏଗୁଡ଼ିକ ଆସନ୍ନ ସୁର୍ଯ୍ୟୋଦୟର ପୂର୍ବ ଲକ୍ଷଣ । ଆଲୋକ ଉଦିତ ହେବା ପୂର୍ବରୁ ଶେଷ ଅନ୍ଧକାର । ସେ କହିଛନ୍ତି, 'ମନୁଷ୍ୟର ଜ୍ଞାନ ଓ ଚେତନା ଏହାଠୁ ଆହୁରି ବେଶି ବିକଶିତ ହେବ । ଜଗତର ମନୁଷ୍ୟଙ୍କୁ ବଞ୍ଚାଇବା ନିମିତ୍ତ ଶ୍ରୀ ଅରବିନ୍ଦଙ୍କର କଥା ଶେଷ ପର୍ଯ୍ୟନ୍ତ ଶୁଣିବାକୁ ହେବ । ସେ ଆହୁରି ମଧ୍ୟ କହିଛନ୍ତି, 'ଭାରତ ହିଁ ହେବ ଏ ବିଷୟରେ ସମସ୍ତଙ୍କର ଗୁରୁ' । ଭାରତ ହିଁ ଜଗତର ସକଳ ମନୁଷ୍ୟଙ୍କୁ ବଞ୍ଚାଇବ, ସେମାନଙ୍କ ଭିତରେ ଯଥାର୍ଥ ମିଳନ ଓ ଶାନ୍ତି ଆଣିଦେବ । ବନ୍ଦେ ମାତରଂ ।

–୦–

ଦଶମ ଶ୍ରେଣୀ ଛାତ୍ରୀ
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଲ୍ଲିକୋଟ, ଗଂଜାମ





# ନବଭାରତ ନିର୍ମାଣ ଏକ ସଂକଳ୍ପବଦ୍ଧ ଆହ୍ୱାନ

**ପ୍ରବୋଧ ଚନ୍ଦ୍ର ମୁଦ୍ରା**

ରତ୍ନାକରଧୌତପଦାଂ ହିମାଳୟକିରୀଟିନୀମ୍ ।
ବ୍ରହ୍ମରାଜର୍ଷିରତ୍ନାଢ୍ୟାଂ ବନ୍ଦେ ଭାରତମାତରମ୍ ।।

ପୂତ ଆର୍ଯ୍ୟାବର୍ତ୍ତ ପୁଣ୍ୟଭୂମି ଭାରତମାତା ଯାହାର ପବିତ୍ର ପଦଯୁଗଳକୁ ରତ୍ନାକର ବିଧୌତ କରୁଥାଏ ଏବଂ ନଗାଧିରାଜ ହିମାଳୟ ମୁକୁଟ ସଦୃଶ ଯାହାର ମସ୍ତକରେ ଶୋଭାପାଏ, ଯେଉଁ ପାବନମାଟିରେ ବ୍ରହ୍ମର୍ଷି ଓ ରାଜର୍ଷିଙ୍କ ପରି ମହାସିଦ୍ଧ ସାଧକମାନେ ଏହି ମହିୟସୀ ରାଷ୍ଟ୍ରମାତୃକାର ଯଶଗାନ କରିଥିଲେ, ସେହି ଭାରତମାତାକୁ ଶତତ ନମନ ।

ଗାୟନ୍ତି ଦେବା କିଳ ଗୀତକାନି
ଧନ୍ୟାସ୍ତୁତେ ଭାରତଭୂମି ଭାଗେ ।
ସ୍ୱର୍ଗାପବର୍ଗାସ୍ପଦମାର୍ଗଭୂତେ
ଭବନ୍ତି ଭୂୟୋ ପୁରୁଷାଃ ସୁରତ୍ୱାତ୍ ।।

ସ୍ୱର୍ଗର ଦେବତାମାନେ ମଧ୍ୟ ନିରନ୍ତର ଭାବେ ଯାହାର ସ୍ତୁତିଗାନ କରୁଥାନ୍ତି, ଯେଉଁ ପୂର୍ବଜମାନେ ସ୍ୱର୍ଗ ଓ ଅପବର୍ଗର ମାର୍ଗଭୂତ ହୋଇ ଏହି ଭାରତବର୍ଷରେ ଜନ୍ମ ନେଇଛନ୍ତି, ସେହି ମହାତ୍ମାମାନେ ଆମ ଦେବତାଙ୍କ ଅପେକ୍ଷା ଧନ୍ୟ ଏବଂ ଚିରଯଶସ୍ୱୀ ଅଟନ୍ତି ।

ପ୍ରାଚୀନ ଭାରତରେ ଯଦ୍ୟପି ବେଦ-ବେଦାନ୍ତ-ଦର୍ଶନ ଶାସ୍ତ୍ର-ପୁରାଣ-ଇତିହାସ-ଯୋଗ-ଚିକିତ୍ସା-ରାଜନୀତି-ଅର୍ଥନୀତି-କଳା-ସଂସ୍କୃତି-ଐତିହ୍ୟ ଓ ପାରମ୍ପରିକ ଶିକ୍ଷା ଏବଂ ଜ୍ଞାନରେ ସୁସମୃଦ୍ଧ ଥିଲା, କିନ୍ତୁ ଆଧୁନିକ ଜ୍ଞାନକୌଶଳର ବିଶେଷ ଅଭିବୃଦ୍ଧି ଘଟିନଥିଲା । ବିଗତ ୮୦ ଦଶନ୍ଧିରୁ ଏଯାବତ୍ ଯତ୍‌କିଞ୍ଚିତ୍ ଅଗ୍ରଗତି ପରିଦୃଷ୍ଟ ତାହା ଅନ୍ୟ ପାଶ୍ଚାତ୍ୟ ଦେଶ ତୁଳନାରେ ଅତି ନଗଣ୍ୟ । ପରବର୍ତ୍ତୀ ପର୍ଯ୍ୟାୟରେ କ୍ରମାଗତ ଭାବେ ନୂତନ ଜ୍ଞାନ କୌଶଳର ଅବଲମ୍ବନରେ ଭାରତ ଏକ ବିକାଶୋନ୍ମୁଖୀ ରାଷ୍ଟ୍ର ଭାବେ ପରିଗଣିତ ହେଲା ।

ଏହି ରାଷ୍ଟ୍ରକୁ ଏକ ନବଭାରତ ବା ନ୍ୟୁ ଇଣ୍ଡିଆର ପରିକଳ୍ପନା ନିମନ୍ତେ ଆଜି ଆମେ ଉଦ୍ୟତ ଓ ସଂକଳ୍ପବଦ୍ଧ । ଏହାର ପୃଷ୍ଠଭୂମି ତିଆରି କରିବାରେ ଯେଉଁ କତିପୟ ବିଭୂତିଙ୍କ ଅଗ୍ରଣୀ ଭୂମିକା ରହିଥିଲା ସେମାନେ ହେଲେ ସ୍ୱାମୀ ବିବେକାନନ୍ଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ କ୍ରାନ୍ତିକାରୀ ସହିତ ଭଗତ୍ ସିଂ । ସ୍ୱାମୀ ବିବେକାନନ୍ଦ ନବଜାଗରଣର ପ୍ରତୀକ ଥିଲେ । ସେ ନବ ଭାରତ ନିର୍ମାଣ ନିମନ୍ତେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ ଓ ଦେଶକୁ ଶକ୍ତିଶାଳୀ କରିବାର ପ୍ରେରଣା ମଧ୍ୟ ଦେଇଥିଲେ । ଯୁବକମାନଙ୍କୁ ବିଶ୍ୱବିଜୟର ମୂଳମନ୍ତ୍ର ଦେବା ସହ ବିଶ୍ୱବିଜୟୀ ହେବା ପାଇଁ ଉପଯୁକ୍ତ ଶିକ୍ଷା ମଧ୍ୟ ପ୍ରଦାନ କରିଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ନବନିର୍ମାଣର ପକ୍ଷଧର ଥିଲେ । ସ୍ୱାଧୀନତା ପରବର୍ତ୍ତୀ ଭାରତର ସେ କେବଳ ନବ ନିର୍ମାତା ନଥିଲେ, ଏହାର ପୃଷ୍ଠଭୂମି ମଧ୍ୟ ସଂରଚନା କରିଥିଲେ ।

ସହିଦ ଭଗତ ସିଂ ନବ ଭାରତ ନିର୍ମାଣର ସ୍ୱପ୍ନ ଦେଖିଥିଲେ । ଏଥିପାଇଁ ସେ ଯୁବ ସଂପ୍ରଦାୟକୁ ମଧ୍ୟ ପ୍ରେରଣା ଦେଇଥିଲେ । ନବ ଭାରତ ନିର୍ମାଣ ଯୋଜନା (Making of New India Planning)ର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଦେଶର ସମସ୍ତ ନାଗରିକ ନିଶ୍ଚିତ ସାକ୍ଷର, ରୋଜଗାରକ୍ଷମ ଏବଂ ସୁସ୍ଥ ଓ ସବଳ ହେବେ । ଦେଶରୁ ଗରିବୀ, ଅଶିକ୍ଷା, ଭ୍ରଷ୍ଟାଚାର ଏବଂ ବେରୋଜଗାରୀ ସମସ୍ୟାରୁ ସମସ୍ତେ ମୁକ୍ତ ହେବା ସହ ସ୍ୱାବଲମ୍ବୀ ବା ଆତ୍ମନିର୍ଭରଶୀଳ ହେବେ । ଦେଶର ଯେଉଁମାନେ ଅନ୍ନଦାତା ତଥା ରାଷ୍ଟ୍ରର ଜୀବନରକ୍ଷକ କୃଷକଭାଇମାନଙ୍କ ଆତ୍ମସମ୍ମାନ ସହ ସୁଖମୟ ଜୀବନଯାପନ କରିପାରିବେ, ଋଣଭାର କାରଣରୁ ସେମାନଙ୍କୁ ଆତ୍ମହତ୍ୟା କରିବାକୁ ପଡ଼ିବ ନାହିଁ । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ତିନି ମୂଳଲକ୍ଷ୍ୟ ହେଲା- ଜ୍ଞାନ ଭାରତ, ଧ୍ୟାନ ଭାରତ ଏବଂ ଯୋଗ ଭାରତ । ଭାରତବର୍ଷ ଏକ ଅପରାଧ ମୁକ୍ତ ସୁରକ୍ଷିତ ଏବଂ ସଂରକ୍ଷିତ ରାଷ୍ଟ୍ର ଭାବେ ବିବେଚିତ ହେବ ।

ଯେଉଁ ମହାପୁରୁଷମାନେ ନବଭାରତ ନିର୍ମାଣ ପୃଷ୍ଠଭୂମି ତିଆରି କରିଥିଲେ ତାହା ଆଜି ନ୍ୟୁ ଇଣ୍ଡିଆ ରୂପରେ ଆମର ନିକଟତର ହୋଇପାରିଛି । ଯାହା ଏକ ନୂତନ ଯୁଗର ଅୟମାରମ୍ଭର ପ୍ରାକ୍ ସୂଚନା । ରାଷ୍ଟ୍ର ପ୍ରଗତିରେ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ଅଭିନବ ପ୍ରୟାସ ଆଗାମୀ ୧୫ ବର୍ଷ ମଧ୍ୟରେ ନୂଆ ଭାରତ ନିର୍ମାଣ ନିମନ୍ତେ ଦୀର୍ଘାବଧି ଦୃଷ୍ଟି ବା Vision

Document ର ପ୍ରକ୍ରିୟା ଆରମ୍ଭ ହୋଇସାଇଛି । ଏହାର ଏକ Action Agenda ନୀତି ଆୟୋଗ ଦ୍ୱାରା ସ୍ଥିରୀକୃତ ହୋଇଛି । କେନ୍ଦ୍ର ସରକାରଙ୍କ ଏହି ବଳିଷ୍ଠ ଯୋଜନା (Planning) ଯଦି କାର୍ଯ୍ୟକାରୀ ହେବ ତେବେ ଭାରତକୁ କେବଳ ବିକାଶଶୀଳ ବା ବିକାଶୋନ୍ମୁଖୀ ରାଷ୍ଟ୍ର କୁହାଯିବ ନାହିଁ, ବରଂ ଏହା ଏକ ବିକଶିତ ଦେଶମାନଙ୍କର ଶ୍ରେଣୀ ଅନ୍ତର୍ଭୁକ୍ତ ହେବ । (Now India is developing Country, but in future the nation is going to be one of the developed countries in the world) ଏହା ବିନା ଦ୍ୱିଧାରେ ସ୍ୱୀକାର୍ଯ୍ୟ । ଏହି ପଞ୍ଚଦଶ ବର୍ଷୀୟ ଯୋଜନା ଅନୁଯାୟୀ ପ୍ରତି ଘରେ ଶୌଚାଳୟ, ଏଲ୍‌ପିଜି, ବିଦ୍ୟୁତ୍, ଡିଜିଟାଲ କନେକ୍ସନ୍ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସେବା ଉପଲବ୍ଧ ହେବ । ନାଗରିକଙ୍କୁ ଏପରି ଭାବେ ଅର୍ଥୋପାର୍ଜନ ସକ୍ଷମ କରାଯିବ, ଯଦ୍ୱାରା ସେ ନିଜ ପାଇଁ ଅତି କମ୍‌ରେ ଦୁଇ ଚକିଆ ଯାନ କିଣିପାରିବ । ଦେଶରେ ଶତପ୍ରତିଶତ ସାକ୍ଷରତା ସୃଷ୍ଟିକରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସ୍ୱାସ୍ଥ୍ୟସେବା ସମସ୍ତଙ୍କର ଅତି ନିକଟତର ହୋଇପାରିବ । ନ୍ୟୁ ଇଣ୍ଡିଆ ଯୋଜନା ମାଧ୍ୟମରେ ପଲ୍ଲୀ ଠାରୁ ବୃହତ୍ ସହର ପର୍ଯ୍ୟନ୍ତ ଉନ୍ନତମାନର ପକ୍କା ସଡ଼କ, ଅପହଞ୍ଚ ତଥା ଅନଗ୍ରସର କ୍ଷୁଦ୍ର ସହରମାନଙ୍କରେ ରେଲୱେ ସଂଯୋଗ ଓ ଆଧୁନିକୀକରଣ ଏବଂ ସମୁଦ୍ର ଓ ଉଡ଼ାଜାହାଜ ମାର୍ଗ ନିମନ୍ତେ ପଦକ୍ଷେପ ନିଆଯିବ । ସ୍ୱଚ୍ଛ ଭାରତ ଯୋଜନା ଅନ୍ତର୍ଗତ ଗ୍ରାମ ଓ ସହରର ପରିମଳ ବ୍ୟବସ୍ଥାରେ ପରିବର୍ତ୍ତନ । ଏଥିସହିତ ପର୍ଯ୍ୟାବରଣୀୟ ସ୍ୱଚ୍ଛତା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯିବ । ନ୍ୟୁ ଇଣ୍ଡିଆର ସ୍ୱପ୍ନକୁ ସାକର କରିବା ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କୃଷିର ଉନ୍ନତି କଳ୍ପେ କୃଷକଙ୍କୁ ସଶକ୍ତ କରିବା ଜରୁରୀ ବୋଲି ଆହ୍ୱାନ ଦେଇଛନ୍ତି ।

ଉପସଂହାରରେ ଏତିକି ହିଁ କୁହାଯାଇପାରେ ଯେ, ଜାତି-ବର୍ଣ୍ଣ-ଧର୍ମ- ଲିଙ୍ଗ ଓ ଦଳମତ ନିର୍ବିଶେଷରେ ଐକ୍ୟବଦ୍ଧ ଭାବେ ଏହି ନବଭାରତ ନିର୍ମାଣ ଯୋଜନାକୁ ସ୍ୱାଗତ କରିବା ସହ ସଂକଳ୍ପବଦ୍ଧ ହୋଇ ରାଷ୍ଟ୍ର ପ୍ରଗତିରେ ପ୍ରଚୋଦିତ ହେଲେ ଭାରତ ଅବଶ୍ୟ ସମଗ୍ର ବିଶ୍ୱରେ ଚିର ବନ୍ଦିତ ହେବ ।

ଏତଦେଶ ପ୍ରସୂତସ୍ୟ ସକାଶାଦଗ୍ରଜନ୍ମନଃ ।
ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ॥

-୦-





# ନବଭାରତର ସେବାର ପ୍ରତିମୂର୍ତ୍ତି: ମଦର ଟେରେସା

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ**

ଜନ୍ମ ମୃତ୍ୟୁ ହେଉଛି ଜୀବନର ଚିରନ୍ତନ ସତ୍ୟ । ମଣିଷ ନିଜର ଉନ୍ନତି ପାଇଁ ମୃତ୍ୟୁ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଥାଏ, କିନ୍ତୁ ଏମିତି ମଣିଷ ଅଛନ୍ତି ଅନ୍ୟମାନଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିସାରିଛନ୍ତି । ତୁଳସୀ ଦୁଇପତ୍ରରୁ ବାସିଲା ପରି ସେ ଦିନେ ଉତ୍ସର୍ଗୀକୃତ ଜୀବନ ବିତାଇବେ ତାହା ତାଙ୍କ ପିଲାଦିନରୁ ଜଣାପଡ଼ିଥିଲା । ସେ ଆଉ କେହି ନୁହଁନ୍ତି, ଦୟା, କ୍ଷମା ଓ କରୁଣାର ଜୀବନ୍ତ ପ୍ରତିମା ମା' ମଦର ଟେରେସା । ବେସାହାରାକୁ ସାହାରା, ଅନାହାରକୁ ଆହାର, ଅନାଥ ଶିଶୁଙ୍କୁ ଶିକ୍ଷାଦେବା ଜୀବନର ଲକ୍ଷ୍ୟ ଥିଲା । ସମଗ୍ର ମାନବ ଜାତିର ମା' ସାଜି ନିଜ ଜୀବନକୁ ସମର୍ପଣ କରିଦେଇଛନ୍ତି । ସେ ମହାନ୍ ଆତ୍ମା ଆଜି ମରି ସୁଦ୍ଧା ଅମର ।

ସେ ୧୯୦୦ ମସିହା ଅଗଷ୍ଟ ୨୬ ତାରିଖ ଯୁଗୋସ୍ଲୋଭିଆର ଏକ ଆଲ୍‌ବେନୀୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ନାମ ଥିଲା ଆଗ୍ନେସ ଗୋନ୍‌ସା ବୋୟାଜୁ । ତାଙ୍କର ପିତାଙ୍କ ନାମ ଥିଲା ନିକୋଲା ବୋୟାଜୁ ଏବଂ ମାତାଙ୍କ ନାମ ଡ୍ରାନା ବୋୟାଜୁ । ପିତା ବ୍ୟବସାୟ କରୁଥିବା ବେଳେ ମାତା ପୋଷାକ ଏମ୍ବ୍ରୋଡେରୀ କରି ପରିବାର ପ୍ରତିପୋଷଣ କରୁଥିଲେ । ଆଗ୍ନେସଙ୍କୁ ୮ ବର୍ଷ ବୟସ ହୋଇଥିବା ବେଳେ ପିତା ନିକୋଲା ବୋୟାଜୁ ଦେହତ୍ୟାଗ କରିଥିଲେ । ମାତା ଡ୍ରାନା ବୋୟାଜୁ ଆର୍ଥିକ ଅଭାବ ଅନାଟନ ସତ୍ତ୍ୱେ ପରିବାର ଚଳେଇବା ସହ ଦୁଃଖିରଙ୍କୁ ସାହାଯ୍ୟ କରୁଥିଲେ । ସେ ଜଣେ ସାହସୀ ମହିଳା ଥିଲେ । ମା'ଙ୍କର ଏହି ଗୁଣ ଆଗ୍ନେସଙ୍କୁ ବହୁଳ ମାତ୍ରାରେ ପ୍ରଭାବିତ କରିଥିଲା ।

ସେ ପ୍ରାଇଭେଟ୍ କ୍ୟାଥୋଲିକ୍ ସ୍କୁଲରେ ଶିକ୍ଷା ପୁରା କରିଥଲେ । ଭଲ ପାଠ ପଢ଼ିବା ସହିତ ସୁନ୍ଦର ଗୀତ ମଧ୍ୟ ଗାଉଥିଲେ । ଚର୍ଚ୍ଚରେ ସୁନ୍ଦର ସ୍ୱରରେ ଯୀଶୁଙ୍କର ମହିମା ଗାନ କରୁଥିଲେ । ଆଗ୍ନେସ୍ ଗ୍ରାଜୁଏସନ୍ ପାସ୍ କଲାପରେ ୧୮ ବର୍ଷ ବୟସରେ ୧୯୨୮ ମସିହାରେ ଘର ଛାଡ଼ି ଆୟାରଲ୍ୟାଣ୍ଡର ଡବ୍‌ଲିନ୍ ସହରରେ 'ସିଷ୍ଟର୍ସ ଅଫ୍ ଲରେଟୋ'ରେ ସାମିଲ ହେଲେ । ସେଠାରେ ଏକ ଇନ୍‌ଷ୍ଟିଚ୍ୟୁଟ୍‌ରେ ନନ୍‌ର ଟ୍ରେନିଂ ନେଲେ । ନନ୍ ହେବାପରେ ସେ 'ସିଷ୍ଟର୍ସ ମେରୀ ଟେରେସା' ନାମରେ ପରିଚିତ ହେଲେ । ସେଠାରେ ପରିବେଶ ଅନୁକୂଳ ନଥିବାରୁ ଇଂରାଜୀ ଓ ହିନ୍ଦୀ ଭାଷା ଶିକ୍ଷା କରି ୧୯୨୯ ମସିହାରେ ଭାରତ ଆସିଲେ । ୧୯୩୧ ମସିହାରେ କଲିକତା କନଭେଣ୍ଟ୍ ସ୍କୁଲର ଇତିହାସ ଓ ଭୂଗୋଳ ଶିକ୍ଷୟିତ୍ରୀ ରୂପେ ଯୋଗ ଦେଇଥିଲେ । ପରେ ୧୯୪୪ ମସିହାରେ ସେହି ସ୍କୁଲରେ ଅଧକ୍ଷା ଭାବେ କାମ କଲେ । କଲିକତାରେ କୁଷ୍ଠରୋଗୀଙ୍କ ପାଇଁ 'ଗାନ୍ଧିଜୀ ପ୍ରେମ ନିବାସ' ନିର୍ମାଣ କରିଥିଲେ । ସମାଜ ଯେତେବେଳେ କୁଷ୍ଠରୋଗୀଙ୍କୁ ଘୃଣାଚକ୍ଷୁରେ ଦେଖୁଥିଲା ସେତେବେଳେ ଆଗ୍ନେସ୍ ନିଜ ହାତରେ ପୂଜ ରକ୍ତ ସଫା କରି ମାତୃତ୍ୱର ପରିଚୟ ଦେଇଥିଲେ । ନର୍ସିଂ ଟ୍ରେନିଂ ସାରି କଲିକତାରେ ରହଣୀ ସମୟରେ ଗରିବ, ଦୁଃଖି, ରୋଗୀ ଓ ଅସହାୟ ଲୋକମାନଙ୍କୁ ଦେଖି ତାଙ୍କ ହୃଦୟ ଆନ୍ଦୋଳିତ ହେବାକୁ ଲାଗିଲା । ସେ ଅନୁଭବ କଲେ ଯେ ସ୍ୱୟଂ ଯୀଶୁ କହୁଛନ୍ତି ଯେ, ତୁମେ ଦୁଃଖୀ ଦରିଦ୍ର, ରୋଗୀ, ଅସହାୟମାନଙ୍କର ସେବା କର । ସେବାର ମନୋଭାବ ଦ୍ୱିଗୁଣିତ ହୋଇଗଲା । ୧୯୫୦ ମସିହା ଅକ୍ଟୋବର ୭ ତାରିଖରେ 'ମିଶନାରୀ ଅଫ୍ ଚାରିଟି ମିଶନ୍' ଗଠନ କଲେ । ଅନାଥ ଅବହେଳିତଙ୍କ ସେବା ଥିଲା ଏହି ମିଶନର ଲକ୍ଷ୍ୟ । ଦରିଦ୍ର ସେବାହିଁ ଭଗବାନଙ୍କ ସେବା ବୋଲି କହୁଥିଲେ । ସେ ଆଗ୍ନେସରୁ ବନିଗଲେ 'ମଦର୍ ଟେରେସା' ।

ମଦର ଟେରେସା ଦେଶରେ ୧୩୨ଟି ସେବାଶ୍ରମ ସ୍ଥାପନ କରିଥିଲେ । ଏହି ସଂସ୍ଥାର ୩୦୦ଟି ସହଯୋଗୀ ସଂସ୍ଥା ଓ ବିଶ୍ୱରେ ୧୨୩ଟି ସଂସ୍ଥା କାର୍ଯ୍ୟ କରୁଅଛି । ମୃତ୍ୟୁବେଳକୁ ୪୦୦୦ ସିଷ୍ଟର୍ସ କାର୍ଯ୍ୟରତ ଥିଲେ । ୧୯୬୨ରେ ସେ 'ପଦ୍ମଶ୍ରୀ' ସମ୍ମାନ, ୧୯୮୦ରେ 'ଭାରତରତ୍ନ', ୧୯୮୫ରେ ଆମେରିକା ସରକାରଙ୍କ ଦ୍ୱାରା 'ମେଡାଲ୍ ଅଫ୍ ଫ୍ରିଡମ୍ ଆୱାର୍ଡ଼' ଓ ୧୯୭୯ରେ 'ନୋବେଲ' ପୁରସ୍କାର ପାଇଥିଲେ । ବିଭିନ୍ନ ଦେଶର ନାଗରିକତ୍ୱ ଗ୍ରହଣ କରିଥିଲେ । ସାରା ଜୀବନ ଦୁଃଖୀ ଦରିଦ୍ରଙ୍କ ସେବାରେ ଅତିବାହିତ କରି ଶେଷରେ ୧୯୯୭ ମସିହା ସେପ୍ଟେମ୍ବର ୫ ତାରିଖରେ କଲିକତା ଠାରେ ହୃଦ୍‌ରୋଗରେ ପ୍ରାଣତ୍ୟାଗ କଲେ ।

–୦–


ମୋ: ୯୭୭୭୭୧୩୪୫୮



# ସାହିତ୍ୟ ଜଗତର ଅମ୍ଳାନ ପ୍ରତିଭା ଫକୀରମୋହନ

ପ୍ରଭାତୀ କୁମାରୀ ଦାସ

ଓଡ଼ିଆ ଭାଷାସାହିତ୍ୟର ଏକନିଷ୍ଠ ପୂଜାରୀ, ନିଷ୍ଠାପର ବାଣୀସାଧକ କଥାସମ୍ରାଟ ଫକୀରମୋହନ ସେନାପତି ଜଣେ ଅମ୍ଳାନ ସାରସ୍ୱତ ପ୍ରତିଭା । ତ୍ୟାଗ, ସେବା ଓ ସାଧନାର ବେଦିରେ ନିଜକୁ ଆହୁତି ଦେଇ, ସମାଜର ମଙ୍ଗଳ ସାଧନକୁ ଜୀବନର ବ୍ରତ କରି ଲେଖନୀ ମୁନିର କାଉଁରୀ ସ୍ପର୍ଶରେ ତତ୍କାଳୀନ ସାହିତ୍ୟ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲେ । ସମାଜରେ ଦୁଃଖି ଦରିଦ୍ରଙ୍କ ଦୁଃଖ ଦୁର୍ଦ୍ଦଶାର ନିଛକ ଚିତ୍ରପଟକୁ କଳ୍ପନାରେ ଆଙ୍କି ବାସ୍ତବ କାହାଣୀର ରୂପ ଦେଇପାରିଥିଲେ ଏହି ଅଦ୍ୱିତୀୟ କାବ୍ୟଶିଳ୍ପୀ । ସମାଜରୁ ଭେଦଭାବ, ଅନ୍ଧବିଶ୍ୱାସ, କୁସଂସ୍କାର ବିଲୋପ, ନାରୀ ଜାଗରଣ ଆଦି କଲ୍ୟାଣକର ଦିଗରେ ତାଙ୍କ ଲେଖନୀ ଥିଲା ସୃଷ୍ଟିମୁଖର ।



ଓଡ଼ିଆ ଭାଷାର ଘୋର ଦୁର୍ଦ୍ଦିନରେ କଥାସମ୍ରାଟ ଫକୀରମୋହନଙ୍କ ଆବିର୍ଭାବ ୧୮୪୩ ଜାନୁଆରୀ ମାସ ପବିତ୍ର ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲ୍ଲୀକାଶପୁରରେ ହୋଇଥିଲା । ପିତା ଲକ୍ଷ୍ମଣ କୁମାର ସେନାପତି ଓ ମାତା ତୁଳସୀ ଦେଈଙ୍କ କୋଳମଣ୍ଡନ କରିଥିଲେ ସତ କିନ୍ତୁ ବିଧିର ବିଡ଼ମ୍ବନା ମାତ୍ର ଦେଢ଼ବର୍ଷ ବୟସରେ ପିତୃବିୟୋଗ ଏବଂ ତା'ର ବର୍ଷେ ପରେ ମାତୃବିୟୋଗ ଯୋଗୁଁ ପିତାମହୀ କୁଚିଳାଦେଈଙ୍କ ଦ୍ୱାରା ଲାଳନପାଳନ ହୋଇଥିଲେ । ମାତ୍ର ୧୩ ବର୍ଷ ବୟସରେ ସେ ଲୀଳାବତୀଙ୍କୁ ବିବାହ କରିଥିଲେ କିନ୍ତୁ ତାଙ୍କ ମୃତ୍ୟୁପରେ ୨୯ ବର୍ଷ ବୟସରେ ସେ କୃଷ୍ଣାକୁମାରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ଏ ବିବାହ ଫକୀରମୋହନଙ୍କ ଜୀବନରେ ଅମୃତର ଧାରା ଛୁଟାଇଥିଲା ତା' ସହ ତାଙ୍କର ସମସ୍ତ ଦୁଃଖର ଅବସାଦ ଦୂର ହୋଇଯାଇଥିଲା । ସେହିଦିନଠାରୁ ସେ ସାହିତ୍ୟ ସେବାରେ ଦିନ କଟାଇ ହେଲେ ନୂତନ ଓଡ଼ିଆ ସାହିତ୍ୟର ଭାଗିରଥି ।

୧୮୬୮ ମସିହାରେ ବାଲେଶ୍ୱରରେ ଏକ ଛାପାକଳ ପ୍ରତିଷ୍ଠା କରି ପାକ୍ଷିକ ସାହିତ୍ୟ ପତ୍ରିକା 'ବୋଧଦାୟିନୀ' ଓ 'ସମ୍ବାଦବାହିକା' ପ୍ରକାଶ କରିଥିଲେ । ୧୮୯୨ ମସିହାରେ ପ୍ରକାଶିତ 'ଉତ୍କଳ ଭ୍ରମଣ' ଏକ ବ୍ୟଙ୍ଗାତ୍ମକ କାବ୍ୟ । ସେ କାଳର ସାମାଜିକ ଜୀବନର ସ୍ପଷ୍ଟ ଚିତ୍ର ଏଥିରେ ପ୍ରତିଫଳିତ । ମଧୁସୂଦନଙ୍କୁ ସେ ଆଦର୍ଶ ବ୍ୟକ୍ତିତ୍ୱ ରୂପେ ଚିତ୍ରଣ କରି ଲେଖିଛନ୍ତି–

"ଆଦର୍ଶ ମଣିଷ ଯେବେ ଦେଖିବାକୁ ଚାହଁ
ଧାଇଁଯାଇ ଥରେ ଦେଖି ଆସ ମଧୁ ରାଓ ।"

ମାତୃଭାଷାର ଅବହେଳାକୁ ଦେଖି ଦୁଃଖପ୍ରକାଶ କରି ଲେଖିଥିଲେ–

"ଘୃଣା କରୁଅଛ ମାତୃଭାଷା ପଢ଼ିବାକୁ
ହାୟ ହାୟ ଲାଜ କଥା କହିବି କାହାକୁ ।"

୧୮୯୪ରେ ପତ୍ନୀ କୃଷ୍ଣାକୁମାରୀଙ୍କ ଅକାଳ ମୃତ୍ୟୁରେ ଶୋକାଭିଭୂତ ହୋଇ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ୫୫ଟି ଗୀତିକବିତା ବିଶିଷ୍ଟ 'ପୁଷ୍ପମାଲ୍ୟ' । ସେଥିମଧ୍ୟରୁ ସେ ଏକ କବିତାରେ ଲେଖିଛନ୍ତି 'ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇରେ' ତାଙ୍କର ହୃଦୟର ବେଦନା ପ୍ରକାଶ କରିଛନ୍ତି–

"କୁସୁମ କଳିକା ଥିଲା ସୌରଭର ଖଣି
ମଧୁମୟ ହାସ୍ୟମୁଖୀ ପ୍ରେମଲତା ମଣି
ଦୁଇଦିନ ପାଇଁ ମାୟା ମମତା ଲଗାଇ
ହସି ହସି ଗଲା ମତେ କନ୍ଦାଇ କନ୍ଦାଇରେ ।"

ପୁଣି ଲେଖିଛନ୍ତି–

"ଛାଡ଼ିଯାଇଅଛି ମୋର ନୟନ ପ୍ରତିମା
ମିଶାଇ ହୃଦୟ ରସେ ସେ ଗୁଣ ଗାରିମା
ତୁମ୍ଭ ସମାଜରେ ଦେଖିନାହିଁ ଗୁଣବତୀ
ତୁମ୍ଭ ପରି ଦେଖିନାହିଁ ପତିବ୍ରତ ସତୀ ।"

'ସହାସ୍ୟ ଦନ', 'ସାହାଡ଼ା ଗଛର କ୍ରନ୍ଦନ', 'ମୋ କ୍ଷୁଦ୍ରତାରା' କବିତାର ପ୍ରତି ପଂକ୍ତିରେ ବିରହ ବ୍ୟଥା ଉକୁଟି ଉଠିଛି । 'ଉପହାର' ମଧ୍ୟ ଆଉ ଏକ ପତ୍ନୀ ବିୟୋଗ ଜନିତ ହୃଦୟର କରୁଣ ଅଭିବ୍ୟକ୍ତି । ୧୯୦୮ ରେ ୧୯୬ ପୃଷ୍ଠା ବିଶିଷ୍ଟ 'ଅବସରବାସରେ' ଗୀତିକବିତାରେ ଭାରତୀୟଙ୍କୁ ଉନ୍ନତି ପଥରେ ଅଗ୍ରସର ହେବାପାଇଁ ସମାଜକୁ ଦେଇଥିବା ବାର୍ତ୍ତା ହେଲା–

"ହେ ଉତ୍କଳ ଭେଣ୍ଡା ନୁହଁ ତ ହେ ମେଣ୍ଡା
ହୋଇ ଶାର୍ଦ୍ଦୁଳ ସନ୍ତାନ
ଅଧବ ବେଭାରେ ଅନ୍ୟ ଜାତି ଠାରେ
ହେଉଅଛ ହୀନିମାନ ।"

'କପୋତ ଦମ୍ପତି', 'ବାଟବଣା' ଓ 'ସଙ୍ଗଲାଭ' ପରି ଅତି କ୍ଷୁଦ୍ର ଖଣ୍ଡ କବିତାରେ ଆତ୍ମଜିଜ୍ଞାସା ପ୍ରକାଶ ପାଇଛି । ପ୍ରକୃତରେ ଫକୀରମୋହନଙ୍କ ସାହିତ୍ୟ ଥିଲା ଉଦ୍ଦେଶ୍ୟମୂଳକ ଏବଂ ଉନ୍ନତ ସମାଜ ଗଠନ ପାଇଁ ଏକ ଅସ୍ତ୍ର । ତାଙ୍କ ଦୃଷ୍ଟିରେ ସମାଜ ଜୀବନର ପ୍ରତିଫଳନ ପାଇଁ ସାହିତ୍ୟ ଏକ ଦର୍ପଣ ନୁହଁ ସମାଜକୁ ମାର୍ଜିତ, ସୁନ୍ଦର ଓ ଶୋଷଣରହିତ କରିବା ପାଇଁ ଥିଲା ଏକ ଶାଣିତ ଅସ୍ତ୍ର । କବିତାରେ ନୂତନ ତୀକ୍ଷ୍ଣତା, ଆନ୍ତରିକତା ଓ ଗଭୀରତା 'ଉତ୍କଳ କୃଷକ' କୁଳର ନିର୍ଯ୍ୟାତିତ ସ୍ଥିତିରେ ବ୍ୟଥିତ ହୋଇ ଶାସନର କଠୋର ସମାଲୋଚନା କରି ଲେଖିଛନ୍ତି–

"ସରକାର ବାହାଦୁର କଲେ ଦୟାଭାରୀ
ପ୍ରଜାସ୍ୱତ୍ୱ ଆଇନଟା କରିଦେଲେ ଜାରି ।
କୃଷକର ବଢ଼ିଗଲା ଗୋଟିଏ ଜୀବିକା
ରେଜେଷ୍ଟାରୀ ଅଫିସରେ ଜମି କିଣାବିକା ।
ସବୁଦିନେ ଟାଣଟୁଣ ଘରେ ନାହିଁ ଭାତ
ଜମିଖଣ୍ଡେ ବିକିବାକୁ ବଢ଼ାଇଲା ହାତ ।"

'ବିଧବାର ଅଭିଶାପ' କବିତାରେ ହିନ୍ଦୁ ସମାଜର ଚିର ନିଷ୍ପେସିତା ଜର୍ଜରିତ ଜୀବନର ବ୍ୟର୍ଥତା ପ୍ରତି ସମ୍ବେଦନାରେ କୋମଳ ଅଥଚ ବିଦ୍ରୋହରେ କଠୋର ଦୃଷ୍ଟି ବିଧବାର ବୈଧବ୍ୟ ପ୍ରତି ହେଉଥିବା ଅତ୍ୟାଚାରର କରୁଣ କାହାଣୀର ଶାଣିତ ସ୍ୱର ଉତ୍ତୋଳନ କରି ଲେଖିଛନ୍ତି–

"ଭ୍ରୁଣହତ୍ୟା ପାପ ପଙ୍କେ ଅତ୍ୟାହଚାର ଢ଼ାଳି
କେତେ ନିଷ୍କଳଙ୍କ କୁଳେ ଲଗାଇଛ କାଳି
କେତେ ବାଳିକାର ନାଶି ଇହପରକାଳ
ବଢ଼ାଉଛ ଦିନୁଦିନ ଜଗତେ ଜଞ୍ଜାଳ ।"

ସେ କାଳର ସନାତନୀ ସମାଜ ଓ ସମାଜପତିଙ୍କ ଉଦ୍ଦେଶ୍ୟରେ ଫକୀରମୋହନଙ୍କ ତୀବ୍ର କଟାକ୍ଷ ପରିଲକ୍ଷିତ ହୁଏ । 'ରାମରଥ କଥା'ରେ ବିଧବାର ସମସ୍ୟା ପ୍ରତି ସମାଜର ଦୃଷ୍ଟି ଆକର୍ଷଣ କରି ଲେଖିଛନ୍ତି–

"ଆଜିକାଲି ନନା ଭେଣ୍ଡିଆ ଗୁଡ଼ାକ
ଇସ୍କୁଲରେ ପାଠପଢ଼ି
ବାପା, ଦାଦା କାଳ ଚାଲିଚଳଣିକୁ
ସବୁ ଦେଉଛନ୍ତି ତଡ଼ି ।"

'ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ' କବିତାରେ ବିଧବାଙ୍କ ସମାଜରେ ଚଳଣିର କରୁଣ ଓ ଦୁଃଖଦ ଅନୁଭୂତିକୁ କଟାକ୍ଷ କରି ତୀବ୍ର ସମାଲୋଚନା କରି ଲେଖିଛନ୍ତି–

"ରଥେ ତ ଧଇଲେ ବରଷକେ ଯମଦଣ୍ଡ
ନଅ ବରଷରେ ଚନ୍ଦ୍ରପ୍ରଭା ହେଲା ରାଣ୍ଡ
ଆଜିଠାରୁ ସେ ବିଧବା କରିବ ହବିଷ୍ୟ
ନ ଖାଇବ ଭଲ ଭଲ ଦ୍ରବ୍ୟ ବା ଆମିଷ
ନ ପିନ୍ଧିବ ଭଲଲୁଗା ନ ଖାଇବ ପାନ
ଏହିପରି ଅଛି ପରା ଶାସ୍ତ୍ରରେ ବିଧାନ
ନିର୍ଜଳା ରହିବ ଏକାଦଶୀ ଦିବସରେ
ମୁନିମାନେ ଲେଖିଯାଇ ଅଛନ୍ତି ଶାସ୍ତ୍ରରେ ।"

'ବାରବିଳାସିନୀ ପ୍ରତି' କବିତାରେ ଫକୀରମୋହନଙ୍କ ଚିତ୍ତ ଘୃଣାରେ ଜର୍ଜରିତ ହେଲେ ହେଁ ସମାଜକୁ ଦାୟୀ କରି ଲେଖିଛନ୍ତି–

"ପଡ଼ିଲୁ ଶୈଶବେ ଯେତେବେଳେ ବେଶ୍ୟାହସ୍ତେ
ଅବଶ୍ୟ ତ ଦେଖୁଥିଲେ ସମାଜେ ସମସ୍ତେ
ଛଡ଼ାଇ ତ ଆଣିଥିଲେ ତାହା ହସ୍ତ ତୋତେ
ନିଶ୍ଚୟ ନିଶ୍ଚୟ ରହିଥାନ୍ତ ଧର୍ମପଥେ
ଦେଖୁ ଦେଖୁ ଆତ୍ମାଟିଏ ପଡ଼ିଲା ନରକେ
ଜଳ ଜଳ ଚାହିଁଥିଲେ ସମାଜର ଲୋକେ ।"

କଥାସମ୍ରାଟ ଫକୀରମୋହନ ଓଡ଼ିଆ ସମାଜର କାହାଣୀକୁ ସଫଳତାର ରୂପ ଦେଇ ଯେଉଁ ଉପନ୍ୟାସ ସୃଷ୍ଟି କରିଛନ୍ତି 'ଛମାଣ ଆଠଗୁଣ୍ଠ' ବିଶ୍ୱ ସାହିତ୍ୟ ଦରବାରରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଆସନ ଗ୍ରହଣ କରିଛି । ରାତ୍ରି ଶେଷରେ ପାହାନ୍ତି ଆକାଶର ଉଜ୍ଜ୍ୱଳ ଶୁକ୍ରତାରା ପରି ଉନବିଂଶ ଶତାବ୍ଦୀ ଶେଷରେ ଓଡ଼ିଆ ସାହିତ୍ୟର ଅନ୍ଧକାରାବୃତ ଦିଗ୍‌ବଳୟରେ ଉପନ୍ୟାସ 'ଛମାଣ ଆଠଗୁଣ୍ଠ' ଏକ ଉଜ୍ଜ୍ୱଳ ପ୍ରଭାତର ନୂତନ ବାର୍ତ୍ତାପରି । ୧୮୯୭ ରୁ ୧୮୯୯ ମଧ୍ୟରେ ଶେଷ ହୋଇଥିବା ଉପନ୍ୟାସଟି ସମାଜରେ ଥିବା ଅନ୍ୟାୟ, ଅତ୍ୟାଚାର ଓ ଦରଦ୍ରବ୍ୟ ଅପହରଣର କରୁଣ ଚିତ୍ର ସମାଜର ଦର୍ପଣରେ ପ୍ରତିଫଳିତ ହୋଇଛି ।

'ପେଟେଣ୍ଟ୍ ମେଡ଼ିସିନ୍'ରେ ଚନ୍ଦ୍ରମଣି ବାବୁଙ୍କର ମଦ ଓ ପରକୀୟା ପ୍ରୀତିର ପ୍ରେମବ୍ୟାଧି କିପରି ସମାଜରେ ଦୁର୍ନାମ ରହିଛଇ ଶେଷକୁ ସୁଲୋଚନାଙ୍କ ଅର୍ଦାଳିଆ ଛାଞ୍ଚୁଣୀ ପ୍ରହାରରେ ଚନ୍ଦ୍ରମଣି ବାବୁଙ୍କ ଅଦ୍ଭୁତ ପରିବର୍ତ୍ତନ  ଏହି ଗଳ୍ପର ବିଶେଷତ୍ୱ । ମହାଜନ କୁବେର ସାହୁର ସର୍ବସ୍ୱ ଲୁଣ୍ଠନ ଏକ ଅଦୃଶ୍ୟ ବ୍ୟକ୍ତିର ବିଚାରରେ ତାହାର ଚରମ ଶାସ୍ତି ହେଉଛି 'ଅଧର୍ମ ବିତ୍ତ' କଥାବସ୍ତୁ । ଓଡ଼ିଶାର ବୁନିଆଦି ସମାଜରେ ପାଶ୍ଚାତ୍ୟ ସଂସ୍କାର, ସଂସ୍କୃତି ଓ ଚଳଣିର ନିର୍ବୋଧ ଅନୁକରଣର ଶୋଚନୀୟ ପରିଣତି 'ସଭ୍ୟଜମିଦାର' ଗଳ୍ପର କଥାବସ୍ତୁ । 'ବୀରେଇ ବିଶାଳ' ଗଳ୍ପଟି କନ୍ୟାସୁନା ଲୋଭି ରାଘବ ପାତ୍ରର ହଟହଟାର କାହାଣୀ । ସମାଜରେ କନ୍ୟା ବିକ୍ରି ପ୍ରଥାର ତିକ୍ତ ଅନୁଭୂତିର ବାସ୍ତବ ଚିତ୍ର ଏଥିରୁ ମିଳେ । ସତ୍ୟ, ଶିବ ଓ ସୁନ୍ଦର ପ୍ରାଣଶକ୍ତିର ଏକ ନିପୁଣ ଆଲେଖ୍ୟ 'ରାଣ୍ଡିପୁଅ ଅନନ୍ତା' । ୧୮୯୮ରେ ଓଡ଼ିଆ କ୍ଷୁଦ୍ରଗଳ୍ପ ସାହିତ୍ୟର 'ରେବତୀ' ଏକ ଅମ୍ଳାନ ସୃଷ୍ଟି । ଫକୀରମୋହନଙ୍କ ରେବତୀ ଏକମାତ୍ର ପ୍ରେମଗଳ୍ପ । ବାସୁଦେବ ଓ ରେବତୀ ମଧ୍ୟରେ ବ୍ୟର୍ଥ ପ୍ରଣୟର କରୁଣ ପରିଣତି ଆଲୋଚିତ ଗଳ୍ପର ମୁଖ୍ୟ କଥାବସ୍ତୁ । ମହାମାରୀ ବିଭୀଷିକା ଗ୍ରସ୍ତ ଶ୍ୟାମବନ୍ଧୁ ମହାନ୍ତିଙ୍କ ସଂସାରର ପୃଷ୍ଠଭୂମିରେ ଶୁଭିଲା ରାହାବାଳୀ ଜେଜିମାର ଅଭିଶାପ । 'ଲୋ ରେବତୀ, ଲୋ ରେବୀ, ଲୋ ନିଆଁ, ଲୋ ଚୁଲ୍ଲି' ତାହା ମଧ୍ୟ ବେଶି କ୍ଷଣ ଶୁଭାଗଲା ନାହିଁ । ଶାନ୍ତ ପଲ୍ଲୀ ଆକାଶରେ ପହରିକିଆ ସନ୍ଧ୍ୟାତାରାର କ୍ଷୀଣ ଆଲୋକରେ ଶ୍ୟାମବନ୍ଧୁର ସଂସାରର ଶେଷ ଯବନିକା ଟାଣିଦେଲା ଗଳ୍ପର କଥାବସ୍ତୁ । ପରିବେଷଣ ଓ ଚିତ୍ରଣ ଅତି ବାସ୍ତବବାଦୀ ଓ ମର୍ମସ୍ପର୍ଶୀ । ନାରୀଶିକ୍ଷା ପ୍ରତି ସେତେବେଳର ସମାଜର ମନୋଭାବ ଏଥିରେ ଚିତ୍ରିତ ହୋଇଅଛି । ୧୯୧୧ରେ ପ୍ରକାଶିତ 'ଲଛମା' ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଫୌଜଦାରମାନେ ଓଡ଼ିଶାକୁ ଶୋଷଣ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ । ପୁଣି ବର୍ଗୀମାନେ ଦଳବଳ ହୋଇ ଗାଁ ଗଣ୍ଡା ଲୁଟ୍ ଓ ଅତ୍ୟାଚାର କରିବାର କରୁଣ ଓ ନିଖୁଣ ଚିତ୍ର ଅଙ୍କନ କରିଛନ୍ତି ସମାଜ ପାଇଁ ।

'ମାମୁ' ଫକୀରମୋହନଙ୍କ ଆଉ ଏକ ସାର୍ଥକ ସୃଷ୍ଟି ଚରିତ୍ର ପ୍ରଧାନ ଉପନ୍ୟାସ । ଏଥିରେ ମନୁଷ୍ୟ ଯଥାର୍ଥରେ ଶୁଭ ଓ ପବିତ୍ର, ପାପୀକୁ ଘୃଣା କରେ ନାହିଁ । ଅପରାଧ ଏକ ମାନସିକ ବ୍ୟାଧି, ସେଥିରେ ଉଦାରତାର ପ୍ରଲେପ ଦେଇ ଆରୋଗ୍ୟ କଲେ ସେ ହେବ ଅମୃତର ସନ୍ତାନ । ସେ କେବେ କଳଙ୍କିତ ହୋଇପାରିବ ନାହିଁ । ଏହା ମାମୁ ଉପନ୍ୟାସରେ ରୂପାୟିତ । ୧୯୧୫ରେ 'ପ୍ରାୟଶ୍ଚିତ' ଉପନ୍ୟାସରେ ଜାତିପ୍ରଥା ପରି କଳଙ୍କିତ ପ୍ରଥାର ସମାଲୋଚନା କରିଛନ୍ତି । 'ଡାକମୁନ୍‌ସି' ଗଳ୍ପରେ ଫକୀରମୋହନ ତତ୍କାଳୀନ ଇଂରାଜୀ ଶିକ୍ଷିତ ଯୁବକମାନଙ୍କର ମତିଗତି ଓ ନିରୀହ ପିତାର ଅସହାୟ ଭାବ ଅତି କରୁଣ ଭାବେ ଚିତ୍ରିତ କରିଛନ୍ତି । 'ଧୂଳିଆବାବା'ରେ ଧର୍ମ ନାମରେ ଭଣ୍ଡାମିର ସ୍ୱର ପଦାରେ ପକାଇଅଛନ୍ତି । 'ପାଠୋଇ ବୋହୂ', 'ବଗୁଲାବଗୁଲୀ', 'ସୁନାବୋହୁ', 'ଗାରୁଡ଼ି ମନ୍ତ୍ର' ଗଳ୍ପରେ ତତ୍କାଳୀନ ସମାଜର ଅନ୍ୟାୟ, ଅତ୍ୟାଚାର, ଅନ୍ଧବିଶ୍ୱାସ, ହୃଦୟହୀନତା ଓ ଚରିତ୍ରହୀନତାର ଚିତ୍ର ପ୍ରଦାନ କରିଛନ୍ତି । 'ଆତ୍ମଚରିତ' (୧୯୧୫)ରେ ଫକୀମୋହନ ତାଙ୍କ ଜୀବନର ମୁଖ୍ୟ ଘଟଣାଗୁଡ଼ିକୁ ଲିପିବଦ୍ଧ କରିଛନ୍ତି । 'ନନାଙ୍କ ପାଞ୍ଜି' ଏକ ରମ୍ୟ ରଚନା ୧୯୦୩ ମସିହାରେ ପ୍ରକାଶିତ । ଏଥିରେ ଓଡ଼ିଆ ସାହିତ୍ୟର ଦୁରାବସ୍ଥା, ସାମାଜିକ ଜୀବନ, ଶାସନ, ଇଂରାଜୀ ଶିକ୍ଷା ତଥା ସମସ୍ୟା ଉପସ୍ଥାପନ କରିଛନ୍ତି । 'ଯୋଗଶାସ୍ତ୍ର' ଫକୀରମୋହନଙ୍କ ଏକ ଦୀର୍ଘ ପ୍ରବନ୍ଧ । 'ବୌଦ୍ଧବତାର' କାବ୍ୟରେ ଦୀର୍ଘ ମୁଖବନ୍ଧ ଲେଖି ନିଜର ପ୍ରାବନ୍ଧିତ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି । ୧୯୧୬ରେ ବାମଣ୍ଡା ରାଜଦରବାର ତରଫରୁ ସରସ୍ୱତୀ ଉପାଧିରେ ଭୂଷିତ ହୋଇ ସମ୍ମାନିତ ହୋଇଥିଲେ । ୧୯୧୭ରେ ସେ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଙ୍କୃତ କରିଥିଲେ । ୧୯୧୮ ଜୁନ୍ ୧୪ ତାରିଖରେ ତାଙ୍କ କର୍ମମୟ ଜୀବନର ରବି ଅସ୍ତମିତ ହୋଇଥିଲା । ଫକୀରମୋହନ ପ୍ରକୃତରେ ଆଧୁନିକ ଓଡ଼ିଆ ସାହିତ୍ୟର ସେନାପତି ଥିଲେ । ଓଡ଼ିଆ ଭାଷାର ଘୋର ଦୁର୍ଦ୍ଦିନରେ ଲେଖନୀ ଚାଳନ କରି ସମାଜରେ ଅବହେଳିତ, ନିଷ୍ପେସିତ, ଜୀବନ ସଂଗ୍ରାମରେ ଉତ୍ପୀଡ଼ିତ ବ୍ୟକ୍ତିଙ୍କର ସମସ୍ୟାକୁ ଲୋକଲୋଚନକୁ ଆଣିପାରିଥିଲେ । ଯୁଗଯୁଗ ପାଇଁ ତାଙ୍କର ଏହି ଅସାଧାରଣ କାର୍ଯ୍ୟ ପାଠକ ପ୍ରାଣକୁ ଦିବ୍ୟାଲୋକ ସନ୍ଧାନରେ ସନ୍ଧାନୀ କରିବା ସଂଗେ ସଂଗେ ପାଠକ ପ୍ରାଣରେ ଶ୍ରଦ୍ଧାସୁମନ ସାଇତି ରଖିଥିବ ।

–୦–

ଶିକ୍ଷୟିତ୍ରୀ, ଖଲ୍ଲିକୋଟ





# ଏ.ପି.ଜେ. ଅବଦୁଲ କଲାମ୍

## ଡା. ସୁଶାନ୍ତ କୁମାର ମିଶ୍ର

ଏ.ପି.ଜେ. ଅବଦୁଲ କଲାମ୍ ୧୫ ଅକ୍ଟୋବର ୧୯୩୧ରେ ତାମିଲନାଡୁର ରାମେଶ୍ୱରମ୍ ଠାରେ ଏକ ତାମିଲ୍ ମୁସ୍‌ଲିମ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମାତା ଆଶିଆମ୍ମା ଜଣେ ସୁଗୃହିଣୀ ଥିଲେ ଏବଂ ପିତା ଜଇନୁଲାବଦ୍ଦିନ୍ ପେସାରେ ଜଣେ ଡଙ୍ଗା ଚାଳକ ଥିଲେ । ହିନ୍ଦୁ ତୀର୍ଥଯାତ୍ରୀଙ୍କୁ 'ଧନୁସ୍‌କୋଡ଼ି' ଠାରୁ 'ରାମେଶ୍ୱରମ୍' ମଧ୍ୟରେ ନେବା ଆଣିବା କରନ୍ତି । ରାମେଶ୍ୱରମ୍ ମନ୍ଦିରର ପୂଜକ ଲକ୍ଷ୍ମଣଶାସ୍ତ୍ରୀ ତାଙ୍କ ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ ।

ତାଙ୍କ ପିଲାଦିନର ନାମ ଥିଲା ଅବୁଲ୍ ପକିର ଜଇନୁଲାବଦ୍ଦିନ୍ ଅବ୍‌ଦୁଲ୍ କଲାମ୍ । ପରିବାରର ଦାରିଦ୍ର୍ୟତା ଯୋଗୁଁ ସେ ଆଠବର୍ଷ ବୟସରୁ ସମ୍ବାଦପତ୍ର ବିତରଣ କରି ତାଙ୍କ ବାପାଙ୍କୁ ଆର୍ଥିକ ସହଯୋଗ କରୁଥିଲେ । ତାଙ୍କର ତିନୋଟି ଜ୍ୟେଷ୍ଠ ଭାଇ ଏବଂ ଗୋଟିଏ ଭଉଣୀ ଥିଲେ । ତାଙ୍କ ପିତାଙ୍କ ବନ୍ଧୁ ଲକ୍ଷ୍ମଣଶାସ୍ତ୍ରୀ, ଭିଣୋଇ ଜଲ୍ଲାଲୁଦ୍ଦିନ୍, ପଡ଼ୋଶୀ ଏମ୍.ଟି.ଆର୍. ମଣିକାମ୍, ବିଜ୍ଞାନ ଶିକ୍ଷକ ସୁବ୍ରମନ୍ୟମ୍ ଆୟାର, ଗଣିତ ଶିକ୍ଷକ ରାମକୃଷ୍ଣ ଆୟାର୍‌ଙ୍କ ଭଳି ଅନେକ ବ୍ୟକ୍ତିଙ୍କ ଠାରୁ ପ୍ରୋତ୍ସାହନ ପାଇ ପ୍ରଥମେ ଗାଁ ସ୍କୁଲ୍ ପରେ ରାମନାଥପୁରମ୍ ଠାରେ ହାଇସ୍କୁଲ ଶିକ୍ଷା ସମାପ୍ତ କରି ତିରୁଚିରାପଲ୍ଲୀ ଠାରେ ସେଣ୍ଟ୍ ଜୋସେଫ୍ କଲେଜ୍‌ରେ କଲେଜ ଶିକ୍ଷା ସମାପ୍ତ କରିଥିଲେ । ତା'ପରେ ପ୍ରଫେସର ଥୋଥାଦ୍ରି ଆୟଙ୍ଗାର ଓ ପ୍ରଫେସର ସୂର୍ଯ୍ୟନାରାୟଣ ଶାସ୍ତ୍ରୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ପଦାର୍ଥ ବିଜ୍ଞାନ ପ୍ରତି ଆକୃଷ୍ଟ ହେଲେ । କଲେଜ ଶିକ୍ଷା ସମାପ୍ତ ପରେ ମାନ୍ଦ୍ରାଜ୍ ଇଂଜିନିୟରିଂ କଲେଜରେ ଏରୋନାଟିଂ ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ସଫଳତାର ସହ ପୂର୍ଣ୍ଣ କରିଥିଲେ ।

ପାଠପଢ଼ା ଶେଷ କରି ପ୍ରତିରକ୍ଷା ମନ୍ତ୍ରଣାଳୟର କାନପୁର ଠାରେ ବିମାନ ରକ୍ଷଣାବେକ୍ଷଣ କେନ୍ଦ୍ରରେ ବୈଜ୍ଞାନିକ ଭାବେ ପ୍ରଥମ ଚାକିରି ଜୀବନ ଆରମ୍ଭ କରିଥିଲେ । ସେତେବେଳେ ସେ ଏକ ଡେଣାବିହୀନ 'ହୋବର କ୍ରାଫ୍ଟ' ହାଲ୍‌କା ବିମାନ ନିର୍ମାଣ କରିଥିଲେ । ତା'ପରେ ମହାନ୍ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ଉଦ୍ୟମରେ ରକେଟ୍ ଇଂଜିନିୟର ଭାବେ ଥୁମ୍ବା ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ରରେ ଯୋଗ ଦେଲେ । ଉକ୍ତ ପ୍ରତିଷ୍ଠାନ ତରଫରୁ ସେ ଆମେରିକା ଯାଇ ମହାକାଶ ଗବେଷଣା କେନ୍ଦ୍ର 'ନାସା'ରେ ତାଲିମ୍‌ପ୍ରାପ୍ତ ହୋଇ ଆସିଥିଲେ । ଆମେରିକାରୁ ଫେରିବା ପରେ ଋଷିୟ ଜ୍ଞାନକୌଶଳ ସହାୟତାରେ ଏକ ଲଢୁଆ ବିମାନ ନିର୍ମାଣ କରି ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଥିଲେ ।

ପୃଥ୍ୱୀ, ଆକାଶ, ଅଗ୍ନି ଭଳି କ୍ଷେପଣାସ୍ତ୍ର ନିର୍ମାଣ କରି ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିଥିଲେ । ମାତ୍ର ଏହାକୁ ପରୀକ୍ଷଣ କରିବା ପାଇଁ ଅନୁମତି ମିଳିନଥିଲା । ରାଜନୈତିକ ବାଧ୍ୟବାଧକତା ଏବଂ ଅନ୍ତର୍ଜାତୀୟ ଚାପ ଯୋଗୁଁ ଏହା ତତ୍‌କାଳ ସମ୍ଭବ ହୋଇପାରି ନଥିଲା । ଭାରତର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ରାଜସ୍ଥାନର ପୋଖରାନ୍ ମରୁଭୂମିରେ ପରମାଣୁ ପରୀକ୍ଷଣ କରାଯାଇଥିଲା । ଅବଶ୍ୟ ଏହା ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଲୁକ୍କାୟିତ ଭାବେ ପ୍ରାକ୍ ପରୀକ୍ଷଣ କରାଯାଇଥିଲା । ସେ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ୧୯୯୨ରୁ ୧୯୯୯ ପର୍ଯ୍ୟନ୍ତ ଭାରତର ପ୍ରତିରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ ଏବଂ ପରେ ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ମହାମହିମ ରାଷ୍ଟ୍ରପତି ଆସନରେ ଅଳଂକୃତ ହୋଇଥିଲେ । ଆଧୁନିକ ପରମାଣୁ ବିଜ୍ଞାନକୁ ତାଙ୍କର ଯଥେଷ୍ଟ ଅବଦାନ ଥିଲା । ତେଣୁ ସେ ମିଶାଇଲ୍ ମ୍ୟାନ୍ ଭାବେ ସାରା ବିଶ୍ୱରେ ପରିଚିତ ଥିଲେ ।

ରାଷ୍ଟ୍ରପତି ପଦରୁ ଅବସର ନେବା ପରେ ସିଲଂ, ଅହମ୍ମଦାବାଦ୍, ଇନ୍ଦୋରର ଆଇ.ଆଇ.ଏମ୍‌ର ଭିଜିଟିଂ ପ୍ରଫେସର ଥିଲେ । ତା'ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ସାଇନ୍‌ସ ଏଣ୍ଡ ଟେକ୍ନୋଲୋଜିର ଚାନସ୍‌ଲର୍ ଥିଲେ । ସେ ମୁସଲମାନ୍ ସଂପ୍ରଦାୟର ଥିଲେ ମଧ୍ୟ ହିନ୍ଦୁଙ୍କ ଶ୍ରେଷ୍ଠଗ୍ରନ୍ଥ ଭଗବତ୍ ଗୀତା ଓ ଇସ୍‌ଲାମୀୟ ଧର୍ମଗ୍ରନ୍ଥ କୋରାନ୍ ପ୍ରତ୍ୟହ ପାଠ କରୁଥିଲେ । ସାଂପ୍ରଦାୟିକ ସଂକୀର୍ଣ୍ଣତାକୁ ସେ ଘୃଣା କରୁଥିଲେ । ସେ ପଦ୍ମଭୂଷଣ, ପଦ୍ମବିଭୂଷଣ, ଭାରତରତ୍ନ ଭଳି ଅନେକ ବେସାମରିକ ପୁରସ୍କାର ପାଇଛନ୍ତି । ଏହି ରାଷ୍ଟ୍ରନାୟକ ବୈଜ୍ଞାନିକ ଜଣକ ଭାରତର ଗର୍ବ ଓ ଗୌରବ କହିଲେ ଅତ୍ୟୁକ୍ତି ହେବନାହିଁ ।

-୦-



# ଡ. ଏପିଜେ ଅବ୍‌ଦୁଲ କାଲାମ ମେମୋରିଆଲ: ଭାରତର ଏକ ବିରଳ କୃତି

ଚନ୍ଦ୍ରମୋହନ ମହାପାତ୍ର

ଦେଶର ଏକାଦଶତମ ରାଷ୍ଟ୍ରପତି(୨୦୦୨-୨୦୦୭) ମିଶାଇଲ ମ୍ୟାନ୍ ଡ.ଏପିଜେ ଅବଦୁଲ କାଲାମ, ଭାରତ ଭାଗ୍ୟାକାଶରେ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ଆର୍ବିର୍ଭାବ ହୋଇଥିଲେ, ୧୯୩୧ ମସିହା ଅକ୍ଟୋବର ୧୫ ତାରିଖ ତାମିଲନାଡୁ ପ୍ରଦେଶର ବିଶ୍ୱ ପ୍ରସିଦ୍ଧ ଆଧାତ୍ମିକ କ୍ଷେତ୍ର ରାମେଶ୍ୱରମଠାରେ । ତାଙ୍କର ପୂରା ନାମ ଅବୁଲ ପକିର ଜୈନୁଲଦିନ ଅବଦୁଲ କାଲାମ । ଏକ ସାଧାରଣ ଗରିବ ପରିବାରରେ ଜନ୍ମଗ୍ରହଣ କରି ଜଣେ ଖବର କାଗଜ ବିକେତା ଭାବେ ଶ୍ରମଦାନ କରି ଲବ୍ଧ ଅର୍ଥରେ ଫିଜିକ୍ସରେ ଉଚ୍ଚଶିକ୍ଷାଲାଭ କରିଥିଲେ । ପରେ ସେ ଏରୋସ୍ପେସ ଇଂଜିନିୟରିଂ କରିବା ପରେ ଜଣେ ବୈଜ୍ଞାନିକ ଏବଂ ପରେ ସେ ବିଜ୍ଞାନ ପ୍ରଶାସକ ନିଯୁକ୍ତି ପାଇଥିଲେ । ସ୍ୱତନ୍ତ୍ର ଭାବେ ଡିଆରଡିଓ ଏବଂ ଇସ୍ରୋ(ଆଇଏସଆରଓ) କାର୍ଯ୍ୟ କରିବା ସହିତ ଇଣ୍ଡିଆନ ସିଭିଲିଆନ ପ୍ରୋଗ୍ରାମ ଏବଂ ମିଲିଟାରୀ ମିଶାଇଲ ବିକାଶର ମୁଖ୍ୟ ଭୂମିକା ନେଇଥିଲେ । ତାଙ୍କ ଦ୍ୱାରା ୧୯୭୪ ମସିହାରେ ପ୍ରଥମ ପରମାଣୁ ପରୀକ୍ଷଣ ଏବଂ ୧୯୯୮ ମସିହାରେ ଅତି ଗୋପନୀୟ ଭାବେ ପୋଖରାନ-୨ ପରୀକ୍ଷା କରି ବିଶ୍ୱବାସୀଙ୍କ ହତଚକିତ କରିଦେଇଥିଲେ ।

ମହାପୁରୁଷ ଡ. ଅବଦୁଲ କାଲାମ ୨୦୧୫ ମସିହା ଜୁଲାଇ ୨୭ ତାରିଖରେ ଶିଲୋନ୍‌ଠାରେ ଏକ ସମାବର୍ତ୍ତନୀ ଉତ୍ସବରେ ଯୋଗଦେବାକୁ ଯାଉଥିବା ସମୟରେ ତାଙ୍କର ଆକସ୍ମିକ ବିୟୋଗ ଦେଶ ତଥା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା । ତାଙ୍କ ମରଶରୀରକୁ ରାମେଶ୍ୱରମ୍ ପାଇ-କାରମ୍ବୁକୁ ଅଣାଯାଇ ଅନ୍ତିମ ସତ୍କାର କରାଯାଇଥିଲା । ପରବର୍ତ୍ତୀ ସମୟରେ ସେଠାରେ ସରକାରୀ ଭାବେ (ଡିଆରଡିଓ) କାଲାମଙ୍କ ସ୍ମୃତିରେ ଏକ ମେମୋରିଆଲ ସ୍ଥାପନ କରାଯାଇଛି, ଯାହା ୧୨୦ କୋଟି ଟଙ୍କା ଖର୍ଚ୍ଚରେ ମାତ୍ର ୯ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ଏକ ବିରଳ ସ୍ଥାପତ୍ୟର ମାନ୍ୟତା ଲାଭ କରିଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଡ. କାଲାମଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ୨୦୧୭ ମସିହା ଜୁଲାଇ ୨୭ ତାରିଖ ଦିନ ଉଦ୍‌ଘାଟନ କରି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥିଲେ ।

୨୦୧୬ ମସିହାରେ ଡ. କାଲାମଙ୍କର ବ୍ରୋଞ୍ଜ ନିର୍ମିତ ପୂର୍ଣ୍ଣଅବୟାବକୁ ସ୍ଥାନାନ୍ତରିତ କରାଯାଇ ମେମୋରିଆଲ ପରିସରରେ ସ୍ଥାପିତ କରାଯାଇଛି । ମେମୋରିଆଲର ଚତୁର୍ପାଶ୍ୱରେ ଅଗ୍ନି ବାଲାଷ୍ଟିକ କ୍ଷେପଣାସ୍ତ୍ର, ପୃଥିବୀ, ରକେଟ୍ ଭଳି ବହୁ ପ୍ରତିକ ସ୍ଥାପନ କରାଯିବା ସହିତ ଆଭ୍ୟନ୍ତରରେ ନଲେଜ ସେଣ୍ଟର, ଲାଇବ୍ରେରୀ, ପ୍ଲାନେଟୋରିୟମ୍, ଅଡ଼ିଟୋରିୟମ୍ ଏବଂ ଡ. କାଲାମଙ୍କର ସମାଧୀପୀଠ ଅତି ମନୋରମ ଭାବେ ସଜ୍ଜିତ କରାଯାଇଛି ।

ମନେପଡ଼ିଯାଏ, ୧୯୮୯ ମସିହାର କଥା । ଡ. କାଲାମ ଆଉ ବାଲେଶ୍ୱରର ସଂପର୍କ ଥିଲା ଅତି ନିବିଡ଼ । ବାଲେଶ୍ୱର ଜିଲା ଚାନ୍ଦିପୁରଠାରେ ପ୍ରତିଷ୍ଠିତ ଡିଆରଡିଓର ନିର୍ଦ୍ଦେଶକ ଭାବେ ଡ.କାଲାମ ଅଧିକାଂଶ ସମୟରେ ବାଲେଶ୍ୱରରେ ହିଁ ଦେଖାଯାଇଥାନ୍ତି । ମଧ୍ୟମ ଦୂରଗାମୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନିର ଜନ୍ମଦାତା ଡ.କାଲାମଙ୍କ ଦ୍ୱାରା ଏହାର ପ୍ରଥମ ପରୀକ୍ଷଣ ବେଳେ ଚାନ୍ଦିପୁରରେ ତାଙ୍କର ଦର୍ଶନ ପାଇଥିଲି ଜଣେ ସାମ୍ବାଦିକ ହିସାବରେ । ପରବର୍ତ୍ତୀ ସମୟରେ ସେ ଭଦ୍ରକ ଜିଲା ଧାମରା ହୁଇଲର ଦ୍ୱୀପକୁ ଆବିଷ୍କାର କରିଥିଲେ । ଏହି ଦ୍ୱୀପକୁ ଡ. କାଲାମ ଲାଗାତର ଅଗ୍ନି କ୍ଷେପଣାସ୍ତ୍ରର ପରୀକ୍ଷଣର ଲଞ୍ଚପେଡ୍ ଭାବେ ବ୍ୟବହାର କରି ଅଗ୍ନି-୫ ପର୍ଯ୍ୟନ୍ତ ସଫଳ ନିକ୍ଷେପଣ କରିଥିଲେ, ଯାହା ସାରା ବିଶ୍ୱରରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି କାରଣରୁ ତାଙ୍କୁ 'ମିଶାଇଲ ମ୍ୟାନ' ଭାବେ ଅବିହିତ କରାଯାଇଥିଲା । ଅବଶ୍ୟ ପରବର୍ତ୍ତୀ ସମୟରେ ସରକାରଙ୍କ ତରଫରୁ ହୁଇଲର ଦୀପକୁ କାଲାମ ଦୀପ ଭାବେ ମାନ୍ୟତା ପ୍ରଦାନ କରାଯାଇଛି ।

ସୌଭାଗ୍ୟବଶତଃ ଗତ ୨୦୧୯ ମସିହାରେ ଏହି ମହାପୁରୁଷଙ୍କ ମହାପୀଠରେ ପାଦଥାପି ସ୍ୱଚକ୍ଷୁରେ ଏହି ସ୍ମୃତିପୀଠକୁ ବୁଲି ଦେଖିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କରିଥିଲି, ଯାହା ଏବେ ବି ମାନସିପଟରେ ସଦାସର୍ବଦା ଉଦ୍‌ଜୀବିତ ହୋଇ ରହିଛି ।

୨୦୧୯ ମସିହା ଜାନୁଆରୀ ମାସର ଶେଷଭାଗ ନାତିଶୀତୋଷ୍ଣ ଏକ ସକାଳରେ ଉତ୍ସୁକତାର ସହିତ ପ୍ରଥମେ ପହଞ୍ଚିଥିଲୁ ରାମେଶ୍ୱରମ୍‌ଠାରେ । ମହାପ୍ରଭୁ ରାମେଶ୍ୱରନାଥନଙ୍କ ଦର୍ଶନ ପରେ ପହଞ୍ଚିଥିଲୁ ଐତିହ୍ୟର ଭଗ୍ନସ୍ତୁପ ସ୍ମାରକୀ ପୀଠ ଧନୁଶକୁଡ଼ି । ଯେଉଁଠାରୁ ଶ୍ରୀଲଙ୍କା ମାତ୍ର ୩୧ କିଲୋମିଟର ଦୂର, ଖାଲି ଆଖିକୁ ଝାପ୍‌ସା ଭାବେ ଦେଖାଯାଇଥାଏ । ଏଥିସହିତ ଆଧାତ୍ମିକ ସେତୁବନ୍ଧ, ହନୁମାନ ବାଟିକା ଆଦି ବୁଲି ଦେଖିବା ପରେ ପମ୍ବନ ରେଳ ବ୍ରିଜ ଏବଂ ଏହାର ବେସକୁଲ ବା ଲିପ୍‌ଟିଙ୍ଗ ବ୍ରିଜ ନିକଟରେ କିଛି ସମୟ ଅଟକି

ଥିଲୁ । ସେଠାରୁ ମାତ୍ର ଏକ କିଲୋମିଟର ଯିବା ପରେ ପହଞ୍ଚିଥିଲୁ, କାଲାମ ଜାତୀୟ ମେମୋରିଆଲ ନିକଟରେ ।

ମୋମୋରିଆଲ ଆଗରେ ଛିଡ଼ାହେଇ ପ୍ରଥମେ ଚକିତ ହୋଇଥିଲୁ । ପ୍ରକୃତରେ ଏହାର ନିର୍ମାଣ ଶୈଳୀ ସନ୍ଦେହରେ ପକାଇଥିଲା । ସମ୍ମୁଖରେ ଥିବା ଗେଟ୍‌ଟି ଅବିକଳ ଇଣ୍ଡିଆ ଗେଟ୍ ସଦୃଶ । ମେମୋରିଆଲ ହଲ ସମ୍ମୁଖ ଭାଗ ବିଲିଡିଂ ରାଷ୍ଟ୍ରପତି ଭବନ ଆକୃତିରେ ନିର୍ମିତ । ସବୁଠାରୁ ଆକର୍ଷଣୀୟ ଥିଲା, ଏହି ମେମୋରିଆଲ୍ ଆଗରେ ନିର୍ମିତ ହୋଇଥିବା ଉଦ୍ୟାନ ଏବଂ ଏଥିରେ ରୋପଣ କରାଯାଇଥିବା ଦେଶ ବିଦେଶର ବିଭିନ୍ନ କିଶମର ଚାରା ଗଛ । ମେମୋରିଆଲର ରୂପରେଖ ସଂପର୍କରେ ଆଗରୁ କିଛି ଅଭିଜ୍ଞତା ନଥିଲେ ବି ଏ ସଂପର୍କରେ ଜାଣିବାର ଉତ୍ସୁକତା ଯଥେଷ୍ଟ ବଢ଼ିଯାଇଥିଲା ।

ଡ. କାଲାମଙ୍କ ସ୍ମୃତି ଉଦେଶ୍ୟରେ ଡିଫେନ୍ସ ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ ଅରଗାନାଇଜେସନ୍ ଦ୍ୱାରା ୨ ଏକର ୧୧ ଡିସ୍ମିଲ ଜମି ଉପରେ ନିର୍ମିତ ଏହି ସ୍ମାରକୀ ମନ୍ଦିରଟି ଭାରତୀୟ ଐତିହ୍ୟ ଓ ସଂସ୍କୃତିର ଅନେକ ସ୍ମୃତି ବହନ କରିଛି । ଏହାର ନିର୍ମାଣ ଶୈଳୀରେ ଅତ୍ୟନ୍ତ ମନ ମୁଗ୍ଧକର । ଡ. କାଲାମଙ୍କର ଶାନ୍ତ, ସରଳ ଏବଂ ଭାବ ଗଭୀର, ଜ୍ଞାନଯୁକ୍ତ ଆତ୍ମଜୀବନର ସମସ୍ତ ସ୍ମୃତିକୁ ସଂଗୃହୀତ କରାଯାଇ ଏଠାରେ ଟିକ୍‌ନିଖି ଭାବେ ଉପସ୍ଥାପିତ କରାଯାଇଛି ।

ପାଚେରିରେ ବଡ଼ ବଡ଼ ବିଜ୍ଞାପନ ବ୍ୟାନର୍‌ରେ ଡ.କାଲାମଙ୍କ ବାର୍ତ୍ତା ସାଙ୍ଗକୁ ପ୍ଲାଷ୍ଟିକ୍ ବର୍ଜନ ପାଇଁ ନିବେଦନ । ଇଣ୍ଡିଆ ଗେଟ୍ ସଦୃଶ ଫାଟକ ପାରହେବା ବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା । ଯାଞ୍ଚ ପରେ ମୋବାଇଲ୍ ସୁଇଚ୍ ଅପ୍ କରିବା ସହିତ ଫଟୋ ଉଠାଇବାକୁ କଡ଼ା ନିଷେଧାଦେଶ । ମେମୋରିଆଲ୍ ଭିତର ପ୍ରବେଶ ଦ୍ୱାରରେ ଏକ ନିଆରା ମେଟାଲିକ୍ ଯାଞ୍ଚ ବ୍ୟବସ୍ଥା ଲାଗୁ କରାଯାଇଥିଲା । ସମ୍ମୁଖ ରେ ଥିବା ବୀଣା ବାଦନ ବେଳେ ମିଶାଇଲ ମ୍ୟାନ ଡ. କାଲାମ ପ୍ରତିକୃତିରୁ ଜଣାପଡୁଥିଲା ସେ କେବଳ ଜଣେ ଗୋଳାବାରୁଦର ଖେଳାଳି ନଥିଲେ, ଥିଲେ ଜଣେ କଳାର ପୂଜାରୀ ।

ଏହାର ଠିକ୍ ପରେ ତାଙ୍କ ଚିରାଚରିତ ଛୋଟ ଅଫିସିଆଲ୍ ଟେବୁଲରେ ବସିଥିବା ପରି ମନେ ହେଲା, ଯେମିତି ଡ.କାଲାମ ସ୍ଥିର ହୋଇ ହସହସ ମୁହଁରେ ପର୍ଯ୍ୟଟକଙ୍କୁ ବିମୁଗ୍ଧ ଭାବେ ଚାହିଁ ରହିଛନ୍ତି । ଲାଗିଲା, କାଲାମଙ୍କ ବେଶରେ କେହି ଲୋକ ବସି ନାହାନ୍ତି ତି ! ନହେଲେ ଏମିତି କେମିତି ଜୀବନ୍ତ ହେଇପାରିଥାଆନ୍ତା । ଆମ ସାଥୀରେ ଥିବା ଲୋକମାନେ ପ୍ରଥମେ ସେଇଆ ଭାବିଥିଲେ । କିନ୍ତୁ ପାଖକୁ ଯିବା ପରେ ଆମର ଭ୍ରମ ଦୂର ହେଇଗଲା । ଯେକେହି ଏହି କୃତିକୁ ଦେଖିଲେ ଶିଳ୍ପୀଙ୍କୁ ଧନ୍ୟବାଦ ନଦେଇ ରହିପାରିବ ନାହିଁ । ଅନ୍ୟପାଖ ଗ୍ୟାଲେରିରେ ଦେଶର ବଡ଼ବଡ଼ ରାଜନେତା, ଅଧିକାରୀ, ବୈଜ୍ଞାନିକମାନଙ୍କର ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ସହିତ ନିଜେ ଡ. କାଲାମ । ବିଭିନ୍ନ ବିଶେଷ ମୁହୂର୍ତ୍ତର ଦୃଶ୍ୟ । ପାଖକୁ ପାଖ ଲାଗିଥିବା ଚାରିଗୋଟି ହଲ୍‌ରେ କାଲାମଙ୍କର ଜୀବନବ୍ୟାପୀ ସାଧନାର କୀର୍ତ୍ତି, ପୁସ୍ତକ, ଲେଖା, ଚିଠି, ଆତ୍ମଜୀବନୀ ଏବଂ ସ୍ପେସ୍ ସାଇନ୍ସକୁ ଅବଦାନ ସଂପର୍କିତ ଫଟୋଚିତ୍ର ଏବଂ କଳାକୃତି ଜରିଆରେ ଉପସ୍ଥାପନ କରାଯାଇଛି । ଏଥିରେ ଗୁରୁତ୍ୱପୂର୍ଣ୍ଣ ମିଶାଇଲ୍ ରକେଟ୍ ସହିତ ନ୍ୟୁକିଲର୍ ଟେଷ୍ଟର ପ୍ରତୀକ ଅନ୍ତର୍ଭୁକ୍ତ ।

ଠିକ୍ ମଝି ହଲ୍‌ରେ କାଲାମଙ୍କର ମରଶରୀରକୁ ଦିଆଯାଇଥିବା କବରର ସୁସଜ୍ଜିତ ସମାଧିମଣ୍ଡପ । ଶୃଂଖଳିତ ଭାବେ ଯାତାୟାତ ଏବଂ ପ୍ରବେଶ ପ୍ରସ୍ଥାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଷ୍ଟିଲ ବାଡ଼ଦ୍ୱାରା ଚିହ୍ନିତ କରାଯାଇଛି । ସୁନ୍ଦର ସୁସଜ୍ଜିତ ଗ୍ୟାଲେରୀ, ଫଟୋ ଗ୍ୟାଲେରୀ, ଲାଇବ୍ରେରୀ, ଅଡ଼ିଟରିୟମରେ ବିଭିନ୍ନ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ସ୍ଥାନିତ କରାଯାଇଛି । ବିଶେଷ କରି ଶିଲୋନରେ ତାଙ୍କର ମୃତ୍ୟୁ ବେଳର ଅବିକଳ ଦୃଶ୍ୟର ପ୍ରତିମୂର୍ତ୍ତି ଅତ୍ୟନ୍ତ ଆକର୍ଷଣୀୟ ହୋଇପାରିଛି । ସ୍ମାରକୀପୀଠର ଚର୍ତୁପାର୍ଶ୍ୱରେ ଅଗ୍ନି, ପୃଥିବୀ ଭଳି ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ରର ପ୍ରତିକୃତି ସକ୍ରିୟ ନିର୍ମାଣଶୈଳୀ ଅତ୍ୟନ୍ତ ନିଆରା ।

ମେମୋରିଆଲ ସଂପର୍କରେ ସବିଶେଷ ତଥ୍ୟରୁ ଜାଣିବାକୁ ପାଇଲୁ, ଏଥିରେ ବ୍ୟବହାର ହୋଇଥିବା ୟଲୋ ଷ୍ଟୋନ୍ ପାକିସ୍ତାନରୁ ଆମଦାନି କରାଯାଇଛି । ଗାର୍ଡ଼ନରେ ରୋପଣ ହୋଇଥିବା ଚାରା ସବୁକୁ ଦିଲ୍ଲୀ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଏବଂ ବାଙ୍ଗାଲୋରରୁ ଅଣାଯାଇଛି । ମେମୋରିଆଲର ନିର୍ମାଣ କାର୍ଯ୍ୟ ୨୦୧୬ ମସିହାରେ ଆରମ୍ଭ ହୋଇ ମାତ୍ର ୯ ମାସ ମଧ୍ୟରେ ଶେଷ କରାଯାଇଥିଲା । ୨୦୧୭ ମସିହା ଜୁଲାଇ ୨୭ ତାରିଖ ଦିନ ଡ. କାଲାମଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଉଦ୍‌ଘାଟନ କରିଥିବା ଫଳକ ଏବଂ ଫଟୋଚିତ୍ରରୁ ଜଣି ପାରିଥିଲେ ।

ଅବଶ୍ୟ ବାହାରେ ସ୍ଥାପିତ ପ୍ରତିକୃତିଗୁଡ଼ିକର ଫଟୋ ଉତ୍ତୋଳନରେ ବିଶେଷ କିଛି ଅସୁବିଧା ନଥିଲା । ଦଣ୍ଡାୟମାନ ଅଗ୍ନି କ୍ଷେପଣାସ୍ତ୍ରକୁ ଦେଖି ନିଜ ରାଜ୍ୟ ଓଡ଼ିଶାର ଚାନ୍ଦିପୁର ପରୀକ୍ଷଣ କେନ୍ଦ୍ର ଏବଂ ଧାମରାର ହୁଇଲର୍ ଡ.କାଲାମଙ୍କ ଦ୍ୱୀପକଥା ମନେପଡ଼ିଯାଏ । ମନେ ହେଉଥିଲା, ଏହି କ୍ଷେତ୍ରଟିରେ ଓଡ଼ିଶାର ସଂପର୍କ ଯେମିତି ଯୋଡ଼ିହୋଇ ରହିଛି ।

ସେଠାରେ ଆହୁରି ଅନେକ କିଛି ସମୟ କଟେଇ ଦେଖିବାର ଇଚ୍ଛା ଥିଲେ ବି ସମୟ ସୁଯୋଗ ଦେଇ ନଥିଲା । ଡ.କାଲାମଙ୍କୁ ଆଉ ଥରେ ସଲାମ ଜଣାଇ ବିଦାୟ ନେଇଥିଲୁ । ବାସ୍ତବରେ ଡ. କାଲାମଙ୍କ ମେମୋରିଆଲଟି ପର୍ଯ୍ୟଟକଙ୍କପାଇଁ ଏକ ବିଶେଷ ଦର୍ଶନୀୟ ସ୍ଥାନ ଅଧିକାର କରିପାରିଛି ।

-୦-

ସଂପାଦକ: 'ଶଙ୍ଖବେଳା'
ସୋର, ବାଲେଶ୍ୱର
ମୋ-୯୪୩୭୩୦୬୧୮୧



# ସୁପୁତ୍ର ସୁରେନ୍ଦ୍ର ଏବଂ ଉଲୁଗୁଲାନ୍

ଦୀପିକା ଦାଶ

ଗୋଟିଏ ହଜାର ବର୍ଷ ତଳ ମହକ ଜାତିକୁ ଯେତେବେଳେ ଦାସତ୍ୱ ପ୍ରଥାରେ ବିଦେଶୀମାନଙ୍କ ଦ୍ୱାରା ଭୂଲୁଣ୍ଠିତ ହେବାକୁ ପଡ଼େ, ସେତେବେଳେ କେହି ନା କେହି ଅନ୍ଧାରରେ ମଶାଲ ଜଳି ଉଠିଲା ପରି ସ୍ୱଚ୍ଛନ୍ଦତାର ମହାନ ଦୃଷ୍ଟିକୋଣ ନେଇ ଜନ୍ମନିଏ । ଅତ୍ୟାଚାରୀ ବ୍ରିଟିଶ୍ ଶାସନ ବିରୋଧରେ ଅତିଷ୍ଠ ହୋଇ ଉଠିଥିବା ପଶ୍ଚିମ ଓଡ଼ିଶା ପାଇଁ ସେମିତି ଦିନେ ପୂର୍ବ ଭୋର୍ ଆକାଶର ସୂର୍ଯ୍ୟ ଭଳି ଉଭା ଥିଲେ ମହାନ୍ ବିପ୍ଳବୀ, ସାଏ ବଂଶର ମହାନ୍ ସୁପୁତ୍ର ବୀର ସୁରେନ୍ଦ୍ର ସାଏ ।



ଗୋଟିଏ ମହାନ୍ ଜାତିର ସ୍ୱପ୍ନ, ସ୍ୱଚ୍ଛନ୍ଦ ଓ ଅନୁଶାସନ ନିଜକୁ ନିଜେ ଗଢ଼ି ତୋଳିବାର ଆସ୍ପର୍ଦ୍ଧା, ସଭ୍ୟତା ବିକାଶରେ ବିଶ୍ୱ ଇତିହାସରେ ପ୍ରମୁଖ ସ୍ଥାନ ହାସଲ କରିଥିବା ଦେଶ ଯିଏକି ଆଦିମ କାଳରୁ 'ବିଶ୍ୱଗୁରୁ'ର ସୁନାମ ଅର୍ଜନ କରିଥିବା ଜାତି କେବେ ମୁଣ୍ଡ ନୁଆଁଇ ଗୋଲାମଗିରି ତା' ପାଇଁ ଅନସ୍ୱୀକାର୍ଯ୍ୟ । ସେମିତି ଦେଶର ନିଜସ୍ୱ ସଂସ୍କୃତି, ଐତିହ, ଚାଲିଚଳନ, ସାମାଜିକ ବିଧିବ୍ୟବସ୍ଥା, ଶିକ୍ଷା, ରାଜସ୍ୱକୁ ସୁଚାରୁରୂପେ ତୁଲାଇ ପାରୁଥିବା ଏବଂ ଏହି ବ୍ୟବସ୍ଥିତ ଢଙ୍ଗ ପାଇଁ ପୃଥିବୀ ଭୂଖଣ୍ଡରେ ସମଗ୍ର ଆଦର୍ଶ ପାଳଟିଥିବା ଦେଶକୁ କଳେବଳେ ପରାଧୀନତାର ଶିକୁଳିରେ ବାନ୍ଧିବାକୁ ଅପଚେଷ୍ଟା କରୁଥିବା ଧୂର୍ତ୍ତଗଣଙ୍କ ସମ୍ମୁଖରେ ମଥା ପୋତିଥିବା ଜନସାଧାରଣଙ୍କୁ ପ୍ରଜାତନ୍ତ୍ରର ସ୍ୱପ୍ନ ଦେଖିବାକୁ ଶିଖାଉଥିଲେ ସୁପୁତ୍ର ସୁରେନ୍ଦ୍ର ସାଏ । ସେ ଜାଣିଥିଲେ ଗୋଟିଏ ଉନ୍ନତ ସମାଜ ସର୍ବଦା ସ୍ୱାଧୀନ ଚିନ୍ତାଧାରାରେ ପ୍ରତିପୋଷଣ କରିଥାଏ । ତେଣୁ ସେ ବ୍ରିଟିଶ୍‌ମାନଙ୍କ ହାତରୁ ସ୍ୱେଚ୍ଛାଚାରୀ ଶାସନ ଛଡ଼ାଇଆଣି ନିଜ ରାଜ୍ୟବାସୀଙ୍କୁ ଅର୍ପଣ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିଲେ । ଏହିଭଳି କିଛି ବିପ୍ଳବୀଙ୍କର ଏକଚ୍ଛତ୍ରବାଦ ଶାସନ ବିରୋଧରେ ଦେଖିଥିବା ସ୍ୱପ୍ନ ଆଜି ଆମ ଆଖି ଆଗରେ ଗଣତନ୍ତ୍ରର ସାକାର ରୂପ ନେଇଛି । ବୀର ସୁରେନ୍ଦ୍ରସାଏଙ୍କର ଜନ୍ମ ଚୌହାନ୍ ରାଜବଂଶରେ ମାତା ରେବତୀ ଦେବୀ ଓ ପିତା ଧର୍ମ ସିଂହ କୋଳରେ ୨୩ ଜାନୁଆରୀ ୧୮୦୯, ସମ୍ବଲପୁରରୁ ୨୦ ମାଇଲ୍ ଦୂରରେ ଥିବା 'ଖିଣ୍ଡା' ଗ୍ରାମରେ ହୋଇଥିଲା । ଯଦିଓ ତାଙ୍କର ସଂଗ୍ରାମ ରାଜଗାଦିରେ ଉତ୍ତରାଧିକାରୀତ୍ୱକୁ ନେଇ 'ଉଲୁଗୁଲାନ୍' ନାମକ ଆନ୍ଦୋଳନର ସୂତ୍ରପାତ ଘଟିଥିଲା, ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ପ୍ରଜାମାନଙ୍କୁ ସ୍ୱାଧୀନତା ପଥରେ ଜାଗ୍ରତ କରିବାର ଉଦ୍ଦେଶ୍ୟକୁ ପରିବର୍ତ୍ତିତ ହୋଇଥିଲା । ଜନଜାତିଙ୍କ ମନରେ ସ୍ୱାଧୀନ ଚିନ୍ତାଧାରାର ବୀଜ ବୁଣିବାରେ ତାଙ୍କ ୭୫ ବର୍ଷ ଜୀବନରୁ ୩୬ ବର୍ଷ କାଳ କାରାଗାରରେ କଟିଥିଲା ।

ସମ୍ବଲପୁରରୁ ମରହଟ୍ଟା ସାମ୍ରାଜ୍ୟର ପତନ ପରେ ଅତ୍ୟନ୍ତ ଅଭାବନୀୟ ଭାବରେ ରାଜା 'ମହାରାଜା' ସାଏ'ଙ୍କର ନିଃସନ୍ତାନ ଅବସ୍ଥାରେ ମୃତ୍ୟୁବରଣ ହେବା ପରେ ରାଜବଂଶୀୟ ସୁରେନ୍ଦ୍ର ସାଏ, ଇଂରେଜଙ୍କ ଚକ୍ରାନ୍ତ ଫଳରେ ରାଜଗାଦିର ଉତ୍ତରାଧିକାରୀତ୍ୱରୁ ବଂଚିତ ହୁଅନ୍ତି । ଦୁର୍ବଳ ମହାରାଣୀଙ୍କୁ ହାତବାରିସି କରି ସମ୍ବଲପୁର ଶାସନ ଚଳାଇବାକୁ ମସୁଧା କରିଥିବା ଇଂରେଜଙ୍କ ବିରୋଧରେ ସାଏଙ୍କର ଆନ୍ଦୋଳନ ଭବିଷ୍ୟତର 'ଉଲୁଗୁଲାନ' ପାଇଁ ପଥ ଉନ୍ମୁକ୍ତ କରିଥିଲା । ମାତ୍ର ଇଂରେଜମାନେ ଜାଣିଥିଲେ, ସୁରେନ୍ଦ୍ରସାଏ ରାଜା ହୋଇ କେବେ ମଧ୍ୟ ସେମାନଙ୍କର ଆନୁଗତ୍ୟ ସ୍ୱୀକାର କରିବେ ନାହିଁ । ତେଣୁ ସାଏ ଓ ଇଂରେଜ ମଧ୍ୟରେ ବିଦ୍ରୋହର ବହ୍ନି ସମଗ୍ର ଓଡ଼ିଶା ରାଜ୍ୟକୁ ବ୍ୟାପି ଯାଇଥିଲା ।

ସୁରେନ୍ଦ୍ର ସାଏଙ୍କର ବିଚକ୍ଷଣ ରଣକୌଶଳ ତାଙ୍କର ଅଦ୍ଭୁତ ସାଙ୍ଗଠନିକ ଶକ୍ତି ତଥା ଅସୀମ ପରାକ୍ରମ ଆଗରେ ଇଂରେଜ କ୍ୟାପଟେନ୍ 'ହିଗନସ୍', କ୍ୟାପ୍‌ଟେନ୍ 'ୱିଲଗିନ୍‌ସନ୍' ଭଳି ଦୁର୍ଦ୍ଦାନ୍ତ ସେନାଧ୍ୟକ୍ଷମାନେ ମୁଣ୍ଡ ନୁଆଁଇଥିଲେ । ଏହାପରେ ବିଦ୍ରୋହ କିଛି ମାତ୍ରାରେ ଦମନ ହେବା ଦେଖି ଇଂରେଜମାନେ ରାଣୀ ମୋହନ କୁମାରୀଙ୍କୁ ଗାଦିଚ୍ୟୁତ କରି ଜଣେ ରାଜବଂଶର ଦୂର ସମ୍ପର୍କୀୟ ଏବଂ ଅଯୋଗ୍ୟ ବ୍ୟକ୍ତି ନାରାୟଣ ସିଂଙ୍କୁ ରାଜଗାଦି ପ୍ରଦାନ କଲେ । ଫଳତଃ ବିଦ୍ରୋହ ପ୍ରଶମିତ ହେବା ପରିବର୍ତ୍ତେ ଭୟଙ୍କର ଭାବରେ ମୁଣ୍ଡ ଟେକିଥିଲା । ଏହାପରେ ଇଂରେଜମାନେ କୌଶଳକ୍ରମେ ସୁରେନ୍ଦ୍ର ସାଏଙ୍କ କେତୋଟି ସେନାଧ୍ୟକ୍ଷଙ୍କୁ ହତ୍ୟା କରିବା ସହ କର୍ଣ୍ଣେଲ ଆଭସ୍‌ଙ୍କ ସହାୟତାରେ ସୁରେନ୍ଦ୍ରଙ୍କୁ ବନ୍ଦୀ କରି ୫ ବର୍ଷ ପାଇଁ କାରାଦଣ୍ଡରେ ଦଣ୍ଡିତ କରି ହଜାରିବାଗ୍ ଜେଲ୍ ପଠାଇଥିଲେ । ଧୋକାବାଜ୍ ଇଂରେଜମାନେ ତାଙ୍କ ଦଣ୍ଡର ଅବଧି ଶେଷ ହେବା, ନାରାୟଣ ସିଂଙ୍କ ମୃତ୍ୟୁ ହେବା ପରେ ମଧ୍ୟ ରାଜଗାଦିର ପ୍ରକୃତ ହକ୍‌ଦାର ସୁରେନ୍ଦ୍ରଙ୍କୁ ହସ୍ତାନ୍ତର କରିନଥିଲେ । ପୁଣିଥରେ ବିଦ୍ରୋହର ବହ୍ନି ଜଳିଉଠିବା ସହ ୧୮୫୭ ସିପାହୀ ବିଦ୍ରୋହରେ ତାଙ୍କର ସମର୍ଥକମାନେ ହଜାରିବାଗ୍ ଜେଲ୍ ଭାଙ୍ଗି ସୁରେନ୍ଦ୍ର ସାଏଙ୍କ ସମେତ ତାଙ୍କର ୩୨ଜଣ ବନ୍ଧୁଙ୍କୁ ମୁକ୍ତ କରିଥିଲେ । ଏହାପରେ ସୁରେନ୍ଦ୍ରଙ୍କ ଆନ୍ଦୋଳନର ପଦ୍ଧତି ଗରିଲା ଶୈଳୀକୁ ପରିବର୍ତ୍ତିତ ହୋଇଥିଲା । ତାଙ୍କର ଚତୁର ଆକ୍ରମଣ ଫଳରେ ପ୍ରଚଣ୍ଡ ଗୁଳିଗୁଳା ସାଙ୍ଗକୁ ଜୀବନ ହାନି ହୋଇଥିଲା । ୧୮୬୧ 'ମେଜର ଇମ୍ପେ' ସୁରେନ୍ଦ୍ର ସାଏଙ୍କ ସହ ଚାଲିଥିବା ଲମ୍ବା ଯୁଦ୍ଧର ଅନ୍ତଘଟାଇ ଶାନ୍ତି ପ୍ରସ୍ତାବ ଉତ୍‌ଥାପନ କରିଥିଲେ । ବିଦ୍ରୋହୀମାନଙ୍କୁ କ୍ଷମା ପ୍ରଦାନ ସହ ସେମାନଙ୍କର ବାର୍ଜ୍ୟାପ୍ତ ସମ୍ପତ୍ତି ଫେରାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ଏହାଫଳରେ ସୁରେନ୍ଦ୍ର ସାଏ ଓ ତାଙ୍କର ଭାଇ ଓ ପୁତ୍ରଗଣ ଆତ୍ମସମର୍ପଣ କରିଥିଲେ ।

ଦୈବାତ୍ ୧୮୬୩ରେ 'ଇମ୍ପେ'ଙ୍କର ମୃତ୍ୟୁ ହେବାରୁ ତାଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ମେଜର 'କମ୍ବରଲେଜ୍' ଧୋକା ଦେବା ପୂର୍ବକ ରାତି ଅଧରେ ସୁରେନ୍ଦ୍ର ସାଏଙ୍କ ଘର ଉପରେ ଚଢ଼ାଉ କରି ତାଙ୍କୁ ବନ୍ଦୀ କଲେ ଏବଂ 'ଅଶୁର୍‌ଗଡ଼' ଦୁର୍ଗକୁ ପଠାଇଦେଲେ । ସେହିଠାରେ ରହି ବନ୍ଦୀ ଜୀବନର ଶେଷ ନିଃଶ୍ୱାସ ପରିତ୍ୟାଗ କରିଥିଲେ । ୧୮୬୪ ମସିହା ଫେବୃୟାରୀ ୨୮ ତାରିଖରେ 'ଅଶୁର୍‌ଗଡ଼' ଦୁର୍ଗରେ ସୁରେନ୍ଦ୍ରଙ୍କର ପରଲୋକ ଘଟିଥିଲା ।

ସେ ଗୋଟିଏ ଉନ୍ନତ, ସ୍ୱଚ୍ଛନ୍ଦ, ମୁକ୍ତ ରାଜ୍ୟର ପରିକଳ୍ପନା କରିଥିଲେ  ଯାହାକୁ ଆମେ ଆଧୁନିକ ଭାରତରେ ଗଣତନ୍ତ୍ର ବୋଲି ଅଭିହିତ କରୁ । ଆଧୁନିକ ଭାରତ ନିର୍ମାଣ ପଛରେ ତାଙ୍କର ଅବଦାନ ଚିରସ୍ମରଣୀୟ ।

–୦–

ଆନନ୍ଦ ନଗର, ବ୍ରହ୍ମପୁର, ଗଂଜାମ
ମୋ: ୭୭୩୫୬୯୬୪୨





# ଲବଣ ସତ୍ୟାଗ୍ରହ

## ସୁଜିତ କୁମାର ବେହେରା

ଭାରତର ସ୍ୱାଧୀନତା ସଂଗ୍ରାମ ଅନ୍ୟତମ ପ୍ରମୁଖ ଘଟଣା 'ଲବଣ ସତ୍ୟାଗ୍ରହ' ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ଗୁଜରାଟ ରାଜ୍ୟର ସମୁଦ୍ର ତଟବର୍ତ୍ତୀ ଗ୍ରାମ ଦାଣ୍ଡୀରୁ ପଦଯାତ୍ରା ଆରମ୍ଭ ହୋଇଥିଲା । ଏହା ପରାଧୀନ ଭାରତରେ ବ୍ରିଟିଶ୍ ସରକାରଙ୍କ ଲବଣ ବ୍ୟବସାୟରେ ଏକଚାଟିଆ ଆଧିପତ୍ୟ ଓ ଲବଣ ଉପରେ ଅତ୍ୟଧିକ ଟିକସ ବିପକ୍ଷରେ ଏକ ଶକ୍ତିଶାଳୀ ଅହିଂସାପୂର୍ଣ୍ଣ ଆନ୍ଦୋଳନ ଥିଲା ।

ମୋହନଦାସ କରମଚାନ୍ଦ ଗାନ୍ଧି (ମହାତ୍ମା ଗାନ୍ଧି) ଏହି ଆନ୍ଦୋଳନର ଆରମ୍ଭ କରି ମାର୍ଚ୍ଚ ୧୨ ତାରିଖ ସକାଳ ୬.୩୦ରେ ୭୮ଜଣ ଅନୁଗାମୀଙ୍କ ସହ ପ୍ରାୟ ୨୪୧ ମାଇଲ (୩୯୦ କି.ମି.) ଦୂରରେ ଅବସ୍ଥିତ ଦାଣ୍ଡୀକୁ ଯାତ୍ରା ଆରମ୍ଭ କରିଥିଲେ । ୨୪ ଦିନ ଧରି ଚାଲିଥିବା ଏହି ପଦଯାତ୍ରାରେ କ୍ରମେ ସହସ୍ରାଧିକ ଦେଶବାସୀ ଗାନ୍ଧିଜୀଙ୍କ ସହ ଯୋଗ ଦେଇଥିଲେ । ଏହା ୧୯୩୦ ମସିହା ଏପ୍ରିଲ ୫ ତାରିଖରେ ସମାପ୍ତ ହୋଇଥିଲା । ଏହି ସତ୍ୟାଗ୍ରହରେ ଗାନ୍ଧିଜୀ ଓ ତାଙ୍କ ଅନୁଗାମୀମାନେ ଦାଣ୍ଡୀ ସମୁଦ୍ର କୂଳରେ ଲୁଣ ମାରିଥିଲେ । ଏହି ସତ୍ୟାଗ୍ରହ ସମଗ୍ର ଭାରତବର୍ଷରେ ଲୋକମାନଙ୍କ ମଧ୍ୟରେ ଗଭୀର ଉତ୍ସାହ ଭରି ଦେଇଥିଲା ଓ ଦେଶର ଅନେକ ସ୍ଥାନରେ ବ୍ରିଟିଶ ସରକାରଙ୍କ ଲବଣ ଆଇନ ଭଙ୍ଗ କରାଯାଇଥିଲା ।

**ଓଡ଼ିଶାରେ ଲବଣ ସତ୍ୟାଗ୍ରହ:**

ଓଡ଼ିଶାର ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ିରେ ୧୯୩୦ ମେ ୨୧ରେ 'ଲୁଣମରା ଆଇନ' ପଣ୍ଡିତ ନୀଳକଣ୍ଠ ଦାସଙ୍କ ଦ୍ୱାରା ଭଙ୍ଗାଯାଇଥିଲା । ସେ ପ୍ରଥମେ କାକଟପୁର ଆସି ପାଟଳଦା ଗ୍ରାମର ସତ୍ୟାଗ୍ରହୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରି କାର୍ଯ୍ୟକ୍ରମ ପ୍ରସ୍ତୁତି କରିଥିଲେ । ତା'ପରେ ଓଳଙ୍ଗର ଗ୍ରାମର ଭୁବନାନନ୍ଦ ସ୍ୱାଇଁ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ରହିବା ଖାଇବା ବ୍ୟବସ୍ଥା କରିଥିଲେ । ମେ ୨୧ରେ ଲବଣ ସତ୍ୟାଗ୍ରହ ଅନୁଷ୍ଠିତ ହେବାର ଖବର ଚାରିଆଡ଼େ ଖେଳିଯାଇଥିଲା । ନୀଳକଣ୍ଠ ଦାସଙ୍କ ସହ ଯୋଗଦେବା ପାଇଁ ପହଞ୍ଚିଥିଲେ ଜଗନ୍ନାଥ ରଥ, ରଘୁନାଥ ମିଶ୍ର, ସତ୍ୟବାଦୀ ତ୍ରିପାଠୀ, ବୈକୁଣ୍ଠନାଥ ପ୍ରତିହାରୀ, ମାଆ ଇନ୍ଦୁମତୀ ଆଦି ଘଟଣା ଦିନ ପ୍ରଥମେ ଲୁଣ ମାରିଥିଲେ । ଉତ୍କଳମଣିଙ୍କ ପ୍ରିୟ ଛାତ୍ର ମଧୁସୂଦନ ମିଶ୍ର । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୁଣମରାକୁ ବେଆଇନ ଘୋଷଣା କରିବା ସହ ଅବିଶ୍ରାନ୍ତ ଲାଠି ଚାଳନା କରିଥିଲା । ଫାଙ୍କା ଗୁଳି ବର୍ଷଣ ମଧ୍ୟ ହୋଇଥିଲା । ପ୍ରଥମେ ମଧୁ ମିଶ୍ରଙ୍କୁ ଗିରଫ କରାଯାଇଥିଲା । ଲାଠିମାଡ଼ରେ ଜଗନ୍ନାଥ ମିଶ୍ରଙ୍କ ମେରୁଦଣ୍ଡ ହାଡ଼ ଭାଙ୍ଗିଥିଲା । ବୋଲଗଡ଼ର ସତ୍ୟାଗ୍ରହୀ ବାନାମ୍ବର ପରିଡ଼ାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତପାତ ହୋଇଥିଲା ଏବଂ ସେ ଘଟଣା ସ୍ଥଳରେ ସହିଦ ହୋଇଥିଲେ । ସତ୍ୟାଗ୍ରହୀଙ୍କ ଉପରେ ଆକ୍ରମଣ ଓ ଗିରଫଦାରୀ ସତ୍ତ୍ୱେ ଲୋକେ ଭୟଭୀତ ନ ହୋଇ ଲୁଣମରା ଜାରି ରଖିଥିଲେ ଏବଂ ସମଗ୍ର ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହ ସଫଳ ହୋଇଥିଲା ।

ସେତେବେଳେ ଭାରତବର୍ଷରେ ସର୍ବଶ୍ରେଷ୍ଠ ଲୁଣ ଆମ ଓଡ଼ିଶାରେ ହିଁ ମିଳୁଥିଲା ଏବଂ ସର୍ବସାଧାରଣଙ୍କ ଦ୍ୱାରା ବହୁଳ ପରିମାଣରେ ଉତ୍ପାଦିତ ହେଉଥିବା କାରଣରୁ ଓଡ଼ିଆଙ୍କ ଜୀବନ, ଜୀବିକା ଓ ଅର୍ଥନୀତିରେ ଏହାର ପ୍ରଭାବ ଥିଲା ଅତୁଳନୀୟ । କିନ୍ତୁ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଲବଣ ଆଇନ ଫଳରେ ଲୋକେ ଲୁଣ ମାରିବାରୁ ବଞ୍ଚିତ ହେଲେ ଏବଂ ନିଜ ଆବଶ୍ୟକତା ପୂରଣ ପାଇଁ ନିଜ ଉତ୍ପାଦିତ ଲୁଣକୁ ଚଢ଼ାଦରରେ କିଣିବାକୁ ବାଧ୍ୟ ହେଲେ । ଲୁଣକୁ ନେଇ ଲବଣ ସତ୍ୟାଗ୍ରହର ବୀଜବପନ ହୋଇଥିଲା ଓଡ଼ିଶା ମାଟିରେ । ୧୯୩୦ ମସିହା ମାର୍ଚ୍ଚ ୩୦ ତାରିଖରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ବାଲେଶ୍ୱର ବୈଠକରେ ଓଡ଼ିଶାରେ ଆଇନ ଅମାନ୍ୟ ଆନ୍ଦୋଳନର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା ମହାମାନବ ଗୋପବନ୍ଧୁ ଚୌଧୁରୀଙ୍କୁ । ଲୁଣ ଉତ୍ପାଦନ ପ୍ରତି ନିର୍ଭରଶୀଳ ବାଲେଶ୍ୱର ସମେତ କଟକ, ପୁରୀ ଓ ଗଂଜାମ ଜିଲ୍ଲା ପାଇଁ ଡ. ହରେକୃଷ୍ଣ ମହତାବ, ପଣ୍ଡିତ ଆଚାର୍ଯ୍ୟ ହରିହର ଓ ସୁରେନ୍ଦ୍ରନାଥ ଦାସଙ୍କୁ ଜିଲ୍ଲାସ୍ତରୀୟ ଆୟୋଜକର ଦାୟିତ୍ୱ ଦିଆଯାଇଥିଲା ।

ଏହି ଯୋଜନା ପ୍ରତି ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ସମେତ ଦେଶର ବହୁ ତୁଙ୍ଗ ନେତାମାନଙ୍କ ସମର୍ଥନ ଯୋଗୁଁ ଏପ୍ରିଲ ୬ ତାରିଖରେ ଗୁଜୁରାଟର ବର୍ଦ୍ଦୋଲି ସହିତ ଓଡ଼ିଶାର ଇଞ୍ଚୁଡ଼ି ଠାରେ ଲବଣ ସତ୍ୟାଗ୍ରହ ଆରମ୍ଭର ନିଷ୍ପତ୍ତି ନିଆଯାଇଥିଲା । ତେବେ ଓଡ଼ିଶାରେ ଏହି ଆନ୍ଦୋଳନ ପ୍ରତି ଡର ଥିଲା ବ୍ରିଟିଶ ସରକାରଙ୍କର । ଠିକଣା ସମୟରେ ସାନ୍ଧ୍ୟ ଆଇନ ଲାଗୁ କରିଥିଲେ ସେ ଓଡ଼ିଶାରେ । ପରିଣାମକୁ ଦୃଷ୍ଟିରେ ରଖି ନାଗପୁରରୁ ସ୍ୱତନ୍ତ୍ର ସେନା ମଗାଇ ପ୍ରସ୍ତୁତ ରଖାଗଲା କଟକ ଏବଂ ବାଲେଶ୍ୱରରେ ।

ଇଞ୍ଚୁଡ଼ିରେ ଆନ୍ଦୋଳନ ପାଇଁ ଗଂଜାମ, ପୁରୀ ଓ କଟକ ଜିଲ୍ଲାର ସତ୍ୟାଗ୍ରହୀମାନଙ୍କୁ ହଜାର ହଜାର ସଂଖ୍ୟାରେ ଗିରଫ

କରାଗଲା କଟକରୁ ବାଲେଶ୍ୱର ଆଡ଼କୁ ଯାତ୍ରା ସମୟରେ । ଅକଥନୀୟ ଅତ୍ୟାଚାର ପୂର୍ବକ ବ୍ରିଟିଶ ସରକାର ଏକକାଳୀନ ସହସ୍ରାଧିକ ଲୋକଙ୍କ ଏହି ଆନ୍ଦୋଳନକୁ ଚପାଇ ଦେଇଥିଲା । ଲବଣ ସତ୍ୟାଗ୍ରହର ବୀଜପବନ ସହିତ ସମଗ୍ର ଦେଶକୁ ଅଭିପ୍ରେରିତ କରିଥିଲେ ମଧ୍ୟ ଓଡ଼ିଶା ମାଟିରେ ଲବଣ ସତ୍ୟାଗ୍ରହ ଧାର୍ଯ୍ୟ ଦିନରେ ହୋଇପାରି ନଥିଲା । କିନ୍ତୁ ଓଡ଼ିଆ ଜାତି କି ହାର ମାନିପାରେ ବ୍ରିଟିଶ୍ ସରକାରର ବନେଟ୍ ମାଡ଼ରେ !

ଲବଣ ସତ୍ୟାଗ୍ରହର ବୀଜପବନ ସହିତ ସମଗ୍ର ଦେଶକୁ ଅଭିପ୍ରେରିତ କରିଥିଲେ ମଧ୍ୟ ଓଡ଼ିଶା ମାଟିରେ ଲବଣ ସତ୍ୟାଗ୍ରହ ଧାର୍ଯ୍ୟ ଦିନ ୧୯୩୦ସାଲ ଏପ୍ରିଲ ୬ ତାରିଖରେ ହୋଇପାରି ନଥିଲା । ତେବେ ୧୩ ତାରିଖରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ି ଠାରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ୧୨ଜଣ ସତ୍ୟାଗ୍ରହୀ ଲବଣ ଆଇନ ଅମାନ୍ୟ କରି ପ୍ରଥମଥର ପାଇଁ ଲୁଣ ମାରିବା ଆରମ୍ଭ କରିଥିଲେ । କିନ୍ତୁ ସେଇ ମାସ ୨୦ ତାରିଖରେ ଶ୍ରୀମତୀ ମାଳତୀ ଚୌଧୁରୀ ଓ ଶ୍ରୀମତୀ ରମାଦେବୀଙ୍କ ନେତୃତ୍ୱରେ ସହସ୍ରାଧିକ ମହିଳା ଇଞ୍ଚୁଡ଼ିର ଦୁଇଟି କେନ୍ଦ୍ରରେ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିଥିଲେ । ଏହା ଥିଲା ଭାରତବର୍ଷର ସର୍ବପ୍ରଥମ ମହିଳା ନେତୃତ୍ୱାଧୀନ ଓ ମହିଳା ଅଂଶଗ୍ରହଣକାରୀ ସତ୍ୟାଗ୍ରହ । ଏଇ ସତ୍ୟାଗ୍ରହରେ କଟକ ଜିଲ୍ଲା କୁଜଙ୍ଗର ରାଣୀଙ୍କ ନେତୃତ୍ୱରେ ପ୍ରାୟ ୫୦୦ ଜଣ ମହିଳା ଯୋଗ ଦେଇଥିଲେ । ପୁରୀ ଜିଲ୍ଲାର କୁହୁଡ଼ି ଓ ସିଙ୍ଗେଶ୍ୱରଠାରେ ୩୦୦ରୁ ଊର୍ଦ୍ଧ୍ୱ ଏବଂ ଉଲ୍ଲେଖନୀୟ ଭାବେ ଗଂଜାମର ହୁମ୍ମା ଠାରେ ପ୍ରାୟ ୧୬୦୦ ଲୋକ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ସେ ମାସ ୯ ତାରିଖରେ ଲୁଣ ମାରିବା ଆରମ୍ଭ କରିଦେଇଥିଲେ ।

ବ୍ରିଟିଶ୍ ସରକାରଙ୍କ କଠୋର ଦମନଲୀଳା ସତ୍ତ୍ୱେ ଶ୍ରୀ ସୁରେନ୍ଦ୍ରନାଥ ଦାସ ବାଲେଶ୍ୱରର ଫରାସୀଡିଙ୍ଗା ଠାରେ ରହି ୧୯୩୧ ମସିହା ଜାନୁଆରୀ ମାସ ଅର୍ଥାତ୍ ପ୍ରାୟ ବର୍ଷେ କାଳ ଏହି ଲବଣ ସତ୍ୟାଗ୍ରହ ଚଳାଇ ଆସୁଥିଲେ । ସତ୍ୟାଗ୍ରହୀମାନଙ୍କ ପାଇଁ ସେ ଥିଲେ ଆଦରଣୀୟ ଓ ସମ୍ମାନନୀୟ 'ସର୍ଦ୍ଦାର ସୁରେନ୍ଦ୍ର' । ଓଡ଼ିଶାରେ ଏହି ଲବଣ ସତ୍ୟାଗ୍ରହର ବ୍ୟାପକ ରୂପ ସମଗ୍ର ଭାରତବର୍ଷରେ ଥିଲା ଅଦ୍ୱିତୀୟ । ଫଳତଃ ଗାନ୍ଧିଜୀଙ୍କ ସମେତ ବହୁ ତୁଙ୍ଗ ନେତା ଥିଲେ ଏହି ଆନ୍ଦୋଳନ ପ୍ରତି ପ୍ରଶଂସାମୁଖର । ଏପରିକି କିଛି ନିରପେକ୍ଷ ବ୍ରିଟିଶ୍ ସମ୍ବାଦପତ୍ର ମଧ୍ୟ ଏଇ ଐତିହାସିକ ସତ୍ୟାଗ୍ରହର ପ୍ରଶଂସା ପାଇଁ କୁଣ୍ଠାବୋଧ କରିନଥିଲେ ।

ଲୁଣ ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ । ଖାଦ୍ୟ ପ୍ରସ୍ତୁତିରେ ଲୁଣ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହେଲେ ଏବେ ଧିରେ ଧିରେ ଲୋପ ପାଉଛି ଲୁଣ ଚାଷ । ଗଂଜାମ ଜିଲ୍ଲା ସୋରଳ, ସୁମାଣ୍ଡି, ହୁମ୍ମାରେ ଏବେ ଲୁଣ ଚାଷରୁ ମୁହଁ ଫେରାଇ ନେଉଛନ୍ତି ଚାଷୀ । ସଠିକ୍ ପାରିଶ୍ରମିକ ମିଳୁନଥିବାରୁ ଚାଷୀ ଲୁଣ ଚାଷରୁ ବିମୁଖ ହେଉଥିବା ଅଭିଯୋଗ ହୋଇଛି । ପୂର୍ବରୁ ହୁମ୍ମାରେ ୧୩ଶହ ଏକର ଜମିରେ ଲୁଣ ଚାଷ ହେଉଥିଲା । ରାଜ୍ୟରେ ଉତ୍ପାଦିତ ହେଉଥିବା ୯୦ ପ୍ରତିଶତ ଲୁଣ ଏଠାରୁ ଉତ୍ପାଦନ ହେଉଥିଲା । ହେଲେ ଏବେ ମାତ୍ର ୪ଶହରୁ ୫ଶହ ଏକର ଜମିରେ ଚାଷ ହେଉଛି । ୧୧ଶହ ଜମି ପଡ଼ିଆ ପଡ଼ିଛି । ପ୍ରାୟ ୬ଶହ ଏକର ଜମିର ଲିଜ୍ ବାତିଲ କରି ଦେଇଛନ୍ତି କେନ୍ଦ୍ର ସରକାର । ଆଗାମୀ ଦିନରେ ଲୁଣ ଚାଷୀ ଜୀବିକା ଛାଡ଼ିବେ ବୋଲି ଆକଳନ କରାଯାଉଛି।

**ଗଂଜାମ ଜିଲ୍ଲାର ହୁମ୍ମା ଅଞ୍ଚଳରୁ ସତ୍ୟାଗ୍ରହ ଆରମ୍ଭ:**

ଗଂଜାମ ଜିଲ୍ଲାର ହୁମ୍ମା ଅଞ୍ଚଳରୁ ପ୍ରଥମ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା । ୧୯୩୦ ମସିହାରେ ହୁମ୍ମା ରେଲୱେ ଷ୍ଟେସନ୍‌ରେ ମହାତ୍ମା ଗାନ୍ଧି ପହଞ୍ଚିବା ପରେ ଏକ ବିଶାଳ ପଦଯାତ୍ରାରେ ଆସି ହୁମ୍ମା ଲବଣ ପଡ଼ିଆରେ ସାଧାରଣ ସଭାରେ ଯୋଗଦେଇ ସ୍ୱାଧୀନତା ଲାଗି ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ । ହୁମ୍ମା ଅଞ୍ଚଳରୁ ପ୍ରଥମେ ଆରମ୍ଭ ହୋଇଥିଲା ବାପୁଜୀଙ୍କ ଦାଣ୍ଡୀ ଯାତ୍ରା । ଯେଉଁଥିରେ ହଜାର ହଜାର ଲବଣ ସତ୍ୟାଗ୍ରହୀ ସାମିଲ ହୋଇଥିଲେ । ହୁମ୍ମା ଅଞ୍ଚଳର ଭି.ସୀତାରାମେୟା, ଟି. ଭେଙ୍କଟ କ୍ରିଷ୍ଣାୟାଙ୍କ ନେତୃତ୍ୱରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଲବଣ ସତ୍ୟାଗ୍ରହକୁ ବିଶ୍ୱନାଥ ଦାସ, ନିରଞ୍ଜନ ପଟ୍ଟନାୟକ, ଶଶିଭୂଷଣ ରଥ, ଦିବାକର ପଟ୍ଟନାୟକ, ସାରଳା ଦେବୀ, ମାଳତୀ ଦେବୀ, ପାଲୁରର ପୂର୍ଣ୍ଣଚନ୍ଦ୍ର ବେହେରା, ରମ୍ଭାର ବିଶ୍ୱମ୍ଭର ବେହେରା, ଗୋବିନ୍ଦ ପଣ୍ଡା, ସତ୍ୟବାଦୀ ପାଠୀ, ଅନନ୍ତ ଦାସ, ବିଶ୍ୱନାଥ ପୃଷ୍ଟି, ସାବୁଲିଆର ଶ୍ରୀବତ୍ସ ପଟ୍ଟନାୟକ ସାମିଲ ହୋଇଥିଲେ । ଗଂଜାମ, ହୁମ୍ମା, ଲକ୍ଷ୍ମୀପୁର, ପଲ୍ଲୀନନ୍ଦ ଲବଣ ସତ୍ୟାଗ୍ରହର କେନ୍ଦ୍ରସ୍ଥଳୀ ହୋଇଥିଲା । ନିରଞ୍ଜନ ପଟ୍ଟନାୟକ, ସାରଳାଦେବୀ ନେତୃତ୍ୱ ସ୍ଥାନୀୟ ବ୍ୟକ୍ତି ଗିରଫ ହୋଇଥିଲେ ମଧ୍ୟ ଏହି ଆନ୍ଦୋଳନ ଦୁର୍ବଳ ହୋଇ ନଥିଲା ।

**ଗାନ୍ଧିଜୀଙ୍କ ରମ୍ଭା ଆଗମନର କିଛି ସମୟ:**

ଲବଣ ସତ୍ୟାଗ୍ରହ ସମୟରେ ରମ୍ଭା ସହରରେ ରାତ୍ରୀଯାପନ କରିଥିବା ରାଜପ୍ରାସାଦର ଭିଜିଟର ବୁକ୍‌ରେ ପ୍ରମାଣ ରହିଛି । ୧୯୨୭ ମସିହା ଡିସେମ୍ବର ୩୦ ତାରିଖରେ ବାପୁଜୀଙ୍କ ପାଦ ପଡ଼ିଥିଲା । ସେତେବେଳେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କୁ ସାକ୍ଷାତ କରିଥିଲେ ମହାତ୍ମା ଗାନ୍ଧି । ରମ୍ଭାମାଟିକୁ ଦୁଇଥର ଆସି ଆତିଥ୍ୟ ଗ୍ରହଣ କରିଥିଲେ । ରାତ୍ରଯାପନ ପରେ ସକାଳେ ଚିଲିକା ମଧ୍ୟରେ ନୌକାଯାତ୍ରା କରି ବାଲୁଗାଁ ପର୍ଯ୍ୟନ୍ତ ଯାଇଥିଲେ । ପରେ ବାଲୁଗାଁରୁ ବାଣପୁର ଅଭିମୁଖେ ଯାତ୍ରା କରିଥିଲେ । ଗାନ୍ଧିଜୀଙ୍କ ସ୍ମୃତି ରମ୍ଭାବାସୀଙ୍କ ପାଇଁ ଅବିସ୍ମରଣୀୟ । ଯାହାକୁ ନେଇ ସରକାର ଚିଲିକା କୂଳରେ ୧୫୦ ଫୁଟର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଛି । ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ କାର୍ଯ୍ୟକ୍ରମର ଅଗ୍ରଗତି ପାଇଁ ରମ୍ଭା ଅଞ୍ଚଳର ବୁଦ୍ଧିଜୀବୀ ଅପେକ୍ଷାରେ ଅଛନ୍ତି ।

-୦-

ସାମ୍ବାଦିକ, ରମ୍ଭା, ଗଂଜାମ



# ନବଭାରତର ନିର୍ମାତା:
# ଯୁଗଦ୍ରଷ୍ଟା ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ

ପଞ୍ଚାନନ ଖଟୁଆ

ସେ ଥିଲେ ଜଣେ ସାଧକ, ସମାଜ ସଂସ୍କାରକ, ପ୍ରଖର ସ୍ୱାଧୀନତା ସଂଗ୍ରାମୀ, ବିଲକ୍ଷଣ କର୍ମଯୋଗୀ, ସୁସଂଗଠକ, ଭବିଷ୍ୟଦ୍ରଷ୍ଟଶ, ସମଗ୍ର ମାନବଜାତିକୁ ଗୋଟିଏ ସୂତ୍ରରେ ଗୁନ୍ଥିଥିବା ଯୁଗନିର୍ମାଣ ଯୋଜନାର ପ୍ରାଣବାନ୍ କାର୍ଯ୍ୟକର୍ତ୍ତା, ସତ୍ୟଯୁଗୀୟ ସମାଜ ଗଠନର ଆଦ୍ୟରୂପକାର, ବେଦମୂର୍ତ୍ତି ତପୋନିଷ୍ଠ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ । ବ୍ରାହ୍ମଣତ୍ୱକୁ ଜୀବନରେ ପ୍ରତିପାଦିତ କରିଥିବା ଭାରତୀୟ ସଂସ୍କୃତିର ଏହି ସମର୍ପିତ ସନ୍ଥ ଥିଲେ ଜଣେ ସରଳତାର ପ୍ରତିମୂର୍ତ୍ତି, ମମତା ଓ ସ୍ନେହସିକ୍ତ ଓଜସ୍ୱିନୀ ବକ୍ତା । ତଦାନିନ୍ତନ ସମାଜର ପ୍ରତ୍ୟେକ ବ୍ୟଥାକୁ ନିଜର ବ୍ୟଥା ଭାବି ଜୀବନତମାମ ସେ ନିଜ ଲେଖନୀର ସାଧନା କରିଯାଇଛନ୍ତି । ଯାହାଙ୍କ ଆଗମନର ବହୁପୂର୍ବରୁ ସ୍ୱାମୀ ବିବେକାନନ୍ଦ କହିଥିଲେ- "ଶୀଘ୍ର ହି ଗାୟତ୍ରୀକା ଏକ ସାଧକ ଆଏଗା ଔର ବୋ ପୁରି ଦୁନିଆ କୋ ପ୍ରକାଶିତ କରନେ କା କାର୍ଯ୍ୟ କରେଗା" ।

ସତକୁ ସତ ଅବିଭାଜିତ ଭାରତୀୟ ଆକାଶକୁ ଯେତେବେଳେ ଘନ ଅନ୍ଧାରର କାଳରାତ୍ରୀ ମାଡ଼ି ବସିଥିଲା, ଇଂରେଜମାନଙ୍କ କ୍ରୁର ଅତ୍ୟାଚାରରେ ଯେତେବେଳେ ଭାରତୀୟ ମାନେ ପେଷି ହୋଇ କାଳାତିପାତ କରୁଥିଲେ, ସ୍ୱାଧୀନତାର ସୂର୍ଯ୍ୟ ଭାରତୀୟଙ୍କ ପାଇଁ ଯେତେବେଳେ ଅପହଞ୍ଚ ଥିଲା, ସେହି ସମୟରେ ଉତ୍ତର ପ୍ରଦେଶର ବାନ୍ଦ୍ରା ଜିଲ୍ଲା ଅନ୍ତର୍ଗତ ଆଗ୍ରା ନିକଟବର୍ତ୍ତୀ ଆଓଁଲଖେଡ଼ା ଗ୍ରାମରେ ପିତା ପଣ୍ଡିତ ରୂପକିଶୋର ଶର୍ମା ଓ ମାତା ଦାନକୁମାରୀ ଦେବୀଙ୍କ କୋଳମଣ୍ଡନ କରି ୧୯୧୧ ମସିହା ସେପ୍ଟେମ୍ବର ମାସ ୨୦ ତାରିଖ ଦିନ ଏକ ଜମିଦାରୀ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ । ସ୍ୱର୍ଣ୍ଣଭୂ ପୂର୍ଣ୍ଣ ବସୁଧାକୁ ଉଦ୍ଧାର କରିବା ପାଇଁ ଅବତାରୀ ପୁରୁଷଙ୍କ ପରି ଶ୍ରୀରାମ ଶର୍ମା ଆଚାର୍ଯ୍ୟ ମଧ୍ୟ ଏହିଭଳି ଅବତାରୀ ସତ୍ତା ଭାବେ ଭୂମିଷ୍ଠ ହେବା ତାଙ୍କ ପିଲାଟି ଦିନରୁ ଜଣା ପଡ଼ିଯାଇଥିଲା । ପିତା ରୂପକିଶୋର ଶର୍ମା ଜଣେ ରାଜପୁରୋହିତ, ଅତ୍ୟନ୍ତ ବିଦ୍ୱାନ ଓ ଜଣେ ଭାଗବତ କଥାକାର ଥିବାରୁ ପିଲାଦିନର ଆଧ୍ୟାତ୍ମିକ ସାଧନା ପ୍ରତି ଶ୍ରୀରାମଙ୍କର ରୁଚି ବଢ଼ିଯାଇଥିଲା । ଶ୍ରୀରାମ ପିଲାଦିନେ ସହପାଠୀମାନଙ୍କୁ ବିଦ୍ୟାଳୟ ଶିକ୍ଷା ସହିତ ସୁସଂସ୍କାର ଓ ଆତ୍ମବିଦ୍ୟା ବିଷୟରେ ଶିକ୍ଷା ଦେବାରେ ପାରଦର୍ଶୀ ଥିଲେ । ଉଚ୍ଚକୂଳରେ ଜନ୍ମିଥିଲେ ମଧ୍ୟ ଉଚ୍ଚନୀଚ, ଜାତି, ଅଜାତି ଭେଦଭାବ ତାଙ୍କର ନଥିଲା । ତେଣୁ ସେ ଅସ୍ପୃଶ୍ୟ ଜାତିର ସେବା ପୂଜା କରି ଘର ଲୋକଙ୍କର ଅପ୍ରିୟଭାଜନ ହୋଇପଡ଼ିଥିଲେ । ପିଲାଦିନେ ସେ ସ୍ୱଳ୍ପ ଶିକ୍ଷା ଗ୍ରହଣ କରିଥିଲେ । ଜନ୍ମରୁ ପ୍ରତିଭା ସଂପନ୍ନ ଥିବାରୁ ଶିକ୍ଷା ତାଙ୍କ ପାଇଁ ଆବଶ୍ୟକ ନଥିଲା । ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତନ୍ତଶାଳାରେ ହାତତିଆରି ଲୁଗା ବୁଣି ନିଜଗୋଡ଼ରେ ଠିଆ ହେବାର କଳା କଉଶଳ ଶିଖାଇ ରାଷ୍ଟ୍ର ପ୍ରତି ସ୍ୱାଭିମାନ ଜାଗ୍ରତ ପାଇଁ ଆଗ୍ରହ ବଢ଼ାଇଥିଲେ ।

ପବିତ୍ର ବସନ୍ତ ପଞ୍ଚମୀ ୧୯୨୬ ମସିହାରେ ପନ୍ଦରବର୍ଷ ବୟସରେ ଦିନେ ପୂଜା କରୁଥିବାବେଳେ ପୂଜାସ୍ଥଳିରେ ଅଦୃଶ୍ୟ ଛାୟାଧାରୀ ତାଙ୍କର ଗୁରୁଙ୍କର ଆଗମନ ହୋଇଥିଲା । କାଶୀ ବନାରସଠାରେ ମହାନ୍ ସନ୍ଥ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଠାରୁ ଗାୟତ୍ରୀ ମନ୍ତ୍ରୀ ଦୀକ୍ଷା ଗ୍ରହଣ କରି ନିୟମିତ ଗାୟତ୍ରୀ ଆରାଧନା କରିବାକୁ ଲାଗିଲେ । ଦିନେ ପ୍ରଜ୍ଜ୍ୱଳିତ ଦୀପଶିଖାରେ ନିଜର ଗୁରୁସତ୍ତା ସ୍ୱାମୀ ସର୍ବେଶ୍ୱରାନନ୍ଦଜୀ ତାଙ୍କୁ ତାଙ୍କ ପୂର୍ବଜନ୍ମର ବୃତ୍ତାନ୍ତ ଶୁଣାଇଲେ । ସେ କବୀର, ସମର୍ଥ ଗୁରୁ ରାମଦାସ, ରାମକୃଷ୍ଣ ପରମହଂସ ଭାବେ ପୂର୍ବରୁ ପୃଥିବୀ ପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ ଏବଂ ଏ ଜନ୍ମରେ ମଧ୍ୟ ଏକ ବିଶେଷ ଭୂମିକା ନିଭେଇବା ପାଇଁ ଜନ୍ମଗ୍ରହଣ କରିଥିବା କଥା ଦର୍ଶାଇଲେ । ସେ ନିଜେ ଦୁର୍ଗମ ହିମାଳୟରୁ ଆସିଛନ୍ତି ଏବଂ ଅବତାରୀ ସ୍ତରର ଋଷିସତ୍ତାମାନେ ଇଚ୍ଛା କରୁଥିବା କେତେକ କାର୍ଯ୍ୟ ତାଙ୍କ ଦ୍ୱାରା କରାଇବାକୁ ଚାହୁଁଛନ୍ତି ବୋଲି ନିର୍ଦ୍ଦେଶ ଦେଲେ । ଅଳ୍ପଦିନରୁ ଆରମ୍ଭ କରି ଏକ ଏକ ବର୍ଷ ପର୍ଯ୍ୟନ୍ତ ଚାରିଥର ହିମାଳୟକୁ ଆସି ରହିବା ସହିତ କଠୋର ତପସ୍ୟା କରିବାକୁ ସନ୍ଦେଶ ଦେଲେ । ଏହା ସହିତ ଗୁରୁସତ୍ତା ଆଉ ତିନୋଟି କଠୋର ସନ୍ଦେଶ ମଧ୍ୟ ଦେଇଥିଲେ । ଯଥା- ୧. ଗାତ୍ରୀ ମହାଶକ୍ତିର ଚବିଶ ଚବିଶ ଲକ୍ଷ ଯୁକ୍ତ ଚବିଶ ମହାପୁରଶ୍ଚରଣ ଆହାର ସଂଯମର କଠୋର ତପ

ସହିତ କରିବାକୁ ହେବ । ୨. ଅଖଣ୍ଡ ଘୃତଦୀପର ସ୍ଥାପନା କରିବା ସହିତ 'ଜ୍ଞାନଯଜ୍ଞ' ଅଭିଯାନ ଆରମ୍ଭ କରିବାକୁ ହେବ । ୩. ଚବିଶ ମହାପୁରଶ୍ଚରଣ ସମୟରେ ଯୁଗଧର୍ମ ନିର୍ବାହ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ନିଜକୁ ସମର୍ପଣ କରିବାକୁ ପଡ଼ିବ ।

ଗୁରୁସତ୍ତାଙ୍କ ଏପରି ଆଦେଶ ପ୍ରଥମେ ଶ୍ରୀରାମଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଲା । ତପସ୍ୟା କରି ସିଦ୍ଧି ଉପାର୍ଜନ କରିବାର ଆବେଗ ତାଙ୍କୁ ଯେତିକି ଉତ୍ସାହିତ କରୁଥିଲା, ପରାଧୀନ ଭାରତୀୟଙ୍କ ଦୁର୍ଦ୍ଦଶା ତାଙ୍କୁ ସେତିକି କଷ୍ଟ ଦେଉଥିଲା । ୧୯୨୦ ମସିହାଠାରୁ ୧୯୩୩ ମସିହା ପର୍ଯ୍ୟନ୍ତ ସେ ସ୍ୱାଧୀନତା ଆନ୍ଦୋଳନକୁ ଲମ୍ଫ ପ୍ରଦାନ କରି ସକ୍ରିୟ ସ୍ୱୟଂସେବକ ଓ ସ୍ୱାଧୀନତା ସେନାନୀ ଭାବେ କାର୍ଯ୍ୟ କରିଥିଲେ । ଇଂରେଜମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରି ସେ ବହୁବାର ଜେଲ୍ ଭୋଗିଥିଲେ । ଏପରିକି ବହୁ ବିଶିଷ୍ଟ ବ୍ୟକ୍ତି ଯଥା- ଶ୍ରୀ ରଫି ଅହମ୍ମଦ କିଦ୍‌ୱାଇ, ମହାମନା ମାଲବ୍ୟଜୀ, ଦେବଦାସ ଗାନ୍ଧୀ, ଜବାହାରଲାଲ ନେହେରୁଙ୍କ ମାତା ସ୍ୱରୂପାରାଣୀ ନେହେରୁଙ୍କ ସହ ଶ୍ରୀରାମ ଆସାନ୍‌ସୋଲ ଜେଲରେ କାରାଦଣ୍ଡ ଭୋଗିଥିଲେ । କାରାବାସ ସମୟରେ ସେ କାରାଦଣ୍ଡ ଭୋଗୁଥିବା ନିରକ୍ଷରମାନଙ୍କୁ ଉତ୍ସାହ ସହ ପାଠ ପଢ଼ାଇବା ସହିତ ନିଜେ ଇଂରାଜୀ ଭାଷା ଶିକ୍ଷା କରିଥିଲେ । କାରାବାସ ସମୟରେ ମଦନମୋହନ ମାଲବ୍ୟଙ୍କ ଠାରୁ ଅଂଶଦାନ, ସମୟଦାନ ମାଧ୍ୟମରେ ସମାଜର ରଚନାତ୍ମକ କାର୍ଯ୍ୟକ୍ରମ ପରିଚାଳନାର ମନ୍ତ୍ର ଶିକ୍ଷା କରିଥିଲେ । ପରବର୍ତ୍ତୀ ସମୟରେ ଏଯାବତ୍ ଶ୍ରୀରାମଙ୍କ ଦ୍ୱାରା ତାଙ୍କର ଶିଷ୍ୟ ଓ ଅନୁଗାମୀମାନେ ପ୍ରତ୍ୟହ ନିଜର କିଛି ଆର୍ଥିକ ଅନୁଦାନକୁ ଅଂଶଦାନ ଏବଂ ନିଜେ ସମୟଦାନ ଓ ଶ୍ରମଦାନ କରି ଗାୟତ୍ରୀ ପରିବାରକୁ ଆଗକୁ ବଢ଼ିବାରେ ସାହାଯ୍ୟ କରି ଆସୁଛନ୍ତି । ସ୍ୱାଧୀନତା ଆନ୍ଦୋଳନ ସମୟରେ ସହିଦ ଭଗତ୍ ସିଂଙ୍କ ଫାଶୀ ବିରୁଦ୍ଧରେ ଶାସକଙ୍କ ପ୍ରତି ଅସହଯୋଗ ମନୋଭାବ ଭାରତବର୍ଷରେ ସମସ୍ତ ଜନତାଙ୍କ ମଧ୍ୟରେ ଦେଖାଦେଇଥିଲା । ଲୁଣମରା ଆନ୍ଦୋଳନ ସମୟରେ ସ୍ୱାଧୀନତା ସେନାନୀମାନେ ଇଂରେଜ ଶାସନଙ୍କ ଆଗରେ ମଥା ନୁଆଇଁ ନଥିଲେ, ଫଳରେ ଫିରିଙ୍ଗି ସିପାହୀମାନେ ବିଦ୍ରୋହକାରୀଙ୍କୁ ବହୁ ମାଡ଼ ମାରିଥିଲେ । ଏହି ସମୟରେ ଶ୍ରୀରାମ ନିଜେ ସିପାହୀମାନଙ୍କ ଠାରୁ ମାଡ଼ ଖାଇ ସଂଜ୍ଞାହୀନ ହୋଇଯାଇଥିଲେ । 'ଜରୀରା' ଆନ୍ଦୋଳନ ସମୟରେ ଫିରିଙ୍ଗି ସିପାହୀମାନେ ଶ୍ରୀରାମଙ୍କୁ ମାଡ଼ ମାରି ତାଙ୍କ ହାତରୁ ପତାକା ଛଡ଼ାଇବାକୁ ଚେଷ୍ଟା କଲାବେଳେ ଶ୍ରୀରାମ ପତାକାକୁ ନିଜ ପାଟିରେ କାମୁଡ଼ି ଧରିଥିଲେ । ମାଡ଼ ଖାଇ ସଂଜ୍ଞାହୀନ ହୋଇଗଲେ ସିନା ପତାକାକୁ ଛାଡ଼ି ନଥିଲେ । ସଂଜ୍ଞା ଫେରିପାଇବା ପରେ ତାଙ୍କ ଦାନ୍ତ ଓ ପାଟି ଖୋଲିବାରୁ ପତାକାର ଚିରାଖଣ୍ଡ ଦେଖି ଶ୍ରୀରାମଙ୍କ ଦେଶ ଓ ଜାତିପ୍ରୀତିକୁ ଲୋକମାନେ ତାରିଫ କରିବା ସହିତ ତାଙ୍କ ପରି ସ୍ୱାଧୀନତା ପାଗଳଙ୍କୁ ସମସ୍ତେ 'ଶ୍ରୀରାମ ମତ୍ତ' ବୋଲି ଡାକିଲେ । ଏବେ ଶ୍ରୀରାମଙ୍କ କଥା ପଡ଼ିଲେ ଆଗ୍ରାର ଆଖପାଖ ଲୋକ ତାଙ୍କୁ 'ମତ୍ତଜୀ' ବୋଲି ସମ୍ବୋଧନ କରନ୍ତି । ସେତେବେଳେ ପୁରୀ ଆଗ୍ରା ଜିଲ୍ଲାରେ ଖଜଣା ଧାର୍ଯ୍ୟ ହେବାର ବିବରଣୀ ସଂଗ୍ରହ ପାଇଁ ଶ୍ରୀରାମଙ୍କୁ ଦାୟିତ୍ୱ ଦିଆଯାଇଥିଲା । ତତ୍କାଳୀନ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥ ଶ୍ରୀରାମଙ୍କ ଖଜଣା ବିବରଣୀକୁ ମହାତ୍ମା ଗାନ୍ଧୀଙ୍କ ନିକଟକୁ ପଠାଇବାପରେ ମହାତ୍ମା ଗାନ୍ଧୀ ଶ୍ରୀରାମଙ୍କୁ ପ୍ରଶଂସା କରିବା ସହିତ ବିବରଣୀକୁ ବ୍ରିଟିସ୍ ପାର୍ଲିଆମେଣ୍ଟକୁ ପଠାଇଥିଲେ । ଫଳସ୍ୱରୂପ ସମଗ୍ର ଉତ୍ତରପ୍ରଦେଶରେ ଖଜଣା ଛାଡ଼ ପାଇଁ ବ୍ରିଟିଶ୍ ପାର୍ଲିଆମେଣ୍ଟରୁ ଆଦେଶ ଆସିଥିଲା । ସ୍ୱାଧୀନତା ସଂଗ୍ରାମ ସମୟରେ ତାଙ୍କର ବୀରତ୍ୱ, ତ୍ୟାଗ ଓ ମହନୀୟତା ପାଇଁ ଦୀର୍ଘ ପଚାଶ ବର୍ଷ ପରେ କେନ୍ଦ୍ର ସରକାର ନିଜର ପ୍ରତିନିଧି ପଠାଇ ତାମ୍ରପତ୍ର ପ୍ରଦାନ କରି ଶ୍ରୀରାମ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସ୍ୱାଭିମାନୀ ଶ୍ରୀରାମ ସେହି ସମ୍ମାନ, ସମସ୍ତ ସୁଖ ସୁବିଧା ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସମର୍ପଣ କରି ଅକ୍ଷୟ ଯଶ ଅର୍ଜନ କରିଗଲେ ।

୧୯୩୫ ମସିହାରେ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ ହେଲା । ନିଜ ଗୁରୁବର ସ୍ୱାମୀ ସର୍ବେଶ୍ୱରାନନ୍ଦଜୀଙ୍କ ସୂକ୍ଷ୍ମସତ୍ତାଙ୍କ ନିର୍ଦ୍ଦେଶରେ ଶ୍ରୀରାମ ବିଶ୍ୱକବି ଗୁରୁଦେବ ଋଷିବର ରବୀନ୍ଦ୍ରନାଥ ଠାକୁରଙ୍କୁ ଭେଟିବା ପାଇଁ ଶାନ୍ତିନିକେତନ, ଶ୍ରୀ ଅରବିନ୍ଦଙ୍କୁ ଭେଟିବା ପାଇଁ ପଣ୍ଡିଚେରୀ ଓ ମହାତ୍ମା ଗାନ୍ଧୀଙ୍କୁ ଭେଟିବା ପାଇଁ ସାବରମତୀ ଆଶ୍ରମକୁ ଯାଇ ପରାମର୍ଶ ଗ୍ରହଣ କରିଥିଲେ । ସେଠାରୁ ଫେରିବା ପରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପନ୍ଥା ଅନୁସରଣ କରି ପରାଧୀନତାର ଶୃଙ୍ଖଳରୁ ରାଷ୍ଟ୍ରକୁ ମୁକ୍ତି କରିବାର ନିର୍ଦ୍ଦେଶ ପାଇ ନିଜର ସ୍ୱୀୟ ଅନୁଷ୍ଠାନ ଚଳାଇବା ସହିତ ସାମ୍ବାଦିକତାକୁ ଆପଣେଇଥିଲେ । ସେତେବେଳେ ଆଗ୍ରାରେ 'ସୈନିକ' ସମାଚାର ପତ୍ରିକାର ସମ୍ପାଦକ କୃଷ୍ଣଦତ୍ତ ପାଲୀବାଲ ଶ୍ରୀରାମଙ୍କୁ ସହଯୋଗୀ ସଂପାଦକ ଭାବେ ନିଯୁକ୍ତି କଲେ । ପ୍ରଥିତଯଶା ସାମ୍ବାଦିକ ବାବୁ ଗୁଲାବ ରାୟ ଏବଂ କୃଷ୍ଣଦତ୍ତ ପାଲୀବାଲଙ୍କ ଠାରୁ ସାମ୍ବାଦିକତା ଶିକ୍ଷା ଗ୍ରହଣ କରି ନିଜର ସ୍ୱୀୟ ପ୍ରଚେଷ୍ଟାରେ ଶ୍ରୀରାମ ଶର୍ମା 'ଅଖଣ୍ଡ ଜ୍ୟୋତି' ନାମକ ଏକ ପତ୍ରିକା ୧୯୩୮ ମସିହା ବସନ୍ତ ପଞ୍ଚମୀ ଦିନ ପ୍ରକାଶ କଲେ । ପ୍ରଥମେ ଏହା ଦୁଇଶହ ପଚାଶ ଖଣ୍ଡ ପ୍ରକାଶିତ

ହେବାପରେ ବହୁ ଶୁଭେଚ୍ଛୁଙ୍କ ଭାବାବେଗକୁ ସମ୍ମାନ ଦେଇ ଅଧିକରୁ ଅଧିକ ପ୍ରକାଶ ପାଇବା ପରେ ଏବେ ଏହି ପତ୍ରିକା ବିଭିନ୍ନ ଭାଷାରେ ଦଶଲକ୍ଷରୁ ଅଧିକ ସଂଖ୍ୟାରେ ପ୍ରକାଶ ପାଇ କୋଟି କୋଟି ପାଠକଙ୍କ ଆଦୃତିଲାଭ କରିଚାଲିଛି । 'ଅଖଣ୍ଡ ଜ୍ୟୋତି' ପତ୍ରିକାରେ ପ୍ରକାଶିତ 'ଗାୟତ୍ରୀ ଚର୍ଚ୍ଚା' ସ୍ତମ୍ଭ ସେତେବେଳେ ଲୋକମାନଙ୍କୁ ଗାୟତ୍ରୀ ତଥା ଯଜ୍ଞମୟ ଜୀବନଯାପନର ସନ୍ଦେଶ ଦେଉଥିଲା । ୧୯୫୩ ମସିହାରେ ଗାୟତ୍ରୀ ତପୋଭୂମି ସ୍ଥାପନା, ୧୦୮ କୁଣ୍ଡୀୟ ଯଜ୍ଞ ଏବଂ ଶ୍ରୀରାମଙ୍କ ଦ୍ୱାରା ଦିଆଯାଇଥିବା ଦୀକ୍ଷା ସଂସ୍କାର କାର୍ଯ୍ୟକ୍ରମ ପରେ ତପୋଭୂମି ପ୍ରତିଷ୍ଠା ସକାଶେ ଧନର ଆବଶ୍ୟକତା ଥିବାରୁ ନିଜ ଅର୍ଦ୍ଧାଙ୍ଗିନୀ ପରମବନ୍ଦନୀୟା ମାତାଜୀଙ୍କ ଆଭୂଷଣ ଓ ନିଜର ଜମିଦାରୀ ବଣ୍ଡ ବିକ୍ରି କରି ତପୋଭୂମିର ଅସ୍ଥାୟୀ ସାଧନ କେନ୍ଦ୍ର ସ୍ଥାପନ କଲେ । ୨୪୦୦ ତୀର୍ଥର ଜଳ ଏବଂ ମାଟି, ୨୪୦୦ କୋଟି ଗାୟତ୍ରୀ ମନ୍ତ୍ରଲିଖନ ସ୍ଥାପନା ସହିତ ଗାୟତ୍ରୀ ତପୋଭୂମି ସାଧନା ପୀଠରେ ପରିଣତ ହେଲା । ହିମାଳୟର ଅତି ପବିତ୍ର ସ୍ଥାନରୁ ଅଖଣ୍ଡ ଅଗ୍ନି ଆଣି ଯଜ୍ଞଶାଳାରେ ସ୍ଥାପନ କରାଗଲା । ଯାହା ଆଜି ବି ପ୍ରଜ୍ୱଳିତ ଅବସ୍ଥାରେ ରହିଛି । ୧୯୫୬ ମସିହାରେ ନରମେଧ ଯଜ୍ଞ, ୧୯୫୮ ମସିହା ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ସହସ୍ର କୁଣ୍ଡୀୟ ଯଜ୍ଞ କରି ଦଶଲକ୍ଷ ଗାୟତ୍ରୀ ସାଧକଙ୍କ ଦୀର୍ଘ ସଂସ୍କାର କରାଇବା ପରେ ଦେଶରେ ଦଶହରାରୁ ଅଧିକ ଗାୟତ୍ରୀ ପରିବାରର ଶାଖା ତିଆରି ହେଲା । ୧୯୫୯ ମସିହାରେ ଏକବର୍ଷ ନଅମାସ ସକାଶେ ଶ୍ରୀରାମ ହିମାଳୟ ଯାଇ ଗୁରୁସତ୍ତାଙ୍କ ମାର୍ଗଦର୍ଶନ ସହିତ ତପୋବନ ନନ୍ଦନବନରେ ଋଷିମାନଙ୍କ ସହିତ ସାକ୍ଷାତ କରି ଗଙ୍ଗୋତ୍ରୀରେ ଆର୍ଷଗ୍ରନ୍ଥର ଭାଷ୍ୟ କାର୍ଯ୍ୟ ସମାପନ ପରେ ଗାୟତ୍ରୀ ମହାବିଦ୍ୟା ଉପରେ ବିଶ୍ୱକୋଷ ସ୍ତରର ତିନିଖଣ୍ଡ ବିଶିଷ୍ଟ ଗାୟତ୍ରୀ ମହାବିଜ୍ଞାନ ଲେଖିଥିଲେ ।

ଯୁଗଦ୍ରଷ୍ଟା ସ୍ତରର ଅବତାରୀମାନେ ଲକ୍ଷ ଲକ୍ଷ ବର୍ଷରେ ଥରେ ମାତ୍ର ପୃଥିବୀ ପୃଷ୍ଠକୁ ଆସିଥାନ୍ତି, ଯେଉଁମାନଙ୍କ ଚିନ୍ତାଧାରା, ସ୍ନେହ, ମମତ୍ୱବୋଧ ଓ ସମ୍ବେଦନଭରା ଆବେଗ କୋଟି କୋଟି ଲୋକଙ୍କ ମନ ପରିବର୍ତ୍ତନ କରି ଯୁଗ ନିର୍ମାଣ ପାଇଁ ବାଟ ଫିଟେଇ ଥାଏ । ସେହିଭଳି ଜଣେ ଯୁଗ ନିର୍ମାତା ଥିଲେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ସଂସ୍ଥାପକ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ । ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶ ଓ ଜାତି ପାଇଁ ଯେଉଁମାନେ ନିଜର ସର୍ବସ୍ୱ ତ୍ୟାଗ କରିଗଲେ, ସ୍ୱାଧୀନତା ପରେ ସେମାନେ ଯେପରି ପଥଭ୍ରଷ୍ଟ ନ ହୁଅନ୍ତି ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ଯେପରି ଆଦର୍ଶ ସ୍ୱୟଂସେବକ ଭାବରେ 'ନବଭାରତର ନିର୍ମାଣ' ହୋଇ ଦେଶ ଗଠନରେ ଲାଗିଲେ ବୋଲି ମହାତ୍ମା ଗାନ୍ଧିଙ୍କ ପରାମର୍ଶକୁ ପାଳନ କରିବାକୁ ଆଚାର୍ଯ୍ୟଜୀ ଲାଗିପଡ଼ିଲେ । ମହାତ୍ମା ଗାନ୍ଧିଙ୍କ ଦେହାନ୍ତ ପରେ ତାଙ୍କ ଆଦର୍ଶକୁ ଅନୁକରଣ କରୁଥିବା ହାତଗଣତି କିଛି ବ୍ୟକ୍ତି ରାଜନୀତିରୁ ଦୂରେଇ ରହି ବିଭିନ୍ନ ଉପାୟରେ ଦରିଦ୍ର ନାରାୟଣଙ୍କ ସେବା କରୁଥିବା ବେଳେ ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ନବଭାରତର ଜଣେ ଅସାଧାରଣ ବ୍ୟକ୍ତି ଭାବେ ଦେଶକୁ ସାଂସ୍କୃତିକ, ଭୌତିକ ଓ ଆଧ୍ୟାତ୍ମିକତା ଆଧାରରେ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ହେଲେ । ଦେଶ ଓ ଜାତି ପାଇଁ ସ୍ୱାଧୀନତା ସମୟରେ ଉନ୍ମତ୍ତ ଶ୍ରୀରାମ ମତ୍ତ ବୋଲାଉଥିବା ଆଚାର୍ଯ୍ୟଜୀ ନିଜକୁ ଏବଂ ନିଜର ଅର୍ଦ୍ଧାଙ୍ଗିନୀ ପରମ ବନ୍ଦନୀୟା ମାତାଜୀଙ୍କୁ ବୈଚାରିକ ବିପ୍ଳବ ଗଠନର ମୂଳ ଆଧାର ରୂପେ ଠିଆ କରେଇଥିଲେ । ଶ୍ରୀରାମ ଶର୍ମାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କୋଟି କୋଟି ଜନତା ଗାୟତ୍ରୀ ଏବଂ ଯଜ୍ଞ-ତତ୍ତ୍ୱ-ଦର୍ଶନ ସହ ସଂଶ୍ଲିଷ୍ଟ ହୋଇ ଦେଶର ବିଭିନ୍ନ ସ୍ଥାନରେ ଶକ୍ତିପୀଠ, ପ୍ରଜ୍ଞାପୀଠ, ଚରଣପୀଠ, ସ୍ୱାଧ୍ୟାୟ ମଣ୍ଡଳ ସହ ଗାୟତ୍ରୀ ପରିବାରର ଶାଖାମାନ ପ୍ରତିଷ୍ଠା କରି ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଇଲେ । ନିଜ ଜୀବନକାଳ ମଧ୍ୟରେ ପରମ ପୂଜ୍ୟ ଗୁରୁଦେବ ବିଶ୍ୱସ୍ତରରେ ନିଜର ମିଶନର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଯାଇଛନ୍ତି । ଭାରତବର୍ଷରେ ପାଞ୍ଚୋଟି ତୀର୍ଥ ପୂଜ୍ୟ ଗୁରୁବରଙ୍କ ମହତ୍ତ୍ୱପୂର୍ଣ୍ଣ ତୀର୍ଥ ଭାବରେ ପରିଗଣିତ ହୁଏ ତାହା ହେଲା- ୧. ଯୁଗତୀର୍ଥ ଆଓ୍ୱଲଖେଡ଼ା, ଯେଉଁଠାରେ ଯୁଗଋଷି ଜନ୍ମ ନେଇଥିଲେ । ନିଜ ମାତାଙ୍କ ସ୍ମୃତିରେ ଦାନକୁଆଁରୀ ଇଣ୍ଟର କଲେଜ ପ୍ରତିଷ୍ଠା କରି ଗ୍ରାମ୍ୟ ବାଳିକାଙ୍କୁ ପାଠପଢ଼ାଇ ଏଠାରେ ସୁଶିକ୍ଷିତା, ସଂସ୍କାରବାନ ଏବଂ ସ୍ୱାବଲମ୍ବୀ କରିବାର ସମସ୍ତ ସୁବିଧା କରାଯାଇଛି । ଏହିଠାରେ ଦେଶ ନବନିର୍ମାଣର ସାଂସ୍କୃତିକ, ଭାବନାତ୍ମକ ବିପ୍ଳବର ପୃଷ୍ଠଭୂମି ତିଆରି କରାଯାଇଥିଲା । ୨. ଦ୍ୱିତୀୟରେ ମଥୁରାରେ 'ଅଖଣ୍ଡ ଜ୍ୟୋତି ସଂସ୍ଥା' ପ୍ରତିଷ୍ଠା କରି ଅଖଣ୍ଡ ଦୀପ ପ୍ରଜ୍ୱଳନ, ଅଖଣ୍ଡ ଜ୍ୟୋତି ପତ୍ରିକା ପ୍ରକାଶନ କାର୍ଯ୍ୟ ଚାଲୁ ରହିଥିଲା । ଏହିଠାରେ ଗାୟତ୍ରୀ ମହାବିଜ୍ଞାନର ତିନିଖଣ୍ଡ ପୁସ୍ତକ, ଯୁଗନିର୍ମାଣ ସମ୍ବନ୍ଧୀୟ ସାହିତ୍ୟ ଓ ଆର୍ଷଗ୍ରନ୍ଥକୁ ଭାଷାନ୍ତର ସମ୍ପନ୍ନ ହୋଇଥିଲା । ବିଭିନ୍ନ ଜନସମ୍ମିଳନୀ, ଛୋଟବଡ଼ ଗାୟତ୍ରୀ ଯଜ୍ଞ ସହ ୧୦୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞକୁ ବିରାଟ ରୂପ ଦେବାର ସ୍ଥାନ ଏଇଠାରେ ହିଁ ପୂଜ୍ୟ ଗୁରୁବର କରିପାରିଥିଲେ । ୩. ତୃତୀୟଟି ଥିଲା ଗାୟତ୍ରୀ ତପୋଭୂମି ମଥୁରା- ଗାତୟୀ ପରିବାର ରୂପୀ ସଂଗଠନକୁ ସୁବିସ୍ତାର କରିବା ପାଇଁ ହିମାଳୟରୁ ଫେରିବା ପରେ ଗୁରୁଜୀ ଶ୍ରୀ ଆଚାର୍ଯ୍ୟ ଯୁଗ ନିର୍ମାଣ ଯୋଜନାର ଶତସୂତ୍ରୀ

କାର୍ଯ୍ୟକ୍ରମ ଏବଂ ସତ୍ ସଂକଳ୍ପକୁ ଯୁଗନିର୍ମାଣ ବିଦ୍ୟାଳୟରେ ଏକ ସ୍ୱାବଲମ୍ବନ ଶିକ୍ଷା ଦେବାର ବ୍ୟବସ୍ଥା କରିଥିଲେ । ଏହିଠାରେ ହିଁ ଜୀବନବ୍ୟାପି ସାଧନାରୁ ପ୍ରାପ୍ତ ଲେଖା ଯୁଗନିର୍ମାଣ ସାହିତ୍ୟ ଛାପିବା ପାଇଁ ଅଫସେଟ୍ ମେସିନ୍ (ପ୍ରେସ୍)ର ବ୍ୟବସ୍ଥା କରାଯାଇଛି । ୪. ଚତୁର୍ଥଟି ଥିଲା ପୂଜ୍ୟ ଗୁରୁବରଙ୍କ ଦ୍ୱାରା ଋଷି ପରମ୍ପରାରେ ତିଆରି ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜ ହରିଦ୍ୱାର । ଏହିଠାରେ ସମସ୍ତ ଋଷିଗଣ (ସପ୍ତଋଷି)ଙ୍କର ମୂର୍ତ୍ତିସ୍ଥାପନା ସହିତ ଦେବାତ୍ମା ହିମାଳୟ ପ୍ରତୀକାତ୍ମକ ଭାବେ ତିଆରି କରି ସମସ୍ତ ସଂସ୍କାର କରାଇବାର ବ୍ୟବସ୍ଥା କରିଥିଲେ । ସାଧାରଣ ମଣିଷକୁ ଦେବତ୍ୱରେ ପରିଣତ କରାଇବା ଲକ୍ଷ୍ୟରେ ପୂଜ୍ୟ ଗୁରୁବର ନବଦିବସୀୟ, ମାସିକିଆ ଯୁଗଶିଳ୍ପୀ ତାଲିମ ଶିବିର ଆୟୋଜନ କରି ନବଦିବସୀୟ ଏବଂ ମାସିକିଆ ପ୍ରାଣ ପ୍ରତ୍ୟାବର୍ତ୍ତନ ସତ୍ର, ଜୀବନସାଧନା ସତ୍ର, ବାନପ୍ରସ୍ଥ ସତ୍ରର ବ୍ୟବସ୍ଥା କରି ସାଂସ୍କୃତିକ ଜାଗରଣକୁ ଉଜ୍ଜୀବିତ କରିଛନ୍ତି । ପ୍ରତିଦିନ ଏହି ତୀର୍ଥରେ ଦୀକ୍ଷାଗ୍ରହଣ, ପୁଂସବନ, ନାମକରଣ, ବିଦ୍ୟାରମ୍ଭ, ବିବାହ, ଶ୍ରାଦ୍ଧକର୍ମ (ପିଣ୍ଡଦାନ ଓ ପିତୃତର୍ପଣ) ପରି ସଂସ୍କାର ପାଇଁ ଭାରତୀୟ ଏବଂ ବିଦେଶାଗତ ଜନତା ଆସି ଶୃଙ୍ଖଳାର ସହ କର୍ମ କରିଥାନ୍ତି । ଦେବକନ୍ୟାମାନଙ୍କୁ ପ୍ରଶିକ୍ଷଣ ଦେଇ ବିଶ୍ୱ ବସୁନ୍ଧରାର ସାଂସ୍କୃତିକ ଜାଗରଣରେ ନାରୀମାନଙ୍କର ଭୂମିକାକୁ ଜାଗ୍ରତ କରିବା ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଗୁରୁବରଙ୍କର ପ୍ରଧାନ ଲକ୍ଷ୍ୟ ଥିଲା । ନିଜେ ସ୍ୱୟଂ ମାତାଜୀ ମହିଳା ଜାଗରଣ ସତ୍ର କରିବା ସହିତ ୨୪ଜଣ କୁମାରୀ କନ୍ୟାଙ୍କୁ ଅଖଣ୍ଡଦୀପ ସାମ୍ନାରେ ରଖି ୨୪୦ କୋଟି ଗାୟତ୍ରୀ ମନ୍ତ୍ରର ଅଖଣ୍ଡ ଅନୁଷ୍ଠାନ କରାଇବା କମ୍ ଗୌରବର କଥା ନଥିଲା ଏହି ପବିତ୍ର କ୍ଷେତ୍ରରେ । ୫. ପଞ୍ଚମ ତୀର୍ଥ ରୂପେ ବ୍ରହ୍ମବର୍ଚ୍ଚସ ଗବେଷଣା କେନ୍ଦ୍ର ଥିଲା ପୂଜ୍ୟ ଗୁରୁଦେବଙ୍କର ଏକ ବୈଜ୍ଞାନିକ ଆଧାରିତ ପ୍ରୟୋଗଶାଳା । ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟରେ ଅଭିନବ ଗବେଷଣା ମାଧ୍ୟମରେ ସାଧନା ପୂର୍ବରୁ ଏବଂ ପରେ, ଯଜ୍ଞାଦି ମନ୍ତ୍ରୋଚ୍ଚାରଣ ପୂର୍ବରୁ ଓ ପରେ, ଶରୀର ଓ ମନ ସର୍ବୋପରି ରକ୍ତ ସଞ୍ଚାଳନରେ ମଣିଷର କ'ଣ କ'ଣ ପରିବର୍ତ୍ତନ ହୁଏ ତାହାକୁ ଏଠାରେ ପରୀକ୍ଷା କରାଯାଏ । ସାଧକର ମସ୍ତିଷ୍କରୁ ନିର୍ଗତ ତରଙ୍ଗ, ଜୀବନ ଉପରେ ଯଜ୍ଞର ଉର୍ଜ୍ଜା ଓ ମନ୍ତ୍ରଶକ୍ତିର ପ୍ରଭାବ କିପରି ପଡ଼ିଥାଏ ତାହା ଏଠାରେ ଦେଖାଯିବାର ବ୍ୟବସ୍ଥା ରହିଛି । ଏଠାରେ ସମଗ୍ର ବିଶ୍ୱରୁ ବୈଜ୍ଞାନିକ ଆଧ୍ୟାତ୍ମବାଦ ସମ୍ବନ୍ଧୀୟ ଗବେଷଣାତ୍ମକ ୪୫୦୦୦ରୁ ଅଧିକ ଗ୍ରନ୍ଥ ସୁରକ୍ଷିତ ରହିଛି ।

ନବଭାରତର ନିର୍ମାଣ ଭାବେ ତାଙ୍କର କରୁଣାସିକ୍ତ ବାଣୀ, ସତ୍ସାହିତ୍ୟ ପ୍ରତ୍ୟେକ ମଣିଷର ଅନ୍ତକରଣକୁ ସ୍ପର୍ଶ କରି ଜୀବନ ବଦଳାଇବା ସୁନିଶ୍ଚିତ । ସେ ନିଜେ ନିଜ ବିଷୟରେ ଥରେ କହିଥିଲେ- "ମୁଁ ସାମ୍ବାଦିକ ନୁହେଁ ବା ବୁକ୍‌ସେଲର ନୁହେଁ । ମୁଁ ହେଉଛି ଯୁଗଦ୍ରଷ୍ଟା । ମୋର ଏଇ ବିଚାର ହେଉଛି ବିପ୍ଳବର ବୀଜ । ଏହା ପ୍ରସାରିତ ହେଲେ ସମଗ୍ର ବିଶ୍ୱ -ବସୁଧାକୁ ଦୋହଲାଇଦେବ ।" ଏକକାଳୀନ ଦୁଇ ହସ୍ତରେ କଲମ ଚାଳନା କରି ସାଧନାର ପୁଞ୍ଜିକୁ ସାହିତ୍ୟରେ ରୂପ ଦେଇ ଜନମାନସକୁ ପରିବର୍ତ୍ତନ କରିପାରିବାର ଆସ୍ପର୍ଦ୍ଧା ରଖୁଥିବା ଏ ଯୁଗର ବ୍ୟାସ, ଯୁଗପୁରୁଷ ପୂଜ୍ୟବର ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ୧୯୯୦ ମସିହା ଜୁନ୍ ମାସ ୨ ତାରିଖ ପବିତ୍ର ଗାୟତ୍ରୀ ଜୟନ୍ତୀରେ ସ୍ଥୂଳ ଶରୀର ତ୍ୟାଗ କରି ସୂକ୍ଷ୍ମ ସତ୍ତାରେ ପ୍ରବେଶ କରିଥିଲେ । ମୃତ୍ୟୁ ପୂର୍ବରୁ ସେ ତାଙ୍କର ସମସ୍ତ ଶକ୍ତି ପରମବନ୍ଦନୀୟା ମାତାଜୀଙ୍କୁ ସମର୍ପଣ କରିଥିଲେ । ମାତାଜୀଙ୍କ ଅନ୍ତେ ସଂଘଶକ୍ତିର ପ୍ରତୀକ 'ଲାଲ ମଶାଲ' ହିଁ ଗାୟତ୍ରୀ ପରିବାରର ଇଷ୍ଟ ଓ ଆରାଧ ବୋଲି ମନେହୁଏ । ପୂଜ୍ୟ ଗୁରୁବରଙ୍କର ଆଦର୍ଶ ସମାଜ ନିର୍ମାଣ ପାଇଁ ଥିବା ଉଦ୍‌ଘୋଷ "ମନୁଷ୍ୟ ଠାରେ ଦେବତ୍ୱର ଉଦୟ ଓ ପୃଥିବୀରେ ସ୍ୱର୍ଗର ଅବତରଣ" ଆମେ ବଦଳିଲେ ଯୁଗ ବଦଳିବ ଏକବିଂଶ ଶତାବ୍ଦୀ- ଉଜ୍ଜ୍ୱଳ ଭବିଷ୍ୟତ ଏବଂ ସତ୍ୟଯୁଗର ପ୍ରତ୍ୟାବର୍ତ୍ତନର ସ୍ୱପ୍ନ ସାକାର ହେବାରେ ଲାଗିଛି । ବିନମ୍ରତା ଏବଂ ବ୍ରାହ୍ମଣତ୍ୱର ପରୀକ୍ଷାରେ ଗାୟତ୍ରୀ ପରିଜନର ପ୍ରଜ୍ଞାପୁତ୍ରମାନେ ଧୀରେ ଧୀରେ ଉତ୍ତୀର୍ଣ୍ଣ ହେବାରେ ଲାଗିଛନ୍ତି । ଗାୟତ୍ରୀରୁ ମିଳୁଥିବା ମହାନ୍ ଲାଭରୁ ଅତ୍ୟନ୍ତ ଉଚ୍ଚକୋଟୀର ଆତ୍ମାମାନେ ଅନୁଭବ କରିପାରିଛନ୍ତି ଯେ "ଗାୟତ୍ରୀ ମନ୍ତ୍ରର ଯେତିକି ଶକ୍ତି ରହିଛି ତାହା ଅନ୍ୟ କୌଣସି ବେଦମନ୍ତ୍ରରେ ନାହିଁ । ସ୍ୱଳ୍ପ ସମୟ ସାଧନାରୁ ଅତ୍ୟଧିକ ଲାଭ କେବଳ ଗାୟତ୍ରୀ ମନ୍ତ୍ର ସାଧନାରୁ ମିଳୁଥିବାରୁ ପରମପୂଜ୍ୟ ଗୁରୁବରଙ୍କ ପଥ ଅନୁକରଣ ଓ ଅନୁସରଣ କରି ସୁଫଳ ପାଇବାରେ ଆମ୍ଭେ ନିଜକୁ ଉତ୍ସର୍ଗ କରିବା । ଜୟ ଗୁରୁଦେବ- ଜୟ ଗାୟତ୍ରୀ ମାତା- ଜୟ ବିଶ୍ୱମାତା ।

-୦-

ରମ୍ଭା, ଗଂଜାମ
ମୋ: ୯୪୩୯୯୫୮୭୩୯

# ଜୀବନ ବିଜ୍ଞାନୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ନବୀନ ସାହୁ, ସ.ପ୍ର.ର**

--

-୦-

ସତ୍‌ସଙ୍ଗ ବିହାର, ବ୍ରହ୍ମପୁର
ମୋ: ୯୪୩୭୫୭୬୬୫୫



## ଆଦର୍ଶ ଶୀର୍ଷରେ

**ବସନ୍ତ କୁମାରୀ ସାମନ୍ତ**

ମୁଁ ନୁହଇ ସୂର୍ଯ୍ୟ ଅବା
ମୁଁ ନୁହେଁ ଚନ୍ଦ୍ରମା,
ଏ ଘନ ଆକାଶ କୋଳେ
ଝଲସେ ମୋ ଆତ୍ମା ।
କିନ୍ତୁ, ମୁଁ ଭୁଲିନି ମୋ ଦେଶ
ମୋ ମାଟିର ମମତା,
ହେ, ମୋର ଆଗାମି ପିଢ଼ି
ତୁମଠାରେ ଅଶ୍ରୁ ମୋ ଭରସା ।
କେତେ ବାରି ହୋଇ
ବର୍ଷିଯାଏ ତୁମରି ଉପରେ
ଆଶିଷ ସେ ତୁମ ପାଇଁ
ସଦା ମୋ ମର୍ମରେ ।
ବସନ୍ତରେ ବହିଯାଏ
ମଳୟର ସାଥେ
ବାର୍ତ୍ତା ଦିଏ ତୁମ କର୍ଣ୍ଣେ
ଜୟଯୁକ୍ତ ହୁଅ ସଦା
ତୁମ ଚଲାପଥେ ।
ଯେଉଁ ମା' କୋଳେ ଜନ୍ମିଥିଲି ମୁଁ,
ସେଇ ମା କୋଳେ ତୁମର ଜନ୍ମ,
ଆମେ ସେଇ ମା'ର ସନ୍ତାନ
ସେଇ ମା' ପାଇଁ ରଖିବା ସଦାରେ ଧ୍ୟାନ ।
ତୁମ ସ୍ମୃତିରେ ଯଦି ଥିବି
ମୁଁ ଜଣେ, ଆଦର୍ଶ ପୁରୁଷ
ତେବେ, ତୁମେ ହୁଅ,
ଜ୍ଞାନ, ଗୁଣ ଯୁକ୍ତ ସୁମଣିଷ ।
ଏ ବାର୍ତ୍ତା ଦେଉଛି ଆଜି
ମୋ ଦେଶବାସୀଙ୍କ ଉଦ୍ଦେଶ୍ୟେ
ଅବଦୁଲ କଲାମ ମୁଁ ହି
ତୁମ ହିତେ ସଦା ଅଶ୍ରୁ,
ଏଇ ସ୍ୱର୍ଗେ, ଏ ତାରା ସମୀପେ ।

-୦-

ଚିତ୍ରଶିଳ୍ପୀ, ଖଲ୍ଲିକୋଟ, ଗଂଜାମ



## ସରଳାଦେବୀ ସ୍ମରଣେ

**ଡ. ସୀମାଞ୍ଚଳ ପ୍ରଧାନ**

କଟକ ଜିଲ୍ଲାର ନରିଲୋ ଗ୍ରାମରେ
ଜନମି ସରଳାଦେବୀ,
ଭାରତର ମୁକ୍ତି ସଂଗ୍ରାମରେ ତୁମେ
ଝାସ ଦେଇଥିଲ କବୀ ।
ଅଣିଶହ ଚାରି ଅଗଷ୍ଟ ମାସର
ଅଣିଶି ତାରିଖେ ତୁମେ,
ରମା, ମାଳତୀଙ୍କ ସହ ମିଶି ଥିଲ
ଭାରତ ମୁକ୍ତି ସଂଗ୍ରାମେ ।
ଛୋଟ ବେଳୁଁ ଥିଲ ପ୍ରତ୍ୟୁତ୍ପନ୍ନମତି
ଲେଖିଥିଲ ବହୁ ଗ୍ରନ୍ଥ,
ସେହି ଗ୍ରନ୍ଥ ପଢ଼ି ଆଜିର ଯୁବକ-
ଯୁବତୀ ହୁଅନ୍ତି ରତ ।
ଅଣିଶ ସତର ମସିହାରେ ତୁମେ
ଭାଗିରଥି ବାହୁ ସହ,
ବିବାହ ବନ୍ଧନେ ଆବଦ୍ଧ ହୋଇଲ
ଦେଶକୁ ନ କରି ଦ୍ରୋହ ।
ଦୁଇଜଣ ମିଶି ଶପଥ କରିଲ
ଦେଶ ସେବା କରିବାକୁ,
ସ୍ୱାଗତ କରିଲ ମହାତ୍ମା ଗାନ୍ଧିଙ୍କ
କର, ମର, ଅହିଂସାକୁ ।
ନାରୀ ଆନ୍ଦୋଳନ କରିଥିଲ ଦେବୀ
ଏହି ଓଡ଼ିଶା ରାଜ୍ୟରେ,
ତୁମ ପରି ଆଉ ନାରୀନେତ୍ରୀ କେହି
ନାହାଁନ୍ତି ଧରା ବକ୍ଷରେ ।
ବିପ୍ଳବିନୀ ଭାବେ ସମ୍ମାନିତ ହେଲ
ଏହି ଓଡ଼ିଶା ରାଇଜେ,
ତେୟାଅଶି ବର୍ଷ ବୟସରେ ତୁମେ
ଆଖି ବୁଜିଦେଲ ଶେଜେ ।

-୦-

ନିଗମ ନଗର-୪ର୍ଥ ଗଳି,
ଆଙ୍କୁଲି, ବ୍ରହ୍ମପୁର-୧୦
ସଂପର୍କ: ୬୩୭୨୯୯୪୫୪୫



# ଗାନ୍ଧି: ଏକ ଅନ୍ୱେଷଣ

**ରକ୍ଷକ ନାୟକ**



ଆଖି ଫିଟିଲା ଦିନୁ
ମୁଁ ତୁମକୁ ଦେଖିଛି
ସବୁଠି, ସବୁବେଳେ ।
କାନ୍ଥରେ, ଛକରେ
ବହିରେ, ବିତର୍କରେ
ନାରାରେ, ନିରବତାରେ
ତୁମେ ସ୍ଥାୟୀ ସ୍ଥାପତ୍ୟଟିଏ
ଆମ ସମୟର ସିଲହଟ୍‌ରେ ।
କେଉଁଠି ତୁମେ ନାହଁ !
ନୋଟ୍‌ରେ, ଭୋଟ୍‌ରେ, ମୁଦ୍ରାରେ, ମନ୍ଦିରରେ,
କାର୍ଯ୍ୟାଳୟ, ବେଶ୍ୟାଳୟ, ଭୋଜନାଳୟ
ଯେତେସବୁ ଆଳୟରେ
ବାର୍‌ରେ, ବଜାରରେ, କ୍ୟାଲେଣ୍ଡରରେ
ଭଜନରେ, ଭାଷଣରେ,
ଯେଉଁଠି ପହଂଚୁଛି ଆଖି, ତୁମେ ସେଇଠି
ତୁମେ ଏକ ଚିତ୍ରପଟ
ସବୁ ପ୍ରବେଶ ଓ ପ୍ରସ୍ଥାନର କବାଟ ।
ତୁମେ କାହାଣୀ ହୋଇଯାଇଛ
ପୁରାଣ, ପ୍ରବାଦ, ଲୋକକଥା
ତୁମେ ସ୍ଲୋଗାନ ହୋଇଯାଇଛ
ସବୁ ପଟର, ସବୁ ପାଟିର
ତୁମକୁ ଓଠରେ ନ ଥାପି ଗତ୍ୟନ୍ତର ନାହିଁ
ତୁମ ଚିତ୍ର, ତୁମ ମୂର୍ତ୍ତି
ଆମ ସମୟର ଜୀବନ୍ତ ଲୋକଙ୍କ ସଂଖ୍ୟାଠୁ
କାହିଁ କେତେ ଗୁଣ ବଢ଼ିଗଲାଣି ।
ତୁମେ ଇତିହାସକୁ ଛାଇଯାଇଛ
ଭବିଷ୍ୟତକୁ କବ୍‌ଜାରେ ରଖିଛ:
କେବଳ ଏଇଠି ନୁହେଁ; ଭୂଗୋଳସାରା
ଆଫ୍ରିକା, ତିବ୍ବତ, ମ୍ୟାମାର, ସର୍ବିଆ, ଇଜିପ୍ଟ
ସବୁଠି ତୁମେ ବାଡ଼ି ଠକ୍ ଠକ୍ କରି
ପହଞ୍ଚି ଯାଇଛ ।
ଯେଉଁଠି ଯେଉଁଠି ରକ୍ତର ନଈ
ତୁମେ ସେଠି ଅଦୃଶ୍ୟ ନାଉରୀ
ସ୍ନେହର ସବାରି, ତୁମ ନାଁ ଧରି
ପଂଗୁ ଗିରି ଲଂଘି ଯାଇଛି ।
ତୁମକୁ ନ ଦେଖି ନଶୁଣି
ବାସ ନାହିଁ କାହାର କେଉଁ ପୁରରେ
କେଉଁ କାଳରେ;
ତୁମେ ଆମ ସମୟର ସବୁଠୁ ପରିଚିତ ମୁହଁ
ପ୍ରେମ ଓ ବିଦ୍ରୋହ ।
ଏତେ ଅଛ, ଏତେଠି
ତେବେ ବି ଖୋଜୁଛି ତୁମକୁ ।
ଯେଉଁଠି ରହିବା କଥା ସେଠି ରହିନ;
ଛକରେ ନୁହେଁ ଛାତିରେ
ମୁଦ୍ରାରେ ନୁହେଁ ମନରେ
ଚିତ୍ରରେ ନୁହେଁ ଚେତନାରେ
ଭାଷଣରେ ନୁହେଁ ଭାବରେ
ତୁମକୁ ପାଇନି ।
ଖୋଜିଛି; ଖୋଜୁଛି
କେଉଁଠି ତୁମକୁ ପାଇବି ଜଣାନାହିଁ
ତେବେ ବି
ତୁମକୁ ଖୋଜିବା ବ୍ୟତୀତ ମୋର ଅନ୍ୟଗତି ନାହିଁ ।

-୦-

ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ
ରାଜଭବନ, ଭୁବନେଶ୍ୱର-୭୫୧୦୦୮
ମୋ: ୯୪୩୭୧୭୧୪୪୦



# ଝର୍କା

ପ୍ରହଲାଦ ବେହେରା

ସକାଳର ସୂର୍ଯ୍ୟ ପରି
ଝରକା ଖୋଲିଲେ
ପଶିଆସେ ସମୟ,
ଘରର ହେଉ କି,
ଜୀବନର...,
ସେ କାଳେ ଅବଶ୍ୟ
ଝର୍କା ଖୋଲୁ ଖୋଲୁ
ସେ ପାଖ ସକାଳ ସୂର୍ଯ୍ୟର
ସୁନେଲି କିରଣ ଭିଜା
ଦଲକାଏ ହସରେ
ଝଲସି ଯାଉଥିଲା
ତମାମ ଜୀବନ ସଂସାର ।
ଆଉ ଏବେ
ଇର୍ଷା-ଅସୂୟା-ଅବିଶ୍ୱାସ
ଘନ କୁହୁଡ଼ିରେ...
ପୋଡ଼ା ବଉଳ ପରି ମଉଳି ଯାଉଛି
ସମ୍ପର୍କର ସବୁଜିମା !
କିନ୍ତୁ, ଝର୍କା ତ...
ଖୋଲୁଥିଲା... ଖୋଲୁଥିବ...
ଥିବ କି ନ ଥିବ...
ହେଲେ... ଜୀବନ ତ...
ଘରର ହେଉ କି ବାହାରର...।

-୦-

ଲଙ୍ଗଳେଶ୍ୱର, ଗଂଜାମ



# ଶିଶୁ ଶ୍ରମିକର କଥା

ମିତାଞ୍ଜଳି ମିଶ୍ର

ଅଶ୍ରୁ କଲମରେ ଭୋକିଲା ପୃଷ୍ଠାରେ
ନିର୍ଯାତନାର ବ୍ୟଥା
ଭବିତବ୍ୟର ଚିତ୍ର ଲେଖୁଛି
ସ୍ପନ୍ଦନହୀନ ଗାଥା,
ହେ, ନବଭାରତ ନିର୍ମାତା !
ଉଦାରତା ତୁମ କାନ ଫେଡ଼ି ଶୁଣ
ଶିଶୁ ଶ୍ରମିକର କଥା
ପ୍ରାଣ ଯେ ମୋହିଛି ପକ୍ଷ ଖୋଜୁଛି
ମୁକ୍ତି ଦିଅ ସୁକୁମାରେ
ସାମ୍ୟବାଦର କରବାଳ ଘେନି
ହସ ଦିଅ ତା' ଓଠରେ !
ସମସ୍ୟା ମୋହର ସଂକ୍ରମିତ ଆଜି
ଉତ୍କଟ ଉଗ୍ର ରୂପ
ଗୁଡ଼ି ଉଡ଼ାଇବା ବୟସରେ କିଆଁ
ଦୁଃଖ ମୋ ଅପ୍ରମିତ
କଲମ ଧରିବା ଅନଭ୍ୟସ୍ତ ହାତ
ଅନାୟାସେ ମୋଡ଼େ ବିଡ଼ି
କ୍ଷୁଧାର ଅନଳ ଜଠରେ ଯାହାର
ଭୋକରେ ଜଳେ କରଡ଼ି
ଦାରିଦ୍ର୍ୟ ମୋ ଆଜି କରେ ଉପହାସ
ପାଠକୁ ପଢ଼ିବା ପାଇଁ
ହେ ନବ ନିର୍ମାତା ମୋ ଦେହ ମହୀମ
ମୁକ୍ତି ଦିଅ ହେ ଗୋସାଇଁ ।
ମୋ ପାଇଁ ଦିବସ ଉଆଁସୀ ଅନ୍ଧାର
ସ୍ୱପ୍ନଶୂନ୍ୟ କର୍ମମୟ
ଚିରାଫଟା ଦୁଇ ଚାରିଟଙ୍କା ଗଣି
ଜଗେ, ଭବିଷ୍ୟତ ସୂର୍ଯ୍ୟୋଦୟ
ରୋଗୀଣା କୁଟୁମ୍ବ ଆଖିରେ ଉଦାସ
ଓଠରେ ଶୁଖିଲା ହସ
ଝାଡ଼ି ଦେବାକୁ ମୋ କ୍ଲାନ୍ତି ବିଷର୍ଣ୍ଣତା
ତତଲା ଦୀର୍ଘଶ୍ୱାସ
କଲମ ଧରିବା ଭାଗ୍ୟରେ ଅବା
ବିଧାତା କି ରଚି ନାହିଁ
ହେ ନବ ଭାରତ ନିର୍ମାତା ତୁମେ
ଚେଇଁ ଆଖି ବୁଜ ନାହିଁ ।

-୦-

ଖଲ୍ଲିକୋଟ, ଗଂଜାମ



# ଲାଲ ବାହାଦୂର ଶାସ୍ତ୍ରୀ

**ମୀତାରାଣୀ ପଟ୍ଟନାୟକ**



୨ ଅକ୍ଟୋବର ୧୯୦୪ ମସିହାର
ସ୍ମରଣୀୟ ଥିଲା ଏକ ଦିନ,
ପିତା ସାରଦା ପ୍ରସାଦ ମାତା ରାମଦୁଲାରୀଙ୍କ
କୋଳକୁ କଲ ମଣ୍ଡନ ।
ଶାନ୍ତିର ଦୂତ ହେ ମହାପୁରୁଷ
ପ୍ରିୟ ଲାଲବାହାଦୂର ଶାସ୍ତ୍ରୀ,
ଧନ୍ୟତୁମ ମାତା ଧନ୍ୟ ତୁମ ପିତା
ଦେଶ ଶାସନରେ ବାହାଦୂର ଶାସ୍ତ୍ରୀ ।
ବନାରସ ଜିଲ୍ଲା ମୋଗଲ ସରାଇରେ
ଅଟ ତୁମେ ଧ୍ରୁବତାରା,
ଦେଶ ପ୍ରତି ନିଷ୍ଠା କର୍ତ୍ତବ୍ୟରେ ସ୍ରଷ୍ଟା
ଜଣାଇଲ ଦେଶ ସାରା ।
ଗାନ୍ଧିଜୀଙ୍କ ବାଣୀ କର୍ଣ୍ଣ ମଧ୍ୟେ ଶୁଣି
ଦେଶ ପ୍ରେମେ ଆଗେଇଲ,
ଦେଶର ଦୁର୍ଗତି ସହି ନ ପାରିଣ
ଆନ୍ଦୋଳନେ ଯୋଗ ଦେଲ ।
ପାଠ ପଢ଼ା ସଂଗେ ଗାନ୍ଧିଜୀଙ୍କ ସାଥେ
ଅସହଯୋଗ ଆନ୍ଦୋଳନେ ବାଇ ହେଲ,
ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଆନ୍ଦୋଳନେ
ଯାଇ ଯୋଗ ଦେଇଥିଲ ।
ଶିକ୍ଷା ଓ ବ୍ୟକ୍ତିତ୍ୱ, ମିଷ୍ଟଭାଷୀ ତୁମେ
ଶାନ୍ତ ସରଳ ପାଣ୍ଡିତ୍ୟ,
ଦର୍ଶନ ଶାସ୍ତ୍ରରେ ୧୯୨୮ରେ 'ଶାସ୍ତ୍ରୀ'
ଉପାଧିରେ ହେଲ ମଣ୍ଡିତ ।
ପାଠପଢ଼ା ପରେ ପୁଲିସି ପଦବୀ
ଚାକିରିରେ ଗଲ ରହି,
କାର୍ଯ୍ୟରେ ନିପୁଣ ଅତି ବିଚକ୍ଷଣ
ରେଳମନ୍ତ୍ରୀ ପଦ ପାଇ ।
ଦୟାଳୁ ପୁରୁଷ ରେଳ ଦୁର୍ଘଟଣା
ଦେଖି ମର୍ମାହତ ହେଲ,
ନିଜେ ଦୋଷୀ ଭାବି ମନ୍ତ୍ରୀ ପଦରୁ
ଇସ୍ତଫାଟି ଦେଇଦେଲ ।
ଗୃହମନ୍ତ୍ରୀ, ବାଣିଜ୍ୟ ମନ୍ତ୍ରୀ ପଦେ ନିଷ୍ଠାପର
ଭାବେ କର୍ତ୍ତବ୍ୟକୁ ତୁଲାଇଲ,
ସବୁଜ କ୍ରାନ୍ତି, ଶ୍ୱେତକ୍ରାନ୍ତି ଭଳି
ଦୃଢ଼ ପଦକ୍ଷେପ ମାନ ନେଲ ।
ଭାରତ ପାକିସ୍ତାନ ଯୁଦ୍ଧ ସେ ସମୟେ
ସ୍ମରଣୀୟ ହୋଇଗଲା,
'ଜୟ ଯବାନ ଜୟ କିଷାନ' ଧ୍ୱନି ଡାକରା
ଲୋକ ମୁଖେ ରହିଗଲା ।
ଦକ୍ଷ ପ୍ରଶାସକ ବିଚକ୍ଷଣ କୁଟନୀତିଜ୍ଞ
ସାହସୀ ସମର ଚାଳକ ନେତା,
ପ୍ରଧାନମନ୍ତ୍ରୀ ପଦବୀରେ ରହି
ହେଲ ଦେଶର ଭାଗ୍ୟବିଧାତା ।
ଦେଶର ଉନ୍ନତି ସଦା ରଖି ମତି
'ଭାରତ ରତ୍ନ' ସମ୍ମାନ ପାଇଲ,
ହୃଦୟ ବକ୍ଷରେ ସ୍ମୃତି ହୋଇ ରହି
ଅମର କକ୍ଷରେ ଲିପିବଦ୍ଧ ହେଲ ।
ହେ ସାମ୍ୟବାଦୀ ହେ ସମାଜବାଦୀ
କାହିଁ ଗଲ ତୁମେ ହଜି,
୧୯୬୬ ମସିହା ଜାନୁଆରୀ ୧୦ ତାରିଖରେ
ଆଖି ଦେଇଗଲ ବୁଜି ।

-୦-

ପ୍ରଧାନ ଶିକ୍ଷୟିତ୍ରୀ,
ସରକାରୀ ଆଭାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଖଲ୍ଲିକୋଟ, ଗଂଜାମ



# ହେ ଗାନ୍ଧି ପ୍ରଣାମ

ବି. ସତ୍ୟମ୍ ଆଚାରୀ

ହେ ଗାନ୍ଧି... ହେ ଗାନ୍ଧି ପ୍ରଣାମ...
ଜନ୍ମ ହୋଇଥିଲ ଯେଉଁଦିନ ବାପୁ
ହୋଇଗଲେ ଧନ୍ୟ ପିତା ମାତା ତୁମ
ଭାରତମାତାଙ୍କର ସୁଯୋଗ୍ୟ ସନ୍ତାନ...
ହେ ଗାନ୍ଧି... ହେ ଗାନ୍ଧି ପ୍ରଣାମ ।
ଅଠରଶହ ଅଣସ୍ତୋରୀ ବରଷ
ଅକ୍ଟୋବର ଦୁଇ ତାରିଖି ଦିବସ
ପବିତ୍ର ସେଦିନ ଆମେ ତ ମହାନ
ବାବୁଙ୍କ ଦେଶରେ ସତେ ଆମ ଜନମ...
ହେ ଗାନ୍ଧି... ହେ ଗାନ୍ଧି ପ୍ରଣାମ ।
ସ୍ୱାଧୀନତା ପାଇଁ କେତେ ବୀରଗଣ
ଦେଶ ମାତୃକାରେ ଦେଲେ ବଳିଦାନ...
ତୁମରି ଡାକରା ହେଲେ ଦେଶସାରା
ବ୍ରିଟିଶ ସହିତ କରିବା ପାଇଁ ରଣ...
ହେ ଗାନ୍ଧି... ହେ ଗାନ୍ଧି ପ୍ରଣାମ ।
ସଭିଙ୍କ ମନରେ ଅହିଂସାର ବାର୍ତ୍ତା
ସାରା ବିଶ୍ୱରେ ତୁମେ ହୋଇଲ ମହାତ୍ମା
ତୁମ ପରି କେହି ଏ ସଂସାରରେ ନାହିଁ
ଅମର ବାପୁ ହେ ତୁମେ ପୂଜ୍ୟ ପରମ...
ହେ ଗାନ୍ଧି... ହେ ଗାନ୍ଧି ପ୍ରଣାମ ।
ଡାକ ଦେଇଥିଲ ତୁମେ ତ ସେଦିନ
ନାହିଁ ରାମରାଜ୍ୟ ଏଠି ରାବଣ ଶାସନ
ଆମ ତୁମେ ଧିରେ ଦେଖିବଟି ଥରେ
ଭାରତମାତା କରୁଛନ୍ତି ରୋଦନ...
ହେ ଗାନ୍ଧି... ହେ ଗାନ୍ଧି ପ୍ରଣାମ ।
ମନେ ପଡ଼ିଯାଏ ତୁମରି ସ୍ଲୋଗାନ
ବିଦେଶୀ ବର୍ଜନ ସ୍ୱଦେଶୀ ଗ୍ରହଣ
ଅଛି ଦେଶ ପ୍ରେମ ନିଜସ୍ୱାର୍ଥ ହିଁ ଧର୍ମ
ଆଉଥରେ ନିଅ ଭାରତେ ଜନମ...
ହେ ଗାନ୍ଧି... ହେ ଗାନ୍ଧି ପ୍ରଣାମ ।

-୦-

ଲାଞ୍ଜିପଲ୍ଲୀ, ବ୍ରହ୍ମପୁର



# ପୁଣ୍ୟଭୂମି ଭାରତ

ସୁଦାମ ପାଣିଗ୍ରାହୀ

ଦେବଭୂମି, ବେଦଭୂମି,
ତୀର୍ଥଭୂମି ଭାରତ,
ଧର୍ମଭୂମି, କର୍ମଭୂମି,
ପୁଣ୍ୟଭୂମି ଭାରତ ।

ଶିଷ୍ଟ ଯା'ର ଗୁଣ ଗରିମା
ମିଷ୍ଟ ଯାହାର ବାଣୀ,
ତୁଷ୍ଟ ସତତ ଚାରୁ ଚିତ୍ତ
ହୃଷ୍ଟ ଆନନ ଠାଣି ।

ତୁଙ୍ଗ ଗିରି ମୁକୁଟ ଶୋହେ
ବନଭୂମି ଶୋଭିତ,
ଚରଣ ସିନ୍ଧୁ ଧୌତ କରେ
ପୁଣ୍ୟତୋୟା ଚାଳିତ ।

ଜନମୀ ଏଠି ସୁର, ବୀର,
ସତୀ, ସାଧ୍ୱୀ ଅଙ୍ଗନା,
ପୂତ ସଦା ଭାରତ ଭୂମି
ସନ୍ଥ କରେ ବନ୍ଦନା ।

ଅଙ୍ଗେ ଅଙ୍ଗେ କୀରତି ଭରା
ଦେବାଳୟ ମଣ୍ଡିତ,
ନିଖୁଣ ଯା'ର ଶିଳା ଦେହେ
ଚାରୁ କଳା ରଞ୍ଜିତ ।

ହିନ୍ଦୁ, ଖ୍ରୀଷ୍ଟ, ମୁସଲମାନୀ
ସର୍ବେ ଯା'ର ସନ୍ତାନ,
ସେ ତ ଆମ ଭାରତ ମାତା
ଯୁଗେ ଯୁଗେ ମହାନ ।

-୦-

ତୋଟା ସାହି, ଗୋସାଇଁନୂଆଗାଁ, ବ୍ରହ୍ମପୁର



# ପଞ୍ଚସ୍ତରୀ ବର୍ଷରେ ଭାରତ

## ନବଭାରତ

**ଭବାନୀ ପଣ୍ଡା**

କୁମାରିକା ଠାରୁ କାଶ୍ମୀର ଯାଏ
ଆମ ଏ ଭାରତ ଭୂଇଁ,
ରଖିବା ତାହାର ଯଶ ଗଉରବ
ଆସ ମୋ ଭଉଣୀ ଭାଇ ।୧।
ମୋ ଭାରତ ଭୂଇଁ ଯଶ ଗଉରବେ
ରହିଥିଲା ମହୀୟାନ
ଦେଶ ବିଦେଶରେ ନାମ ଡାକ ଥିଲା
ପୁରାଣେ ଅଛି ପ୍ରମାଣ ।୨।
"ବର୍ଷାଣାଂ ଭାରତ ଶ୍ରେଷ୍ଠଃ
ଦେଶାନାଂ ଉତ୍କଳ ଶ୍ରୁତଃ
ଉତ୍କଳସ୍ୟ ସମୋ ଦେଶଃ
ଦେଶୋ ନାସ୍ତି ମହୀତଳେ ।"
'ଭା' ଅର୍ଥ ପ୍ରଭା, ଦୀପ୍ତି, କାନ୍ତି, ଶୋଭା,
ଆଲୋକ, କିରଣ, ଜ୍ୟୋତି,
ଏସବୁ ମହାନ ଗୁଣ ବିତରଣେ
'ରତ' ଥିଲା ଏହି ମାଟି ।୩।
ଆର୍ଯ୍ୟଭୂମି ପୁଣ୍ୟଭୂମି ଧର୍ମଭୂମି
ଅଟେ ମୋର ମାତୃଭୂମି,
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ସେ
କୋଟି ବୀର ପ୍ରସବିନୀ ।୪।
ଗାନ୍ଧି ଗୋପବନ୍ଧୁ ନେହେରୁ ସୁବାସ
ଆଦି କେତେ କର୍ମବୀର,
ଅହିଂସା ଲଢ଼େଇ ବଳରେ ଟେକିଲେ
ଦେଶ ମାତୃକାର ଶିର ।୫।
କେତେ କେତେ ବୀର ସମର୍ପିଲେ ଶିର
କଳନା ନାହିଁ ତାହାର,
ଏ ଦେଶ ମାଟିର ବିଶାଳ ବୁକୁରେ
ଢାଳି ଲହୁ ଲୁହ ଧାର ।୬।
ପାଇଥିଲୁ ଆମେ ସ୍ୱାଧୀନତା ସୁଖ
ଫେରିଗଲା ଦେଶୁଁ ଅରି,
ଆମେ ଚଳାଇଲୁ ଆମ ଦେଶ ତରୀ
ସାଜିଲୁ ଆମେ ନାଉରି ।୭।

ସବୁ ଦେଶ ମଧ୍ୟେ ଭାରତ ଆମର
ଅଟଇ ମହାନ ଦେଶ,
'ରାଜରାଜ୍ୟ' ନାରା ବାପୁଙ୍କର ଥିଲା
ରହିଗଲା ଅବଶେଷ ।୮।
ମାନବ ଯେ ଆଜି ଦାନବ ସାଜିଣ
କରନ୍ତି ବହୁତ ନାଶ,
ବିକାଶ ନାମରେ କରନ୍ତି ଲୁଣ୍ଠନ
ଖଣି ଜଙ୍ଗଲ ତ ଧ୍ୱଂସ ।୯।
ଜ୍ଞାନୀ, ଗୁଣୀ ପୁଣି ବିବେକୀ ରୂପରେ
ଦେଶରେ ହୋଇ ବିଖ୍ୟାତ,
ଦିନ ଦି' ପ୍ରହରେ ନାରୀ ଜାତି ଆଜି
ହୋଇଥାଏ ନିର୍ଯ୍ୟାତୀତ ।୧୦।
ହିଂସାର ଛୁରୀ ଚାଲେ ଏଠି ଖାଲି
ଖେଳୁଛି ରକ୍ତର ହୋରି,
'ଭାଇଚାରା' ଏବେ ସପନ ହେଲାଣି
ଭାଇ ହିଁ ବଡ଼ ଭଗାରି ।୧୧।
ଜାତି, କୁଳ, ମାନ ପାଶୋରି ଦେଲାଣି
ନାହିଁ ଆଉ ଶାନ୍ତି ମୈତ୍ରୀ,
ମାନବର ପ୍ରୀତି ଯେଉଁଠି ନଥାଏ
ରହିବ କି ଦେଶପ୍ରୀତି ? ।୧୨।
ଦଳ ଦଳ ମଧ୍ୟେ ଚାଲୁଅଛି ଖାଲି
କାଦୁଅ ପିଙ୍ଗିବା ନୀତି,
ସେଥିପାଇଁ ପରା ବଢ଼ି ଚାଲିଅଛି
ଯେତେ ପ୍ରକାର ଦୁର୍ନୀତି ।୧୩।
ଅନାଚାର ଅତ୍ୟାଚାର ବ୍ୟଭିଚାର
ବଢ଼ି ଚାଲିଛି ଦେଶରେ,
କଳିଯୁଗେ ଏବେ 'ନାମ'ହିଁ ତ ବଡ଼
କାମେ ମନ ନାହିଁ କା'ରେ ।୧୪।
ଗର୍ବ ଅହଂକାରେ ହୋଇ ମଦମତ୍ତ
ସଭିଙ୍କ ହୁଏ ଅନିଷ୍ଟ,
ପଞ୍ଚସ୍ତରୀ ବର୍ଷ ସ୍ୱାଧୀନତା ପରେ
ଜନତା ପାଉଛି କଷ୍ଟ ।୧୫।

କୃଷକ, ଶ୍ରମିକ, ବେକାରୀ ସମସ୍ୟା
ଦିନକୁ ଦିନ ବଢ଼ଇ,
ଅତ୍ୟନ୍ତ ଚାଲାକ ଚତୁର ପଣରେ
ବିଭିନ୍ନ ଯୋଜନା ହୋଇ ।୧୬।
ଭାରତ ମାତାର ଜନ ସମାଜର
ଦୁଃଖ କେହି ନ ବୁଝଇ
ସ୍ୱାର୍ଥ ସିଦ୍ଧି ପାଇଁ ବିଜ୍ଞାନୀ ମନୁଷ୍ୟ
ଅଜ୍ଞାନ ଯେବେ ହୁଅଇ ।୧୭।
ଜାତି-ନନ୍ଦିଘୋଷ ଚାଲିବାକୁ ହେଲେ
ଆହୁତି ଦେବା ସ୍ୱାର୍ଥକୁ,
ଭାରତ ମାତାର ଯଶକୁ ଗାଇବା
ଦେଇ ମନପ୍ରାଣ ବୁକୁ ।୧୮।
ଧର୍ମର ବିଜୟ ଅଧର୍ମର କ୍ଷୟ
ଏହା ତ ଶାସ୍ତ୍ରୀୟ ଉକ୍ତି,
ଭାରତ ମାତାର ଜୟଗାନ କରି
ରଖିବା ଦେଶର କୀର୍ତ୍ତି ।୧୯।
ଜାତି ଧର୍ମ ଭୁଲି କରିବା ଶପଥ
ଆସ ଆସ ଦେଶବାସୀ,
'ରାମରାଜ୍ୟ' ସମ ସୁନ୍ଦର ଭାରତ
ଗଢ଼ିବା ସରବେ ମିଶି ।୨୦।
ହୀରକ ଜୟନ୍ତୀ ପାଳନ କରିବା
ଗାଇ ଜାତୀୟ ସଂଗୀତ,
ଜାତୀୟ ପତାକା ଉଡ଼ାଇବା ସର୍ବେ
ହୋଇ ଅତି ହରଷିତ ।୨୧।
ନବ ପ୍ରଭାତରେ 'ନବଭାରତ'ର
କରୁଥିବା ଜୟଗାନ,
ଏକ ସ୍ୱରେ ଆମେ ଗାନ କରୁଥିବା
'ମେରା ଭାରତ ମହାନ' ।୨୨।
ବନ୍ଦେ ମାତରମ୍ ।

-୦-

ଗୋବିନ୍ଦ ନିଳୟ, ରମ୍ଭା
ମୋ: ୯୪୩୮୦୦୭୨୮୯



# କତିପୟ ପରିଣତି ଓ ଅନୁତାପ

ଶ୍ରୀପ୍ରସାଦ ଆଚାର୍ଯ୍ୟ

ଦଶାନନ-
ଶୁଣିଲନି ଶିକ୍ଷାଦୀକ୍ଷା ବ୍ରହ୍ମାଙ୍କ ବଚନ
ରାଜା ହୋଇ ପ୍ରଜାଙ୍କ ସେବନ
ଭାବିଲନି ପରାମର୍ଶ ଭକ୍ତ ବିଭୀଷଣ
ଛାରଖାର କଲ ସ୍ୱର୍ଣ୍ଣମୟ ଲଙ୍କାର ଶାସନ ।
ବିଷ୍ଣୁଙ୍କୁ ପାଇବ ବୋଲି
ନିରୀହ ପ୍ରଜାରକ୍ତେ ଦେଇଣ କଷଣ ॥

ଦୁର୍ଯ୍ୟୋଧନ-
ଯୁଦ୍ଧ କରି ନାଶ କଲ ପ୍ରଜାର ଜୀବନ
ମାନିଲନି ଉପଦେଶ ଗୀତାର ବଚନ
ବଂଶ ନାଶେ ମାରି ମରାଇଲ ପଣ୍ଡୁ ପୌତ୍ର ଜନ
ଅଶ୍ୱତ୍ଥାମାଙ୍କୁ ସଜାଇ କଲ ନରାଧନ ।
ଜାନୁ ଭଙ୍ଗା ନୟନେ ଦେଖିଲ ହେ ଶ୍ମଶାନ ହସ୍ତିନା
ପିତା ଧୃତରାଷ୍ଟ୍ର ରାଣୀ ସାଥେ କଲେ ଆତ୍ମହତ୍ୟା ॥

ଅଶୋକ-
ଚଣ୍ଡାଶୋକ ହୋଇ ତୁମେ କଲ ହେ ଶାସନ
ରାଜ୍ୟ ବୃଦ୍ଧି କରିବାକୁ ନାଶିଲ କେତେ ଯେ ଜୀବନ ।
ଛାରଖାର କଲ ଏହି କଳିଙ୍ଗ କୀରତି
ମାରି ମରାଇଲ ସବୁ ବୀର ଶ୍ରେଷ୍ଠ କଳିଙ୍ଗ ରାଜୁତି ।
ଜୀବନ ହାରିଲେ କେତେ କଳିଙ୍ଗର ଯୋଦ୍ଧା
ରକ୍ତସ୍ନାନ କରାଇଲ ଦୟାନଦୀର କୁଦା ।
ଜାଣିଲ ଯୁଦ୍ଧଠାରୁ ମୂଲ୍ୟବାନ ହେ ଜୀବନ
ମାତା ହରାଇଲା ପୁତ୍ରେ କେତେ ଯେ ସପନ ।
ଅନ୍ତେ ଲଭିଲ ତୁମେ ଶାନ୍ତିର ବାରତା
ବୁଦ୍ଧବାଣୀ ରଚିଲା ତୁମ ଚିନ୍ତନର ଚେତା ।
ଧର୍ମାଶୋକେ ବିସ୍ତାରିତ ବୁଦ୍ଧ ଶାନ୍ତିବାଣୀ
ଯୁଗସୃଷ୍ଟି କଲ ହେ ! ଅହିଂସା ବଖାଣି ॥

ମହମ୍ମଦ ଜିନ୍ନା-
ତଡ଼ିଲ ଇଂରେଜ ଶାସନ ହେଲା ସ୍ୱାଧୀନତା
ରଚିଲ ହେ ! ଆର୍ଯ୍ୟାବର୍ତ୍ତେ ଗୌରବର ଗାଥା ।
ସ୍ୱାଧୀନ ଚେତନାରେ ଧର୍ମକୁ ଜାବୁଡ଼ି
କି ଲାଭ ହୋଇଲା ଇଂରେଜକୁ ତଡ଼ି ।
ଖଣ୍ଡ ଖଣ୍ଡ ହୋଇଗଲା ମହାନ୍ ଭାରତ
ସୃଷ୍ଟିହେଲା ଛିନ୍ନମସ୍ତା-ବୀରଭୂମି ସାଧନାର ପୀଠ ।
ଭାଇ ଭାଗ ବାଣ୍ଟି ତୁମେ କି କଲ ମାଆର
ଧର୍ମନାମେ ସୃଷ୍ଟି କଲ ପାକିସ୍ତାନ ରାଷ୍ଟ୍ର ।
ଭୂସ୍ୱର୍ଗ କାଶ୍ମୀରରେ ଲଗାଇଲ ଲୀଳା
କେତେ ଯେ ଯାଉଛି ପ୍ରାଣ ସଂସାରର ଭେଳା ।
ଜୀବନର ମୂଲ୍ୟ ବୁଝିଲନି ହେ ! ନେତା
ଏ ପର୍ଯ୍ୟନ୍ତ ଯାଉଛି ଜୀବନ ନାହିଁ ରକ୍ଷା ଚିନ୍ତା ॥

ନେତା-ରାଜନେତା-
ସ୍ୱାଧୀନ କଲ ଭାରତ ନିଜ ସ୍ୱାର୍ଥ ପାଇଁ
ବାଣ୍ଟି କୁଣ୍ଟି ନିଜ ସ୍ୱାର୍ଥ ସୁଖଧନ ବୃଦ୍ଧି ପାଇଁ ।
ଭୋଟ ପାଇଁ ଲୋଡୁଛ ହେ ପ୍ରଜାକି ସମସ୍ୟା
ବୃଦ୍ଧି ହେଲେ ଖେଳାଇବ ଭୋଟ ପାଇଁ ଚିନ୍ତା ।
ନୈତିକ-ଶିକ୍ଷା-ଭକ୍ତି ଆଖିଠାର ପରି
ଭୋଟ ପାଇଁ ଧ୍ୱଂସ ହୁଏ ଐତିହ ସଂସ୍କୃତି ଆଉ ଜାତୀୟତା ଡେଇଁ ॥

ମହାତ୍ମା ଗାନ୍ଧୀ-
ରଚିଲ ହେ ଜାତିପ୍ରେମେ ସତ୍ୟ ଓ ଅହିଂସା
ହିଂସାରେ ନ ଚାଲି ଚାଲିଗଲ ମୁଖେ ନାହିଁ କିଛି ଭାଷା ।
ତୁମେ ସେହି କୃଷ୍ଣ ଓ ଖ୍ରୀଷ୍ଟ ଭଗବାନ
ହିଂସା ପ୍ରାଣେ ଦେଲ ତୁମେ ଅହିଂସାର ଜ୍ଞାନ ।
ବୁଝିବେ କି ନେତା ପ୍ରତିନିଧି ! ସ୍ୱାର୍ଥକୁ ଦୂରେଇ
ନିଜ ସ୍ୱାର୍ଥ ତ୍ୟାଗ କରି ପ୍ରଜାଙ୍କ ମଙ୍ଗଳ ହିତେ
ପରିବେଶ ରକ୍ଷା କରି ।
ଭୂମି-ପାଣି-ପବନକୁ ସଙ୍କଟରୁ ପାରି
ଅଖଣ୍ଡ ଭାରତ ରାମରାଜ୍ୟ ଜୟଦେବ ହରି ॥

-୦-

ଓଁ ଶାନ୍ତି ନଗର, ଦ୍ୱିତୀୟ ଗଳି, ଖଲ୍ଲିକୋଟ, ଗଂଜାମ



# ନବଭାରତର ବିନ୍ଧାଣୀ

ପ୍ରସନ୍ନ କୁମାର ନାୟକ

ନବ ଭାରତର ବିନ୍ଧାଣୀ ହେ ତୁମେ
ନବ ଭାରତର ରଥୀ
ତୁମ ସାଥେ କିଏ ସମକକ୍ଷ ନୁହେଁ
ତୁମେ ପରା ମହାରଥୀ ।

ନିଜର ଆତ୍ମାର ମୋକ୍ଷଲାଭ ପାଇଁ
କର୍ମ ଅଟେ ଆବଶ୍ୟକ
ରକ୍ତ ଦେଲେ ମୋତେ ସ୍ୱାଧୀନତା ଦେବି
ଏହା ଥିଲା ତୁମ ବାକ୍ୟ ।

ଲିଙ୍ଗ, କାୟା, ମନ ନିୟନ୍ତ୍ରଣ ପାଇଁ
କରିଲ ବହୁ ସାଧନା
ସବୁଥିରେ ତୁମେ ଜୟ କରିବାରୁ
ଉଡ଼ାଇଲ ଯଶ ବାନା ।

ଆଇ.ସି.ଏସ୍. ପଢ଼ିବା ସକାଶେ
ଯାତ୍ରା କରିଲ ବିଲାତ
ମହାତ୍ମା ଗାନ୍ଧୀଙ୍କ ଡକରାରେ ତୁମେ
ଫେରି ଆସିଲ ଭାରତ ।

ବ୍ରିଟିଶ ବିରୋଧୀ ମାନଙ୍କ ସହିତ
ସମ୍ପର୍କ ରହିଛି ଭାବି
ଗୋରା ସରକାର ବର୍ମା ବନ୍ଦୀଶାଳେ
ରଖି ପକାଇଲେ ଚାବି ।

ସ୍ୱାଧୀନତା ପାଇଁ ଗଠନ କରିଲ
ତୁମେ ଏକ ନୂଆ ଦଳ
ଫରୱାର୍ଡ଼ ବ୍ଲକ୍ ତା' ନାମ ରଖିଲ
ସଭ୍ୟ ମିଶିଲେ ପ୍ରବଳ ।


'ଦିଲ୍ଲୀ ଚଲୋ' ତୁମେ ଡାକରା ଦେଇଣ
ଜାପାନରୁ ଭାରତକୁ
ଆସି ଯୁଦ୍ଧ କରି ଜୟ କରିଗଲ
ଉଡ଼ାଇଲ ପତାକାକୁ ।

ରୁଷ ଯିବାବେଳେ ଉଡ଼ାଜାହାଜରେ
ହେଲା ବଡ଼ ଦୁର୍ଘଟଣା
ଜୀବିତ ଅଥବା ବଞ୍ଚିବା ରହସ୍ୟ
ଏବେ ସଭିଙ୍କୁ ଅଜଣା ।

ତଥାପି ଏ ମାଟି ତୁମ କୀର୍ତ୍ତି ପାଇଁ
ସୁଖେ ଝୁରୁଅଛି ଆଜି
ତୁମ ଜୟଗାନ ଅମର ରହିବ
ଧନ୍ୟ ଧନ୍ୟ ହେ ନେତାଜୀ ।

-୦-

ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ,
ଅଙ୍ଗାରଗାଁ, ଗଂଜାମ





# ମାଆ ଟେରେସା

ବିଷ୍ଣୁପ୍ରିୟା ଜେନା

ସ୍ନେହ ମମତାର ତ୍ୟାଗର ମୂର୍ତ୍ତି
ମାଆ ଟେରେସା ଅନନ୍ୟା ମହିଳା
ଜୀବନର ସୁଖଶାନ୍ତି ସାଉଁଟି ଥାନ୍ତି
ଦୁଃଖି ଦରିଦ୍ରଙ୍କ ସେବାରେ ନିତି
ହୃଦୟ ତାଙ୍କର ପବିତ୍ର ତଟିନୀ
ଗଙ୍ଗାର ଧାରା ପ୍ରବାହିତ ସଦା
ଅନାଥ ପିଲାଙ୍କ ମା ହେଇଥିଲେ
ସ୍ନେହ ମମତା ସେବାର ପ୍ରତି ବଦଳେ
ବିଦେଶିନୀ ହୋଇ ଭାରତକୁ ଆସି
ବହୁ ଯଶ ଖ୍ୟାତି ଅର୍ଜିଥିଲେ
ଦୁଃଖି ଦରିଦ୍ରଙ୍କ ସେବାରେ
ନିଜ ଜୀବନ ଉତ୍ସର୍ଗ ସେ କରିଥିଲେ
କୁଷ୍ଠ ରୋଗୀଙ୍କୁ ସେ ସମୟରେ
ଗାଆଁରୁ ବାସନ୍ଦ କରନ୍ତି
ମହିୟସୀ ମାଆ ଟେରେସା
ସେମାନଙ୍କ ସେବା କରନ୍ତି
ଈଶ୍ୱରଙ୍କ ଦୂତ ସାଜି ଆସିଥିଲେ
ଭାରତରେ ସ୍ୱର୍ଣ୍ଣାକ୍ଷରେ ଲେଖିଗଲେ
ନାମ ତାଙ୍କରି
ଓଡ଼ିଶାରେ ଖୋଲିଥିଲେ କୁଷ୍ଠାଶ୍ରମ
କୁଷ୍ଠରୋଗୀଙ୍କ ଚିକିତ୍ସା ପାଇଁ
ସବୁଦିନ ପାଇଁ ମାଆର ଆସନେ
ପୂଜା ପାଉଛନ୍ତି ସଭିଙ୍କ ହୃଦୟେ ।

-୦-

ଭୁବନେଶ୍ୱର



# ହେ ମହାତ୍ମା କଲାମ

ତିଳକ ରାମ ନିଆଲ

ହେ ବୀର ପୁରୁଷ ଭାରତମାତାର
ତୁମେ ତ ଅମୃତ ସନ୍ତାନ,
ନିଜ ସ୍ୱାର୍ଥ ତ୍ୟାଗୀ ଦେଶ ପାଇଁ ତୁମେ
ଗବେଷଣେ ରାତ୍ର ଦିନ ।
କ୍ଷେପଣାସ୍ତ୍ର ଜନକ ତୁମେ ତ ଅଟ
ବଢ଼ାଇଲ ଦେଶ ମାନ,
ଜଳ ସ୍ଥଳ ବନ ଆକାଶେ କମ୍ପିଲା
କ୍ଷେପଣାସ୍ତ୍ରର ଗର୍ଜନ ।
ପୃଥିବୀର ସବୁ ପ୍ରମୁଖ ଦେଶର
ଶାସକଙ୍କ ହୃଦ କମ୍ପିଲା,
ସଲାମ କଲାମ ଇତିହାସ କହି
ଭାରତ ଗୌରବ ବଢ଼ିଲା ।
ଭାରତ ଦେଶର ରାଷ୍ଟ୍ରପତି ହେଲ
ପ୍ରଥମ ନାଗରିକ ଦେଶର,
ସେ ସୌଭାଗ୍ୟ ମୁକୁଟ କରିଣ ଧାରଣ
ଉଭା ହେଲ ପୃଥିବୀର ।
ଧନ୍ୟ ପୁଣ୍ୟପ୍ରସୂ ମହାତ୍ମା ତୁମେ ତ
ଧନ୍ୟ ସେ ଉତ୍କଳ ଜନନୀ,
ଦେଶ ପାଇଁ ତୁମେ ସବୁ ଭୁଲିଗଲ
ତୁମେ ତ ମଉଡ଼ମଣି ।
ଭାଷଣ ଦେଉ ଦେଉ ଦେହତ୍ୟାଗ କଲ
ତୁମେତ ଦଧୀଚି ମହର୍ଷି,
ଅମର ଆତ୍ମା ସ୍ୱର୍ଗେ ଚାଲିଗଲା
ଈଶ୍ୱରଙ୍କ ଦେହେ ମିଶି ।
ଦେଶରକ୍ଷା ପାଇଁ ତୁମର କଳ୍ପନା
ଯୁଗେ ଯୁଗେ ରହିଥାଉ,
ହେ ମହାତ୍ମା କଲାମ କୋଟିଏ ପ୍ରଣତି
ତୁମ ପାଦ ତଳେ ରହୁ ।

-୦-

ରାଧାକୃଷ୍ଣ ନଗର, ଭବାନୀପାଟଣା,
କଳାହାଣ୍ଡି-୭୬୬୦୦୧
ସଂପର୍କ: ୯୪୩୭୨୩୫୮୪୧



# ଭାରତର ନବନିର୍ମାତା : ନରେନ୍ଦ୍ର ମୋଦି

ସରୋଜବାଳା ପଟ୍ଟନାୟକ

ଭାରତ ମାତାର କୋଳରେ ଜନମି
ରଖିଲ ତାହାର ଟେକ,
ଜୀବନେ ଆରାମ ହାରାମ ଭାବିଲ
ଦିନରାତି କରି ଏକ ।

ଜନନୀର ଲୁହ ପୋଛିବା ପାଇଁକି
ସଂକଳ୍ପ ନେଲ ଯେବେ,
ବିଂଶ ଘଟିକା କର୍ମ କରିକି
ନିରଳସ ସ୍ୱଚ୍ଛ ତୁମେ ।

ରାଷ୍ଟ୍ରସେବକ ସଂଘରେ ରହି
ସ୍ୱାର୍ଥକୁ ଦେଇ ଆହୁତି,
ଗରିବ ଘରର ସନ୍ତାନ ହୋଇ
କରିଲ ଦେଶ ରାଜୁତି ।

ନିଜ ଜୀବନରେ ଗରିବୀର କଥା
ବଖାଣିଛ ବାରମ୍ବାର,
ସଫଳତା ତୁମ ପାଦ ଚୁମିଗଲା
କେବେ ନୁହେଁ ଭୁଲିବାର ।

ସ୍ୱଚ୍ଛତା ପାଇଁ ଆଦର୍ଶ ରଚିଲ
ପରିମଳ ହେଲା ଦେଶ,
ଘରେ ଘରେ ଶୌଚାଳୟ ନିର୍ମାଣି
ରଖିଗଲ କେତେ ଯଶ ।

'ବେଟୀ ବଚାଓ' ଆଉ 'ବେଟୀ ପଢ଼ାଓ'
ନାରାଟିକୁ ଗାଇ ଗାଇ,
କନ୍ୟା ରତ୍ନକୁ ଗୁରୁତ୍ୱ ଦେଲ ହେ
'ସୁକନ୍ୟା' ଯୋଜନା ଦେଇ ।

ନିଷ୍ଠୁର 'ତିନି ତଲାଖ' ହଟିଲା
ଦୃଢ଼ ପଦକ୍ଷେପ ନେଇ,
ମୁସଲିମ୍ ନାରୀ ଦୁଃଖ ଘୁଞ୍ଚିଲା
ତୁମରି ଭରସା ପାଇ ।

ଅଟଳ ଭୂଜଳ ଆଉ ପେନସନ୍
କେତେ ଯେ ଯୋଜନା ଗଢ଼ି,
ଆତ୍ମନିର୍ଭର ଭାରତ ଗଢ଼ିଲ
ସ୍ୱପ୍ନକୁ ସାକାର କରି ।

ଯୋଗାଯୋଗରେ ଉନ୍ନତି ହେଲା
ରାସ୍ତା ନିର୍ମାଣ ହୋଇ,
ଡିଜିଟାଲ ଇଣ୍ଡିଆ ଗଢ଼ିଲ ତୁମେ
ପ୍ରିୟ ଜନତାଙ୍କ ପାଇଁ ।

ସାମରିକ ଶକ୍ତି ଦୃଢ଼ କରିଲ
ପଡ଼ୋଶୀ ହେଲା କାତର,
ଇଟାର ଜବାବ ପଥରରେ ଦେଲ
କାହାକୁ ନଥାଇ ଡର ।

ଆତଙ୍କବାଦର ନିପାତ ପାଇଁ କି
ବଜ୍ର ଶପଥ ନେଇ,
ତିନିଶ ସତୁରି ଉଚ୍ଛେଦ କଲ
କାଶ୍ମିରୀ ଜନତା ପାଇଁ ।

ଦେଶ ବିଦେଶରେ ଯୋଗକୁ ପ୍ରସାରି
କରିଲ ମହତ କାମ,
ବିଜ୍ଞାନ ଆଉ ଉଦ୍ୟୋଗ ପାଇଁ
ଜଗତେ ରଖିଲ ନାମ ।

ପାଞ୍ଚଶ ବର୍ଷର ବିବାଦ ତୁଟିଲା
ଅଯୋଧ୍ୟା ପ୍ରସଙ୍ଗ ପାଇଁ,
ରାମମନ୍ଦିର ଗଢ଼ି ଉଠିଲା ହେ
ବିଜୟ ଧ୍ୱଜା ଉଡ଼ାଇ ।

କୃଷିରେ ପ୍ରଗତି ଦେଶର ଉନ୍ନତି
ଭାବି ଯୋଜନା ତିଆରି,
ପଡ଼ୋଶୀ ଦେଶକୁ ଖାଦ୍ୟ ରପ୍ତାନି
ହୋଇଲା ନିଜର ସାରି ।

ଭାରତ ହୋଇବ ବିଶ୍ୱଗୁରୁ ବୋଲି
ଥିଲା ତୁମରି ସପନ,
ସେଇ ସ୍ୱପ୍ନକୁ ସାକାର କରିଛ
କର୍ମ ଉଦଯୋଗେ ମନ ।

ତୁମ ଭାଷା ଜ୍ଞାନ ଅନୁଭବୀ ଗୁଣ
ଲେଖିଲେ ପୋଥି ହୋଇବ,
ଅତିଥି ଚର୍ଚ୍ଚା ଆଉ ସଂସ୍କାରେ
କିଏ ତୁମକୁ ଟପିବ ।

ନିରାମୟ ରହି ଅକ୍ଳାନ୍ତ କର୍ମେ
ହେବ ତୁମେ କୀର୍ତ୍ତିମାନ,
ଭାରତ ମାତାର ଯୋଗ୍ୟ ଦାୟାଦ
ଯଶୋଦେହେ ଆୟୁଷ୍ମାନ ।

-୦-



# ସ୍ୱାଧୀନ ଆମେରେ

ସୁଶ୍ରୀ ସୁଚେତା ପାଣିଗ୍ରାହୀ

ସ୍ୱାଧୀନତା ଆମେ ପାଇଗଲୁ ସତ
ଇଂରେଜ ଶାସକ ଠାରୁ
ସତରେ ଆମେ କି ସ୍ୱାଧୀନ ହୋଇଛେ
କୁହ କୁହ ଆହେ ଗୁରୁ ।
ଛାଡ଼ିଗଲେ ସତ ସେମାନେ ଦେଶକୁ
କରିଗଲେ କିନ୍ତୁ ଦାସ
ଛାଡ଼ି କି ପାରିଛେ ସେମାନଙ୍କୁ ଆମେ
ଛାଡ଼ିଛେ କି ତାଙ୍କ ବେଶ ।
ତାଙ୍କ ଶିକ୍ଷାନୀତି ଆମ ଦେଶେ ଆଜି
ତାଙ୍କରି ପୋଷାକ ପିନ୍ଧୁ
ହୋଇ କି ନହେଉ ତାଙ୍କରି ଭାଷାରେ
କହିବାଟା ଉଚ୍ଚ ବନ୍ଧୁ ।
ଗୋଲାମଗିରିଟା ଭେଦି କି ଯାଇଛି
ଆମରି ଧମନୀର ରକ୍ତେ
ଭାବିବାର ଆଜି ସମୟ ଆସିଛି
ଶୁଣ ହେ ଦେଶର ଭକ୍ତେ ।
ସ୍ୱାଧୀନତା ଆମ ବାଣୀରେ ଅଛି କି
ଅଛି କି ସ୍ୱାଧୀନ ଚିନ୍ତା
ସ୍ୱାଧୀନ ମନରେ କର୍ମ କି ଆମର
କରୁ କି ସ୍ୱାଧୀନ ବାର୍ତ୍ତା ।
ନାମକୁ ମାତର ସ୍ୱାଧୀନ ଆମେରେ
ନାମକୁ ମାତର ଧ୍ୱଜା
ସ୍ୱାଧୀନ ଦେଶର ସନ୍ତାନ ଆମେରେ
ସ୍ୱାଧୀନ ଦେଶର ପ୍ରଜା ।
ଆସ ହେ ଗାନ୍ଧୀ ଆସ ସୁଭାଷ
ଦେଖିବ ସ୍ୱାଧୀନ ବେଶ
ଅହିଂସା ବି ଦେବି, ଦେବି ମୋ ରକ୍ତ
ଚାହିଁଛି ତୁମକୁ ଦେଶ ।
ଆଜି...
ଚାହିଁଛି ତୁମକୁ ଦେଶ ।

-୦-

ବରିଷ୍ଠ ଜଳରସାୟନବିତ୍
ଜଳସମ୍ପଦ ବିଭାଗ



# ଏଇ ମୋ ଭାରତବର୍ଷ

ରଞ୍ଜିତାରାଣୀ ଦାଶ

ଏଇ ମୋ ଭାରତବର୍ଷ,
ଅସୀମ ସିନ୍ଧୁ ଯା ପଦ ଧୌତ କରେ
ହୋଇ କେତେ ଯେ ହରଷ
ଏଇ ମୋ ଭାରତବର୍ଷ ।
ଇତିହାସ ଯାର ଚିର ମୂକସାକ୍ଷୀ ସିକ୍ତ ହୋଇଥିଲା ଏହି ପୁଣ୍ୟ ମାଟି
ଲଢୁଆ ପୁଅର ଯୁଦ୍ଧ କୌଶଳେ ଶତ୍ରୁ ହୋଇଥିଲା ବଶରେ
ଏଇ ମୋ ଭାରତ ବର୍ଷ ।
କାଶ୍ମୀର ଠାରୁ କନ୍ୟାକୁମାରୀ ଗଙ୍ଗାଠାରୁ ପରା ପୁଣ୍ୟ ଗୋଦାବରୀ
ବିଶ୍ୱ ଦରବାରେ ଏ ମାଟି ମାଆର ଲହୁ ଲୁହ ସବୁ କରି ଏକାକାର
ସୁବର୍ଣ୍ଣ ଅକ୍ଷରେ ଲେଖିଥିଲେ ନାମ ରଚି ନୂଆ ଇତିହାସରେ
ଏଇ ମୋ ଭାରତ ବର୍ଷ ।
ଗୌରବ ମଣ୍ଡିତ ଆମ କବିକୁଳ ଭାଷା ସଂସ୍କୃତିର ଏଠି ଗ୍ରନ୍ଥାଗାର
କଲମ ମୁନରେ ଫୁଟାଇ ଦେଲେ ଯେ ନୂତନ ଭାଷାକୋଷରେ
ଏଇ ମୋ ଭାରତ ବର୍ଷ ।
ପାଇକ ପୁଅର ରଣହୁଙ୍କାରେ ବ୍ରିଟିଶ୍ ଶାସନ ଦେହଲାଇ ଦେଲେ
ଶସ୍ୟ ଶ୍ୟାମଳା ଭାରତ ମାଆର ମୁଖେ ଫୁଟାଇଲେ ହସରେ
ଏଇ ମୋ ଭାରତ ବର୍ଷରେ ।
ଏ ପୁଣ୍ୟ ଦେଶର ଆରାଧ୍ୟ ଠାକୁର
ପ୍ରଭୁ ଜଗନ୍ନାଥ ସାହା ଯେ ଆମର
ଆଗାମୀ କାଲିର ପରିଚୟ ଆମେ
(କରିବା) ଭିନ୍ନ ଇଲାକାରେ ବାସରେ
ଏଇ ମୋ ଭାରତ ବର୍ଷ ।
ହାତକୁ ହାତରେ ମିଶାଇ ଦେ ଭାଇ
ନଇଁବାନି ମଥା ଏଇ ମାଟି ପାଇଁ
ଆମରି ନବ କଳ୍ପନାରେ ଆମେ
ଉଜ୍ଜ୍ୱଳ ହୋଇବ ଭବିଷ୍ୟରେ
ଏଇ ମୋ ଭାରତ ବର୍ଷ ।
ଏଇ ମୋ ଭାରତ ବର୍ଷ ।

-୦-

ଶିକ୍ଷୟିତ୍ରୀ



# ଦ୍ରୌପଦୀ

**ସବିତା କୁମାରୀ ପଟ୍ଟନାୟକ**

ନୁହେଁ ଯାଜ୍ଞସେନୀ ପାଣ୍ଡବ ଘରଣୀ
ଦ୍ରୌପଦୀ ନାମକୁ ବହି,
ଓଡ଼ିଶା ଲଳନା ଖାଣ୍ଟି ଓଡ଼ିଆଣୀ
ଉଚ୍ଚସ୍ଥାନେ ଛନ୍ତି ରହି ।

ରାଇସିନା ଅଟେ କ୍ଷୁଦ୍ରତର ଗାଆଁ
ଆଜି ଦେଶେ ପରିଚିତ,
ପଙ୍କରୁ ପଦ୍ମିନୀ ହୋଇଛନ୍ତି ଜାତ
ସବୁରିଠାରେ ବିଦିତ ।

ବଣମଲ୍ଲୀ ପ୍ରାୟେ ଝଡ଼ିକି କାନନେ
ତା' ସୌରଭେ ଆକର୍ଷିତ,
ଗୁଣଗ୍ରାହୀ ଗୁଣ ଚିହ୍ନି ଦେଶବାସୀ
କଲେ ତାଙ୍କୁ ନିର୍ବାଚିତ ।

ବନ୍ଧୁରିତ ପଥେ ଚାଲିଛନ୍ତି ସିଏ
ବୀରାନାରୀଟିଏ ପରି,
ନିଶ୍ଚୟ ପୁଷ୍ପିତ ତାଙ୍କ ଚଲାପଥ
ପ୍ରଭୁ ନେବେ ହାତ ଧରି ।

ରାଣୀ ଲକ୍ଷ୍ମୀବାଇ, ଲୋପାମୁଦ୍ରା, ଗାର୍ଗୀ
ଭାନୁମତୀ ଓ ଇନ୍ଦିରା,
ସେହି ଶୋଣିତରୁ ଧାରାଟିଏ ନେଇ
ଚାଲିବେ ଜୀବନସାରା ।

ଦେଶର ସର୍ବୋଚ୍ଚ ଶାସନ କର୍ତ୍ତ୍ରୀ ସେ
ଦ୍ରୌପଦୀ ମୁର୍ମୁ ଆମର,
ନାରୀ ଜାତି ପାଇଁ ପ୍ରେରଣାର ଉତ୍ସ
ସଦ୍‌ଗୁଣେ ଭରପୁର ।

ଅସ୍ତ୍ର କେବେ ହାତେ ଧରିନାହାଁନ୍ତି ସେ
ତିନି ବାହିନୀର ମୁଖ୍ୟ,
ନ୍ୟାୟପାଳଙ୍କୁ ସେ ଚୟନ କରିବେ
ଦେବେ ନିଜ ଆଭିମୁଖ୍ୟ ।

ନିଯୁକ୍ତି ଦେବେ ସେ ରାଇଜ ପାଳକ
ବାଛିବେ ପ୍ରଧାନମନ୍ତ୍ରୀ,
ନବଭାରତର ସୁଯୋଗ୍ୟା ରମଣୀ
ଉତ୍କଳର ଯୋଗ୍ୟା ପୁତ୍ରୀ ।

ଜଗନ୍ନାଥ ଦେଶ ବିଶ୍ୱରେ ବିଖ୍ୟାତ
ତାହାରି ସନ୍ତାନ ତୁମେ,
ଉଚ୍ଚେ ରଖିବ ଏ ଜନ୍ମଭୂମି ନାମ
ପ୍ରଣତି ଜଣାଉ ଆମେ ।

ଦୟାମୟ ପ୍ରଭୁ ଢାଳନ୍ତୁ ଆଶୀଷ
ଉତ୍ତମ ଶାସନ କର,
କାଳକାଳ ପାଇଁ ସ୍ୱର୍ଣ୍ଣାକ୍ଷରେ ନାମ
ଲିଖିତ ହେଉ ତୁମର ।

-୦-

ପ୍ରଧାନ ଶିକ୍ଷୟିତ୍ରୀ
ସରକାରୀ ଟାଉନ୍ ପ୍ରା. ବିଦ୍ୟାଳୟ



# ସେବାର ସାରଥୀ

## ସୁରଞ୍ଜନ ପାତ୍ର

ହେ ସେବାର ସାରଥୀ
ତୁମେ ଗଲା ପରେ
ନଈ ଭର୍ତ୍ତି ଦୁଃଖକୁ ନାଉ କରିଛି
ଭୋକ ମଗ୍ନା ମାଟି ।
ନିଦୁଆଳି ସଞ୍ଜେ
ଆଣ୍ଠୁମାଡ଼ି ପଡ଼ିଛି
ବିକାଶର ଜହ୍ନ ।
ଖଣ୍ଡେ ପୋଡ଼ା ରୁଟିର ଛାତିରେ
ଗୋଟେ ଦେଶ ଚିତ୍କାର କରୁଛି
ହା-ଅନ୍ନ, ହା-ଅନ୍ନ ।
ଆଜି ବି ବନ୍ୟା, ବାତ୍ୟା
କଡ଼ ଲେଉଟାଇଲେ
ଦୀନ, ଦଳିତ ଅସହାୟଙ୍କ ବସ୍ତିରେ
ଶୁଣାଯାଏ ନୀରବ କାନ୍ଦଣା
କଙ୍କାଳ ପିଠିରେ ଅଣ୍ଟା ଘଷେ
ଅନାହାରର ଇଗଲ
ଲହୁଲୁହାଣ ହୁଏ
ସ୍ୱପ୍ନସିକ୍ତା ସକାଳର ସୂର୍ଯ୍ୟ ।
ବୁନ୍ଦା ବୁନ୍ଦା ଲୁହର ପାହାଡ଼ରେ
ଛିଣ୍ଡିପଡ଼େ ଏଠି ପୁଣି
ଜିଇଁବାର ଶେଣି
ସ୍ତୂପୀକୃତ ସଂକୀର୍ଣ୍ଣ ଭାବନାର
ପଞ୍ଝା ତଳେ ମରୁମୟ ପାଲଟେ
ମୁହୂର୍ତ୍ତ ମୁହୂର୍ତ୍ତର ସମୁଦ୍ର ।
ହେ ! ପୁଣ୍ୟାତ୍ମା
ଆଉ ଥରେ
ଜନ୍ମ ତୁମ ଚାହୁଁଛି ଏ ମାଟି
ତ୍ୟାଗ ଆଉ ସେବାର
ମନ୍ତ୍ରମୁଗ୍ଧ ଉଚ୍ଚାରଣ
ବିଚରି ଯାଉ
ପ୍ରତିଟି ହୃଦୟେ ।

-୦-

ସଂପାଦକ, ନୀହାରକନ୍ୟା ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର-୪୫



# ବାପୁ

## ପ୍ରଭାବତୀ ଆଚାର୍ଯ୍ୟ

ଭାରତ ଦେଶର ମାଟି ମା' ମୋର
ଡାକିଦେଲେ କହେ କଥା,
ତା' ବୁକୁରେ ଆମେ ହସିଖେଳି ଆଜି
ହୋଇଛୁ ଜଗତ ଜିତା ।
ତା' ବଣ ପାହାଡ଼ ତରୁଲତା ଦିଏ
ସାହସ ବଳ ଯୋଗାଇ,
ତା' ପାଣି ପବନେ ଗଢ଼ା ଏ ଶରୀର
ଧନ୍ୟ ଏ ଭାରତ ଭୂଇଁ ।
ଆମ ହସ ଖୁସି ଲୁଟିବା ପାଇଁ କି
ଆସି ଗୋରା ସରକାର,
କୂଟ କପଟରେ ଆବୋରି ବସିଲେ
କରିବେ ବୋଲି ନିଜର ।
ଏଇ କଥା ଜାଣି ଆମ ରାଜ୍ୟ ଲୋକେ
ଚମକି ଉଠିଲେ ଚେଇଁ,
ସତ୍ୟ ଅହିଂସାର ମଶାଲ ଜାଳିଲେ
ବାପୁଜୀ ଦେଶର ପାଇଁ ।
ତୋପ କମାଣକୁ ଖାତିର ନ କରି
ସର୍ବେ ହେଲେ ଆଗଭର,
ପିଲାଠାରୁ ବୁଢ଼ା ହୋଇଲେ ଏକାଠି
ବାକ୍ୟ ବାଣ କରି ସାର ।
ମରିଗଲେ ଯେତେ ଡରିଲେ ନାହିଁ ସେ
ମୁଖେ ମାତା ଜୟଗାନ,
ଗୋରା ସରକାର ବୁଦ୍ଧି ହଜିଗଲା
ଶେଷେ କଲା ପଳାୟନ ।
ଭାରତ ମାତାର ସନ୍ତାନ କେବେ
ହାରିଯିବା ଶିଖି ନାହିଁ,
ମା'ର ସମ୍ମାନ ରଖିବା ପାଇଁ କି
ପଛ ଘୁଞ୍ଚା ଦେବ ନାହିଁ ।

-୦-

ମୋ: ୯୭୭୭୭୧୩୪୫୮



# ନବ ଭାରତର ନିର୍ମାତା

## ଜୟ କୁମାର ମିଶ୍ର

ସ୍ୱାଧୀନତା ପରେ, ଭାରତ ବର୍ଷରେ
କେତେ ଯେ ମହାପୁରୁଷ,
ତନୁ ମନ ଦେଇ, ସାଧନାକୁ ଥୋଇ
ଗଢ଼ିଲେ ହୋଇ ହରଷ ।
ଗାନ୍ଧୀ ଓ ନେହେରୁ, ରାଧାକୃଷ୍ଣ ସାଥେ
ରଖିଣ ମମତା ପ୍ରେମ,
କର୍ତ୍ତବ୍ୟକୁ କରି, ମାତୃସେବା ବରି
ଗଢ଼ିଲେ ଭାରତ ରୂପ ।
ଆମ୍ବେଦକରଟି, ଦେଇଛନ୍ତି ଭେଟି
ନିଜ ଦଳବଳ ସାଥେ,
ସମ୍ବିଧାନ ବହି, ଶାନ୍ତି ସୁଖ ଦେଇ
କରୁଛି ଉନ୍ନତି କେତେ ।
ଭେଦଭାବ ଭୁଲି, ତନୁମନେ ମିଳି
ହାତରେ ହାତକୁ ଛନ୍ଦି,
ଭାଷା, ଧର୍ମ, କୁଳ, ସବୁ ହୋଇ ମେଳ
ପ୍ରଗତିକୁ ଦେଲେ ବାନ୍ଧି ।
କୃଷିର ଉନ୍ନତି, କାରିଗରୀ ସ୍ଥିତି
ଶିକ୍ଷା, ସଂସ୍କାରର ପଥ,
କରିଲେ ବିସ୍ତାର, ସୁଦୂର ପ୍ରସାର
କରିଲେ ସବୁରି ହିତ ।
ଶାସ୍ତ୍ରୀ ଓ ଇନ୍ଦିରା, ସ୍ମୃତିର ପସରା
ତ୍ୟାଗ ପାଇଁ ଗରିଆନ,
ଭାରତ ନିର୍ମାଣ, ବ୍ରତକୁ ଧରିଣ
ହୋଇଲେ ଆହୁରି ଜାଣ ।
ଜ୍ଞାନ ଓ ବିଜ୍ଞାନ, ସେତ ମହାଧନ
ପ୍ରଗତିକୁ ବାଟ କାଢ଼େ,
ପ୍ରଯୁକ୍ତି, ଶକତି, ଗଢ଼ିଦେଇ ଭିତ୍ତି
ଅଭାବକୁ ଦୂରେ ଛାଡ଼େ ।
ସ୍ୱାସ୍ଥ୍ୟ ବିଜ୍ଞାନର, ଅବଦାନ ଘର
ନବ ଦିଗନ୍ତକୁ ନେଇ,
ଗଢ଼ି କଳେବର, ସୁଠାମ ସୁନ୍ଦର
ଜଗତେ ବିଖ୍ୟାତ ସେହି ।
ଅଟଳ ବିହାରୀ, ନ ଯାଇ ସେ ହାରି
ପାଦରେ ପାଦକୁ ଛନ୍ଦି,
ନିରାପତ୍ତା ପାଇଁ, ମନ ଧ୍ୟାନ ଦେଇ
ମାତୃ ପାଦପଦ୍ମେ ବନ୍ଦି ।
ସଇନିକ ବଳ, କରିଲେ ପ୍ରବଳ
ଅରି ମନରେ ଭିତି,
ପୋଖରାନ ସାକ୍ଷୀ, କିରତି ପରଖି
କଲାମଙ୍କୁ ସଲାମ ନିତି ।
ନବ ଇତିହାସ, ହୋଇ ହସହସ
ଗାରିମା ଯାଉଛି କହି
କେତେ ଯେ ଯବାନ, ପ୍ରାଣ ବଳିଦାନ
ମାଆ ମାଟି ପାଇଁ ଦେଇ ।
ପ୍ରତି ରକ୍ତ ବିନ୍ଦୁ, ସାହସର ସିନ୍ଧୁ
ନୂଆ ସପନକୁ ଥୋଇ,
ନବ ଭାରତର, ଜୟଗାନ ସ୍ୱର
ପ୍ରତି କାନେ ଦେଲା କହି ।
କୃଷକ ବାପୁଡ଼ା, ହୋଇ ବିଲେ ଛିଡ଼ା
ସୁନାର ଫସିଲ ଗଢ଼ି,
ଅଭାବ କଷଣ, କରିଲେ ତାରଣ
ଭୋକିଲାଙ୍କୁ ଅନ୍ନ ବାଢ଼ି ।
କେତେ କେତେ କବି, ଲେଖକଙ୍କ ଛବି
ଦେଶର ମହିମା ଲେଖି,
ଦେଶ ବିଦେଶରେ, କହି କହି ବାରେ
ମାଟିକୁ କରିଲେ ସୁଖି ।
ଭୂମିଠାରୁ ଭୂମା, ଦେଶର ମହିମା
ବିଜୟର ଜୟଯାତ୍ରା,
ବିଜୟ କେତନ, ଉଡ଼େ ଘନ ଘନ
ଖୋଜି ନୂଆ ନୂଆ ପନ୍ଥା ।

-୦-

ବୁଦୁରା, ଗୋରିବନ୍ଧା, କାଶୀନଗର,
ଗଜପତି-୭୬୧୨୦୬
ମୋ: ୬୩୭୨୧୨୭୪୪୯



# ବିଜୟ ତ୍ରିରଙ୍ଗା

ଧ୍ରୁବଚରଣ ବେହେରା

ଉଡ଼ାଇବା ଆସ ବିଜୟ ତ୍ରିରଙ୍ଗା
ସେବା ଶାନ୍ତିର ପ୍ରତୀକ
ଆମ ସ୍ୱାଧୀନତା ଆମରି ଭାରତ
ଶାନ୍ତି ଗୌରବର ଟେକ ॥
ବୀର ଭାରତର ନାଗରିକ ଆମେ
ଗାଇବା ବିଜୟ ଗାଥା
ଶହୀଦ୍ ରକ୍ତର ବଳିଦାନ ବାଣୀ
ଲହୁ ଲୁହର ସେ କଥା ॥
ଆମ ସୁଖ ପାଇଁ ବୀର ଶହୀଦ ଯେ
ସହିଥିଲେ ବହୁ ଦୁଃଖ
ବନ୍ଦି ଗାରାଗାରେ କାଟିଥିଲେ ଦିନ
ଭୁଲି ଯାଇ ନିଜ ସୁଖ ॥
ତାଙ୍କରି ସ୍ୱପ୍ନର ସୁନାର ଭାରତ
ହସେ ଆଜି ଖିଲି ଖିଲି
ପଞ୍ଚସ୍ତରି ତମ ଅମୃତର ଧାରା
ବହେ ସହରଠୁ ପଲ୍ଲୀ ॥
ଉଡ଼ାଇବା ଆସ ମହାନ୍ ପ୍ରତୀକ
ପୂଜ୍ୟ ପତାକାର ଧ୍ୱଜା
ଗଗନ ପବନେ ଲହରିବ ରହି
ବାଜୁଥିବ ବୀର ବାଜା ॥
ସୁନ୍ଦର ସବୁଜ ଏହି ମୋ ଭାରତ
ସୁନ୍ଦର ତା' ଇତିହାସ
ଆସରେ ପାଳିବା ତା' ସ୍ମୃତିର ପର୍ବ
ବିଜୟର ଜୟଘୋଷ ॥

-୦-

ଭାରତୀୟ ସାମରିକ ସେବା,
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା



# ନବଭାରତର ନିର୍ମାତା

କୁନା ସେଠୀ

ଯାଇଛି ସେ କାଳ ଆସିଅଛି ଏବେ
ନୂତନ ଯୁଗର ବେଳ
ନବଭାରତର ନିର୍ମାଣ ପାଇଁ
ଚାଲିଛି ସବୁଠି ଖେଳ ।
ଖେଳ ପାଇଁ ଚାଲେ ମେଳ
ମେଳ ଭିତରେ ଯେ ବାଟ ଖୋଲିଯାଏ
କର୍ମର ମିଳଇ ଫଳ ।
ତିଆରି ହୋଇବ ନବୀନ ଭାରତ
ନବ ରୂପ ଗୁଣ ନେଇ
ନ ଥିବ ଶୋଷଣ ନ ଥିବ କଷଣ
ନ ଥିବ ବିଭେଦ ତହିଁ ।
ହସୁଥିବେ ଏକ ହୋଇ
ହସର ଭିତରେ ଉନ୍ନତିର ପଥ
ଉନ୍ମୁକ୍ତ ଥିବ ଯେ ରହି ।
ନିର୍ମାତା ସାଜିବେ ନବ କାରୀଗର
ଧରି ନୂଆ ନୂଆ ବେଶ
ଅଭାବ କଷଣ ନ ଥିବ ତହିଁରେ
ଦୁଃଖ ହୋଇଯିବ ଶେଷ ।
ଗରିବୀ ହୋଇବ ଶେଷ
ଅଭାବରେ କେହି ଭିକ ନ ମାଗିବେ
ନ କରିବେ କେହି ରୋଷ ।
ଦକ୍ଷ କାରିଗର ଦକ୍ଷତା ପଣରେ
ଗଢ଼ିବେ ଦେଶକୁ ଆମ
ସୁନ୍ଦର ମନ୍ଦିର ମଣ୍ଡିତ ଦିଶିବ
ନ ରହିବ ଦୁଃଖ ନାମ ।
ସହଜ ହୋଇବ କାମ
କାମର ଭିତରେ ଦୁନିଆ ଜାଣିବ
ଏ ଭାରତର ସୁନାମ ।

-୦-

ଭୁତସରସିଙ୍ଗି, ପୁରୁଷୋତ୍ତମପୁର, ଗଂଜାମ



# Vivekananda : Maker's of Modern India

**Siba Prasad Mishra**

Born in 1863 January 12th of pousa sankranti A child can illumine the whole world was beyond imagination where India was utterly tied with british paramountcy. His maternal grandfather Durgacharan Datta who had no materialistic desire leaving at the tender age of twenty-five for sanyasi cult having only son viswanath datta who was father of Vivekananda.

Vivekananda later swami vivekananda ,born as Narendranath datta was an hindu monk who was a chief disciple of Ramakrishna paramahansa the great kalisadhak of 19th century . Narendranath's schooling was commenced in Scottish church College, Vidyasagar College n presidency University in a stretch and was always exposed to then time western philosophy, Christianity, science . As prominent in English and a vast reader of western educational system he cultivated social reform in his blood. It became a prominent thought to wipe out all sorts religious stigmas from the then orthodox society. He dedicatedly worked for to spread education among women and in lower castes and devotedly worked to eliminate child marriage . On his voyage of reform he later became disciple of Ramakrishna paramahansa ,who demonstrated essential unity of all religions.


Always stressing to the universal and humanistic side of vedas ,the oldest sacred text of Hinduism, as well as belief in service rather than dogma , vivekananda attempted to infuse vigour in hindu thoughts, placing less emphasis on the prevailing pacifism and presenting hindu spirituality to the west . He was an activating force in the movement to promote vedant philosophy (one of the six schools of Indian philosophy) in the United States and England. In 1893 he appeared in chicago as a spokesperson for Hinduism at the at the world's parliament of religions and so captivated the assembly that a newspaper account described him as an orator by divine right and undoubtedly the greatest figure at the parliament. "Thereafter he lectured throughout the United States and England, making converts to the vedant movement.

On his return to India with a small group of western disciples in 1897, vivekananda founded the Ramakrishna mission at the monastery of Belur math on the ganges River near Calcutta. Self perfection and service were his ideals and the order continued to stress them .He adapted and made relevant to the 20th century the very highest ideals of the vedantic religions and although he lived only two years into that century, he left the mark of his personality on east n West alike .

To the youth of India,there can't be better leader than Swami Vivekanand. Paying his tribute to Swamijee,the late prime minister Jawaharlal Nehru said : I don't know how many of the younger generation read the speeches and writings of swami vivekananda But I can tell you that many of my generation were very powerfully influenced by him,and I think that it would do a great deal of good to the present generation if they also went through Swami Vivekananda's writings and speeches., The curious thing you will find is they are not old... He gave us something which brings us, If I may use the word ,a certain pride in our inheritance.... what Swamijee has written and said is of interest and must interest us and is likely to influence us for a long time to come.. Directly or indirectly,he has powerfully influenced India today and i think that our younger generation will take advantage of this fountain of of wisdom,of spirit and fire,that flows through Swami Vivekananda.

***

Jatani, Khordha


APPLE
RESORT
APPLE RESORT
A/c ରୁମ୍ ଏବଂ Travelling ର ସୁବିଧା ।
ରେଷ୍ଟୁରାଣ୍ଟ୍‌ରେ ସମସ୍ତ ନୂତନ ଖାଦ୍ୟ ପ୍ରସ୍ତୁତ କରାଯାଏ ।
ନୂତନ ଧରଣର Beauty Parlour ଏବଂ Spa ର ସୁବିଧା ।
୭୦୦ ଲୋକଙ୍କ ପାଇଁ ବୃହତ୍ Banquet Hall ର ସୁବିଧା ।
ଏଠାରେ ବିବାହ, ବ୍ରତ, ଜନ୍ମଦିନ ଇତ୍ୟାଦି ପାଳନ ସହିତ ଖାଇବା ଓ ରହିବା ପାଇଁ ଅର୍ଡ଼ର ରଖାଯାଏ ।
Kamapalli Square, Karan Street, Khallikote
Dist: Ganjam, Odisha-761030
Cell: 7008587245, 7978323989